


ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଡିସେମ୍ବର ୨୦୧୯ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ଖ୍ରୀଷ୍ଟମାସ / ବଡ଼ଦିନ ପର୍ବ ଓ ଇଂରାଜୀ ନବବର୍ଷ ଉପଲକ୍ଷେ ଆହ୍ୱାନ ଇ-ପତ୍ରିକାର ଅଗଣିତ ପାଠକପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ନବବର୍ଷ ଆପଣଙ୍କପାଇଁ ମଙ୍ଗଳମୟ ହେଉ ।**

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୩ |
| କାହାଣୀ ବିଭାଗ | | ୧୬ |
| ସୁନେଲୀ ସିଂହ (ଧାରାବାହିକ) | ଅଶୋକ ବିଶ୍ବାଳ | ୧୭ |
| ଦୋଷୀର ଆତ୍ମକଥା (ଧାରାବାହିକ) | ବିଜୟ କୁମାର ପଣ୍ଡା | ୨୩ |
| ଶେଷ ଉପହାର | ଶ୍ରୀମତି ଯାଜ୍ଞସେନୀ ହୋତା | ୩୧ |
| କେମିତି ଏ ପ୍ରେମ | ବିନୟ ମହାପାତ୍ର | ୩୫ |
| ମାତୃଦିବସ | ସୌମ୍ୟାସୁଚରିତା ସେଣ | ୪୫ |
| ମୋବାଇଲ୍ | ସିଦ୍ଧେଶ୍ୱର ତ୍ରିପାଠୀ | ୪୮ |
| ପୀଡ଼ିତା ପରୀ | ଗଦାଧର ବଳ | ୫୪ |
| ଝିଅ ଦେଖା | ପଲ୍ଲବୀ ଦାସ | ୫୭ |
| ଶ୍ରେଷ୍ଠ ସମ୍ପର୍କ | ଶାନ୍ତନୁ କୁମାର ରାଉତ | ୬୧ |
| କଲେଜ ଓ କୃଷ୍ଣଚୁଡ଼ା | ଲତିକା ବିଶ୍ୱାସ | ୬୪ |
| ପ୍ରେମର ଅନ୍ୟନାମ | ରାଜେଶ କୁମାର ବାରିକ | ୭୧ |
| ତେଜସ୍ୱିନୀ | ସୁଷମା ପରିଜା | ୭୩ |
| ତୁମ ବିନା | ଅନସୂୟା ପଣ୍ଡା | ୭୯ |
| ଦିନନାଥ ବିଦ୍ୟାନିକେତନ | ସତ୍ୟପ୍ରକାଶ ସେଠୀ | ୯୦ |
| ଶୁଭ ନବବର୍ଷ | ଇଂ ବିଦ୍ୟାଧର ପଣ୍ଡା | ୯୬ |




ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ସ୍ୱର୍ଶ | ପ୍ରତିଭା ପ୍ରିୟଦର୍ଶିନୀ | ୧୦୯ |
| ଦୀପ ପ୍ରଜ୍ୱଳନ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୧୪ |
| ଭଦ୍ରକ ଦଙ୍ଗା | ମହେଶ୍ୱର ସାହୁ | ୧୨୧ |
| ପ୍ରିୟ ସାଥୀ ମୋର | ଅଙ୍କିତା ପାଢ଼ୀ | ୧୩୦ |
| ମୋ ରାଣୀ ମୋତେ ଠକିଦେଲା | ନାରାୟଣ ଚନ୍ଦ୍ର ସେନାପତି | ୧୩୮ |
| ସୁଲଗ୍ନା | ଜାଗୃତି ରଞ୍ଜନ ମିଶ୍ର | ୧୪୭ |
| ସିମିରନ୍ | ସୁଧାଂଶୁ ଶେଖର ସାହୁ | ୧୫୨ |
| ଚଞ୍ଚଳୀ | ଡା ପ୍ରଶାନ୍ତ ନାୟକ | ୧୫୪ |
| କବିତା ବିଭାଗ | | ୧୭୧ |
| ହେ ମୃତ୍ୟୁ ତୁମେ ଚିରନମସ୍ୟ | ମନୋଜ କୁମାର ପଣ୍ଡା | ୧୭୨ |
| ତମ ଶେଷ ଚିଠି | ଜ୍ୟୋତିର୍ମୟୀ ବେହେରା | ୧୭୩ |
| ସ୍ମୃତି | ତୃପ୍ତିମିତ୍ରା ରଥ | ୧୭୪ |
| ତୁମେ ଶ୍ରେଷ୍ଠ ବଇଭବ | ସଂଯୁକ୍ତା ରାଉତ | ୧୭୮ |
| ହେ ମହାବାହୁ | ନନ୍ଦିନୀ ରାଉତ | ୧୭୯ |
| ମିଳନର ମଧୁଗୀତି | ପ୍ରୀତିପଦ୍ମା ଦାସ | ୧୮୧ |
| ଅଭିନୟ | ଚିନ୍ମୟୀ ସାହୁ | ୧୮୩ |
| ଅଦିନ ମେଘ | ରିପୁତୋଷ ବୈଦ୍ୟ | ୧୮୪ |
| ମଣିଷ ବିହନ | ମିନତୀ ରଥ | ୧୮୭ |
| ମନ ଓ ବିବେକ | ସିଦ୍ଧେଶ୍ୱର ତ୍ରିପାଠୀ | ୧୮୮ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ମା ମହାକାଳୀ | ପୁଷ୍ପାଞ୍ଜଳୀ ପଣ୍ଡା | ୧୮୯ |
| ଆଶା | ସଂଯୁକ୍ତା ମହାପାତ୍ର | ୧୯୦ |
| କଳିଯୁଗ ବୋହୁ | ଜଗବନ୍ଧୁ ସାହୁ | ୧୯୧ |
| ନିଷ୍ଠୁର | ସୌମ୍ୟସୁଚରିତା ସେଣ | ୧୯୨ |
| ମନ ଖୋଜୁଥିବା ସାଥିଟିଏ | ଜ୍ୟୋତିରଞ୍ଜନ ମହାରଣା | ୧୯୪ |
| ସ୍ମୃତି | ସସ୍ମିତା ରାଉତ ଜେନା | ୧୯୫ |
| ତୁମକୁ ଦେଖିଲା ପରେ | ପ୍ରକାଶ କୁମାର ଚାନ୍ଦ | ୧୯୮ |
| ଶରତ ଗୀତ | ମିନତୀ ଦାସ | ୧୯୯ |
| ମୋ ଗାଁ ବଦଳିଗଲାଣି | ଅକ୍ଷୟ କୁମାର ବେହେରା | ୨୦୦ |
| ଆଧୁନିକା ନାରୀ | ଧୀରେଶ କୁମାର ମେହେର | ୨୦୨ |
| ଝରକା ସେପାଖ ଜହ୍ନ | ଚିନ୍ମୟ ଶୁଭ୍ରାଂଶୁ | ୨୦୪ |
| ବୋଉ | ବିନୟ ମିଶ୍ର | ୨୦୬ |
| ଶରତ | ରଙ୍କନିଧି ସେଠୀ | ୨୦୭ |
| ତୁମପାଇଁ ସଖୀ | ପ୍ରଶାନ୍ତ କୁମାର ମିଶ୍ର(କୁନୁ) | ୨୦୮ |
| ଆଶିଷ ଦିଅ ଚାଚାଜୀ | ସନ୍ତୋଷ ପଟ୍ଟନାୟକ | ୨୦୯ |
| ମନର ଆହ୍ୱାନ | ଗୋପୀକିଶନ ପରିଡ଼ା | ୨୧୦ |
| କରନି ସାହିତ୍ୟ ଚୋରି | ନରେନ୍ଦ୍ର ପ୍ରସାଦ ବେହେରା | ୨୧୧ |
| ଶ୍ରାବଣର ଲୁହ | ଶୁଭସ୍ମିତା ତ୍ରିପାଠୀ | ୨୧୩ |
| ଆଜିର ଯୁବପୀଢ଼ି ପାଇଁ | ସୌମ୍ୟରଞ୍ଜନ ସାମଲ | ୨୧୬ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଗାଁ ଅନୁଭବ | ଶିଶିର କୁମାର ପଣ୍ଡା | ୨୧୯ |
| ଏଇ ମୋର ଶେଷ ଇଚ୍ଛା | କୁମାର ଲୋକେଶ୍ | ୨୨୦ |
| ସାଥୀ : ଦୁଇଟି ସ୍କେଚ୍ | ଆଶୁତୋଷ ମେହେର | ୨୨୧ |
| ନିଆଁ | ଶଶାଙ୍କ ଶେଖର ପଣ୍ଡା | ୨୨୨ |
| ଆଶ୍ରୟ | ସତ୍ୟପ୍ରକାଶ ସେଠୀ | ୨୨୩ |
| ବୁଝିବୁ ମୋହରି ମନ | ଧିରେନ୍ଦ୍ର ମଲ୍ଲିକ | ୨୨୪ |
| ମନେପଡ଼େ ସେ ଅତୀତ | କୃଷ୍ଣଚନ୍ଦ୍ର ଡାକୁଆ | ୨୨୫ |
| ନିରନ୍ତର ପ୍ରଚେଷ୍ଟା | ସୁମିତ୍ରା ପୃଷ୍ଟି | ୨୨୭ |
| ଧନ୍ୟ ତୁମ କୀର୍ତ୍ତି ସାଧବଜାତି | ସ୍ୱର୍ଣ୍ଣପ୍ରଭା ଖଟୁଆ | ୨୨୮ |
| ପ୍ରଥମ ଦେଖା | ପ୍ରଶାନ୍ତ କୁମାର ପଧାନ | ୨୨୯ |
| ଏକତାର ବାର୍ତ୍ତା | ରାଜେନ୍ଦ୍ର ସାମଲ | ୨୩୦ |
| ତିମିର | ବିକାଶ ଚନ୍ଦ୍ର ଧୁଙ୍ଗିଆ | ୨୩୨ |
| ମୋ ସରକାର | ହିରାବତୀ ପାତ୍ର | ୨୩୩ |
| ନାରୀ | ଜାନକୀ ନାୟକ | ୨୩୪ |
| ଅଭୁଲା ଅତୀତ | ସରିତା ମହାନ୍ତି | ୨୩୫ |
| ମୁଁ ଭକ୍ତି ତୁମେ ମୋ ପୂଜ୍ୟ | କୁମୁଦିନୀ ବେହେରା | ୨୩୮ |
| ତ୍ୱିଷାମ୍ପତିଙ୍କ ତ୍ୱିଷାରେ | ପ୍ରୀତିପଦ୍ମା ଦାସ | ୨୩୯ |
| ମୁଁ ଝିଅଟିଏ ଆଉ ତୁମେ ? | ଅମିତା ମହାନ୍ତି | ୨୪୧ |
| ତୁମ ଉପସ୍ଥିତିରେ | କୌଶଲ୍ୟା ପାଲିଆ | ୨୪୨ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଘର | ରାଜସ୍ମିତା ବିଶ୍ୱାଳ | ୨୪୩ |
| ବୋହୁଟିଏ ଲୋଡ଼ା | ଇନ୍ଦୁପ୍ରଭା ବିଶ୍ୱାଳ | ୨୪୪ |
| ଅବ୍ୟକ୍ତ ଅତୀତ | ରମଣ କୁମାର ନାଗ | ୨୪୫ |
| ସ୍ୱପ୍ନ | ଡିଙ୍ଗର ନାଏକ | ୨୪୬ |
| ପୋଢୁଅଁ ଅଷ୍ଟମୀ | ବୈଜୟନ୍ତୀ ସାହୁ | ୨୪୭ |
| ଆତ୍ମ ସମୀକ୍ଷା | ସଂଯୁକ୍ତା ସହୁ | ୨୪୮ |
| ଅଶ୍ରୁ | ଅଜିତ କୁମାର ତ୍ରିପାଠୀ | ୨୪୯ |
| ହେ ମୋର ଅତୀତ | ବୈଷ୍ଣବ ମେହେର | ୨୫୦ |
| ସପନର ନାୟିକା | ପ୍ରଭାଷ ଚନ୍ଦ୍ର ଟୋଲଟିଆ | ୨୫୧ |
| କାହ୍ନୁ ରାଧାର | ବର୍ଷା ଦାସମହାପାତ୍ର | ୨୫୨ |
| ଶୀତ ଆସିଲାଣି | ପ୍ରୀତିରେଖା ପରିଡ଼ା | ୨୫୩ |
| ଜ୍ୟୋତିର ଆହ୍ୱାନ | ଆଶ୍ରିତ ମହାପାତ୍ର | ୨୫୪ |
| ସବୁ ଖୁସି ଆଣିଦେବି | ବୈଦ୍ୟନାଥ ପଣ୍ଡା | ୨୫୫ |
| ତୋ ବିନୁ ଜୀବନ | ଅନନ୍ୟା ଅନୁଷ୍କା | ୨୫୬ |
| ସତ ଗୋ ପ୍ରିୟତମା | ଦିଲିପ୍ କୁମାର ତ୍ରିପାଠୀ | ୨୫୭ |
| ଓଷା ବାର ବ୍ରତ | ନୂତନ କୁମାର ବେହେରା | ୨୫୮ |
| ଧାଇଁ ଆସିଛ ହେ ସଖା | ବି. ନିରୁପମା | ୨୫୯ |
| ଯାଯାବର | ଆର୍ଯ୍ୟରଶ୍ମୀ ଦଳାଇ | ୨୬୦ |
| ପାଗଳର ହୃଦୟ ଖୋଜା | ରୋହିତ ସେଠୀ | ୨୬୧ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଶୀତ ଆସିଛି | ଗୌରୀ ପଣ୍ଡା | ୨୬୨ |
| ଗୁରୁ ଭକ୍ତି | ମହେଶ୍ୱର ସାହୁ | ୨୬୩ |
| ଶିଖି ଶିଖାଇବା | ଅଙ୍କିତା ପାଢ଼ୀ | ୨୬୪ |
| ଉପଚାର | ତୁଷାରକାନ୍ତ ପ୍ରସାଦ | ୨୬୫ |
| ତୁମକୁ କିଏ କହିଥିଲା ମୋତେ ଭଲପାଇବାକୁ | ଡଃ ଆଲୋକ କୁମାର ରାୟ | ୨୬୬ |
| ଅଭିଳାଷ | ନାରାୟଣ ଚନ୍ଦ୍ର ସେନାପତି | ୨୬୯ |
| ମୃତ୍ୟୁତୁମେ ଧ୍ରୁବସତ୍ୟ | ହାସ୍ୟମୟୀ ରାଜ | ୨୭୧ |
| ବଳାତ୍କାର | ପଙ୍କଜ କୁମାର ମାହାନା | ୨୭୩ |
| ଆରାଧ୍ୟ ଠାକୁର | ଭାଗିରଥୀ ଯାନୀ | ୨୭୪ |
| ହେ ଈଶ୍ୱର | ପ୍ରେମଶିଳା ରାଉତ | ୨୭୫ |
| ଧର୍ଷିତା | ପ୍ରବୀଣ କୁମାର ଖାଡ଼ଙ୍ଗା | ୨୭୬ |
| ଜୀବନଟା ଏକ ଜଟିଳ ଗଣିତ | ନୃସିଂହାନନ୍ଦ ମହାପାତ୍ର | ୨୭୭ |
| ମୁକ୍ତ ଆକାଶ | ଅଜୟ କୁମାର ବେହେରା | ୨୭୯ |
| ମାହୋଲର ପ୍ରତିବିମ୍ବ | ପୀତବାସ ଦଳବେହେରା | ୨୮୦ |
| ଗଙ୍ଗଶିଉଳୀ | ମଧୁସ୍ମିତା ମିଶ୍ର | ୨୮୨ |
| ମାଆ | ପ୍ରିୟଙ୍କା ନାୟକ | ୨୮୩ |
| ନାରୀପ୍ରତି ଆହ୍ୱାନ | ସେବକାନ୍ତ ନନ୍ଦ | ୨୮୫ |
| ବିଚିତ୍ର | ଜ୍ଞାନେଶ୍ୱର ମିଶ୍ର | ୨୮୬ |
| ବନ୍ଧନ | ବିଦ୍ୟାଧର ମିଶ୍ର | ୨୮୭ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଶୀତ ଆରାଧନା | ରିଭୁ ଆଭୂଷଣ ପଣ୍ଡା | ୨୮୮ |
| ସମୟ | ଦେବକାନ୍ତ ବାରିକ | ୨୮୯ |
| ଅଡ଼ିବସେ | ଜୟନ୍ତ କୁମାର ସାହୁ | ୨୯୦ |
| ହାଇଦ୍ରାବାଦରେ ଶୀତ | ମଞ୍ଜୁରାଣୀ ମିଶ୍ର | ୨୯୨ |
| ନିବେଦିତାର ନୈବେଦ୍ୟ | ସନ୍ଧ୍ୟାରାଣୀ ପରିଜା | ୨୯୫ |
| ଜୀବନର ମାନେ | ଶୁଭକାନ୍ତ ଗୌଡ଼ | ୨୯୬ |
| ନୀରବ ପ୍ରେମ | ଦିପାଞ୍ଜଳୀ ଭଞ୍ଜ | ୨୯୭ |
| ବିଦ୍ରୋହୀ | ସୁବାସିନୀ ତ୍ରିପାଠୀ | ୨୯୯ |
| କଣ ଲେଖିବି ତୁମପାଖକୁ | ଡା ନୀଳମାଧବ କର | ୩୦୧ |
| ପ୍ରେମ ପରୀକ୍ଷା | ଶ୍ରୀରାଜଶେଖର ସି ଚିମା | ୩୦୨ |
| ପ୍ରେମ ଛବି | ଦୁଷ୍ମନ୍ତ ଖଟୁଆ | ୩୦୩ |
| ସଂକଳ୍ପ | ଶ୍ରୀକାନ୍ତ କୁମାର ମିଶ୍ର | ୩୦୪ |
| ଆର୍ତ୍ତଚିତ୍କାର | ପୂର୍ଣ୍ଣିମା ଲେଙ୍କା | ୩୦୫ |
| ମାଟିଦୀପ ସୂର୍ଯ୍ୟ ହୋଇଥା'ନ୍ତା | ଜିତେନ୍ଦ୍ର କୁମାର ସ୍ୱାଇଁ | ୩୦୬ |
| କଣ୍ଢେଇ | ମନୋରଞ୍ଜନ ମୁଦୁଲି | ୩୦୭ |
| ପ୍ରେମ ପ୍ରତାରଣା | ଲଳିତମୋହନ ମିଶ୍ର | ୩୦୯ |
| ମାନବିକତା | ରାଜକିଶୋର ସାହୁ | ୩୧୦ |
| ସହସ୍ରବାହୁ | ସୁମନ୍ତ କୁମାର ଶତପଥୀ | ୩୧୧ |
| ଶ୍ରୀପୁରୁଷ | ରୋଜା ପଣ୍ଡା | ୩୧୨ |




ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ସଂଘର୍ଷ ସମୟ | ସିଲୁ ପଧାନ | ୩୧୩ |
| ବର୍ଷାର ସ୍ମୃତି | ରେଣୁକା ସାହୁ | ୩୧୫ |
| ମୁଁ ଆଉ ତୁମେ | ସୁଶାନ୍ତ କୁମାର ସାହୁ | ୩୧୭ |
| ଆଜି ମନ୍ତ୍ରୀ ଆସିବେ | ଗଗନ କୁମାର ଦାଶ | ୩୧୮ |
| ମୁଁ ଓ ସମୟ | ରାଧେଶ୍ୟାମ ମିଶ୍ର | ୩୧୯ |
| ମାଆ | ମହେନ୍ଦ୍ର କୁମାର ସ୍ୱାଇଁ | ୩୨୧ |
| ପ୍ରେମିକାର ମନ | ପବିତ୍ର ଦାସ | ୩୨୨ |
| ସରଳ ହୃଦୟର ଅଲିଭାସ୍ୱପ୍ନ | ଶିଳ୍ପି ଶ୍ରୀଲିପ୍ତା ପଣ୍ଡା | ୩୨୪ |
| ବ୍ୟାକୁଳ ମନ | ଶୈଳବାଳା ଷଡ଼ଙ୍ଗୀ | ୩୨୫ |
| ଜୀବନ | ପ୍ରଶାନ୍ତ କୁମାର ନାଥ | ୩୨୬ |
| ସ୍ମୃତି ତୁମେ | ପ୍ରସନ୍ନଜିତ ମହାପାତ୍ର | ୩୨୭ |
| କଳଙ୍କିତ ହେଲି | କାହ୍ନୁ ସାହୁ | ୩୨୮ |
| କେତେଦିନ | ପ୍ରକାଶ ଚନ୍ଦ୍ର ପଣ୍ଡା | ୩୨୯ |
| ବାଇଜୀ କୋଠି | ସନାତନ ସର୍କାର | ୩୩୦ |
| ଈର୍ଷା | ଶୁଭ ପଧାନ | ୩୩୨ |
| ଶୀତ ଆଗମନେ | ସହଦେବ ପ୍ରଧାନ | ୩୩୩ |
| ଅପେକ୍ଷା | ଶୁକଦେବ ଦୀପ | ୩୩୬ |
| ସମୟ | ସନାତନ ମହାକୁଡ଼ | ୩୩୭ |
| **ସମ୍ବଲପୁରୀ ବିଭାଗ** | | **୩୩୮** |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଗୁରୁ | ଭୈରବ ପଧାନ | ୩୩୯ |
| ପିନ୍ଧାଇଦେଲ ରାଖି | ଆର୍ତ୍ତତ୍ରାଣ ଖୁର୍ଡ଼ିଆ | ୩୪୦ |
| ସେ କାଣା କହେଲା | କବି ପ୍ରସାଦ | ୩୪୧ |
| ଗାର | ରାଜେଶ ପୂଜାରୀ | ୩୪୩ |
| ଆର୍ ନେଇଆସୁ ଫିରି | ହରିଶ୍ ତାଣ୍ଡି | ୩୪୫ |
| ଖଁଣିଆ | ଚିତ୍ତରଞ୍ଜନ ପଧାନ | ୩୪୬ |
| ସବେ ସମାନ | ନବୀନ ପଧାନ | ୩୪୭ |
| ଶୀତ ମାସର କଳି | ବେଦବ୍ୟାସ ମାଝୀ | ୩୪୮ |
| ଏଖିଁର ପିତଲା | ଚନ୍ଦ୍ରଶେଖର ଗୋ | ୩୪୯ |
| ପଲ୍ଲିଶ୍ରୀ ମେଲା | ଶେଷଦେବ ପଧାନ | ୩୫୦ |
| ଗାଁ | ସୁଶାନ୍ତ କୁମାର ସାହୁ | ୩୫୧ |
| ଚାଷୀ ତୁଇ ଆଉ କେଡ଼େ ମହାନ | ଧର୍ମେନ୍ଦ୍ର ବାରିକ | ୩୫୨ |
| **ପ୍ରବନ୍ଧ ବିଭାଗ** | | **୩୫୪** |
| ଭାରତୀୟ କାଳଗଣନା | ବୈକୁଣ୍ଠନାଥ ଖଟୁଆ | ୩୫୫ |
| ତପଃପ୍ରଭା | ଦୀପକ ଷଡ଼ଙ୍ଗୀ | ୩୬୪ |
| ହିନ୍ଦୁ ଧର୍ମାଚରଣ ବିଜ୍ଞାନସମ୍ମତ | ସୁମିତା ଦେବୀ | ୩୬୬ |
| ଗଣନାୟକ ନାମ କାହିଁକି ? | ନରେନ୍ଦ୍ର ପ୍ରସାଦ ବେହେରା | ୩୭୨ |
| ସାମାଜିକ ମୂଲ୍ୟବୋଧ | ମନୋଜ କୁମାର ପଣ୍ଡା | ୩୭୪ |
| **ବିଶେଷ ସୂଚନା** | | **୩୭୯** |




ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ବର୍ଷ ୨୦୧୯ର ଶେଷ ସଂସ୍କରଣ ଉପସ୍ଥାପନ କରୁଥିବା ବେଳେ ମୁଁ ଯେତେ ମାତ୍ରାରେ ଖୁସି ଅନୁଭବ କରୁଛି ସମାଜରେ ହୋଇଥିବା ନୈତିକ ଅବକ୍ଷୟ ପାଇଁ ସେତିକି ଦୁଃଖି ଅନୁଭବ କରୁଛି ।

ସାହିତ୍ୟ ସମାଜକୁ ଉନ୍ନତିର ପଥରେ ଆଗେଇ ନେବାର ଲକ୍ଷ୍ୟନେଇ ସୃଷ୍ଟି କରାଗଲେ ଏହା ସମସ୍ତଙ୍କ ପାଇଁ ଲାଭପ୍ରଦ ହୋଇପାରିବ । ଅତୀତର ସାହିତ୍ୟିକ ସୃଷ୍ଟିକର୍ତ୍ତାମାନେ ସମାଜ ସୁଧାରକ ଭାବରେ ଜଣାଯାଉଥିଲେ । ସେମାନଙ୍କ କୃତୀ ସମାଜରେ ଜନ ସଚେତନତା ସୃଷ୍ଟି କରିବାରେ ସକ୍ଷମ ଥିଲା । କିନ୍ତୁ ସାଂପ୍ରତିକ ସମୟରେ ସମାଜରେ ଯେଉଁଭଳି ନୈତିକତାର ଅବକ୍ଷୟ ହେବାରେ ଲାଗିଛି, ସେଥିରେ ସାହିତ୍ୟିକ ମାନଙ୍କ ଉପରେ ଦାୟିତ୍ୱ ଆହୁରି ଅଧିକ ବଢ଼ି ଯାଉଛି । କେବଳ ଲେଖିବା ଏବଂ ପ୍ରକାଶିତ କରାଇ ଆନନ୍ଦିତ ହେବା ହିଁ ଆମର ମୁଖ୍ୟ ଲକ୍ଷ୍ୟ ନ ହେଉ । ବରଂ ଆମେ ସମସ୍ତେ ଚେଷ୍ଟା କରିବା ଯେ ଆମ ଦ୍ୱାରା ସୃଷ୍ଟ ସାହିତ୍ୟ ଯେମିତି ଜନକଲ୍ୟାଣରେ ଲାଗିପାରେ ।

ବିଗତ ସମୟରେ ତେଲେଙ୍ଗାନା ରାଜ୍ୟର ରାଜଧାନୀ ହାଇଦ୍ରାବାଦଠାରେ ସଂଘଟିତ ଲୋମହର୍ଷଣକାରୀ ବଳାତ୍କାର ଓ ହତ୍ୟାକାଣ୍ଡର ଘଟଣା ସମଗ୍ର ଦେଶର ଜନମାନସକୁ କେବଳ ଆନ୍ଦୋଳିତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିନଥିଲା ବରଂ ଏହା ଉତ୍ତେଜନା ଏବଂ କ୍ରୋଧ ଜାଗ୍ରତ ମଧ୍ୟ କରିଥିଲା । ଅନେକ ବର୍ଷ ତଳର ନିର୍ଭୟା କାଣ୍ଡ ସମସ୍ତଙ୍କ ମନରେ ପୁଣିଥରେ ଉଦ୍‌ଜୀବିତ ହୋଇ ଉଠିଥିଲା । ଅତ୍ୟନ୍ତ କ୍ଷୋଭର ବିଷୟ ମନୁଷ୍ୟ କେତେ ତଳକୁ ଯାଇପାରେ ତାହାର ଉଦାହରଣ ଏବେ ମଧ୍ୟ ଦେଖିବାକୁ ମିଳିଲା । ଅସହାୟ ମହିଳାଙ୍କୁ ବଳାତ୍କାର ପରେ ନିଆଁରେ ଜାଳିଦେଇ ମାରିବା ଭଳି ବିରଳ ଘଟଣା ଘଟାଇଥିବା ଅପରାଧୀମାନେ ମାତ୍ର କୋଡ଼ିଏ ବାଇଶି ବର୍ଷର ଯୁବକ ଏବଂ ସେମାନେ ଏହିଭଳି କାଣ୍ଡ ଭିଆଉଥିବା ଘଟଣା ଶୁଣିଲେ ମନରେ ସ୍ୱତଃ ପ୍ରଶ୍ନ ଉଠେ, ଏହି ଦେଶର ଯୁବପୀଢ଼ି କେଉଁ ଦିଗରେ ଉନ୍ନତି କରୁଛି ? ଆମେ କଣ ସତରେ ଗୋଟିଏ ଶିକ୍ଷିତ ସମାଜ ସୃଷ୍ଟି କରି ପାରିଛେ ? ସମସ୍ତ ଦାୟିତ୍ୱ ଓ ନୈତିକତାର ଦ୍ୱାହି କଣ କେବଳ ସରକାରଙ୍କର ହିଁ ?

ନା ଆମକୁ ବଦଳିବାକୁ ପଡ଼ିବ । ଆମ ପରିବାରରେ ଶୃଙ୍ଖଳା ଓ ନୈତିକତାର ଶିକ୍ଷା ଦେବାକୁ ପଡ଼ିବ । ମହିଳାମାନଙ୍କୁ ଯେତିକି ସୁରକ୍ଷା ବିଷୟରେ ସଚେତନ କରିବାର ଅଛି ତା'ଠାରୁ ଢେର ଅଧିକ ପୁରୁଷମାନଙ୍କୁ ମହିଳା ମାନଙ୍କର ଅଧିକାର ବିଷୟରେ ସଚେତନ କରିବାର ବି ରହିଛି । ଅସହାୟ ମହିଳାଙ୍କୁ ସମ୍ମାନ ଏବଂ ସାହାଯ୍ୟ ଦେବା ଶିକ୍ଷା ଦେବାକୁ ହେବ । କୌଣସି ବି ପରିସ୍ଥିତିରେ କୌଣସି ମହିଳାଙ୍କ ପ୍ରତି ଅଶୋଭନୀୟ ଆଚରଣକୁ ସର୍ବୋପରି ସମସ୍ତେ ଦୃଢ଼ ସ୍ୱରରେ ପ୍ରତିବାଦ କରିବାକୁ ହେବ । ହୁଏତ ଏହାଦ୍ୱାରା ଅପରାଧି ମାନଙ୍କ ମନସ୍ତତ୍ୱରେ କିଛି ପରିବର୍ତ୍ତନ ଆସିପାରେ ।

ଅବଶ୍ୟ ହାଇଦ୍ରାବାଦ ଘଟଣାର ସପ୍ତାହକ ପରେ ସେହି ସବୁ ଅପରାଧିଙ୍କୁ ନେଇ ଘଟଣାସ୍ଥଳ ଦର୍ଶନରେ ଯାଇଥିବା ପୋଲିସ ଦଳଙ୍କୁ ସେମାନେ ଅତର୍କିତ ଭାବରେ ଆକ୍ରମଣ କରି ଫେରାର ହେବା ଅବସ୍ଥାରେ ପୋଲିସର ଗୁଳିର ଶୀକାର ହୋଇ ମୃତ୍ୟୁବରଣ କରିଥିଲେ । ଯାହାକୁ ନେଇ ସମଗ୍ର ଦେଶର ଜନତା ଆସ୍ୱସ୍ତି ଅନୁଭବ କରିଥିଲା । ଅନେକେ

 Magazine Downloaded from www.aahwaan.com

ଏହି ଘଟଣାରୁ ଶିକ୍ଷା ନେଇ ଆଗାମୀ ଦିନରେ ମଧ୍ୟ ଏହିଭଳି ନାରକୀୟ କାଣ୍ଡ ଘଟାଉଥିବା ଅପରାଧୀଙ୍କୁ ଗୁଳିକରି ମାରିଦେବା ସପକ୍ଷରେ ଜନମତ ସୃଷ୍ଟି ହୋଇଥିଲା । ଯଦିଓ ଏହିଭଳି ନ୍ୟାୟ ହୋଇପାରେ ନାହିଁ । ସମ୍ଭବତଃ ଏହା ଫଳରେ ପୋଲିସବଳ ଯେକୌଣସି ଅପରାଧୀଙ୍କୁ ଗୁଳିକରି ମାରିଦେଇ ପାରିବେ ଏବଂ ଭାରତର ନ୍ୟାୟିକ ବ୍ୟବସ୍ଥା ଉପରେ ଆଉ କାହାର ଆସ୍ଥା ରହିବ ନାହିଁ ବୋଲି ବୁଦ୍ଧିଜୀବି ମତ ଦେଇଥିଲେ ଏହାକୁ ନେଇ ସାମାଜିକ ଗଣମାଧ୍ୟମ ଦୁଇଭାଗରେ ବିଭକ୍ତ ହୋଇଗଲା । ଗୋଟିଏ ପକ୍ଷରେ ନ୍ୟାୟିକ ପ୍ରକ୍ରିୟାକୁ ଯଥାର୍ଥ ଏବଂ ପୋଲିସ୍ ଏନ୍‌କାଉଣ୍ଟରକୁ ବିରୋଧ କରାଯାଉଥିବା ବେଳେ ଅନ୍ୟପକ୍ଷରେ ସମାଜର ଏକ ବିଶାଳ ଅଂଶ ପୋଲିସର କାର୍ଯ୍ୟାନୁଷ୍ଠାନର ସମର୍ଥନ କରୁଥିଲେ ।

ସେ ଯା'ହେଉ ସମାଜର ଦିଗ ଏବଂ ଚରିତ୍ର ବଦଳାଇବାର ଯଥାର୍ଥ ସମୟ ଆସିଛି ଏବଂ ଏଥିରେ ସାହିତ୍ୟ ଏବଂ ସାହିତ୍ୟିକଙ୍କ କର୍ତ୍ତବ୍ୟ ବହୁତ ଅଧିକ ବୋଲି କହିଲେ ବି ଅତ୍ୟୁକ୍ତି ହେବନାହିଁ । ଦେଶରେ ହେଉଥିବା ମହିଳା ବିରୋଧୀ ଅତ୍ୟାଚାର, ଶୋଷଣ, ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଏବଂ ବଳାତ୍କାର ତଥା ହତ୍ୟାକାଣ୍ଡ ଭଳି ଘଟଣାକୁ ଆମେ ଦୃଢ଼ ସ୍ୱରରେ ନିନ୍ଦା ଓ ଭର୍ତ୍ସନା କରୁଛୁ ଏବଂ ଆଶା କରୁଛୁ ଆମର ପ୍ରତ୍ୟେକ ପାଠକପାଠିକା ଆମ ସହ ସମସ୍ୱରରେ ନିନ୍ଦା କରୁଥିବେ ମଧ୍ୟ ।

ଶେଷରେ ବର୍ଷର ଶେଷମାସ ଏବଂ ପୁଣି ଏକ ନୂତନ ବର୍ଷର ଅୟମାରମ୍ଭ ହେବାକୁ ଯାଉଥିବା ସମୟରେ ଆମର ସମସ୍ତ ଲେଖକ, ଲେଖିକା, ପାଠକ, ପାଠିକା ଏବଂ ଉପଦେଷ୍ଟା ତଥା ଶୁଭେଚ୍ଛୁଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଆଶା କରୁଛି ନୂତନ ବର୍ଷ ସାହିତ୍ୟକୁ ନୂତନ ଦିଗନ୍ତ ଦେବାରେ ସକ୍ଷମ ହେବ ।

ଜୟ ଓଡ଼ିଆ, ଜୟ ଓଡ଼ିଶା, ଜୟ ଜଗନ୍ନାଥ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**, ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁନେଲୀ ସିଂହ



ଅଶୋକ ବିଶ୍ୱାଳ

ସିଂହ ସାମ୍ରାଜ୍ୟରେ ମଣିଷ-ମାଲଧାରୀ

ଜୟ୍ ଆଉ ବିଜୟ୍ ଅନେକ ସମୟରେ ନିଜ ପାରିଧିରେ ବାହାରି ଯାଆନ୍ତି । ସେମାନଙ୍କ ସାମ୍ରାଜ୍ୟରେ କେବଳ ଜୀବ ଜନ୍ତୁ ଆଉ ପକ୍ଷୀ ନଥିଲେ । କିଛି ମଣିଷ ମଧ୍ୟ ଥିଲେ । ଗିର ଜଙ୍ଗଲ ଭିତରେ ମାଲଧାରୀ ଲୋକମାନେ ରହି ଆସୁଛନ୍ତି ।

ଦିନେ ପୂର୍ବରେ ସିନ୍ଦୁରା ଫାଟି ଆସୁଥିଲା । ଦିଗବଳୟର ତଳକୁ ସାମାନ୍ୟ ଲାଲ ହୋଇ ଆସିଲା । ଉପରକୁ ସାମାନ୍ୟ ହଳଦିଆ । ଅଧିକାଂଶ ଆକାଶ କିନ୍ତୁ କାଳିଚିଆ ଥିଲା । ଗିରରେ ପକ୍ଷୀମାନେ ଉଠିଯାଇଥିଲେ । ସକାଳର ଆଲୁଅ ସହ ସେମାନଙ୍କ କୂଜନ ବଢ଼ିଯାଉଥିଲା । ସେପଟେ ମାଲଧାରୀମାନଙ୍କ ବସ୍ତି ବା ନେସରେ ଲୋକମାନେ ଖୁବ ଜଲଦି ଉଠି ଗାଈ ମଇଁଷିର ସେବାରେ ଲାଗି ଯାଇଥିଲେ । ମାଲଧାରୀଙ୍କର ଘରଗୁଡିକ ନୁଆଁଣିଆ, ଅଧିକାଂଶ ଘରର ଲାଲ ଟାଇଲ ଛପର ହୋଇଛି । ଘର ଆଗରେ ବାଡକରି ଖୁଆଡ ଭିତରେ ଗାଈ ମଇଁଷିକୁ ରଖାଯାଇଛି । ରାତିରେ ସେମାନଙ୍କୁ ଭିତରେ ରଖିଦିଆଯାଏ । ଦିନସାରା ବାହାରେ ଗାଈ ମଇଁଷି ବାହରେ ଚରନ୍ତି କିନ୍ତୁ ରାତିରେ ଖୁଆଡ ଭିତରେ ବିଶ୍ରାମ ନିଅନ୍ତି । ମାଲଧାରୀମାନେ ଗୋ-ମହିଷି ପାଳନ କରି ଜୀବନଯାପନ କରନ୍ତି । ଏମାନଙ୍କର ପତଳା ଆଉ ଲମ୍ବା ମହିଳାମାନେ ଖୁବ କାମିକା ।

ବୁଢାଜଣେ ଏକ ଦଉଡିଆ ଖଟ ଉପରେ ବସି ଅନାଇଥିଲେ । ଦେହରେ ମାଲଧାରୀଙ୍କ ଧଳାରଙ୍ଗର ପୋଷାକ ଶରୀରକୁ ଘୋଡାଇ ରଖିଛି । ମୁଣ୍ଡରେ ଧଳା ଠେକା ବାନ୍ଧିଥିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଖରେ ତାଙ୍କର ମଧ୍ୟବୟସରୁ ଟିକେ କମ ବୟସର ପୁଅ ନିଜର ଗାଈମାନଙ୍କୁ ଅନାଇଥିଲା । ସେ କାନ ଅନେକ ଯାଗାରେ ଫୋଡିଥିଲା ଆଉ କାନରେ ଗୋଲ ଗୋଲ କାନଫୁଲ ଲଗେଇଥିଲା । ନାକ ତଳେ ପତଳା ନିଶ, ତଳଆଡକୁ ଲମ୍ବି ଆସିଛି ଆଉ ଶେଷରେ ଟିକେ ଉପରକୁ ମୋଡି ହୋଇ ଯାଇଛି । ମାଲଧାରୀ ପୁରୁଷମାନେ ଲମ୍ବା ନିଶ ରଖନ୍ତି ଆଉ ସମସ୍ତଙ୍କ କାନରେ କାନଫୁଲ ଥାଏ ।

ଗାଈଟିଏ ଟିକେ ପାଖକୁ ଆସିଲା । ଲାଲ ରଙ୍ଗର ଗାଈ । ଏହାର ଶିଙ୍ଘ ମୁଣ୍ଡରୁ ବୃତାକାରରେ ଗୋଲ ହୋଇ ଉପରକୁ ଉଠିଯାଇଛି ଆଉ ଉପରେ ମିଶୁ ମିଶୁ ଅଧାରେ ରହିଯାଇଛି । ସେ ଗାଈଟି ଆସି ମୁଣ୍ଡ ହଲାଉଥିଲା । ଖୁଆଡ ଖୋଲିବା ବେଳ ହୋଇଗଲାଣି ।

ମାଲଧାରୀ ଯୁବକଟି ଯାଇ ଖୁଆଡରୁ କାଠ ଉଠାଇଦେଲା । ଗାଈ ମଇଁଷିମାନେ ଭିତରୁ ବାହାରି ଜଙ୍ଗଲ ଆଡକୁ ମୁହାଁଇଲେ । ବାହାରେ ଗଛମାନଙ୍କ ଉପରେ ଖରା ପଡୁଥିଲା । କିନ୍ତୁ ତଳଆଡେ କାକର ଥିଲା । ସେମାନେ ଧାଡିବାନ୍ଧି ଯାଉଥିଲେ । ମାଲଧାରୀ ପୁରୁଷଟି ନିଜର ଧଳା କପଡା ପିନ୍ଧି ଏକ ଲମ୍ବା ବାଡି ଧରି ସେମାନଙ୍କ ସାଥିରେ ଲମ୍ବା ପାଦରେ ଚାଲିବାକୁ ଲାଗିଲା । ତା'ର ଲମ୍ବା ବାଡିରେ ଏକ ଛୋଟ କୁଠାର ଲାଗିଥିଲା । ଡାଳ କାଟିବାକୁ ସହଜ ହେବ ।

ଏମିତି ପରେ ପରେ ଅନ୍ୟଘର ମାନଙ୍କରୁ ଗାଈ ମଇଁଷିମାନେ ଚରିବାକୁ ବାହାରି ଆସିଲେ । ସାଥିରେ ପୁରୁଷମାନେ ନିଜର ପାରମ୍ପରିକ ପୋଷାକ ପିନ୍ଧି ଗାଈମାନଙ୍କ ସହ ଚାଲୁଥିଲେ । ବେଶ କିଛିବାଟ ଗଲାପରେ ସେମାନେ ଏକ ଖୋଲା ଚାରଣ ଭୂମିରେ ପହଁଚିଲେ । ଲୋକମାନେ ଗଛମୂଳରେ ଅଟକିଗଲେ ଆଉ ଗାଈ ମଇଁଷି ଚରିବାକୁ ଲାଗିଗଲେ ।

 Magazine Downloaded from www.aahwaan.com

ଏଣେ ଘରେ ମହିଳାମାନେ ଦୁଧରୁ ଲହୁଣୀ ବାହାର କରିବାକୁ ଲାଗିଗଲେ । ସେମାନେ ଚରକି ଦଉଡି ଦ୍ୱାରା ଚଳାଉଥିଲେ । ସେମାନଙ୍କ ହାତ ଜଲଦି ଜଲଦି ଆଗପଛ ହେଉଥିଲା । ଏ ମହିଳାମାନେ ପ୍ରାୟ ଲାଲ ରଙ୍ଗର ରଙ୍ଗୀନ ଘାଗରାମାନ ପିନ୍ଧିଥିଲେ । ସମସ୍ତଙ୍କ କାନରେ ଗୋଲ ଗୋଲ କାନଫୁଲ ଥିଲା । ନିଜର ଘରକୁ ସୁନ୍ଦର ଭାବେ ଲିପି ପୋଛି ଦେଇଥିଲେ । ଷ୍ଟିଲର ବାସନସବୁ ଖୁବ ପରିଷ୍କାର ଭାବେ ମଜାଯାଇ କାନ୍ଥରେ ସଜାଇ ରଖାଯାଇଥିଲା । ଏକ ଛୁଆ ପାଖରେ ଠିଆ ହୋଇ ଏକ ମହିଳାକୁ ଚାହୁଁଥିଲା । ମା'ର କାମ ତାକୁ ଖୁବ ଭଲ ଲାଗୁଥିଲା ।

କିଛି ସମୟ ପରେ ବୁଢା ମଣିଷଟିଏ ବାହରି ଆସିଲେ । ତାଙ୍କୁ ଦେଖି ତଳେ ଚରୁଥିବା ମୟୁରଟିଏ ଡେଣା ଫଡ ଫଡକରି ଚାଳ ଉପରକୁ ଉଡିଗଲା । ସେଠାରେ କିଛି ମୟୁରୀ ତଳକୁ ଅନାଇ ରହିଥିଲେ । ମୟୁରୀମାନେ ଦେଖିବାକୁ ପାଉଁଶିଆ, ଦେଖିବାକୁ ମୟୁର ଭଳିଆ ମୋଟେ ସୁନ୍ଦର ନୁହଁନ୍ତି । ମୟୁରଟି ମୁଣ୍ଡ ହଲାଇ ହଲାଇ ମୟୁରୀମାନଙ୍କ ଆଡକୁ ଚାଲିଗଲା । ତା'ର ସରୁ ଆଉ ଲମ୍ବା ସପ୍ତବର୍ଣ୍ଣ ବେକ ଖୁବ ନୀଳ ଦେଖାଯାଉଥିଲା । ଲମ୍ବା ପୁଚ୍ଛ ଚାଳ ଉପରେ ଘୁଷୁରୁଥିଲା ।

ବୁଢାଟି ହାତରେ କିଛି ଶସ୍ୟ ଧରିଥିଲା । ସେ ଶସ୍ୟକୁ ମାଟି ଉପରେ ଖେଳେଇ ଖେଳେଇ ବୁଣିଦେଲା ଆଉ ମୟୁରମାନଙ୍କୁ ଡାକିଲା । ମୟୁରମୟୁରୀମାନେ ତଳକୁ ଉଡିଆସିଲେ ଆଉ ମହାଆନନ୍ଦରେ ସେ ଶସ୍ୟକୁ ଖାଇବାରେ ଲାଗିଲେ । ମୟୁରଟି ଖାଇଲାବେଳେ ତାର ମୁଣ୍ଡ ଉପରର ଚୂଳ ନାଚୁଥିଲା ।

ବୁଢା ଘରକୁ ଫେରିଆସି ବସି ପଡିଲେ । ତାଙ୍କର ସ୍ତ୍ରୀ ପାଖରେ ଲହୁଣୀକାଢି ସାଇତି ରଖୁଥିଲେ । ସେ ନିଜ ଛାତିରେ ହାତ ମାରିଲେ । ସିଂହ ତାଙ୍କୁ ବିରକ୍ତିରେ ଏକ ଥାବା କେବେ ମାରିଥିଲା । ସେଥିରେ ତାଙ୍କର ଅବଶ୍ୟ କିଛି କ୍ଷତି ହୋଇନାହିଁ । କିନ୍ତୁ ଏପର୍ଯ୍ୟନ୍ତ ଏତେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବର୍ଷପରେ ସାମାନ୍ୟ ଦରଜ ଅଛି ।

ସେମିତିଆ ଲୋକମାନେ ତାଙ୍କ ଇଲାକାରେ ରହୁଥିଲେ ।

ଜୟ ସେମାନଙ୍କୁ ଦେଖୁଛୁ । - ବିଜୟ କହିଲା ।

ବିଜୟ ବହୁତ ଜିନିଷକୁ ପ୍ରଥମେ ଦେଖିନିଏ । ଜୟର କିନ୍ତୁ ସବୁ କଥାକୁ ଭୃକ୍ଷେପ ନଥାଏ । ଜୟ ନିଦ ମଳ ମଳ ଆଖିରେ ଅନାଇଲା । ବିଜୟ ଖୁବ ଧ୍ୟାନର ସହ ଦେଖୁଥିଲା ।

ଏକ ଲମ୍ବା ଲୋକ ଚାଲି ଚାଲି ଆସୁଛି । ଦେହରେ ଅଂଟା ତଳକୁ ଗୁଡାଇ ହେଲାଭଳି ଧଳା ରଙ୍ଗର କପଡା । ଦେହରେ ଧଳା ଫତେଇ । ମୁଣ୍ଡରେ ଏକ ମସ୍ତବଡ ଧଳା କପଡାର ବାଲଟିଭଳି ଟୋପୀ ବା ଠେକା । ଧଳା କପଡାର ବଡ ଠେକା ମୁଣ୍ଡ ଆକାରକୁ ଖୁବ ବଢେଇ ଦେଇଥିଲା । ସତେ ଯେମିତି ମଣିଷଟି ମୁଣ୍ଡରେ ଏକ ବାଲଟି ଓଲଟାଇ ରଖିଛି ।

ଲୋକଟି ବଡ ଖୁସିର ସହ ହଲି ଦୋହଲି ଆସୁଥିଲା । ତାର ହାତରେ ଏକ ଲମ୍ବା ବାଡି । ତାକୁ କାନ୍ଧର ଉପରେ ଦୁଇ ହାତରେ ଧରିଥିଲା । ମୋଟା ଆଉ ଲମ୍ବା ତଥା ମୁନିଆ ନିଶ ଶେଷ ଆଡକୁ ବଙ୍କି ଯାଇଥିଲା । ସେ ମୁଣ୍ଡ ହଲାଇ ହଲାଇ ଆରାମରେ ସେମାନଙ୍କ ଆଡକୁ ଲମ୍ବା ଖୋଜ ଆସୁଥିଲା ।

ଜୟ ଆଖିରୁ ନିଦ ଛାଡିଗଲା । ସେ ଏମିତିଆ ଲୋକଙ୍କ କଥା ଶୁଣିଛି । ମା' ତାକୁ ଏଠାରେ ରହୁଥିବା ଲୋକ ଆଉ ଜୀବଜନ୍ତୁଙ୍କ କଥା ଅନେକ କହିଛି । ସେମାନେ ମା କୋଳରେ ଦୁଧ ପିଉ ପିଉ କିଛି ଧ୍ୟାନ ଦେଇନଥିଲେ । ମାଲଧାରୀ ଲୋକମାନେ ସେମାନଙ୍କ ଇଲାକାରେ ରହୁଛନ୍ତି । ଏ  ସାଧାରଣ ଲୋକମାନେ, ଲମ୍ବା ପତଳା, ଲମ୍ବା ବାଡିଧରି ବୁଲୁଥାନ୍ତି । ଏମାନଙ୍କ ବିଷୟରେ ଭାବି କିଛି ଲାଭ ନାହିଁ । ଏ ଲୋକମାନେ ସିଂହମାନଙ୍କର କିଛି କ୍ଷତି କରନ୍ତି ନାହିଁ । ଏହି କେତୋଟି କଥା ଜୟର ମନେ ଥିଲା । ମାଲଧାରୀଙ୍କ ବିଷୟରେ ଆଉ ସିଂହମାନଙ୍କ ବିଷୟରେ ଆଉ ସେମାନଙ୍କ ସମ୍ବନ୍ଧରେ ବିଷୟରେ ଅନେକ

 Magazine Downloaded from www.aahwaan.com

ଗୁଡିଏ କଥା କହିଥିଲା । ସେମାନଙ୍କର କଥାସବୁ ଖୁବ ହାଲକା ମନେ ଥିଲା ।

ଶୈଶବର ପ୍ରଥମ ଦିନମାନଙ୍କରେ ଥରେ ସେମାନଙ୍କର ମା ସିଂହୀ ଦୁଇଭାଇଙ୍କ ସହିତ ଭୋକିଲା ଥାଏ । ଅନେକ ଦିନ ହେବ ଖାଇନି । ଆଉ ଛୁଆକୁ ଦୁଧ ପିଆଇବା ଅତି ଆବଶ୍ୟକ । ସେ ଖୁବ୍ ସତର୍କତାର ସହିତ ଏପଟ ସେପଟକୁ ଚାହିଁଲା । ଗୋଟିଏ ଏକାକୀ ମଇଁଷି ରାସ୍ତା ଦେଇ ଆଗେଇ ଆସୁଛି । ସିଂହୀ ଆକ୍ରମଣ ପାଇଁ ପ୍ରସ୍ତୁତ ହେଇଗଲା । ଏଇ କିଛି ମୁହୂର୍ତ୍ତରେ ମଇଁଷି ଉପରେ ଝାମ୍ପି ପଡିବ । ପରେ ପରେ ପ୍ରଥମ ମଇଁଷି ପଛରେ ଗୋଟିଏ ମଇଁଷି ଆଉ ତା ପଛରେ ଗୋଟିଏ ମାଲ୍ଧାରୀ ଲୋକଟି ଆସୁଥିଲା । ସିଂହୀ ସାଙ୍ଗେ ସାଙ୍ଗେ ହୁଏତ ମଇଁଷିଟିକୁ ମାରିଦେଇଥାନ୍ତା । କିନ୍ତୁ ଯେମିତି ସେ ମାଲ୍ଧାରୀକୁ ଦେଖିଲା ସେ ନିଜ ଯାଗାକୁ ଫେରିଗଲା ଆଉ ମଇଁଷିକୁ ଆକ୍ରମଣ କଲାନାହିଁ । ଏକଥା ଅନେକ ଲୋକ ଦେଖିଛନ୍ତି । ସିଂହୀ ମାଲ୍ଧାରୀର ଅନେକ ସମ୍ମାନ କରେ ।

ମଣିଷ ଦେଖିବା ଗୀର ଜଙ୍ଗଲରେ କିଛି ଆଶ୍ଚର୍ଯ୍ୟ କଥା ନୁହେଁ । ଜଙ୍ଗଲରେ ରକ୍ଷୀମାନେ ସିଂହ ବଂଚେଇବାପାଇଁ ନିରନ୍ତର ଘୁରି ବୁଲୁଛନ୍ତି । ସେମାନେ ଟିକିଏ ଅଲଗା ଲାଗନ୍ତି । ଏମାନଙ୍କ ଭଳି ଖୁସି ବାସିଆ ନୁହନ୍ତି । ସେ ଲୋକମାନେ ସବୁବେଳେ ସିଂହମାନଙ୍କ ଉପରେ ନଜର ରଖନ୍ତି । ଅବଶ୍ୟ ସେମାନେ ମଧ୍ୟ କିଛି କ୍ଷତି କରନ୍ତି ନାହିଁ । ଏମିତିଆ ରକ୍ଷୀମାନେ ସବୁଆଡେ ଥାଆନ୍ତି । ଦୁଇଭାଇ ଏହି ଜଙ୍ଗଲ ରକ୍ଷୀମାନଙ୍କ ସହ ବଂଚିବାକୁ ଜାଣିଲେଣି । ସେମାନେ ଏହି ଜଙ୍ଗଲରକ୍ଷୀଙ୍କୁ କିଛି ଧ୍ୟାନ ଦିଅନ୍ତି ନାହିଁ । ନିଜର ଦୈନନ୍ଦିନ କର୍ମ ସେମାନଙ୍କ ଉପସ୍ଥିତିରେ ଚାଲେ । ଅବଶ୍ୟ ବେଳେବେଳେ ସେମାନେ ଉତ୍ତେଜିତ ହୋଇଯାଆନ୍ତି । ସେହି ସମୟରେ ଏହି ରକ୍ଷୀମାନେ ଟିକିଏ ଦୂରକୁ ଚାଲିଯାଆନ୍ତି । କେହି କାହାର କ୍ଷତି କରନ୍ତି ନାହିଁ ।

ମାଲ୍ଧାରୀମାନେ ଅନେକ ଦିନ ହେଲା ସିଂହମାନଙ୍କ ସହିତ ରହିଆସିଛନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଲ୍‌ଧାରୀମାନେ ରାଜସ୍ଥାନରୁ ଆସିଛନ୍ତି । ପରେ ନିଜର ଗାଈ, ମଇଁଷି ଚରାଇବା ପାଇଁ ସାରା ସୌରାଷ୍ଟ୍ରରେ ଖେଳାଇ ହୋଇଯାଇଛନ୍ତି ।

ମାଲ୍‌ଧାରୀର ଅର୍ଥ ହେଉଛି କିଛି ଜିନିଷର ମାଲିକ ।

ଖରାବେଳ । ଦୁଇଭାଇ ସେ ମାଲଧାରୀକୁ ଧ୍ୟାନରେ ଲକ୍ଷ୍ୟକଲେ । ମାଲ୍‌ଧାରୀଟିଏ ନିଜ ମୁଣ୍ଡ ଉପରେ ଘାସ ରଖି ଜଙ୍ଗଲ ରାସ୍ତାରେ ଚାଲି ଚାଲି ଆସୁଥିଲା । ନିଜ ଗାଈ, ମଇଁଷିକୁ ଅଧିକ କିଛି ଖାଇବାକୁ ଦେବାକୁ ପଡ଼ିବ । ସେମାନେ ଏ ଲୋକସହ କଣ କରିବେ କିଛି ବୁଝିପାରୁ ନଥିଲେ । ସେମାନଙ୍କୁ ଭୋକ ଲାଗୁ ନଥିଲା । ତାଛଡା ସେମାନେ ଶାନ୍ତିରେ ବିଶ୍ରାମ କରୁଥିଲେ । ଏମିତିଆ ବେଳେ କିଛି କରିବାକୁ ଇଚ୍ଛା ହୁଏ ନାହିଁ ।

ଦୁଇଭାଇଙ୍କର ଶୋଇବା ଯାଗା ରାସ୍ତା ଉପରେ ଥିଲା । ସେ ଯାଗାରେ ରାସ୍ତାଟି ଟିକିଏ କୁଦ ଉପରକୁ ଆସିଥିଲା ଆଉ ଅଳ୍ପ ପରେ ତଳକୁ ଓହ୍ଲାଇ ଯାଇଥିଲା । ଉପରକୁ ଗଛଟିଏ କେନାକରି ମାଡି ବସିଥିଲା । ତଳେ ଥଣ୍ଡା ଲାଗୁଥିଲା । ସୁଲୁସୁଲିଆ ପବନରେ ନିଦ ଲାଗିଆସିବା କଥା । ସେମାନେ ସେଇଠୁ ପେଟେଇ ପଡି ମାଲଧାରୀକୁ ଅନାଇଥିଲେ ।

ମାଲଧାରୀ ଲୋକଟି ଏପଟ ସେପଟ ମୋଟେ ନ ଅନାଇ ଚାଲି ଆସୁଥିଲା । କିଛି ବାଟ ଚାଲିବା ପରେ ଦୁଇସିଂହକୁ ରାସ୍ତାର ଧାରରେ ଶୋଇବାର ଦେଖିଲା । ବିଶାଳ ସିଂହ । କେଶର ଗୁଡିକ ଲମ୍ବା ହୋଇଯାଇଛି । ଯିଏ କେହି ଦେଖିଲେ ସିଂହକୁ ଡରିଯାଇଥାନ୍ତା । କିନ୍ତୁ ମାଲ୍‌ଧାରୀଟି ସାମାନ୍ୟ ଡରିଲା ନାହିଁ । ସେ ନିଜ ରାସ୍ତାରେ ଚାଲିବାକୁ ଆରମ୍ଭ କଲା । ସିଂହ ଦୁଇଭାଇ ନିଦ ମଳ ମଳ ଆଖିରେ ଲୋକଟିକୁ ଅନାଉଥିଲେ । ସେମାନେ ମାଲଧାରୀର କଷ୍ଟ ବୁଝିବା ଭଳି ମନେ ହେଉଥିଲା । ଲୋକଟି ବଡ ବୋଝଟିଏ ମୁଣ୍ଡରେ ଧରିଥିଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୋଷୀର ଆତ୍ମକଥା



ବିଜୟ କୁମାର ପଣ୍ଡା

## ଧାରାବାହିକ କ୍ଷୁଦ୍ର ଉପନ୍ୟାସ - ପ୍ରଥମ ଭାଗ (୧)

ରେଭେନ୍‌ସା କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ଶେଷ ବର୍ଷ ପରୀକ୍ଷା ଦେଇ ସାରି ଦୀର୍ଘ ଛ'ମାସ ପରେ ଘରକୁ ଆସିଛି ପ୍ରଶାନ୍ତ । ମେଧାବୀ ଛାତ୍ର ହିସାବରେ ବହୁତ କୃତି ମୁନାର । ମା'ର ଗେହ୍ଲାପୁଅ କିନ୍ତୁ ବାପାଙ୍କ ଠୁଁ ସବୁବେଳେ ଗାଳି ଶୁଣେ ପ୍ରଶାନ୍ତ । ଆଜି ତା'ର ପସନ୍ଦ ମୁତାବକ ଶାଗ, ବଡି ଭଜା, ସୋରିଷ ଦିଆ ମାଛ ତରକାରୀ ସାଙ୍ଗକୁ ପଖାଳ ଭାତ ବାଢ଼ି ଦେଇଛନ୍ତି ମା ପାର୍ବତୀ । ବହୁତ ଦିନ ପରେ ମା' ହାତ ରନ୍ଧା ସୁସ୍ୱାଦୁ ଖାଦ୍ୟ ମିଳିଛି, ଅତି ଖୁସିରେ ଖାଇସାରି ହାତ ଧୋଇଲା ପ୍ରଶାନ୍ତ । ଦୁଇବର୍ଷ ହେଲା ଗାଁ ଛାଡି ସହର ହଷ୍ଟେଲରେ ରହି ପାଠ ପଢୁଛି । ଆଗ ଭଳି ଆଉ ସାଙ୍ଗମାନଙ୍କ ସହ ମିଶି ଜମା ଦୁଷ୍ଟାମି କରୁନି । ଗାଁଦାଣ୍ଡ ଉଠାନ୍ତି ପକାନ୍ତି ପ୍ରଶାନ୍ତ ଆଉ ତାର ସାଙ୍ଗମାନେ ମିଶି, କିନ୍ତୁ ଏବେ !! ଆମ୍ବତୋଟା, ପୋଖରୀବାଡି, ନଈକୂଳ ଆଉ ଗାଁ ହାଟ କେଉଁଠିକୁ ଯାଏନି ସେ । ସତେ ନିଜ ବିବେକ ତାକୁ ବାରମ୍ବାର ପ୍ରଶ୍ନ କରୁଛି ତାର କିଛି ଭୁଲ ପାଇଁ । କାହାର ବିକଳ ସ୍ୱର ତାକୁ ଆକୁଳ ଚିତ୍ତରେ ବାରମ୍ବାର ଡାକୁଛି । ସେ ନିଜକୁ କ୍ଷମା କରିପାରୁନି, "ମୁଁ ଦୋଷୀ... ହଁ... ମୁଁ ହିଁ ଦୋଷୀ" ବୋଲି ତାର ବିବେକ ତାକୁ ବାଧା ଦେଉଥାଏ । ଆଜିକାଲି କେବଳ କୁଆଡେ ଯିବା ଆସିବା ବେଳେ ହିଁ ମୁନାକୁ ଯାହା ଦେଖନ୍ତି ଗାଁ ଲୋକେ । ମୁନାର ଏ ପରିବର୍ତ୍ତନ ଦେଖି ସମସ୍ତେ ଟୁପୁରୁ ଟାପୁରୁ ହୁଅନ୍ତି, ନିରାକାର ସାରଙ୍କ ପୁଅଟା ପୁରା ବଦଳି ଗଲା, ପିଲାଟା ଯେମିତି ଆଉ ମାଛି କି ମର ବୋଲି କହୁନି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଏ କିଏ କୁହନ୍ତି, "ଅଧିକ ପାଠର ଭାର ଯୋଗୁଁ ସେ ବଦମାସୀ କରିବାକୁ ସମୟ ପାଉନି ନହେଲେ ସେ ଏମିତି ଚୁପ ରହିବା ପିଲାକି !" ତା'ଭଳି ଉଦ୍ଧତ ପିଲା ଯେ ଏମିତି ଶାନ୍ତଶିଷ୍ଟ ହୋଇଯିବ ସେ ସେ କଥା ଲୋକ ହଜମ କରିପାରୁ ନଥିଲେ ।

କିଏ କିଏ କୁହନ୍ତି, "ସହରରେ ରହି ପାଠ ପଢ଼ିଲାଣି, ଆଉ କଣ ଗାଁରେ ତାର ମନ ଲାଗିବ !" କିନ୍ତୁ ପ୍ରଶାନ୍ତର ମନରେ ଗୋଟିଏ କଥା ଘାରି ହେଉଥାଏ ବିଗତ ଦୁଇବର୍ଷ ହେଲାଣି, ନିଦ ହଜିଯାଇଛି ତା'ର । ତାକୁ ଦୁନିଆଟା ଖାଁ ଖାଁ ଲାଗୁଥାଏ । ସବୁଥାଇ ବି ଯେମିତି ବହୁତ କିଛି ହରାଇଲା ଭଳି ଲାଗେ ତାକୁ । ଯେମିତି ସେ କାହାକୁ ମନେ ମନେ ଖୋଜି ହେଉଥାଏ । ବାପାଙ୍କୁ ଭାରି ଡର ପ୍ରଶାନ୍ତର, ଭଲ ପାଠ ପଢେ ବୋଲି ବାପା ତାର କିଛି ଦୁଷ୍ଟାମିକୁ ଅଣଦେଖା କରନ୍ତି ସତ କିନ୍ତୁ ସବୁବେଳେ ତାଗିଦ କରନ୍ତି, ମାଡ ବି ମାରିଛନ୍ତି ଅନେକ ଥର । ମେଧାବୀ ଛାତ୍ର ହେଲେ ବି ବାପାଙ୍କର ଗେହ୍ଲାପୁଅ ହେବାର ସୌଭାଗ୍ୟ ପାଇନି ପ୍ରଶାନ୍ତ ତାର ନିଜ ଉଦ୍ଧତାମୀ ପାଇଁ ।

ଗାଁ ସ୍କୁଲରେ ଶିକ୍ଷକତା କରନ୍ତି ନିରାକାର ବାବୁ । ବହୁତ ସଚ୍ଚୋଟ ଓ ନିଷ୍ଠାପର ଲୋକ ସେ, ଗାଁରେ ବହୁତ ଖାତିର ତାଙ୍କର । ସମସ୍ତ ଅଭିଭାବକ, ଛାତ୍ର ଛାତ୍ରୀ ଏମିତି କି ସ୍କୁଲର ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ମାନେ ନିରାକାର ବାବୁଙ୍କ ଶିକ୍ଷକତା, ଛାତ୍ରମାନଙ୍କ ପ୍ରତି ସ୍ନେହ ପ୍ରେମ, ଦାୟିତ୍ୱ, ସମୟାନୁବର୍ତ୍ତିତା, ନିଷ୍ଠାପରତା ଆଦି ଗୁଣର ଭୂୟସୀ ପ୍ରଶଂସା କରନ୍ତି କିନ୍ତୁ ନିରାକାର ବାବୁଙ୍କର ଦୁଃଶ୍ଚିନ୍ତା ଥିଲା ତାଙ୍କର ବଡ ପୁଅ ପ୍ରଶାନ୍ତର ଦୁଷ୍ଟାମୀ ଓ ସାନ ପୁଅର ସ୍ମୃତି । ନିରାକାର ବାବୁଙ୍କ ସ୍ତ୍ରୀ ପାର୍ବତୀ, ବଡ ପୁଅ ପ୍ରଶାନ୍ତ ଓ ସାନ ପୁଅ କୁନାକୁ ନେଇ ଛୋଟିଆ ପରିବାର । ନଦୀପାଖେ ତାଙ୍କର ଘର, ବାଡି ପଟେ ଚାରିଟି ନଡିଆ ଗଛ ଆଉ ବାଡିରେ କିଛି ପନିପରିବା ଗଛ ବି ଲଗେଇଥା'ନ୍ତି । ବସିବା ଲୋକ ନୁହେଁ ସେ, ସେଥିପାଇଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବରକୋଳି ଗଛ, ପିଜୁଳି ଗଛ, କଦଳୀ ଗଛ, ଅମୃତ ଭଣ୍ଡା ଆଦି କେତେ ପ୍ରକାର ଗଛ ଲାଗିଥାଏ ବାଡ଼ିରେ । ପାର୍ବତୀ ଜଗନ୍ନାଥଙ୍କ ବଡ଼ ଭକ୍ତ, ସକାଳୁ ସକାଳୁ ପୂଜା ପାଇଁ ଫୁଲର ନିହାତି ଆବଶ୍ୟକ । ସକାଳୁ ଉଠି ଗାଧୋଇ ପାଧୋଇ ଜଗାକୁ ଫୁଲ, ଚନ୍ଦନ, ଧୂପ, ଦୀପ ଦେଇ ନୈବେଦ୍ୟ ଦେଲା ପରେ ହିଁ ବାକି ଯାହା କିଛି କାମ, ସେଥିପାଇଁ ସବୁଦିନ ନିରାକାର ବାବୁଙ୍କୁ ଚାହା ଟିକେ ପିଇବା ପାଇଁ ବହୁତ ପ୍ରତୀକ୍ଷା କରିବାକୁ ପଡେ । ନିରାକାର ବାବୁଙ୍କୁ ଫୁଲ ଗଛରେ ଭାରି ଶ୍ରଦ୍ଧା, ଗେଣ୍ଡୁ, ମନ୍ଦାର, କେତକୀ ଆଦି ନାନା ରକମର ଫୁଲ ଗଛ ତାଙ୍କ ବାଡ଼ିରେ । ଗେଟ  ସାମ୍ନାରେ ନାଲି ରଙ୍ଗର କାଗଜି ଫୁଲ ଯେମିତି ଘରକୁ ଆସୁଥିବା ଅଥିତିଙ୍କୁ ସ୍ୱାଗତ କରୁଥାଏ । ସ୍କୁଲରୁ ଫେରିଲା ପରେ ନିରାକାର ବାବୁ ଦାଣ୍ଡବାଡ଼ିରେ ଯେତେ ଫୁଲ ଗଛ ଅଛି ସବୁଥିରେ ପାଣି ଦିଅନ୍ତି ଆଉ ନିଜେ ମାଳୀ ଭଳି ସବୁ ଗଛ ଗୁଡ଼ିକର ଭଲକରି ଯତ୍ନ ନିଅନ୍ତି ।

ବଡ଼ପୁଅ ପ୍ରଶାନ୍ତ ମେଧାବୀ ଛାତ୍ର, ସପ୍ତମ ଶ୍ରେଣୀରେ ଏନ.ଆର.ଟି.ଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଛାତ୍ରବୃତ୍ତି ବି ପାଇଛି । ବ୍ଲକ ସ୍ତରୀୟ, ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାରେ ତା'ର ବିଜ୍ଞାନଭିତ୍ତିକ ପ୍ରୋଜେକ୍ଟକୁ ପ୍ରଥମ ସ୍ଥାନ ମିଳିଛି କେତେ ଥର । ବହୁତ ଭଲ କ୍ରିକେଟ ଖେଳେ ସେ, ବହୁତ ମ୍ୟାଚ ଜିତି ଟ୍ରଫି ସହ ମାନପତ୍ର ପାଇଛି । ପାଠରେ ପ୍ରଶାନ୍ତ ଯେମିତି ସବୁଥିରେ ପ୍ରଥମ, ବାଳୁଙ୍ଗାମୀରେ ବି ସେମିତି ସବୁଥିରେ ଆଗୁଆ । ଗାଁ ନଈରେ ପହଁରିବାରେ ତା'ର ବହୁତ ଖୁସି । ପିଲା ଦିନେ ଏମିତି ସବୁ ଥର ବର୍ଷା ଋତୁର ନଈବଢି ସମୟରେ ପ୍ରତିଯୋଗୀତା ହୁଏ, ନଈବଢି ପାଣିରେ ଏକୂଳରୁ ସେକୂଳକୁ କିଏ କେତେ କମ ସମୟ ମଧ୍ୟରେ ପାର ହେଇ ପାରିବ.. ଆଉ ପ୍ରଶାନ୍ତ  ସେଥିରେ ସବୁବେଳେ ପ୍ରଥମ । ଗାଁ ଦାଣ୍ଡରେ ଗିଲି ଦଣ୍ଡା ଖେଳରେ କଲିଗୋଳ, ମାରପିଟରେ ବି ତାର ନାଁ ସବୁବେଳେ ଥାଏ । ସାଙ୍ଗମାନଙ୍କ ସହ ମିଶି କାହା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଡିରୁ ପିଜୁଳି ଚୋରୀ କରି ଖାଇବା, ଆମ୍ବ ତୋଟାରେ ଏ ଗଛରୁ ସେ ଗଛ ଡେଇଁବା, କ୍ରିକେଟ ଖେଳରେ ମାରପିଟ କରିବା ଆଦିରେ ସବୁବେଳେ ମୁନାର ନାଁ ଥାଏ । ଏଥିପାଇଁ କେତେଥର ନିରାକାର ବାବୁଙ୍କ ମୁଣ୍ଡ ତଳକୁ ହୋଇଛି । ମୁନାକୁ ଯେମିତି ବାପାଙ୍କର ମାନ ସମ୍ମାନର କିଛି ଫରକ ପଡେନି । ତା'ର ଏଇ ଦାୟିତ୍ୱହୀନତା ପାଇଁ ପରିବାରକୁ କେତେ କଷ୍ଟ ସେ ନଦେଇଛି !

କାଲି ପୁଣି ଦୁଇବର୍ଷ ବିତିଗଲାଣି, ସେଦିନ ପ୍ରଥମ ରଜ ଥାଏ । କାଉଳିଆ ପାଗ, ସୁଲୁସୁଲିଆ ପବନ ବହୁଥାଏ, ଆକାଶରେ ବାଦଲ ମାଳ ମାଳ । ରଜପର୍ବ ପାଇଁ ନାନା ରକମର ପିଠାପଣା ହୋଇଥାଏ ଘରେ । ମୁନାର ମ୍ୟାଟ୍ରିକ ପରୀକ୍ଷାଫଳ ବାହାରିଥାଏ ପୂର୍ବଦିନ, ପ୍ରଥମ ଶ୍ରେଣୀରେ ପଞ୍ଚାଅଶି ପ୍ରତିଶତ ନମ୍ବର ରଖି ପାସ ହେଇଥାଏ ପ୍ରଶାନ୍ତ । ସେଥିପାଇଁ ନିରାକାର ବାବୁ ସ୍କୁଲ ପିଲାମାନଙ୍କୁ ମିଠା ବାଣ୍ଟିଲେ । ପ୍ରଥମ ରଜ, ବହୁତ ଆନନ୍ଦ ଉଲ୍ଲାସର ଦିନ । ନୂଆ ଲୁଗା ପିନ୍ଧି, ରଜ ପାନ ଖାଇ, ନଈକୂଳେ ଲାଗିଥିବା ଦୋଳିରେ କୁନି କୁନି ପିଲା ଓ ଝିଅ ବୋହୁମାନଙ୍କ ଦୋଳି ଖେଳ ଲାଗିଥାଏ । ଗାଁ ମୁଣ୍ଡ ବରଗଛ ମୂଳେ ବୟସ୍କ ଲୋକମାନଙ୍କର ତାସ ଖେଳ ଚାଲିଥାଏ । ଦିନ ଯାଇ ସନ୍ଧ୍ୟା ହେଲା, ସାନଭାଇ ଓ ସାଙ୍ଗ ମାନଙ୍କ ଗହଣରେ ଦିନଟା କେମିତି କଟିଗଲା ଯେ ଜଣା ପଡିଲାନି ମୁନାକୁ । ସନ୍ଧ୍ୟାଠୁଁ ଆରମ୍ଭ ହେଲା ବର୍ଷା, ସକାଳ ଭିତରେ ଗାଁ ନଈରେ ବନ୍ୟା ପାଣି ଆସିଯାଇଥାଏ । ଉଛୁଳା ନଈର ପାଣି ଏକୂଳ ସେକୂଳ ଖାଉଥାଏ । ସକାଳୁ ନଈକୂଳ ଆଡେ ବୁଲି ଆସିଲା ପରେ ପ୍ରଶାନ୍ତର ଖୁସି କହିଲେ ନସରେ, ଆଜି ନଈପହଁରା ହେବ । ରଜ ପାଗକୁ ପରୀକ୍ଷା ଫଳର ଖୁସି, ତା'ର ଡେଣାରେ ଯେମିତି ପର ଲାଗିଲା ପରି ଲାଗୁଥାଏ... ସତେ ଯେମିତି ସେ ଆକାଶରେ ଉଡ଼ିଲା ପରି ଅନୁଭବ କରୁଥାଏ । ନଈ ପହଁରିବା କଥା ଶୁଣିଲେ ବାପାଙ୍କଠୁ ଗାଳି ଶୁଣିବାକୁ ମିଳେ ।

 Magazine Downloaded from www.aahwaan.com

ସେଥିପାଇଁ ସକାଳୁ ସକାଳୁ ରଜ ପିଠା ଖାଇ, ସାଙ୍ଗ ମାନଙ୍କୁ ନେଇ ବାହାରିଲା ନଈକୂଳକୁ ଦୋଳିରେ ଝୁଲିବା ବାହାନା କରି ।

ସାନ ଭାଇ କୁନା ଜିଦ ଧରିଲା, "ଭାଇ ମୋତେ ବି ନେଇଚାଲ ଦୋଳିରେ ଝୁଲେଇ ଦେବୁ ।"

: "ମା' ମୁଁ କୁନାକୁ ନେଇ ଦୋଳି ଖେଳି ଆସୁଛି" ବୋଲି କହି ପ୍ରଶାନ୍ତ ଯାଇ ପହଞ୍ଚିଲା ନଈକୂଳରେ । ସାନଭାଇ ସାଥେ ଦଶ ମିନିଟ ଦୋଳି ଖେଳେଇ ଦେଇ ପ୍ରଶାନ୍ତ କହିଲା, "ତୁ ଏଇଠି ଖେଳୁଥା, କୁଆଡେ ଯିବୁନି, ମୁଁ ପାଞ୍ଚ ମିନିଟରେ ଯାଇ ଆସୁଛି ନଇକୂଳ ଆଡୁ ।"

ଏତିକି କହି ସାଙ୍ଗ ମାନଙ୍କ ସହ ମିଶି ନଇକୁଳ ଆଡକୁ ଛୁମନ୍ତର ହେଇଗଲା ପ୍ରଶାନ୍ତ । କୁନାକୁ ଏକୁଟିଆ କିଛି ଭଲ ଲାଗିଲାନି । ବଡଭାଇକୁ ଖୋଜି ସେ ବି ହାଜର ହେଇଗଲା ନଇକୁଳରେ । ସେତେବେଳେ ପ୍ରଶାନ୍ତ ଆଉ ତାର ସାଙ୍ଗମାନେ ନଈପହଁରାରେ ବ୍ୟସ୍ତଥା'ନ୍ତି । କୁନା ବଡ ଭାଇକୁ ଡାକି ଡାକି, ଯାଇ ନଇକୂଳରେ ବସି ପାଣି ପାଖରେ ବସି ପଡିଲା । ହାତ ବଢେଇ ଅଞ୍ଜୁଳାରେ ଅଞ୍ଜୁଳାଏ ପାଣି ଆଣୁଥାଏ ଆଉ ମୁଣ୍ଡ ଉପରେ ଛିଞ୍ଚି ହେଉଥାଏ, ଗୋଡ ବଢେଇ ପାଣିରେ ଚବ ଚବ ହେଉଥାଏ । ବଢି ପାଣିର ସୁଅ ଏକୂଳ ସେକୂଳ ଖାଉଥାଏ, ଏମିତି ପାଣି ସହ ଖେଳୁ ଖେଳୁ ଗୋଡ ଖସିଗଲା କୁନାର ଆଉ ବୋଉଲୋ କହି ଜୋର ପାଟି କରି ପଡିଗଲା ନଈଭିତରେ । ଅଥଳ ପାଣିରେ ଉବୁଟୁବୁ ହେଉଥାଏ କୁନା, କଣ ଗୋଟେ ପାଣିରେ ପଡିଗଲା ବୋଲି ପ୍ରଶାନ୍ତ ଆଉ ତାର ସାଙ୍ଗ ମାନେ ଫେରି ଚାହିଁବାରୁ ଦେଖିଲେ କୁନାକୁ ବଢିପାଣିର ସୁଅ ଭସେଇ ନେଇଯାଉଛି । ପ୍ରାଣବିକଳରେ ଡାକ ଛାଡିଲେ ସମସ୍ତେ, ଗାଁ ଲୋକ ଯିଏ ଯୁଆଡେ ଥିଲେ ସବୁ ନାଇକୂଳେ ହାଜର ହେଲେ । କାହା ହାତରେ ଦଉଡି ତ କାହା ହାତରେ କାତ ବାଡି, ନାଉରୀ ବି ନାଆ ନେଇ ହାଜର ହେଲା କିନ୍ତୁ ବଢି ପାଣିର ସୁଅ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏତେ ପ୍ରଖର ଥିଲା ଯେ ପାଞ୍ଚ ମିନିଟରେ କୁନାକୁ ଭସେଇ ନେଲା ଆଖି ନପାଇବା ଦୂରତାକୁ । ଦୀର୍ଘ ଏକ ଘଣ୍ଟାର ପରିଶ୍ରମ ପରେ କୁନାର ମୃତଦେହ ମିଳିଲା କିଛି ଦୂରରେ । ନିରାକାର ବାବୁ, ତାଙ୍କ ସ୍ତ୍ରୀ ପାର୍ବତୀ କାନ୍ଦି କାନ୍ଦି ଧରାଶାୟୀ ହୋଇଯାଉଥିଲେ । ସାନଭାଇର ମୃତ୍ୟୁକୁ ବିଶ୍ୱାସ କରି ପାରୁନଥାଏ ପ୍ରଶାନ୍ତ, ତାର ଦାୟିତ୍ୱହୀନତା ଯୋଗୁଁ ତାରି ଆଖି ଆଗରେ ନିଜର ଭାଇକୁ ହରେଇଲା ପ୍ରଶାନ୍ତ । ଶବଦାହ କରି ସମସ୍ତେ ଘରକୁ ଫେରିଲେ । ନିର୍ଦ୍ଧାରିତ ତାରିଖ ଓ ସମୟରେ ଶୁଦ୍ଧିକ୍ରିୟା ସମ୍ପନ୍ନ ହେଲା ।

ନିରାକାର ବାବୁ ଯେମିତି ପୂରାପୂରି ଭାଙ୍ଗି ପଡିଥିଲେ, ସବୁବେଳେ ଅନ୍ୟମନସ୍କ ରୁହନ୍ତି । ପ୍ରଶାନ୍ତର କଲେଜ ଏଡମିଶନ କଥା କିଛି ଚିନ୍ତା କରୁନଥିଲେ ନିରାକାର ବାବୁ କିନ୍ତୁ ପ୍ରଶାନ୍ତକୁ ଆଉ ଗାଁରେ ରହିବାକୁ ଇଚ୍ଛା ନଥାଏ । ସାନଭାଇର ସେ ନିରୀହ ଚେହରାଟି ସବୁବେଳେ ତା ଆଖିଆଗରେ ନାଚି ଯାଉଥାଏ । ତା'ର ମୃତ ଦେହକୁ ଧରିଥିବାର ସ୍ମୃତିକୁ ସେ ଭୁଲେଇ ପାରୁନଥାଏ । ଅନୁତାପରେ ତା ହୃଦୟ ସବୁଦିନ କାନ୍ଦି ଉଠେ, ରାତି ରାତି ନିଦ ହୁଏନା । ହୁଏତ ତା'ର ବାପାମା'ଙ୍କ ଠାରୁ ତାକୁ ବେଶୀ କଷ୍ଟ ହେଉଥାଏ । ଆଉ ନଇକୂଳକୁ କେବେ ବି ଯିବନି ବୋଲି ଶପଥ ନିଏ ।

ଇତି ମଧ୍ୟରେ ରେଭେନ୍ସା କଲେଜରେ ନାମ ଲେଖାଇବା ପାଇଁ ଫର୍ମ ପକେଇ ଦେଇଥାଏ ପ୍ରଶାନ୍ତ । କିଛିଦିନ ଭିତରେ ରେଭେନ୍ସା କଲେଜରୁ ଆଡମିଶନ ପାଇଁ ଚିଠି ଆସେ ମୁନାକୁ, ଛାତ୍ରାବାସରେ ରହି ପଢିବାପାଇଁ ମା'କୁ ବହୁତ ଅନୁରୋଧ କରେ । ସାନପୁଅ ଗଲା ପରେ ଗୋଟିଏ ବୋଲି ପିଲା ମୁନାକୁ ଛାତ୍ରାବାସରେ ରଖି ପାଠ ପଢାଇବାକୁ ଜମା ଇଚ୍ଛା ନଥାଏ ନିରାକାର ବାବୁଙ୍କର କିମ୍ବା ତାଙ୍କ ସ୍ତ୍ରୀ ପାର୍ବତୀଙ୍କର କିନ୍ତୁ ପ୍ରଶାନ୍ତର ଭବିଷ୍ୟତ ପାଇଁ ସେମାନେ ବାଧ୍ୟ ହୁଅନ୍ତି ତାର ଜିଦ ଆଗରେ । ଶେଷରେ ନିରାକାର ବାବୁ ମୁନାକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନେଇ ଛାଡି ଆସିଲେ ରେଭେନ୍ସା କଲେଜ ଛାତ୍ରାବାସରେ ।

ନିଜର ଦାୟିତ୍ୱହୀନତା ଯୋଗୁଁ ସାନଭାଇ କୁନା ଆଉ ଏ ଦୁନିଆରେ ନାହିଁ, ଏକଥା ପ୍ରଶାନ୍ତକୁ ସବୁବଳେ କଷ୍ଟଦେଉଥାଏ । କୁନାର ମୃତ୍ୟୁ ଘଟଣା ସେ ବହୁତ ଥର ସ୍ୱପ୍ନରେ ଦେଖିଛି, ତାକୁ ଯେମିତି କୁନା ବିକଳ ହେଇ କହୁଛି ଭାଇ ମୋତେ ବଞ୍ଚେଇ ଦେ... ବଞ୍ଚେଇ ଦେ ଭାଇ । ଆଗ ଭଳି ଖେଳକୁଦରେ ତାର ଆଉ ସ୍ପୃହା ନଥାଏ । ପାଠ ପଢାରେ ତା'ର ଆଗ ଭଳି ଧ୍ୟାନ ରୁହେନି । ପ୍ରଥମ ବର୍ଷ ପରୀକ୍ଷାରେ ତା'ର ଖରାପ ନମ୍ବର ରହେ ଆଉ ସେଥିପାଇଁ ନିରାକାର ବାବୁଙ୍କୁ କଲେଜ ପ୍ରିନ୍ସିପାଲ ଚିଠି ଲେଖନ୍ତି ପ୍ରଶାନ୍ତ ବିଷୟରେ ସବୁ କଥା ବୁଝିବା ପାଇଁ । ଏତେ ମେଧାବୀ ଛାତ୍ର ହେଇ ପ୍ରଶାନ୍ତ କାହିଁକି ପରୀକ୍ଷାରେ ଖରାପ କରୁଛି ସେକଥା ପ୍ରିନ୍ସପାଲଙ୍କୁ ଅଡୁଆ ଲାଗୁଥାଏ । ଇତିମଧ୍ୟରେ ତାର କିଛି ସାଙ୍ଗ ମାନଙ୍କୁ ପଚାରି ବୁଝିଲେ ପ୍ରିନ୍ସପାଲ, ହେଲେ ହଷ୍ଟେଲରେ କାହାକୁ କିଛି ଏବିଷୟରେ ଜଣେଇ ନଥାଏ ପ୍ରଶାନ୍ତ । ଏଇ ଅଳ୍ପ କିଛି ଦିନ ତଳେ ହଷ୍ଟେଲକୁ ନୂଆ କରି ଆସିଥିବା ରୋଷେଇବାଲା ହରି ନନାଙ୍କର ଗାଁ ପ୍ରଶାନ୍ତର ଘର ପାଖ ପାଖି । ହରି ନନା ବୟସ୍କ ଲୋକ, ଭାରି ନିରୀହ ଆଉ ସ୍ନେହୀ । ନିରାକାର ବାବୁଙ୍କୁ ସେ ଜାଣନ୍ତି । ତେଣୁ ସେ ପ୍ରଶାନ୍ତର ସାନ ଭାଇ କଥା ସହ ପୁରା ଘଟଣା ବି ଜାଣିଥିଲେ । ପ୍ରଶାନ୍ତ ସହ ଥରେ ଦୁଇଥର କଥା ହେଇଥାନ୍ତି ହଷ୍ଟେଲରେ । ଏମିତି ଦୁଃଖ ସୁଖ ଭିତରେ ପ୍ରଶାନ୍ତ ନିଜ ମନର କଥାଟି କହିଥାଏ ନନାଙ୍କ ପାଖେ ।

ଏଇ ତନାଘନା ଭିତରେ ନନାଙ୍କ ଠାରୁ ଖବରଟି ପାଇଲେ ପ୍ରିନ୍ସପାଲ । ପ୍ରଶାନ୍ତର ଇତିହାସ ଜାଣିବା ପରେ ସେ ତାଙ୍କର ବାପାଙ୍କର ସହ ସାକ୍ଷାତକୁ ଅପେକ୍ଷାରେ ଥା'ନ୍ତି ।

ପ୍ରିନ୍ସପାଲଙ୍କଠୁଁ ଚିଠିପାଇ ନିରାକାର ବାବୁ ଯାଇ ପହଞ୍ଚିଲେ କଲେଜରେ ସପ୍ତାହ ପରେ । ପ୍ରଶାନ୍ତର ପାଠ ପଢା କି ତା'ର ପୁରୁଣା ବଦମାସୀକୁ ନେଇ ନିହାତି ଗୋଟେ କିଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଡ଼ ଅସୁବିଧା ହେଉଛି ବୋଲି ନିରାକାର ବାବୁ ବହୁ ଚିନ୍ତାରେ ଥିଲେ । ଚିଠି ପାଇବା ଠାରୁ ନିଦ ହଜି ଯାଇଥିଲା ତାଙ୍କର ।

ପ୍ରିନ୍‌ସପାଲ ହରି ନନାକୁ ଡାକି ନିରାକାର ବାବୁଙ୍କ ଆଗରେ ପ୍ରଶାନ୍ତ ବିଷୟରେ ପଚାରି ବୁଝନ୍ତି । ନିରାକାର ବାବୁ ଓ ହରି ନନାଙ୍କ ଠାରୁ ସବୁ ଶୁଣିଲା ପରେ ପ୍ରିନ୍‌ସପାଲଙ୍କୁ ଅସଲି କାରଣ ବୁଝାପଡିଲା । ନିରାକାର ବାବୁଙ୍କୁ ଏକଥାର ଟିକେ ବି ସୁରାଗ ନଥିଲା ଯେ ପ୍ରଶାନ୍ତ ଏତେ ବଦଳି ଯିବ ବୋଲି ଆଉ ସାନଭାଇର ମୃତ୍ୟୁକୁ ନେଇ ପ୍ରଶାନ୍ତ ଏତେ ଗଭୀର ଆଘାତ ପାଇଥିବ ବୋଲି । ପ୍ରଶାନ୍ତ ନିଜକୁ ଦୋଷୀ ମନେ କରୁଛି, ମନରେ ମନରେ ନିଜ ଧିକାର କରୁଛି ବୋଲି ହୃଦୟଙ୍ଗମ କଲା ପରେ ନିରାକାର ବାବୁ ଏଥର ନିଶ୍ଚିତ ହେଇଯାଇଥିଲେ ଯେ ପ୍ରଶାନ୍ତ ଜୀବନରେ ପ୍ରଥମ ଥର ପାଇଁ ସତରେ ନିଜ ଭୁଲ ପାଇଁ ଅନୁତାପ କରୁଛି ଆଉ ମନେ ମନେ ବହୁତ ଆଶ୍ୱସ୍ତ ହେଲେ । ଘରକୁ ଫେରି ପାର୍ବତୀ ପାଖରେ ସବୁ ବଖାଣିଲେ, ମା'ର ଦରଦୀ ହୃଦୟରୁ ପୁଅ ପାଇଁ ସଂବେଦନା ଆଉ ଧାର ଧାର ଅଶ୍ରୁ ଗଡ଼ିଯାଉଥିଲା ନୟନରୁ । ପୁଅକୁ ଖୁସିରେ ରଖ ହେ ପ୍ରଭୁ କହି ଜଗନ୍ନାଥଙ୍କୁ ଡାକୁଥିଲେ ।

ଆଜି ପ୍ରଶାନ୍ତ ଏକ ସୁଧାର ପିଲାଟିଏ, ଯିଏ ନିଜର ଭବିଷ୍ୟତ ପାଇଁ ଯତ୍ନବାନ ବୋଲି ନିରାକାର ବୁଝି ଯାଇଛନ୍ତି ଆଉ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଫଳକୁ ଅପେକ୍ଷାରତ ଅଛନ୍ତି.. !

ବିନାୟକ ନଗର, ବାଙ୍ଗାଲୋର
ସମ୍ପାଦକ, କନକପ୍ରଭା ଓ ବିଜୟଧ୍ୱଜା ପତ୍ରିକା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶେଷ ଉପହାର



ଶ୍ରୀମତି ଯାଜ୍ଞସେନୀ ହୋତା

ରୂପ, ଗୁଣ, ବୁଦ୍ଧି, ଜ୍ଞାନ, ଧନ ମାନ ଥାଇ ବି କାହିଁକି ଗୋକୁଳବାବୁ ସଂସାର କଲେନି.. ସମସ୍ତଙ୍କ ମନରେ ପ୍ରଶ୍ନ ଉଠେ ଯାହା । ହେଲେ.. କାହାର ସନ୍ଦେହଟେ ନଥାଏ.....

କାରଣ, ତାଙ୍କ ଚରିତ୍ରର ସଫେଦ ଲୁଗା ସର୍ବଦା ଧଳା । କଳଙ୍କର ଦାଗଟିଏ ବି ଲାଗିନି କେଉଁଠି । କେହି ଯଦି କୁହନ୍ତି, ଏବେ ବି ସମୟ ଅଛି ସୁନ୍ଦରୀ ଝିଅଟେ ମିଳିବାର, ବୟସ କଣ ଗଡ଼ି ଯାଇଛି ଯେ ? ହସି ହସି ଉତ୍ତର ଦିଅନ୍ତି, ସ୍ୱାଧୀନ ଭାବରେ ବଞ୍ଚିବାର ମିଠା ଫଳ ଖାଇ ଶିଖିଲିଣି, ଆଉ ବୋଝ ଲଦି ହେବାର ସୌକ୍ ନାହିଁ ।

ଆଉ ବୁଢା ସମୟ ପାଇଁ ? ?

ସେ ବେଳ ଆସିବ ନାହିଁ । ହା ହା.. ହସନ୍ତି ଏକ ବିଜୟର ହସ ।

ଆମେ ଚିନ୍ତାରେ ପଡ଼ିଯାଉ ତାଙ୍କ ବାର୍ଦ୍ଧକ୍ୟ ସମୟର ଚିତ୍ର ଆଙ୍କିଲା ବେଳେ ।

ବାଘ ପରି ନିଶ, ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ପରିଶ୍ରମୀ, ସିଂହ ପରି ଗର୍ଜନ, ସୁଖୀ ଭୋଗୀ, ଖାଇବାରେ ପିନ୍ଧିବାରେ ରାଜକୀୟଠାଣୀ । ସେ ହେଉଛନ୍ତି ଗୋକୁଳ ସାର୍ । ବେସରକାରୀ ବିଦ୍ୟାଳୟର ଅଧ୍ୟକ୍ଷ । ଧନୀକର ପୁଅକୁ ବୋଲି ନୁହେଁ, ମଳି ମୁଣ୍ଡିଆର ଛୁଆକୁ ଆଦରରେ କୋଳରେ ବସେଇ ଗେଲ କରୁଥିବା ସଭିଙ୍କ ଆଦରର ଗୋକୁଳ ସାର୍ ।

ସମସ୍ତଙ୍କ ପାଇଁ ତାଙ୍କର ସହଯୋଗର ହାତଟିଏ ବଢିଆସେ । ସେଥିପାଇଁ ସେ ଆପଣାର ଲୋକଟିଏ.. ସଭିଙ୍କ ପାଇଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚିରଦିନ ହୋଟେଲ୍ ଖାଦ୍ୟ ଖାଉଥିବା ଗୋକୁଳ ବାବୁଙ୍କ ପକେଟରୁ ବାଏଁ ବାଏଁ ପଇସା ଉଡିଯାଏ ଅନେକ ଗରୀବ ଦୁଃଖୀଙ୍କ ପାଇଁ । ବଞ୍ଚି ଯାଆନ୍ତି ଅନେକ ଦୁଃଖୀ, ବେସାହାରା ମଣିଷ । ହିସାବ ଖାତା ନଥାଏ ତାଙ୍କର । ହେଲେ ବିପଦ କି ବାହାଘର କଥା ଛାଡିଦେଲେ କାହା ଘରେ ପାଦ ରଖିବାର କି କାହାଘରେ ଖାଇବାର କେହି ଦେଖି ନାହାନ୍ତି ତାଙ୍କୁ । ସ୍କୁଲରେ କଟେ ଦିନର ଅର୍ଦ୍ଧାଧିକ ସମୟ, ବାକି ସମୟ ଟିଉସନ୍ । ଦେହ ପାଇଁ ଚିନ୍ତାନାହିଁ, ନିଜ ପାଇଁ ଅବସର ନାହିଁ ।

ପ୍ରତି ଛୁଟିରେ ବାହାରକୁ ଯାଇ ଘେରେ ବୁଲିଆସିବାର ରୁଚିକୁ ସାର୍ଥକ କରିବା ପାଇଁ ଟିକେଟ ହେଇଥିଲା ଦଶହରା ଛୁଟିରେ । ବିଡମ୍ବନା, ବଜାର କରୁକରୁ ଦୁଇଟା ଷ୍ଟ୍ରୋକ୍ । କେଉଁ ଚାପରେ ରକ୍ତଚାପ କମୁନଥିଲା ତାଙ୍କର କେଜାଣି ! ହାହାକାର ସାରା ସହରରେ । ଗୋକୁଳ ସାର୍ କଣ ସତରେ ଚାଲିଗଲେ ? ନିର୍ମଳ ମନର ଲୋକଟିଏ ଥିଲେ । ସମସ୍ତଙ୍କ ହୃଦୟରେ । ତାଳ ପତ୍ର କାନ୍ଦିଗଲା ।

ସମ୍ପର୍କରେ ସେ ମୋ ପୁତୁରା ହେଲେ ବି, ଦୀର୍ଘ ତେର ବର୍ଷ ତାଙ୍କ ସହକର୍ମୀ ଭାବରେ ଗୋଟେ ଜାଗାରେ କାମ କଲାବେଳେ । ମୁଁ ତାଙ୍କୁ ସାର୍ ହିଁ ଡାକେ ସବୁବେଳେ । ଯଥାମାନ୍ୟ ସମ୍ମାନଟା ସବୁବେଳେ ସାଇତା ହେଇକି ଥାଏ ମୋ ପାଇଁ । ସେତେବେଳେ ସ୍ୱତନ୍ତ୍ର ଚୌକିଟିଏ ନଥାଏ ତାଙ୍କର । ଆମସହ ଏକାଠି ବସନ୍ତି । ବେଳେବେଳେ ହସଖୁସି ଥଟ୍ଟାମଜାରେ ଦୁଲୁକି ଉଠେ ସ୍କୁଲ୍ ଘର ।  ଯେମିତି କି ସେ ବି ଏକାପରି ସମସ୍ତଙ୍କ ସହ ।

ଲାଗେ ଏ ଏକ ଅନୁଷ୍ଠାନ ନୁହେଁ, ଭାଇଭଉଣୀ ଦାଦା ନାନୀ ଭାଉଜ ଖୁଡିଙ୍କୁ ନେଇ ଗଢ଼ି ଉଠିଥିବା ପରିବାରଟିଏ । ଏ ସ୍ନେହ ବନ୍ଧନରୁ ମୁକୁଳିବାର କାହାର ଇଚ୍ଛା ହୁଏନା । ଅଳ୍ପ ପାରିଶ୍ରମିକରେ ବି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋକୁଳ ସାର୍ ଆହା !!!

ମାତ୍ର ସତଚାଳିଶି ବର୍ଷ ବୟସରେ ଚାଲିଗଲେ ??

ରାତି ସାରା ଲୁହର ବନ୍ୟା ବନ୍ଧ ବାଡ ବୋଲ ମାନିଲେନି । ସେଇ ଗୋଟିଏ ଦୃଶ୍ୟ ଦିଶୁଥାଏ ଆଖିରେ । ଦେଖିଲେ ତ... ମୁଁ କେମିତି ଜିଣିଗଲି, ଗୋଟେ ବିକଟାଳ ହସ ହସୁଥିଲେ.. ମୋ ଆଖି ସାମନାରେ.. ନା ଜରା ଦୁଃଖ, ନା ବାର୍ଦ୍ଧକ୍ୟର ଅସହାୟତା...

ହା ହା ହା....।

ମୁଁ ହାରି ଯାଉଥିଲି, ଆଉ ଏକ ଅସହାୟତାରେ ।

ସକାଳେ ଶବ ସଂସ୍କାର ହବ । ଧାଇଁଲୁ ତାଙ୍କ ଗ୍ରାମ ଅଭିମୁଖେ, ଅନ୍ଧାର ହଟିବା ଆଗରୁ । ରାସ୍ତାର ଗଛସବୁ ବି ଏକ ନିରିହ ଦୃଷ୍ଟିରେ ଚାହିଁଲା ପରି ପ୍ରତୀୟମାନ ହେଉଥାଏ । ଶରତ ସକାଳର କୁହୁଡି.. ସାରା ଗାଆଁକୁ ଢାଙ୍କି ଦେଇଥାଏ, ମାଟିମାଆ ମୁହଁ ଢାଙ୍କି ଦେଇଛି ଅବା ଦୁଃଖରେ !! ଧାନ କ୍ଷେତ ବି କାନ୍ଦୁଛି କି ମଥା ପାତି ?

ଅନ୍ତର ଫାଡି ବାହାରି ଆସୁଥାଏ, କେବଳ ଗୋଟିଏ ପ୍ରଶ୍ନ । ଏମିତି ବି ମୃତ୍ୟୁ ହୁଏକି କାହାର ??? ପୂର୍ବ ରାତିର ବର୍ଷା ଜନିତ ଅଗଣାର ଓଦା ମାଟି ଉପରେ ଲେଉଟା ଖଟ । ତୂଳି ତଳ୍ପରେ ଯାହାଙ୍କୁ ନିଦ ହେଉ ନଥିଲା ଶୋଇଥିଲେ ସେ ଭଙ୍ଗା ଖଟିଆଟିରେ । ତାଙ୍କ ହାତରୁ ପାଞ୍ଚଟି ସୁନାମୁଦି ଗଳାରୁ ଚେନ୍ କାଢିଦିଆ ହେଲାଣି । ଆହା ! ସକାଳୁ ସଂଜଯାଏ ରଡି ରଡି ଯା'ର ତଣ୍ଟି ଶୁଖିଯାଉଥିଲା ପିଲାଙ୍କ ପାଇଁ, ସେ ଏମିତି ହଠାତ୍ ନିରବି ଗଲେ ? ନିତି ନିତି ଦାମୀ ପେଣ୍ଟ ସାର୍ଟ ସୁଟ୍ ବୁଟ୍ ପିନ୍ଧୁଥିବା ଗୋକୁଳ ସାର୍ ଙ୍କୁ କାହିଁକି ଢଙ୍କା ହେଇଛି ପରସ୍ତ ପରସ୍ତ ଧଳା ଧୋତି ? ମାଳ ସବୁ ପୋତି ହେଇଗଲାଣି । ଓଜନ କରୁ ନଥିବକି ତାଙ୍କୁ ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛାତିରେ ମୋର ଅସହ୍ୟ ଯନ୍ତ୍ରଣା ହେଉଥିଲେ ହେଁ ମୁଁ ବି ଢାଙ୍କିଦେଲି ଧଳାଧୋତି ଟିଏ । ଚୁପ୍ ଚାପ୍ ତୁଳସୀ କାଠ ଖଣ୍ଡେ ଗଳାରେ ଦେଇ ଅସ୍ପଷ୍ଟ ସ୍ୱରରେ କହିଲି ..ସାର୍ ! ଏଇ ମୋର ପ୍ରଥମ ଓ ଶେଷ ଉପହାର, ଖୁସିରେ ନେବେ.. । ଆପଣ କାହାକୁ କଷ୍ଟ ଦେଇ ନାହାନ୍ତି ଜୀବନରେ । ।

ଆପଣଙ୍କ ମୋକ୍ଷ ହେଇଯାଉ । ମିଳିତ କଣ୍ଠସ୍ୱରରୁ ଝରୁଥିବା ସେଇ ଶେଷ ପଦରେ ସାମିଲ ହେଇ ମୋ ମୁହଁରୁ ବି ବାହାରି ଆସିଲା.. ରାମ୍ ନାମ୍ ସତ୍ୟ ହେ... ରାମ୍ ନାମ୍ ସତ୍ୟ ହେ....।

ଆସ୍ଥା ପବ୍ଲିକ୍ ସ୍କୁଲ୍, ବେଲପଡା । ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେମିତି ଏ ପ୍ରେମ



ବିନୟ ମହାପାତ୍ର

କେହି ଜଣେ କହିଲା ରାସ୍ତା ସରିଆସିଲାଣି, ପ୍ରସ୍ଥାନ ପାଇଁ ଏବେ ପ୍ରସ୍ତୁତି ଆରମ୍ଭ କରିଦିଅ । ହଁ ସତକଥା, ପଥ ସରେ, ଅଲଗା ଅଲଗା ସମୟରେ ଷ୍ଟେସନ ଆସିଯାଏ, ଯାତ୍ରୀର ଯାତ୍ରାବି ସରିଯାଏ । ପ୍ରସ୍ଥାନ ପାଇଁ ବିଶେଷ କିଛି ପ୍ରସ୍ତୁତିର ଆବଶ୍ୟକତା ନାହିଁ, ସାଥିରେ ଲଗେଜ ନଥାଏ, ଏକା ଏକା ଓହ୍ଲାଇ ପଡିବାକୁ ହୁଏ ନିର୍ଦ୍ଦିଷ୍ଟ ଷ୍ଟେସନରେ । ସାଥିରେ ଆଉ କେହି ନାହିଁ, ନା' ସାଙ୍ଗ ନା' ସଙ୍ଗିନୀ । କେଉଠି ଗୋଟାଏ ଆର୍ଟିକଲ୍‌ରେ ପଢ଼ିଥିଲି, ଜଣେ ମହାପୁରୁଷ କହିଥିଲେ ତୁମର ପ୍ରକୃତ 'ଲାଇଫ ପାର୍ଟନର' କିଏ, ସେ ବିଷୟରେ । ତାଙ୍କ କହିବା ଅନୁସାରେ ମାଆବାପା, ଭାଇଭଉଣୀ, ପତ୍ନୀ ବା ସନ୍ତାନ କେହିବି ତୁମର ଜୀବନସଙ୍ଗିନୀ ନୁହନ୍ତି, ଏପରିକି ପତ୍ନୀବି ନୁହେଁ । ତୁମର ନିଜ ଶରୀର ହିଁ ତୁମର ଜୀବନ ସଙ୍ଗିନୀ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ତୁମର ସାଥିରେ ରହେ । ସତ କଥା ତ, ଶରୀର ଛାଡିଲା ପରେ ଆଉ କିଏ ସାଙ୍ଗରେ ଥିବ ? କିନ୍ତୁ ମନରେ ଗୋଟିଏ ପ୍ରଶ୍ନ ଆସେ, ମୁଁ କଣ କେବଳ ଆତ୍ମା ? ଶରୀରରେ ପ୍ରବେଶ ଓ ପ୍ରସ୍ଥାନ ପର୍ଯ୍ୟନ୍ତ ସାଥିରେ ରହେ ? ତେବେ ପ୍ରାଣ କଣ ? ପ୍ରେମ କଣ ? ଏ ସବୁ କଣ କେବଳ ମାୟା ? ଏ ସବୁ ଯଦି ମାୟା, ତେବେ ଏଇ ମାୟା ହିଁ ଉତ୍ତମ, ମାୟା ମଣିଷକୁ ବଞ୍ଚିବା ଶିଖାଏ ଏବଂ ଏଇ ମାୟା ସହିତ ମଣିଷ ବଞ୍ଚେ ଓ ମରେ । କେବଳ ଶରୀର ଜୀବନ ସଙ୍ଗିନୀ ନୁହେଁ, ପ୍ରାଣ ଅଛି ତ ପ୍ରେମ ଅଛି, ବନ୍ଧନ ଅଛି ଏବଂ ଆମର ପ୍ରାଣ ଆମର ମାଆ ବାପା ଭାଇ ଭଉଣୀ ପତ୍ନୀ ସନ୍ତାନ ସମସ୍ତଙ୍କ ଭିତରେ ବାଣ୍ଟି ହୋଇଯାଇଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଇ ଦି ଘଣ୍ଟା ଆଗରୁ ତ ସକାଳ ହୋଇଛି, ସୂର୍ଯ୍ୟ ଏବେଯାଏ ଭଲ ଭାବରେ ଦି'ପାଦ ଆଗକୁ ବଢିନି । ହେଲେ ସିଏ, ସିଏ ମାନେ ମୋର ପ୍ରାଣପ୍ରିୟା ପତ୍ନୀ ସୁନୀତି ଦେବୀ, ହା ହା ଆପଣ ଭାବୁଥିବେ, ମୁଁ ପ୍ରାଣପ୍ରିୟା ଏଇଥିପାଇଁ କହୁଛି କାରଣ ତାଙ୍କୁ ମୁଁ ମୋର ନିଜ ପ୍ରାଣଠାରୁ ଅଧିକ ଭଲପାଏ । ଆରେ ନା' ନା' ସେମିତି ଜମାରୁ ନୁହେଁ, ଯେତେ ଭାବୁଛନ୍ତି ମୁଁ ସେତେ ଭଲପାଏନା ତାଙ୍କୁ । ପ୍ରାଣପ୍ରିୟା ଏଇଥିପାଇଁ କହେ, କାରଣ ସେ ମୋର ଅଧାପ୍ରାଣ ଆଉ ତାଙ୍କର ସେଇ ଅଧାପ୍ରାଣ ମୋ ଅଧାପ୍ରାଣ ସଙ୍ଗେ ସଂଯୁକ୍ତହୋଇ ଗୋଟିଏ ପ୍ରାଣ ହୋଇଯାଇଛି । ଏଇଥି ପାଇଁ ଆମ ଦୁଇଜଣଙ୍କ ପ୍ରାଣ ଏକାଠି ମିଶି ଯେଉଁ ଗୋଟିଏ ପ୍ରାଣ, ପୁଣି ସେଇଟା ଆମ ଦିଜଣଙ୍କ ପାଖରେ ଅଧା ଅଧା ହୋଇଅଛି । ଆମେ ଦିଜଣ ସମାନ ସମାନ ପ୍ରେମକରୁ, ତେଣୁ ସେ ମୋର ପ୍ରାଣପ୍ରିୟା । ସେଇଥି ପାଇଁ ତାଙ୍କୁ ପ୍ରାଣପ୍ରିୟା କହେ ।

ଏବେ ଠାକୁର ଘରେ ଘଣ୍ଟି ବାଜିବାର ଶବ୍ଦ ଶୁଭୁଛି, ଗୁଣୁ ଗୁଣୁ କରି କିଛି ମନ୍ତ୍ର ସ୍ୱର ବି ଶୁଭୁଛି । ଠିକ୍ ଭାବେ ବୁଝି ହେଉନି ତଥାପି.. ବୋଧହୁଏ ଓଁ ଭୁର୍ଭୂବଃ ସ୍ୱଃ ତତ୍ ସ ବିତୁର୍ବରେଣ୍ୟଂ... ମାନେ ଗାୟତ୍ରୀମନ୍ତ୍ର ହୋଇପାରେ । ମିଠା ମିଠା ଧୂପକାଠିର ମହକ ଭାସି ଆସୁଛି ପବନରେ । ମୁଁ ତ ପୂଜାପାଠ କରେନି, ତେଣୁ ସେ ମୋ ଭାଗର ପୂଜାଟା ବି ସେ କରିଦିଅନ୍ତି ଆଉ ସେଇଥା ପାଇଁ ବୋଧହୁଏ ତାଙ୍କୁ ଏତେ ସମୟ ଲାଗିଯାଏ । ଏତେ ସମୟ, ମାନେ ୨୦ରୁ ୨୫ ମିନିଟ୍ । ଯଦି କେବେ ପଚାରେ ଏତେ ପୂଜାପାଠ କରି କଣ ମାଗୁଛ ଠାକୁରଙ୍କୁ ? ସେ କିଛି କହନ୍ତିନି, ଖାଲି ଟିକିଏ ହସିଦିଅନ୍ତି ! ସେଇ ହସ ଯେମିତି କହେ, ତୁମେ ତ ସବୁ ଜାଣିଛ, ପୁଣି ପଚାରୁଚ କଣ ? ହଁ ସତ କଥା, ମୁଁ ଜାଣେ ସେ ବରଦାନରେ କଣ ଚାହାଁନ୍ତି । ପ୍ରଥମେ ତ ଘର ପରିବାରର ସମସ୍ତଙ୍କର କୁଶଳ ମଙ୍ଗଳ, ମାନେ 'ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟଃ' ତାପରେ ମୋ ପାଇଁ ଟିକିଏ ସ୍ପେସାଲ ବର ମାଗନ୍ତି, ମୋ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେହ ଭଲ ରହୁ, ମୁଁ ନିରୋଗ ରହେ, ଶତାୟୁ ହୁଏ ଏବଂ ସର୍ବଦା ସୁସ୍ଥ ସବଳ ରହେ । ସର୍ବଶେଷରେ ନିଜପାଇଁ ଏକ ବିଶେଷ ବରଦାନ ମାଗନ୍ତି । ନିଜ ପାଇଁ ମୃତ୍ୟୁର ବରଦାନ, ହେ ପ୍ରଭୁ ମୋତେ ଅହ୍ୟ ସୁଲକ୍ଷଣୀ କର, ହାତରେ ଚୁଡି, ମଥାରେ ସିନ୍ଦୁର ସହିତ ମୋତେ ବାହୁଡାଇ ନିଅ !

ଏଇ ଏବେ, ଘଣ୍ଟି ଶବ୍ଦ ବନ୍ଦ ହୋଇଗଲା, ଭିତରୁ ସୁନୀତି ଦେବୀଙ୍କର ପାଟି ଶୁଭିଲା । ପୁଅ ବୋହୁଙ୍କ କବାଟ ଠକ୍ ଠକ୍ କରି ସେମାନଙ୍କୁ ଉଠେଇଲେ, ଆରେ ଉଠରେ ସକାଳ ହୋଇଗଲାଣି, ଆଠଟା ବାଜିଲାଣି, ଅଫିସ୍ ନାହିଁ କି ଆଜି ? ଚା ତିଆରି କରିଦେଇଛି । ଉଠିକି ପିଇଦିଅ, ଥଣ୍ଡା ହେଲେ ଆଉଥରେ ଗରମ କରିବାକୁ ପଡିବ, ବାରମ୍ବାର ଗରମ କଲେ ଚାହା ଭଲ ଲାଗିବନି । ସକାଳେ ସେ ଗାଧୋଇ ଠାକୁରପୂଜା କରିବା ଆଗରୁ ମୋତେ କପେ ଚାହା ଦେଇ ସାରିଛନ୍ତି । ଏବେ ପାଣି ଗଡୁଟାଏ ନେଇ ଏପଟେ ଆସିବେ । ଏଇ ବାରଣ୍ଡା ତଳକୁ ଲାଗି ବୃନ୍ଦାବତୀଙ୍କ ଚଉରାଟା । ସେଠି ତୁଳସୀରେ ପାଣିଦେବେ । ଧୂପକାଠିଟିଏ ଜାଳିବେ, ମୁଣ୍ଡିଆମାରି ଗୁଣୁଗୁଣୁ ହୋଇ କଣ ମାଗିବେ । କିଏ ଜଣେ ପଣ୍ଡିତେ କହିଥିଲେ ତୁଳସୀ ପାଖରେ ସକାଳେ ଧୂପ ଆଉ ସଂଜରେ ଦୀପ ଜାଳିବ । ସେବେଠୁ ସେ ସେମିତି କରୁଛନ୍ତି, ସକାଳେ ଧୂପକାଠି ଆଉ ସଂଜରେ ଘିଅ ସଳିତାରେ ଦୀପଟିଏ ଜାଳନ୍ତି । ସଂଜ ସକାଳରେ ସେଇ ଏକାକଥା ଜଣାନ୍ତି ବୃନ୍ଦାବତୀଙ୍କୁ, ଆଉ ମାଗନ୍ତି ସେଇ ଗୋଟିଏ ବରଦାନ । ଆପଣଙ୍କୁ ତ କହିଥିଲି ସେ ବରଦାନ କଥା ।

ବୃନ୍ଦାବତୀଙ୍କ କାମ ସାରି ବାରଣ୍ଡା ଉପରକୁ ଚଢୁ ଚଢୁ ଘରଣୀ କହିଲେ, ତୁମେ ଏବେ ଗାଧୋଇବ ନା ଜଳଖିଆ ଆଣିଦେବି, ଖାଇକି ପରେ ଗାଧୋଇବ । କହିଲି ଆରେ ଦେହଟା ଟିକେ ଭଲ ଲାଗୁନିତ, ତୁମେ ଏବେ ଖାଲି ଚାହା କପଟେ ଦିଅ, ଟିକେପରେ ଦାନ୍ତ ଘଷିଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଳଖିଆ କରିବି । ବାରଟା ପରେ ଗାଧୋଇବି । ଏବେ ଆଉ କୋଉ ଅଫିସ ଯିବାର ଚିନ୍ତା ଅଛି ଯେ । ଦେହ କଥା ଶୁଣି ସେ ଟିକେ ଗମ୍ଭୀର ହୋଇଗଲେ । ଗଡୁଟାକୁ ସେଇଠି ତଳେ ଥୋଇଦେଇ ଲୁଗାକାନିରେ ହାତ ପୋଛୁ ପୋଛୁ ପାଖରେ ଆସି ହାଜର, ମୁଣ୍ଡରେ ହାତମାରି କହିଲେ ତାତି ତ ନାହିଁ, କଣ ଲାଗୁଛି ତୁମକୁ ? କହିଲି ଆରେ ଜର ଫର ନାହିଁ ମ, ଅଣ୍ଟାଟା ଟିକେ ଖାଲି ଦରଜ ଦରଜ ଲାଗୁଚି । ହଠାତ୍ ଘରଣୀଙ୍କ ମୁହଁର ଭାବ ବଦଳିଗଲା । ବଡ ବଡ ଆଖି କରି କହିଲେ, ରିଟାୟର୍ଡ ପରେ ନା ତୁମ ରୁଟିନ ବଦଳି ଯାଇଛି ପୁରାପୁରି । ଦିନଟା ସାରା ସେଇଠି ବସି କଣ ସବୁ ପଢୁଛ ନହେଲେ ଲ୍ୟାପଟପ୍ ପାଖରେ ବସି କଣ ଲେଖାଲେଖି କରୁଚ । କେତେ ଥର କହିଲିଣି ଟିକେ ସକାଳ ସଂଜରେ ମର୍ଣିଂ ୱାକ୍‌ରେ ଯାଅ, ନହେଲେ ରାମଦେବ ବାବାଙ୍କ ସିଡି ଦେଖି ଦେଖି ଟିକେ ଯୋଗ କି ପ୍ରାଣାୟମ କର । ହେଲେ ତୁମେ କଣ ଶୁଣିବ କାହା କଥା । ବୁଢା ହୋଇ ଗଲଣି ଆଉ କଣ ସେଇ ବୟସ ଅଛି, ଏମିତି ଏତେ ସବୁ କରିବାକୁ । ତୁମେ ପୁରାପୁରି ଅଳସୁଆ ହୋଇ ସାରିଲଣି । କାଲି ସକାଳେ ମୁଁ ଉଠିଲା ବେଳେ ତୁମକୁ ଉଠାଇଦେବି । ତୁମକୁ ଯଦି ଡର ଲାଗୁଚି ମୁଁ ଯିବି ତୁମ ସାଙ୍ଗରେ ମର୍ଣ୍ଣିଂ ୱାକ୍‌ରେ ।

ମୁଁ ମନେ ମନେ ଟିକେ ହସିଲି, ଭାବିଲି ଏଇଟା ବୋଧେ କୋଡିଏ କି ପଚିଶତମ ଧମକି ତାଙ୍କର । ଆଗରୁ କେତେଥର ଏମିତି କହି ସାରିଲେଣି । ସକାଳେ ଯେତେବେଳେ ଉଠିବେ ଆଉ ଦେଖିବେ ମୁଁ ନିଶ୍ଚନ୍ତରେ ଶୋଇଚି ତାଙ୍କର ଦୟା ଆସିଯିବ ମୋ ଉପରେ । ଭାବିବେ, ଆହା କେଡେ ଗାଢ ନିଦରେ ଶାନ୍ତିରେ ଶୋଇଛନ୍ତି । ଚାକିରୀ ଥିବା ସମୟରେ କି ପିଲାଏ ଚାକିରୀ କରିବା ଆଗରୁ ଏମିତି କେବେ ଶାନ୍ତିର ଶୋଇବା ଦେଖିନି । ଏ ବୟସରେ ଟିକେ ଶାନ୍ତିରେ ଶୋଇଛନ୍ତି ତ ଶୁଅନ୍ତୁ, ଯେତେବେଳେ ନିଦ ଭାଙ୍ଗିବ ଆପେ ଉଠିଯିବେ । ମୋତେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଠାଇବାକୁ ତାଙ୍କର ହାତ ଯାଏନି ।

ପିଲାମାନେ ଉଠିସାରିଲେଣି, ରୋଷେଇ ଘରେ ଡେକଚି, କଡେଇ, ପିଠାଖଡିକା ନିଜ ନିଜ କାମରେ ଲାଗିଗଲେଣି, ବୋହୁ ରେଷେଇଘର ଚାର୍ଜ ପୁରା ସମ୍ଭାଳି ନେଲେଣି । ଘରଣୀଙ୍କର ଏବେ ନାତୁଣି ଉଠିବା ପର୍ଯ୍ୟନ୍ତ ରେଷ୍ଟ । ନାତୁଣୀ ମାନେ ଆମ ଗୁଡୁ, ତା ନାଆଁ ଗୁଡୁ, ସେ ଉଠିଗଲେ ସୁନୀତା ଦେବୀ ପୁଣି ବିଜି ହୋଇଯିବେ ତା ସାଙ୍ଗରେ, ଛୁଆଟିଏ ଥିଲେ ଘରେ କେତେ ଗହଳ ଚହଳ ଲାଗି ରହିଥାଏ । ଏଇ ଆସନ୍ତା ପନ୍ଦର ତାରିଖକୁ ନଅ ପୁରି ଦଶ ମାସ ଚାଲିବ ତାକୁ । ଦାନ୍ତ ଉଠିନି ଏଯାଏ, ଠିଆ ଠିଆ ହେଉଛି, ଆଣ୍ଠେଇ ଆଣ୍ଠେଇ ଗୁରୁଣ୍ଡୁଚି ଏବେ । ତା ପଛେ ପଛେ କେହି ଜଣେ ସାରା ଦିନ ବିଜି । ସେ ଶୋଇ ପଡିଲେ ଘରଟା ଶୁନଶାନ ନିଛାଟିଆ ଲାଗୁଛି, ମନ ହୁଏ, ସେ ନ' ଶୁଅନ୍ତା ହେଲେ, ଏମିତି ଖେଳୁଥାନ୍ତା ପାଟି କରୁଥାନ୍ତା, ପୁଣି ନିଦରୁ ଉଠିଗଲେ, ମନେ ହୁଏ, ଓହଃ, କେତେ ଦୁଷ୍ଟ ହେଉଛି, ଟିକେ ଶୋଇପଡନ୍ତା ହେଲେ । ବଡ ବିଚିତ୍ର ପରିସ୍ଥିତି ।

ଘରଣୀ କପେ ଚା, ଦି'ଖଣ୍ଡ ବିସ୍କୁଟ ଆଉ ଟାବ୍‌ଲେଟ୍‌ଟିଏ ନେଇ ଆସିଲେ, କହିଲେ ବିସ୍କୁଟ ଦିଖଣ୍ଡ ଖାଇ ଏ ଟାବ୍ଲେଟ ଟା ଖାଇଦିଅ, ଅଣ୍ଟା ଦରଜ କମିଯିବ । ମୁଁ ପଚାରିଲି କେଉଁ ଟାବ୍ଲେଟ ଏଇଟା, ସେ କହିଲେ, ମୋ ଅଣ୍ଟା ଦରଜ ବେଳେ ଯେଉଁ ଟାବ୍ଲେଟ ଆଣିଥିଲ ସେଥିରୁ ବଳିଥିଲା । ଭଲ ଔଷଧଟା ମୋର ଏକଦମ୍ ଠିକ୍ ହୋଇଗଲା । ତୁମେ ବି ଖାଇଦିଅ, ଆରାମ ଲାଗିବ । ଟାବ୍ଲେଟଟା ହାତକୁ ନେଉ ନେଉ ପଚାରିଲି, କଣ କରିବ ଏବେ, ଗୁଡୁ ତ ଉଠିନଥିବ ଏଯାଏ, ତୁମେ ଗାଧୋଇ ସାରିକି ପୂଜା ପାଠ ତ କରି ସାରିଲଣି, କିଛି ଖାଇଲଣି ନା ନାହିଁ? ଗାଧୋଇ ବେଶି ସମୟ ଖାଲି ପେଟ ରହିଲେ ପେଟ ଗରମ ହୋଇଯିବ, ତୁମର ପୁଣି ଗ୍ୟାସ ପ୍ରୋବ୍ଲେମ ଅଛି । କିଛି ଖାଇନିଅ ଯାଅ । ସେ କହିଲେ ନେଇକି ଆସିଛି ପରା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଟେ ବାସିରୁଟି ଆଉ ଚା । ବୋହୁ ଜଳଖିଆ ତିଆରି କରୁଛି, ତୁମେ ଦାନ୍ତ ଘଷିଲା ସାରିଲା ପରେ ଏକାଠି ଖାଇନେବା ।

କହିଲି ଟିକିଏ ବସ ଏଇଠି । ତା'ପରେ ଆମେ ଚାହା ପିଇବାକୁ ଲାଗିଲୁ, ମୁଁ ତାଙ୍କ ମୁହଁକୁ ଚାହିଁଥାଏ ତାଙ୍କର ସେଇ ଲାବଣ୍ୟମୂର୍ତ୍ତିକୁ ନିରଖି ଦେଖୁଥାଏ । ଆଉ ଭାବୁଥାଏ ସେଇ ଅତୀତକୁ । ଦେଖୁ ଦେଖୁ ସମୟ କେତେ ଜଲଦି ଚାଲିଗଲା, ଜାଣି ହେଲାନି । ଆଜିବି ମନେପଡେ ନାଲି ଶାଢୀରେ ଢଙ୍କା ସେଇ କୋଡିଏ ବର୍ଷର ଝିଅଟି । ଫୁଲରେ ସଜା କାରରୁ ବଡ ସନ୍ତର୍ପଣରେ ଲାଜେଇ ଲାଜେଇ, ଡରି ଡରି ମଥାକୁ ନୋଇଁ ମୋରି ଆଗେ ଆଗେ ପାଦ ବଢାଇ ଚାଲି ଆସିଥିଲା ଆମ ଘରର ଏରୁଣ୍ଡି ବନ୍ଧ ପାଖକୁ । ସେଇଠି ବାଟ ଅଟକେଇ ଠିଆ ହୋଇଥିଲା ମୋ ସାନ ଭଉଣୀ, ନଣନ୍ଦ ପୁଟୁଳି ପାଇଁ ଅଳି କରିଥିଲା । ନଣନ୍ଦ ପୁଟୁଳି ନଦେଲେ ବାଟ ଛାଡିବିନି । ମାଆ ପଛରେ ଥାଇ ପାଟିକଲା । ହଇରେ ନୂଆ ବୋହୁଟାକୁ ଭିତରକୁ ଆସିବାକୁ ଦେ ଆଗ, ଘରକୁ ଆସିଲେ ସିନା ତୋତେ ଦେବ ତୋ ପୁଟୁଳି । ଦୁଆରବନ୍ଧ ଉପରେ ଲୁଗାଖଣ୍ଡେ ଆମ ମୁଣ୍ଡ ଉପରେ ଟେକି ଧରିଥିଲେ ଗୋଟେ ପଟେ ବଡ ଭେଣେଇ ଆଉ ଆରପଟଟା ଆଉ କିଏ ଜଣେ ଭାଇ ହେବେ, ନାଆଁ ମନେ ପଡୁନି । ସେଇଦିନ ସେ ଗୃହପ୍ରବେଶ କଲେ । ଏଇ ଘରକୁ ଆସି ସେ ଏଇ ଘରର ହୋଇଗଲେ । ସଭିଙ୍କୁ ଆପଣାର କରିନେଲେ । ନା' କେବେ କିଛି ଅଭିଯୋଗ ନା କିଛି ବିଶେଷ ମାଗୁଣି । ସବୁବେଳେ ସବୁଥିରେ ସନ୍ତୁଷ୍ଟ, ସେ ଅଳ୍ପ ହେଉ ବା ବେଶି, ଯେବେ କିଛି ବି ନମିଳେ ସେତେବେଳେ ବି । ଅଜଣା ଝିଅଟିଏ ଏମିତି ଦିନେ ମୋ ଘରର ସମସ୍ତ ଦାୟିତ୍ୱ, ସମସ୍ତ ବୋଝ ନିଜ ମୁଣ୍ଡରେ ଉଠେଇନେଲା । ଆଜି ତା ବିନା ସବୁ ଅଚଳ । ଏବେ ଘରକୁ ବୋହୁ ଆସିଲା ପରେ ବି ତାଙ୍କ ଚିନ୍ତା ସରୁନି । କେହି କିଛି କରିବାକୁ କହୁ କି ନକହୁ ପଛେ ସେ

 Magazine Downloaded from www.aahwaan.com

ସବୁଥିରେ ନିଜକୁ ବ୍ୟସ୍ତ କରିନେଉଛନ୍ତି । ବୋହୂ କେତେଥର କହିଲେଣି, ବୋଉ ଆପଣ ଟିକେ ରେଷ୍ଟ କରନ୍ତୁ । ଗୁଡୁକୁ ଧରି ଗୋଟିଏ ଜାଗାରେ ବସନ୍ତୁ । ବୟସ ହୋଇଗଲାଣି, ଏ ବୟସରେ ଏତେ କାମ କରି ଥକି ଯାଉଛନ୍ତି । କେବେ ଦେହ ଖରାପ ହୋଇଗଲେ କିଏ କଷ୍ଟ ପାଇବ ? ହେଲେ ସେ କଣ କାହାକଥା ଶୁଣିବେ !

ସେ ଚାହା ପିଉ ପିଉ ମୋ ମୁହଁକୁ ଦେଖି ପଚାରିଲେ କଣ ଦେଖୁଚ ? କଣ ଭାବୁଚ ଏମିତି ମୋ ଆଡକୁ ଅନେଇ ? କହିଲି, ଆରେ ନାଇ ନାଇ କିଛି ନାହିଁ । କିଏ କହିଲା ମୁଁ ତୁମକୁ ଦେଖୁଥିଲି ବୋଲି । ତୁମେତ ବୁଢ଼ୀ ହୋଇଗଲଣି, ଦେଖିବା ଭଳି ତୁମ ପାଖରେ ଆଉ କଣ ଅଛି ଯେ ଦେଖିବି ? ସେ ଟିକେ ହସି କହିଲେ ଆଚ୍ଛା ଆଜି ମୁଁ ବୁଢ଼ୀ ଲାଗୁଚି ତୁମକୁ । ହଉ ବୁଢ଼ୀ ତ ହେଇଗଲିଣି, ଆଉ କାହିଁକି ଦେଖିବ ମୋତେ ! ସାଙ୍ଗେ ସାଙ୍ଗେ କଥା ବଳେଇ କହିଲି ଆରେ ନାଇମ ତୁମେ କାହିଁକି ବୁଢ଼ୀ ହେବ, ତୁମକୁ ଦେଖିଲେ କିଏ କହି ପାରିବ ତୁମର ନାତିନାତୁଣୀ ହୋଇ ସାରିଲେଣି ବୋଲି । ଆଜିବି ସେମିତି ଦିଶୁଛ ଯେମିତି ନୂଆବୋହୂ ହେଇ ଆସିଲା ବେଳେ ଦିଶୁଥିଲ । ହଁ ଥାଉ ଥାଉ ତୁମର ସେ ଚାଟୁକଥା, କହି ସେ ମୁହଁ ବୁଲେଇ ବସିଲେ । ମୁଁ କଥା ବୁଲେଇ ପଚାରିଲି, ଆରେ ତୁମେ ଠାକୁରଙ୍କୁ ନିତି ପୂଜା କରୁଛ, ବୃନ୍ଦାବତୀଙ୍କ ପାଖେ ସବୁଦିନ ସଳିତା ଜାଳୁଛ କଣ ମାଗୁଛ ଠାକୁରଙ୍କୁ ? ସେ କହିଲେ ତୁମେ କଣ ଜାଣିନ ? ଠାକୁରଙ୍କୁ ଯାହା ମାଗନ୍ତି, ସେକଥା କାହାକୁ କୁହାଯାଏନା, ସେଇଟା ଗୋପନ ରଖାଯାଏ ।

ମୁଁ ତାଙ୍କ ମୁହଁକୁ ଚାହିଁଲି, ମନେ ମନେ ଭାବିଲି, ହଁ ମୁଁ ଜାଣେ, ସବୁ ଜାଣେ । ଦୁନିଆର ସବୁ ନାରୀଙ୍କ ପରି ତୁମେ ବି ପ୍ରତିଟି ସକାଳେ ଦିଅଙ୍କ ଆଗେ ମଥା ନୋଇ, ଅବା ପ୍ରତି ସଂଜ୍ଞରେ ବୃନ୍ଦାବତୀଙ୍କ ପାଖେ ସଞ୍ଜ ସଳିତା ଜାଳିଦେଇ ନିଇତି ମୋ ପାଇଁ ଦୀର୍ଘଜୀବନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଗ, ଆଉ ବିନତୀକର ହେ ପ୍ରଭୂ ମୋତେ ଅହ୍ୟ ସୁଲକ୍ଷଣୀ କର, ସଙ୍ଖା ସିନ୍ଦୁର ସାଙ୍ଗରେ ମୋତେ ବାହୁଡାଇ ନିଅ । କିନ୍ତୁ ତୁମେ ଜାଣନା, ମୋ ପ୍ରାଣ କେତେ ନିର୍ଲଜ, ମୁଁ ଯେତେବେଳେ ତୁମ କଥା ଭାବେ, କେତେ ସ୍ୱାର୍ଥପର ହୋଇଯାଏ । ଭଗବାନଙ୍କୁ କୁହେ, ହେ ପ୍ରଭୂ ମୋ ପ୍ରାଣପ୍ରିୟାର ପ୍ରାର୍ଥନା ସ୍ୱୀକାର କର । ମୁଁ ବି ତୁମ ପାଇଁ ସେଇଆ କାମନା କରେ, ହେ ପ୍ରଭୂ, ମୋ ଅର୍ଦ୍ଧାଙ୍ଗିନୀର ପ୍ରାର୍ଥନା ସ୍ୱୀକାର କରିନିଅ, ମୋ ପୂର୍ବରୁ ତାକୁ ନେଇଯାଅ ! ହେଲେ କେମିତି କହିଦେବି, ତୁମ ବିନା ଜୀବନଟା ମୋ ପାଇଁ କେମିତି, କେତେ ଦୁର୍ବିସହ ହୋଇଯିବ ।

ଚନ୍ଦନ ଗଛ ତା'ର ସୁଗନ୍ଧ ପାଇଁ ଆଦର ପାଏ, କେତେ ସମ୍ମାନ ପାଏ, ତାର ଜୀବନ ସାର୍ଥକ ହୋଇଯାଏ । ଯଦି ଚନ୍ଦନ ଗଛରୁ ତା ବାସ ଚାଲିଯାଏ ତା'ର ଆଉ କଣ ବା ମୂଲ୍ୟ ରହିଯାଏ ? ନିର୍ଜୀବ କାଠ ଗଡଟାଏ ହୋଇଯାଏ ସିନା । କେବଳ ଦହନର ଅପେକ୍ଷାରେ ରହେ, ଚୁଲିରେ ନହେଲେ ମଶାଣୀରେ ଜୁଇର ଚିତା ଜଳାଇବାର କାମରେ ଆସେ । ତୁମେ ଯେ ମୋର ସେଇ ସୁଗନ୍ଧ, କେମିତି ବୁଝେଇ ଦେବି ତୁମକୁ । ତୁମେ ହୁଏତ ଜାଣନା ମୋ ପାଇଁ ତୁମେ କ'ଣ, ତୁମେ କେବଳ ମୋର ଅର୍ଦ୍ଧାଙ୍ଗୀ, ଅଧା ଶରୀର ନୁହେଁ ତୁମେ ତ ମୋର ଅଧାପ୍ରାଣ । ମୁଁ କେବଳ ସୁପ୍ତ ଇଲେକ୍ଟ୍ରିକ୍ ବଲ୍‌ବଟିଏ, ତୁମେ ମୋ ପାଇଁ ବିଜୁଳି, ତୁମେ କୁହ, ବିନା ବିଜୁଳିରେ ମୁଁ କେମିତି ଜଳି ପାରିବି ?

ଜୀବନର ଏଇ ସଂଜବେଳେ ଆମେ ପରସ୍ପରର ଆଶାବାଡି, ଏକ ବିନା ଅନ୍ୟର ଜୀଇଁବା କେତେଯେ କଠିନ ସତେ । କିନ୍ତୁ ଯେତେବେଳେ ଭାବେ, ମୋ ବିନା ତୁମେ କେମିତି ଜୀଇଁବ ! କେତେ ଭଲ ପାଉଛ ମୋତେ । ମୋ ଜୀବନ ସହିତ ଲତାଟିଏ ପରି ତୁଡେଇ ତୁଡେଇ ହୋଇ ରହିଛ । ଏତେ ସରଳତା, ଏତେ ସହନଶୀଳତା ନେଇ, ତୁମେ କେମିତି

 Magazine Downloaded from www.aahwaan.com

ବଞ୍ଚିପାରିବ । ଲତା ବିନା ଗଛ ତ ଜୀଇଁଯିବ, ହେଲେ ଗଛ ବିନା ଲତାର ଜୀବନ କେତେ ଯେ କଠିନ ହୋଇ ପଡିବ ! ଏକଥା ଭାବିଲେ, ମୁଁ ନିଜକୁ ବଡ ଅସହାୟ ମନେକରେ । ସେଥିପାଇଁ ଡରିଯାଏ, ନିଇତି ବଦଳୁଥିବା ଏଇ ମଣିଷମାନଙ୍କ ଗହଳରେ ମୋ ପରେ ତୁମ ସହିତ ପୁଅ, ବୋହୁ, ଝିଅ, ଜୋଇଁ, ନାତି, ନାତୁଣୀଙ୍କର ବ୍ୟବହାର କେମିତି ହେବ କିଏ କହି ପାରିବ ? ଯଦି କିଏ କେବେ ଟାଣକରି କଥାପଦେ କହିଦିଏ, କେମିତି ସହି ପାରିବ ତୁମେ ? କାହା ଛାତିରେ ମୁହଁଗୁଞ୍ଜି ଦି ଟୋପା ଲୁହ ଢାଳିଦେବ, ଅବା କାହାକୁ ଦୁଃଖ ଶୁଣାଇ ମନ ବୋଝ ହାଲୁକା କରିବ ? ମୋ ବିନା ତୁମକୁ ମୁଁ କଳ୍ପନା କରିପାରୁନି । ମୁଁ ତୁମକୁ ଜାଣେ, ତୁମର ସହନଶୀଳତା ତୁମର ଧୈର୍ଯ୍ୟ ମୁଁ ଦେଖିଛି । ତୁମ ଭିତରର ସେଇ ଛୋଟ ଝିଅଟିକୁ ବି ଦେଖିଛି । ଅନ୍ୟର ଦୁଃଖରେ ଯାହା ଆଖିରୁ ଲୁହ ବୋହିଯାଏ, ଟିକିଏ ଟାଣ କଥାରେ ଯିଏ କୋହ ସମ୍ଭାଳି ପାରେନା ! ମୋ ପରେ କେମିତି ସମ୍ଭାଳିବ ତୁମେ ତୁମ ନିଜକୁ ! କିଏ ତୁମକୁ କୋଳେଇନେଇ ବୁଝେଇଦେବ ଏଇ ଜଟିଳ ଦୁନିଆର ନିଷ୍ଠୁର ପରିବେଶ କଥା ।

ସେଇଥି ପାଇଁ ଚାହେଁନା ତୁମକୁ ଏକୁଟିଆ କରି, ତୁମ ଆଗେ ଆଗେ ଚାଲି ଯିବାପାଇଁ ! ମୋର କେବଳ ଏତିକି ଇଚ୍ଛା ମୁଁ ଆଖି ବୁଜିବା ଆଗରୁ ତୁମକୁ ମୋ ଆଖି ଆଗରେ ଖୁସି ଖୁସି ସଂଙ୍ଖା ସିନ୍ଦୁର ଦେଇ ନୁଆ ବୋହୁଟିଏ ପରି ନାଲି ପାଟପିନ୍ଧାଇ ବାଜା ରୋଷଣୀ ଜାଳି ଆରପୁରକୁ ବିଦା କରିବାକୁ । ତୁମକୁ ଯେମିତି ସଜେଇ ବାଜା ବଜେଇ ନୁଆବୋହୁ କରି ଏ ଘରକୁ ଆଣିଥିଲି ଠିକ୍ ସେମିତି ତୁମକୁ ଏଇ ଘରୁ ବାଜାବଜାଇ ଖଇ କଉଡି ବିଛାଡି ବିଦା କରିବି । ଏଇ ଭାବନା ଭିତରେ ମୋ ଆଖିରୁ ଧାର ଧାର ହୋଇ ଲୁହ ବୋହି ଆସୁଥିଲା, ମୁଁ କୋହ ସମ୍ଭାଳି ପାରୁ ନଥିଲି । ଘରଣୀ ଚଉକି ଛାଡି ମୋ ପାଖକୁ ଧାଇଁ ଆସିଲେ, ମୋତେ ତାଙ୍କ ଛାତିରେ ଜାବୁଡି ଧରି ପଚାରିଲେ କଣ ହେଲା । ମୋର କଣ୍ଠ ରୁଦ୍ଧିହୋଇ ଯାଉଥିଲା,

 Magazine Downloaded from www.aahwaan.com

କିଛିବି କହି ପାରିବା ଅବସ୍ଥାରେ ମୁଁ ନଥିଲି । କଣ ବା କହି ପାରିଥାନ୍ତି । କେମିତି କହି ପାରିଥାନ୍ତି ମୁଁ କଣ ଭାବୁଥିଲି ବୋଲି ! ତାଙ୍କ ହାତକୁ ମୋ ହାତରେ ଜାବୁଡି ଧରି ବାସ୍ପାକୁଳ କଣ୍ଠରେ ଖାଲି ଏତିକି କହିଲି, କଥାଦିଅ, ତୁମେ ମୋତେ ଛାଡି କେବେ ବି କୁଆଡେ ଯିବନି ! ସେତେ ବେଳକୁ, ପୁଅ ଘରଭିତରୁ ଡାକ ପକାଇଲା, ବୋଉ ଗୁଡୁ ଉଠିଲାଣି, ତୋ ପାଖକୁ ଯିବାକୁ ହେଉଛି ।

ପଟିଆ, ଭୂବନେଶ୍ୱର, ଓଡିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାତୃ ଦିବସ



ସୌମ୍ୟା ସୁଚରିତା ସେଣ

ସକାଳୁ ସକାଳୁ ଦିପୁ ବାଇକ୍‌ଟା ଧରି ଚଟ କରି ଘରୁ ବାହାରି ଗଲା । ଆଜି ମାତୃଦିବସ, କେକ୍‌ଟିଏ ଆଣିଲେ ରାତିରେ ମା’ ତା’ର କାଟିବେ । ଆଗରୁ ଏ ସବୁ ନଥିଲା ହେଲେ ଆଜିକାଲିର ପିଲାମାନେ ଏ ସବୁ ଆୟୋଜନରେ ଢ଼େରେ ଆଗୁଆ । ସମୟ ବଦଳିବା ସହିତ ସବୁ କିଛି ବଦଳି ଯାଉଛି ଯେପରି । ଆଜି ଦିନଟି ପାଇଁ ଦିପୁର କେତେ କଣ ଆୟୋଜନ ।

ପୁଅର ଏ ସବୁ କାମ ଦେଖି ସୁମାଦେବୀଙ୍କର ଖୁସିର ଠିକଣା ଯେମିତି ନାହିଁ । ଛାତି ତାଙ୍କର ଗର୍ବରେ ଫାଟି ପଡୁଛି । ଦିପୁ କାହିଁ କେତେବେଳୁ ଗଲାଣି ଏ ପର୍ଯ୍ୟନ୍ତ ଆସିନି । ଖରାଟା ଯେମିତି ମାଡି ଆସିଲାଣି । ଏତେ ଖରାରେ ବାହାରେ ରହିବା ଅଭ୍ୟାସ ବି ନାହିଁ । ଏ ବର୍ଷ ନବମଶ୍ରେଣୀ ହେବ । ବାପାଙ୍କୁ ନ ଜଣେଇ ଗାଡି ନେଇଯାଇଛି । କେତେବେଳେ ଆସିବ ଯେ । ସୁମାଦେବୀ ଘରୁ ବାହାର, ବାହାରୁ ଘର ହେବାରେ ବ୍ୟସ୍ତ ।

ରବୀନ୍ଦ୍ର ବାବୁ ଘରୁ ବାହାରି ଆସିଲେ, ପଚାରି ବସିଲେ ଦିପୁ କଥା । ସୁମା ଦେବୀ ତିଳେ ମାତ୍ର ଡେରି ନକରି ବଖାଣି ବସିଲେ ପୁଅର ଆୟୋଜନ ବିଷୟରେ । ରବୀନ୍ଦ୍ର ବାବୁ ସ୍ୱଷ୍ଟ ଦେଖି ପାରୁଥିଲେ ସୁମାଦେବୀଙ୍କ ମନତଳର ଖୁସିକୁ । ଗାଡି ନେଇ ଯାଇଛି ଜାଣି ମଧ୍ୟ ସେ କିଛି କହି ପାରିଲେନି, ସେ ଚାହୁଁ ନଥିଲେ ସୁମା ଦେବୀଙ୍କ ମନକୁ ଆଘାତ ଲାଗୁ । “ସେ ଆସିଯିବ ତୁମେ ଯାଇ ରୋଷେଇ କର ।” ସୁମା ଦେବୀ ଚାଲିଗଲେ । ରବୀନ୍ଦ୍ର ବାବୁ ଖବର କାଗଜଟିକୁ ଉଠାଇ ଆଣିଲେ । ଆଖିରେ ପଡିଲା ବଡ଼ ବଡ଼ ବିଜ୍ଞାପନ ମାତୃଦିବସ

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଅବସରରେ ।

ଦେହ ଭିତରେ କିମିତି ଗୋଟେ ହଲଚଲ ହେଇଗଲା । ମନ ଭିତରକୁ ଆସିଗଲା ତାଙ୍କ ବୋଉର ମୁହଁ । ବିଗତ ଦିନର ସମୟ ନାଚି ଉଠିଲା ମାନସ ପଟରେ । ବାପା ଛୋଟ ବେଳୁ ନଥିଲେ, ବୋଉ କେତେ କଷ୍ଟ କରି ଆମକୁ ବଡ କରିଛି । ଓଳିଏ ଖାଇ ଓଳିଏ ଓପାସ ରହିଛି ସତ ହେଲେ କେବେ ଆମକୁ ଭୋକରେ ରଖିନି । ଖାଇସାରି ବୋଉର ଶାଢ଼ୀ କାନିରେ ହାତ ନ ପୋଛିଲେ ଶାନ୍ତି ଲାଗେନି । ଦିନ ଗଡ଼ିବା ସହିତ ଆମେ ବି ବଡ ହେଲୁ । ପାଠପଢା, ଚାକିରୀ ଭିତରେ ବୋଉଠାରୁ ବହୁତ ଦୂରରେ । ବୋଉକୁ ଛାଡି ସବୁ ଭାଇଭଉଣୀ ବାହାରେ । କେବଳ ମାସ ଶେଷରେ ଟଙ୍କା ଦେବା ଛଡା ଆଉ କିଛି ନାହିଁ । ଦୁଇବର୍ଷ ତଳେ ଗାଁକୁ ଯାଇଥିଲି । ବୋଉ ବହୁତ ଖୁସିଥିଲା, ଆଗଭଳି ଆଉ ବଳ ତା' ଠାରେ ନାହିଁ, ବୁଢ଼ୀ ହୋଇ ଗଲାଣି । କାମକୁ ପାରୁନି । କାମ କରିବା ପାଇଁ ଗୋଟେ ଲୋକ ରଖ ବୋଲି କହିବାରୁ ହସି ଦେଲା । ଆଜି ଭାରି ମନେ ପଡୁଛି ବୋଉ କଥା । ବୋଉକୁ ପାଖରେ ଆଣି ରଖିବାରେ ବହୁତ ଇଛା ହେଲେ ସୁମା ଦେବୀଙ୍କର ଗୋଟେ ଜିଦି ବୋଉ ଆସିଲେ ବହୁତ ଅସୁବିଧା, ଜାଗା କମ ସେ ଏଠି ଖାପ ଖାଇ ଚଳିପାରିବେନି । ରବୀନ୍ଦ୍ର ବାବୁ ଚାହିଁ କି ବି ନିରୁପାୟ । ଅଶାନ୍ତି ଠାରୁ ବୋଉ ଗାଁରେ ରହିବା ଉତ୍ତମ ।

ବାହୁଡ଼ା ଗାଡିର ଶବ୍ଦରେ ରବୀନ୍ଦ୍ର ବାବୁ ନିଜକୁ ପ୍ରକୃତିସ୍ଥ ପାଇଲେ । ସୁମା ଦେବୀ ପୁଅର ଆସିବା ଖୁସିରେ ଝରକାରେ ଚାହିଁ ରହିଥାନ୍ତି । ପଡିଶା ଘର ଲୁବୁନୁ ଜୋରରେ ଡାକ ଛାଡିଲା, "ଆରେ ଦିପୁ ଆଜି କଣ ସ୍ପେସିଆଲ ? ବହୁତ ବ୍ୟସ୍ତ ଅଛୁ, ଆଣ୍ଟିକୁ ବୋଧେ ବହୁତ ବଡ ସର୍‌ପ୍ରାଇଜ ଦେବାର ପ୍ଲାନ" । ଦିପୁ ହସି ଦେଲା ଆଉ ଜୋରରେ ଲୁବୁନୁକୁ ଶୁଣା ଯିବା ଭଳି ଉତ୍ତର ଦେଲା... ଆରେ ମୁଁ ଏବେ ମା' ପାଖରେ ଅଛି ସେ ପାଇଁ ସବୁ, ତାଙ୍ପରେ ମୁଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋଉଟି ଓ ମା' ମଧ୍ୟ । କେବେ ଦେଖା ହେବକି ନାଇଁ । ଦିପୁର ଉତ୍ତର ଲୁବୁନୁ ପାଖରେ ପହଂଚିବା ପୂର୍ବରୁ ସୁମା ଦେବୀଙ୍କ କାନରେ ପହଞ୍ଚି ହୃଦୟକୁ ଦଂଶି ସାରିଥିଲା । ଲୁଚି ଲୁଚି କାନ୍ଦି ପଣତ ଭିଜି ସାରିଥିଲା ।

ରବୀନ୍ଦ୍ର ବାବୁ ଖାଇସାରି ବିଶ୍ରାମ ନିମନ୍ତେ ଆସନ୍ତେ, ସୁମା ଦେବୀ ପହଂଚିଗଲେ, "ଆରେ ଶୋଉଛ କଣ ଯାଅ ଗାଁକୁ, ଯାହାବି ହୋଇଯାଉ ବୋଉଙ୍କୁ ବୁଝେଇକି ନେଇ ଆସିବ । ଆଜି ଠାରୁ ବୋଉ ଆମ ପାଖରେ ରହିବେ । ତମେ ଜଲଦି ଯାଅ ।"

ରବୀନ୍ଦ୍ର ବାବୁଙ୍କ ଖୁସିର ଠିକଣା ନଥିଲା, ଜଲଦି ବାହାରି ପଡିଲେ ଗାଁକୁ । କହିଗଲେ ମୁଁ ଆସିଲେ ବୋଉ ଓ ତୁମେ ଦୁହେଁ ମିଶି କେକ୍ କାଟିବ । ସୁମା ଦେବୀଙ୍କ ଓଠରେ ଥିଲା ଆତ୍ମତୃପ୍ତିର ହସ ।

ସୌମ୍ୟା ସୁଚରିତା ସେଣ.

ହାଇଦ୍ରାବାଦ.

ଆହ୍ୱାନ ଇ-ପତ୍ରିକା

# ମୋବାଇଲ



ସିଦ୍ଧେଶ୍ୱର ତ୍ରିପାଠୀ

ସାନ ଭାଇ ଶିବାଜୀ ଆଉ କବୟିତ୍ରୀ ସସ୍ମିତା ବେହେରା ଦୁହେଁ ଜିଦ ଧରିଲେ ପ୍ରମୋଦ ଉଦ୍ୟାନ ଦେଖିବା ପାଇଁ । ଗୁରୁଜନମାନେ କିନ୍ତୁ ମନା କରୁଥାନ୍ତି ସିଆଡେ ଯିବନି ସେଠି ହାତୀ ରହୁଛନ୍ତି । ସିଧା ସିଧା ଛତିଆ ବଟ ଯାଅ । ସଫା ଗାଁରୁ ତିନିଜଣ ଯାତ୍ରା ଆରମ୍ଭ କଲୁ । ଦୁହିଁଙ୍କ ଜିଦିରେ ମୁଁ ରାଜି ହୋଇଗଲି କିନ୍ତୁ ମୋର ସେତେଟା ଇଚ୍ଛା ନଥିଲା ସେଠାକୁ ଯିବାକୁ । କାରଣ ମୁଁ ସେ ଜାଗା ଆଗରୁ ଥରେ ଦେଖିଥିଲି ଆଉ ଗୋଟେ ଘଟଣା ବି ସେଠି ମୋ ସହିତ ଘଟିଥିଲା । ଯାହାକୁ ଶୁଣିଲେ ଆପଣ ମାନେ ନହସି ରହି ପାରିବେନି ।

ସେକଥା ଟିକେ ପରେ କହିବି । ଆମେ ତିନିଟା ଟିକେଟ କରି ପ୍ରମୋଦ ଉଦ୍ୟାନ ଭିତରେ ପସିଲୁ । ଭାରି ମନୋରମ ଦୃଶ୍ୟ ଦେଖିଲୁ । ଚାରିପଟେ ପାହାଡ଼ ଗଛଲତା । ଟିକେ ଦୂର ଗଲା ପରେ ଡାକ ବଙ୍ଗଳା ଛୋଟ ବଡ ଦୁଇଟି ଗାଡ଼ିଆ ଆଉ ସେଥିରେ ପହଁରୁଥିଲେ ଦି ଚାରିଟା ହଂସ । ଯାଁ ଭିତରେ ବି ଅନେକ ଛୋଟ ବଡ ପଶୁପକ୍ଷୀ ଅଛନ୍ତି । ସେମାନେ କିନ୍ତୁ ଆମ ଆଖିରେ ପଡିଲେନି । ସେମାନେ ଲୁଚିଯାଇଥିଲେ ଜଙ୍ଗଲ ଭିତରେ ।

ଏ ଜାଗା ବହୁତ ସୁନ୍ଦର । ଏଠାକୁ ଅନେକ ପର୍ଯ୍ୟଟକ ଆସନ୍ତି ଏଠି ମଧ୍ୟ ଅନେକ ଓଡ଼ିଆ ସିନେମାର ସୁଟିଙ୍ଗ ହୋଇଛି । ଯେମିତିକି ମଥୁରା ବିଜୟ ମହାନାୟକ ଏମିତି ଅନେକ..... । ପ୍ରକୃତିର ଏ ମନୋରମ ଦୃଶ୍ୟ କାହାକୁ ବା ଭଲ ନଲାଗେ ଶିବାଜୀ, ସସ୍ମିତା ଆଉ ମୁଁ ଅନେକ ଫଟୋ ଉଠେଇଲୁ । କେତେବେଳେ ଗଛ ଉପରେ ଠିଆ ହୋଇ ତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେତେବେଳେ ପାଣି ପାଖରେ । ପଞ୍ଝୁଦୋଳ ସମୟ ଖରା ଟିକେ ଟିକେ ବଢ଼ୁଥିଲା ଆମେ ତର ତର ହୋଇ ବାହାରି ପଡ଼ିଲୁ ଛତିଆ ବଟ ।

ଶିବାଜୀର ସାଇବାବାଙ୍କ ଉପରେ ପ୍ରଗାଢ ବିଶ୍ୱାସ । ଯୋଗକୁ ବାଟରେ ଟାଙ୍ଗି ପୂର୍ବରୁ ସାଇମନ୍ଦିର ଆସିଲା ଓ ଆମେ ସେ ପାଖରେ ଅଟକିଲୁ ବାବାଙ୍କୁ ପ୍ରଣାମ କଲୁ । ସସ୍ମିତା କିନ୍ତୁ ଠିଆ ହୋଇଥିଲା ବାହାରେ । ଗାଡି ଚାଲିଥିଲା ଆଗକୁ ଆଗକୁ ଟାଙ୍ଗି ରେଳ ଫାଟକ ଡେଇଁ ଆମେ ଜାତୀୟ ରାଜପଥରେ ଆଗେଇ ଚାଲିଲୁ ଛତିଆବଟ ଆଡକୁ । ବାଟରେ ଟାଙ୍ଗି ଡ୍ରିମସ୍ କଲେଜ ନିକଟରେ ଟିକେ ଅଟକିଲୁ । କାରଣ ସେଠି ବିଜୟ ଲକ୍ଷ୍ମୀ କାନୁନଗୋଙ୍କୁ ଦେଖା କରିବାର ଥିଲା । ସେ ସେଠି ଲାଇବ୍ରେରୀରେ ଚାକିରୀ କରନ୍ତି । ତାଙ୍କ ଘର ସେଇ ପାଖ ଜୟପୁରରେ । ଜିଆଇଟ ବଣିଆ ଟାଙ୍ଗିରେ ଆମେ ଦୁହେଁ ସହକର୍ମୀ ଥିଲୁ । ଏବେ ଦୁହେଁ ସେ କଲେଜ ଛାଡି ସାରିଲୁଣି ପାଖାପାଖି ବର୍ଷେ ହେବ ଦେଖା ହେଇନି । କଲେଜରେ ଥିଲା ବେଳେ ରାକ୍ଷୀପୂର୍ଣିମାକୁ ସେ ମୋ ହାତରେ ରାକ୍ଷୀ ବାନ୍ଧନ୍ତି ଆଉ ହଁ ଘରୁ ମଧ୍ୟ ମାଉସୀଙ୍କ ହାତ ତିଆରି ପିଠା ଆଣିଥାନ୍ତି । ଜିଆଇଇଟିରେ ମୁଁ ତିନିବର୍ଷ ଚାକିରୀ କରିଥିଲି ଭାରି ମଜା ଆଠ ଘଣ୍ଟା ଡିଉଟି ସବୁ ଷ୍ଟାଫ ମୋର ଭାରି ଭଲ ମଜା ମସ୍ତି ଖିଆପିଆ ଥଟା ପରିହାସରେ ସମୟ ବିତିଯାଏ ସମୟ ଜଣା ପଡେନି ।

କାନୁନଗୋ ମାଡାମ ଦେଖାହେଲେ ବହୁତ ଖୁସିହେଲେ ଶିବାଜୀ ଆଉ ସସ୍ମିତାକୁ ସେ ଚିହ୍ନିଥିଲେ ଯଥାକ୍ରମେ 'କେ ଟିଭି' ଆଉ 'ତୁମ ପ୍ରତୀକ୍ଷାରେ' ବହିରୁ ।

କିଛି ସମୟ କଥାହେଲୁ ସସ୍ମିତାକୁ ସେ ଧନ୍ୟବାଦ ଦେଲେ ତା କବିତା ପାଇଁ କାରଣ ତା ବହି ମାଡାମ ଅନେକ ଥର ପଢିଥିଲେ ତା ବହି ଜିଆଇଇଟି ଲାଇବ୍ରେରୀରେ ଥିଲା ।

ଏଇଠୁ ଆରମ୍ଭ ହେଲା ସସ୍ମିତାର କାନ୍ଦ ଜୀବନ ଭାଇ ମୋ ମୋବାଇଲ ନାହିଁ ଆଗରୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଇଟା ଫୋନ ହଜେଇ ଦେଇଛି । ନାନି ପାଟି କରିବ ଏଇଟା ବି ହଜିଗଲା । ସେଠୁ ମାଉସୀମାଙ୍କଠୁ ବିଦାୟ ନେଇ ଆମେ ପଛକୁ ଫେରିଲୁ ସିଧା ପ୍ରମୋଦ ଉଦ୍ୟାନ । ଶିବାଜୀ ଜୋରରେ ଗାଡି ଚଳାଉଥାଏ । ଆଉ କଣ ମୋବାଇଲ ଥିବ ଏମିତି ଅନେକ ଭାବନା । ସେ ଯା'ହେଉ ମୋବାଇଲ ଛାଡି ଦେଇଛୁ କହି ଆମେ ପ୍ରମୋଦ ଉଦ୍ୟାନ ଭିତରେ ପ୍ରବେଶ କଲୁ । ବହୁତ ଖୋଜିଲୁ ହେଲେ ମୋବାଇଲ ପାଇଲୁନି । ଆମେ ସସ୍ମିତାର ମୋର ମୁହଁ ଶୁଖେଇ ବସିଲୁ ଶିବାଜୀ ଗାଡ଼ି ନେଇ ବାହାରିଗଲା ମୋବାଇଲ ଖୋଜିବାକୁ । ସେଇ ଉଦ୍ୟାନର ଜଣେ କର୍ମଚାରୀ ତା ପଛରେ ବସିଲେ ।

ଶିବାଜୀ ମୋବାଇଲ ଖୋଜୁଥାଉ ମୁଁ ଟିକେ ପ୍ରମୋଦ ଉଦ୍ୟାନ ସହିତ ମୋ ପ୍ରଥମ ଅନୁଭୂତି କଥା କହିଦିଏ । ସେତେବେଳେ ମୁଁ ଯୁକ୍ତଦୁଇ କଳା ଦ୍ୱିତୀୟବର୍ଷ ପରୀକ୍ଷା ଦେଇସାରି ଦୁଇମାସ ସଫାରେ ଥାଏ । ସଫା ଗୋଟେ ସୁନ୍ଦର ଗାଁ ଜିଲ୍ଲା କଟକ ଥାନା ଟାଙ୍ଗି ଭାୟା କୋଟସାହି କପିଳାସ ଏଠୁ ମାତ୍ର ୨୫ କିଲୋମିଟର । ଏହି ଗାଁରେ ମୋ ନନା କବି ହରିହର ତ୍ରିପାଠୀ ୨୫ ବର୍ଷ ଚାକିରୀ କରିଥିଲେ । ଏ ଗାଁରେ ମୋ ଜନ୍ମ ଏ ଗାଁର ମହାଦେବଙ୍କ ନାଁ ସିଦ୍ଧେଶ୍ୱର ବୋଲି ମୋ ନାଁ ସିଦ୍ଧେଶ୍ୱର । ବୀର ଚିନ୍ତାମଣିପୁର ଶାସନରେ ଆମେ ରହୁଥିଲୁ ଦିନେ ରବିଭାଇ ସାଙ୍ଗ ତା ନାଁ ବାଇଆ (ସିଲୁ ଦାସ) ତା'ର ମୋର ପ୍ରମୋଦ ଉଦ୍ୟାନ ବାହାରିଲୁ । ସେଦିନ ଆମେ ଟିକେଟ କରିନଥିଲୁ । ଶୀତଦିନ ପ୍ରବଳ ଗାଡି ଅନେକ ଲୋକ ବୁଲିବାକୁ ଆସିଥାନ୍ତି ଆମେ ବୁଲାବୁଲି କଲୁ ଆଳୁଦମ ଦହିବରା ଦୁଇପୁଡ଼ିଆ ଖାଇ ଘରକୁ ବାହାରିଲୁ । ମୁଁ ଦଶଟଙ୍କା ବଢ଼େଇ ଦେଲି ଦହିବରାବାଲା କହିଲା ଆଉ ଦଶ ବାଇଆ କହିଲା ପୁଡ଼ିଆ କେତେକି ୫ ଲେଖା ପରା ଏମିତି ଯୁକ୍ତିତର୍କ ଭିତରେ ଆମେ ଦୁହେଁ ଜାଣି ସାରିଥିଲୁ ଆମ ଦୁହିଙ୍କ ପାଖରେ ଆଉ ପଇସା ନାହିଁ ଶେଷରେ ସାଇକେଲ ଦେଇ ସେ ମୋତେ

 Magazine Downloaded from www.aahwaan.com

ପଠେଇଦେଲା ସେ ତା ସହିତ ଯୁକ୍ତି ତର୍କ କରି କେତେ ସମୟ ପରେ ମୋ ପାଖକୁ ଫେରିଲା । ମୁଁ ଟିକେ ଦୂରରେ ଭାରି ଭୟରେ ଠିଆ ହୋଇଥାଏ । କିଛି ସମୟ ପରେ ସେ ମୋ ପାଖକୁ ଆସିଲା କହିଲା ମୁଁ ତାକୁ ପାଟି କରିକି ଆସିଲି । ସେ କହିଲା ପଇସା ଦେ ମୁଁ କହିଲି ପୁଡ଼ିଆ ଯିଏ ମଗେଇଥିଲା ତାକୁ ମାଗ ସେ କୁଆଡେ ଗଲାଣି । ସେ କହିଲା ମୋ ଘର ସପା ସପନପୁର । ସେଠାକାର ଲୋକେ ସଫାକୁ ଉଚ୍ଚାରଣରେ ସପା କୁହନ୍ତି । ତୋ ଘର କୋଉଠିବେ ।

ଆମେ ବାଇଆର ମୋର ଘରକୁ ଫେରିଲୁ ସେଇଦିନଠୁ ମୁଁ ପଇସା ପଚାରିକି ଖାଏ ଯଦି ମୋ ପାଖରେ କମ ପଇସା ଥାଏ । ଏବେ ଶିବାଜୀ ଫୋନ ଖୋଜୁଥାଏ ଆମେ ସସ୍ମିତାର ମୋର ପରସ୍ପର ଭିତରେ ଖାଲି ଦୁଃଖ ବାଣ୍ଟୁଥାଉ ।

ଶିବାଜୀ ବହୁତ ଖୋଜିଲା କେତେ ପିଲାଙ୍କୁ ପଚାରିଲା ଆମ ପାଖକୁ ଫେରି ଆସିଲା । ସେ ଲୋକକୁ ଛାଡ଼ିଦେଇ ସେ ପୁଣି ଖୋଜିବାକୁ ଗଲା । ଶିବାଜୀ ଭାରି ଚାଲାଖ ଗୁଡାଏ ଛୋଟପିଲା ଗାଧୋଉଥିବାର ଦେଖି ତାଙ୍କୁ ପଚାରିଲା ପିଲେ ମୋବାଇଲ ଦେଖିଛ କିରେ ଆମର ହଜିଛି । କିଏ ନେଇଛି କହିଦିଅ ନହେଲେ ପୋଲିସ ଆସିବ ବାନ୍ଧିକି ନବ । ଏମିତି କହୁ କହୁ ଗୋଟେ ପିଲା କହିଲା ମୁଁ ନେଇନି କିଏ ନେଇଛି କୁହ ସେ ଜଣକର ନାଁ କହିଲା ତା ଘର ମଧ୍ୟ ଦେଖିଛି । ଉଦ୍ୟାନ କର୍ମଚାରୀଟି ଯିବାକୁ ଡରିଲା । କହିଲା ମୁଣ୍ଡାସାହି ଲୋକ ଭାରି ରାଗି ମୁଁ ଯିବିନି ।

ଶିବାଜୀ ଏକା ଗଲା ସେ ପିଲାର ଘରେ ପଶିଲା ଦେଖିଲା ତା ମା ଚାଉଳ ପାଛୋଡୁଛି । ଶିବାଜୀ କହିଲା ଆଜ୍ଞା ନମସ୍କାର ଆମର ଗୋଟେ ମୋବାଇଲ ହଜିଯାଇଛି ଆପଣଙ୍କ ପୁଅ ପାଇଛି ଦେଇଦିଅନ୍ତୁ । ସେ ମୋବାଇଲ ଯେତିକି ଟଙ୍କା ନୁହଁ ତା ଭିତରେ ବହୁତ ଲେଖାପଢ଼ା

 Magazine Downloaded from www.aahwaan.com

କାମ ରହିଛି ଯାହା ଲକ୍ଷ ଲକ୍ଷ ଟଙ୍କାର । ଆମେ ତୁମ ପୁଅକୁ ଯାହା ପଇସା ଦବୁ । ସେ ଯାହା ହଉ ମୋବାଇଲ ଶିବାଜୀ ହାତକୁ ଆସିଲା । ଯୋଉ ମୁଣ୍ଡା ପିଲା ସେ ମୋବାଇଲ ନେଇଥିବା ପିଲାର ଘର ଦେଖେଇଥିଲା ତାକୁ ଅଧା ବାଟରେ ଶିବାଜୀ ପଚାରିଲା ପୁଅ ତୁ କେତେ ଟଙ୍କା ନେବୁ ସେ ଭାବି ଭାବି କହିଲା କୁଡିଏ ଟଙ୍କା । ତାକୁ କୋଡିଏ ଟଙ୍କା ଦେଇ ମୋବାଇଲ ଆଣି ଶିବାଜୀ ଆମ ପାଖରେ ହାଜର । ଆମେ ବାହାରିଲା ବେଳକୁ ସେ ଉଦ୍ୟାନ ଲୋକଟି ପଇସା ମାଗିଲା ଯିଏ ମୁଣ୍ଡା ସାହି ଯିବାକୁ ଡରୁଥିଲା । ମୁଁ ତାକୁ ୧୦୦ଟଙ୍କା ଦେଲି । ସସ୍ମିତା ବୋଉ ଫୋନ କଲେ ମୋ ଫୋନକୁ ଝିଅ ଫୋନ କାଇଁ ଲାଗୁନି ଏତେ ଡେରି କ'ଣ କିରେ ପୁଅ ତୁ ଜଲ୍‌ଦି ଆସେ । ଆମେ ଚାଲିଲୁ ଛତିଆବଟ । ପ୍ରଭୁଙ୍କର ପହୁଡ଼ ପଡିଥିଲା । ପହୁଡ଼ ଖୋଲିଲା ଆମେ ମହାପ୍ରଭୁଙ୍କ ଦର୍ଶନ କଲୁ ଦୀପ ଜାଳିଲୁ ଅବଢ଼ା ଖାଇଲୁ ମନ୍ଦିର ବୁଲି ବାହାରିଲୁ ସୋଲର । କାରଣ ଆମକୁ ସସ୍ମିତାକୁ ତା ଘରେ ଛାଡ଼ି ସଫା ଗାଁକୁ ଫେରିବାର ଥିଲା । ପରଦିନ ଖୋରଧା ଆସିବାର ଥିଲା ।

କବିଗୁଡା ସତରେ ପାଗଳ ସୋଲର ହେଇଗଲା ସସ୍ମିତା ବକର ବକର ହେଇ ସବୁ ବୁଝେଉଥିଲା । ହେଇଦେଖ ଜୀବନଭାଇ ଆମ ଗାଁ ସ୍କୁଲ ମନ୍ଦିର ପାହାଡ଼ ଦୋକାନ ବଜାର ଏମିତି କେତେ କଣ ସୋଲର ଗାଁର ମଙ୍ଗଳାଙ୍କୁ ପ୍ରଣାମ କରି ସସ୍ମିତା ଘରେ ପହଁଚିଲୁ । ମାଉସୀ ମଉସା ଆଉ ବେବି ନାନୀଙ୍କୁ ସବୁକଥା କହିଲୁ । ଖାଇପିଇ ଘରବୁଲି ବାହାରିଲା ବେଳକୁ ଜାଣିଲୁ ମୋବାଇଲରେ ସିମ୍ ନାହିଁ ଗୁଡ଼ାଏ ଡାଟା ଡିଲେଟ ହେଇଛି ଆଉ ମୁଣ୍ଡା ପିଲାଙ୍କ ଫଟୋ ଦିଟା ଅଛି ।

ହଉ ଈଶ୍ୱରଙ୍କୁ ଧନ୍ୟବାଦ ଶିବାଜୀକୁ ଧନ୍ୟବାଦ ମୋବାଇଲ ମିଳିଯାଇଛି । ସମସ୍ତେ ଖୁସି । ସଞ୍ଜ ମାଡି ଆସୁଥିଲା ଆମେ ସଫା ବାହାରିଲୁ । ରାତିରେ ମେଳଣ ଦେଖିଲୁ ।

 Magazine Downloaded from www.aahwaan.com

ପରଦିନ ସକାଳୁ ସକାଳୁ ନିତ୍ୟକର୍ମ ସାରି ସିଦ୍ଧେଶ୍ୱରଙ୍କୁ ପ୍ରଣାମ କରି ବାଇକରେ ବାହାରିଲୁ ଖୋରଧା ଶିବାଜୀର ବୟସ ୧୯ ଡ୍ରାଇଭିଂ ଲାଇସେନ୍ସ୍ ନାହିଁ ସେ ଜିଦି କଲା ଭାଇନା ତମେ ଆସିଲା ବେଳକୁ ଚଲେଇଥିଲ ମୁଁ ଗଲା ବେଳକୁ ଗାଡି ଚଲେଇବି । ମୁଁ ଭୁବନେଶ୍ୱରରେ ଶହେ ଥର ଗାଡି ଚଲେଇଲିଣି ମୁଁ ତମଠୁ ଭଲ ଡ୍ରାଇଭର । ହଉ ଚଲା । ପାହାଳରୁ ରସଗୋଲା କିଣି ଘରକୁ ଆସିଲୁ । ଶିବାଜୀର ଚାଲାଖି ଆଉ ପ୍ରମୋଦ ଉଦ୍ୟାନରେ ଘଟିଥିବା ମୋବାଇଲର ସ୍ମୃତି କେବେବି ଭୁଲିହବନି ।

Magazine Downloaded from www.aahwaan.com

# ପୀଡ଼ିତା ପରୀ



ଗଦାଧର ବଳ

'ପୀଡ଼ିତା' ଶବ୍ଦଟି କାନରେ ବାଜିବା ମାତ୍ରେ ଆପେ ଆପେ ଘୃଣା ଆସିଯାଏ ମନରେ, ଅପରାଧ ଘଟାଇ ଥିବା ଜହ୍ଲାଦ ଉପରେ । ପାଶବିକ ପ୍ରବୃତ୍ତି ମଣିଷର ମାନବିକତାକୁ ଦୁରେଇ ଦେଇ ପଶୁତ୍ୱ ଭାବନାକୁ ଖୁନ୍ଦି ଦେଇଥାଏ । ମଣିଷ ହୋଇ ଉଠେ ଭୟଙ୍କର ପଶୁ । ଦୂରେଇ ଯାଏ ମାନବିକ ମୁଲ୍ୟବୋଧ, ବନିଯାଏ ଜହ୍ଲାଦ ।

ଗଣେଷ ପୂଜାର ମାହୋଲ ସବୁଆଡେ । ସ୍କୁଲ, କଲେଜ, ଶିକ୍ଷାନୁଷ୍ଠାନ, ଯୁବକ ସଂଘ ସବୁ ସ୍ଥାନରେ ପୂର୍ବ ପ୍ରସ୍ତୁତି । ଶରତର ମେଳା ମେଳା ମେଘୁଆ ଆକାଶ କାଶତଣ୍ଡିର ସମ୍ଭାର ବିଛାଇଛି ସିଦ୍ଧି ବିନାୟକ, ଗଜାନନଂକ ଆଗମନ ପାଇଁ ।

ସେହିପରି ହରିପୁର ପ୍ରାଥମିକ ସ୍କୁଲ ମଧ୍ୟ ୨ ଦିନ ହେବ ନିଜକୁ ସଜେଇଛି ବିଘ୍ନ ବିନାଶକ ଶ୍ରୀଗଣେଷଙ୍କ ଆବାହନ ପାଇଁ । ହେଡ୍ ଦିଦଙ୍କ ନିର୍ଦ୍ଦେଶ, ସବୁ ପିଲାମାନେ ସକାଳୁ ୭ଟା ପୂର୍ବରୁ ବିଦ୍ୟାଳୟରେ ପହଁଞ୍ଚିବେ । ଆହୁରି ମଧ୍ୟ ନିର୍ଦ୍ଦେଶ ଯେ ସମସ୍ତେ ନୂତନ ପୋଷାକରେ ବିଦ୍ୟାଳୟରେ ପହଁଞ୍ଚି ବକ୍ରତୁଣ୍ଡଙ୍କ ଆବାହନ କରିବେ । ହେଡ୍ ଦିଦି ଏହି ବିଦ୍ୟାଳୟରେ ଚାକିରୀ ଆରମ୍ଭରୁ ହିଁ ଆଜିଯାଏ ଅଛନ୍ତି, ପୁଣି ଏହି ସ୍କୁଲରୁ ହିଁ ପଦୋନ୍ନତି ହୋଇ ପ୍ରଧାନ ଶିକ୍ଷୟିତ୍ରୀ ହେଲେଣି । ଚାକିରୀ ବି ଆଉ ମାତ୍ର ୬ ମାସ । ତା'ପରେ ଅବସର ନେବେ । ଯେଉଁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ପଢୁଛନ୍ତି, ସେମାନଙ୍କର ପିତାମାତା ମାନଙ୍କ ମଧ୍ୟରୁ ଅନେକ ଦିଦିଙ୍କ ଛାତ୍ର ଛାତ୍ରୀ । ଦିଦିଙ୍କ ଛାତ୍ର ବତ୍ସଳ ପ୍ରବୃତ୍ତି, ମାଆ ପଣିଆରେ ଆତ୍ମୀୟତା, ମାତୃବତ ସ୍ନେହ, ପିଲାମାନଙ୍କୁ ଆକଟ, ବୋଧହୁଏ ସ୍ଥାନୀୟ ବାସିନ୍ଦାଙ୍କୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଧ୍ୟକରେ ଦିଦିଙ୍କୁ ଯଥୋଚିତ ସମ୍ମାନ ଜଣାଇବା ପାଇଁ ।

ସେହି ଗାଁର ମକରା ସେଠୀ, ଗାଁର ମୂଲମଜୁରୀ ଲାଗି ପରିବାର ପ୍ରତିପୋଷଣ କରିଥାଏ । ଆଉ ସେହି ଗାଁର ଝିଅ ରାନୁ । ଉଭୟ ସହପାଠୀ । ରାନୁର ଶାରୀରିକ ଗଠନ, ମୁଖ ମଣ୍ଡଳ ବୋଧହୁଏ ସ୍ୱର୍ଗର ଉର୍ବଶୀଠାରୁ କିଛି କମ୍ ନଥିଲା । ୧୦ମ ଫେଲ ହେବା ପରେ ଗାଁ ଝିଅ ରାନୁକୁ ଭଲପାଇ ଗତ ପ୍ରାୟ ୧୨ ବର୍ଷ ତଳେ ବିବାହ କରିଥିଲା ମକରା । ବିବାହର ପ୍ରାୟ ୨ ବର୍ଷ ପରେ କନ୍ୟାଟିଏ ଆସିଥିଲା ତା କୋଳକୁ । କନ୍ୟା ନୁହେଁ ତ ପରୀଟିଏ । ଗୁଲୁ ଗୁଲିଆ ଚେହେରା ଅବିକଳ ତା ମାଆର ମୁହଁକୁ ଛିଡାଇ ଆଣିଥିଲା ସେ । ମାର୍ଗଶିର ମାସ ପ୍ରଥମ ଗୁରୁବାରରେ ତା ଜନ୍ମ ତ, ତେଣୁ ଗାଁର ସମସ୍ତେ ତାକୁ ଗୁରୁବାରୀ ବୋଲି ଡାକନ୍ତି, ମାତ୍ର ମକରା ତା ନାମ ରଖିଥିଲା ଐଶର୍ଯ୍ୟା । ଚାନ୍ଦର ଚାନ୍ଦିନୀ ପରି ମୁଖ ମଣ୍ଡଳ ସବୁବେଳେ ଐଶର୍ଯ୍ୟାର ଝଲସୁ ଥାଏ । ଦାରିଦ୍ର୍ୟର ତାଡନାରେ ମକରା ଯଦିଓ ଐଶର୍ଯ୍ୟାକୁ ସବୁ ମନ ମୁତାବକ ଜିନିଷ ଦେଇନାହିଁ ତଥାପି କୌଣସି ଜିନିଷରେ ଅବହେଳା ବି କରିନି । ଯଥା ସମ୍ଭବ ଆବଶ୍ୟକତା ପୁରଣ କରିଛି । ଐଶର୍ଯ୍ୟା ମଧ୍ୟ ବାପାର ଦାରିଦ୍ର୍ୟତା ପାଇଁ କେବେ କୌଣସି ଜିନିଷ ପାଇଁ ଅଳି ବି କରେନି । ଯାହାବି ହେଉ ହେଡ ଦିଦିଙ୍କ ନିର୍ଦ୍ଦେଶ ମୁତାବକ ସେ  ଝିଅ ପାଇଁ ବହୁ କଷ୍ଟରେ ଗଣେଷ ପୁଜା ପାଇଁ ଗୋଟିଏ ନୂଆ ଡ୍ରେସ କିଣି ଆଣିଥିଲା । ଯାହାକୁ ପିନ୍ଧି ସେଦିନ ଐଶର୍ଯ୍ୟା ସକାଳୁ ସକାଳୁ ସ୍କୁଲକୁ ଯାଇଥିଲା ।

ପାଖ ପଡୋଶୀ ରମା, ବୟସ ୪୫ରୁ ଉର୍ଦ୍ଧ ହେବ, ବିବାହିତ ! ସୁଦୁର ସୁରଟରେ ଏକ ଘରୋଇ କଂପାନୀରେ କାମ କରେ । ମଦ୍ୟପ ଚରିତ୍ର ପାଇଁ କଂପାନୀରୁ ତଡା ଖାଇ ଏବେ କିଛି ଦିନ ହେବ ଘରେ ଅଛି । ଐଶର୍ଯ୍ୟାକୁ ସେଦିନ ସ୍କୁଲ ଯାଉଥିବାର ଦେଖିଥିଲା ସେ, ରାସ୍ତାରେ ମଦ୍ୟପ ରମାର ନିଶାଗ୍ରସ୍ତ ପାପ ଆଖିଟା ଐଶର୍ଯ୍ୟା ଉପରେ ପଡିଥିଲା, ସେ ଭୁଲି ଯାଇଥିଲା ହିତାହିତ ଜ୍ଞାନ । କୌଶଳକ୍ରମେ ଚକୋଲେଟ ଦେବାକୁ କହି ରାସ୍ତାକଡ଼ ସାମାନ୍ୟ

 Magazine Downloaded from www.aahwaan.com

ଜଙ୍ଗଲିଆ ବୁଦା ଉହାଡକୁ ଡାକି ନେଇ ଯାଇଥିଲା ନିରୀହ, ନିଷ୍ପାପ ଐଶର୍ଯ୍ୟାକୁ । ଐଶର୍ଯ୍ୟା ପିତୃତୁଲ୍ୟ ରମାକୁ ଚିହ୍ନିଥିବାରୁ ତାକୁ ମଧ୍ୟ ଅବିଶ୍ୱାସ କରି ନଥିଲା ସେତେବେଳେ । କଅଁଳ ଶିଶୁଟି ସେଦିନ ଜାଣିପାରି ନଥିଲା ବାପା ଓ ଅନ୍ୟ ପୁରୁଷ ମଧ୍ୟରେ ଦୂରତା କେତେ । ମଣିଷର ବେଇମାନ ପଣିଆକୁ । ନିଷ୍ପାପ ଶିଶୁଟି ଭଳି ଯାଇଥିଲା ଜଣେ ଲମ୍ପଟର ଇଶାରାରେ । ରମା ତାର ପାପ କାମନାକୁ ଚରିତାର୍ଥ କରିବାକୁ ଚେଷ୍ଟା କରିବା ସମୟରେ କେହି ଜଣେ ତା ଆଡକୁ ଆସୁଥିବାର ଜାଣି ପାରି ନିଜର ମନରେ ଭୟ ସଂଚାର ହୋଇଥିଲା ତାର, କାଳେ ଐଶର୍ଯ୍ୟା ପାଟି କରିଦେବ ତ ଗାଁ ଲୋକମାନେ ଜାଣିଯିବେ । ତା'ପରେ ତା ଅବସ୍ଥା କଣ ହେବ ? କେଉଁ ଏକ ଅଜଣା ଆତଙ୍କ ତା ମନରେ ଅନେକ ପ୍ରଶ୍ନ ଉଙ୍କି ମାରିଥିଲା । ଅଜଣା ଭୟରେ ନିଜକୁ ବଂଚାଇବା ପାଇଁ ନିଜର ବଳ ମୁତାବକ ଐଶ୍ୱର୍ଯ୍ୟାର ପାଟିକୁ ଜୋର ଜବରଦସ୍ତ ତା ନିଜ ହାତ ପାପୁଲିରେ ଚାପି ଧରିଥିଲା କିଛି ସମୟ ପାଇଁ । କିଛି ସମୟ ପରେ ଲୋକଟି ଅତିକ୍ରମ କରିଯିବା ପରେ ଐଶର୍ଯ୍ୟା ପାଟିରୁ ହାତ ବାହାର କରି ଦେବା ପରେ ସେ ହଠାତ୍ ଟଳି ପଡିଥିଲା ମାଟି ଉପରେ । ନିସ୍ତେଜ ହୋଇ ଯାଇଥିଲା ସେ ! ଐଶର୍ଯ୍ୟାର ବୋଧେ ନିଶ୍ୱାସ ଚାଲୁ ନଥିଲା । କଣ କରିବ କିଛି ଭାବି ପାରି ନଥିଲା ରମା । ନିକଟସ୍ଥ ବୁଦା ଭିତରକୁ ଫୋପାଡି ଦେଇଥିଲା ନିଶ୍ୱାସ ଚାଲୁନଥିବା ଐଶର୍ଯ୍ୟାର ମର ଶରୀରକୁ....

ଐଶର୍ଯ୍ୟା ପାଲଟି ଯାଇଥିଲା ମୃତା ପୀଡ଼ିତା...

ବିଶ୍ୱାସ ଅବିଶ୍ୱାସର ଦୋଛକି ରାସ୍ତାରେ ପଡି ରହିଥିଲା ଐଶର୍ଯାର ମର ଶରୀର ।

ଆଇନଜିବୀ, ଭଦ୍ରକ, ଓଡ଼ିଶା ଭ୍ରାମ୍ୟଭାଷ : ୯୪୩୭୦୧୨୮୪୯,

ଇମେଲ୍ : gada.advocate@gmail.com

Magazine Downloaded from www.aahwaan.com

# ଝିଅ ଦେଖା



ପଲ୍ଲବୀ ଦାସ

ମାଆ ଚିଲଉଥାନ୍ତି ସୁମି ଦିଦି ଉଦ୍ଦେଶ୍ୟରେ, "ସୁମି ଟିକେ କ୍ଷୀରିଟା ଘାଣ୍ଟି ଦେଲୁ, ଲାଗିଯିବ ହାଣ୍ଡିରେ" ଝନ୍ ଝାନ୍ ଚୁଡ଼ି ଶବ୍ଦ କରି ସୁମି ଦିଦି ହାତରେ ମେଞ୍ଚାଏ ଚୁଡ଼ି ପିନ୍ଧି ପିନ୍ଧି ଚାଲିଗଲା ରୋଷେଇ ଘରକୁ କ୍ଷୀରି ଘାଣ୍ଟିବାକୁ । ପୁଣି ଆସି ମୁଣ୍ଡରେ କ୍ଲିପ ମାରୁଥିଲା ଆଉ ମତେ ବାରମ୍ବାର ପଚାରୁଥିଲା, "ମୀନୁ, କହିଲୁ କୋଉ ହେୟାର ଷ୍ଟାଇଲ୍ ଟା ମାନିବ ମତେ ।" ମୁଁ ତାକୁ ଚିଡ଼େଇବାକୁ ଯାଇ କହିଲି, "ତୋ ଲମ୍ବା ସିଧା ଚୁଟିରେ କିଛି ବି ଷ୍ଟାଇଲ୍ କଲେ ରହିବନି ଖସିଯିବ ।" ପୁଣି ତା ଚିନ୍ତା ଦେଖି, ତାକୁ ସାହାଯ୍ୟ କଲି ଗୋଟେ ସୁନ୍ଦର ଖୋସା ବନେଇବାରେ । ଅଧା ଖୋସା ବାନ୍ଧିଛି କି ନାହିଁ ପୁଣି ବାପା ବାହାରପଟୁ ଡାକ ଛାଡ଼ିଲେ, "ସୁମି ଟିକେ ପାଣି ଗ୍ଲାସ ଦବୁ !" ଦିଦି ଜଲଦି ଖୋସାବାନ୍ଧି ଚାଲିଗଲା ବାପାଙ୍କୁ ପାଣି ଦବାକୁ । ରାତି ସାରା ଭାବି ଭାବି ମୋତେ ନିଦ ହୋଇନଥିଲା ଯେ ଦିଦି ବିନା ମୁଁ କ'ଣ କରିବି ! ସେ ଏ ଘରୁ ଗଲା ପରେ ଘରର ସବୁ କାମ କରିବ କିଏ ! ଏବେ ଟିକେ ହାଲକା ନିଦରେ ଆଖି ଲାଗିଗଲା କେତେବେଳେ ଜାଣି ପାରିଲିନି । ନିଦରେ ଶୁଣା ଯାଉଥିଲା ମାଆ ସୁମି ଦିଦିକୁ କେତେ କ'ଣ ବତାଉଥାନ୍ତି । ମାଆଙ୍କ ପାଟିରେ ମୁଁ ଆଖି ମଳି ମଳି ପ୍ରାୟ ଗୋଟେ ଘଣ୍ଟା ପରେ ଉଠିଲା ବେଳକୁ ଦିଦି ମୋର ଗୋଟେ ପରୀ ପରି ଦିଶୁଥିଲା । ମତେ ଅନେଇ କହିଲା, "ଦେଖିଲୁ ମୀନୁ, ମୁଁ କେମିତି ଦେଖା ଯାଉଛି ।" ଦିଦିକୁ ମୁଁ ବହୁତ ଥର ଶାଢ଼ୀରେ ଆଗରୁ ଦେଖିଥିଲି କିନ୍ତୁ ଆଜିର ଦେଖିବା କିଛି ଅଲଗା ଥିଲା । ମୋ ଦିଦିକୁ ପୁଅ ଘର ଲୋକ ଦେଖିବାକୁ ଆସୁଥିଲେ ଆଜି । ନୀଳ ଶାଢ଼ୀରେ ଗୋଲାପି ଧଡ଼ି ଆଉ ହାତରେ ମେଞ୍ଚାଏ ନୀଳ ଚୁଡ଼ିରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ଦିଦି ବେଶ୍ ସୁନ୍ଦର ଦିଶୁଥିଲା । ମାଆ ହୁଏତ ତା ଶାଢ଼ୀ ବଦଳେଇ ଦେଲେ, କାରଣ ନିଦରେ ଶୋଇବା ପୂର୍ବରୁ ଦିଦି ଆଉ ଗୋଟେ ଫିକାରଙ୍ଗର ଶାଢ଼ୀ ପିନ୍ଧିଥିଲା ଆଉ ଯେତେ କହିଲେ ବି ବଦଳାଉ ନଥିଲା, ଏପାଳି ବୋଧେ ମାଆ ଆସି ବଦଳାଇ ଦେଲେ ଜବରଦସ୍ତି । କାନରେ ବଡ ନୀଳ କାନଫୁଲ ଆଉ ମଥାରେ ବଡ କଳା ଟିକିଲି ତା ସାଥିରେ ଓଠରେ ଗୋଲାପି ଲିପିଷ୍ଟିକରେ ଦିଦି ପୁରା ହିରୋଇନ୍ ଲାଗୁଥିଲା ମତେ । ଚାଲିଗଲା ବେଳକୁ ରୁଣୁ ଝୁଣୁ ଶବଦ ହଉଥିଲା, ତା ପାଦ ଦିଟାକୁ ଦେଖିଲା ବେଳକୁ ପାଉଁଚି ଲଗେଇଥିଲା ଆଜି ବହୁତ ଦିନପରେ । ଏତେ ଦିନ ହେଲା ତା ସାଧାରଣ ରୂପରେ ତାକୁ ଦେଖି ଦେଖି ଆଜିର ଏ ମନ ଲୋଭା ରୂପ ମତେ ବହୁତ ଆଲଗା ଲାଗୁଥିଲା । ଲାଗୁଥିଲା ଯେମିତି ଦିଦି ତା ନୂଆ ସଂସାରକୁ ନୂଆ ନୂଆ ରଙ୍ଗରେ ସଜେଇବାକୁ ପୁରା ପ୍ରସ୍ତୁତ ଅଛି ।

ରୋଷେଇ ଏଯାଏ ସରି ନଥିଲା, ଦିଦି ମୋର ଦୌଡ଼ି ଯାଉଥିଲା ବାକି ରୋଷେଇରେ ମାଆଙ୍କୁ ସାହାଯ୍ୟ କରିବାକୁ, କାଳେ ତା ମେକ୍ ଅପ୍ ଖରାପ ହେଇଯିବ ଭାବି ତା ହାତଟାକୁ ଧରି ଦେଇ କହିଲି, "ଦିଦି ମୁଁ ଯାଉଚି ।" ତଥାବି ସେ ଶୁଣି ନଥିଲା ହସି ହସି ଚାଲି ଯାଇଥିଲା ରୋଷେଇ କରିବାକୁ । ରୋଷେଇ ସାରି ଝାଳ ନାଳ ହୋଇ ଆସି ବସି ପଡ଼ିଲା ମୋ ପାଖରେ ଟିକେ ଫ୍ୟାନ ପବନ ପାଇଁ । ହଠାତ୍ ମାଆଙ୍କ ପାଟି ପୁଣି ଶୁଭିଲା, "ସୁମି, ସେମାନେ ଆଉ ପାଞ୍ଚ ଦଶ ମିନିଟ୍ ରେ ଆସି ପହଞ୍ଚିଯିବେ, ସବୁ କାମ ଶୀଘ୍ର ସାରିଦେ ।" ଏତିକି ଶୁଣୁ ଶୁଣୁ ମୁଁ ଗୋଟେ କୁଦାରେ ବେଡରୁ ଡିଆଁ ମାରିଲି ତଳକୁ କାରଣ ଦିନ ବାରଟା ହବ ପ୍ରାୟ ଏଯାଏ ମୁଁ ଦାନ୍ତ ଘସି ନଥିଲି କି ଗାଧୋଇ ନଥିଲି, ବାସ୍ ବେଡ୍ ରେ ପଡ଼ି ପଡ଼ି ଦିଦିକୁ ଦେଖୁଥିଲି । ମୁଁ ଚାଲିଗଲି ମୋ ବାଟରେ ମୋ ନିତ୍ୟ କର୍ମ ସାରିବାକୁ । ସବୁ କାମ ସାରି ପ୍ରାୟ କୋଡିଏ ମିନିଟ୍ ପରେ ଆସିଲା ବେଳକୁ ଦିଦି ଥରୁଥିଲା ମିରର ଆଗରେ ଠିଆ ହୋଇ । ହାତରେ କାଜଳ ଧରିଥିଲା ଲଗେଇବାକୁ କିନ୍ତୁ ଲଗେଇ ପାରୁନଥିଲା, ନୁଆ ଲୋକଙ୍କୁ ଦେଖା କରିବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆତଙ୍କରେ । ମତେ ଭାରି ମଜା ଲାଗୁଥିଲା ତାକୁ ଏଇ ଅବସ୍ଥାରେ ଦେଖି । ହାତରୁ କାଜଲଟା ଟାଣି ନେଇ ମୋ ଆଡ଼କୁ ତା ମୁହଁ ବୁଲେଇଦେଇ ଆଙ୍କି ଦେଲି ଦିଟା ଲମ୍ବା ମୋଟା କଳା ଗାର ତା ଆଖି ଦିଟାରେ । ଆଙ୍କି ସାରିବା ପରେ ଆରମ୍ଭ କଲି ମୋ ଲମ୍ବା ଚଉଡ଼ା ପ୍ରବଚନ ବଡ ପାଟିରେ, ତାକୁ ଟିକେ ସାହସ ଦବା ପାଇଁ, କିନ୍ତୁ ମୋ ପାଟି ଶୁଣି ମାଆ ବାହାର ପଟ ଘରୁ ଦୌଡ଼ି ଆସି କହିଲା, "ମୀନୁ, ଟିକେ ଧୀରେ ପାଟି କର ସେମାନେ ବସିଛନ୍ତି ଖରାପ ଭାବିବେ ।" ଯଦ୍ଧା ଭିତରେ ସେମାନେ ଆସି ଗଲେଣି ବୋଲି ମତେ ଜଣା ନଥିଲା । ଦିଦି ଚାଲି ଯାଇଥିଲା ରୋଷେଇ ଘରକୁ ଦହି ସରବତ ଆଣିବାକୁ, ହଠାତ୍ କାଚ ଗ୍ଲାସ ପଡ଼ିବାର ଶବଦରେ ମାଆ ଆଉ ମୁଁ ଦୌଡ଼ିଥିଲୁ ରୋଷେଇ ଘରକୁ । ସେଠି ଯାଇ ଦେଖୁ ତ, ଦିଦି ଛାନିଆ ଆଉ ଭୟରେ ଗ୍ଲାସ ଗୋଟେ ଭାଙ୍ଗି ସାରିଛି । ମାଆ ତାକୁ ସାହସ ଦେଇ ଭଲରେ ବୁଝେଇ ପୁଣି ତାକୁ ଧରି ଚାଲିଲା ତା ଶାଶୁ ଘର ଲୋକଙ୍କ ଆଗକୁ । ମୁଁ ଆଶ୍ଚର୍ଯ୍ୟ ହଉଥିଲି ମାଆ କେମିତି ଆଜି ଦିଦିକୁ ଗାଳି ଦେଲାନି ଗ୍ଲାସ ଭାଙ୍ଗିବାରୁ, ଆଗରୁ ତ ବହୁତ ଗାଳି କରେ । ତା ଶାଶୁଘର ଲୋକଙ୍କୁ ଦେଖିବାକୁ ମୁଁ ବି ଯାଇଥିଲି ଦିଦି ପଛେ ପଛେ ଆଉ ଦୂରରୁ ଠିଆ ହୋଇ ଦେଖୁଥିଲି ମୋ ଦିଦିର ଆଉ ଗୋଟେ ନିରୀହ ରୂପ । କହିବାକୁ ଗଲେ ଦିଦି ମୋର ଜମା ନିରୀହ ନୁହେଁ କାରଣ ସେ ମତେ ପଢେଇବା ବେଳେ ବହୁତ ବାଡ଼ାଏ । କିନ୍ତୁ ଆଜି ସେ ମତେ ବହୁତ ନିରୀହ ଲାଗୁଥିଲା । ସମସ୍ତଙ୍କୁ ମୁଣ୍ଡିଆ ମାରିବା ସାରି ସେ ବସିଥିଲା ମାଆଙ୍କ ପାଖରେ । ମୁଁ ଯାଇ ସମସ୍ତଙ୍କୁ ମୁଣ୍ଡିଆ ମାରି ବସିଗଲି ବାପାଙ୍କ ପାଖରେ । ଦିଦିର ଶାଶୁଘର ଲୋକ ତାକୁ ବହୁତ ଶାନ୍ତ ଭାବୁଥିଲେ, କହୁଥିଲେ, "ଝିଅଟା କେତେ ଚୁପ୍ ଚାପ୍, ଠିକ୍ ଆମ ପୁଅ ପରି ଶାନ୍ତ, ଇତ୍ୟାଦି ।" ମୋର ଇଛା ହଉଥିଲା, ଚିଲେଇକି କହିବାକୁ, "ତମେ ଯାହାକୁ ଏତେ ଶାନ୍ତ ଭାବୁଛ ସେ ବହୁତ ଚଣ୍ଡୀଟା ମତେ ବହୁତ ମାରେ ।" କିନ୍ତୁ କହି ପାରିଲିନି କାରଣ ମୋ ଦିଦିର ଖୁସି ଲୁଚି ରହିଥିଲା ଏଇ ନୁଆ ସମ୍ପର୍କରେ । ମତେ ଜଣା

 Magazine Downloaded from www.aahwaan.com

ଥିଲା ମୋ ଦିଦି କେବଳ ମୋ ଆଗରେ ବାଘ ଆଉ ସବୁଠି ମୂଷା ଛୁଆ । ଦିଦିର ଆଖି ଦିଟା ବହୁତ ସୁନ୍ଦର, ଆଉ ଜ୍ୟୋତିଷ ଆଜ୍ଞା କହୁଥିଲେ, "ମାଆରେ, ତୁ ବହୁତ ଲକ୍ଷ୍ମୀମତିଆ କାରଣ ତୋ ଆଖି ଦି'ଟା କଜଳ ପାତିଆ ଆଖି", ଏତିକି ଶୁଣି ଦେଇ ମୋ ବାପାମାଆ ଆଉ ଟିକେ ଖୁସିରେ ଗଦ ଗଦ ହୋଇଗଲେ । ମୋର ଇଛା ହଉଥିଲା କହିବାକୁ, "ଆରେ ମତେ ବି କିଏ ଟିକେ ବାହାବା ଦିଅ, ତାକୁ କାଜଲ ମୁଁ ଲଗେଇ ଦେଇଚି ସେଥିପାଇଁ ସେ ଆହୁରି ସୁନ୍ଦର ଦିଶୁଛି ।" କେହି ମତେ ବାହାବା ଦିଅନ୍ତୁ ବା ନଦିଅନ୍ତୁ, ଦିଦି କିନ୍ତୁ ତା ଆଖିର ଇସାରାରେ ମତେ ଜଣେଇ ଦେଲା । ବେଶ୍ ସୁରୁଖୁରୁରେ ଝିଅଦେଖା ସରିଗଲା, ଆଉ ଭିଣେଇ ଭାଇ ଗଲା ବେଳେ ମତେ ଚିଡେଇଦେଇ ଗଲେ । ସମସ୍ତଙ୍କର ଝିଅ ଆଗରୁ ପସନ୍ଦ ଥିଲା କିନ୍ତୁ ମୋ ଦିଦିର ଡର ବହୁତ, ନିଜ ଭିତରେ ସଙ୍କୁଚିତ ସେ, ବହୁତ ଚିନ୍ତାଥିଲା ତା'ର, ତା' ରଙ୍ଗରୂପ କାଳେ କାହାକୁ ପସନ୍ଦ ନ ଆସିବ ଭାବି । ଦିଦିର ବିଶ୍ୱାସ ହେଉନି ଯେ ତା' ବାହାଘର ଠିକ୍ ହୋଇସାରିଛି ବୋଲି କାରଣ ସେ ଦେଖିଛି ତା ଆଖି ଆଗରେ ମାଉସୀମାନଙ୍କ ପାଇଁ ବାର ବାର ବିବାହ ପ୍ରସ୍ତାବ ଆସିବା ଆଉ ଭାଙ୍ଗିଯିବା, କୋଉଠି ଜାତକ ପାଇଁ ତ ଆଉ କେଉଁଠି ରୂପରଙ୍ଗ ପାଇଁ । ଦିଦି ଭାବୁଥିଲା ତା ବାହାଘର ପାଇଁ ମଧ୍ୟ ସେମିତି କିଛି ହବ ବୋଲି । ନିଜକୁ ପ୍ରସ୍ତୁତ କରିଦେଇଥିଲା ବାର ବାର ପିଲାମାନଙ୍କ ସହ ମିଶିବାକୁ ଆଉ ପୁଅର ପରିବାର ସହ ମିଶିବାକୁ, କିନ୍ତୁ ତା ଜୀବନରେ ଗୋଟେ ଥରରେ ସବୁ ଠିକ୍ ହୋଇଯିବ ବୋଲି ସେ କେବେ ଭାବି ନଥିଲା । ବିବାହର ବଜାରରେ ତାର କିଣାବିକା ହୋଇନଥିଲା । ଧୀରେ ଧୀରେ ତାର ବିଶ୍ୱାସ ଆସୁଥିଲା ଯେ, ଆଜି ବି ଦୁନିଆରେ କିଛି ଭଲ ପରିବାର ଅଛନ୍ତି ବୋଲି ଆଉ ନିଜକୁ ପ୍ରସ୍ତୁତ କରୁଥିଲା ସେମିତି ଏକ ପରିବାରରେ ନିଜକୁ ସାମିଲ୍ କରିବାକୁ ।

ମାର୍ଫତ : ପ୍ରସନ୍ନ କୁମାର ଦାସ, ନୂଆ ଶାସନ, ଢେଙ୍କାନାଳ ଜିଲ୍ଲା, ପିନ୍ – ୭୫୯୦୦୧

ଇମେଲ୍ : pallabidas051@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶ୍ରେଷ୍ଠ ସମ୍ପର୍କ



ଶାନ୍ତନୁ କୁମାର ରାଉତ

ଦୀପ ଆଉ ଆଜିର ମଣିଷ ପ୍ରାୟତଃ ଏକାପରି କାରଣ ଦୀପର ଶିଖାର ଆଲୋକରେ ସାରା ଦୁନିଆକୁ ଆଲୋକିତ କରେ ଅପର ପକ୍ଷରେ ତା'ର ତଳ ପାଖ ଅନ୍ଧାର ଯେଉଁଥି ପାଇଁ କି ପୂର୍ବ ପିଢ଼ିର ମଣିଷମାନେ କହିଯାଇଛନ୍ତି 'ଦୀପ ତଳ ଅନ୍ଧାର' । ଜଳୁଥିଲା ବେଳେ ସଭିଙ୍କର ପ୍ରିୟ ପାତ୍ର ଆଉ ଲିଭିଗଲା ପରେ ସମ୍ପୂର୍ଣ ମୂଲ୍ୟହୀନ । ଠିକ ସେହିପରି ଗୋଟିଏ ମଣିଷ ନିଜଠୁ ନିଜକୁ ହାର ମାନିଗଲା ପରେ ଅର୍ଥାତ ନିଜକୁ ରୋଜଗାର ସ୍ତରରୁ ଅକ୍ଷମ ହୋଇଗଲା ପରେ ଗୋଟିଏ ଲିଭିଲା ଦୀପ ସଦୃଶ ।

ରୁପେଶ ବାବୁ ଏବଂ ଦୀପକ ବାବୁ ଦୁଇଜଣ ଅତି ଘନିଷ୍ଠ ବନ୍ଧୁ ଥିଲେ, ଏମିତିକି ଜଣେ ଜଣକୁ ନ ଦେଖିଲେ ମଧ୍ୟ ଖାଦ୍ୟ ହଜମ ହୁଏ ନାହିଁ ଦୁଇଜଣଙ୍କର । ରୁପେଶ ବାବୁଙ୍କର ଗୋଟିଏ ପୁଅ ଆଉ ପରିବାରର ଚଳଣି ମଧ୍ୟବିତ । କିନ୍ତୁ ଦୀପକ ବାବୁଙ୍କର ଟିକେ ଉଚ୍ଚ ସ୍ତରର ଚଳଣି ଏବଂ ଦୀପକ ବାବୁଙ୍କର ଝିଅଟିଏ । ରୁପେଶ ବାବୁ ଗାଁର ହାଇସ୍କୁଲରେ କ୍ଲର୍କ୍ ହିସାବରେ କାର୍ଯ୍ୟ କରନ୍ତି ଏବଂ ଦୀପକ ବାବୁ ସେହି ବିଦ୍ୟାଳୟରେ ଶିକ୍ଷକ ଭାବରେ ଶିକ୍ଷକତା କରନ୍ତି ।

ହଠାତ ଦିନେ ରୁପେଶ ବାବୁଙ୍କର ଗୋଟିଏ ଆଖି ନଷ୍ଟ ହୋଇଗଲା ଯାହା କାରଣରୁ ତାଙ୍କୁ ଠିକ ଭାବରେ ଦେଖିବାରେ ବାଧା ସୃଷ୍ଟି ହେଲା ଯାହା କାରଣରୁ ରୁପେଶ ବାବୁଙ୍କ ଚାକିରି ଖଣ୍ଡିକ ଚାଲିଗଲା ଏପଟେ ଘର ଚଳିବାରେ ଅସୁବିଧା ପ୍ରାପ୍ତ ହେଲା । ପୁଅଟି ଗାଁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଷ୍ଟ ବାଲୁଙ୍ଗା ପିଲାଙ୍କ ସାଙ୍ଗରେ ସାଙ୍ଗ ହୋଇ ଖରାପ ବାଟରେ ପାଦ ଦେଲା.......

କିଛି ଦିନ ପରେ ଦୀପକ ବାବୁଙ୍କ ଝିଅ ବାହାଘର ଠିକ ହୋଇଗଲା । ଦୀପକ ବାବୁ ଆସି ରୁପେଶ ବାବୁଙ୍କୁ ନିମନ୍ତ୍ରଣ କରିଗଲେ ଏବଂ ବନ୍ଧୁଙ୍କ ଝିଅ ବାହାଘର ଭଲରେ ଭଲରେ ବିତିଗଲା । ରୁପେଶ ବାବୁଙ୍କର ଚିନ୍ତା ପଡିଗଲା ଆରେ ମୋ ପୁଅର ବି ବିବାହର ବୟସ ହୋଇଗଲାଣି । କିନ୍ତୁ ଇଏ ତ କାମ ଧନ୍ଦା  କିଛି ବି କରୁନି ଯାକୁ ଝିଅ କିଏ ଅବା ଦେବ ? ଏହି କଥା ଭାବି ଭାବି ସ୍ଥିରକଲେ ଏବଂ ବିଦ୍ୟାଳୟରୁ ଅବସର ସମୟରେ କିଛି ମିଳିଥିବା ଟଙ୍କା ତାଙ୍କ ପାଖରେ ଥିଲା । ଦୁଇ ଲକ୍ଷ ଟଙ୍କାର ଗୋଟିଏ ତେଜରାତି ଦୋକାନ କରାଇ ପୁଅକୁ ରୋଜଗାରକ୍ଷମ କରାଇଲେ ଯାହା ହେଉ ପୁଅଟି ବଦଳି ଯାଇ ଧୀରେ ଧୀରେ ନିଜ ଗୋଡ଼ରେ ଛିଡା ହେବାରେ ସକ୍ଷମ ହେଲା ଏବଂ ରୁପେଶ ବାବୁ ପୁଅର ବିଭାଘର ମଧ୍ୟ କରିଦେଲେ.....

କିନ୍ତୁ ଶାରୀରିକ ସ୍ତରରେ ରୁପେଶ ବାବୁ ସମ୍ପୂର୍ଣ ଭାବେ ଅକ୍ଷମ ହୋଇଗଲେ ଯାହାକି ଧୀରେ ଧୀରେ ବୟସର ଦୀପରେ ଘିଅ ସରିଗଲା ବେଳେ ପୁଅ ବୋହୂଙ୍କର ଶାରୀରିକ ଏବଂ ମାନସିକ ନିର୍ଯାତନାର ଶିକାର ହେବାକୁ ଲାଗିଲେ । ଏବଂ ଅମାନିଆ ଆଖିରୁ ଅବିଶ୍ରାନ୍ତ ଲୁହ । ଏମିତିତ ଆଖିକୁ ଠିକରେ ଦେଖା ଯାଉନାହିଁ । ପରେ ପୁଅବୋହୂଙ୍କର ଏପରି ବ୍ୟବହାର ସେ କେବେ ବି ଭାବି ନଥିଲେ ।

ଅତିଷ୍ଠ କଷ୍ଟ ହେଲା ପରେ ସେ ସେଇ ଘନିଷ୍ଠ ବନ୍ଧୁ ଦୀପକ ବାବୁଙ୍କ ପାଖକୁ ଚାଲିଗଲେ ଏବଂ ସବୁ କଥା କହିଲେ । ଦୀପକ ବାବୁ ସାନ୍ତ୍ୱନାର ସହିତ କହିଲେ ଆରେ ଭାଇ ମୁଁ କଣ ମରିଗଲିଣି ତୋର କୁଆଡେ ଯିବା ଦରକାର ନାହିଁ ଆଜିଠୁ ଏଇଟା ତୋ ଘର । ଆରେ ଭାଇ ମୋ ଝିଅ ଜନ୍ମ ପରେ ତା ମାଆ ବି ଆର ପାରିକୁ ଚାଲିଗଲା ଆଉ ତୋର ବି ସେଇ ଅବସ୍ଥା ପୁଅ ହବାର ଦୁଇବର୍ଷ ପରେ ତା ମାଆ ବି ହଇଜା ରୋଗରେ ଆକ୍ରାନ୍ତ ହୋଇ ଆଖି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୁଜିଦେଲେ ।

ତେଣୁ ଆମେ ଯେତିକି ଦିନ ବଂଚିବା ସାଥି ହୋଇ ବଂଚିବା ଆମେ ଫେରିଯିବା ସେଇ ପନ୍ଦର ବର୍ଷର ଅତୀତର ବନ୍ଧୁତ୍ୱ ଜୀବନକୁ ଆମେ ପ୍ରମାଣ କରିଦେବା ଏବଂ ଦୁନିଆକୁ ଦେଖେଇ ଦେବା ବନ୍ଧୁତ୍ୱ ହେଉଛି ଶ୍ରେଷ୍ଠ ସମ୍ପର୍କ ଦୁନିଆର ।......

ଭଗବାନ ଶ୍ରୀକୃଷ୍ଣ କହିଛନ୍ତି କି କେହି କାହା ପାଖକୁ ତିନୋଟି ପରିସ୍ଥିତିରେ ଯାଇଥାଏ. ୧ ଭାବରେ, ୨ ଅଭାବରେ କିମ୍ବା ୩ ପ୍ରଭାବରେ । ଏଥିପାଇଁ ଯେବେ ବି କେହି ତୁମପାଖକୁ ଆସୁଛି ତେବେ ତାକୁ ପୁରା ସମ୍ମାନ ଦିଅ । ଜଣାନାହିଁ ସେ କେଉଁ ସ୍ଥିତିରେ ତୁମ ପାଖକୁ ଆସିଛି;

୧. ଭାବରେ ଆସିଛି ଯଦି କେବଳ ସ୍ନେହ ଦରକାର ।

୨. ଅଭାବରେ ଆସିଛି ତ ସାହାଯ୍ୟ ଦରକାର ଓ ତୁମକୁ ଏଥିପାଇଁ ସକ୍ଷମ ଭାବି ଆସିଛି ।

୩. ପ୍ରଭାବରେ ଆସିଛି ତ ତୁମକୁ ଅଭିମାନ ହେବା ଦରକାର କାରଣ ତୁମେ ଏଥିପାଇଁ ସକ୍ଷମ ଅଛ ତେଣୁ ତା'ର ତିରସ୍କାର କରନାହିଁ ।

ଶାନ୍ତନୁ କୁମାର ରାଉତ
ପାଟରଙ୍ଗା (ନୂଆସାହି), ଓଡ଼ିଶା
ଭ୍ରାମ୍ୟଭାଷ : ୯୮୬୧୭୫୬୧୯୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଲେଜ ଓ କୃଷ୍ଣଚୂଡ଼ା



ଲତିକା ବିଳାସ

କଲେଜ୍ କ୍ୟାମ୍ପସରେ ଥିବା କୃଷ୍ଣଚୂଡା ଗଛଟା ଏବେବି ଗ୍ରୀଷ୍ମରେ ସାଧବ ବୋହୁ ସାଜୁଛି । ଶରତରେ ଶେଫାଳୀଗଛ ବିଛଉଛି ଶୁଭ୍ର ସୌରଭ ଗାଲିଚା । ପାଖରେ କୁନି ଝରଣାଟି ପୂର୍ବଭଳି ବହି ଚାଲିଛି ଆଗକୁ ଆଗକୁ । ସେ ଲଗାଇ ଥିବା ଜୁଇ ଗଛରେ ଫୁଲ ଫୁଟି ଭୁରୁ ଭୁରୁ ବାସ୍ନାରେ ଏବେବି ମହକି ଯାଉଛି ଗଗନ ପବନ ।

ପ୍ରକୃତି ତା' କାର୍ଯ୍ୟ ପୂର୍ବ ଭଳି କରି ଚାଲିଛି । କିଛି ବି ବ୍ୟତିକ୍ରମ ନାହିଁ । ତା'ହେଲେ କେମିତି ଅଦିନରେ ସୁଖ ଗ୍ରହଣ ଲାଗିଗଲା ? କେମିତି ଭାଗ୍ୟାକାଶରେ ଛାଇଗଲା ଘନଘନ କଳା ବଉଦ ? ବୁଝିବି ବୁଝିପାରେନି ଗୌତମ । କଲେଜର ଶ୍ରୀହୀନ କ୍ୟାମ୍ପସ ତାକୁ ବ୍ୟଥାରେ ପୋତି ପକାଏ । ମାନସପଟରେ ପହଁରି ଯାଏ ବିତି ଯାଇଥିବା ସୁନ୍ଦର ମୂହୂର୍ତ୍ତର କିଛି ଅଭୁଲା ସ୍ମୃତି । ସେହି ସମୟଟା ଥିଲା ବୋଧେ ଏ ଇଞ୍ଜିନିୟରିଂ କଲେଜର ସୁବର୍ଣ୍ଣ ଯୁଗ । ଅନେକ ମେଧାବୀ ଛାତ୍ରଛାତ୍ରୀଙ୍କୁ ନେଇ ସେ ଥିଲା ପୂର୍ଣ୍ଣଗର୍ଭା । ପ୍ରାଇଭେଟ କଲେଜ ହେଲେବି ତାର ଥିଲା ସ୍ୱତନ୍ତ୍ର ମର୍ଯ୍ୟାଦା । ସେଥିପାଇଁ ଅନେକ ମେଧାବୀ ଛାତ୍ରଛାତ୍ରୀଙ୍କର ପ୍ରଥମ ପସନ୍ଦ ଥିଲା ଏ କଲେଜ । ଏଠି ସିଟ୍ ଟେ ପାଇବା ପରମ ଭାଗ୍ୟ ବୋଲି ଧାରଣା ରହି ଆସିଥିଲା ।

ଗୌତମର ଠିକ୍ ମନେଅଛି, ଯେତେବେଳେ ସେ ଏ କଲେଜରେ ପାଦଦେଲା ନିଜକୁ କେତେ ଗୌରବାନ୍ୱିତ ମଣିଥିଲା । ସବୁ କ୍ଲାସ୍ ସେତେବେଳେ ହାଉସ୍ ଫୁଲ୍ । ଶତଶତ ପିଲାଙ୍କର କଳରବରେ ମୁଖରିତ ହୋଇ ଉଠୁଥିଲା କ୍ୟାମ୍ପସ । ନିଜ ସୁନ୍ଦର ଭବିଷ୍ୟତର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଙ୍ଗିନ୍ ସ୍ୱପ୍ନରେ ବିଭୋର ଥିଲେ ସେମାନେ । ପାଠପଢା ଶେଷ ନ ହେଉଣୁ ଅନେକ କ୍ୟାମ୍ପସ ସିଲେକ୍ସନ୍ ଜରିଆରେ ଉଚ୍ଚ ବେତନରେ ନିଯୁକ୍ତି ପାଇ ଯାଉଥିଲେ । ଯେଉଁ କେତେ ଜଣ ବି ବାଦ୍ ପଡୁଥିଲେ ପରବର୍ତ୍ତୀ କାଳରେ ନିଶ୍ଚିତ ନିଯୁକ୍ତି ପାଇବାର ଦୃଢ ବିଶ୍ୱାସରେ କଲେଜ ଛାଡୁଥିଲେ । ଏଣୁ ୱେଲ୍ କମ୍ ଠାରୁ ଫେର୍ ୱେଲ୍ ପର୍ଯ୍ୟନ୍ତ ସମସ୍ତ ପ୍ରୋଗ୍ରାମ ବେଶ୍ ଯାକ ଯମକରେ ପାଳନ କରାଯାଉଥିଲା । ଦେଶର ନାମୀଦାମୀ ଶିକ୍ଷାବିତ୍ ଆସି ପ୍ରେରଣା ଦେଉଥିଲେ ସ୍ୱପ୍ନ ଦେଖିବାକୁ, ସିଡ଼ି ଚଢିବାକୁ ।

ଭଲ ଇଞ୍ଜିନିୟରଟେ ହୋଇ ବାହାରିବାର ସଙ୍କଳ୍ପ ନେଇ ସେ କଲେଜ ଜୀବନ ଆରମ୍ଭ କରିଥିଲା । ଚଢା କଲେଜ ଫିସ୍ ପାଇଁ ମା'ବାପା ପଛଘୁଞ୍ଚା ଦେଉଥିଲେ । ହେଲେ ଗୌତମର ଏକା ଜିଦ୍ ସେ ଏଇଠି ହିଁ ପଢିବ । ପଇସାକୁ ତା'ର ଆଦୌ ଖାତିର୍ ନଥିଲା । ବ୍ୟାଙ୍କ୍ ଲୋନ୍ ତ ସହଜରେ ମିଳି ଯାଉଥିଲା । ଖୁସିରେ ଖୁସିରେ ବି କଟିଗଲା ଦୁଇବର୍ଷ । କିନ୍ତୁ ନିଜ ଅଜାଣତରେ କାହିଁ କେଉଁଠି ଦାନା ବାନ୍ଧି ଚାଲିଥିଲା ବାତ୍ୟା । ମାଡି ଆସୁଥିଲା ଭୀମ ଭୈରବ ରୂପରେ । ତା ପରେ କେତେ ସ୍ୱପ୍ନର ମନ୍ଦିର, ମହଲ ଭାଙ୍ଗିରୁଜି ବର୍ଷାର ପ୍ରବଳ ସ୍ରୋତରେ କିଏ କୁଆଡେ ଭାସିଗଲେ ସେ ହିସାବ କିଏ ବା ରଖିଥିଲା ଆଉ ।

ନିଯୁକ୍ତିର ଅଭାବ ଅନ୍ୟ ଅନେକ କଲେଜ ଭଳି ଏ କଲେଜକୁ ବି ରୋଗଗ୍ରସ୍ତ କରିଦେଲା । ଆରମ୍ଭ ହୋଇ ସାରିଥିଲା କୃଷ୍ଣପକ୍ଷ । ବର୍ଷକୁ ବର୍ଷ କମିଗଲେ ବିଦ୍ୟାର୍ଥୀ । ବନ୍ଦ ହୋଇଗଲା ଜେଣ୍ଟସ୍ ହଷ୍ଟେଲ୍ ଏବଂ ପରେପରେ ଲେଡିଜ୍ ହଷ୍ଟେଲ୍ । ଯେଉଁ କଲେଜରେ ସିଟ୍ ନପାଇ ଶହଶହ ଛାତ୍ରଛାତ୍ରୀ ନିରାଶ ହୋଇ ଫେରୁଥିଲେ ସେଠି ଆଜି ହାତଗଣତି କେତେଜଣ । କଲେଜର ପାଟରାଣୀ ବେଶ ଦେଖିଥିବା ଗୌତମ ଛାତିରେ କଣ୍ଟା ଫୋଡି ହୋଇଯାଏ ଆଜିର ଏ କାଙ୍ଗାଳୁଣୀ ବେଶ ଦେଖି । ମାତ୍ର ସେ ନାଚାର । ପେଟକୁ ଭାତ ମୁଠେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯୋଗାଡିବାକୁ ସେ ଏ କଲେଜରେ ଚାକିରି ଖଣ୍ଡେ ପାଇଛି, ବହୁକଷ୍ଟରେ ।

କେବଳ ତା ଚିନ୍ତାରେ ବାପା ଦୁନିଆଁ ଛାଡିଦେଲେ । ତାଙ୍କ ଅକାଳ ମୃତ୍ୟୁ ତା' ମୁଣ୍ଡ ଉପରୁ କେବଳ ପିତାଙ୍କ ହାତ ଛଡେଇ ନେଇ ନଥିଲା ବରଂ ଉଡେଇ ନେଇଥିଲା ତା ମୁଣ୍ଡ ଉପର ଛାତ । ସେ ଉଚ୍ଚଶିକ୍ଷିତ ହୋଇ ଘରର କୌଣସି ଦାୟିତ୍ୱ ନେଇନାହିଁ ଅଥଚ ସାନଭାଇ ସାମାନ୍ୟ ଅଟୋ ଚଲେଇ ମାଆବାପାଙ୍କ ଔଷଧଖର୍ଚ୍ଚ ଠାରୁ ଆରମ୍ଭ କରି ବନ୍ଧୁବାନ୍ଧବ ଚଳେଇଛି । ବାପାଙ୍କ ଶୁଦ୍ଧି କାର୍ଯ୍ୟ ବି ତୁଲେଇଛି । ସେଥିପାଇଁ ଯେଉଁ ଘର ଦିବଖରା ଓ ଜମିବାଡି ଚାରି ଖଣ୍ଡ ଅଛି ସେସବୁ ଉପରେ ତାର ଏକଚାଟିଆ ଅଧିକାର ବୋଲି ତା'ର ଦାବି । ଗୌତମ ବି ପ୍ରତିବାଦ କରିନି । ବରଂ ଘର ଛାଡି ଦେଇଛି ସବୁଦିନ ପାଇଁ ।

ତା'ଠୁ ଯଥେଷ୍ଟ କମ୍ ନମ୍ବର ରଖିଥିବା ପିଲା ଯେଉଁମାନେ ଗାଁ କଲେଜରେ ବାଳୁଙ୍ଗାମି କରି କରି କୌଣସି ମତେ ଡିଗ୍ରୀ ସାର୍ଟିଫିକେଟଟେ ଲେଖାଏଁ ହାସଲ କରିଛନ୍ତି ସେମାନେ ଆଜି କେଉଁଠି ନା କେଉଁଠି କୂଳରେ ଲାଗି ଯାଇଛନ୍ତି । ତା ଇଞ୍ଜିନିୟରିଂ ପଢା ସାଙ୍ଗ ବରୁଣ ବି କହୁଥିଲା 'ଅନ୍ୟ ରାଜ୍ୟର ବି.ଏଡ୍. ସାର୍ଟିଫିକେଟଟେ ଯୋଗାଡ଼ କରି ଚାଲ୍ କେଉଁ ସ୍କୁଲରେ ସେଟଲ୍ ହୋଇଯିବା । କିଛି ନହେଲେ ସରକାରୀ ମୋହର ତ ବାଜିଯିବ ।

ଗୌତମର ମନ କିନ୍ତୁ ମାନି ନଥିଲା ବରୁଣର କଥାରେ । ତା' ମୁଣ୍ଡରୁ ଇଞ୍ଜିନିୟର ହେବାର ଭୂତଟା ସେଯାଏ ଉତୁରି ନଥିଲା ବୋଧେ । ଚାକିରୀ ଖୋଜିଖୋଜି ସେ ଚିଲ, ଶାଗୁଣା ପରି ବେଙ୍ଗଲୋର, ହାଇଦ୍ରାବାଦ, ପୁନେ, ଇନ୍ଦୋର ଘୁରି ବୁଲିଲା । ସବୁଠି କର୍ମକୁ ଆଦରି ଶିକ୍ଷିତ ଦାଦନର ଜୀବନ ଜୀଉଁଛନ୍ତି ତା'ଭଳି ହଜାର ହଜାର ଇଞ୍ଜିନିୟର । ପାର୍ଥକ୍ୟ ଏତିକି ଯେ, ସେମାନେ ସମ୍ମାନକୁ ଜଗି ନିଜ ଅସହାୟତା ଉପରେ ରଙ୍ଗୀନ୍ ପରଦା ଟାଙ୍ଗି ଦେଇଛନ୍ତି । ଦୁଃଖର ଭାର ଅଧିକ ହେଲେ ଦୁନିଆଁ ଛାଡି ଦେଉଛନ୍ତି ସିନା, ମନର ବେଦନା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରକାଶ କରିବାକୁ କ୍ଷେତ୍ର ଖୋଜି ପାଉନାହାନ୍ତି ।

ବୁଲି ବୁଲି ସେ ମଧ୍ୟ ପାଇଥିଲା ଚାକିରି ଖଣ୍ଡେ ପୁନେରେ । ମାସକୁ ଦରମା ଦଶହଜାର । ଡିଉଟି ବାର ଘଣ୍ଟା । ମହଙ୍ଗା ସହର । ଘରଭଡ଼ା ବାଦ୍ ଚଳିବାକୁ ନିଅଣ୍ଟ । ଅଧିକ ଖଟଣିକୁ ଅନ୍ୟ ସବୁ ଅବ୍ୟବସ୍ଥା ରୋଗଗ୍ରସ୍ତ କରିଦେଲା ତାକୁ । ବାଧ୍ୟ ହୋଇ ସେ ପୁନେ ଛାଡିଲା ।

ଜଣେ ପୂର୍ବତନ ଶିକ୍ଷକଙ୍କ କରୁଣାରୁ ଏଠି ଚାକିରୀଟା ମିଳିଛି । ଦରମା ବହୁତ କମ୍ । ପେଟଟା ସିନା କୌଣସି ମତେ ପୁରିଯାଉଛି ହେଲେ ବ୍ୟାଙ୍କ୍ କିସ୍ତି ଦେବାକୁ ବାରଦୁଆର ହେବାକୁ ପଡୁଛି ।

ବେଳେବେଳେ ଅନ୍ତର୍ଦୃଷ୍ଟିରେ ମାଆର ମମତାମୟୀ ମୂର୍ତ୍ତିଟି ନାଚିଯାଏ । ସେତେବେଳେ ମେଞ୍ଚାଏ ପବନ ଅଟକି ଯାଏକି ଛାତି ଭିତରେ ? ତା'ରି ଚିନ୍ତାରେ ସିନା ମାଆର ଏ ଅକାଳ ବାର୍ଦ୍ଧକ୍ୟ । ତଥାପି ମା' କେବେ ଦୋଷ ଦେଇନି ତାକୁ । ବରଂ ସାହାଯ୍ୟ କରିଛି ସାଧ୍ୟମତେ । ଘରଛାଡି ଆସିଲା ବେଳେ ମଧ୍ୟ ନିଜ ପ୍ରିୟ ମଥାମଣିଟିକୁ ତା' ହାତରେ ଗୁଞ୍ଜିଦେଇଛି ସମସ୍ତଙ୍କ ଅଜାଣତରେ । କହିଛି, "ମୋ ପାଖରେ ଆଉ କିଛି ନାହିଁରେ ବାପା । ଏଇ ଖଣ୍ଡକ ନେ, ବିକି ଭାଙ୍ଗି କାମଧନ୍ଦା ମିଳିବା ପର୍ଯ୍ୟନ୍ତ ଚଳିଯିବୁ । ପକ୍ଷୀ ପରି ବିଶାଳ ଗଗନରେ ଉଡିବୁଲିବୁ ବୋଲି ଭାବି ନେଇଥିଲି, ହେଲେ ତୁ ଆଜି ପତଙ୍ଗ ଭଳି ଧୂଳି ମାଟିରେ ଘୁଷୁରୁଛୁ । ଏକଥା ମୁଁ ସହ୍ୟ କରିପାରୁନି । ମୋ ଛାତି ଫାଟି ଯାଉଛିରେ ଧନ ।"

ଗୌତମ ଭଲକରି ଜାଣେ ପ୍ରଥମ ବିବାହ ବାର୍ଷିକୀରେ ବାପାଠାରୁ ଉପହାର ସ୍ୱରୂପ ପାଇଥିବା ଏ ମଥାମଣିଟି ମା'ର କେତେ ପ୍ରିୟ । ଶେଷ ପର୍ଯ୍ୟନ୍ତ ତାକୁ ପାଖରେ ରଖିବାର ସଂକଳ୍ପ କରିଥିଲା ମା । ସେଥିପାଇଁ ଯେତେ ଅଭାବ ଅସୁବିଧା ଆସିଲେ ମଧ୍ୟ ତାକୁ ବନ୍ଧକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପକଉ ନଥିଲା । ବିକିବା ତ ଦୂରର କଥା । ମା'କୁ ଶାଢୀ ଖଣ୍ଡେ ଉପହାର ଦେବାର ସାମର୍ଥ୍ୟ ତ ତାର ନାହିଁ । ମା'ର ଏ ଅମୂଲ୍ୟ ସମ୍ପତ୍ତିଟି ତା'ଠାରୁ ଛଡେଇ ନେବ କେମିତି ? ତଥାପି ସେ ତାକୁ ପକେଟରେ ପୁରେଇଲା । ବେକାରୀ ମଣିଷକୁ କେତେ ନିଃସହାୟ, ନିର୍ଲଜ କରିଦିଏ ସତରେ !

ବୋଉର ଶେଷ ଦେଖାର ସେଇ ଲୋତକପୂର୍ଣ୍ଣ ଆଖି ଦୁଇଟିକୁ ସେ ଚାହିଁ ବି ଭୁଲି ପାରୁନି । ଘର ଛାଡିବା ଅନେକ ଦିନ ହେଲାଣି । ସେହି ହତଭାଗିନୀ ମା'ଟିକୁ ଆଉଥରେ ଦେଖିବାକୁ ସାହସ ଜୁଟେଇ ପାରୁନି ସେ ।

ସତେ ଅବା ଏଇ କଲେଜ ସହିତ ଭଗବାନ ଯୋଡି ଦେଇଛନ୍ତି ତା' ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ । ଏଇ କ୍ୟାମ୍ପସର କୃଷ୍ଣଚୂଡାକୁ ଦେଖିଲେ ସତେଜ ହୋଇଯାଏ ପୁରୁଣା ସ୍ମୃତି । ମନର ଗ୍ୟାଲେରୀରୁ ଦିଶିଯାଏ ସହପାଠୀ ପୂଜାର ଛବି । ଏଇ କୃଷ୍ଣଚୂଡା ମୂଳେ ତାକୁ ନେଇ କେତେ ସ୍ୱପ୍ନ ସେ ସଜେଇ ଥିଲା । ମାଟିରୁ ଆକାଶ ଥିଲା ତାର ପରିବ୍ୟାପ୍ତି । ପ୍ରେମ-ପ୍ରଣୟ, ସ୍ନେହ-ସମ୍ପର୍କ, ମାନ-ଅଭିମାନ ସବୁର ମୂକସାକ୍ଷୀ ଥିଲା ଏଇ କୃଷ୍ଣଚୂଡା ।

ପୂଜା ବି ଅଜବ ଖିଆଲି ଝିଅଟେ । ସବୁବେଳେ ଅଳି କରୁଥିବ ପେନ୍ଥାଏ ସଜଫୁଟା କୃଷ୍ଣଚୂଡା ଫୁଲ । ତଳେ ପଡିଥିବା ଗୋଟାଏ ଦୁଇଟା ପାଖୁଡା ଧରେଇ ଦିଏ ଗୌତମ । ମଉଳା ଫୁଲ କହି ଦୂରକୁ ଫିଙ୍ଗିଦିଏ ପୂଜା । ମୁହଁ ଫୁଲାଏ । ମାନ କରି କହେ, "ଆକାଶ ଚଢି ଜହ୍ନ ତୋଳିବାକୁ କହୁନି ମ । ସାମାନ୍ୟ ଗଛଟେ ଚଢି ଫୁଲ ପେନ୍ଥାଟେ ଆଣି ପାରୁନ ଅଥଚ କୃଷ୍ଣଚୂଡା ମୂଳେ କୃଷ୍ଣ ସାଜିବାକୁ ଭାରି ସରାଗ । ପୂଜାର କଥା ପଦକ ତା' ପୁରୁଷତ୍ୱକୁ ଚ୍ୟାଲେଞ୍ଜ କରେ । କୃଷ୍ଣଚୂଡାରେ ପୂଜାର କବରୀ ସଜାଇବାକୁ କେତେଥର ଗଛ ଚଢିବାର ଅସଫଳ ପ୍ରୟାସ ଯେ ସେ କରିଛି ତା' ଛଡା କେବଳ ଏଇ କୃଷ୍ଣଚୂଡା ଗଛଟି ହିଁ ଜାଣେ ।

 Magazine Downloaded from www.aahwaan.com

ପାଠପଢ଼ା ଶେଷ ହେଲା ପରେ ଚାକିରୀ ଖଣ୍ଡେ କରି ପୂଜାକୁ ସେ ପାଇଯିବ ପ୍ରଣୟିନୀରୁ ପତ୍ନୀ ରୂପରେ । ଜୀବନ ହୋଇଯିବ କୃଷ୍ଣଚୂଡ଼ା ପରି ରଙ୍ଗମୟ । ଚୁନାଚୁନା ସବୁଜ ପତ୍ରର ସବୁଜିମା ଭରା ସଂସାରରେ ଉଙ୍କିମାରିବ ଲାଲ୍ ଟୁକୁଟୁକୁ କୁସୁମ କଳିକା । ତା'ର କୁନିକୁନି ପାଦର କଅଁଳ ଚାଲିରେ ଛୋଟ ଘରଟା ସରଗ ପାଲଟି ଯିବ । ଏକଥା ଭାବୁଭାବୁ ପାଉଁରୁଟି ଭଳି ଫୁଲି ଉଠୁଥିଲା ସେ ।

ହେଲେ...... ପୂଜା ଆଜି କେଉଁଠି ? ଚାକିରୀ ପାଇଁ ଦ୍ୱାର ଦ୍ୱାର ଠୋକର ଖାଇ ବୁଲୁଥିଲା ବେଳେ ପୂଜା କଥା ଚିନ୍ତା କରିବାକୁ ବା ତା' ପାଖରେ ସମୟ କାହିଁ ? ସ୍ୱପ୍ନ ତା'ର ବନ୍ଦୀ ହୋଇଗଲା ସାତ ସିନ୍ଦୁକରେ ।

ଶେଷଥର ପୂଜା ସହିତ ଦେଖା ହୋଇଥିଲା ଏଇଠି, ଏଇ କୃଷ୍ଣଚୂଡ଼ା ତଳେ । ସେ ଫୋନ୍ କରି ଡାକିଥିଲା । ଘରେ ତା' ବିବାହ କରିଦେବାକୁ ଯୋଜନା ଚାଲିଛି । ସେ କେତେ ନେହୁରା ହୋଇଥିଲା ତାଙ୍କ ଘରେ ବିବାହ ପ୍ରସ୍ତାବ ପକେଇବାକୁ । ନଚେତ୍ କେଉଁ ମନ୍ଦିରରେ ତା ମଥାରେ ସିନ୍ଦୁର ମଣ୍ଡି ଦେବାକୁ । ମାତ୍ର ନିରୁପାୟ ଥିଲା ଗୌତମ । ପୂଜାର ହାତ ମାଗିବାକୁ ତା'ର ଯୋଗ୍ୟତା ନଥିଲା କି ତାକୁ ବିବାହ କରି ସ୍ତ୍ରୀର ସମ୍ମାନ ଦେଇ ସଂସାର ଭାର ବୋହିବାକୁ ମଧ୍ୟ ସେ ସକ୍ଷମ ନଥିଲା । ପୂଜାର ଅନୁନୟ ବିନୟ ସବୁ ବ୍ୟର୍ଥ ଗଲା । ସେ କେବଳ ଗୌତମର ପଥର ଛାତିରେ ମୁଣ୍ଡ ଗୁଞ୍ଜି ଅଶ୍ରୁତର୍ପଣ କରି ଚାଲିଥିଲା । ଲୁହରେ ଭିଜି ଯାଇଥିଲା ଗୌତମର ସେ ପିଆଜୀ ରଙ୍ଗର ସାର୍ଟଟା । ଯେଉଁଟାକୁ ଅମୂଲ୍ୟ ମଣି ମାଣିକ ଭଳି ସେ ସାଇତି ରଖିଛି ।

ପରେ ରବି ଠୁଁ ଶୁଣି ଥିଲା ସେ କୁଆଡେ ଏବେ ଜଣେ ଡାକ୍ତରକୁ ବାହାହୋଇ କାନାଡାରେ ରହୁଛି । ସେ କଥା ଶୁଣି ସେହିଦିନ ସେଇଠି ତା' ହୃଦୟରେ ଗୋଟେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଗ୍ନେୟଗିରି ସୃଷ୍ଟି ହୋଇଗଲା । ସେଇ ସୁପ୍ତ ଆଗ୍ନେୟଗିରିରୁ ବେଳେବେଳେ ଉତପ୍ତ ଲାଭା ଉଦ୍ଗୀରଣ ହୋଇ ଜାଳିପୋଡି ଦେଉଥିଲା ତା' ମନ, ପ୍ରାଣ, ହୃଦୟ । ନିଜେ ସେ କାଳାନଳରେ ଜଳି ଜଳି ବି  ସେ ପୂଜାର ମଙ୍ଗଳ କାମନା କରି ଆସିଛି ଅହରହ ।

କ'ଣ ଗୋଟାଏ ପଡିବାର ଶବ୍ଦରେ ଭାବନା ରାଜ୍ୟରୁ ଫେରି ଆସିଲା ସେ । ଚାହିଁ ଦେଖେତ କୃଷ୍ଣଚୂଡା ପେନ୍ଥାଟିଏ । ଝଡ଼ପବନ ତ ନାହିଁ, କେମିତି ଗଛରୁ ଅଲଗା ହୋଇଗଲା ତଟକା ଫୁଲ ପେନ୍ଥାଟା । ତା'ର ମନେ ପଡିଗଲା ପୂଜାର କଥା । "ଏଇ କୃଷ୍ଣଚୂଡା ଗଛକୁ ଚାହିଁ ଧ୍ୟାନ କରୁଥାଅ ବତ୍ସ । ନିଶ୍ଚୟ ତୁମର ମନସ୍କାମନା ପୁରଣ ହେବ । ଦିନେ ନା ଦିନେ ଆଶୀର୍ବାଦ ସ୍ୱରୂପ ଏଇ ବୃକ୍ଷ ମହାଶୟ ସ୍ୱହସ୍ତରେ ପୁଷ୍ପ ପେନ୍ଥାଟେ ବଢେଇ ଦେବେ ତୁମକୁ । କିନ୍ତୁ ତୁମେ ସେତେବେଳେ ହୁଏତ ଦରବୁଢା ହୋଇଯାଇଥିବ ଆଉ ମୁଁ ତୁମଠାରୁ ବହୁ ଦୂରକୁ ଚାଲିଯାଇଥିବି ।"

ସେଦିନ ଥଟ୍ଟା ମଜ୍ଜାରେ କହିଥିବା ପୂଜାର କଥା ପଦକ କେମିତି ସତ ହୋଇଯାଇଛି ଆଜି ! ଏକଥା ଭାବୁଭାବୁ ଅନେକ ଦିନର ସାଇତା କୋହ ତୋଫାନ ଭଳି ଉଠି ଆସିଲା ପଞ୍ଜରା ଭିତରୁ । ଆଉ ସହି ପାରିଲାନି ଗୌତମ । ତଳେ ପଡିଥିବା ସେହି କୃଷ୍ଣଚୂଡା ଫୁଲ ପେନ୍ଥାକୁ ଛାତିରେ ଜାବୁଡ଼ି ଧରି ପିଲାଙ୍କ ପରି ଭୋ ଭୋ କାନ୍ଦି ଉଠିଲା ସେ ।

ଭଟଲି ଛକ, ବରଗଡ଼, ଓଡ଼ିଶା

ମୋବାଇଲ : ୭୪୦୩୮୯୭୯୩୮୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମର ଅନ୍ୟନାମ



ରାଜେଶ କୁମାର ବାରିକ

କିଟିମିଟି ଅନ୍ଧାରର ଛାତି ଚିରି ପାଚେରି ଉପରୁ ତଳକୁ ଡେଇଁ ପଡିଲା ସ୍ୱପ୍ନା । ହାତରେ ଥାଏ କଲେଜ୍ ବ୍ୟାଗ୍ ଆଉ ସେଥିରେ କିଛି କପଡା । ମୋବାଇଲରେ କାହାକୁ ଫୋନ୍ କରିବାରେ ବ୍ୟସ୍ତ । ମନରେ ନିରାଶାର ଭାବ ନେଇ ଆଗକୁ ଆଗ ଦୌଡ଼ିବାରେ ଲାଗିଲା । ଆଉ ପାରିଲା ନାହିଁ । ନିରାଶାର ମନରେ ବସିପଡିଲା ଗୋଟେ ଦୋକାନ ବାରଣ୍ଡା ଉପରେ । ଦେହ ସାରା ଗମ୍ ଗମ୍ ଝାଳ ବହି ଯାଉଥାଏ । କାନ୍ଧରୁ ବ୍ୟାଗ୍‌ଟାକୁ କାଢି ହାତରେ ଧରିଲା, ପୁଣି ମୋବାଇଲରେ ବ୍ୟସ୍ତ ହୋଇଗଲା ।

କିଟିମିଟିଆ ଅନ୍ଧାରରେ ଯେତେବେଳେ ବିଜୁଳି ଘଡ଼ଘଡ଼ିଟେ ମାରିଦେଲା ନା । ଦେଖି ଚମକି ପଡିଲା ସ୍ୱପ୍ନା କାହିଁକି ନା ପାଖରେ ବସିଥାଏ ଶକ୍ତି । କିଛି କହିବାକୁ ସାହାସ ହେଲାନି । ହାତରେ ଦୁଇଟା ଟ୍ରେନ୍ ଟିକେଟ୍ ପାଖରେ ଦୁଇଟା ବ୍ୟାଗ୍ । ଏଇ କଣ ନୂତନ ଜୀବନର ଖୁସି । ନା ଆଶା ନା ଆକାଂକ୍ଷା । ଚୁପ୍ ଚାପ୍ ନୀରବରେ ଦୁଇଟା ବ୍ୟାଗ୍ ହାତରେ ଧରି ଉଠିପଡିଲା ଶକ୍ତି । ଗୋଟେରୁ ଦେଢ କିଲୋମିଟର ଚାଲିବାକୁ ପଡ଼ିବ । ତା ପରେ ଷ୍ଟେସନ୍ । ୦୪:୪୫ ରେ ଟ୍ରେନ୍ ଅଛି ଜଲ୍‌ଦି ଆସ । ଷ୍ଟେସନରେ କିଛି ସମୟ ବସିଲେ ଭଲ ।

ବାପାମା' ଶୋଇଥିଲେ ଦୂରରୁ ଟିକେ ଦେଖିଥିଲି । ପାଖକୁ ବି ଯାଇ ପାରିଲିନି । ତୁମ ପ୍ରତି ଭଲପାଇବା ନିଶା ସିନା ଏଠିକି ନେଇ ଆସିଲା । କିନ୍ତୁ ଆସିବାକୁ ଇଚ୍ଛା ନଥିଲା ।

୦୪:୪୫ରେ ଟ୍ରେନ୍ ହାତରେ ଆଉ ୪୫ମିନିଟ୍ ସମୟ । କଣ ସବୁ ଇଆଡୁ ସିଆଡୁ ଗପୁଛ । ବାପାଙ୍କର ଏ.ଟି.ଏମ, ମା'ଙ୍କର ଗହଣା ସବୁ ନେଇକି ଆସିଛି ଆଉ ତୁମେ !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମକୁ କିଛ ଦିନ ଅପେକ୍ଷା କରିବାର ଥିଲା । ମାନୁଛି ଜୀବନ ସାରା ତୁମ ସହ ତୁମରି ହୋଇ ରହିବି ହେଲେ ବାପା ମା......... । ଛୋଟ ବେଳେ ଅଝଟ ହେଲେ ମା' ମାରେ । ବାପା ନାଲି ଆଖି ଦେଖାନ୍ତି । ସେଇ ମା' ବି ତ ତା ସେନେହ ପଣତରେ ପୋଛିଦିଏ । ସେଇ ବାପାବି ତ ସବୁ ଆବଶ୍ୟକ ପୁରଣ କରନ୍ତି । ଜୀବନ ବଡ ବିଚିତ୍ର ଶକ୍ତି ଜୀବନ ବଡ ବିଚିତ୍ର ।

ସବୁ ଦୋଷ କଣ ମୋର । ପୁଅ ପିଲା ମୁଁ ଦୟା, ଧର୍ମ, କ୍ଷମା ମୋ ଦେହରେ ଭରିଛି । ତୁମକୁ ଆଶା ଦେଇ ଆଶା ମାରିବାକୁ ଚାହୁଁନି । ପରୀକ୍ଷାରେ ଫାଷ୍ଟ କ୍ଲାସ୍ ରେ ପାସ୍ କଲି ବୋଲି ମା' ତାର ଗହଣା କାଢ଼ି ଦେଇଥିଲା, ବାଇକ୍ ପାଇଁ । ତୁମେ ଥରେ ଚିନ୍ତା କର ସେଇ ଗହଣାକୁ ନେଇ ଆସିଛି ତୁମରି ପାଇଁ ।

(କଣ୍ଠ ବାଷ୍ପରୋଳ ହୋଇଯାଉଥାଏ ଶକ୍ତିକୁ ଜାବୁଡି ଧରିଲା ସ୍ୱପ୍ନା) ମୋ ବାପା ବହୁତ୍ ରାଗି ମାଡ ମାରିବେ ପିଠି ପତେଇ ଦେବି । ଖାଇବାକୁ ନଦେବେ ଉପାସ ଶୋଇ ପଡିବି କିନ୍ତୁ ତୁମକୁ ପାଇବାକୁ ଏମିତି ଲୁଚିକି ଯାଇ ପାରିବିନି । ମୋତେ କ୍ଷମା କରିଦିଅ ଶକ୍ତି ମୋତେ କ୍ଷମା କରିଦିଅ ।

ରାତ୍ରୀ ସେଇ କିଟିମିଟି ଘନଅନ୍ଧକାର ସିନା ସକାଳର ଆଲୋକରେ ରଂଗିନ୍ ହୋଇଗଲା । ହାତରେ ଥିବା ଦୁଇଟି ଟିକେଟ୍ ଟିଟିଇ ପାଖରେ ପହଞ୍ଚିଥିଲେ । ପ୍ରତିଟି ସ୍ୱପ୍ନ ଅବଶୋଷରେ କଟିଥାନ୍ତା । ଆଜି ଶକ୍ତି ଆଉ ସ୍ୱପ୍ନା ସ୍ୱାମୀ- ସ୍ତ୍ରୀ ବାପା ମା'ଙ୍କ ଆଶୀର୍ବାଦ ନେଇ ଖୁସିରେ ଅଛନ୍ତି ।

ନୀରବରେ ଆନ୍ଦୋଳନ କରିବା । ଗୋଟିଏ ଗାଲରେ ମାଡ ଖାଇଲେ ଅନ୍ୟ ଗାଲ ଦେଖାଇ ଦେବାକୁ ଖାଲି ଅହିଂସା କୁହାଯାଏନି ସମୟ ସହ ଅହଂସାର ରୂପରେଖ ବଦଳିଛି । ଯେମିତି ଶକ୍ତି ଆଉ ସ୍ୱପ୍ନାର ପ୍ରେମ କାହାଣୀ ।

ଦେବେନ୍ଦ୍ର ପୁର, ଅଭଣା, ବାଲେଶ୍ୱର, ଭ୍ରାମ୍ୟଭାଷ : ୯୯୯୮୭୭୨୩୩୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତେଜସ୍ୱିନୀ



ସୁଷମା ପରିଜା

ଅଫିସରୁ ନାଇଟ୍ ସିଫ୍ଟ ସାରି ଘରକୁ ଫେରୁଥିଲା ତେଜସ୍ୱିନୀ । ହାତଘଣ୍ଟାକୁ ଚାହିଁଲା, ରାତି ଗୋଟାଏ ବାଜିବାକୁ ଆଉ ପନ୍ଦର ମିନିଟ୍ ବାକି । ନିଜ ସ୍କୁଟିର ସ୍ପିଡ୍ ବଢ଼ାଇଦେଲା ସେ । ଘର ଆଉ ମାତ୍ର ତିନି କିଲୋମିଟର ଦୂର । କେତୋଟି ମିନିଟ୍‌ରେ ପାର୍ ହୋଇଯିବ ସେତକ ରାସ୍ତା । ରାସ୍ତାରେ ଲୋକମାନଙ୍କ ଭିଡ, ଗାଡି ମଟର ପେଁ ପାଁ କରି ଉଡି ଯାଉଛନ୍ତି । ବିଶାଖାପାଟଣାରେ ଏଇଟା ଅତି ସାଧାରଣ କଥା । ଯିଏ ଯାହା କମରେ ଲାଗିଥାନ୍ତି, କେହି କାହାରିକୁ ଅନେଇବାକୁ ବେଳ ନଥାଏ । ଜୀବନ ଯେମିତି ଧାଉଁଥାଏ ଏଠି । ଘରେ ତେଣେ ବାପା ଅନେଇ ବସିଥିବେ ତା'ର ଫେରିବା ବାଟକୁ । ସାନ ଭାଇଭଉଣୀ ଦି'ଟା ଖାଇ ପିଇ ଶୋଇ ପଡିଥିବେ । ବାପା କିନ୍ତୁ ସେ ନ ଫେରିବା ଯାଏ ସେମିତି ବସିଥିବେ ଅଖିଆ ଅପିଆ । ସେ ଘରେ ପହଞ୍ଚିଲା ପରେ ହାତ ଗୋଡ ଧୋଇବ , ଖାଇବା ଜିନିଷ ଗରମ କରିବ, ତା ପରେ ବାପଝିଅ ଦିହେଁ ଖାଇବା ଟେବୁଲରେ ବସିବେ । ଖାଉଖାଉ ଦୁନିଆଁଯାକର ଗପସପ ହେବେ । ଏଇ ଅଭ୍ୟାସଟା ମା' ଗଲା ପରଠାରୁ ଆପଣାଇଛନ୍ତି ବାପା । ବିଚରା ବାପାଙ୍କ କଥା ଭାବିଦେଲେ ଆଖିରେ ଲୁହ ଜକେଇ ଆସେ ତେଜସ୍ୱିନୀର ।

ମା'ର ଅକାଳ ବିୟୋଗ ପରେ ଘର ସଂଭାଳିବାକୁ କେହି ନଥିବାରୁ ବାପାଙ୍କୁ ସ୍କୁଲର କିରାଣୀ ଚାକିରିଟି ମଧ୍ୟ ଛାଡିବାକୁ ପଡିଲା । ସେତେବେଳକୁ ତେଜସ୍ୱିନୀର ଇଂଜିନିୟରିଂର ଶେଷ ବର୍ଷ । ସାନ ଭଉଣୀ ମନସ୍ୱିନୀର ପ୍ଲସ୍‌ଟୁ ସେକେଣ୍ଡ ଇଅର ଆଉ ସାନଭାଇ ଅରୁଣ ଟେନଥ୍‌କ୍ଲାସରେ । ସ୍ତ୍ରୀକୁ ହରାଇବାର ଦୁଃଖକୁ ପଛରେ ପକାଇ ବାପା ସଂଭାଳି ନେଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତିନିପିଲାଙ୍କୁ । ମା'ର ଅଭାବ ଜାଣିବାକୁ ଦେଲେନି ସେମାନଙ୍କୁ । ଟିଉସନ କରି ଘର ଚଳେଇଲେ, ମା'ର ଗହଣା ବିକ୍ରିକରି ପିଲାମାନଙ୍କୁ ଆଗକୁ ପଢେଇଲେ । ଇଂଜିନିୟରିଂ ସରୁସରୁ କ୍ୟାମ୍ପସର ସିଲେକ୍ସନରେ ଚାକିରି ପାଇଗଲା ତେଜସ୍ୱିନୀ । ପୋଷ୍ଟିଂ ହେଲା ତା' ନିଜ ସହର ବିଶାଖାପାଟଣାରେ । ଏଥର ଘରର ଦାୟିତ୍ୱ ନିଜ ମୁଣ୍ଡକୁ ନେଇଗଲା ସେ । ବାପାଙ୍କ ଟିଉସନ ବନ୍ଦ କରି ତାଙ୍କୁ ଘରେ ବିଶ୍ରାମ ନେବାକୁ କହିଲା, ସାନଭାଇ ଓ ଭଉଣୀର ଉଚ୍ଚଶିକ୍ଷାର ସମସ୍ତ ପ୍ରକାର ପଦକ୍ଷେପ ନେଲା, ରାମନାଥ ବାବୁ ଭାବିଲେ ତାଙ୍କ ଭାଗ୍ୟ ବଦଳିଗଲା ଏଥର ।

ତେଜସ୍ୱିନୀ ଥିଲା ସର୍ବଗୁଣ ସଂପର୍ଣ୍ଣା । ସେ ପାଠରେ ଥିଲା ଯେମିତି ଆଗୁଆ ସେବା ମନୋବୃତ୍ତିରେ ମଧ୍ୟ ସେତିକି ଆଗୁଆ । ସ୍କୁଲ କଲେଜରେ ସୋସିଆଲ୍ ସର୍ଭିସ କ୍ୟାମ୍ପେନରେ ତା'କୁ ଆଗ ଖୋଜା ପଡୁଥିଲା । ଚାକିରି କରିବା ପରେ ମଧ୍ୟ ସେ ଅଭ୍ୟାସ ଜାରିରଖିଲା ସେ । ବିଶାଖାପାଟଣାରେ ଅଙ୍ଗଦାନ କାର୍ଯ୍ୟକ୍ରମର କ୍ୟାମ୍ପେନରେ ସେ ସାଜିଲା ପ୍ରମୁଖ ପ୍ରଚାରକ । ଛୁଟିଦିନ ଆଉ ଅବସର ସମୟରେ ସେ ଘରଘର ବୁଲି ଲୋକମାନଙ୍କୁ ବୁଝାଉଥିଲା ଅଙ୍ଗଦାନର ମହତ୍ତ୍ୱ । କେଉଁଠି କେହି ଅଙ୍ଗଦାନ କରିବାକୁ ଚାହିଁଲେ ଖରାବର୍ଷା ଶୀତକାକର କିଛି ନମାନି ଛୁଟି ଯାଉଥିଲା ସେଠିକି । ସେଥିରେ ଗଭୀର ଆତ୍ମସନ୍ତୋଷ ପାଉଥିଲା ସିଏ । ସହରର ଅନେକ ଅନାଥାଶ୍ରମ, କନ୍ୟାଶ୍ରମ, ବୃଦ୍ଧାଶ୍ରମର ପୃଷ୍ଠପୋଷକ ଥିଲା ତେଜସ୍ୱିନୀ । ନିଜର ଦରମାରୁ, ସାଙ୍ଗସାଥୀ, ଅଫିସର ସହକର୍ମୀ ମାନଙ୍କଠାରୁ ମାଗିଆଣି ରୀତିମତ ଡୋନେସନ୍ ଦେଉଥିଲା ସେଇ ସଂସ୍ଥାମାନଙ୍କୁ । ଅବସର ସମୟରେ ସେଇ କାମରେ ଲାଗି ରହୁଥିଲା ସେ । ଦୀନ ଦୁଃଖିମାନଙ୍କ ସେବା ଯେମିତି ତା'ର ଜୀବନର ବ୍ରତ ଥିଲା ।

ଆଜି ମଧ୍ୟ ସେମିତି ଗୋଟିଏ ବାଳାଶ୍ରମକୁ ସକାଳେ ଯାଇଥିଲା ତେଜସ୍ୱିନୀ । ସେଠାର

 Magazine Downloaded from www.aahwaan.com

ପିଲାମାନଙ୍କ ସହିତ ଦୁଃଖସୁଖ ହୋଇ ଫେରିଥିଲା । ସେ ସବୁ ଯାଗାରୁ ଫେରିଲାପରେ ମନଟା କୋହରେ ଭରିଯାଏ ତା 'ର । ଗାଡି ଚଲାଉ ଚଲାଉ ହଠାତ୍ ଗୋଟାଏ ଝଟକା ଲାଗିଲା ତେଜସ୍ୱିନୀକୁ । ତାକୁ ଲାଗିଲା ସାମନା ପଟୁ କଣ ଗୋଟାଏ ଆସି ପିଟି ହୋଇଗଲା ତା' ଗାଡିରେ । ଅତର୍କିତ ଭାବେ ଝଟକା ଖାଇ ନିଜର ଭାରସାମ୍ୟ ହରାଇ ରୋଡ୍ ଡିଭାଇଡର୍‌ରେ ମାଡ ହୋଇ ଛିଟିକି ପଡିଲା ସେ । ହେଲ୍‌ମେଟ୍ ଖସିଗଲା ମୁଣ୍ଡରୁ । ଗାଡି ସହିତ କିଛି ବାଟ ଘୋଷାରି ହୋଇଗଲା ପରେ ଚେତା ହଜିଗଲା ତା'ର ।

ଝିଅକୁ ଅପେକ୍ଷା କରି କରି ଡ୍ରଇଂରୁମ୍ ସୋଫା ଉପରେ ଢୁଳେଇ ପଡିଥିବା ରାମନାଥ ବାବୁଙ୍କ ନିଦ ଭାଙ୍ଗିଲା ଲ୍ୟାଣ୍ଡଫୋନର କର୍କଶ ଶବ୍ଦରେ । କେତେବେଳ ଠାରୁ ବାଜି ଚାଲିଛି କେଜାଣି । ଏତେ ରାତିରେ ଟେଲିଫୋନର୍ ଆବାଜ ଶୁଣି ଛାତିଟା ଧଡ୍‌ଧଡ୍ ହୋଇଗଲା ତାଙ୍କର । ଧାଇଁ ଯାଇ ରିସିଭର୍‌ଟାକୁ ଉଠାଇ ଆଣି କାନରେ ଲଗେଇଲେ ସେ । ସେପଟରୁ ଭାସି ଆସୁଥିଲା ପୋଲିସ୍ ଇନିସପେକ୍ଟରଙ୍କ ଭାରି କଣ୍ଠ ସ୍ୱର, “ଶୀଘ୍ର ଆସି ସିଟି ହସ୍ପିଟାଲରେ ପହଞ୍ଚନ୍ତୁ, ଆପଣଙ୍କ ଝିଅର ଆକ୍ସିଡେଣ୍ଟ ହୋଇଛି ।” ଧଡ୍‌କିନା ଫୋନ୍‌ଟା କଟିଗଲା ସେପଟରୁ । ଗୋଡ ତଳୁ ଭୂଇଁ ଖସିଗଲା ରାମନାଥ ବାବୁଙ୍କର । କାନମୁଣ୍ଡା ଝାଇଁ ଝାଇଁ ହୋଇ ଯାଉଥିଲା, ମୁଣ୍ଡରେ କିଛି ପଶୁ ନଥିଲା, କଅଣ କରିବେ କୁଆଡେ ଯିବେ, ପିଲାମାନଙ୍କୁ ନିଦରୁ ଉଠେଇବେ ନା ଘର ଖୋଲାରଖି ସେମିତି ହସ୍ପିଟାଲ୍ ଦୌଡିଯିବେ, କିଛି ବୁଝିପାରୁ ନଥିଲେ ସେ । ଶେଷରେ ପଡୋଶୀଙ୍କ କବାଟ ବାଡେଇ ଉଠେଇଲେ । ତାଙ୍କୁ ସବୁକଥା କହି ଅନୁରୋଧ କଲେ ସାଙ୍ଗରେ ହସ୍ପିଟାଲ ଯିବାକୁ । ନିଦରୁ ଉଠେଇ ପିଲାମାନଙ୍କୁ କହିଗଲେ ଟେଲିଫୋନ୍ ପାଖରେ ବସି ରହିବା ଲାଗି । ଦରକାର ପଡିଲେ ଫୋନ୍ କଲେ ଦୂରରେ ଥିବା ବଂଧୁବାଂଧବ ମାନଙ୍କୁ ଖବର ଦେବାପାଇଁ ।

ହସ୍ପିଟାଲରେ ପହଞ୍ଚିବା ବେଳକୁ ସେଠି ଅସମ୍ଭବ ଭିଡ । ଲୋକମାନଙ୍କ ଭିଡ ଠେଲି

 Magazine Downloaded from www.aahwaan.com

ପଇଁତରା ମାରୁଥିବା ପୋଲିସ ଅଫିସରଙ୍କ ପାଖରେ ପହଞ୍ଚିଲେ ରାମନାଥ ବାବୁ । ସେ ତାଙ୍କ ବାହୁ ଧରି ନେଇଗଲେ ଇମର୍ଜେନ୍‌ସି ଓାର୍ଡର ଅପରେସନ ଥିଏଟରର ଦୁଆର ମୁହଁକୁ । ଅପରେସନ ଥିଏଟର ବାହାରେ ନାଲିବତୀ ଜଳୁଥିଲା । ରାମନାଥ ବାବୁ ବୁଝିଗଲେ ଅପରେସନ ଚାଲିଛି । ଈଶ୍ୱରଙ୍କୁ ପ୍ରାର୍ଥନା କରି ବାହାରେ ଅପେକ୍ଷା କରିବା ବ୍ୟତୀତ ଅନ୍ୟ ଉପାୟ ନଥିଲା ତାଙ୍କପାଖରେ । କିଛି ସମୟପରେ ରୁମାଲରେ ହାତ ପୋଛିପୋଛି ବାହାରକୁ ବାହାରିଲେ ଡାକ୍ତରବାବୁ । ରାମନାଥ ବାବୁ ଦୌଡିଗଲେ ତାଙ୍କ ପାଖକୁ । କାନ୍ଦିକାନ୍ଦି ଧରି ପକେଇଲେ ଡାକ୍ତରବାବୁଙ୍କ ହାତ ଦୁଇଟିକୁ । ସେ କିଛି କହିବା ପୂର୍ବରୁ ଡାକ୍ତର ବାବୁ କହିଲେ, “ଦି କେଶ୍ ଇଜ୍ ଭେରି ଭେରି ସିରିୟସ୍ ମିଷ୍ଟର୍ । ଉଇ ହାବ୍‌ଭ୍ ଡନ୍ ଆୱାର୍ ବେଷ୍ଟ । ରେଷ୍ଟ ଡିପେଣ୍ଡ୍‌ସ ଅନ୍ ଗଡ୍ ।” ରାମନାଥ ବାବୁ ବୁଝିଗଲେ, କଥା ଆଉ ଆୟତ୍ତରେ ନାହିଁ । ବଡ ଡାକ୍ତରଙ୍କ ପଛରେ ଆସିଥିବା ହାଉସ୍‌ସର୍ଜନ୍ ଜଣକ ବୁଝାଇ ଦେଲେ ଭୟଙ୍କର ଭାବେ ମୁଣ୍ଡରେ ମାଡ ହୋଇଥିବାରୁ ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧି ଯାଇଛି, ଅପରେସନ କରି ଗୁଡାଏ ମୁଣ୍ଡା ରକ୍ତକୁ ବାହାର କରି ଦେଇଛନ୍ତି ବଡ ଡାକ୍ତର ହେଲେ ବର୍ତ୍ତମାନ କିଛି କହିବା ସମ୍ଭବ ନୁହେଁ । ଏବେ ରୋଗୀକୁ ଆଇସିୟୁରେ ରଖାଯିବ । ଅଠଚାଳିଶ ଘଣ୍ଟାପରେ ଯାଇ ଯାହା ଜଣାପଡିବ । ମୁଣ୍ଡରେ ହାତଦେଇ ଲଥ୍‌କିନା ବସି ପଡିଲେ ରାମନାଥ ବାବୁ । ଅଖିଆ ଅପିଆ ବସିରହିଲେ ସେଇ ଡାକ୍ତରଖାନା ବାରଣ୍ଡାରେ । ଆଖିରେ ଆଖିରେ ରାତି କଟିଲା । ସକାଳ ହେଲାରୁ ଭିଡ ଜମିଲା ତେଜସ୍ୱିନୀ ଜଡିତଥିବା ଏନ୍‌ଜିଓର ସଭ୍ୟମାନଙ୍କର । ଦୁର୍ଘଟଣାର ଖବରଟି ମଧ୍ୟ ସମସ୍ତ ଖବରକାଗଜ ଆଉ ଇଲେକ୍ଟ୍ରୋନିକ୍ ମିଡ଼ିଆରେ ପ୍ରକାଶିତ ହୋଇ ଚହଳ ପକାଇ ସାରିଥିଲା ।

ତହିଁ ଆରଦିନ ସଂଧ୍ୟାବେଳକୁ ଡାକ୍ତରମାନେ ଘୋଷଣା କରିଦେଲେ ଯେ ତେଜସ୍ୱିନୀ ଗଭୀର କୋମାକୁ ଚାଲି ଯାଉଛି, ଯେଉଁଟାରୁ ସେ ଆଉ କେବେ ବି ବାହାରି ପାରିବ ନାହିଁ ।

 Magazine Downloaded from www.aahwaan.com

ନିଶ୍ୱାସ ପ୍ରଶ୍ୱାସ ନେଇ ତାର ଶରୀର ଜୀବିତ ରହିବ ସିନା ତା' ର ମସ୍ତିଷ୍କ ଆଉ ମୋଟେ କାମ କରିବ ନାହିଁ । ଜିଅନ୍ତା ଶବଟିଏ ପରି ପଡି ରହିବ ଶଯ୍ୟା ଉପରେ । ଅକାଳରେ ସତେକ ବଜ୍ରପାତ ହେଇଗଲା ରାମନାଥ ବାବୁଙ୍କର ମୁଣ୍ଡରେ ।

ଏତେ ସୁନ୍ଦର ଏତେ ଗୁଣର ଝିଅ ତାଙ୍କର ଏମିତି ଶବପରିକା ପଡି ରହିବ ତାଙ୍କରି ଆଖି ଆଗରେ, ଏକଥା କେମିତି ସହିପାରିବେ ରାମନାଥ । ପ୍ରଭୁଙ୍କର କଣ ଟିକିଏ ଦୟା ହେଲାନି ଏ ମାଆ ଛେଉଣ୍ଡ ଝିଅଟି ଉପରେ । ଏତେ ବଡ ଦଣ୍ଡ ଦେଇଦେଲେ ତାକୁ । କାହାର ବା କ'ଣ କ୍ଷତି କରିଥିଲା ସିଏ ଯେ ଗୋଟାଏ ମଦୁଆ କନେଷ୍ଟବଳର ବାଇକ୍‌ଧକ୍କାରେ ସେ ଜିଅନ୍ତା ଶବ ପାଲଟି ଗଲା । ଢୋ ଢୋ ମୁଣ୍ଡ ପିଟି କାନ୍ଦି କାନ୍ଦି ଗଡି ଯାଉଥାନ୍ତି ରାମନାଥ ବାବୁ । ନିଜ କାନ୍ଧରେ କାହାର ସ୍ପର୍ଶ ପାଇ ମୁହଁ ଉଠାଇ ଚାହିଁଲେ ସେ । ଦେଖିଲେ ପଛରେ ଠିଆ ହେଇଛନ୍ତି ଫାଦର୍ ଯୋଶେଫ୍, ତାଙ୍କର ଘର ପାଖରେ ଥିବା ଚର୍ଚ୍ଚର ମୁଖ୍ୟ । ତେଜସ୍ୱିନୀ ପ୍ରାୟତଃ ସେଠିକି ଯାଇଥାଏ ପ୍ରାର୍ଥନା କରିବା ଲାଗି । ରାମନାଥଙ୍କ ହାତଧରି ଉଠେଇ ଆଣି ନିଜପାଖରେ ବସେଇ ମୁଣ୍ଡକୁ ଆଉଁସି ଦେଇ ଫାଦର ଆଶ୍ୱାସନା ଦେଲେ ତାଙ୍କୁ । କହିଲେ ଯାହା ପ୍ରଭୁଙ୍କ ଇଛା ଥିଲା ତାହା ହେଲା । ତୁମ ଝିଅ ଜଣେ ଦେବୀ ଥିଲା । ଦୀନ ଦୁଃଖିମାନଙ୍କ ସେବାରେ ସେ ତା'ର ଜୀବନ ଉତ୍ସର୍ଗ କରିଥିଲା । ତମେ ଏମିତି କିଛି କାମକର ଯେଉଁଥିରେ ସେ ଶାନ୍ତି ପାଇବ । ସବୁଦିନ ପାଇଁ ଲୋକମାନଙ୍କ ହୃଦୟରେ ନିଜର ସ୍ଥାନ ବଜାୟ ରଖିବ । ତାଙ୍କ ପଛକୁ ଠିଆ ହୋଇଥିବା ଅଙ୍ଗଦାନ କାର୍ଯ୍ୟକ୍ରମର ମୁଖ୍ୟ ଆଗେଇ ଆସିଲେ । ସେ କହିଲେ ଆମ ଅଙ୍ଗଦାନ କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ଥିଲେ ତେଜସ୍ୱିନୀ । ଯଦି ଆପଣ ଅନୁମତି ଦେବେ, ତେବେ ଆମେ ତେଜସ୍ୱିନୀଙ୍କର ଅଙ୍ଗଦାନ ପାଇଁ ବ୍ୟବସ୍ଥା କରିବୁ ମେଡିକାଲ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି । ବହୁଆଗରୁ ତେଜସ୍ୱିନୀ ତାଙ୍କର ଅଙ୍ଗଦାନ କରିବାକୁ ଇଛାପତ୍ର ଦାଖଲ କରିଛନ୍ତି ଆମ ସଂସ୍ଥାରେ । ହତବାକ୍ ହୋଇ

 Magazine Downloaded from www.aahwaan.com

ବସିଥାନ୍ତି ରାମନାଥ ବାବୁ । ସେ ଭାବୁଥାନ୍ତି, କାଲି ସକାଳର ପିଲା ଝିଅଟା ତାଙ୍କର କେତେବେଳେ ଏତେ ବଡ ହୋଇ ଏତେ ଆଗକୁ ଚିନ୍ତା କରିପାରିଲା ? ତାକୁ କ'ଣ ଭବିତବ୍ୟ ଜଣାଥିଲା କି ? ନା ସବୁ ବିଧି ନିର୍ଦ୍ଧିଷ୍ଟ ? ସମସ୍ତ କଥା ମନରେ ବିଚାର କରି ଛାତିକୁ ପଥର କରି ତେଜସ୍ୱିନୀର ଅଙ୍ଗଦାନ କରିବାକୁ ସମ୍ମତି ଦେଲେ ରାମନାଥ ବାବୁ । ପ୍ରଧାନ ଡାକ୍ତର ଧାଇଁ ଆସି କୁଣ୍ଢାଇ ପକାଇଲେ ରାମନାଥ ବାବୁଙ୍କୁ । କହିଲେ ଆପଣ ଜାଣି ନାହାଁନ୍ତି ଆପଣ କେତେ ବଡ କାମ କରିଛନ୍ତି । ଆପଣଙ୍କର ଗୋଟିଏ ଝିଅର ଅଙ୍ଗଦାନ କରି ଆପଣ ପାଞ୍ଚଟି ଜୀବନଦାନ କରିଛନ୍ତି । ଏଇ ମହତ୍‌ଦାନ କରି ଆପଣଙ୍କ ଝିଅ ସବୁଦିନ ଲାଗି ଅମର ହୋଇ ରହିବ ଚାରିଜଣଙ୍କ ଶରୀରରେ । ଧନ୍ୟ ଆପଣ, ଧନ୍ୟ ଆପଣଙ୍କ ଝିଅ ।

ସରକାରଙ୍କ ସହାୟତାରେ ସବୁ ବ୍ୟବସ୍ଥା ହୋଇଗଲା ବାରଘଣ୍ଟା ମଧ୍ୟରେ । ତେଜସ୍ୱିନୀର ହୃତପିଣ୍ଡ ଗଲା ଗ୍ଲୋବାଲ ହସ୍ପିଟାଲ ଚେନ୍ନାଇ, ଲିଭର୍ ଗଲା ଆପୋଲୋ ହସ୍ପିଟାଲ ବିଶାଖାପାଟଣା, ଗୋଟିଏ କିଡ଼ନୀ ଗଲା ବିଜୟା ହସ୍ପିଟାଲ ବିଜୟୱାଡା, ଅନ୍ୟ କିଡ଼ନୀଟି ଗଲା ନାରାୟଣା ହସ୍ପିଟାଲ ନେଲ୍ଲୋର୍, ଆଖିର କର୍ଣ୍ଣିଆ ଦୁଇଟି ଗଲା ଏଲ୍‌ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ବିଜୟୱାଡାକୁ । ପାଞ୍ଚଟି ଶରୀରରେ ଚିରକାଳ ଲାଗି ଅମର ହୋଇଗଲା ତେଜସ୍ୱିନୀ । ଖବରକାଗଜ ଆଉ ସୋସିଆଲ ମିଡିଆରେ ଚିରଦିନ ପାଇଁ ଲିପିବଦ୍ଧ ହୋଇ ରହିଗଲା ତେଜସ୍ୱିନୀର ମହତ୍‌ଦାନର କାହାଣୀ । ରାମନାଥ ବାବୁଙ୍କ ଆଖିରେ ଲୁହ ନଥିଲା, ବରଂ ଆତ୍ମତୃପ୍ତି ଆଉ ଗର୍ବରେ ଫୁଲି ଉଠୁଥିଲା ତାଙ୍କର ଛାତି ।

ଶାରଳା ଭବନ, ପୋତାପୋଖରୀ, ନୂଆବଜାର, କଟକ

ଭ୍ରାମ୍ୟଭାଷ : ୯୩୩୭୨୭୨୬୪୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମବିନା



ଅନସୂୟା ପଣ୍ଡା

ସୁନୀତାକୁ ବୋଡିଂ ପାସ୍ ମିଳିଗଲା ପରେ ସିକ୍ୟୁରିଟି ଚେକ୍ ଇନ୍ ପାଇଁ ଯିବାପୂର୍ବରୁ ସେ ମୋ ପାଖକୁ ଆସିଲା । ଫ୍ଲାଇଟ୍ ଦିନ ନଅଟା ତିରିଶିରେ ଅଛି । ଜେଟ୍ ଏୟାରୱେଜ୍ ବିମାନ, ଏଲ୍ ଏଚ୍ ଆର୍‌ରୁ ବମ୍ବେ । ଖୁବ୍ ଚୁପଚାପ୍ ଓ ଗୁମସୁମ୍ ଦେଖା ଯାଉଥିଲା ତା'ର ମୁହଁ । ଯେମିତି ମେଘ ଢଙ୍କା ଆକାଶ, ଆଉ ଅଳ୍ପ ସମୟପରେ ବର୍ଷା ହେବ ।

ବହୁତ ସମୟ ନିରବରେ ଆମେ ଦୁହେଁ ଠିଆ ହୋଇ ରହିଲୁ । ମୁଁ ସୁନୀତାର ହାତ ଧରି ଠିଆ ହୋଇଥାଏ । ସିକ୍ୟୁରିଟି ଚେକ୍ ଇନ୍ ପାଇଁ ସମୟ ହୋଇଯାଉଥିଲା, ସୁନୀତା କିଛି ସମୟ ପରେ ନିରବ ଭାଙ୍ଗିଲା, "ଜଗିରଖି ଚଳିବ, ଦେହର ଯତ୍ନ ନେବ, ବାହାରେ ବେଶୀ ତେଲ ଛଣା ଜିନିଷ ଖାଇବନି, ପାଣି ବହୁତ ପିଇବ ।" ସୁନୀତା କହି ଚାଲିଥାଏ । ଲୁହ ତା ଆଖିରୁ, ମୋ ଆଖିରୁ ବି ଗଡ଼ି ଚାଲିଥାଏ । ମୁଁ କିଛି କହିବା ପୂର୍ବରୁ ସୁନୀତା କହିଲା, "ହଉ, ସମୟ ହୋଇଯାଉଛି, ଫ୍ଲାଇଟ୍ ଛାଡ଼ିବା ପୂର୍ବରୁ ଫୋନ୍ କରିବି । ତୁମେ ଆଉ ଅପେକ୍ଷା କରନି, ବାହାରିଯାଅ । ଅଫିସ ପାଇଁ ଡେରି ହେଉଛି ତୁମର ।"

ତା ହାତମୁଠାରୁ ହାତ ମୁକୁଳାଇ ଦେଇ ତା ମୁହଁକୁ ମୁଁ ଦୁଇ ହାତରେ ଟେକିଧରି ଗୋଟେ ଉଷ୍ମ ଚୁମା ତା ଓଠରେ ଦେଲି । ଭାବିଲି ଶେଷଥର ପାଇଁ ପୁଣିଥରେ ଅନୁରୋଧ କରିବି, "ସୁନୀତା ମୋତେ ଛାଡ଼ି ଯାଅନି ।" ମାତ୍ର ନା ମୁଁ କହି ପାରିଲି ନାହିଁ । ଏ ବିଷୟରେ ପୂର୍ବରୁ ବହୁତ ଥର ଅନୁରୋଧ ଆଲୋଚନା ଯୁକ୍ତିତର୍କ ହୋଇ ସାରିଛି । ଏବେ ଏ ସବୁ କହି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଛି ଲାଭ ନାହିଁ । ତା'ର ଏକା ଜିଦ୍ ସେ ଭାରତ ଫେରିଯାଇ ଚାକିରୀ କରିବ, ଲଣ୍ଡନରେ ରହିବନି ।

ଭିଡ଼ ଭିତରେ ଧିରେ ଧିରେ ହଜିଗଲା ସୁନୀତା । ଆଉ ଦେଖି ପାରିଲିନି ଅନିସ୍ ତାକୁ କିଛି ସମୟ ଠିଆ ହେବାପରେ, ଏୟାରପୋର୍ଟରୁ ବାହାରି ଆସି ଅଫିସ ପାଇଁ ବସ୍ ଧରିଲେ ଅନିସ୍ । ତା ଅଫିସ୍ ବାଥ୍ ରୋଡ଼ରେ । ହିଥ୍ରୋ ଏୟାରପୋର୍ଟ୍‌ରୁ ବାଥ୍ ରୋଡ଼ ହନସ୍ଲୋ ବସରେ କୋଡ଼ିଏ ମିନିଟର ବାଟ । ସୌଭାଗ୍ୟବଶତଃ ସିଟ୍ ଖଣ୍ଡେ ମିଳିଗଲା ତାକୁ, ନହେଲେ ସକାଳ ସମୟରେ ସିଟ୍ ତ ଦୂରର କଥା ଠିଆ ହୋଇଯିବା ମୁସ୍‌କିଲ୍ ହୋଇଯାଏ । ପାଖ ସହଯାତ୍ରୀ ଜଣଙ୍କ ଆଗ ଷ୍ଟପରେ ଓହ୍ଲାଇବେ । ତେଣୁ ସାଇଡ଼ ସିଟକୁ ଘୁଞ୍ଚିଗଲା ଅନିସ୍ । ଆଉ ଅଳ୍ପ ସମୟପରେ ସେ ମଧ୍ୟ ଓହ୍ଲାଇବ । ତଥାପି ସାଇଡ଼ ସିଟ୍ ନେଲା । ଭାବିଲା ଦଶ ମିନିଟ ଶୋଇପଡ଼େ ।

ଗତ ରାତିରେ ସୁନୀତାର ଯିବା ଚିନ୍ତାରେ ନିଦ ହେଲାନି । ରାତି ଶେଷ ବେଳକୁ ନିଦ ଲାଗି ଆସିଥିଲା ମାତ୍ର ଏୟାରପୋର୍ଟରେ ସୁନୀତାକୁ ଛାଡ଼ିବା ପାଇଁ ଆସିବାକୁ ଶୀଘ୍ର ଉଠି ପ୍ରସ୍ତୁତ ହେବାକୁ ପଡ଼ିଲା । ଆମ ଆପାର୍ଟମେଣ୍ଟ୍ ଷ୍ଟେର୍‌ଲିଙ୍ଗ୍ ରୋଡ଼ ହାଇସ୍‌ରେ, ସେଠୁ ଏୟାରପୋର୍ଟ୍ ଅଧଘଣ୍ଟା ଲାଗିବ । ଅତିକମରେ ଦେଢ଼ଘଣ୍ଟା ପୂର୍ବରୁ ଏୟାରପୋର୍ଟ୍‌ରେ ପହଞ୍ଚିବାକୁ ପଡ଼ିବ ।

ବସ୍‌ରେ ଶୋଇବାକୁ ଚେଷ୍ଟା କଲା ଅନିସ୍ । ଏମିତିରେ ବି ଅଫିସରେ ବହୁତ କାମ ଅଛି । ଦଶମିନିଟ୍ ଆଖିବୁଜି ହୋଇଗଲେ ହାଲୁକା ଲାଗିବ । ହେଲେ ନା, ଶୋଇପାରିଲାନି ସେ । ଆଜି ସୁନୀତା ବି ନାହିଁ ବ୍ୟସ୍ତ କରିବାକୁ, ତଥାପି ତାକୁ ନିଦ ହେଲାନି । ବାଧ୍ୟ ହୋଇ ସେ ଝରକା ଦେଇ ବାହାରକୁ ଚାହିଁ ରହିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁନୀତାକୁ ସାଇଡ଼ ସିଟ୍ ଭଲ ଲାଗେ । ରାସ୍ତାକଡ଼ର ଦୃଶ୍ୟ ସବୁ ଦେଖି ଦେଖି ଯିବାରେ ଆଉ ଫଟୋ ନେବାରେ ତାର ବେଶୀ ଖୁସି । ହେଲେ ବସ୍ ବା ଟ୍ରେନ୍‌ରେ ବସୁ ବସୁ ଅନିସ୍‌ର ଆଖି ଲାଗିଯାଏ । କିଛି ଗୋଟେ ଭଲ ଦୃଶ୍ୟ ଦେଖିଲେ ସୁନୀତା ଚିଲ୍ଲେଇକି ଓ ଜୋର୍‌ରେ ହଲେଇକି ଡାକେ ଅନିସ୍‌କୁ । ମନେ ମନେ ବିରକ୍ତ ଲାଗିଲେ ବି ଆହି ଖୋଲି ଦେଖେ ଅନିସ୍ । ମିଛ ମିଛ ଖୁସି ହେବାର ଅଭିନୟ କରେ, ନହେଲେ ସୁନୀତା ମୁହଁ ଫୁଲେଇ ଅଭିମାନ କରେ, ଯୁକ୍ତି କରେ । ବସ୍ କିମ୍ବା ଟ୍ରେନ୍‌ରେ କୁଆଡ଼େ ଗଲାବେଳେ ତା'ର ନିଜର ଫଟୋ ଦରକାର । ବାଧ୍ୟ ହୋଇ ଅନିସ୍ ଫଟୋ ନିଏ । ନିଜେ ମଧ୍ୟ ସୁନାପୁଅଟିଏ ପରି ଫଟୋ ଉଠାଇବାକୁ ବସେ, ନହେଲେ ଆରମ୍ଭ ହୁଏ ସୁନୀତାର ବକ୍ ବକ୍, "କେଉଁଥିରେ ତୁମର ମନ ନାହିଁ, ଖାଲି ଅଫିସ୍ ଆଉ ନିଜ ଘର, ତା ଭିନ୍ନ ତୁମର ଜୀବନ ନାହିଁ" ଇତ୍ୟାଦି କେତେ କଣ । ଥରେ ସେ ଫଟା ବାଇଦ ଆରମ୍ଭ କଲେ ସରେନି ଜମା । ତେଣୁ ସବୁଠୁ ଭଲ ଫଟୋ ଉଠେଇନେବା ।

ଆଗ ଷ୍ଟପ୍‌ଟା ତା ଅଫିସର, ତେଣୁ ବସ୍ ରହିବାପାଇଁ ବଟନ୍ ଦବାଇଲା । ଠିକ୍ ଅଫିସ୍‌ରେ ପଶିବାକୁ ଯାଉଛି ସୁନୀତା ଫୋନ୍ କଲା । ସିକ୍ୟୁରିଟି ଚେକ୍ ଇନ୍ ସବୁ ଠିକ୍ ଠାକ୍ ସରିଗଲା, ସେ ଫ୍ଲାଇଟ୍‌ରେ ବସିଗଲାଣି, ଝରକା ପାଖ ସିଟ୍ ମିଳିଛି । ଖୁବ୍ ଖୁସିରେ କହୁଥିଲା ସୁନୀତା ।

ମୁଁ ଜାଣେ ସୁନୀତାର ଝରକାପାଖ ସିଟ୍ ବହୁତ ପସନ୍ଦ, ଫ୍ଲାଇଟ୍ ଟେକ୍ ଅଫ୍ ଓ ଲ୍ୟାଣ୍ଡ କଲାବେଳେ ବାହାରର ଦୃଶ୍ୟ ଦେଖିବାକୁ, ଆକାଶରେ ମେଞ୍ଚା ମେଞ୍ଚା ବାଦଲର ସମାହାର ଦେଖିବାକୁ ସୁନୀତାର ବହୁତ ଆନନ୍ଦ । ତେଣୁ ଚବିଶି ଘଣ୍ଟା ପୂର୍ବରୁ ମୁଁ ଇଣ୍ଟରନେଟରେ ତା'ର ଚେକ୍ ଇନ୍ କରିଦେଇଥିଲି । ପୁଣି ସୁନୀତା କହିଲା, "ଜଗି ରଖି ଚଳିବ ।" ପ୍ଲେନ୍ ଛାଡ଼ିବାର ସୂଚନା ଆସିବାରୁ ମୁଁ କହିଲି, "ବ୍ୟସ୍ତ ହେବନି, ସବୁ ଠିକ୍ ହୋଇଯିବ । ପହଞ୍ଚିକି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫୋନ୍ କରିବ ।”

ଆସନ୍ତା କାଲିର ମିଟିଂ ପାଇଁ ତାକୁ ଡକ୍ୟୁମେଣ୍ଟ ତିଆରି କରିବାର ଥିଲା । ସେ ଦିନର ସବୁ କାମ ବି ସାରିବାର ଥିଲା । କିଛି ପୁରୁଣା କାମମଧ୍ୟ କରିବାକୁ ଥିଲା । ହେଲେ କୌଣସିଥିରେ ଅନିସ୍ ମନ ଲଗାଇ ପାରିଲା ନାହିଁ । ଭାବିଲା ମଧ୍ୟାହ୍ନ ଭୋଜନପରେ ସେ ନିଜ ଅଫିସ୍ କାମ ସବୁ ଶୀଘ୍ର ଶେଷ କରିବାକୁ ଚେଷ୍ଟା କରିବ । ଖାଲିଟାରେ କମ୍ପ୍ୟୁଟରକୁ ଚାହିଁବା ପରିବର୍ତ୍ତେ ସେ ଶୀଘ୍ର ଲଞ୍ଚ୍ ବ୍ରେକ୍ କରିବାକୁ ମନସ୍ଥ କଲା । ଏମିତି ବି ସକାଳେ ତରତରରେ ଠିକ୍‌ରେ କିଛି ଖାଇବା ହୋଇନି । ଟିଫିନ୍ ବକ୍ସ ପାଇଁ ବ୍ୟାଗଟା ଖୋଲିଲା । ଏତେ ସକାଳୁ ଉଠି ବି ସୁନୀତା ତା ପାଇଁ ଟିଫିନ୍ ତିଆରି କରିଦେଇଥିଲା । ଫ୍ରୋଜେନ୍ ପରଟା ଭିତରେ ଭେଜିଟେବଲ୍ ଫ୍ରାଇ ଦେଇ ରୋଲ୍ କରିଦେଇଛି । ସବୁଦିନେ ସୁନୀତା ତା ପାଇଁ ଟିଫିନ୍ କରିଦିଏ ମଧ୍ୟାହ୍ନ ଭୋଜନ ପାଇଁ । ପୁଣି ଉପରବେଳା ପାଇଁ ଫଳ ବା ଗଜାମୁଗ ଅବା ବିଭିନ୍ନ ପ୍ରକାରର ମଞ୍ଜି ସବୁ ସିଝାଇ ଟିଫିନରେ ଦେଇଥାଏ । ବାହାରେ ଖାଇଲେ ଦେହ ଖରାପ ହୋଇଯିବ ବୋଲି ତାର କଡ଼ା ନଜର । ଏବେ ଘରଖାଦ୍ୟ ଖାଇ ଅନିସ୍‌ର ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗ ପୁରା କମି ଆସିଲାଣି । ପ୍ରାୟ ପନ୍ଦର ବର୍ଷ ହେବ ବାହାର ଖାଦ୍ୟଖାଇ ଖାଇ ସବୁ ରୋଗ ତା'ର ବାହାରି ଆସିଥିଲା ।

ମଧ୍ୟାହ୍ନ ବିରତିପରେ ମଧ୍ୟ ଅନିସ୍ ଅଫିସ କାମରେ ଧ୍ୟାନ ଦେଇ ପାରିଲା ନାହିଁ । ବାରମ୍ବାର କଫି ବ୍ରେକ୍‌ରେ ଯାଇ ଅଫିସ ବାଲକୋନିରେ ଠିଆ ହୋଇ ରହିଲା । ପୁଣି ଆସି ସେ ଡକ୍ୟୁମେଣ୍ଟ ତିଆରି କରିବାକୁ ଚେଷ୍ଟା କଲା ମାତ୍ର ନା ଶେଷ ହୋଇପାରିଲା ନାହିଁ । ଆସନ୍ତା କାଲି ସକାଳେ ଶୀଘ୍ର ଆସି କାମ ଶେଷ କରିଦେବ । ମିଟିଂ ଆସନ୍ତା କାଲି ମଧ୍ୟାହ୍ନପରେ ଅଛି । ଏଇଆ ମନସ୍ଥ କରି ଶୀଘ୍ର ଘରକୁ ଫେରିଯିବାକୁ ଠିକ୍ କଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘର ପାଖ ଷ୍ଟପରେ ଓହ୍ଲାଇପଡ଼ି କିଛି ଖାଇବାକୁ ଇଚ୍ଛା ହେଲା ତା'ର । ବହୁତ ଦିନହେଲା ପିଜ୍ଜା ଖାଇନି । ସୁନୀତା ପିଜ୍ଜା ପସନ୍ଦ କରେନି ତେଣୁ ବାଧ୍ୟ ହୋଇ ସେ ବି ଖାଇନଥିଲା । ପିଜ୍ଜା ଖାଇ ସାରିବାପରେ ପାଖ ସୁପର୍ ମାର୍କେଟରୁ ଚିକେନ୍ କିଣିଲା । ବହୁତ ଦିନ ହେଲା ସେ ଆମିଷ ଖାଇନି । ଯେବେଠାରୁ ସୁନୀତା ସହ ଏକାଠି ରହିଲା ସେବେଠୁ, କାରଣ ସୁନୀତା ଆମିଷ ଖାଏନି ତେଣୁ ଘରକୁ ଆମିଷ ଆଣି କରିବାକୁ ସେ ଇଚ୍ଛା କରିନଥିଲା । ଚିକେନ୍ ସହ, ଲାନ୍‌ସନ୍ ବ୍ରାଣ୍ଡର ଗୋଟେ ସାମ୍ପେନ୍ କିଣିଲା, ଯାହାକି ସବୁଠୁ ଭଲ ଦଶଟି ବ୍ରାଣ୍ଡ ଭିତରୁ ଗୋଟିଏ । ସୁନୀତା ସହ ଏକାଠି ରହିବାପରେ ସେ ପିଇବା ମଧ୍ୟ ଛାଡ଼ି ଦେଇଥିଲା ।

ଗତ ସାତମାସ ହେଲା ଯେଉଁସବୁ କାମ ସେ କରିନି, ଆଜି ସେ ସବୁ କରି ଭରପୁର ମଜା ନେବ । ଆଜି ସୁନୀତା ନାହିଁ, କି ଏଇଟା କରନି, ସେଇଟା କରନି ବୋଲି ତା ଆକଟର ଭୟ ନାହିଁ ।

ସବୁ କିଣି ସାରିବାପରେ ହଠାତ୍ ତାର ଘରକୁ ଏତେ ଶୀଘ୍ର ଯିବାକୁ ଇଚ୍ଛା ହେଲାନି । ପାଖ ପାର୍କରେ କିଛି ସମୟ ବସିବାକୁ ସେ ମନସ୍ଥ କଲା । କାଠ ବେଞ୍ଚରେ ବସିରହି ସେ ପାର୍କରେ ଖେଳୁଥିବା ପିଲାଙ୍କୁ ଲକ୍ଷ୍ୟକଲା । ସନ୍ଧ୍ୟା ସାଢ଼େ ସାତଟା ହେବ, ତଥାପି ଖରା ଅଛି । ଏବେ ପ୍ରାୟ ରାତି ସାଢ଼େ ଆଠରେ ସୂର୍ଯ୍ୟ ଅସ୍ତ ହେଉଛି । ଖରାଦିନ ଆସିଲେ ଧିରେ ଧିରେ ରାତି ପ୍ରାୟ ସାଢ଼େ ନଅ'ରେ ସୂର୍ଯ୍ୟାସ୍ତ ହେବ । ସତରେ ବଡ଼ ବିଚିତ୍ର ଏ ସୃଷ୍ଟିର ନିୟମ ।

ଶୀତଦିନ ପଳାଇଯିବାରୁ ଟୁଲିପ୍ ଗଛସବୁ କାଢ଼ିନେଇ, ଖରାଦିନିଆ ଫୁଲ ଗଛ ସବୁ ପାର୍କରେ ଲଗା ହୋଇସାରିଲାଣି । ସୁନୀତାକୁ ଏ ପାର୍କଟି ଖୁବ ଭଲଲାଗେ । ଏଠି ନାନା

 Magazine Downloaded from www.aahwaan.com

ପ୍ରକାରର ଫୁଲଗଛ ଅଛି । ଛୋଟ ପିଲାମାନେ ମଧ୍ୟ ସେମାନଙ୍କ ମା ବାପାଙ୍କ ସହ ଆସି ଖେଳୁଥାନ୍ତି । ସୁନୀତାକୁ ଫୁଲ ଓ ଛୋଟ ପିଲା ଉଭୟ ପସନ୍ଦ । କେତେ କେତେ ଥର ଯେ ଆମେ ଏଠି ବିଭିନ୍ନ ଭଙ୍ଗିରେ ଫଟୋ ନେଇଛୁ, ତଥାପି ସୁନୀତାର ମନ ବୋଧ ହୁଏନି । ଯେତେଥର ଆସିଲେ ସେତେଥର ଫଟୋ ଉଠାଏ । ତା'ର ଫଟୋ ନେବାକୁ ଅନୁରୋଧ କରେ ଏବଂ ମୋର ମଧ୍ୟ ଫଟୋ ନେବାକୁ ବାଧ୍ୟ କରେ ।

ଏଇ ଦେଖିଲ ଦେଖିଲେ ଏ ଫୁଲଟା କେତେ ସୁନ୍ଦର ହୋଇଛି । ସେ ସିନେରିଟା କେତେ ବଢ଼ିଆ ହୋଇଛି । ଏଠି ଠିଆ ହେଲ ଗୋଟେ ଫଟୋ ନେବା । ସୁନୀତା ବାଧ୍ୟ କରେ ମୋର ଫଟୋ ନେବା ସରିଲେ, ସୁନୀତାର ଫଟୋ ମୋତେ ନେବାକୁ ପଡ଼େ । ଆଉ ଗୋଟେ ଆଉ ଗୋଟେ ଫଟୋ ଅନୁରୋଧରେ ବେଳେ ବେଳେ ବ୍ୟତିବ୍ୟସ୍ତ କରିପକାଏ ସେ ।

ଆଜି ଫଟୋ ନେବାକୁ ଅନୁରୋଧ ବା ବାଧ୍ୟ କରି ବିରକ୍ତ କରିବାକୁ କେହି ନାହିଁ । ତଥାପି ଅନିସ୍ ବିଷର୍ଣ୍ଣ । ଅନିସ୍‌କୁ ଲାଗୁଥାଏ ସୁନୀତା ଆସି କହନ୍ତା କି, "ଏଇ ଆସିଲ ତୁମର ଏ ସିନେରି ସହିତ ଗୋଟେ ଫଟୋ ନେବା ।" ସେ ଖୁସିରେ ଠିଆ ହୋଇ ଆଜି ପୋଜ୍ ଦିଅନ୍ତା । ଆଉ ସୁନୀତାର ମଧ୍ୟ ଫଟୋ ପ୍ରେମର ସହ ନିଅନ୍ତା । ବିଲକୁଲ୍ ଭଲ ଲାଗୁନଥିଲା ଅନିସ୍‌କୁ, ସୁନୀତା ବିନା ପାର୍କରେ ଏକୁଟିଆ ବସିବାକୁ । ତାକୁ ଲାଗୁଥାଏ ସୁନୀତା ଯେମିତି ପାଖରେ କେଉଁ ସୁନ୍ଦର ଦୃଶ୍ୟ ବା ଫୁଲ ମାନଙ୍କର ଫଟୋ ନେଉଛି । ଆଉ ଅଳ୍ପ ସମୟପରେ ଆସି ତାକୁ ତା'ର ଫଟୋ ନେବାକୁ ଅନୁରୋଧ କରିବ । ହେଲେ ନା, ସୁନୀତା ବାସ୍ତବରେ ନାହିଁ ଏଠି, ଭାରତ ପଳାଇ ଯାଇଛି, ତା'ର ନୂଆ ଜୀବନ ଆରମ୍ଭ କରିବାକୁ ।

ସୁନୀତା ଗୋଟେ ବହୁରାଷ୍ଟ୍ରୀୟ କମ୍ପାନୀରେ ସଫ୍‌ଟବେର୍ ଇଞ୍ଜିନିୟର୍ ଥିଲା । ଟିମ୍ ଲିଡ୍ ଭାବରେ କାମ କରୁଥିଲା । ବାହାଘର ପରେ ଚାକିରିଛାଡ଼ି ଭିସାକୁ ଅପେକ୍ଷା କରିବାରେ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋର ପାରଙ୍ଗମତା ଉପରୁ ଆଶା ହରାଇ ଦେଇଥିଲେ । ବିନା କାରଣରେ ଭିସା ମିଳିବାକୁ ବହୁତ ବିଳମ୍ବ ହେଲା, ତା'ପରେ ଯାଇ ସୁନୀତା ମୋ ପାଖକୁ ଲଣ୍ଡନ ଆସିଥିଲା । ପ୍ରଥମେ କେତେଦିନ ଖୁବ୍ ଭଲ ଚାଲିଥିଲା ଆମ ଦୁଇଜଣଙ୍କ ଭିତରେ । ସେ ମୋ ପାଇଁ ରୋଷେଇ କରୁଥିଲା, ଘର ସଜାଉଥିଲା, ମୋତେ ଅପେକ୍ଷା କରି ରହୁଥିଲା । ମୁଁ ଅଫିସ୍‌ରୁ ଆସିବାପରେ ଆମେ ଖାଇସାରି ବାହାରକୁ ବୁଲି ଯାଉଥିଲୁ । ଧିରେ ଧିରେ ସମୟ ସହିତ, ମୁଁ ଅଫିସ୍ ଗଲାପରେ ସେ ଏକୁଟିଆ ଅନୁଭବ କରିବାରେ ଲାଗିଲା । କେତେ ବା ଆଉ ସେ ଇଣ୍ଟର୍‌ନେଟ୍, ଚାଟିଂରେ ସମୟ ବିତାଇବ । ଏକୁଟିଆ ବାହାରେ ବୁଲିବାକୁ ଯିବ ।

ଏଠି ବି ସେ ଚାକିରୀ ପାଇଁ ବହୁତ ଚେଷ୍ଟା କଲା, ମାତ୍ର ମିଳିଲାନି । ତା'ପରେ ସବୁଦିନ ପ୍ରାୟ ଆମ ଭିତରେ ଯୁକ୍ତିତର୍କ, ଝଗଡ଼ା, ଲଢ଼େଇ ଆରମ୍ଭ ହେଲା । ସେ ଭାରତ ଫେରିଯିବାକୁ ଜିଦ୍ ଧରିଲା । ଏମିତି ଦିନେ ସେ ନିଜେ ହିଁ ଟିକେଟ୍ କରିଦେଲା ଭାରତ ଫେରିଯିବାକୁ । ଯେତେ ବୁଝାଇଲେ ବି ଶୁଣିଲାନି । ଖୁବ୍ ଜିଦିଆ ଝିଅଟେ ସୁନୀତା, ମାତ୍ର ଖୁବ ସ୍ନେହୀ, ଛୋଟ ପିଲାଟେ ପରି ପବିତ୍ର, ସରଳ ଓ ନିଷ୍ପାପ ।

ଓଃ ! ବର୍ଷା ପଡ଼ିବା ଆରମ୍ଭ ହେଲାଣି ଏ ଭିତରେ । ବ୍ରିଟେନରେ ଖରାଦିନ ଏହିଭଳି, କେବେ କେବେ ହଠାତ୍ ବର୍ଷା ହୋଇଯାଏ ତ, ପୁଣି ପର ମୁହୂର୍ତ୍ତରେ ଖରା । ସୁନୀତାକୁ ବର୍ଷାରେ ଭିଜିବାକୁ ଭଲ ଲାଗେ, ବ୍ୟାଗରୁ ଛତା ବାହାର କଲା ଅନିସ୍ । ସୁନୀତା ତା ନିଜ ଛତାଟା ତା ବ୍ୟାଗରେ ରଖି ନେଇଛି । ଅନିସ୍ ଖୁବ୍ ଜିନିଷ ସବୁ ଭୁଲିଯାଇ, ହଜାଏ । ତା ଛତାଟା ଅଫିସରୁ କିଏ ନେଇଗଲା, ତା ପରଠୁ ସେ ସୁନୀତାର ଛତା ବ୍ୟବହାର କରୁଛି । ଏ ଛତାର ରଙ୍ଗଟା ପସନ୍ଦ ନୁହେଁ ଅନିସ୍‌ର । 'ଡିପ୍ ରାଣୀ' କଲର, ତଥାପି ସୁନୀତା ବାଧ୍ୟ କରି ତା ବ୍ୟାଗରେ ରଖି ଦେଇଥାଏ, କାଳେ କେତେବେଳେ ବର୍ଷା ହେବବୋଲି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବର୍ଷା ବନ୍ଦ ହୋଇଗଲାଣି । ଏଥର ଘରକୁ ଯିବାକୁ ଉଠି ଠିଆହେଲା ଅନିସ୍ । ପାର୍କଠାରୁ ଘର ଦଶମିନିଟର ବାଟ, ପାଦରେ ଚାଲିକି ଗଲେ । ଘରକୁ ଫେରିବା ବାଟରେ ଗୋଟେ ଫାର୍ମ୍ ହାଉସ୍ ପଡ଼େ । ମେସିନ୍ ସାହାଯ୍ୟରେ ଘାସ କାଟି, କଟାଘାସ ସବୁ ମଧ୍ୟ ମେସିନ୍ ସାହାଯ୍ୟରେ ଜରିରେ ବାନ୍ଧି ଶୀତଦିନପାଇଁ ସଂରକ୍ଷିତ କରୁଛି କୃଷକଟି । ଶୀତଦିନେ ସବୁଆଡ଼େ ବରଫ ପଡ଼ିଯିବ, ସତେ ଯେମିତି ପୃଥିବୀ ଏକ ଧଳା ଶାଢ଼ୀଟିଏ ପିନ୍ଧି ପାଣ୍ଡୁର ଶୀତକୁ ଜାବୁଡ଼ି ଧରିଛି । ଗଛପତ୍ର, ବୁଦା, ଘାସ ପଡ଼ିଆ ସବୁଠି ଶୁଭ୍ର ବରଫର ସମାହାର । ଗାଇ, ଘୋଡ଼ା, ମେଣ୍ଢା ଖାଇବାକୁ ଘାସ ମିଳିବନି । ତେଣୁ ଘାସକାଟି ଶୁଖାଇ, ବାନ୍ଧିକି ରଖାଯାଉଛି । ସତରେ କେତେ ସହଜ କରିଦେଉଛି ମେସିନ୍ ଏମାନଙ୍କ ଜୀବନକୁ । ଏବେ ଏଠି ସୁନୀତା ଥିଲେ ନିଶ୍ଚେ ମେସିନ୍ ବଣ୍ଡଲ୍ କରୁଥିବା ଘାସର ଫଟୋ ନେଇଥାନ୍ତା ।

"ମୁଁ ଥଟାରେ କେବେ କୁହେ, ତୁମ ମୁଣ୍ଡ ଉପରେ ଗୋଟେ କ୍ୟାମେରା ଲଗାଯିବ ଆଉ ସୁଇଚ୍ ତୁମ ହାତ ମୁଠାରେ ରହିବ । ଯେଉଁଠି ଯେଉଁ ଘର, ଘାସ, ପଡ଼ିଆ, ଫୁଲ ଦେଖିବ ଫଟୋ ଉଠାଇବ ।" ହସି ହସି ଗଡ଼ିଯାଏ ସୁନୀତା । କହେ, "ହଁ, ବ୍ରିଟିଶ୍ ସଂସ୍କୃତିର ପ୍ରତ୍ୟକ୍ଷ ଛବି ନେଇ ଘରେ ଓ ସାଙ୍ଗ ମାନଙ୍କୁ ଦେଖାଇବି, ବର୍ଣ୍ଣନା କରିବି ସବୁ ଦୃଶ୍ୟ ସହ ଯୋଡ଼ିକି ଘଟଣାମାନ ।" ବେଳେ ବେଳେ ହସ ଲାଗେ ସୁନୀତାର ଏ ପିଲାଳିଆମୀରେ ।

ଏମିତି ଭାବି ଭାବି କେତେବେଳେ ଆସି ଆପାର୍ଟମେଣ୍ଟର ମୁଖ୍ୟ ଦରଜା ପାଖରେ ପହଞ୍ଚି ଯାଇଥିଲା ଅନିସ୍ । ଚାବିରେ କବାଟ ଖୋଲି ଲିଫ୍ଟ ଧରିଲା । ଘର ଦୁଆର ମୁହଁରେ କଲିଂ ବେଲ୍ ବଜାଇଲା । ନା, କିଛି ଉତ୍ତର ନାହିଁ, ତିନିଥର କଲିଂ ବେଲ୍ ବଜାଇବା ପରେ ସେ ସମ୍ବିତ୍ ପାଇଲା ଯେ ସୁନୀତା ଆଜି ଘରେ ନାହିଁ । ତେଣୁ ଘର ବାହାରପଟୁ ତାକୁହିଁ ଖୋଲିବାକୁ ପଡ଼ିବ । କେମିତି ଗୋଟେ ଅଭ୍ୟାସ ହୋଇଯାଇଥିଲା, ଏଇ ସାତ ମାସ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁଦିନେ ଅଫିସରୁ ଫେରି କଲିଂ ବେଲ୍ ଚିପିଲା ପୂର୍ବରୁ ଅନିସ୍ ଡରିକି ଥାଏ, "ଆଜି କେମିତି ମୁଡ୍ ଥିବ, ସୁନୀତାର । ପୁଣିଥରେ ଗଣ୍ଡଗୋଳ ହେବନି ତ ଆଜି ?"

କବାଟ ଖୋଲି ଭିତରକୁ ଆସିଲା ଅନିସ୍, ଘର ସବୁ ଅନ୍ଧାର । ଲାଇଟ୍ ଅନ୍ କରି, ରୋଷେଇ ଘର ପାଖକୁ ଦଉଡ଼ିଗଲା । ସବୁଦିନେ ସେ ସେଇଆ କରେ, ସୁନୀତା କବାଟ ଖୋଲିଦେଇ ଆସି ରୋଷେଇ କରୁଥାଏ । ସେ ଆସି ପଛଆଡୁ ସୁନୀତାକୁ ଜାବୁଡ଼ି ଧରେ । ସୁନୀତାର ମନର ସ୍ଥିତି ଅନୁସାରେ ସୁନୀତା ପ୍ରତ୍ୟୁତ୍ତର ଦିଏ । ହେଲେ ନା ସୁନୀତା ଆଜି ନାହିଁ । ଅଭ୍ୟାସବଶତଃ ଫ୍ରାଇଂ ପ୍ୟାନର ଘୋଡ଼ଣୀ ସବୁ କାଢ଼ି ଦେଖିନେଲା । କଣ ରୋଷେଇ ହୋଇଛି, ମାତ୍ର ସବୁ ଖାଲି । ସୁନୀତା ନାହିଁ, କିଏ ରୋଷେଇ କରିବ ?

ଡାଇନିଂ ଉପରେ ଚିକେନ୍, ସାମ୍ପେନ୍ ବୋତଲ ରଖିଦେଇ ସେ ପାଣି ବୋତଲ ଧରି ସୋଫା ଉପରେ ବସି ପଡ଼ିଲା । ବ୍ରିଟିଶ୍ ସମୟ ଅନୁସାରେ ସାଢ଼େ ଆଠଟା ହେଲାଣି ।

ଭାରତ ସମୟରେ ରାତି ଏଗାରଟା ବେଳେ ସୁନୀତା ବମ୍ବେରେ ପହଞ୍ଚିଯିବ । ମାନେ ବ୍ରିଟିଶ୍ ସମୟ ଅନୁସାରେ ସଂଧ୍ୟା ସାଢ଼େ ଛଅଟାରେ । ଏବେ ଡେ ଲାଇଟ୍ ସେଭିଂ ଉଠିଯିବା ପରେ ଭାରତ ଓ ଲଣ୍ଡନର ସାଢ଼େ ଚାରିଘଣ୍ଟାର ସମୟ ବ୍ୟବଧାନ । ସେ ସୁପର ମାର୍କେଟରୁ କିଣାକିଣି କରୁଥିବା ବେଳେ ସୁନୀତା ଫୋନ୍ କରିଥିଲା ବମ୍ବେ ପହଞ୍ଚିଲା ବୋଲି । ଭୁବନେଶ୍ୱରକୁ ତା'ର ଫ୍ଲାଇଟ୍ ସକାଳ ପାଞ୍ଚଟା ପଞ୍ଚଚାଳିଶିରେ ଅଛି । ସାରା ରାତି ତାକୁ ଏକୁଟିଆ ବମ୍ବେ ଏୟାରପୋର୍ଟରେ ଅପେକ୍ଷା କରିବାକୁ ପଡ଼ିବ । ସାରାରାତି କଣ କରିବ ଏକୁଟିଆ ସୁନୀତା, ଜିନିଷ ସବୁ ଏକେଲା ନେବାରେ କିଛି ଅସୁବିଧା ହେବନି ତ ? ଭୁବନେଶ୍ୱରରେ ସେ ସକାଳ ସାତଟା କୋଡ଼ିଏରେ ପହଞ୍ଚିବ । କିଏ ଆସିଥିବେ ତାକୁ ନେବାକୁ ? କଣ ହେବ ସୁନୀତାର ଘର ଲୋକଙ୍କ ପ୍ରତିକ୍ରିୟା ? ଏମିତି ଭାବି ଭାବି ଆଖି

 Magazine Downloaded from www.aahwaan.com

ଲାଗିଯାଇଥିଲା ଅନିସ୍‌ର ସୋଫା ଉପରେ ବସି ।

କାହାର ଫୋନ୍ କରିବା ଶବ୍ଦ ଶୁଣି ତା ନିଦ ଭାଙ୍ଗିଲା । ଘରୁ ସାନ ଭାଇ ଫୋନ୍ କରିଛି । ସେ ଆଜି ଆଉ ଅଫିସରୁ ଘର ସହ କଥା ହୋଇନି, ଭାବିଥିଲା ଘରକୁ ଆସି ସ୍କାଇପେରେ ଭିଡ଼ିଓ ଚାଟ୍ କରିବ । ବହୁତ ଦିନ ହେଲା ଘରୁ ସେ ଘର ସହ କଥା ହୋଇନି । ସୁନୀତା ବିରକ୍ତ ହୁଏ । ସେ ତା ଘର ସହ ଭିଡ଼ିଓ ଚାଟ୍ କଲେ, ବହୁତ ସମୟ ଘର ସହ କଥା ହେବାରେ ସରିଯାଏ । ଖାଇସାରି ଶୋଇବା ସମୟ ହୋଇଯାଏ । ଆଉ ସୁନୀତା ସହ କଥା ହେବାକୁ ସମୟ ନଥାଏ । ଧିରେ ଧିରେ ଏଥିପାଇଁ ସୁନୀତା ଓ ତା ଭିତରେ ମତାନ୍ତର ହେବା ଆରମ୍ଭ ହେଲା, ଯାହାକୁ ଭୀଷଣ ଗଣ୍ଡଗୋଳର ରୂପ ନେଲା ।

ଘର ସକାଶେ ସେ ସୁନୀତାକୁ ସମୟ ଦେଉନି, ଭଲ ପାଉନି, ଏଥିରେ ସୁନୀତାର ଅଭିଯୋଗ । ବାଧ୍ୟ ହୋଇ ସେ ଆଉ ସ୍କାଇପେରେ ଘର ସହ ଭିଡ଼ିଓ କଲ୍ କରେନି ସୁନୀତାର ଉପସ୍ଥିତିରେ । ଧିରେ ଧିରେ ସୁନୀତା ମଧ୍ୟ ଅନିସ୍‌ର ଘରସହ କଥାବାର୍ତ୍ତା କରିବା ବନ୍ଦ କରିଦେଲା । ଯାହାକି ବ୍ୟଥିତ କରେ ଅନିସ୍‌କୁ ।

କମ୍ପ୍ୟୁଟରଟା ଅନ୍ କଲା ଅନିସ୍ ଘର ସହ କଥା ହେବାକୁ । ହେଲେ ଇଚ୍ଛା ହେଲାନି । କମ୍ ସମୟ କଥା ହୋଇ ରଖିଦେଲା । ଆଜି ସୁନୀତାର ଭୟ ନାହିଁ, ଯେ ସେ ଗାଳି କରିବ, ତଥାପି ତା'ର ମନ କଲାନି ଘର ସହ କଥା ହେବାକୁ । ସବୁକିଛି ଖାଲି ଖାଲି ଲାଗୁଛି । କେଜାଣି ସବୁଠି ଯେମିତି ଶୂନ୍ୟତା, ହାହାକାର । ସବୁ ଜିନିଷ ସେମିତି ଅଛି କେବଳ ଗୋଟିଏ ଲୋକ ନାହିଁ ତଥାପି ଏତେ ନିରବ, ନିସ୍ତବ୍ଧ, ସବୁକିଛି ରଙ୍ଗହୀନ ।

ଏମିତି ତ ସେ ଡରୁଥିଲା ସୁନୀତାର ଗାଳିକୁ, ବ୍ୟତିବ୍ୟସ୍ତ ହୋଇଯାଉଥିଲା ତା'ର ବ୍ୟବହାରରେ, ତଥାପି ତା ବିନା ସବୁ ଯେମିତି ଅଲୋଡ଼ା । ଆଜି ଯେମିତି ସେ ପୁରା ନିଃସ୍ୱ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଯାଇଛି ।

ନା ଆଜି ତାକୁ ଚିକେନ୍ ରୋଷେଇ କରିବାକୁ ଇଚ୍ଛା ହେଲା, ନା ସେ ସାମ୍ପେନ୍‌ର ମଜା ନେବାକୁ ମନକଲା ।

ତାକୁ ବ୍ରିଟିଶ୍ କାଇଦା ଓ ଚଳଣି ଆରେଇ ଯାଇଥିଲା, ଲଣ୍ଡନ ଛାଡ଼ିକି ଯିବାକୁ ସେ ବିଲ୍‌କୁଲ୍ ମନ କରୁନଥିଲା, ମାତ୍ର ଏବେ ସୁନୀତା ବିନା ଏ ସବୁର କିଛି ମହତ୍ତ୍ୱ ନାହିଁ । ସେ ପୁରାପୁରି ଏକୁଟିଆ ହୋଇଯାଇଛି । ତା'ର ପ୍ରତିଟି ଲୋମକୂପରେ ତାର ଏକ ଏକ ନିଶ୍ୱାସ ପ୍ରଶ୍ୱାସରେ ସୁନୀତା ହିଁ ବସି ଯାଇଛି ।

ସେ ସୁନୀତାକୁ ଏତେ ଭଲପାଏ ଏକଥା ସୁନୀତା ଥିବା ବେଳେ ଅନୁଭବ କରି ପାରିନଥିଲା । ବୋଧହୁଏ ଦୂରତା ହିଁ ସଂପର୍କକୁ ବେଶୀ ମଧୁର କରେ । ସେ ବି ବିଲକୁଲ୍ ଠିକ୍ କରିନି ସୁନୀତା ସହ । ଅଫିସ କାମକୁ ସେ ବେଶୀ ପ୍ରାଧାନ୍ୟ ଦେଇଛି, ଆଉ ଅଫିସରୁ ଫେରି କମ୍ପ୍ୟୁଟର ସାମନାରେ ପୁଣି ବସିଯାଏ ଘର ସହ ଭିଡ଼ିଓ କଲ୍ କରିବାକୁ । ସେ ଯେ ଏବେ ବିବାହିତ ଏ କଥା ତା'ର ସ୍ମୃତିରେ ନଥିଲା । ଏକ ନୂଆ ଲୋକ ତା ଜୀବନରେ ଆସିଛି, ଯାହାକୁ ସ୍ନେହ, ପ୍ରେମ, ଯତ୍ନ ଦରକାର ସେ କଥା ସେ ଭୁଲିଯାଇଥିଲା ।

ସେ ଠିକ୍ କଲା ଭାରତ ଫେରିଯିବ । ଆସନ୍ତାକାଲି ଅଫିସରେ ମ୍ୟାନେଜର ସହ କଥା ହୋଇ, ସୁନୀତାକୁ ଫୋନ୍ କରିବ । ଦୁହେଁ ଏକାଠି ରହିବେ, ଆଉ ସୁନୀତା ଚାକିରୀ ପାଇଁ ଚେଷ୍ଟା କରିବ । ମନଭିତରେ ଏ କଥା ଠିକ୍ କଲାପରେ ସେ ଟିକେ ହାଲୁକା ଅନୁଭବ କଲା ।

ଡେରି ହୋଇଯାଉଥିଲା । ଫ୍ରିଜ୍ ଭିତରେ ଚିକେନ୍ ଓ ସାମ୍ପେନ୍ ବୋତଲ୍ ପୁରାଇ ଦେଇ ସେ ପାଉଁରୁଟି ସେକିଲା ଖାଇବାପାଇଁ । ଆସନ୍ତାକାଲି ଯାହା ହେଲେ ବି ଶୀଘ୍ର ଅଫିସ ଯିବାକୁ ପଡ଼ିବ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦିନନାଥ ବିଦ୍ୟାନିକେତନ



ସତ୍ୟପ୍ରକାଶ ସେଠୀ

ପୀତବାସ ସେଦିନ ଗାଁକୁ ଆସିଥିଲେ । ଦୂର୍ଗାପୂଜା ଛୁଟି ଘଡି, ତେଣୁ ଲମ୍ବା ଛୁଟି ହାତରେ । ପେଶାରେ ସେ ଜଣେ ଶିକ୍ଷକ । ପିଲାଟି ଦିନରୁ ଖୁବ୍ ଗରୀବ । ତେଣୁ ଅନେକ କଷ୍ଟ କରି ସେ ପାଠ ଦି ଅକ୍ଷର ପଢିଛନ୍ତି । ଏଇ ପାଠ ଟିକକ ପଢିବା ପାଇଁ ଦିନନାଥ ସାର୍ ଙ୍କ ଭୂମିକାଟି ଅନବଦ୍ୟ । ତାଙ୍କ ଭଳି ଆଦର୍ଶ ଶିକ୍ଷକ ଆଜି କାଲି ମିଳିବା କଷ୍ଟ । ସେ ଖାଲି ଯେ ଭଲ ପାଠ ପଢାନ୍ତି ସେ କଥା ନୁହେଁ, ବରଂ ସେ ଜଣେ ଭଲ ମାନବବାଦୀ ମଣିଷ । କେଉଁ ପିଲାର କ'ଣ ଅଭାବ ଅସୁବିଧା ରହୁଛି ତାହା ମଧ୍ୟ ସେ ଅନୁଧ୍ୟାନ କରନ୍ତି । ତେଣୁ ତ କାହାର କଲମଟେ ବା ଖାତାବହିଟେ ଦରକାର ଥିଲେ ସେ କଥା ସେ ବୁଝି ପାରନ୍ତି ଓ ଦିଅନ୍ତି । ଉଦ୍ଦେଶ୍ୟ ତା'ର ଅଭାବ ଦୂର କରି ପାଠ ଉପକରଣଟିଏ ଯୋଗାଇ ଦେବା ଥିଲେ ହେଁ ସେ କହନ୍ତି, "ଏ ପ୍ରଶ୍ନର ତୁ ସଠିକ୍ ଉତ୍ତର ରଖିଥିବାରୁ ଏଇଟା ତୋର ଉପହାର । ପୁଣି ନିଜ ଟିଫିନ୍ ରୁ ତ କେତେବାର କେତେ ପିଲାଙ୍କୁ ଖୁଆଇଥାନ୍ତି । ପୀତବାସ ସେଇ ଗୁରୁଙ୍କ କୃପାର ସାହାଯ୍ୟ ଓ ସହଯୋଗ ପାଇ ଆଜି ଶିକ୍ଷକ ଚାକିରୀ ଖଣ୍ଡେ କରି ପାରିଛନ୍ତି । ତେଣୁ ଭାବିଲେ ପାଖ ଗାଁର ଗୁରୁଙ୍କ ଘରକୁ ଯାଇ ଟିକେ ଦେଖାକରି ଆସିବେ । କିଛି ନହେଲେ ନାହିଁ ତ ମୁଣ୍ଡିଆଟେ ମାରି ଆଶୀର୍ବାଦ ଟିକେ ନେବେ, କୃତଜ୍ଞତା ଜଣାଇବେ । ସକାଳୁ ବିଛଣାରୁ ଉଠିପଡ଼ି ସିଧା ସଳଖିଲେ ଗୁରୁଜୀଙ୍କ ଘର ଆଡକୁ । ଗାନ୍ଧୀ ବ୍ୟାଗଟିଏ କାନ୍ଧରେ ଝୁଲାଇଥାନ୍ତି ପୀତବାସ । ଗୁରୁଜୀଙ୍କ ଘରେ ପହଞ୍ଚିଲା ବେଳକୁ ଦେଖିଲେ ଦାଣ୍ଡରେ ସୁନ୍ଦରୀ ରୂପଶ୍ରୀ ତରୁଣୀଟିଏ ଛିଡା ହୋଇଛି । ନାଁଟି ତା'ର ରେବା । ଏଇ ରେବା ବୋଧେ ସାର୍ ଙ୍କ ଝିଅ । ସେଇ ରେବା ଦିନେ କେତେ ଛୋଟ

 Magazine Downloaded from www.aahwaan.com

ହୋଇଥିଲା । ପ୍ରାୟ ସାତ ଆଠ ବର୍ଷର ହେବ, ଯେତେବେଳେ ପୀତବାସ ଦିନନାଥ ସାରଙ୍କ ଘରକୁ ପାଠ ବୁଝିବାକୁ ବେଳେବେଳେ ଆସୁଥିଲେ । ସେତେବେଳେ ପୀତବାସ ପକେଟରେ ପୂରାଇ ବଇଁଚ କୋଳି, ଆମ୍ବୃଡା, ଆମ୍ବ ବା କାନକୋଳି କିଛିନା କିଛି ଆଣିଥିବେ, କାହିଁକିନା ରେବା ମାଗି ବସିବ । ଆଜି ହୁଏତ ସେ ଏତେ ବଡ ହୋଇଗଲାଣି । ବୟସ ତ ଅଠର କୋଡ଼ିଏ ବର୍ଷ ଲାଗୁଛି । ପଚାରିଲା - ସାର୍ ଘରେ ଅଛନ୍ତି ?

ରେବ କହିଲା - ଆପଣ କିଏ ?

- ମୁଁ ତାଙ୍କର ଜଣେ ପୁରାତନ ଛାତ୍ର । ନାଁ ମୋର ପୀତବାସ । ସାର୍ ଙ୍କୁ କହିଲେ ପୀତବାସ କିଏ ଆସିଛି ବୋଲି ସେ ଠିକ୍ ଚିହ୍ନବେ । ରେବାଟା ହସକୁରୀ ଝିଅଟା । ପୀତବାସକୁ ଚିହ୍ନି ଦେଲା କି କ'ଣ ମୁରୁକେଇ କି ହସି ନେଲା । ଏଇ ସମୟରେ ଖୁଁ ଖୁଁ କାଶ ଶବ୍ଦ ସହ "କିଏ, କିଏ ଆସିଛି କିରେ !" ବୋଲି ସାରଙ୍କର ପାଟି ଶୁଭିଲା ।

ରେବା ଘର ଭିତରକୁ ପଶିଯାଇ ପୁଣି ଫେରି ଆସିଲା । ବାପାଙ୍କ ନିର୍ଦ୍ଦେଶରେ ପୀତବାସକୁ ଘର ଭିତରକୁ ଆସିବାକୁ କହିଲା । ପୀତବାସ ଗୁରୁଜୀଙ୍କୁ ପ୍ରଣାମ କରି ପରିଚୟ ଦେଲା । ଗୁରୁଜୀ ବହୁତ ଖୁସି ହେଲେ । କହିଲେ - ଆରେ ! ତୁ ତ ସବୁ ଶ୍ରେଣୀରେ ପ୍ରାୟ ପ୍ରଥମ ହେଉଥିଲୁ, ଏବେ କ'ଣ କରୁଛୁ ?

ପୀତବାସ କହିଲେ - ସାର୍ ! ଆପଣଙ୍କ କରୁଣାରୁ ମୁଁ ଏବେ ଓ.ଇ.ଏସ୍. ପାଇ ସହରରେ ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଇଛି ।

ଗୁରୁଜୀ ପଚାରିଲେ - ତୁମ ସ୍କୁଲରେ କେତେ ପିଲା ପାଠ ଏକାଥରକେ ପିକ୍ ଅପ୍ କରୁଛନ୍ତି ଓ ଆଉ କେତେ ପିଲା ଡାଉନ ଅଛନ୍ତି ?

-ଏଇ ୬୦ / ୪୦ ପ୍ରତିଶତ ହାର ହେବ ।

-ସେମାନଙ୍କ ପାଇଁ ତୁମର କ'ଣ ଯୋଜନା ରହୁଛି ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

-ସାର୍ ସେମାନଙ୍କ ପାଇଁ ଏକ୍ସଟ୍ରା କ୍ଲାସ୍ ଓ ଡାଉଟ କ୍ଲିଅରିଂ କ୍ଲାସ୍ ରଖି ଆଉ ଟିକିଏ ପରିଶ୍ରମ ଦେଇ ସହଜ ଓ ସରଳ ଭାବରେ ପଢାଇବା ପାଇଁ ମୁଁ ବ୍ୟବସ୍ଥା କରିଛି । ତାଛଡା ମାଡଗାଳି ଦେଲେ ତ ଆଉ ଚଳିବନି, ବୁଝାଶୁଝା କରି ପଢ଼ାଇବାକୁ ହେଉଛି । ଛାତ୍ରମାନଙ୍କ ଭିତରେ ଗୋଟାଏ ବିଶ୍ୱାସବୋଧ ଓ ସୁନ୍ଦର ଭବିଷ୍ୟତର ରଙ୍ଗିନ ସ୍ୱପ୍ନ ଭରିଦେବା ମୋର କାମ । ପ୍ରୋତ୍ସାହନଟା ମୋ ମତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବ୍ୟାପାର ।

ସାର୍ କହିଲେ - ଗୁଡ୍ । ଆଜି ତୁମେ ସେମିତି ଯାଇ ପାରିବ ନାହିଁ ମୋ ସହିତ ତୁମକୁ ଖୁଆଇ ଛାଡ଼ିବି । ତୁମ ସହ ଟିକିଏ ବସି ମନଭରି ଗପସପ ହେବି । ଅନେକ ଦିନ ହେବ ଅସୁସ୍ଥ ହୋଇ ବିଛଣାରେ ପଡି ରହିଛି । ତେଣୁ କିଛି ଭଲ ଲାଗୁନାହିଁ ।

ସାରଙ୍କ କଥା କାଟି ନପାରି ପୀତବାସ ମୁଣ୍ଡ ଟୁଙ୍ଗାରିଲେ । ସାର୍ ରେବାକୁ ଡାକି କହିଲେ, “ରୋଷେଇ କର, ପୀତବାସ ଆମ ଘରେ ଖାଇକି ଫେରିବେ ।” ଦରଜା ସେପଟରେ ରହି ସବୁ ଶୁଣୁଥିବା ରେବା ହସି ଦେଇ ରୋଷେଇ କରିବାକୁ ଚାଲିଗଲେ । ଗୁରୁ ଛାତ୍ର ଆଜିକାର ଶିକ୍ଷା ବ୍ୟବସ୍ଥା ଓ ସାମାଜିକ ବିଧି ବ୍ୟବସ୍ଥାକୁ ନେଇ ଅନେକ ଅନୁଚିନ୍ତା ପ୍ରକାଶ କଲେ । ଯେପରିକି ସେମାନଙ୍କ ଗପରେ ପୂର୍ଣ୍ଣଚ୍ଛେଦ ପଡୁ ନଥିଲା ।

ଖାଦ୍ୟ ପ୍ରସ୍ତୁତି ପରେ ଗୁରୁଶିଷ୍ୟ ମନ ଭରି ଖାଇଲେ । ବାରମ୍ବାର ଅନିୟମିତ ବିଦ୍ୟୁତ୍ କାଟ ଯୋଗୁଁ ପଙ୍ଖା ଘୁରୁନଥାଏ । ପାଖରେ ବସି ରେବା ତାଳପତ୍ର ବିଞ୍ଚଣାରେ ବିଞ୍ଚି ଦେଉଥାଏ । ସାର୍ କହିଲେ, “ଆରେ ! ରେବା ରନ୍ଧା ତୁମକୁ ଭଲ ଲାଗୁଛି ତ ?” ପୀତବାସ କହିଲେ, “ରେବା ରାନ୍ଧଣାରେ ତ ସ୍ୱୟଂ ଅନ୍ନପୂର୍ଣ୍ଣା ବିରାଜମାନ କରିଛନ୍ତି । ସତରେ ବହୁତ ସ୍ୱାଦିଷ୍ଟ ହୋଇଛି । ମୋର ପରା ଇଚ୍ଛା ହେଉଛି ହାତ ଚାଟି ସବୁ ଖାଇ ଦେବାକୁ ।” ରେବା ସ୍ମିତ ହସୁଥାଏ । ଖାଇ ସାରିଲା ପରେ ପୀତବାସ ଯିବାକୁ ବାହାରିଲେ ।

ହେଲେ ସେ ଗୁରୁଜୀଙ୍କଠାରୁ ବିଦାୟ ନେବା ପୂର୍ବରୁ ସାଲଠାରୁ ଆରମ୍ଭ କରି ଫଳମୂଳ

 Magazine Downloaded from www.aahwaan.com

ଓ ଡ୍ରାଏ ଫ୍ରୁଟସ ପର୍ଯ୍ୟନ୍ତ କେତେ ରକମର ସହରରୁ ଆଣିଥିବା ଜିନିଷ, ସବୁ ଖୋଲି ରଖିଲେ । ସାର୍ କହିଲେ, "ଆରେ ! ଏଗୁଡାକ ଏତେ ସବୁ କାହିଁକି ଆଣୁଥିଲୁ ?" କହିଲେ, "ନାଇଁ ସାର୍ ଏ ତ ମାତ୍ର ମୋର ଗୁରୁଦକ୍ଷିଣା ।" ରେବା କହିଲା, "ଆଉ ମୋ ପାଇଁ ?" ପୀତବାସ ବଡ଼ ଅଡୁଆରେ ପଡି'ଗଲେ, କହିଲେ,"ତୁମ ପାଇଁ କିଛି ଆଣିନାହିଁ । କାରଣ ତୁମେ ଯେ ଏତେବଡ଼ ହୋଇଯାଇଛ ସେ କଥା ମୁଁ ମନେ ପକାଇ ପାରିଲି ନାହିଁ କି କିଛି ବି ଆଣି ପାରିଲି ନାହିଁ, କିନ୍ତୁ ଏଇ ପୂରା ଝୁଲିଟା ଯେ ତୁମର ।" ଝୁଲିଟା ବଢାଇ ଦେଲା ବେଳେ ପିତବାସଙ୍କର ଆଙ୍ଗୁଳିର ସ୍ପର୍ଶ ପାଇ ଯେପରି ରେବା ଶିହରିତ ହୋଇ ଉଠୁଥିଲା । ତା'ର ରୁମ ମୂଳି ଟାଙ୍କୁରି ଉଠିଲା, ସେ ଲାଜେଇ ଗଲା ।

ଦିନନାଥ କହିଲେ, "ଦେଖ ପୀତବାସ ! ଆଜି ମୁଁ ତୁମକୁ ଗୋଟେ ଛୋଟ ଅନୁରୋଧ କରିବି । ତୁମେ ମୋତେ ଦେଇପାରିବ ତ ... ?"

ପୀତବାସ କହିଲେ, "ଗୋଟେ କାହିଁକି ସାର୍, ଆପଣ କହିଲେ ଆପାଦମସ୍ତକ ମୁଁ ମୋର ସବୁ ଆପଣଙ୍କ ପାଦ ତଳେ ଅଜାଡି ଦେବି । ଆପଣଙ୍କ ପାଇଁ ତ ମୁଁ ଆଜି ଆସି ଏତେବାଟରେ ପହଁଞ୍ଚିଛି ।"

ସାର୍ କହିଲେ, "ହଁ ମୁଁ ତୁମକୁ ଗୋଟା ପୁଣି ଚାହେଁ ।" ପୀତବାସ ଏ କଥାର କିଛି ସଠିକ୍ ଅର୍ଥ ବୁଝି ପାରିଲେ ନାହିଁ । ସାର୍ କହିଲେ, "ମୁଁ ମନେମନେ ଚିନ୍ତା କରିଥିଲି - ଜାତିବର୍ଣ୍ଣ ଧର୍ମ ନିର୍ବିଶେଷରେ ଯିଏ ମୋଠାରୁ ଅଧିକ ଜ୍ଞାନୀ ଓ ଛାତ୍ର ବତ୍ସଳ ହୋଇଥିବ ମୁଁ ତାହାରି ହାତରେ ହିଁ ମୋର ଏକମାତ୍ର କନ୍ୟା ଏଇ ମାଆ ଛେଉଣ୍ଡ ଛୁଆଟାକୁ ଟେକି ଦେଇ ଆରପାରିକୁ ଶାନ୍ତିରେ ଯାଇ ପାରିବି । ଆଜି ହିଁ ଦେଖୁଛି, ମୋର ସେଇ ସ୍ୱପ୍ନ ସାକାର ହେବାକୁ ଯାଉଛି । ତୁମେ ହିଁ ମୋ ରେବା ପାଇଁ ଉପଯୁକ୍ତ ପାତ୍ର । କ'ଣ ପାରିବ ମୋ ପ୍ରସ୍ତାବରେ ରାଜି ହୋଇ ?"

ପୀତବାସ କହିଲେ, "ହଁ.. ନାଇଁ ଯେ ସାର୍.. । ହେଲେ ଆମ ଭିତରେ ବ୍ୟବଧାନ ଯେ

 Magazine Downloaded from www.aahwaan.com

ଅନେକ । ମୁଁ ଜାତିରେ ହରିଜନ, ପୁଣି ବାପା ମାଆ ଛେଉଣ୍ଡ.. ।"

ସାର୍ କହିଲେ, "ସେଇଠୁ କ'ଣ ହେଲା । ଆମେ ସଭ୍ୟ ଶିକ୍ଷିତ ହୋଇଛେ । ମଣିଷ ମଣିଷ ଭିତରେ ବାସ୍ତବରେ କ'ଣ ପ୍ରଭେଦ ଅଛି ସେ କଥା ଭଲଭାବେ ବୁଝିଛେ । ଶିକ୍ଷିତ ଓ ଅଶିକ୍ଷିତ ଭିତରେ ପ୍ରଭେଦଟା ହିଁ ସବୁଠାରୁ ବଡ ପ୍ରଭେଦ । ତା ବୋଲି ନିଜ ଜାତିଷ୍ଠ ହେଲେ ବି ଗୋଟେ ବେକାରୀ ଓ ଅଶିକ୍ଷିତ ହାତରେ ତ ରେବା ପରି ଗୋଟେ ସୁଶ୍ରୀ ଶିକ୍ଷିତା ଝିଅର ହାତକୁ ମୁଁ ଆଉ ଦେଇ ପାରିବି ନାହିଁ । ତା ଛଡା କିଏ କ'ଣ ଭାବିବ ଓ ବିରୋଧ କରିବ ସେଥିପାଇଁ ଏ ବୃଦ୍ଧ ଦିନନାଥ ମାଷ୍ଟର ବିବ୍ରତ ନୁହେଁ । ଆଜି ପର୍ଯ୍ୟନ୍ତ ମୁଁ କେବଳ ବିବେକାନୁମୋଦିତ ଓ ହୃଦୟାନୁସୃତ କାର୍ଯ୍ୟ କରିଛି । ତେବେ ଏଥିରେ ତୁମ ସମ୍ମତିଟା ଗୁରୁତ୍ୱପୂର୍ଣ୍ଣ । ତେଣିକି ବନ୍ଧୁ ବିରେଦାର ବିରୋଧ କଲେ ବି ମୁଁ ମୋ ଘରେ ଥିବା ରାଧା ଗୋବିନ୍ଦ ମନ୍ଦିରରେ ତୁମ ଦୁଇ ଜଣଙ୍କର ବିବାହ ସମ୍ପନ୍ନ କରିବି । କାରଣ ଏମିତି ଏକ ଦୁରାରୋଗ୍ୟରେ ମୁଁ ଏବେ ପୀଡିତ ଯେ, ଆଉ ଅଧିକ ଦିନ ବଞ୍ଚି ରହିବା ମୋ ପକ୍ଷରେ ସମ୍ଭବପର ନୁହେଁ । ଖାଲି ରେବାର ହାତକୁ ଦୁଇ ହାତ କରିଦେଲେ ମୋର ଯାଇ ଶାନ୍ତି । ତେଣୁ ଜଲଦି ଏଇ ଶୁଭ କାମଟା ସାରିଦେଲେ ଯାଏ । କୁହ ପୀତବାସ ! ମୋ କଥାରେ ଜବାବ୍ ଦିଅ ?" ଏଭଳି ଅଚାନକ ଏକ କିମ୍ଭୂତ କିମ୍ଭାକର ପରିସ୍ଥିତିର ସାମ୍ନା କରି ପୀତବାସଙ୍କର ମଥା ଘୂରି ଯାଉଥିଲା, ସେ କେବଳ ମୁଣ୍ଡ ଟୁଙ୍ଗାରି ସମ୍ମତି ଦେଲେ ।

ଶେଷରେ ସମସ୍ତଙ୍କ ବିରୋଧ ଓ ନାଟକ ବାଜି ଭିତରେ ବିନା ବନ୍ଧୁ ବାନ୍ଧବ ଓ ତୋପ କମାଣରେ ସ୍ଥାନୀୟ ରାଧା ଗୋବିନ୍ଦ ମନ୍ଦିରରେ ଉଭୟଙ୍କର ବିବାହ ବନ୍ଧନ କାର୍ଯ୍ୟ ସମ୍ପାଦିତ ହୋଇଗଲା । ସାର୍ ଙ୍କ ଦେହ ଖରାପ ଯୋଗୁଁ ପୀତବାସ ବାହାଘର ପରେ ଦିନନାଥଙ୍କ ଘରକୁ ଚାଲି ଆସିଲେ । ମାତ୍ର ସାହିଭାଇ ରଖେଇ ଦେଲେ ନାହିଁ । ବାର ଲୋକ ତେର କଥା କହି ବିରୋଧ କଲେ । ବିରୋଧର ସ୍ୱର ଏତେ ତୀବ୍ର ହେଲା ଯେ ଶେଷକୁ ଦିନନାଥ ଦୁଃଖ ଓ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନୁଶୋଚନାରେ ଆଖି ବୁଜିଦେଲେ । ପିତବାସଙ୍କର ଗାଁରେ ରହିବା ଅସମ୍ଭବ ଓ ଅସମ୍ଭାଳ ହୋଇ ଉଠିବାରୁ ସେ ନିଜ ଚାକିରୀ ସ୍ଥଳ ସହରକୁ ଚାଲି ଆସିଲେ ।

ସ୍ନେହ ପ୍ରୀତିରେ ହସି ଉଠୁଥିଲା ସେମାନଙ୍କର ସୁନାର ସଂସାର ।

ଇତିମଧ୍ୟରେ ସେମାନେ ଦୁଇଟି ସନ୍ତାନର ଜନକ ଜନନୀ ହୋଇ ସାରିଥିଲେ । ଯେଉଁମାନେ କି ଖୁବ୍ ପାଠ ପଢି ଆଜି ସୁଦୂର ସହରରେ ଡାକ୍ତର ଓ ଇଞ୍ଜିନିୟର । ପୀତବାସ ସମ୍ପ୍ରତି ଚାକିରୀରୁ ଅବସର ନେଇ ସାରିଛନ୍ତି । ଆଉ ହାତରେ ବିଶେଷ କିଛି କାମଧନ୍ଦା ନାହିଁ, କିନ୍ତୁ ଅଛି ମୁଠା ମୁଠା ଟଙ୍କା । ତେଣୁ ସେ ଗାଁକୁ ଫେରିଲେ । ପରିତ୍ୟକ୍ତ ହୋଇ ପଡିଥିବା ଦିନନାଥଙ୍କ ବିରାଟ ଘର ଡିହ ଉପରେ ସେ ଗଢି ତୋଳିଲେ ସୁଉଚ୍ଚ ଅଟ୍ଟାଳିକା । ନାମ ଦେଲେ 'ଦିନାନାଥ ବିଦ୍ୟା ନିକେତନ' । ଆରମ୍ଭ ହେଲା ଅତ୍ୟାଧୁନିକ ଶିକ୍ଷା ବ୍ୟବସ୍ଥାର ଏକ ଉନ୍ନତ ଅନୁଷ୍ଠାନ । ଏତେବେଳକୁ ତାଙ୍କ ଅର୍ଥ ଓ ପ୍ରତିପତ୍ତି ଦେଖି ଗାଁ ଲୋକମାନେ ସମସ୍ତେ ପାଖେଇ ଆସିଲେଣି । ମିଳିଲା ସମସ୍ତଙ୍କର ସହଯୋଗ । ଉଦ୍ଦେଶ୍ୟ ଗାଁ ଲୋକମାନଙ୍କ ଭିତରେ ବୁଣିବେ ଶିକ୍ଷାର ମଞ୍ଜି । ସମସ୍ତଙ୍କୁ ଉଚ୍ଚମାନର ଅତ୍ୟାଧୁନିକ ଶିକ୍ଷା ଯୋଗାଇ ଦେଇ ଦେଖାଇବେ ଶିକ୍ଷାର ନବୀନ ଆଲୋକ । ସାରଙ୍କ ଉକ୍ତି, "ଶିକ୍ଷିତ ହୁଅ, ବଳେ ଶିକ୍ଷିତ ଓ ଅଶିକ୍ଷିତ ମଧ୍ୟରେ ଫରକଟା ବୁଝା ପଡି ଯିବ ଯେ" ସାକାର ହେବାକୁ ଲାଗୁଥାଏ ।

ଏବେବି ପରିଣତ ବୟସରେ ରେବାଟା ବହୁତ ସୁନ୍ଦର ଦିଶୁଥାଏ । ପୀତବାସ ରେବାକୁ ପାଖକୁ ଟାଣି ନେଇ ନିଜ ସ୍ନେହ ଅଶ୍ଳେଷରେ ହଜାଇ ଦେଲେ ।

ସା - ରାଣୀପଡା, ପୋ :ତରାଗୋ
ଜିଲ୍ଲା :ଭଦ୍ରକ, ଓଡିଶା ୭୫୬୧୦୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶୁଭ ନବବର୍ଷ



ଇଂ ବିଦ୍ୟାଧର ପଣ୍ଡା

ନବବର୍ଷକୁ ବହୁତ ଲୋକଙ୍କ ଅପେକ୍ଷା । ଭୋଜିଭାତ ହେବ, ଡିଜେ ବାଜିବ ବୋତଲ ଉଠିବ । ଡିସେମ୍ବର ମାସ ହେଉ ହେଉ ନବବର୍ଷର ଯୋଜନା ଶେଷ । ଅବଶ୍ୟ ନୂଆବର୍ଷକୁ ଅପେକ୍ଷାରତ ପାର୍ଟିପ୍ରିୟ ଲୋକମାନେ ଉପଭୋଗ କରିବା ଆରମ୍ଭ କରିଦେଲେଣି । ଏସବୁ ନୂଆବର୍ଷ ପାର୍ଟିସାଟିରେ ଧର୍ମପତ୍ନୀ ନରହିଲେ ଭଲ । ଉପଭୋଗର ମାତ୍ରା ଟିକିଏ ବଢ଼ିଯାଏ । ଆଗୁଆ ନବବର୍ଷ ଭୋଜି ଗୋଟିଏ ଦୃଷ୍ଟିରୁ ଭଲ ଯେ' ଗହଳି କମ୍, ଜାଗାସବୁ ପରିଷ୍କାର ପରିଚ୍ଛନ୍ନ ଅଛି । ଆଉ ଦିନ କେଇଟା ଗଲେ ଭଙ୍ଗା ବୋତଲ କାଚ ଗୋଡ଼ରେ ପଶି ରକ୍ତ ବାହାରିପାରେ, ଚାରିଆଡେ ପ୍ଲାଷ୍ଟିକ. ସୋଲ ଖଲି, ଅଇଁଠା ବଳକା ଷଢ଼ାଖାଦ୍ୟ ପଦାର୍ଥର ନମୁନା ଦେଖିବାକୁ ମିଳିବ ।

ଏବର୍ଷ ସାବତ ବାବୁ ଓ ଦୂର୍ଗାଦେବୀ ନିଜଘର ସଜାସଜିରେ ବହୁତ ବ୍ୟସ୍ତ । କମ୍ପାନୀ କର୍ମଚାରୀମାନଙ୍କ ପାଇଁ ପରେ ସମୟ ଦେଇହେବନି । ପୁଅ ଆସିବ ଝିଅ ଦେଖିବାକୁ । ସବୁ ଭାର ଚମ୍ପା ଓ ଚଇଁଆ ଉପରେ  । ଘରର ଏକଲୌତି କରାଣୀ ଚମ୍ପା ଭାବେ ଭଗବାନ ବଡ଼ ଦୟାଳୁ । ଆମସାହିର ସମସ୍ତେ ସକାଳ ସାତଟାରୁ ମୂଲପାତି ଲାଗିବାକୁ ଯାଇ ସନ୍ଧ୍ୟା ସାତଟାକୁ ଫେରୁଛନ୍ତି । ଦିନଟି ଯାକର ଅକ୍ଲାନ୍ତ ପରିଶ୍ରମ ବଦଳରେ ତାଙ୍କୁ ମିଳୁଛି ମାତ୍ର ଦୁଇଶହ ଟଙ୍କା । କିନ୍ତୁ ମୁଁ ଶୀତତାପ ନିୟନ୍ତ୍ରୀତ ଥଣ୍ଡାଘର ଚଟାଣ ଓଳେଇ, ବାସନ କେଇଟା ଘସି, ୱାସିଂ ମେସିନ୍‌ରେ ଅଳ୍ପ ଲୁଗାପଟା ସଫା କରି ଶୁଖାଇବା ପାଇଁ ପାଉଛି ମାସକୁ ସାତ ହଜାର ଟଙ୍କା । ବାହାର କାମ ଚଇଁଆର । ରୋଷେଇ ପାଇଁ ଖାନସମା ରାଧୁଆ ଅଛି ।

 Magazine Downloaded from www.aahwaan.com

ବୁଢାବୁଢୀ ଦି'ଟାଙ୍କର କାମ ବା କେତେ । ଛୁଆ ଦୁଇଟା ତ ବାହାରେ । ମୋ କାମ ଭିଡ଼ ନୁହେଁ, କିନ୍ତୁ ଅନ୍ୟମାନଙ୍କୁ ଦେଖିଲେ ଲାଗେ ଭଗବାନ ମୋତେ ରକ୍ଷା କରିଛନ୍ତି । ସବୁଦିନେ ଚମ୍ପା ସାବତବାବୁଙ୍କର ଫାଟକ ଡେଇଁ ଅଗଣା ଭିତରେ ପଶିଲା ବେଳେ ବାଁ ଫାଟକଖମ୍ବଟିକୁ ମୁଣ୍ଡିଆ ମାରି କହେ, "ହେ ! ମଙ୍ଗଳା ମାଆ । ମୋତେ ଏଇ ବାବୁଘରେ ବୁଢୀ କରିଦେ । ମୋ ପିଲାଝିଲା ପାରିବା ଯାଏ ଯେମିତି ବାବୁଘର କାମ କରି ଏମିତି ଭଲରେ ଚଳୁଥାଏ । ମୋ ବୁଢାବାପାର ଔଷଧ କିଣାକୁ କେବେ ବି ପଇସା ନିଅଣ୍ଟ ନହୁଏ । ମୋର ତୋ ପାଖରେ ଖାଲି ଏତିକି ଗୁହାରି ।"

- ଚମ୍ପା ! ସେଠି ମୁଣ୍ଡିଆ ମାରି କ'ଣ ମନାସିଲୁ କିଲୋ ?

- ତୋତେ କାହିଁକି କହିବି ?

- ହଉ ହଉ, ଆମର ବାହାଘର କେବେ ହେବ କହିଲୁ ?

- ଖରାଦିନ ଯାଉ । ତୁ ଜାଣିଛୁ ମୋ' ବାପାବୋଉ ଘଡଘଡିରେ ମରିଗଲା ଦିନରୁ ବୁଢାବାପା ମୋତେ ପାଳି ଏତେ ବଡ କରିଛି । ଏବେ ସିଏ ବର୍ଷେହେବ ବିଛଣା ଛାଡୁନି । ତୋତେ ବାହା ହୋଇ ମୁଁ ତୁମ ଘରକୁ ଗଲେ ବୁଢାକୁ କିଏ ଦେଖିବ କହିଲୁ ? ମୋର ଦିନରାତି ଖାଲି ତା'ରି ଚିନ୍ତା ।

- ସେ ବୁଢା ଜାତକ କାଲି ନେଇକି ଆସିବୁ, ମୋତେ ନାହାକକୁ ଶୀଘ୍ର ଦେଖାଇବାକୁ ହେବ ।

- କ'ଣ ପାଇଁ ?

- ଖଡି ପକେଇ ନାହାକ ପାଖରୁ ବୁଝିବି, ବୁଢା କେବେ ମରିବ ?

- ସେମିତି ହେଲେ ମୁଁ ତୋତେ ବାହା ହେବାର ନାହିଁ । ମୋ' ବୁଢାବାପା ମରିବାକୁ ଯଦି ଚାହୁଁଛୁ ଅନ୍ୟଝିଅ ଦେଖ୍ । ମୋତେ ଭୁଲି ଯା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ଭୁଲ୍ ହୋଇଗଲା ଚମ୍ପା । ତୋ ଚଇଁଆ କଥାକୁ ଖରାପ ଭାବୁଛୁ ? ତୋର ମୋର ଜନ୍ମଜନ୍ମର ସାଥୀ । ମୋ ମାଆର ଆଖିକୁ ଆଉ ଦିଶୁନି । ମୁଁ ତୁମ ଘରେ ରହିଲେ, ମୋ ମାଆର କ'ଣ ହେବ ?

- ଚାରିଜଣ ଏକାଠି ରହିବା ।

- ଏଇ କଥାଟା ଠିକ୍ କହିଲୁ । କିନ୍ତୁ ଛୁଆପିଲା ତୁ ଆମ ଗାଁରେ ଆମଘରେ ଜନ୍ମ କରିବୁ । ବୁଝିଲୁ ?

- ଆଗ ବାହାଘର ସରୁ । ବାହାଘର ପାଇଁ କେତେ ପଇସା ରଖିଛୁ ?

- ମୋ ପାଖରେ କିଛି ନାହିଁ, ସାଇ ଭାଇଙ୍କ ଭୋଜିଭାତ ଲୁଗା ପଟାରେ ଦଶ ବାର ହଜାରେ ଲାଗିବ ।

- ଚଇଁଆ! ସକାଳୁ ସକାଳୁ ଗପ କରିବାକୁ ଦୁଇଜଣ ଯାକ ବସିଗଲ । ତୁମକୁ ଆଉ ପାରି ହେବନାହିଁ । କେତେ ଗୋଡେ ଗୋଡେ ଜଗି ଜଗି କାମ ବଢେଇବ! କ'ଣ ପାଇଁ ଦଶ ବାର ହଜାର ଲାଗିବ ?

- ମାଆ ମୋ' ନିଜ ବାହାଘର ପାଇଁ ।

- ଝିଅ ଠିକ୍ କରି ସାରିଛୁ ?

- ହଁ ମା' । ତୁମେ ତାକୁ ଚିହ୍ନିଛ । ମୁଁ ଯାଏ ଗାଇ ବାନ୍ଧିକି ଆସେ ।

- ମୋର ବି ବହୁତ କାମ ବାକି ଅଛି ।

ଏମିତି କୁହାକୁହି ହୋଇ ଚମ୍ପା ଚଇଁଆ ଦୁଇ ଦିଗରେ ଦୁହେଁ ସେଠାରୁ ଚାଲିଗଲେ ।

ସାବତବାବୁ ଏଥର ନୂଆବର୍ଷ ପର୍ବଟିକୁ ବହୁତ ଧୁମ୍‌ଧାମରେ ପରିବାର ସହ ନିଜଘରେ ପାଳିବେ ବୋଲି ମନସ୍ଥ କରିଛନ୍ତି । ବଡପୁଅ ରକି ଆମେରିକାରୁ ପଢାଶେଷ କରି ଏ'ବର୍ଷ ଫେରୁଛି । ଦୂର୍ଗାଦେବୀଙ୍କର ସାଙ୍ଗ ବିଦୁସ୍ମିତା ବିଜେବି ମହାବିଦ୍ୟାଳୟର ଅଧ୍ୟକ୍ଷା । ତା'ଙ୍କ

 Magazine Downloaded from www.aahwaan.com

ଝିଅ ରଶ୍ମି ଆର୍କିଟେକ୍ଚରାଲ୍ ଇଂଜିନିୟରିଂ ବିଭାଗରେ ଦୁଇବର୍ଷ ତଳେ ଦାଖଲା ନେଇଛି । ଝିଅଟି ଗୋଟିଏ ଚାଉଳରେ ଗଢ଼ା । ସବୁବେଳେ ବଢ଼ିଆ ବଢ଼ିଆ ଡ୍ରେସ୍ ପିନ୍ଧି ବହୁତ ସୁନ୍ଦର ଦିଶୁଛି । ଡ୍ରେସ୍ ସେନ୍ସ୍ ବହୁତ ଭଲ । ଦୁଇ ଭ୍ରୁଲତାକୁ ଆଇବ୍ରୋ ଟଚ୍ ଦେଇ ଠିକ୍ ମଝିରେ ଆଇଟେକ୍ କମ୍ପାନୀର ବିନ୍ଦି ଲଗାଏ । ଓଠରେ ହାଲ୍କା ଲିପ୍ଷ୍ଟିକ୍ ସାଙ୍ଗକୁ ଆଖିତଳ ଟିଅର୍ ଲାଇନିରେ ଦୁଇଟି କଜ୍ୱଳଗାର ତାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରାଏ । ଅଂଟାତଳକୁ ଲମ୍ବିଥିବା କଳା ମଚମଚ ବାଳକୁ ଦେଖି ସେଦିନ ଦୂର୍ଗାଦେବୀ ସାବତବାବୁଙ୍କୁ ନିଜଘର ବୋହୁକଲେ ଭଲ ହୁଅନ୍ତା ବୋଲି କହିଥିଲେ । ସାଙ୍ଗେସାଙ୍ଗେ ସାବତବାବୁ ତା' ବାପା ରତିକାନ୍ତଙ୍କୁ ପଚାରି ବୁଝିଥିଲେ ଯେ ସେମାନେ ବି ଏ ପ୍ରସ୍ତାବରେ ବହୁତ ଖୁସି ବୋଲି ପରେ ଜଣାଇଲେ । ତାପରେ ସାବତବାବୁ ତା'କୁ ଦିନେ ମେ'ଫେୟାର୍ ହୋଟେଲ୍‌ରେ ଦେଖି ରକି ତା ଫଟୋ ଦେଖି ତାକୁ ପସନ୍ଦ କରିଛି ବୋଲି ନିଜେ ସେ ଝିଅ ରଶ୍ମିକୁ ଜଣାଇଲେ । ସେଦିନ ରଶ୍ମିକୁ ମିଳିଗଲା ରକିର ମୋବାଇଲ୍ ନମ୍ବର । ତାପରେ ଚାଲିଲା ଫୋନ୍‌ରେ ଅସରନ୍ତି ପ୍ରେମକଥା । ବିଦେଶର ଜଳବାୟୁ, ମୌସୁମୀରୁ ଆରମ୍ଭ ହୋଇ ଫୁଲବଗିଚା ଓ ପାହାନ୍ତିଆ ଏକାନ୍ତ ପହରରେ କମ୍ବଳ ଭିତରେ ଏକାଏକା ନିଦ ଭାଙ୍ଗିଯିବା ବେଳ ହୃଦୟ ବିଦାରକ କାହାଣୀ ଏବଂ ବିରହ ବେଦନାର ଅଙ୍ଗେନିଭା ମନ ଭିତର କଥା ।

ଏଇ ନବବର୍ଷ ପାଇଁ ରକି ପନ୍ଦରଦିନ ପରେ ଆସିବ । ରଶ୍ମିକୁ ତା'ଙ୍କ ଘରକୁ ନିମନ୍ତ୍ରଣ ଦେଇ ଦୁହିଁଙ୍କର ଦୋସ୍ତି ବଢାଇବେ ବୋଲି ସାବତବାବୁ ଠିକ୍ କରିଛନ୍ତି । ବୋହୂ ହେବାକୁ ଯାଉଥିବା ଝିଅଟି ଯେତେବେଳେ ପ୍ରଥମଥର ପାଇଁ ଘରକୁ ଆସିବ ଘରରଙ୍ଗ, ସାଫ୍‌ସଫେଇ ଉପରେ ବିଶେଷ ଧ୍ୟାନଦେବା ସ୍ୱାଭାବିକ୍ । ବାହାର ସବୁ ବ୍ୟବସ୍ଥିତ ହୋଇଗଲା । କେବଳ ଭିତରକାମ ବାକି । ନୂଆବର୍ଷ ଆଉ ଦଶଦିନ ଅଛି । ରକି ତା' ଆମେରିକା ଗୋରାସାଙ୍ଗ କିଥ୍‌କୁ ନେଇ ତାଙ୍କ ଘରେ ପହଁଚିଗଲା । ଦୁଇଜଣଯାକ ବଡଦିନ ଓ ନବବର୍ଷ ଏଥର

 Magazine Downloaded from www.aahwaan.com

ଭାରତରେ ମନାଇବେ ବୋଲି କଥା ହୋଇଛନ୍ତି । ଅବଶ୍ୟ ଶୋଇବାଘର ପାଂଚଟାକୁ ଲୋକ ଚାରିଜଣ । ସାବତବାବୁ, ଦୂର୍ଗାଦେବୀ, ପୁଅ ରକି ଓ ସାନଝିଅ ସୁଲଗ୍ନା । ଏବେ ଅସ୍ଥାୟୀରୂପେ ଘରେ ଜଣେ ଅଧିକ ହେଲେ ରକିର ସାଙ୍ଗ କିଥ୍ । କିଥ୍ ଆସିଲା ବେଳେ ଏୟାରପୋର୍ଟରୁ ଦୁଇଶହ ଡଲାର୍ ଏକ୍ସଚେଞ୍ଜ କରି ବାରହଜାର ଟଙ୍କା ପକେଟରେ ନେଇ ଆସିଥିଲା । ଅବଶ୍ୟ ରକି କୌଣସି ଜାଗାରେ ତାକୁ ଖର୍ଚ୍ଚ କରିବା ସୁଯୋଗ ଦେଉନି । ତଥାପି ପାଖରେ କିଛି ନରଖିଲେ କିଥ୍‌କୁ ଭଲ ଲାଗେନା । ସେ ପଇସା ତାର ମନିପର୍ସରେ ଆଣିବା ଦିନରୁ ସେମିତି ପଡିଛି । ଦୁଇହଜାର ଟଙ୍କିଆ ଛଅଟି ନୋଟ । କେତେ କି !

ଘର ସଫାସଫି ଚାଲିଛି । ଚଇଁଆ, ଚମ୍ପା ପୂରାଦମରେ ଲାଗି ପଡିଛନ୍ତି । ବେଳେବେଳେ ରୋଷଶାଳାରୁ ଫୁରୁସତ ମିଳିଲେ ରାଧୁଆ ବି ଆସି ତାଙ୍କ ସାଙ୍ଗରେ ଲାଗି ଯାଉଛି । ଚଇଁଆର ବାବୁଘରେ ହେଲାଣି ବାର ବର୍ଷ । ଛୁଆଟି ଦିନରୁ ଅଛି । ଖାନସାମାର ସାତ ବର୍ଷ । ସବାପଛରେ ଚମ୍ପା ଗତ ଦୁଇବର୍ଷ ହେଲା ନୂଆରେ ଆସିଛି । ସାବତବାବୁ ଓ ଦୂର୍ଗାଦେବୀ କେବଳ ଘର ବଦଳଉ ନାହାନ୍ତି । ବାକି ରକି କିଥ୍ ଓ ସୁଲଗ୍ନା ପ୍ରାୟ ସବୁଦିନ ରାତିରେ ଶୋଇବା ପାଇଁ ଏଘର ସେଘର ହେଉଛନ୍ତି । କେତେବେଳେ ସୁଲଗ୍ନାର ଡ୍ରେସ୍ ରକି ଖଟ ବାଡାରେ ତ ଆଉ କେତେବେଳେ ରକି କିମ୍ବା କିଥ୍‌ର ପ୍ୟାଣ୍ଟ ସାର୍ଟ ସୁଲଗ୍ନା ଶୋଇଥିବା ଖଟ ବାଡରେ ରାତିରେ ରହିଯାଏ । ନୂଆବର୍ଷ ଆଉ ଦୁଇଦିନ ବାକି ଅଛି । କାଲି ଚଇଁଆ ଓ ଚମ୍ପା ଭାବିଛନ୍ତି ଘରସଫା କାମକୁ ମୁଣ୍ଡିମାରି ଦୁଇଦିନ ଛୁଟିନେବେ । ବହୁତ ପରିଶ୍ରମ କଲେଣି । ବାବୁ ବି ରାଜି ହୋଇଛନ୍ତି । ହଜାରେ ଟଙ୍କା ଲେଖାଏଁ ବକ୍ସିସ୍ ସହ ଦୁଇଦିନ ଛୁଟି ଉଭୟଙ୍କୁ ମିଳିବ । ଚମ୍ପା ଓ ଚଇଁଆ ବହୁତ ଖୁସି । ରାତି ପାହିଲେ ଡିସେମ୍ବର ଚବିଶ । ଆମର ବକ୍ସିସ୍ ଟଙ୍କା ହାତ ଚଢିବ । ଏ'ବର୍ଷ ବହୁତ ମସ୍ତି ହେବ । ଚମ୍ପା ଓ ଚଇଁଆ ଖୁସିରେ ପୂରା ଗଦ୍‌ଗଦ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାତିରେ କିଥ୍ ମନିପର୍ସ ଚେକ୍ କରି ଦେଖିଲା ଟଙ୍କା ନାହିଁ । ପୂରା ବାରହଜାର ଟଙ୍କା ଉଭାନ । "କିଏ ଚୋରିକଲା ?" ବୋଲି ଭାବିଭାବି ରକିକୁ କହିବାରୁ ସେ ଏ'କଥା ଯାଇ ତା'ର ବାପା ମାଆଙ୍କୁ ଜଣେଇଲା । ମା' ଦୂର୍ଗାଦେବି ତୁରନ୍ତ କହିଲେ, "ଚମ୍ପା ଓ ଚଇଁଆ ଦଶ ବାରହଜାର ଟଙ୍କା ବିଷୟରେ କଥା ହେବାର ମୁଁ ଶୁଣିଛି ।" ସାବତବାବୁ ରାଗରେ ନିଆଁ । ରାତି ଏଗାରଟା ବାଜିଲାଣି । ମନେମନେ ଭାବିଲେ, "ଏବେ ସେମାନଙ୍କୁ ଡାକି ପଚାରିବା ଠିକ୍ ହେବନି । ଛୋଟଲୋକଙ୍କର ସାହସ ଦେଖ ! ଆମେରିକାର ଗୋଟାଏ ଛୁଆ ଆଗରେ ଆମଘର ଇଜ୍ଜତ ତ ଯାହା ନେଲେ ନେଲେ, ପୂରା ଭାରତ ଦେଶର ନାକ କାଟିଦେଲେ । ବିଦେଶୀ ଛୁଆଟା ମନେ ମନେ କ'ଣ ଯେ ଭାବୁଥିବ ! କାଲି ଆସନ୍ତୁ ସେମାନେ । ନୂଆବର୍ଷ ପର୍ବଟାକୁ ପୂରା ପାଣିଚିଆ କରିଦେଲେ ।" ରକି ମନେମନେ ବହୁତ ଦୁଃଖ କରୁଥାଏ ।

ସକାଳୁସକାଳୁ ଆଜି ଦୁହିଁଙ୍କୁ ଦୁହେଁ ସଅଳ ଆସିଛନ୍ତି । ଚଇଁଆ କହୁଛି ଶୀଘ୍ର ତୋ କାମ ସରିଲେ ଆଗ ଆମଘରକୁ ଯିବା । ମୋ ମାଆ ସାଙ୍ଗରେ ଭାତଖାଇ ତୋ ଘରକୁ ଯିବା । ମୁଁ କଅଁଳିଆ ସଜନା ସାଗ ମାଆକୁ ଭାତପକେଇ କଡ଼ାଭଜା କରିବାକୁ କହିଦେଇ ଆସିଛି । ସାବତବାବୁ ଓ ଦୂର୍ଗାଦେବୀ ଦୁଇଜଣଙ୍କୁ ଅନେଇଁ ବସିଛନ୍ତି । ଗୋଟିଏ ଘରଭିତରକୁ ଦୁହିଁଙ୍କୁ ଡାକି ଭିତର ପଟୁ କବାଟର ଉପର ଜଞ୍ଜିର କୁଣ୍ଡି ଲଗେଇଲେ । ସାବତବାବୁ ତାଙ୍କର ଅଣ୍ଟାରୁ ଚମଡା ବେଲ୍ଟ ବାହାର କରି ପ୍ରଥମେ ଚଇଁଆକୁ କଷି ଦେଇଗଲେ । ଚଇଁଆ କହିଲା, "ବାବୁ ! ଆପଣ ଶେଷରେ ମୋତେ ଅବିଶ୍ୱାସ କଲେ । ମନେ ପକାନ୍ତୁ ତିନିବର୍ଷ ତଳର କଥା । ମାଆ ସାଆନ୍ତାଣୀଙ୍କ ବେକର ହାର ଛିଣ୍ଡି ଗୋଲାପ ମୂଳରେ ପୋତି ହୋଇ ଯାଇଥିଲା । ସବୁଆଡେ ଖୋଜି ଖୋଜି ନିରାଶ ହୋଇଥିଲ । ପନ୍ଦରଦିନ ପରେ ଦାଇଲିରେ ମାଟି ଖୁସେଇଲା ବେଳେ ମୁଁ ପାଇ ତୁମରି ହାତରେ ଫେରେଇଥିଲି । ଆଉଦିନେ ତୁମ ପ୍ୟାଂଟ୍‌କଡ ପକେଟରୁ ହଜାରେ ଟଙ୍କିଆ ବଣ୍ଡିଲି ଗ୍ୟାରେଜଘର ଜିପ୍ ଚକାତଳୁ ପାଇ କିଏ ତୁମକୁ ଦେଇଥିଲା ? ବାବୁ ! ବାର

 Magazine Downloaded from www.aahwaan.com

ବର୍ଷ ପରା ଗୋଟାଏ ଯୁଗ । ଗୋଟାଏ ଯୁଗ ତୁମଘରେ କାମକଲା ପରେ ବି ଏ ସାମାନ୍ୟ କର ଚଇଁଆକୁ ତୁମେ ଚିହ୍ନି ପାରିଲନି ! ତାକୁ ଆଜି ମାତ୍ର ବାରହଜାର ଟଙ୍କା ପାଇଁ.. । ଛି ବାବୁ । ମୋତେ ମାରିଦିଅ ପଛେ ଅବିଶ୍ୱାସ କରନି କି ଚୋର କୁହନି । ଆତ୍ମାକୁ ବାଧୁଛି । ନିଜକୁ ଧିକ୍କାର କରିବାକୁ ଇଚ୍ଛା ହେଉଛି । ମୁଁ ମଲା ଯାଏ ମାର ବାବୁ, ମୋତେ ଚାବୁକ ମାର । ମୁଁ ତୁମରି ନମକ ଖାଇ ନମକ ହାରାମ କାମ ଯଦି କରିଛି, ମୁଁ ତୁମରି ହାତରେ ମରିଯିବା ଦରକାର ।” ତୁ ନ ହେଲେ ଚମ୍ପା । ତୁମ ଦିଜଣ ଛଡ଼ା ଆଉ କିଏ ନେବ ? ଚଇଁଆକୁ ଛାଡ଼ି ଚମ୍ପା ଆଡକୁ ବାବୁ ମାଡିଆସିଲେ । ଚଇଁଆ ମାଡଦେଖି ଚମ୍ପାଆଖିରୁ ଝରଝର ଲୁହ ବୋହୁଥାଏ । କେହି କିଛି ବୁଝି ପାରୁ ନଥାନ୍ତି । ଟିକିଏ ପରେ ଚମ୍ପା ଉପରେ ବି ସେମିତି ଚାବୁକ୍ ବସିଲା । ଗୋଡ, ହାତ ଓ ପିଠି ନୋଳା ଫଟେଇ ପରିଲେ, “କୋଉଠି ରଖିଛ କୁହ ?”

- କ’ଣ ବାବୁ ? ଆମେ କିଛି ଜାଣିନୁ ।

- ସେ କିଥି ବାବୁଙ୍କର ପ୍ୟାଣ୍ଟ୍ ପକେଟ ମନିପର୍ସରୁ ବାରହଜାର ଟଙ୍କା କ’ଣ ଉଭେଇଗଲା ? ତୁମ ଛଡ଼ା ଆଉ କେହି ନୁହଁ ।

- ଭଲରେ ଭଲରେ ମାନି ଯା’ । ପଇସା ଫେରେଇ ଦିଅ । ନହେଲେ ପୋଲିସ୍ ହାଜତରେ ଏମିତି କୁଟିବ ବାପାକୁ ମଉସା ଡାକିବ ।

- ବାବୁ ! ଆମେ ନେଇନୁ । ବାବୁ ମଙ୍ଗଳା ମା ରାଣ ଖାଇ କହୁଛୁ । ଆମ ଆଖି ଫୁଟିଯିବ । ଆମେ ଦେଖିନୁ କି ନେଇନୁ ।

ଶେଷରେ ସାବତବାବୁ ନିରୁପାୟ ହୋଇ ଦୁଇଜଣଙ୍କୁ ସେ ଘର ଭିତରେ ରଖି ବାହାର ପଟୁ କବାଟ କିଳିଦେଲେ । ଦିପହରରେ ଝିଅ ସୁଲଗ୍ନାର ବୟଫ୍ରେଣ୍ଡ ଅବନୀ ଆସି ଡ୍ରଇଁ ରୁମ୍‌ରେ ତା’ସହ କିଛି ଗୋପନ କଥା ହେଉଥିଲା । ରକି ଓ କିଥି ବଜାର ଯାଇଥାନ୍ତି । ସାବତବାବୁ ଓ ଦୁର୍ଗାଦେବୀ କୋଣ ଶୋଇବାଘର ଭିତରେ ଥିବାର ଜାଣି ଦୁଇଜଣ କିଛି

 Magazine Downloaded from www.aahwaan.com

ଅନ୍ତରଙ୍ଗ ଖୋଲାଖୋଲି କଥା ହେବାକୁ ଲାଗିଲେ । କାହିଁକି କେଜାଣି ଦୁର୍ଗାଦେବୀ ସାବତବାବୁଙ୍କ ପାଖରୁ ଉଠିଆସି ଛପିଛପି ବାହାର ଝରକା ପାଖରେ ସେମାନଙ୍କ କଥା ଶୁଣିବାକୁ ଲାଗିଲେ । ଅବନୀ ସୁଲଗ୍ନାକୁ ପଚାରିଲା, "କେହି କିଛି ଜାଣି ପାରିଲେନି ତ !"

- ନା, ନା । ବାପା ଚମ୍ପା ଓ ଚଇଁଆକୁ ସନ୍ଦେହ କରି ମାରଧର କରିଛନ୍ତି । ମୋ ଉପରେ କାହାର କାଣିଚାଏ ବି ସନ୍ଦେହ ନାହିଁ ।

- ବଢ଼ିଆ । ତେବେ ମୁଁ ଆସୁଛି । ତୁମେ ଧରା ପଡିଯାଇଥିଲେ ମୋତେ ବହୁତ ଖରାପ ଲାଗିଥାନ୍ତା । ବାୟ୍ ବାୟ୍ ।

ଏସବୁ କଥା ଦୁର୍ଗାଦେବୀ ଝରକା ପରଦା ପଛରେ ଥାଇ ଶୁଣିଦେଲେ । ଅବନୀ ଚାଲିଗଲା ପରେ ଘର ଭିତରକୁ ପଶି ଝିଅକୁ କହିଲେ, "ସୁଲଗ୍ନା ! ତୁ ଆମ ବିଶ୍ୱାସରେ କାହିଁକି ବିଷ ଦେଲୁ ? ଅଯଥାରେ ବିଚରା ଚମ୍ପା ଓ ଚଇଁଆ କେତେ ମାଡ ଖାଇଲେ ! କାହିଁକି ଏମିତି କଲୁ ?

- ମା ! ତୁମେ ଛପିଛପି ଆମକଥା ଶୁଣିବା କ'ଣ ଠିକ୍ ।

- ନ' ଶୁଣିଥିଲେ ବହୁତ ବଡ ପାପ ହେବାକୁ ଯାଉଥିଲା । ଭଗବାନ୍ ବଡଲୋକ । ମୋତେ ତୋ' କଥା ଶୁଣେଇ ଦେଲେ ।

- ଅବନୀର ବହୁତ ଦରକାର ଥିଲା । ସିଏ ସବୁଜାଗାରୁ ନିରାଶ ହୋଇ ଫେରି ଆସିଥିଲା । ସେଥିପାଇଁ ମୁଁ ତାକୁ ସାହାଯ୍ୟ କଲି ।

- ଚୋରି ନକରି, ତୁ ମୋତେ ବି ତ ଏକଥା କହି ପାରିଥାନ୍ତୁ !

- ଅବନୀ ପାଇଁ ଟଙ୍କା ମାଗିବାକୁ ମୋତେ ଟିକେ ଖରାପ ଲାଗିଲା ।

- ମୋ ମୁଣ୍ଡ କିଛି କାମ କରୁନି । କାହାକୁ ଏବେ କ'ଣ କହିବି ମୁଁ କିଛି ଜାଣି ପାରୁନି !

ଦୁର୍ଗାଦେବୀ ସେଠାରୁ ତୁରନ୍ତ ଆସି ପ୍ରଥମେ ଚମ୍ପା ଓ ଚଇଁକୁ ଘରୁ ମୁକ୍ତ କଲେ । ଦୁଇଜଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜର ଦୁର୍ଭାଗ୍ୟ କଥା ଭାବିଭାବି ଘରକୁ ଫେରୁଥାନ୍ତି । ପଛପଟ ଫାଟକ ଦେଇ ବାହାରିଲା ବେଳକୁ ଦେଖିଲେ ବାରଣ୍ଡାରେ ଏକାଏକା କିଥ୍ ଛିଡା ହୋଇଛନ୍ତି । ଦୁଇଜଣ ଝପଟି ଯାଇ କିଥ୍ ଗୋଡତଳେ ଲମ୍ବିଲମ୍ବ ପଡିଗଲେ । କିଥ୍‌ର ଭାଷା ଦୁହିଁଙ୍କୁ ଜଣାନାହିଁ । ଆଖିରୁ ଲୁହ ବୁହାଇ ବୁହାଇ ଚଇଁଆ ଖାଲି କହୁଥାଏ, "ତୁମ ମନି ନୋ ନୋ ନେଇନୁ ।" ଚମ୍ପା ବି ସେମିତି କାନ୍ଦିକାନ୍ଦି ଅଭିନୟ କରି କହୁଥାଏ, "ପେଂଟ୍ ମନି ଦେଖିନୁ । ପକେଟ୍ ଛୁଇଁନୁ । ଆମକୁ ବଂଚାଅ, ବାବୁ ମାରିଦେବେ । ମୁଁ ବାବୁଘର ଚାକିରି ଯେତେ ଭଲ ଭାବୁଥିଲି ସେତେ ଭଲ ନୁହେ । ସବୁ ଗରିବ କ'ଣ ଚୋର ! ଗରିବଙ୍କ ବିଷୟରେ ଧନୀ ଲୋକମାନଙ୍କର କ'ଣ ଏଇ ମାନସିକତା ? ପଚରା ଉଚରା କିଛି ନାହିଁ, ସିଧା ମାଡ଼ ! ଭଗବାନ ତୁ ଅଛୁ । ବୁଝୁ । ହେ ଠାକୁର ! ଓପାସରେ ରଖ ଚଳିବ, କିନ୍ତୁ ଏତେ ବଡ ତୋର ଧନୀ ଦୁନିଆରେ ସମ୍ମାନର ସହ ଟିକିଏ ଶାନ୍ତିରେ ଆମକୁ ବଂଚିବାକୁ ଦେ । ଗରିବ ଘରେ ଜନ୍ମ ଦେଇ ଆମ ଭାଗ୍ୟରେ ଏମିତି ଦଶା ଲେଖିବାକୁ ତୋ କେମିତି ଗଲା ? ଜୀବନରେ ମାରି ଦେ, କିନ୍ତୁ ଏପରି ଦଣ୍ଡ ଦିଅ ନାହିଁ ପ୍ରଭୁ ।"

ସୁଲଗ୍ନା କିଥ୍ ପର୍ସରୁ ଟଙ୍କା ଚୋରି କରି ଅବନୀକୁ ଦେବା କଥା କେବଳ ମାଆ ଝିଅ ଛଡା କେହି ଜାଣନ୍ତିନି । ସନ୍ଧ୍ୟା ପାଂଚଟା । ସମସ୍ତେ ଡାଇନିଂ ଟେବୁଲ୍ ଚାରିପଟେ ସ୍ନାକ୍ସ ଖାଇବାକୁ ବସିଲେ । ଖାନସମା ବ୍ରେଡ୍ ଜାମ୍, ବିସ୍କିଟ୍ ଏବଂ ଗରମ ଗରମ ବଉଲ୍ ଆଣି ରଖିଲା । କିଛି ସମୟ ପରେ ନିରବତା ଭଙ୍ଗ କରି କିଥ୍ କହିଲା, "ଆଇ ବେଗ୍ ୟୋର୍ ପାର୍ଡନ୍ । ଆଇ ଗଟ୍ ମାଇଁ ଲଷ୍ଟ ମନି ଇନ୍ ମାଇଁ ଜ୍ୟାକେଟ୍ ପକେଟ୍ । ଆଇ ଫିଲ୍ ସୋ ସରି ଟୁ ପୁଟ୍ ୟୁ ଅଲ୍ ଇନ୍ ସଚ୍ ଆନ୍ ଏମ୍ବରାସିଂ ସିଚୁଏସନ୍ । ପ୍ଲିଜ୍ ଏକ୍ସିକୁଜ୍ ମି, ଫର୍ ଗଡ୍ ସେକ୍ ପ୍ଲିଜ୍ ଏକ୍ସିକ୍ୟୁଜ୍ ।" ଦୁର୍ଗାଦେବୀ ଆଶ୍ଚର୍ଯ୍ୟ । ସିଏ ତ ପ୍ରକୃତ କଥା ଜାଣନ୍ତି ଯେ ସୁଲଗ୍ନା ଚୋରି କରି ଅବନୀକୁ ସେ ଟଙ୍କାତକ ଦେଇଛି । ତେଣୁ ଆଉଥରେ କିଥ୍‌କୁ ପଚାରିଲେ, "ଆର୍ ୟୁ

 Magazine Downloaded from www.aahwaan.com

ସିଓର୍ ?"

- ୟେସ୍ ୟେସ୍ ।

- ଓକେ । ନାଓଁ ଉଇ ଗଟ୍ ରିଲିଫ୍ । ଥ୍ୟାଙ୍କସ୍ ଗଡ୍ । – ବୋଲି କହି ସାବତବାବୁ ଚମ୍ପା ଓ ଚଇଁଆକୁ ପାଖକୁ ଡାକି ଦୁଇଦୁଇ ହଜାର ବକ୍ସିସ୍ ଦେଇ ଚାରିଦିନ ଛୁଟି ସହ ଏସବୁ ଅଘଟଣ ପାଇଁ ସିଏ ଅତ୍ୟନ୍ତ ଦୁଃଖିତ ବୋଲି ସେମାନଙ୍କୁ ଜଣାଇଲେ । ଟଙ୍କା ହାତରେ ଧରିଲା ପରେ ଦୁଇଜଣ ବହୁତ ଖୁସିରେ ସାମ୍ନା ଫାଟକ ଡେଇଁଲା ବେଳେ ଚଇଁଆ ଚମ୍ପା ଗାଲରେ ହାତ ମାରିଦେଇ କହିଲା, "ବାବୁ ଆଉ ଦିଦି ପାହାରେ ଅଧିକ ମାରି ଆଉ ହଜାରେ ଟଙ୍କା ଲେଖା ବଢେଇକି ଦେଇଥିଲେ ହୋଇ ନ'ଥାନ୍ତା' !"

- ମୁଁ ସହି ପାରି ନଥାନ୍ତି । ତୁ ପିଠିଆଟା । ମାଡ ଖାଇବା ଅଭ୍ୟାସ ତୋର ବୋଧେ ଆଗରୁ ଅଛି । ବେହିଆ କୋଉଠିକାର ।"

- ନାଇଁ ମ । ଥଟ୍ଟା କରୁଥିଲି । ଅଙ୍ଗ୍ରେଜମାନେ ଭଲ ଲୋକ । ସିଏ କ'ଣ କହିବା ପରେ ବାବୁ ଆମକୁ ଡାକି ପଇସା ଦେଲେ । ତା'ର ମଙ୍ଗଳ ହେଉ ।

- ଛାଡ୍, ଭଗବାନ୍ ଯାହା କରନ୍ତି ପ୍ରାଣୀର ମଙ୍ଗଳ । ମାଡ ବଦଳରେ ହଜାରେ ହଜାରେ ଅଧିକ ପାଇଲେ ଯେ । ଯା ଅୟେସ କର, ଶୁଭ ନବବର୍ଷ ।

- ତୋତେ ଶୁଭ ନବବର୍ଷ, ତୋ ମାଆକୁ ବି ମୋର ଆଣ୍ଠୁପକା ଓଳିକି ସାଙ୍ଗରେ ଶୁଭ ନବବର୍ଷ ।

ରାତ୍ରିଭୋଜନ ପୂର୍ବରୁ ଦୂର୍ଗାଦେବୀ ଝିଅ ସୁଲଗ୍ନା ପାଖକୁ ଯାଇ କହିଲେ, "ତୁ ଯାହା କଲୁକଲୁ, ଏବେ ବାପାଙ୍କୁ ଯାଇ ସବୁ ସତ କହି ନିଜଦୋଷ ସ୍ୱୀକାର କରି ଦେ ।" ମୋ ସୁନାଝିଅ, ଯା' ସତ ମାନିଯା, କହିଦେ ।"

- ମୁଁ ପାରିବିନି । ସିଏ ତ କହିଲା ତାକୁ ତା' ପଇସା ମିଳିଗଲା, ପୁଣି କାହିଁକି ତୁମେ

 Magazine Downloaded from www.aahwaan.com

ଛୋଟ କଥାଟିକୁ ବଡ଼ କରୁଛ ?

- ସୁଲଗ୍ନା ! ଇଏ ଆଦୌ ଛୋଟ କଥା ନୁହେଁ । କ'ଣ ପାଇଁ କିଥ୍ ଏଭଳି ମିଛ କହି ଆମ ସମସ୍ତଙ୍କୁ ଭ୍ରମିତ କଲା ମୁଁ କହି ପାରୁନି, କିନ୍ତୁ ତୁ ଯଦି ଏ ପାପକର୍ମ ଯୋଗୁଁ ପଶ୍ଚାତାପ ନକରି ତୋ' ଦୋଷ ନ ମାନୁ ମୁଁ ସାରା ଜୀବନ ମରିବା ଯାଏଁ ଏ' କଥାଟିକୁ ଭୁଲି ପାରିବିନି । ମୋ' କୋଳରେ ଜନ୍ମ ନେଇଥିବା ସୁଲଗ୍ନା ପାଇଁ ମୁଁ ପୂର୍ବପରି ଟିକିଏ ହେଲେ ବି ଗର୍ବ କରି ପାରିବିନି । କ'ଣ ତୁ ଚାହୁଁଛୁ କହ ?

- ତୁମେ କ'ଣ କରିବ କ'ଣ ନକରିବ ମୁଁ ଜାଣିନି । ତୁମ ଇଚ୍ଛା ତୁମେ ଯାହା କର, ମୁଁ କିନ୍ତୁ ଚୋରି କରିଛି ବୋଲି ବାପା, ଭାଇ ଓ ଭାଇର ସାଙ୍ଗ କିଥ୍ ସାମ୍ନାରେ ଆଦୌ କହି ନିଜକୁ ଏମିତି ଅଯଥା ଅପମାନିତ କରି ପାରିବିନି । ଏହା ମୋର ଶେଷ କଥା ।

ରାତ୍ର କାଳ । ସମୟ ଦଶଟା । ସମସ୍ତେ ଡାଇନିଂ ଟେବୁଲ୍ ଚାରିପଟେ ରାତ୍ରିଭୋଜନ ଖାଇବାକୁ ବସିଲେଣି । ରାଧୁଆ ଗୋଟିକ ପରେ ଗୋଟିଏ ଖାଦ୍ୟଭରା ଗାଙ୍ଗୁଲା ଓ ଚାମୁଚ ଥାଳି ଥାଳିଆ ଆଣି ପୋଛିପାଛି ଟେବୁଲ୍ ଉପରେ ସମସ୍ତଙ୍କ ସାମ୍ନାରେ ସଜେଇ ରଖିଲା । କିଛିସମୟ ପରେ ନିରବତା ଭଙ୍ଗ କରି ରକି କହିଲା, "କିଥ୍ କାଲି ଆମେରିକା ଫେରିଯାଉଛି । ଦିଲ୍ଲୀପାଇଁ ଏଠାରୁ ମର୍ଣ୍ଣିଂ ଫ୍ଲାଇଟ୍ ବୁକ୍ କରିଛି, ସକାଳ ନଅଟାରେ ଚେକ୍ଇନ୍ । ସେଠାରୁ ଇଭିନିଂ ଫ୍ଲାଇଟ୍ ଧରିବ । ପ୍ରାୟ ଅପରାହ୍ନ ଚାରିଟାରେ ରଶ୍ମି ଆମଘରକୁ ଆସିବା କଥା । ଯେତେ ବାଧ୍ୟକଲି ରଶ୍ମିକୁ ଦେଖିକି ଯା, ସିଏ କିନ୍ତୁ ମାନିଲାନି । ନନ୍ ରିଫଣ୍ଡେବଲ୍ ଟିକେଟ୍ ବୁକ୍ କରିସାରିଛି । ତାହାର ଫେରିଯିବା ନିଶ୍ଚିତ । ହଠାତ୍ କ'ଣ ପାଇଁ ତା' ମୁଡ୍ ଚେଞ୍ଜ ହେଲା ମୁଁ ବୁଝିପାରୁନି ।

ଏତିକି କହି ମାଆଙ୍କ ଆଡକୁ ରକି ହିଁ ଦେଖିଲା, ତାଙ୍କ ଆଖିରୁ ଦୁଇଧାର ଲୁହ ବୋହିବୋହି ଗାଲଉପରେ ପହଁଚିଲାଣି । ଦୂର୍ଗାଦେବୀ ସମସ୍ତଙ୍କ ଆଖିରେ ନିଜର ଦୁଇ ଆଖି

 Magazine Downloaded from www.aahwaan.com

ମିଶେଇ ଶେଷରେ କିଥ୍ ଉଦ୍ଦେଶ୍ୟରେ କହିଲେ, "ଆଇ ଜ୍ୱାଜ୍ ଆସ୍କିଂ ୟୁ, 'ଆର୍ ୟୁ ସିଓର୍ ? ଏଗେନ୍ ଆଣ୍ଡ ଏଗେନ । ବଟ୍ ୟୁ ଡିଡ୍ ନଟ୍ ସ୍ପିକ୍ ଦି ଟ୍ରୁଥ୍ । ଫ୍ୟାକ୍ଟ ଇଜ୍ ସୁଲଗ୍ନା ହାଡ୍ ଥେଫ୍ଟ ୟୋର୍ ମନି ଆଣ୍ଡ ଗିଭିନ୍ ଟୁ ଅବନୀ, ହର୍ ପୁଅର୍ ବୟ୍ ଫ୍ରେଣ୍ଡ ।" ସମସ୍ତେ ଆଶ୍ଚର୍ଯ୍ୟ । ବାଁ କଡ ଚଉକିରେ ଝିଅ ସୁଲଗ୍ନା ଚଉକିରୁ ଉଠିଲା ବେଳକୁ ସାବତବାବୁଙ୍କର ଡାହାଣ ହାତରେ ଗୋଟିଏ ବ୍ରହ୍ମ ଚଟକଣି ଖାଇଲା । ରକି ଲଜ୍ଜାରେ ମୁଣ୍ଡ ତଳକୁ କରି କହିଲା, "ମୁଁ ବି କିଥ୍ ସାଙ୍ଗରେ ଆମେରିକା ଫେରିଯିବି । ଆଗ ଯାଇ ଟିକେଟ୍ ବୁକ୍ କରେ ତାପରେ ଡିନର୍ କରିବି ।"

ସିଏ ଉଠି ଆସିଲା ପରେ କିଥ୍ ବି ତା ପଛେପଛେ ଚାଲି ଆସିଲା । ସାବତ ବାବୁ ଦୂର୍ଗାଦେବୀ ଦଶମିନଟ୍ ଅପେକ୍ଷା କରି ନିଜ କୋଠରିକୁ ଫେରି ଓପାସରେ ଶୋଇଗଲେ । ଖାନସମା ରାଧୁଆ ଆସି ଦେଖିଲା ଯେମିତି ବାଢିଥିଲା, ସବୁ ସେମିତି ଥୁଆହୋଇଛି । କେହି ଗୋଟିଏ ଦାନା ବି କାହାରି ପାଟିକୁ ନେଇ ନାହାନ୍ତି । ବାବୁଘର ଲୋକ ଯେତେବେଳେ କେହି କିଛି ଖାଇଲେନି ସିଏ ବା କୋଉ ବିବେକରେ କେମିତି ଖାଇବ ? ହଠାତ୍ ଏତେ ଦିନର ଶୁଭ ନୂଆବର୍ଷ ଆୟୋଜନ ଏହି ଅଘଟଣ ପାଇଁ ପୂରା ଫିକା ପଡିଗଲା । ସକାଳ ଆଠଟାରେ ରକି ଓ କିଥ୍ ନିଜ ନିଜର ଏୟାର୍ ବ୍ୟାଗ୍ ଧରି ବାପା ମାଆଙ୍କ ପାଦଛୁଇଁ ବାହାର ଫାଟକ ଡେଇଁଲା ବେଳକୁ ସୁଲଗ୍ନା ବଡଭାଇ ରକିକୁ କୁଣ୍ଢାଇ ଆଖିରେ ଆଖିଏ ଲୁହଭରି କହୁଥାଏ, "ମୋତେ କ୍ଷମା କରିଦେବୁ ଭାଇ । ମୁଁ କିଥ୍ ପର୍ସରୁ ଟଙ୍କା ଚୋରି କରିଛି । ମୋତେ କ୍ଷମା କରିଦେ ।"

- କ୍ଷମା କରିବାକୁ ମୁଁ କିଏ, ଯାହା ଟଙ୍କା ଚୋରି କରିଛୁ, ତାକୁ ଯାଇ କ୍ଷମା ମାଗେ ।

ଶେଷରେ ସୁଲଗ୍ନା କିଥ୍‌ର ଦୁଇପାଦରେ ମୁଣ୍ଡ ଲଗାଇ କ୍ଷମା ମାଗିଲା । ସମସ୍ତେ ସମସ୍ତଙ୍କୁ ମନଖୁସିରେ ଶୁଭ ନବବର୍ଷର ଶୁଭେଚ୍ଛା ଜଣାଇ ଛାତି ମିଳାଇଲେ । ସାବତ୍ ବାବୁ ଓ ଦୂର୍ଗାଦେବୀ ଆସନ୍ତା ହୋଲିପର୍ବକୁ ଦୁଇଜଣ ଯାକ ପନ୍ଦର ଦିନପାଇଁ ଆସି ରକି ଓ ରଶ୍ମିର

 Magazine Downloaded from www.aahwaan.com

ନିର୍ବନ୍ଧ ଓ ବାହାଘର ସାରି ଫେରିବାକୁ ଆଗୁଆ ନିମନ୍ତ୍ରଣ ଦେଲେ । ସୁଲଗ୍ନାକୁ କହିଲେ ସେ ଅବନୀ ପୁଅକୁ ଛାଡ଼ୁ । ଯିଏ ଚୋରି ଶିଖାଉଛି ସିଏ ବି ଗୋଟାଏ ଚୋର । ହୋଲି ବେଳକୁ ଭଲ ପୁଅଟିଏ ଦେଖ୍, ନହେଲେ ଆମକୁ କହ । ଗୋଟାଏ ଭୋଜିରେ ଦିଜଣଙ୍କ କାମ ବଢେଇଦେବା । ଶେଷ ମୁହୂର୍ତ୍ତରେ ସମସ୍ତେ ଖୁସି ଖୁସି ରକି ଓ କିଥିକୁ ବିଦେଶ ଯିବାକୁ ବିଦାୟ ଦେଲେ । ଚଇଁଆ ଓ ଚମ୍ପା ଯୋଡହସ୍ତରେ କିଥ୍ଆଡକୁ ହିଁ କଣ୍ଢେଇପରି ଛିଡା ହୋଇଥାନ୍ତି । ସୁଲଗ୍ନା ଆସି ବାପାଙ୍କ ପାଦ ଛୁଇଁ ମାଆକୁ ଜାବୁଡି ଧରି ମୋତେ କ୍ଷମା କରିଦିଅ, ମୁଁ ଅବନୀ ସହ ସମ୍ପର୍କ କାଟିଦେଉଛି । ଜୀବନରେ ଏପରି ଭୁଲ୍ କେବେ ଆଉ କରିବି ନାହିଁ । ମୋର ଆଉ କୋଉ ପୁଅ ସହ କିଛି ସମ୍ପର୍କ ନାହିଁ, ଏବେ ତୁମେ ଯୋଉଠି ଠିକ୍ କରିବ ମୋର ରାଜି । ମୁଁ ସେଇଠି ବାହାହେବି । ଦର୍ଗାଦେବୀ ସୁଲଗ୍ନାକୁ ଛାତିରେ ଚାପି ମଥାରେ କେଇଟା ବାତ୍ସଲ୍ୟ ମମତାଭରା ଚୁମ୍ବନ ଆଙ୍କି ଦେଉ ଦେଉ ରକି ଓ କିଥ୍ ଆଡେ ହାତ ହଲେଇଲେ୍ । କିଥ୍ ଓ ରକି ପଛକୁ ହିଁ ହାତ ହଲେଇ ହଲେଇ ଟ୍ୟାକ୍ସି ଭିତରକୁ ପଶିଲେ । ଟ୍ୟାକ୍ସି ଡ୍ରାଇଭର ଡିକିଖୋଲି ଦୁହିଙ୍କର ଜିନିଷ ରଖୁ ରଖୁ ଦୁହିଁଙ୍କୁ ଶୁଭେଚ୍ଛା ଜଣାଇ କହିଲା, - "ଶୁଭ ନବବର୍ଷ" ।

ଇଂ. ବିଦ୍ୟାଧର ପଣ୍ଡା, ମୋ- ୯୪୩୯୧୨୮୦୫୦

ପ୍ଲଟ-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯

Magazine Downloaded from www.aahwaan.com

# ସ୍ପର୍ଶ



ପ୍ରତିଭା ପ୍ରିୟଦର୍ଶିନୀ

ହଠାତ କାହିଁକି ଲାଗୁଥିଲା, ରାସ୍ତା କଡରେ ଥିବା ଗଛ ଗୁଡାକ ଦଶ ବର୍ଷ ଭିତରେ ଖୁବ ବଢି ଗୋଟିଏ ଲେଖାଏଁ ମହାଦ୍ରୁମ ପାଲଟି ଯାଇଛନ୍ତି ଯେମିତି । ଷ୍ଟ୍ରୀଟ ଲାଇଟର ହଳଦିଆ ଆଲୁଅରେ ସେମାନେ ସାବଧାନ ପୋଜିସନରେ ଠିଆ ହେଉଥିବା ଧାଡିଏ ସୈନ୍ୟ ଭଳି ଅନୁଭବ ହେବାଟା ବି ଖୁବ ସାହସ ଭରୁଥିଲା ଭିତରୁ ଭୟ, ଘୃଣା ଓ ଅନିଶ୍ଚିତ ଆବେଗର ଅଜଗର ଚାପରେ କ୍ଷଣ କ୍ଷଣ କ୍ଷତାକ୍ତ ହେଉଥିବା ମନୀଷାକୁ । ନିତି ଅଫିସରୁ ଏଇ ବାଟ ଦେଇ ଫେରେ । ଜୟଦେବ ବିହାର ଛକରୁ ଅନେକ ଥର ଅଟୋ ମିଳେନି । ସେ ପ୍ରାୟତଃ ଚାଲି ଚାଲି ଆସେ ଓଭରବ୍ରିଜ ଶେଷ ଯାଏ । ସେଇଠୁ ଧରେ କଟକ ଆସିବା ପାଇଁ ବସ୍ । କେବେବି ଲକ୍ଷ କରିନି ରାସ୍ତା କଡରେ ଠିଆ ହେଇଥିବା ଏ ସବୁଜ ସୈନ୍ୟବାହିନୀର ଜାଗ୍ରତ କମାଣ୍ଡୋ ମାନଙ୍କୁ । କେବେ ଅଭୟର ଅନୁଭବ ଟେ ଅନୁଭବିନି ଚେତନ ମନରେ । ଆଜି ତାଙ୍କରି ସାହାରା ପାଇ ଖୁବ ଦମ୍ଭିଲା ପାଦ ଝପ୍ ଝପ୍ କରି ବଢ଼େଇ ଚାଲିଛି ନିଛାଟିଆ ସଞ୍ଜବେଳେ । ଅବଶ୍ୟ ଦୈନିକ ଫେରିବା ସମୟ ଓ ଆଜିର ଫେରିବା ସମୟ ଭିତରେ ତିନିଘଣ୍ଟାର ବିଳମ୍ବ ।

ଆଜି ଅଫିସରେ ନୂଆ ସଚିବଙ୍କ ପରିଦର୍ଶନ କାର୍ଯ୍ୟକ୍ରମ ଥିଲା । ଠିକ ଫେରିବା ପାଇଁ ପ୍ରସ୍ତୁତ ହେଲା ବେଳକୁ ହେଡ ଅଫିସରୁ ଫୋନ ଆସିଲା, ନୂଆ ସଚିବ ଦାଇତ୍ୱ ନେଇଛନ୍ତି ଓ ପ୍ରଥମ ପରିଦର୍ଶନରେ ଆସିବେ ୪ଟା ବେଳକୁ । ତେଣୁ ସବୁ ପ୍ରସ୍ତୁତ କରି ରଖ । ଆଜି ଯୋଗକୁ ଅଫିସର ଦୁଇ ଆଦିବାସୀ ଆଟେଣ୍ଡାଣ୍ଟ ତାଙ୍କ ପର୍ବ ଲାଗି ଛୁଟି ନେଇଛନ୍ତି । ଏକୁଟିଆ ସବୁ ପ୍ରସ୍ତୁତି ଶେଷ କରି 4ଟା ବେଳକୁ କେବଳ ସଚିବ ମହାଶୟଙ୍କ ଅପେକ୍ଷାରେ

 Magazine Downloaded from www.aahwaan.com

ରହିଲା । ଆସିବେ ଆସିବେ ବୋଲି ସେ ପହଞ୍ଚିଲେ ୬.୩୦ ବେଳକୁ । ଘରେ ଜଣେଇ ଦେଇଥିଲା ଡେରି ହେବ ବୋଲି । ସଚିବ ଫେରିବା ବେଳକୁ ଘଣ୍ଟାରେ ସମୟ ୭.୪୦ । କାର୍ତ୍ତିକ ମାସ । ପାଞ୍ଚଟା ବେଳୁ ସଞ୍ଜ ନଇଁ ଆସେ । ଏତେବେଳକୁ ବାହାରେ ରାତିର ନିବିଡ଼ ଅନ୍ଧକାର । ତରବରରେ ପାଞ୍ଚ ମିନିଟ ରେ ରାସ୍ତା ପାଖରେ ପହଞ୍ଚିଲା ମନୀଷା । ଗୋଟିଏ ହେଲେ ଅଟୋ ଅଟକୁ ନଥାଏ । ବ୍ୟସ୍ତ ଲାଗିଲାଣି । ଶାଶୁ ଓ ଝିଅ ଦୁଇଥର ଆଉ ଆକାଶ ତିନିଥର ଫୋନ କରିଛନ୍ତି ଏ ଭିତରେ । ସଚିବଙ୍କ ଉପସ୍ଥିତି ଯୋଗୁ କଥା ହେଇ ପାରିନି । ଭାବିଲା ବସ୍ ରେ ବସି ଫୋନ କରିଦେବ ତାଙ୍କୁ ।

ଅନେକ ସମୟ ପରେ ଅଟକିଲା ଅଟୋଟେ । ପଛରେ ଯାତ୍ରୀ ବସିବା ଜାଗାରେ ସ୍ତ୍ରୀଲୋକ ଜଣେ ବସିଛି ଆଉ ତା ଆଖପାଖରେ ସବୁତକ ଜାଗା ମାଡି ଭର୍ତ୍ତିହୋଇଛି ଗୁଡ଼ାଏ ଘରକରଣା ଜିନିଷ । ମନେ ହେଉଛି ସେମାନେ ପଲା ମାରି ରୁହନ୍ତି ବୋଧେ ଯାଯାବର ଭଳି । ଅଟୋବାଲା ପଚାରିଲା, "କେଉଁଠିକି ଯିବେ ?" ହେଲେ ଭିତରେ ତ ବସିବାକୁ ଜାଗା ନାହିଁ । ଲୋକଟା ଟିକେ ସଙ୍କୁଚିତ ହୋଇ କହିଲା, "ଦିଦି, ଆଗରେ ବସିପଡିଲେ ପଳାନ୍ତେ ।" ଲୋକଟାର ବୟସ ୫୫ ପାର, ଏମିତି ବି ଅଟୋ ମିଳୁନି, ଆଉ ବେଳୁବେଳ ରାତି ବଢୁଛି । ଟିକେ ଭାବି ପ୍ରଥମ ଥର ଆଗରେ ଅଟୋଚାଳକ ପାଖରେ ବସିଲା ମନୀଷା । ବସୁ ବସୁ ପର୍ସରୁ ପଇସା ବାହାର କରିବାକୁ ଲାଗିଲା । ସେତକ ଦେଖି ଲୋକଟା କହିଲା, "ଦିଦି, ଧରିକି ବସ । ଟଙ୍କା ପରେ କାଢ଼ିବ ।" ଏତକ କହୁ କହୁ ସେ ଏକ ପ୍ରକାର ତା ବାଆଁ ହାତରେ ମନୀଷା ଅଣ୍ଟାକୁ ଧରି ତା ଆଡ଼କୁ ଭିଡ଼ିନେଲା । ହଠାତ ଶହ ଶହ ବିଷାକ୍ତ ଭୀରୁଡ଼ି ଦଂଶି ପକେଇଲେ ଯେମିତି । ଟିକେ ଘୁଞ୍ଚି ଆସି ନିଜକୁ ଶାନ୍ତ ରଖିବା ପାଇଁ ଚେଷ୍ଟା କଲା ସେ । ଅଟୋ ଚାଲିଥାଏ ଖୁବ ଗତି ନେଇ । ପଛରେ ବସିଥିବା ସ୍ତ୍ରୀଲୋକଟି ଆରମ୍ଭ ରୁ ହିଁ ଖୁବ ଗୋଟେ ନକରାତ୍ମକ ଭାଇବ ଦେଉଥିଲା । ସେ ଦୁହେଁ ବାଟରେ ଥିବା ଗୋଟିଏ ଅଡ୍ଡି କାର ଓ

 Magazine Downloaded from www.aahwaan.com

ସେଥିରେ ଥିବା ଦାମିକା କଣ୍ଢେଇ ବିଷୟରେ ନିରର୍ଥକ ଆଲୋଚନା କରୁଥାନ୍ତି । ଏତିକିବେଳେ, କୋଉଗୋଟେ କଥାରେ ମନୀଷା କୁ ଜଣେଇବା ଆଳରେ "ନା କଣ ଦିଦି" କହି ଲୋକଟା ଜାଣିଶୁଣି କହୁଣୀ ବଜେଇଲା ଠିକ କାଖ ତଳ ସମ୍ବେଦନଶୀଳ ସ୍ଥାନରେ । ତା ପରେ ସେମାନେ ମନୀଷା କୁ ବାଧ୍ୟ କରିବାକୁ ଲାଗିଲେ ନୟାପଲ୍ଲୀ ଯାଏ ଯାଇ ସେଠୁ ବସ୍ ଧରିବାକୁ । ମନୀଷା ସେଥିରେ ରାଜି ନହେବାରେ ଚାଳକ ଜଣଙ୍କ ଏକ ପ୍ରକାର ଜିଦ ଧରିଲା ସେ ତାକୁ ନେଇ ଛାଡିବ ଓଭରବ୍ରିଜ ଶେଷରେ ବସ୍ ରହିବା ଜାଗାରେ । ଏସବୁ କହିବା ଭିତରେ ସେ ବାରମ୍ବାର କହୁଣୀ ବଜାଉଥାଏ ମନୀଷା ର କାଖରୁ ଅଣ୍ଟା ଯାଏ । ମନୀଷା ଅତି ବିରକ୍ତ ହୋଇ ଜୟଦେବ ବିହାର ରେ ଅଟୋ ରଖିବା ପାଇଁ ତାଗିଦ କରିବାରେ ପଛପଟୁ ବେକ ଉପରେ କିଛି ସ୍ପର୍ଶ ଅନୁଭବ କଲା । ଟିକେ ବୁଲି ଦେଖିବା ବେଳକୁ ପଛରେ ଥିବା ସ୍ତ୍ରୀଲୋକ ଜଣଙ୍କ ଗାମୁଛା ଖଣ୍ଡେ ରସି ବଳିବା ଭଳି ଗୁଡ଼ାଇ ଧରି କଟମଟ କରି ଅନେଇଛି । ରଖ ନହେଲେ ମୁଁ ଡେଇଁବି କହି ଚିତ୍କାର କରି ଆସିବା ବେଳକୁ ଅଟୋ ରହିଲା । ତାକୁ ଓହ୍ଲାଇ ଦେଇ ଅଟୋ ପାର ।

ଓହ୍ଲେଇବା ବେଳକୁ କ୍ରୋଧ ଓ ଅପମାନର ଗ୍ଲାନିରେ ସାରାଟା ଦେହ କମ୍ପୁଥାଏ ମନୀଷାର । ସେଠୁ ବସ୍ ରହଣି ଜାଗା ଯାଏ ଚାଲିକି ଯିବାକୁ ଗୁଡ଼େ ବାଟ ଆଉ ନିଛାଟିଆ ବି । ହେଲେ ଅଟୋ ଆଉ ସେଥିରେ ଭର୍ତ୍ତି ଯାତ୍ରୀଙ୍କୁ ଦେଖି ଆନ୍ତରାତ୍ମା ଆଦେଶ ଦେଲାନି ସେଥିରୁ କେଉଁଥିରେବି  ସବାର ହେବାକୁ । ସେଇଠୁ ନିଷ୍ପତ୍ତି ନେଲା, ଅନ୍ୟଦିନ ମାନଙ୍କ ଭଳି ଚାଲିକି ଯିବ । ସେଇ ଦମ୍ଭରେ ଚାଲିବା ଆରମ୍ଭ କରି ଦେଇଥିଲା ସେ । ଏ ଭିତରେ ତିନିଜଣ ବାଇକ ଚଢ଼ାଳି ଗାଡି ଅଟକେଇ ସାଙ୍ଗରେ ନେବା ଅଫର ଦେଲେଣି । ମନୀଷା ଜାଗାରେ ଯଦି ପୁଅପିଲାଟେ କିମ୍ବା କେହି ବୃଦ୍ଧ ଅଥବା ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଲୋକଟେ ଥାନ୍ତା ତେବେ କଣ ସେମାନେ ଏମିତି ସ୍ୱତଃ ସାହାଯ୍ୟ କରିବାକୁ ଅଫର

 Magazine Downloaded from www.aahwaan.com

ଦେଇଥାନ୍ତେ ? ସେମାନଙ୍କ ଦୃଷ୍ଟିରୁ ଲାଗୁଥିଲା ସେମାନେ ମନୀଷା କୁ କଲଗାର୍ଲ ଭାବୁଥିଲେ ବୋଧେ । ଓଃ, କି ବିଷାକ୍ତ ଏକଥା ଗୁଡାକ !!!

ଯେତେଥର ବାଇକ ଟେ ଅଥବା କେହିବି ପୁରୁଷ ସେବାଟ ଦେଇ ଯାଉଥାଏ, ପ୍ରତିଥର ମନୀଷା ଭିତରେ ବିଷ ଅଧିକ ଚରି ଯାଉଥାଏ ଯେମିତି । ଏତିକିବେଳେ ଦେଖିଲା କିଛି ଆଗରେ ଗୋଟାଏ ବାଇକ ସିଟ ଉପରେ ମଦ ବୋତଲ ଓ ଚାଖଣା ରଖି ହାତରେ ଗିଲାସ ଧରି ଦୁଇଜଣ ଲୋକ ଠିଆ ଠିଆ ମଦ ଆସର ଲଗେଇଛନ୍ତି ରାସ୍ତା କଡରେ । ଏକୁଟିଆ ମନୀଷା କୁ ଦେଖି ସେମାନେ ଗିଲାସ ରଖି ଆଗକୁ ବଢ଼ିବାରେ ଲାଗିଲେ । ରକ୍ତବର୍ଣ୍ଣ ଆଖିରେ ଅଶ୍ଳୀଳ କ୍ଷୁଧା ସ୍ୱଷ୍ଟ ଭାବରେ ବାରି ହେଉଥିଲା । ଭୟ କ୍ରମଶଃ ମେରୁଦଣ୍ଡ ଦେଇ ଶୀତଳ ଶିହରଣ ଖେଳାଇ ଦେଉଥିଲା ତାଳୁରୁ ତଳିପା ଯାଏଁ । ସେମାନଙ୍କ ଭିତରୁ ଦାଢିବାଲା ଲୋକଟି ମନୀଷା ଠୁ ଆଉ ଗୋଟେହାତ ଦୂରରେ ମାତ୍ର । ତା ଅଶ୍ଳୀଳ ଇଶାରା ଓ ତାଠୁ ବେଶୀ ଗନ୍ଧିଆ ଲାଗୁଥିଲା ପାଟିରୁ ଭାସି ଆସୁଥିବା ମଦର ଗନ୍ଧ ।

କେମିତି କେଜାଣି, ପଚରା ମଦ ଗନ୍ଧକୁ ପ୍ରତିହତ କରି ଚାରିପାଖରେ ପୁରିଗଲା ଝୁଣା, କର୍ପୂର, ଅଗୁରୁ, ଗୁଗ୍ଗୁଳ ସାଙ୍ଗକୁ ଘିଅ ସଳିତାର ମହମହ ବାସ୍ନା । ଏକ ଥଣ୍ଡା ଅଥଚ ଉଷ୍ମତା ଭରିଦେଉଥିବା "ସ୍ୱର୍ଶ" ସଞ୍ଚରିଗଲା ମନୀଷାର ପ୍ରତି ଧମନୀ ଦେଇ । ମଦ୍ୟପ ଦୁହେଁ ଠେଲା ଖାଇଲା ଭଳି ପଛଘୁଞ୍ଚା ଦେଲେ ଆଉ ପାଖରେ ଖଣ୍ଡେ ସୁନେଲି ଧଡି ଦିଆ କଳା କସ୍ତାଶାଢୀରେ ଉଭା ହେଇଥିଲେ ବୃଦ୍ଧା ବେଶରେ ସତେକି ମା ଷଷ୍ଠୀଦେବୀ । ହଁ, ପିଲାଟି ଦିନରୁ ସବୁ ସୁଖଦୁଃଖର ସାଥି ସିଏ ମନୀଷାର । ସେଇଥିପାଇଁ ତ ଏଇନେ ମନେ ମନେ ମା ଙ୍କୁ ସୁମରି ଚାଲିଥିଲା ସେ । ବୃଦ୍ଧା ଜଣଙ୍କ କହିଲେ, "ମା'ରେ ମତେ ବାଟ ଦିଶୁନି । ଟିକେ ନେଇଚାଲ ଆଗ ଦୋକାନ ଯାଏଁ । ସେଇଠୁ ମୋ ନାତି ଆସି ନେଇଯିବ ଘରକୁ ।" ପରମ ଶ୍ରଦ୍ଧା ରେ ମନୀଷା ସେଇ ବୁଢ଼ୀମା ଙ୍କୁ ସାଙ୍ଗରେ ଧରି ଚାଲିଲା । ତାଙ୍କ ଶିରାଳ ପାପୁଲିରେ

 Magazine Downloaded from www.aahwaan.com

ନରମ ଫୁଲ ପାଖୁଡ଼ାର କମନୀୟ ଅନୁଭବ ଅତୀନ୍ଦ୍ରିୟ ଆବେଗ ଭରୁଥିଲା ତା ଭିତରେ । ପାନ ଦୋକାନଟା ଆଉ ଚାରି ପାଞ୍ଚ ପାହୁଣ୍ଡ ମାତ୍ର, ସେଇଠି ଛାଡିବାକୁ ହେବ ତାଙ୍କୁ । ହଠାତ ରାସ୍ତା ହମ୍ପସ ରେ ଝୁଣ୍ଟି ପଡିଲା ମନୀଷା । ତା ଭ୍ୟାନିଟି ଚେନରେ ଲାଗି ବୃଦ୍ଧାଙ୍କ ଲୁଗାଧଡ଼ି ଫଡ କରି ଚିରିଯିବା ଶବ୍ଦ ସ୍ପଷ୍ଟ ଶୁଣିଲା ସେ । ମା ବୋଲି କହି ନିଜକୁ ସମ୍ଭାଳି ନେଲାବେଳେ ହାତ ଛାଡି ଦେଇଥିଲା ତାଙ୍କର । ସିଧା ହେଇ ଠିଆ ହେଲା ବେଳକୁ ପାଖରେ ନଥିଲେ ସେ ।

ଆତୁର ଆବେଗରେ ମା ମା ଡାକି ଚାରିଆଡକୁ ଖୋଜିଲା ଦୃଷ୍ଟିରେ ଦେଖୁଥିଲା ମନୀଷା । ଠିକ ସେତିକିବେଳେ ବସ୍ ବାଲାର କଟକ କଟକ ଡାକରେ ପ୍ରକୁତିସ୍ଥ ହୋଇ ବସ୍ କୁ ଉଠିଲା । ବସିଗଲା ପରେ ଘରକୁ ଫୋନ କରି କହିଦେଲା କାହିଁକି ଡେରି ହେଲା ଓ ସେ ଘଣ୍ଟାଏ ଭିତରେ ପହଞ୍ଚିଯିବ ବୋଲି । ଓଃ..... ଏଇ ପିଛିଲା କୋଡିଏ ତିରିଶ ମିନିଟ ଭିତରେ ଯାହାସବୁ ଘଟିଗଲା, ସେତକ ଅଘଟଣ ସମୟର କଳେବରକୁ ପ୍ରଲମ୍ବିତ କରିଦେଇଥିଲା ଯେମିତି । ଏଥର ଆଶ୍ୱସ୍ତ ହୋଇପାରେ ସେ । ଫୋନ ରଖିସାରି ଭ୍ୟାନିଟି କୁ ଓଲଟା କରି କୋଳରେ ଆଉଜେଇ ନେଲାବେଳେ ଦେଖିଲା, ଚେନ୍ ରେ ଏବେବି ଲାଗି ରହିଛି ସୁନେଲି ଧଡି ଥିବା ଖଣ୍ଡେ କଳା ରଙ୍ଗର କସ୍ତା କପଡା । ସେ ଖଣ୍ଡକୁ ଛୁଇଁଲା ବେଳେ ଅନୁଭବ କରି ହେଉଥିଲା ସେଇ ବୃଦ୍ଧା ମା'ଙ୍କ ଶୀତଳ ହାତର ଉଷ୍ମ ସ୍ପର୍ଶ । କପଡା ସହିତ ଭ୍ୟାନିଟିକୁ ଛାତିରେ ଚାପିଧରି ଏକ ନିବିଡ ଆବେଗରେ ବତୁରି ଯାଉଥିଲା ମନୀଷା.....

ଲିଙ୍କ ରୋଡ୍, କଟକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦୀପ ପ୍ରଜ୍ୱଳନ



ମୂଳ ହିନ୍ଦୀ : ସୀମା ଆଜାଦ

ଓଡ଼ିଆ ଅନୁସୃଜନ : ସୁଧାଂଶୁ ଶେଖର ଦ୍ୱିବେଦୀ

ସୁଧାଂଶୁ ଶେଖର ଦ୍ୱିବେଦୀ

ଆଜି ସମସ୍ତଙ୍କୁ ଶୀଘ୍ର ଅଫିସ ଆସିବାକୁ କୁହା ହୋଇଥାଏ । ଆଜିଠୁ ଅଫିସରେ 'ହିନ୍ଦୀ ପକ୍ଷ ଦିବସ' ପାଳନ ହେବ । ଉଦ୍‌ଘାଟନ ପାଇଁ ରାଜ୍ୟର ସଂସ୍କୃତି ମନ୍ତ୍ରୀ ଆସିବେ । ରାମାଧର ଗତକାଲିଠାରୁ ଜ୍ୱରରେ କଂପୁଛି । ଆଜି ବି ଅଫିସ ଆସିବାକୁ ତା'ର ଆଦୌ ଇଚ୍ଛା ନଥିଲା । ହେଲେ କାହାକୁ ବି ଛୁଟି ଦେବାପାଇଁ ଆଜ୍ଞା ମିଳିନି ।

ରାମାଧର ଅଫିସରେ ଏକମାତ୍ର ଚପରାଶି, ସେ ଯଦି ଛୁଟିରେ ରହିବ ତା'ହେଲେ ଅଫିସ କାମ ସବୁ ବନ୍ଦ ହୋଇଯିବ । ପ୍ରତ୍ୟେକଟି କାମ ରାମାଧର ଆସିବାଯାଏଁ ସ୍ଥଗିତ ରହିଯାଏ । ଯଦି ମଣିଷ ଶୋଷକୁ ସହ୍ୟ କରି ନିଅନ୍ତା ତେବେ ପାଣି ପିଇବା ମଧ୍ୟ ରାମାଧର ଆସିବାଯାଏ ଅଟକି ରହନ୍ତା ! ତା ଛଡ଼ା ଆଜି ସଂସ୍କୃତି ମନ୍ତ୍ରୀ 'ହିନ୍ଦୀ ପକ୍ଷ ଦିବସ' ଉଦ୍‌ଘାଟନ କରିବା ପାଇଁ ଆସୁଛନ୍ତି, ଛୁଟି ନ ନେବାପାଇଁ ତାକୁ ବିଶେଷ ଭାବରେ କୁହାଯାଇଛି । ତା' ଜ୍ୱର ଦେଖି ବିଭାଗର ସଚିବ ତିୱାରୀ ବାବୁ ଗତକାଲି ତିନିଟା ଟାବଲେଟ୍ ଖାଇବାକୁ ଦେଇଥିଲେ । ଗୋଟେ ତ ସେ ନିଜେ ଏକରକମ ଖୋଇ ଦେଇଥିଲେ । ଆଉ ଗୋଟେ ଶୋଇବା ବେଳେ ଓ ଆଜି ଗୋଟେ ଖାଇବା ପାଇଁ କହିଥିଲେ ।

ରାମାଧର ପାଇଁ ଜ୍ୱର ସମସ୍ୟା ନଥିଲା । ତା ମୁଣ୍ଡ ଭିତରେ ଘରର ଅନେକଗୁଡ଼ିଏ

 Magazine Downloaded from www.aahwaan.com

ସମସ୍ୟା, ଭାବିଥିଲା ଜ୍ୱର ବାହାନାରେ ଘରେ ରହି କିଛି ସମସ୍ୟାକୁ ତୁଲେଇବ । ଜମିରେ ବାଡ଼ ବସେଇବା ତା ପାଇଁ ନିହାତି ଜରୁରୀ ହୋଇଯାଇଥାଏ । ବାଡ଼ ନ ଘେରିଲେ ଗାଇ, ବଳଦ ପଶି ଫସଲ ଚାଟିଦେବେ । ରାମାଧର ସ୍ତ୍ରୀ ଓ ବଡ଼ପୁଅ ଦିନସାରା ଜମିରେ ୨୦ ଥର ଚକ୍କର ଲଗାନ୍ତି । ପିଲାମାନଙ୍କର ପାଠପଢ଼ା ମଧ୍ୟ ବାଡ଼ଘେରା ପାଇଁ ବ୍ୟାଘାତ ହେଉଛି । ସେ ଜମି ଜଗିବ, ଘର ଦେଖିବ ନା ସ୍କୁଲକୁ ଯାଇ ପିଲାମାନଙ୍କ ପାଠପଢ଼ାରେ ମୁଣ୍ଡ ପୁରେଇବ । ଭାବିଥିଲା ଜ୍ୱର ବାହାରାରେ ଜମିରେ ବାଡ଼ ଘେରିଦେବ, ତା ପାଇଁ ପାଞ୍ଚ ହଜାର ଟଙ୍କା ଉଧାର ଆଣିଛି । ଖୁଣ୍ଟି ବସେଇବା ପାଇଁ ପୁଅ ଗଛର ମୋଟା ଡାଳ ସଂଗ୍ରହ କରିଛି । ଖାଲି ଯାହା କଣ୍ଟାତାର କିଣିବା ବାକି ରହିଛି ।

ତା ସ୍ତ୍ରୀ ଆଜି ସକାଳେ ଅଫିସ ଆସିବାକୁ ମନା କରୁଥିଲା । ତା କଥା ନ ମାନି ଅଫିସ ଆସିଲା, ହେଲେ ବାଡ଼ ଘେରା ଚିନ୍ତା ତା ମୁଣ୍ଡ ଭିତରେ ଭଉଁରୀ ଖେଳୁଥାଏ । ଅଫିସ ଭିତରେ ପଶିଛି କି ନା ସିଂହବାବୁ ଦେଖିନେଇ କହିଲେ, "ଆରେ ରାମାଧର, ଆଜି ତୋତେ ଶୀଘ୍ର ଆସିବାକୁ କୁହାଯାଇଥିଲା, ସାଢ଼େ ନଅଟା ବଜେଇ ଦେଲୁ ? ମନମୁଖୀ କରୁଛୁ ନୁହେଁ ? ଆଚ୍ଛା ଗ୍ଲାସେ ପାଣି ଦେ..."

ମନେ ମନେ ସିଂହ ବାବୁଙ୍କ ଉପରେ ଚିଡ଼ଚିଡ୍ ହୋଇ ୱାଟର୍ କୁଲର୍ ପାଖକୁ ବଢୁଥାଏ ସେ । ପାଣି ଆଣି ସିଂହବାବୁଙ୍କ ହାତରେ ଧରେଇଲା । ଏତିକିବେଳେ ପାଣ୍ଡେବାବୁ ଧଇଁସଇଁ ହୋଇ ହଲ୍ ଭିତରକୁ ପଶିଆସି ଚିତ୍କାର କରି ଉଠିଲେ, "ଆରେ ରାମାଧର ! ତତେ ସମୟଜ୍ଞାନ କିଛି ଜଣା ଅଛି କି ନାହିଁ? କାଲି ଏତେ କୁହାଗଲା, ତଥାପି ଯିଏକୁ ସିଏ, ଆଚ୍ଛା ଫଟାଫଟ୍ କାମରେ ଲାଗିଯା । ଭଲଭାବେ ପୋଛା ପୋଛି କରି ଚେୟାର ସବୁ ହଲରେ ଲଗେଇ ଦେ, ହଁ କାର୍‌ପେଟ୍ ସଫା କରି ଲଗେଇବୁ ।"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାମାଧରକୁ ଆଦେଶ ଦେଇ ପାଣ୍ଡେବାବୁ ଆଗକୁ ବଢ଼ିଗଲେ । ବିଚରା ବାବୁମାନଙ୍କର ହୁକୁମରେ ହଲ୍‌କୁ ଯାଇ ଗୋଟେ ଉପରେ ଗୋଟେ ଚଢ଼ି ରହିଥିବା ଚେୟାରକୁ ଅଲଗା କରି ହଲସାରା ଲଗେଇବାକୁ ପ୍ରସ୍ତୁତ ହେଲା । ଟାବଲେଟ୍ ପ୍ରଭାବରେ ଆଜି ତାକୁ ଜ୍ୱର ନାହିଁ ହେଲେ ଦେହଟା ଦୁର୍ବଳ ଲାଗୁଛି । ପୁଣି ମୁଣ୍ଡ ଭିତରେ ଘରର କେତେ ପ୍ରକାର ଚିନ୍ତା, କେବଳ ତାକୁ ଛାଡ଼ିଦେଲେ ଆଉ ସମସ୍ତେ ବଡ଼ ଫୁର୍ତ୍ତିରେ ଏପଟ ସେପଟ ଦୌଡ଼ାଦୌଡ଼ି କରୁଥାନ୍ତି । ସେମାନଙ୍କ ହାବଭାବ ଦେଖି ରାମାଧର କିଛି ବୁଝି ପାରୁନଥାଏ । ଦୌଡ଼ାଦୌଡ଼ି କରି ଥକି ପଡ଼ିଲେ ତାକୁ ପାଣିଗ୍ଲାସେ ମାଗି ପିଉଛନ୍ତି । ଏପର୍ଯ୍ୟନ୍ତ ସୁଧାକର ବାବୁ, ଶ୍ରୀବାସ୍ତବ ବାବୁ, ଶଙ୍କର ବାବୁ ତା'ଠାରୁ ପାଣି ମାଗି ପିଇ ସାରିଲେଣି । ଏତେ ପରେ ମଧ୍ୟ ସେ ଗୋଟେ ଘଣ୍ଟା ଭିତରେ ସବୁ ଚେୟାରକୁ ସଫାକରି ହଲରେ ଲଗେଇ ଦେଇଛି । ପୁଣି କାରପେଟ୍ ଆଣିବା ପାଇଁ ଷ୍ଟୋର ରୁମକୁ ବଢ଼ିଲା । ହଠାତ୍ ସିଂହବାବୁ ଗର୍ଜି ଉଠିଲେ, “ଆରେ ରାମାଧର ଏ ପର୍ଯ୍ୟନ୍ତ ହଲ୍ ପ୍ରସ୍ତୁତ ହୋଇ ପାରିଲାନି ? ଟିକେ ସ୍ପିଡ୍ କର । ଗୋଟାଏରେ କାର୍ଯ୍ୟକ୍ରମ ।”

ରାମାଧର ଚିଡ଼ି ଉଠି କହିଲା, “ବାବୁ ସେଇବେଳୁ ତ ଲାଗିଛି, ଆପଣମାନଙ୍କ ଭଳି ବସିଛି କୋଉଠି ?”

- ଆଚ୍ଛା ଠିକ୍ ଅଛି, ଶୀଘ୍ର ଶୀଘ୍ର କର । ହଁ ଶୁଣ, ଷ୍ଟେଜଗେ ଚେୟାର ଓ ଟେବୁଲ୍ ଠିକ୍ ଠାକ୍ ପକେଇବୁ, ଟେବୁଲ୍ ଉପରେ ଧଳା ଚଦର ପକେଇବୁ ।

ରାମାଧର ସିଂହବାବୁଙ୍କ ଆଦେଶ ଶୁଣୁଶୁଣୁ ଷ୍ଟୋର ରୁମରେ ପହଞ୍ଚି ସାରିଥାଏ । କାର୍‌ପେଟ୍ ବାହାର କରି ସଫାକରିବା ପରେ ଦୁଇ ଧାରରେ ପଡ଼ିଥିବା ଚେୟାର ମଝିରେ ପକେଇ ଦେଲା । ଏତେ ଗୁଡ଼ିଏ କାମ କରୁ କରୁ ସେ ଟିକେ ଥକି ପଡ଼ୁଥାଏ । ହଲର ପଛ ପାଖେ ଘୁରୁଥିବା ପଙ୍ଖାତଳେ ବସି ପଡ଼ିଲା । ଦୁଇମିନିଟ୍ ବସିଛି କି ନାହିଁ, ପାଣ୍ଡେବାବୁ ତା

 Magazine Downloaded from www.aahwaan.com

ପାଖରେ ପହଞ୍ଚି ମୁହଁକୁ ଭଣଭଣ କରି କହିଲେ, "କିରେ ରାମାଧର ! କାମ କରିବାକୁ ଆସିଚୁ ନା ବସିବାକୁ ? କି ଅଜବ ଲୋକ । ମନ୍ତ୍ରୀଙ୍କ ଆସିବା ବେଳ ହୋଇଗଲାଣି ତୋତେ ଜଣା ଅଛି କି ନାହିଁ ?

ରାମାଧର ଚୁପ୍‌ଚାପ୍ ଉଠି ଷ୍ଟେଜ୍ ଉପରେ ଚେୟାର ପକାଇଲା, ଟେବୁଲ୍ ଉପରେ ଧଳା ଚାଦର ମେଲାଇଲା । ବ୍ୟାନର୍ ଖୋଲି ଷ୍ଟେଜ୍ ପଛପଟ କାନ୍ଥରେ ବାନ୍ଧିଦେଲା । ବ୍ୟାନର୍ ଦେଖି 'ପକ୍ଷ' ଶବ୍ଦର ଅର୍ଥକୁ ମନେ ମନେ ଅଣ୍ଡାଳୁଥାଏ ଅଫିସର ସୁପ୍ରିମ୍ ତିୱାରୀ ବାବୁଙ୍କ କଣ୍ଠସ୍ୱର ଶୁଣି ସଚେତ ହେଲା ସେ ।

ତିୱାରୀ ବାବୁ ଅନ୍ୟ ଅଫିସରଙ୍କ ସହ ତାହାରିପାଖକୁ ଆସୁଥାନ୍ତି । ସେ ସାବଧାନ ମୁଦ୍ରାରେ ଷ୍ଟେଜ୍ ସାଇଡ଼କୁ ଯାଇ ଠିଆ ହେଲା । ଠିକ୍ ସେତିକିବେଳେ ତା ପେଣ୍ଟ୍ ପକେଟରେ ଥିବା ମୋବାଇଲ୍ ବାଜି ଉଠିଲା । ସଙ୍ଗେ ସଙ୍ଗେ ତିୱାରୀ ବାବୁ ଗମ୍ଭୀର କଣ୍ଠରେ କହିଲେ, "ଫୋନ୍ ଉଠା ରାମାଧର । ପିକ୍ ଅପ୍ ଦ କଲ୍ ।" ରାମାଧର ଭୟ ମିଶ୍ରିତ ସଂକୋଚରେ ପେଣ୍ଟ୍ ପକେଟରୁ ମୋବାଇଲ୍ ବାହାର କରି କଲ କାଟିସାରି ପକେଟରେ ରଖିଦେଲା ।

ତିୱାରୀ ବାବୁ ଆଉଥରେ ତାକୁ ଚଢ଼ାଗଳାରେ କହିଲେ, "ହଇରେ ରାମାଧର, ତୋତେ ଧୂଳିମଳି କିଛି ଦେଖାଯାଉନି କି ? ଦେଖ୍ ଦେଖ୍ ଦୀପଷ୍ଟାଣ୍ଡଟା କେତେ ମଇଳା ହୋଇଛି । ମନ୍ତ୍ରୀ ମହାଶୟ କଣ ଏହିପରି ମଇଳା ଷ୍ଟାଣ୍ଡରେ ଦୀପ ପ୍ରଜ୍ୱଳନ କରିବେ ? ଶୁଣ ଅଧଘଣ୍ଟା ଭିତରେ ହଲ୍ ଓ ଷ୍ଟେଜ୍ ପୁରା ଫିଟ୍ ହେବା ଦରକାର । ପାଣି-ଫାଣି ଆଉ ଯାହା କିଛି ଆବଶ୍ୟକ ସେ ସବୁ ତୋ ଦାୟିତ୍ୱ ।" ତାପରେ ତିୱାରୀ ବାବୁଙ୍କ ସହ ଅନ୍ୟମାନେ ହଲରୁ ବାହାରିଗଲେ ।

ରାମାଧର ଦୀପ ଷ୍ଟାଣ୍ଡକୁ ହାତରେ ଧରିଥାଏ । ଗାଳି ଖାଇ ଖାଇ ତା ମୁଣ୍ଡ ମଧ୍ୟ ବିଗିଡ଼ି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଲାଣି । ସେମାନଙ୍କୁ ତ କିଛି କହି ପାରୁନି । ଭିତରେ ଭିତରେ କଣ୍ଟିଆ ମାଛ ଭଳି କାଁ କାଁ ହେଉଛି । ବାହାରେ ନଳ ପାଖରେ ବସି ଦୀପଷ୍ଟାଣ୍ଡକୁ ମାଟିରେ ରଗଡ଼ିବା ଆରମ୍ଭ କରିଛି ପୁଣି ତା ପେଣ୍ଟ ପକେଟରେ ମୋବାଇଲ୍ ବାଜି ଉଠିଲା, ସେ ହାତ ଧୋଇ ମୋବାଇଲ୍ ବାହାର କରି ରିସିଭ୍ କଲା । ସେପଟରୁ ସ୍ତ୍ରୀର ଶବ୍ଦ ଠିକ୍ ଶୁଣିପାରୁଥାଏ । "କେତେବେଳେ ଫେରିବ ? ଭରତ ଆସିଛି । କଣ୍ଟା ତାର ବିଷୟରେ ପଚାରୁଛି, କଣ କହିବି ତାକୁ ?"

"ଯାହା ଭାବିଛୁ ସେୟା କହିଦେ ତାକୁ, ଫୋନ୍ ରଖ ।" ସଂପୂର୍ଣ୍ଣ କଥା କହିନ ପାରିବା କାରଣରୁ ତା ମନ ଭିତରେ ପାଛିଏ ରାଗ ଭରିଗଲା । ସେ ରାଗକୁ ଶୁଝାଇବା ପାଇଁ ଦୀପଷ୍ଟାଣ୍ଡକୁ ମାଟିରେ ରଗଡ଼ି ରଗଡ଼ି ଚିକ୍ ଚିକ୍ କରିଦେଲା । ପୁଣି ତାକୁ ପାଣିରେ ଗାଧୋଇ ଶୁଖିଲା ଲୁଗାରେ ପୋଛାପୋଛି କରି ଷ୍ଟେଜର ସମ୍ମୁଖ ରାଇଟ୍ ସାଇଡ଼ରେ ରଖି ବତୀ ଲଗେଇ ଦେଶୀ ଘିଅ ଭରିଦେଲା । ହଲରେ ସବୁପ୍ରକାର ବ୍ୟବସ୍ଥା ଫିଟ୍ ହୋଇଛି ଦେଖି ଅତିଥିଙ୍କ ନିମନ୍ତେ ଟେବୁଲ୍ ଉପରେ ପାଣି ବୋତଲ ଥୋଇଦେଲା ।

ହଲ୍‌ସାରା ଭିଡ଼ରେ ହଇଚଇ ହେଉଥାଏ । କାର୍ଯ୍ୟକ୍ରମ ଗୋଟାଏରେ ହେବାକୁ ଥାଏ କିନ୍ତୁ ଦୁଇଟାରୁ ବେଶୀ ହୋଇଗଲାଣି । ମନ୍ତ୍ରୀ ସେପର୍ଯ୍ୟନ୍ତ ଆସିନଥାନ୍ତି । ହଠାତ୍ ମନ୍ତ୍ରୀଙ୍କ ଗାଡ଼ିର ସାଇରନ୍ ଶୁଭିଲା । ଲୋକମାନେ ମନ୍ତ୍ରୀ ଆସିଗଲେ, ମନ୍ତ୍ରୀ ଆସିଗଲେ କହି ଗେଟ୍ ପାଖକୁ ଦୌଡ଼ିଲେ । ମନ୍ତ୍ରୀ ମହୋଦୟ ସଭିଙ୍କୁ ହାତଯୋଡ଼ି ଷ୍ଟେଜ୍ ପାଖକୁ ବଢୁଥାନ୍ତି । ଏତିକିବେଳେ ପାଣ୍ଡେବାବୁ ଦୌଡ଼ି ଆସି ତାକୁ କହିଲେ, "ଆରେ ଏଠି ଠିଆ ହୋଇ କଣ ଦେଖୁଛୁ ? ଯା ଶୀଘ୍ର ଗୋଟେ ପାଣି ଗ୍ଲାସ୍ ଧରି ଷ୍ଟେଜ୍ ପାଖକୁ ଆଣ । ହଁ ଶୁଣ ଗ୍ଲାସକୁ ଟ୍ରେରେ ରଖି ଆଣିବୁ ।"

ରାମାଧର ଯଥାଶୀଘ୍ର ପାଣିଗ୍ଲାସକୁ ଟ୍ରେରେ ରଖି ଷ୍ଟେଜ୍ ପାଖକୁ ଯାଉଥାଏ, ପାଣ୍ଡେବାବୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା ହାତରୁ ପାଣି ଟ୍ରେ ନେଇ ସ୍ୱୟଂ ମନ୍ତ୍ରୀଙ୍କୁ ଦେଲେ । ମନ୍ତ୍ରୀ ଗ୍ଲାସ୍ ମୁହଁରେ ଲଗେଇ ଦୁଇ ଢୋକ ପିଇ ପାଣ୍ଡେବାବୁ ଧରିଥିବା ଶୂନ୍ୟ ଟ୍ରେରେ ଗ୍ଲାସ୍ ରଖିଦେଲେ । ଟ୍ରେ ଓ ଗ୍ଲାସ୍ ରାମାଧରକୁ ବଢ଼େଇ ଦେଇ ପାଣ୍ଡେବାବୁ ଅସ୍ପଷ୍ଟ ଶବ୍ଦରେ ପୁଣିଥରେ ଗର୍ଜିଉଠି କହିଲେ, "ହଇବେ ବୋକା । ଦୀପ ପ୍ରଜ୍ୱଳନ କଣ ଆଙ୍ଗୁଳିରେ ହେବ ? ମହମବତୀ ମ୍ୟାଚିସ୍ କାହିଁ ?"

ଅତର୍କିତ ଆକ୍ରମଣରେ ରାମାଧର ଅସମଞ୍ଜସ୍ୟରେ ପଡ଼ିଗଲା । ତା'ର ଇଚ୍ଛା ହେଉଥାଏ ଟ୍ରେକୁ ପାଣ୍ଡେବାବୁଙ୍କ ମୁଣ୍ଡରେ ବାଡ଼େଇ ଦିଅନ୍ତା । ମୁଣ୍ଡକୁ ଥଣ୍ଡା କରି ମହମବତୀ ଓ ମ୍ୟାଚିସ୍ ଖୋଜିବାକୁ ଷ୍ଟୋର୍ ରୁମ ଭିତରେ ପଶିଲା । ମହମବତୀ ଓ ମ୍ୟାଚିସ୍ ହାତରେ ଧରିଥାଏ ପୁଣିଥରେ ପେଣ୍ଟ୍ ପକେଟରେ ଥିବା ମୋବାଇଲଟା ବାଜି ଉଠିଲା । ତୁରନ୍ତ ମୋବାଇଲ୍ ବାହାର କରି ଦେଖିଲା, ପରେ ପରେ ରିସିଭ୍ ବଟନକୁ ଦବେଇ ରାଗରେ ଦାନ୍ତକୁ ଦାବି କହିଲା, "କହିଲି ନା, ମନ୍ତ୍ରୀ ଆସିଛନ୍ତି । ରଖ ଫୋନ୍ ।"

କଲ କାଟିବାପାଇଁ ଅଙ୍ଗୁଳି ବଟନ୍ ଉପରେ ରଖିଛି ପତ୍ନୀର ଆବାଜ ମୋବାଇଲରୁ ବାହାରକୁ ବାହାରି ଆସିଲା, "ନିଆଁ ଲାଗିଯାଉ ତୋ ମନ୍ତ୍ରୀ ଦେହରେ । ପୁଅକୁ ଜମିରେ ଗାଈ ବିନ୍ଧି ଲହୁଲୁହାଣ କଲାଣି, ଆଖି ଦିଇଟା ବଞ୍ଚି ଯାଇଛି ଯାହା, ନହେଲେ ସାରାଜୀବନ କଣା ହୋଇ ଯାଇଥାନ୍ତା । ଡାକ୍ତର ପାଖକୁ ଆସିଛେ... ।"

ପତ୍ନୀର କଥାଶୁଣି ତା'ର ହୋସ୍ ଉଡ଼ିଯାଉଥାଏ । ମୋବାଇଲକୁ ସେହିପରି କାନରେ ଗେଞ୍ଜି ଦାରୁଭୂତ ପରି ଠିଆ ହୋଇଥାଏ ସେ । ମୁଣ୍ଡଟା ତାର ପୁରାପୁରି ଗୋଳମାଳ ହୋଇଯାଉଥାଏ । ସମ୍ମୁଖରୁ ପାଣ୍ଡେବାବୁ  ତାହାରି ପାଖକୁ ଆସୁଛନ୍ତି ସେ ସ୍ପଷ୍ଟ ଦେଖି ପାରୁଥାଏ । ତାଙ୍କ କଣ୍ଠରୁ ଚିତ୍କାର ହେଲା, "ହାରାମଖୋର୍, ଶଳା, ଦୀପ ପ୍ରଜ୍ୱଳନର ସମୟ ହୋଇଗଲାଣି, ଅଥଚ ତୁ ଫୋନରେ ମାତିଛୁ ? ଶଳା ତତେ ଯଦି କାଲି ମୁଁ ଛୁଟି ନ କରିଛି ତା

Magazine Downloaded from www.aahwaan.com

ହେଲେ ମୋତେ ଚିହ୍ନିବୁ... ! ! !”

ସହସା ସେ ମୋବାଇଲ୍ କଲକୁ କାଟି ମହମବତୀ ଓ ମ୍ୟାଚିସ୍ ଧରି ଷ୍ଟେଜ୍ ପାଖକୁ ଦୌଡ଼ିଲା । ଜ୍ୱର, କାମର ବୋଝ, ପୁଅକୁ ଗାଇ ବିନ୍ଧିବାର ଚିନ୍ତା ଓ ପାଣ୍ଡେ ବାବୁଙ୍କ ତିରସ୍କାରରେ ରାମାଧରର ମୁଣ୍ଡ ଏକରକମ ଟକମକ ହୋଇ ଫୁଟୁଥାଏ । ମନ୍ତ୍ରୀ ମହୋଦୟ ଦୀପ ପ୍ରଜ୍ୱଳନ ପାଇଁ ନିଜ ଚେୟାରରୁ ଉଠି ଠିଆ ହୋଇ ସାରିଥାନ୍ତି । ରାମାଧର ଦୀପଷ୍ଟାଣ୍ଡ ଚାରିପଟେ ଲୋକମାନଙ୍କ ଭିଡ଼କୁ ଅତିକ୍ରମ କରି ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଗଲା । ପୁଣି ମ୍ୟାଚିସ୍ ଦ୍ୱାରା ମହମବତୀକୁ ଜଳେଇ ସଳିତାରେ ଲଗେଇଲା । ସମସ୍ତେ ତାକୁ ଅବାକ ହୋଇ ଦେଖୁଥାନ୍ତି । କିନ୍ତୁ ସେ ସଭିଙ୍କ ସମ୍ମୁଖରେ ନିଜଦ୍ୱାରା ବିଛା ହୋଇଥିବା କାର୍‌ପେଟ୍ ଉପରେ ଚାଲି ଚାଲି ହଲ୍‌ରୁ ବାହାରକୁ ବାହାରି ଆସୁଥାଏ ।

ବିସି-୭୪, ସେକ୍ଟର-୨
ସଲ୍‌ଟଲେକ୍, କୋଲ୍‌କାତା-୬୪
ଭ୍ରାମ୍ୟଭାଷ : ୯୬୮୧୩୭୩୫୧୨
ଇମେଲ୍ : s.dwibedy@rediffmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଦ୍ରକ ଦଙ୍ଗା



ମହେଶ୍ୱର ସାହୁ

ସକାଳର ମୃଦୁ ପବନ ସାଙ୍ଗରେ ଭାସି ଆସୁଥିଲା ଝରା ସେଫାଳିର ଭୁରୁ ଭୁରୁ ବାସ୍ନା । ଗାଇ ଉଠୁଥିଲେ ବିହଙ୍ଗ ନିଜର କିଚିରି ମିଚିରି ଶବ୍ଦରେ ନାନା ବାଇଆ ଗୀତ । ପୂରୁବ ଦିଗରେ ଶୀତଳ କିରଣ ଧରି ବାଙ୍କ ଚାହାଣୀରେ ହସି ଦେଉଥିଲେ ଦିବାକର । ଚାରିଆଡ଼ ଶାନ୍ତ, ନିରବ ଓ ସ୍ତବ୍ଧ ଭିତରେ ଭଦ୍ରକ ଜିଲ୍ଲା ତିହିଦିର ବିକାଶ ବାବୁ ନିଜ ଧନ୍ଦାକୁ ବାହାରି ଯାଆନ୍ତି । ନିଜର ମାଛ ବେପାର ଜୀବିକା କହିଲେ ଚଳେ । ମାଛ କିଣି ଭଦ୍ରକ ବଜାରରେ ନେଇ ବିକି ଥା'ନ୍ତି । ଏମିତି ଦୈନିକ ନିଜ ଧନ୍ଦା ଚାଲୁ ରଖିଥାନ୍ତି । ବିକାଶ ବାବୁ ପାଠ ପଢି ନଥିଲେ ବି ତାଙ୍କର ମାନବିକତା ଓ ପରୋପକାର ଗୁଣ ତାଙ୍କୁ ସବୁବେଳେ ବାବୁ ପଦରେ ପଦବାନ୍ୱିତ କରିଥାଏ ।

ବିକାଶ ବାବୁ ଆଜି ସକାଳେ ମାଛ କିଣି ଆଣିଛନ୍ତି ନେଇ ବଜାରରେ ବିକ୍ରି କରିବେ, ହେଲେ ଯେ କଣ ? ସକାଳ ଠାରୁ ବଜାରରେ ଘୋ ଚୋ ଚାଲିଛି । ଲୋକମାନେ ଠୁଳ ହୋଇ ଫୁଟୁରୁ ଫାଟର ହେଉଥାନ୍ତି । ସେ ବଜାରରେ ବସିଛନ୍ତି ହେଲେ କେହି ବି ଆଜି ମାଛ କିଣୁ ନାହାନ୍ତି । ବଜାର ପୁରା ବେପାର ପାଇଁ ମାନ୍ଦା ଦେଖାଯାଉଛି । କଣ ଗୋଟାଏ ହୋଇଛି ବୋଧେ । ଆଜି ଟିକେ ମାଛ ଶସ୍ତା ଥିଲା ବୋଲି ଅଧିକ କିଣି ଆଣିଲି ହେଲେ, ଜଣେ ଦୁଇ ଜଣ ଦାମ ପଚାରି ଚାଲିଗଲେ । ଏମିତି ଭାବି ଭାବି ବସିଥାନ୍ତି । ଅନ୍ୟ ଦୋକାନୀମାନେ ମଧ୍ୟ ନିଜର କାରବାର ମାନ୍ଦା ଥିବାରୁ ବହୁତ ଦୁଃଖିତ ଅନୁଭବ କରୁଥାନ୍ତି । ଠିକ ଏହି ସମୟରେ ଦୂରରୁ ଏକ ଶବ୍ଦ ଶୁଣାଗଲା । ଶବ୍ଦ କହିଲେ ଲୋକମାନଙ୍କର କୋଳାହଳ ଶବ୍ଦ । କୁଆଡେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦଙ୍ଗା ଆରମ୍ଭ ହୋଇ ଯାଇଛି । ହିନ୍ଦୁ ଆଉ ମୁସଲମାନଙ୍କ ମଧ୍ୟରେ । ଆଖ ପାଖରେ ହିନ୍ଦୁ ଅଧିକ ଥିଲେ ମୁସଲମାନମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରୁଛନ୍ତି ଓ ମୁସଲମାନ ଅଧିକ ଥିଲେ ହିନ୍ଦୁ ମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରୁଥାନ୍ତି । ଏମିତି ପରିସ୍ଥିତିରେ ବିକାଶ ବାବୁଙ୍କର ମାଛ ଉପରୁ ଧ୍ୟାନ ଯାଇ ନିଜ ଜୀବନ ଉପରେ ଧ୍ୟାନ ଆସିଯାଇଥିଲା ।

ମୋ ପିଲା ଛୁଆ ମୋ ପାଇଁ ଅପେକ୍ଷା କରିଥିବେ । ବଜାରଠାରୁ ତିହିଡି ନିଜ ଘର ଯେ କି ପନ୍ଦରରୁ କୋଡିଏ କିଲୋମିଟର ହେବ । ସାଇକେଲରେ ଆସନ୍ତି ପ୍ରାୟ ପଚାଶ କିଲୋ ମାଛ ବୋହି ଆଣିଥାନ୍ତି । ଆଜି ମାଛ ଗୋଟେ କିଲୋ ବି ବିକ୍ରି ନାହିଁ ହେଲେ ଏଇ ଭଳି ଦଙ୍ଗା ଶୁଣି ଚମକି ପଡ଼ିଥିଲେ ବିକାଶ ବାବୁ । ପୂର୍ବରୁ ଥରେ ହିନ୍ଦୁ ସମ୍ପ୍ରଦାୟ ଓ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ଦଙ୍ଗା ହୋଇଥିଲା । ସେଥିରେ ଉଭୟ ପକ୍ଷରୁ ବହୁତ ଜନ ଓ ଧନ ହାନୀ ହୋଇଥିଲା । ପୁଣି ସେମିତି ପରିସ୍ଥିତି ଉପୁଜିଲେ ବଞ୍ଚିବା କଷ୍ଟକର ହେଇଯିବ କିଛିଦିନ ପାଇଁ । ବିକାଶ ବାବୁ ପୁରୁଣା ମାଛ ବେପାରୀ । ବଜାରରେ ତାଙ୍କର ଖାତିରି ଅଛି । ଛୋଟ ପିଲାଠାରୁ ବଡ଼ ଲୋକ ସମସ୍ତେ ତାଙ୍କୁ ଜାଣନ୍ତି । ସମସ୍ତଙ୍କର ବିଶ୍ୱାସ ଥାଏ ବଜାରକୁ ଗଲେ ନିଶ୍ଚୟ ବିକାଶ ବାବୁଙ୍କ ପାଖରେ ମାଛ ମିଳିବ । ବିକାଶ ବାବୁ ଏତେ ପଇସା ଲୋଭି ନୁହେଁ । ତେଣୁ ଲୋକ ମାନେ ତାଙ୍କୁ ବିକାଶ ବାବୁ ବୋଲି ଜାଣନ୍ତି । ବହୁତ ସରଳ ହୃଦୟ । ଗରିବ ଲୋକଟିଏ ମାଛ ଖାଇବାର ଆଶା କଲେ ଯାଚି ଯାଚି ମାଛ ଦେଇ ଦିଅନ୍ତି ଆଉ କୁହନ୍ତି, "ଆଜି ନେଇ ଖାଇବୁ ଯାଆ, ଆଉ ଯେତେବେଳେ ଆସିବୁ ପଇସା ଦେଇ ଦେବୁ ।" ଏମିତି ହୃଦୟବାନ ଲୋକର ପଇସା କେହି ବି ଲୋକ ବୁଡାଇ ନାହାନ୍ତି ।

ଭାରି ଭୋକ ଲାଗିଲାଣି । ହେଲେ ଦୋକାନୀ ସମସ୍ତେ ଭୟରେ ବଜାର ବନ୍ଦ କରି ପଳେଇ ଯିବାକୁ ବସିଲେଣି । ମକ୍ଷୀ ନାନୀର ଗୁଲୁଗୁଲା ଆଉ ଆଳୁଦମ ଦୋକାନ ଖୋଲା

 Magazine Downloaded from www.aahwaan.com

ଅଛି । ବିକାଶ ବାବୁ ନିଜ ଦୋକାନ ବାନ୍ଧି ମାଛ ଗୁଡାକ ବରଫ ଦେଇ ନିଜ ସାଇକେଲରେ ବାନ୍ଧି ମକ୍ଷୀ ନାନୀ ପାଖରେ ପହଁଚିଲେ । କହିଲେ, "ମକ୍ଷୀ ନାନୀ କଣ ଅଛି ଦିଇଟା ଦେଲୁ ଖାଇ ଦିଏ । ଆଉ ନାନୀ କଣ ଦଙ୍ଗା ହେଇଛି ବୋଧେ, ଦୋକାନ ଗୁଡାକ ବନ୍ଦ କରି ସମସ୍ତେ ପଳେଇଲେଣି । ଆଜି ଗରାଖ କେହି ଦେଖାଯାଉ ନାହାଁନ୍ତି । କଣ ହେଇଛି ମକ୍ଷୀ ନାନୀ ?"

- ହଁରେ ବିକାଶ । ସେଇ ମୁସଲମାନ ବସ୍ତିର ଗୋଟେ ପିଲା କୁଆଡେ ସୀତା ମାଆଙ୍କ ଫଟୋ ତଳେ ଇଆଡୁ ସିଆଡୁ ଲେଖି ଦେଇଛି ଆଉ ସେଇଥିପାଇଁ ପରା ପୁରା ଭଦ୍ରକ ଏବେ ରକ୍ତ ମୁଖା ହେଇ ଯାଇଛି ।

- ହଉ ତୁ ଆଗେ ଖାଇବାକୁ ଦେ ତା ପରେ ଆମେ କଥା ହେବା । ଆଉ ନାନୀ ମୋ ପାଖରେ ପଇସା ନାହିଁ ତେଣୁ ତୋ ପାଇଁ ଇଲିସ ମାଛ ଗୋଟେ ରଖିଛି ନେଇ ଖାଆ, ପୁଣି ଆସିଲେ ହିସାବ କରିଦେବା ।

- ତୋ ପାଖରେ କଣ ନାସ୍ତା ପାଇଁ ପଇସା ନାହିଁ । ତୁ ପୁଣି ଘରେ ଚଳିବୁ କେମିତି ?

- ହଁ ଲୋ ନାନୀ ସେଇଆ ଭାବୁଛି । ଯାହା ପଇସା ଥିଲା ଆଜି ଅଧିକ ମାଛ କିଣି ଆଣିଥିଲି । ଆଗରୁ ଥରେ ଏମିତି ଦଙ୍ଗା ହୋଇଥିଲା ଆଉ ଆମ ଭଦ୍ରକ ପୁରା ଜଳି ଯାଇଥିଲା । ସମସ୍ତଙ୍କର ସେଇ ଗୋଟିଏ କଥା ଥିଲା, ଆମେ ଯଦି ସମସ୍ତେ ଗୋଟିଏ ରଙ୍ଗର ରକ୍ତ ଓ ଗୋଟିଏ ପ୍ରଜାତିର ମଣିଷ ତେବେ ଆମ ମଧ୍ୟରେ ଏପରି ବିଭିନ୍ନତା ଆସୁଛି କୁଆଡୁ ? ଯେଉଁ ସୁଜଳା ଓ ସୁଫଳା ଧରଣୀର ବକ୍ଷରେ ଆମେ ସମସ୍ତେ ନିଜର ଖାଦ୍ୟ, ବସ୍ତ୍ର ଓ ପାନୀୟ ଗ୍ରହଣ କରନ୍ତି, ସେଇ ମାଟି ମାଆ ଉପରେ କଣ ବିଭିନ୍ନତାର ଆଲୋକ ବୁଣିବା ଯଥାର୍ଥ କି ନାନୀ ?

- ହଉରେ ବିକାଶ ତୁ ଯେତେ ପାରୁଛୁ ନାସ୍ତା ଖାଇ ତୋର ଇଲିସି ପଇସା ନେଇକି

 Magazine Downloaded from www.aahwaan.com

ଯାଆ ଆଉ ଦେଖିବା କଣ ଘଟୁଛି ଘଟୁ ! ଏଇ ଲୋକଗୁଡାକ ଅର୍ଥ ପାଗଳ । ଏମାନଙ୍କୁ ସବୁବେଳେ ହିଂସା ଦ୍ୱେଷ ଓ ଜାତିଧର୍ମ ପାଗଳ କରି ରଖିଛି । ତା ସହିତ ଏଇ ଯେଉଁ ଆଧୁନିକ ଯୁଗ କହୁଛନ୍ତି ତା ସହିତ କମ୍ପୁଟର ଯୁଗ କହୁଛନ୍ତି ଏଇଟା ମଣିଷକୁ ଅନ୍ଧ କରିଦେଉଛି । ତେଣୁ ସେମାନେ ଫେସବୁକରେ ଅନ୍ଧ ହୋଇ ମନ୍ତବ୍ୟ ଦେଉଛନ୍ତି ଓ ନିଜ ନିଜ ଭିତରେ ଶତ୍ରୁର କାରଣ ହେଉଛନ୍ତି । ଆମେ ଜାଣୁ ଯେ ଇଶ୍ୱର ହୁଅନ୍ତୁ କି ଆଲ୍ଲା ହୁଅନ୍ତୁ କି ଭଗବାନ ରାମ ହୁଅନ୍ତୁ ସବୁ ଏକ ପରା । କିନ୍ତୁ ଲୋକଙ୍କର ଭାବନା ଅଲଗା ରହୁଥିବାରୁ ଉପାସନା ଗୃହ ଅଲଗା ହୋଇଛି ଓ ଏଇଟା ବିଭିନ୍ନତା ଆଡକୁ ନେଇ ଯାଉଛି । ହଉ ତୁ ଆରାମରେ ଖାଇ ଘରକୁ ପଳା ।

- ମକ୍ଷୀ ନାନୀ ମୋତେ ବହୁତ ଡର ଲାଗୁଛି ଲୋ । ଲୋକମାନେ ବୁଝି ପାରୁନାହାନ୍ତି ଯେ ଆମେ କାହା ଉପରେ ଆକ୍ରମଣ କରିବା ପୂର୍ବରୁ ତାର ପରିବାର ଓ ପିଲା ଛୁଆଙ୍କ କଥା ଚିନ୍ତା କରିବା ଦରକାର ! ହେଲେ ନିଜର ଅହମିକା ଓ ଆତ୍ମଗର୍ବ ସେମାନଙ୍କୁ ଅନ୍ଧ କରିଦେଉଛି । ହଉ ମକ୍ଷୀ ନାନୀ ମୋର ଖାଇବା ସରିଲା ଆଉ ଯାହା ଦେବୁ ଦେ ମୁଁ ଘରକୁ ଯିବି । ଭଦ୍ରକରୁ ଇଚ୍ଛାପୁର ରାସ୍ତାରେ ଗଲେ ତିହିଡିରେ ପହଞ୍ଚିବାକୁ ପଡିବ ।

ବିକାଶ ବାବୁ ନିଜ ସାଇକେଲ ଧରି ଭଦ୍ରକରୁ ଘର ଅଭିମୁଖେ ଚାଲିଲେ । କିଛିବାଟ ଆସିଛନ୍ତି ଦଳେ ଲୋକ ଟଣା ଟଣି ଲାଗିଛନ୍ତି । କିଏ କହୁଛି ମାର ବେ ତାକୁ ଧର ବେ ତାକୁ ଏମିତି ଘୋ ଘୋ ତୁ ତାକର ଚାଲିଛି । ବିକାଶ ବାବୁ ବହୁତ ଡରି ଯାଇଥିଲେ ହେଲେ ଅଧୈର୍ଯ୍ୟ ନ ହୋଇ ରାସ୍ତାର କଡେ କଡେ ଆଗକୁ ଚାଲିଲେ । ବୋଧହୁଏ ସେଠାରେ ହିନ୍ଦୁ ଲୋକମାନଙ୍କ ସଂଖ୍ୟା ଅଧିକ ଥିଲା ସେଥିପାଇଁ ବିକାଶବାବୁଙ୍କ କିଛି ଚିହ୍ନା ଲୋକ କହିଲେ ଜଲ୍‌ଦି ଘରକୁ ପଳାଓ । ବିକାଶ ବାବୁ ସେଇ ଜାଗାରୁ ପାର ହୋଇ କିଛି ବାଟ ଆସିଛନ୍ତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖିଲେ ପୁରା ବଜାର ଯାହାକି କଚେରୀ ବଜାରର ଦୋକାନ ଗୁଡିକ ଜଳୁଛି । ଅଧିକାଂଶ ହିନ୍ଦୁ ଆଉ ମୁସଲମାନ ମାନଙ୍କ ଦୋକାନରେ ନିଆଁ ଲଗାଯାଇଛି । କିଏ କୁଆଡେ ଦଉଡି ପଳାଇ ଯାଉଛି । ବିକାଶ ବାବୁ ଯିବେ କୁଆଡେ । ଜୀବନ ଥିବା ଯାଏ ଲୋଭ ରହିଛି ତେଣୁ ଏକରେ ପୁରା ଷାଠିଏ କିଲୋ ମାଛର ବୋଝ ସହିତ ନିଜ ସାଇକେଲ । ଛାଡି ଦୌଡ଼ିବାର ବାଟ ନାହିଁ । ହଉ ଭଗବାନ କଣ କରୁଛନ୍ତି ଦେଖିବା । ଯାହା ହେଉ ପୋଲିସ ଭାଇମାନେ ଘଟଣାସ୍ଥାନରେ ପହଞ୍ଚି ଆୟତ୍ତ କରିବାକୁ ଚେଷ୍ଟା କରୁଛନ୍ତି ହେଲେ ଯେଉଁଠାରେ ପୋଲିସକର୍ମୀ ରହିଛନ୍ତି ସେଇଠାରେ ଦଙ୍ଗା ନାହିଁ ହେଲେ ଅନ୍ୟ ସ୍ଥାନରେ ଦୋକାନ ଜଳା ଯାଉଛି । ବିକାଶ ବାବୁଙ୍କୁ ଏହି ଦୃଶ୍ୟ ଅତ୍ୟନ୍ତ ଦୁଃଖଦ ହୋଇଥିଲା । କୋଟି କୋଟି ଟଙ୍କାର ସମ୍ପତ୍ତି ଜାଳି ଦିଆଯାଉଛି । ହେଲେ ସେମାନେ କାହିଁକି ମୁଖ୍ୟଦୋଷୀକୁ ଧରିବାକୁ ଚେଷ୍ଟା କରୁ ନାହାନ୍ତି । ଦୋଷୀକୁ ନ ଧରି ଏଇ ଦୋକାନ ବଜାର ଜଳେଇ ସୁନ୍ଦର ଓ ଧନାଢ୍ୟ ଭଦ୍ରକ ସହରଟାକୁ ଶ୍ରୀହୀନ କରି ଦେଉଛନ୍ତି ଯେ । ସିଏ ହିନ୍ଦୁ ହୁଅନ୍ତୁ କି ମୁସଲମାନ ହେଲେ ନଷ୍ଟ ତ ଆମ ଭଦ୍ରକ ସହରର ହେଉଛି । ହେ ଭଗବାନ ଆମ ସହରକୁ ରକ୍ଷା କର । ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରି ରାତି ଦିନ ଦୋକାନ ଜଗି ରହିଲେ ଦୁଇ ପଇସା ମିଳେ । ହେଲେ ଏମିତିରେ ନିଜର ଜୀବିକା ହରେଇ ଲୋକ ମାନେ ବଞ୍ଚିବେ କେମିତି । ଏମିତି ଭାବି ଭାବି ବିକାଶ ବାବୁ ଆଗେଇ ଚାଲିଛନ୍ତି ।

କିଛି ବାଟ ପୁଣି ଆସିଲା ପରେ ସାଳନ୍ଦୀ ନଈର ପୋଲ ଉପରେ ଜଣେ ମୁସଲମାନ ଦାଢ଼ି ଓ ଟୋପି ପିନ୍ଧା ଚାଚା ଆସି ବିକାଶ ବାବୁଙ୍କ ସାଇକେଲରେ ବାଡେଇ ଗଲେ । ଚାଚା ଜଣଙ୍କ ରକ୍ତାକ୍ତ ଶରୀର । ସେ ବିକାଶ ବାବୁଙ୍କୁ ଚିହ୍ନି ପାରିଲେ ଓ କହିଲେ ମୋତେ ବଞ୍ଚେଇ ଦିଅ ବିକାଶ ବାବୁ । ମୋ ଦେହ ସାରା ଆଘାତ ଲାଗିଛି । କେହି ଚାକୁ ମରିଛି ତ କେହି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଠିରେ ବାଡେଇଛନ୍ତି । ବିକାଶ ବାବୁ ନିରୁପାୟ ହେଇଗଲେ । ଏହି ବଜାରସାରା ଲୋକ ବିକାଶ ବାବୁଙ୍କ ମାଛ ନେଇଥାନ୍ତି । ସବୁ ଗରାଖ ଦେବତା ତାଙ୍କ ପାଇଁ । ମାଛ ପେଟିରୁ କିଛି ବରଫ କାଢି ଓ ମାଛ ଘୋଡା କପଡା ଖଣ୍ଡେ କାଢି ବିକାଶ ବାବୁ ସେଇ ଚାଚାଙ୍କ ମୁଣ୍ଡରେ ବାନ୍ଧି ଦେଇଥିଲେ । ଚାଚା ଜଣଙ୍କ ଟିକିଏ ସୁସ୍ଥ ଲାଗିବାରୁ ବିକାଶ ବାବୁ କହିଲେ ଚାଚା ତମେ ଏଇ ଗଳି ଭିତର ଦେଇ ଡାକ୍ତରଖାନାକୁ ପଳେଇ ଯାଅ ଆଉ ସେଠାରେ ପୋଲିସ ଅଛନ୍ତି । ତମକୁ ଡାକ୍ତରୀ ଚିକିତ୍ସା ମିଳିଯିବ ଆଉ ତମେ ସୁସ୍ଥ ହେଇଯିବି । ଚାଚାଜଣଙ୍କ ଆଲ୍ଲା ତୁମକୁ ଦୀର୍ଘାୟୁ କରନ୍ତୁ କହି ଧୀରେ ଧୀରେ ଡାକ୍ତରଖାନାକୁ ଚାଲିଲେ । ବିକାଶ ବାବୁ ଏଥର ନିଜର ସାଇକେଲର ବେଗ ବଢାଇବାରେ ଲାଗିଲେ । କିଛି ବାଟ ଆସିଲା ପରେ ସେ ବାଇପାସରେ ପହଁଚିଲେ ଓ ସେଠାରେ ଦୋକାନ ଗୁଡିକ ଜଳୁଥିବାର ଧୂଆଁରେ ପୁରା ବାଟ ଅନ୍ଧକାର ଦେଖା ଯାଉଥିଲା । ପୋଲିସ ଭାଇମାନେ ବିକାଶ ବାବୁଙ୍କୁ କହିଲେ ଜଲ୍‌ଦି ଜଲ୍‌ଦି ପଳାଓ । ଆମେ ଘଟଣାକୁ ଆୟତ୍ତ କରୁଛୁ । ବିକାଶ ବାବୁ ପୋଲିସ ମାନଙ୍କୁ ସ୍ୱାଗତ କରି ସେଠାରୁ ଇଚ୍ଛାପୁର ରାସ୍ତାରେ ଆଗେଇ ଚାଲିଲେ ।

କିଛି ବାଟ ଆସିଛନ୍ତି ଦେଖିଲେ କିଛି ମୁସଲମାନ ଟୋକା ଏକତ୍ରିତ ହୋଇ ହୋ ହଲ୍ଲା କରୁଛନ୍ତି । ବିକାଶ ବାବୁଙ୍କୁ ଦେଖି ଜଣେ ଟୋକା କୁଆଡୁ ଦଉଡି ଆସି ଗୋଟିଏ ମୋଟା ଦଣ୍ଡାରେ ମୁଣ୍ଡକୁ ବହୁତ ଜୋରରେ ପାହାରେ ଦେଲା । ମୁଣ୍ଡରୁ ନାଲି ରକ୍ତ ଡବ ଡବ ହୋଇ ବୋହିଆସିଲା । କିଛି ସମୟ ଅନ୍ଧକାର ଦେଖାଦେଲା । ସେଇ ଟୋକାଟି ଆଉ ଏକ ପାହାର ଦେବା ପୂର୍ବରୁ କିଛି ହୃଦୟବାନ ମୁସଲମାନ ଲୋକ ତାକୁ ଧରି ନେଇଥିଲେ । ବିକାଶ ବାବୁ ମାଡ଼ ଖାଇ ମଧ୍ୟ ନିଜ ସାଇକେଲ ଛାଡି ନ ଥିଲେ ।

ବିକାଶ ବାବୁଙ୍କ ମୁଣ୍ଡ ବୁଲେଇ ଦେଉଥାଏ । ତଣ୍ଟି ସୁଖୀ ଯାଉଥାଏ । ପାଣି ପାଣି ବୋଲି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିବାରୁ କେହିଜଣେ ଗୋଟିଏ ବୋତଲରୁ ପାଣି ପିଇବାକୁ ଦେଇଥିଲେ । ସେଇ ସମୟରେ ପୋଲିସ ଭାଇମାନେ ଆସିଯିବାରୁ କିଏ କୁଆଡେ ଦଉଡି ପଳେଇ ଯାଇଥିଲେ । ବିକାଶ ବାବୁ ପାଣି ପିଇ ଟିକେ ବସି ଯାଇଥିଲେ । ପୋଲିସ ଭାଇମାନେ ତାଙ୍କ ମୁଣ୍ଡରେ ମଲମ ଲଗେଇ ବାନ୍ଧି ଦେଇଥିଲେ । ଯନ୍ତ୍ରଣା ବଢିବାକୁ ଲାଗିଲା । ପୋଲିସ ଭାଇମାନେ ତାଙ୍କର ମାଛ ପେଟିକୁ ନିଜ ଘରକୁ ପଠେଇ ଦେଇ ବିକାଶ ବାବୁଙ୍କୁ ଭଦ୍ରକ ଜିଲ୍ଲା ଡାକ୍ତର ଖାନାକୁ ପଠେଇ ଦେଇଥିଲେ ।

ଡାକ୍ତରଖାନାରେ ବିକାଶ ବାବୁଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା । ତା ପରେ ତାଙ୍କୁ କିଛିଦିନ ସେଠାରେ ରହି ନିଜର ସମ୍ପୂର୍ଣ ଆରୋଗ୍ୟ ହେବା ପାଇଁ ବିଛଣା ଦିଆ ଯାଇଥିଲା । ବିଛଣା ସଂଖ୍ୟା ସାତରେ ଶୋଇଥାନ୍ତି ସେଇ ଚାଚା ଜଣଙ୍କ ଓ ଏପାଖ ବିଛଣା ସଂଖ୍ୟା ଅଠରରେ ଶୋଇଥାନ୍ତି ବିକାଶ ବାବୁ । ସରକାର ଭଦ୍ରକ ଦଙ୍ଗାକୁ ଆୟତ୍ତ କରି ସାରିଥିଲେ । ସହର ଓ ବଜାର ଧୀରେ ଧୀରେ ଶାନ୍ତ ହେବାକୁ ଲାଗିଲା ।

ବିକାଶବାବୁଙ୍କୁ ଦେଖି ସେଇ ଚାଚା ଜଣଙ୍କ କହିଲେ ଆରେ ବିକାଶ ବାବୁ ତମର ଏହି ଅବସ୍ଥା । ତମେ ସେଦିନ ମୋତେ ବଞ୍ଚେଇ ନଥିଲେ । ଆଜି ମୋ ଶବ କବରିସ୍ଥାନରେ ରହିଥାନ୍ତା । ଆପଣ ମୋ ପାଇଁ କେତେ ପରିଶ୍ରମ କଲେ, ମୁଁ ବଞ୍ଚିଥିବା ଯାଏ ଆପଣଙ୍କର ଋଣ ସୁଝି ପାରିବିନି । ବିକାଶ ବାବୁଙ୍କର ପୁରା ପରିବାର ଆସିଯାଇଥିଲେ । ଚାଚାଙ୍କର ପରିବାର ମଧ୍ୟ ଆସିଯାଇ ଥିଲେ । ଚାଚାଙ୍କର ପୁଅ ସେଇଠାରେ ଉପସ୍ଥିତ ଥିଲେ ।

ଯେ କଣ ଚାଚାଙ୍କର ପୁଅ ସଙ୍ଗେ ସଙ୍ଗେ ଉଠିଯାଇ ବିକାଶ ବାବୁଙ୍କ ପାଦ ଧରି କାନ୍ଦିବାକୁ ଲାଗିଲା । ମୋର ଭୁଲ ହେଇ ଯାଇଛି ମଉସା । ମୋର ବହୁତ ବଡ଼ ଭୁଲ ହୋଇ ଯାଇଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ତମେ ଏଇ ଚାଚାଙ୍କ ପୁଅ କି ?

ସଲିମ : ହଁ ମଉସା ମୋତେ ମାଫ କରିଦିଅ । ମୁଁ ସେଇ ଲୋକ ଯିଏ ହିନ୍ଦୁ ମୁସଲମାନ ଦଙ୍ଗାରେ ବଶବର୍ତ୍ତୀ ହୋଇ ତୁମକୁ ବାଡେଇ ଥିଲି । ମଉସା ଏବେ ମୁଁ ଅନୁଭବ କରୁଛି ତୁମର ଏଇ ଛୋଟ ଛୋଟ ପିଲାମାନଙ୍କୁ ଦେଖି ମୋ ହୃଦୟ ଫାଟି ଯାଉଛି ମଉସା । ସେଦିନ ଯଦି କିଛି ଅଘଟଣ ଘଟି ଯାଇଥାନ୍ତା ତେବେ ତୁମ ପରିବାର କଣ କରିଥାନ୍ତେ ? କେମିତି ଚଳିଥାନ୍ତେ ? ମୁଁ ଦୋଷୀ ମଉସା ! ମୁଁ ଦଣ୍ଡ ପାଇବା ଯୋଗ୍ୟ । ମୋତେ ଅଭିଶାପ ଦିଅ ମଉସା ମୋତେ ଦଣ୍ଡ ଦିଅ । ଯିଏ ମୋ ବାପାଙ୍କୁ ବଞ୍ଚେଇ ପାରିଲେ ଧର୍ମ ଜାତିର ବିଭିନ୍ନତା ନ ରଖି ମୁଁ ଏମିତି ଅପଦାର୍ଥ ସେଇ ମହାତ୍ମାଙ୍କୁ ଆଘାତ ଦେଲି ।

ସଲିମ ନିଜକୁ ନିଜେ କାନ୍ଦିବାକୁ ଲାଗିଲେ । ଆଖିରୁ ଝରି ଯାଉଥାଏ ଅନୁତାପର ଲୋତକ । ଜାବୁଡି ଧରିଥାନ୍ତି ବିକାଶ ବାବୁଙ୍କ ଗୋଡ଼ । କ୍ଷମା ଭିକ୍ଷା ପାଇଁ ଆତୁର କଣ୍ଠରେ କ୍ରନ୍ଦନ କରୁଥାନ୍ତି ସଲିମ । କହୁଥାନ୍ତି ହେ ଆଲ୍ଲା ରେହମ କର । ହେ ଆଲ୍ଲା ରେହମ କର । ଏମିତି କହି ହେଉଥାନ୍ତି ।

ବିକାଶ ବାବୁ ଜାତିରେ ମଳିକ ଓ ବ୍ୟବସାୟରେ ମତ୍ସ୍ୟଜୀବୀ ହେଲେ ମଧ୍ୟ ତାଙ୍କ ମଧ୍ୟରେ ଏମିତି ଏକ ପ୍ରତିମା ରହିଥିଲା ଯାହାକି ବାବୁ ପଦରେ ମଣ୍ଡିତ କରୁଥିଲା । ଆଉ କହି ଉଠିଲେ, “ସଲିମ ଭୁଲ ତୋର ନାହିଁରେ । ଭୁଲଟା ଏଇ ସମାଜର । ଯିଏ ଆମ ମାନଙ୍କୁ ଜାତି ଧର୍ମ ଭଳି ସୁତାରେ ବାନ୍ଧି ବିବିଧତା ସୃଷ୍ଟି କରିଛି । ତୁ ସେଇ ପରିସ୍ଥିତିରେ ଥିଲୁ ଯାହାକି ତୋ ଜାତି ଓ ତୋ ଧର୍ମ ପାଇଁ ତୋତେ ଅମାନୁଷିକ କାର୍ଯ୍ୟରେ ଲିପ୍ତ କରିବାକୁ ବାଧ୍ୟ କରିଥିଲା । ହେଲେ ଥରେ ଭାବିଦେଖ ତୋ ବାପା ମରିଯାଇଥିଲେ ତୁମ ପରିବାର କେମିତି ଚଳିଥାନ୍ତେ । ତୁ ପାଠ ପଢୁଛୁ ଆଉ ତୋର ସାତ ଭାଇ ଭଉଣୀ କେମିତି ଚଳିଥାନ୍ତେ । ମୁଁ

 Magazine Downloaded from www.aahwaan.com

ମଧ୍ୟ ଆଜି ମରିଯାଇଥିଲେ ମୋ ସ୍ତ୍ରୀ ଓ ପିଲାମାନେ ଭୋକ ଉପାସରେ ଡହଳ ବିକଳ ହୋଇ ଥାନ୍ତେ । ତେଣୁ କୌଣସି ଘଟଣାର ଆମେ ବିଚାର କରିବା ଉଚିତ । ସିଏ ଯେଉଁ ଜାତି ହେଉ କି ଧର୍ମ ସମସ୍ତଙ୍କର ସମାନ ଅଧିକାର ଅଛି ଏହି ଦୁନିଆରେ ବଞ୍ଚିବା ପାଇଁ । ସମସ୍ତଙ୍କୁ ସମାନ ନ୍ୟାୟ ମଧ୍ୟ ମିଳିବା ଦରକାର । ତେଣୁ ଆମେ ସମସ୍ତେ ଭାଇ ଭାଇ ହୋଇ ଏଇ ଦୁନିଆର କର୍ମ ଭୂମିରେ ନିଜର ସୀମିତ ଜୀବନ ଦୀପକୁ ଜଳେଇ ଖୁସିରେ ନିଜର ଜୀବନ ଅତିବାହିତ କରିବା ଆବଶ୍ୟକ । ବୁଝିଲୁ ସଲିମ ତେଣୁ ପାଠ ପଢ଼ିଦେଲେ ହୁଏ ନାହିଁ । ପାଠର ମୁଖ୍ୟ ଠିକଣା ପ୍ରମାଣ ପତ୍ର ନୁହେଁ । ପାଠର ମୁଖ୍ୟ ଠିକଣା ହେଉଛି ମାନବିକତା । ଯାହାକି ସେଇଟା ମୁଁ ଜାତି ଧର୍ମ ନ ଦେଖି ତୋ ବାପା ପାଇଁ ପରିପ୍ରକାଶ କରିଥିଲି । ହେଲେ ମୁଁ ପାଠ ପଢିନାହିଁ । ମୁଁ କେବଳ ପଇସା ହିସାବ କରିପାରେ । ହେଲେ ମାନବିକତା ଗୁଣ ନ ରହିଥିଲେ ତୋ ବାପା ମୁସଲମାନ ବୋଲି କହି ମୁଁ ମଧ୍ୟ ତାଙ୍କୁ ଆଘାତ ଦେଇ ମୃତ୍ୟୁ ମୁଖକୁ ପେଲି ଦେଇଥାନ୍ତି । ତେଣୁ ବିଦ୍ୟା ସହିତ ମାନବିକତା ଗୁଣ ହିଁ ମହାନ ।

ବିକାଶ ବାବୁ ସଲିମକୁ କ୍ଷମା କରି ଦେଇଥିଲେ ଓ ସଲିମ ମଧ୍ୟ କଥା ଦେଇଥିଲା ବିକାଶ ବାବୁଙ୍କୁ ମଉସା ଆଉ ଏମିତି ସମୟ ଆସିବ ନାହିଁ ଆମ ଭଦ୍ରକରେ ପୁଣି ଦଙ୍ଗା ହେବ ତେଣୁ ଆମେ ଉଭୟ ହିନ୍ଦୁ ମୁସଲମାନ ମିଳିତ ଭାବରେ ଏଥିପାଇଁ ଧ୍ୟାନ ଦେବୁ । ସେଇଦିନ ଠାରୁ ସଲିମ ଉଭୟ ହିନ୍ଦୁ ଓ ମୁସଲମାନ ଉଭୟଙ୍କ ମଧ୍ୟରେ ଶାନ୍ତି ଶୃଙ୍ଖଳା ରହିବା ପାଇଁ କାର୍ଯ୍ୟ କରିଥିଲେ । ଭାରତ ମାତା କି ଜୟ ଗାନ କରି ନିଜର ଜୀବନ ପଥରେ ଆଗେଇ ଚାଲିବା ହେଉଛି ଆମର ଧର୍ମ । ଜୟ ହିନ୍ଦ....ବନ୍ଦେ ମାତରଂ

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ,

ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରିୟସାଥୀ ମୋର



ଅଙ୍କିତା ପାତ୍ରୀ

ନଦୀ କୂଳରେ ଗୋଟିଏ ଛୋଟିଆ ଗାଁରେ ରହନ୍ତି ଅଂଶୁ ନାମରେ ଜଣେ ସରଳ ଓ ଶାନ୍ତ ପିଲା । ସେ ନିଜର ପଢ଼ା ଦଶମ ପାଖରୁ ବନ୍ଦ ହୋଇ ଯାଇଥିଲା କାରଣ ତାଙ୍କ ପରିବାରର ଆର୍ଥିକ ଅବସ୍ଥା ଶିଥିଳ ଥିଲା । ତେଣୁ ଅଂଶୁ ଘରର ପରିସ୍ଥିତି ସୁଧାରିବା ପାଇଁ ଗୋପାଳନ କଲେ । ଗୋପାଳନ କରିବାକୁ ସେ ବ୍ୟାଙ୍କ ଋଣ ସଦୃଶ କୋଡିଏ ହଜାର ଟଙ୍କା ଉଠାଇଥିଲେ । ଦୁଇଟି ଗାଈ କିଣିଥିଲେ ଓ ହୃଦୟ ଦେଇ ତାର ହେପାଜତ କରିଥିଲେ । ଗାଈ ଦୁଇଟିକୁ ନିଜ ପରିବାର ସଦସ୍ୟ ଭଳି ଭାବି ନେଇଥିଲେ ଅଂଶୁ ।

ରାତି ପାହିଲେ ଉଠି ପଡି ଗାଈ ଦୁଇଟିଙ୍କର ସେବାରେ ଲାଗି ଯାଆନ୍ତି । ସେମାନଙ୍କର ସମସ୍ତ ଅଳିଆ ଯେପରିକି ଗୋବର, ମୂତ୍ର ଆଦି ସମ୍ପୂର୍ଣ୍ଣ ରୂପେ ସଫା କରନ୍ତି । ତା'ପରେ ଗାଈ ଦୁଇଟିକୁ ଚାରା ଦିଅନ୍ତି । ପେଜ ତୋରାଣୀ ଦେଇ ପଡିଆ କିଆରୀକୁ ଘାସ କାଟିବାକୁ ପଳେଇ ଯାଆନ୍ତି । ଏମିତି କିଛିଦିନ କରିବା ପରେ ଦୁଇଟି ଯାକ ଗାଈ ଗର୍ଭବତୀ ହୋଇଥିଲେ । ସେମାନଙ୍କର ମଧ୍ୟ ଦୁଇଟି ମାଈ ପିଲା ଜନ୍ମ ହୋଇଥିଲେ । ଅଂଶୁ ବହୁତ ଖୁସି ହୋଇ ଯାଇଥିଲେ । ନିଜର ଗୋପାଳନ ସାର୍ଥକ ସ୍ୱରୂପୁ ଏବେ ଅଂଶୁ ଦୁଗ୍ଧ ଦୁହିଁ ବିକିବା ଆରମ୍ଭ କଲେ । ଦୈନିକ ପାଞ୍ଚ ଶହ ଟଙ୍କା ଭଳି ସେ ରୋଜଗାର କରି ପାରୁଥିଲେ ।

ଅଂଶୁର ବାପା ଭାସ୍କର ବାବୁ ଓ ମାଆ ମାଆ ଲକ୍ଷ୍ମୀଦେବୀ ଅଂଶୁ ଉପରେ ବହୁତ ପ୍ରସନ୍ନ ଥିଲେ । ଅଂଶୁ ବୟସର ପିଲାମାନେ ପାଠ ପଢୁଛନ୍ତି । ହେଲେ ଅଂଶୁ ଏବେ ମାସିକ ପନ୍ଦର ହଜାରରୁ କୋଡିଏ ହଜାର ରୋଜଗାର କରୁଛନ୍ତି ଦେଖି ବାପା ଭାସ୍କର ବାବୁ ବହୁତ ଖୁସି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲେ । ଏବେ ନିଜର ଆବଶ୍ୟକୀୟ ଉପାଦାନ କିଣିବାରେ ସକ୍ଷମ ହୋଇ ପାରିଥିଲେ ଅଂଶୁ । ଏଥି ସହିତ ଅଂଶୁ ନିଜର ଗୋଶାଳା ମଧ୍ୟ ଭଲଭାବେ ସଜାଡି ଦେଲେ । ଦୁଇଟି ଗାଇରୁ ଅଂଶୁ ପାଖରେ ଏଇନେ ଦଶ ଗୋଟି ଗାଇ ହୋଇ ଯାଇଥିଲେ । ଧୀରେ ଧୀରେ ରୋଜଗାର ବଢି ଚାଲିଲା । ଅଂଶୁ କିଛି ଜମି କିଣି ସେଥିରେ ଘାସ ଚାଷ କଲେ । ଦୈନିକ ଗାଇ ମାନଙ୍କୁ ଆବଶ୍ୟକ ପରିମାଣରେ ଘାସ ସେହି ଜମିରୁ ପାଇ ପାରୁଥିଲେ ।

ନିଜର ରୁଗୁଣା ବାପାଙ୍କୁ ଡାକ୍ତରୀ ଚିକିତ୍ସା କରିବାକୁ ଅଂଶୁ ଭଲ ଡାକ୍ତର ଦେଖାଇଥିଲେ । ନିଜର କର୍ମ ବଢି ଚାଲିଥିଲା ଏଥି ସହିତ ନିଜ ବାପାଙ୍କୁ ସୁସ୍ଥ କରି ପାରିଲେ ନିଜ କର୍ମରେ ସେ ସାହାଯ୍ୟ କରିପାରିବେ ।

ଅଂଶୁର ସାଙ୍ଗମାନେ ଆଜି କାଲି ଅଂଶୁ ଉପରେ ବହୁତ ଇର୍ଷୁକ ହେଇଯାଇଛନ୍ତି । ଅଂଶୁ ଏକ ସୁନ୍ଦର ବାଇକ କିଣି ରାଜା ଭଳି ବୁଲୁଥାଏ ଏପଟ କାମରୁ ସେପଟ କାମ । ଆଜିକାଲି ତାଙ୍କର ଖାତିରି ବଢି ଯାଇଥାଏ । ପରିଶ୍ରମୀ ଲୋକର କୌଣସିରେ ଅଭାବ ଭଗବାନ ରଖନ୍ତି ନାହିଁ । ତେଣୁ ଭଲ ପାଠପଢି ଭଲ ରୋଜଗାର କରିବା ଠାରୁ ଅଧିକରେ ଥିଲେ ଅଂଶୁ । ସମସ୍ତେ ବହୁତ ପ୍ରସଂଶା କରନ୍ତି ଅଂଶୁଙ୍କର ।

ଏବେ ମାସିକ ଲକ୍ଷ ଲକ୍ଷ ଟଙ୍କା ଦୁଗ୍ଧ ବ୍ୟବସାୟରୁ ଅଂଶୁ ପାଖକୁ ଆସୁଥିଲା । ବାପା ଭାସ୍କର ବାବୁ ମଧ୍ୟ ଏବେ ଟିକେ ସୁସ୍ଥ ଜଣା ପଡୁଛନ୍ତି । ସେ ମଧ୍ୟ ଅଂଶୁ କାମରେ ସାହାଯ୍ୟ କରିବାକୁ ଆଗେଇ ଆସିଲେ । ଧନ୍ଦା ସୁରୁଖୁରୁରେ ଚାଲିଲା ।

ଅଂଶୁଙ୍କ ସାଥୀରେ ପଢୁଥିଲେ ଚନ୍ଦୁ । ଚନ୍ଦୁ ଭଲ ପାଠ ପଢ଼ନ୍ତି ହେଲେ ବହୁତ ଈର୍ଷାଳୁ ପରାୟଣ । ଅନ୍ୟ ସାଙ୍ଗଙ୍କ ଅପେକ୍ଷା ଅଂଶୁର ଅତି ପ୍ରିୟ ସାଙ୍ଗ ଚନ୍ଦୁ ଥିଲେ । ଚନ୍ଦୁ ଯେତେବେଳେ ଦେଖିଲେ ଅଂଶୁ ଏବେ ପାଠ ପଢା ଛାଡି ବ୍ୟବସାୟ କରି ବହୁତ ଆଗକୁ ବଢି ଚାଲିଛି ସେ ବହୁତ ଇର୍ଷା କରିଥିଲେ । ସବୁବେଳେ ଅଂଶୁ ପାଖକୁ ଆସନ୍ତି ଆଉ କୁହନ୍ତି ଅଂଶୁ

 Magazine Downloaded from www.aahwaan.com

ତୁ ତ ମୂର୍ଖ ହେଲୁ ଦେଖ ମୁଁ ବି.ଏ. ରେ ପ୍ରଥମ ହେଇଛି । ହେଲେ ଅଂଶୁ କୁହନ୍ତି ହଁରେ ଚନ୍ଦୁ ତୋ ବାପାଙ୍କର ତୋତେ ପଢେଇବାକୁ ପଇସା ଥିଲା ତେଣୁ ପଢି ପାରିଲୁ ଓ ମୋ ବାପାତ ରୁଗୁଣା ଥିଲେ । ସେ କେଉଁଠୁ ମୋତେ ପଢିବାକୁ ପଇସା ଦେଇଥାନ୍ତେ କହିଲୁ ।

ପୁଣି ଅଂଶୁ କୁହନ୍ତେ, "ମୋ ସାଙ୍ଗ ଜଣେ ଭଲ ପଢି ଭଲ ମଣିଷଟିଏ ହେଲେ ଗୌରବର କଥା । ମୁଁ ବହୁତ ଖୁସି ହେବି ।"

ଚନ୍ଦୁ ପଳେଇ ଯାଆନ୍ତି କିଛି ନ କହି । ହେଲେ ଉପରେ ପାଣିଛିଞ୍ଚି ନିଆଁ ଲଗେଇବା ଉଦ୍ଧେଶ୍ୟରେ ଥାଆନ୍ତି ଚନ୍ଦୁ । ସବୁବେଳେ ସୁଯୋଗ ଖୋଜନ୍ତି କଣ କଲେ ଅଂଶୁ ବରବାଦ ହେବ । ମନେ ମନେ ଜଳି ଯାଇଥାନ୍ତି ଚନ୍ଦୁ ଅଂଶୁ ଉପରେ ।

ଦିନେ ଚନ୍ଦୁ ଆସି ଦେଖିଲେ ଜଣେ ଦୁଗ୍ଧ ବେପାରୀ ଆସି ଚନ୍ଦୁଙ୍କୁ ପାଞ୍ଚ ଲକ୍ଷ ଟଙ୍କା ଦେଇଗଲେ ଯାହାକି ଚନ୍ଦୁଙ୍କ ସାମନାରେ । ଅଂଶୁ କହିଲେ ଚନ୍ଦୁ କିଛି କିଣି ଖାଇବୁ ଯଦି ନେଇ ଯାଅ ଏହି ଶହେ ଟଙ୍କା । ଆଉ ଗୋଟେ କଥା ଜାଣିଛୁ ଏହି ବେପାରୀ ଜଣଙ୍କ ଛଅ ମାସ ହୋଇ ଗଲାଣି ଦୁଗ୍ଧ ନେଇ ପଇସା ବାକି ରଖିଥିଲେ ଆଉ ଆଜି ସବୁ ପଇସା ଦେଇ ଗଲେ । ବେପାର କରିଲେ ଧୈର୍ଯ୍ୟ ରହିବା ଦରକାର ତା ସହିତ ବିଶ୍ୱାସ ରହିବା ଦରକାର ତେଣୁ ମୁଁ ତାଙ୍କୁ ବିଶ୍ୱାସ କରେ ଆଉ ପରିଶ୍ରମର ପଇସା କେହି ଗୋଟେ ଟଙ୍କା ଖାଇ ପାରିବେ ନାହିଁ ଚନ୍ଦୁ ।

ଚନ୍ଦୁ କହିଲେ, "ଆଚ୍ଛା ସେଇ ଲୋକ ଯଦି ତୋତେ ପଇସା ଦେଇ ନଥାନ୍ତେ ତେବେ ତୁ କଣ କରିଥାନ୍ତୁ ।"

ଅଂଶୁ : "ଜାଣିଲୁ ସେଇ ଲୋକ ଜଣଙ୍କ ମୋ ସହିତ ତିନି ବର୍ଷ ଧରି ବେପାର କରୁଛନ୍ତି । ଆଉ ତାଙ୍କର ସୁବିଧା ଦେଖି ସେ ପାଉଣା ପଇଠ କରନ୍ତି । କେବେ ବି ମୋର ଗୋଟେ ଟଙ୍କା ବୁଡେଇବେ ନାହିଁ ।

 Magazine Downloaded from www.aahwaan.com

ମଣିଷର ପତିସ୍ଥିତି ରହିଛି ଓ ଆମକୁ ବ୍ୟବସାୟରେ ପରିସ୍ଥିତି ବିଷୟରେ ବୁଝିବା ଦରକାର । ତେଣୁ ମୁଁ ତାଙ୍କୁ ବିଶ୍ୱାସ କରେ । ବୁଝିଲୁ ଚନ୍ଦୁ ଏମିତି ବ୍ୟବସାୟ କରାଯାଏ । ତୁ ତ ଭଲ ପଢୁଛୁ ଚାକିରୀ କରିବୁ । ହେଲେ ମୋ ଭାଗ୍ୟ କାହିଁ ।

- ଆଉ କହନାରେ ଅଂଶୁ । ତୁ ଏଇନେ ଯେତିକି ରୋଜଗାର କରି ପାରୁଛୁ ସେତିକି ଜଣେ ମୁଖ୍ୟମନ୍ତ୍ରୀଙ୍କର ଦରମା ନଥିବ । ହଉ ମୁଁ ଆସୁଛି ତୋ ପଇସା ରଖ । କହି ପଳେଇ ଯାଇଥିଲେ ଚନ୍ଦୁ । ମନେ ମନେ ବହୁତ ଜଳି ଯାଉଥିଲେ । କାରଣ ନିଜ ସାଙ୍ଗ ଅଂଶୁ । ନିଜ ଗାଁ ପିଲା । ନିଜ ସହପାଠି ମଧ୍ୟ । ଏବେ ଆଖ ପାଖରେ ଜଣେ ବଡ ଦୁଗ୍ଧ ବେପାରୀ । କାହାରି ଦୁଗ୍ଧ ଆବଶ୍ୟକ ପଡ଼ିଲେ ଅଂଶୁ ଯୋଗେଇ ଦିଅନ୍ତି ।

ଚନ୍ଦୁଙ୍କୁ ରାତି ସାରା ନିଦ ହେଲା ନାହିଁ । ମୋ ଜନ୍ମରୁ ମୁଁ ଲକ୍ଷେ ଟଙ୍କା କେବେ ଦେଖିନି ହେଲେ ଚନ୍ଦୁ ମୋରୀ ସାଙ୍ଗ, ଖାଇବାକୁ ପାଏ ନାହି । ଛିଣ୍ଡା ଗୁନ୍ଥା ପିନ୍ଧିକରି ଆସିଥାଏ ବିଦ୍ୟାଳୟ । ଆଜି ସେ କୋଟିପତି ହେବାକୁ ଯାଉଛି । ଏମିତି ବହୁତ ଭାବୁଥାନ୍ତି ଚନ୍ଦୁ । ରାତି ପାହି ସକାଳ ହେଲା । ସେ ସିଧା ଆସି ପହଞ୍ଚିଲେ ଅଂଶୁ ପାଖରେ ଆଉ ଦେଖିଲେ ଅଂଶୁ ଘାସ କିଆରୀରେ ବିଷ ଦେବାକୁ ପ୍ରସ୍ତୁତ ହେଉଛନ୍ତି ଓ ଲୋକମାନେ ଦୁଗ୍ଧ ଦୁହିଁବାରେ ବ୍ୟସ୍ତ । ଏଇ ସୁଯୋଗରେ ଚନ୍ଦୁ ବିଷ ବୋତଲରେ ଥିବା ବିଷରୁ କିଛି ଦୁଗ୍ଧ ହାଣ୍ଡିରେ ଢାଳି ଦେଇଥିଲେ । ପୁରା ହାଣ୍ଡି ବିଷାକ୍ତ ହୋଇ ଯାଇଥିଲା । ଚନ୍ଦୁ ଆଉ କିଛି କାହାରିକୁ ନ କହି ସିଧା ଘରକୁ ପଳେଇ ଗଲେ । ଘରେ ଯାଇ ପ୍ରସ୍ତୁତ ହୋଇ କଲେଜ ଚାଲିଗଲେ ।

କଲେଜରେ ପଢ଼ାପଢିରେ ବ୍ୟସ୍ତ ଥାଆନ୍ତି ଘରୁ ଫୋନ ଆସିଲା ଯେ କି ବାପାଙ୍କ ଅବସ୍ଥା ବହୁତ ଖରାପ ଓ ସେ ଏବେ ଡାକ୍ତରଖାନାରେ ଅଛନ୍ତି । ଜୀବନ ମରଣ ସହିତ ସଂଗ୍ରାମ କରୁଛନ୍ତି । ତାଙ୍କ ପାଟିରୁ ଗରଳ ବାହାରି ପଡ଼ିଲାଣି । ଚନ୍ଦୁ ଏଇ କଥା ଶୁଣି ତାଙ୍କର ମୁଣ୍ଡରେ ଚଡକ ପଡିଗଲା । ତାଙ୍କୁ ଚାରିଆଡ଼ ଅନ୍ଧକାର ଦେଖାଗଲା । ସେ ସଙ୍ଗେ ସଙ୍ଗେ

 Magazine Downloaded from www.aahwaan.com

କଲେଜରୁ ଡାକ୍ତରଖାନା ଅଭିମୁଖେ ଯାତ୍ରା ଆରମ୍ଭ କରିଦେଲେ । ଡାକ୍ତରଖାନାରେ ପହଞ୍ଚି ଜାଣିଲେ ତୁମ ବାପା ବିଷ ପିଇ ଦେଇଛନ୍ତି ।

ବାପା କାହିଁକି ବିଷ ପିଇଲେ ବୋଲି ଭାବି ଚାଲିଲେ ଓ ମାଆଙ୍କୁ ପଚାରିଲା ବାପା କାହିଁକି ବିଷ ପିଇଲେ । ମାଆ କହିଲେ ସେ ସୁସ୍ଥ ମଣିଷ ବିଷ କାହିଁକି ପିଇବେ । ସକାଳେ ଉଠି ଦୋକାନରୁ ଦୁଗ୍ଧ ଆଣିବାକୁ ଯାଇଥିଲେ ହେଲେ ପୁଣି ଆସି କହିଲେ ଦୋକାନରେ ଦୁଗ୍ଧ ବିଳମ୍ବରେ ମିଳିବ ଆଉ ମୁଁ ଯାଉଛି ଅଂଶୁ ପାଖରୁ ତଟକା ଦୁଗ୍ଧ ନେଇ ଆସିବି କହି ଚାଲିଗଲେ । ଆଉ ଅଂଶୁ ଆଜି ଦୁଇ ଲିଟର ଦୁଗ୍ଧ ବିନା ମୂଲ୍ୟରେ ଯାଚି ଯାଚି ଦେଇ ଦେଇଥିଲା । ତୋ ବାପା ଆଜି ରାବିଡ଼ି ଚାହା ପିଇଥିଲେ । ସେ ଚାହା ପିଇସାରିବା ପରେ ତାଙ୍କୁ ବାନ୍ତି ହୋଇଥିଲା । ଆମେ ଡାକ୍ତରଖାନା ନେଇ ଆସିଲୁ ।

ଚନ୍ଦୁ ନିଜର ଭୁଲ ବୁଝି ପାରିଥିଲେ । ଯିଏ ଯାହା ପାଇଁ ଗାତ ଖୋଳେ ସେ ସେଇ ଗାତରେ ପଡେ । ତେଣୁ ଚନ୍ଦୁ ପାଇଁ ନିଜ ବାପା ହେଉଛନ୍ତି ଭଗବାନ । ରୋଜଗାର କହିଲେ ବାପା ହିଁ ମୁଖ୍ୟ । ଜଣେ ସରକାରୀ ବିଦ୍ୟାଳୟର ଶିକ୍ଷକ । ବାପାଙ୍କର କିଛି ଯଦି ହେଇଯାଏ ତେବେ ଆମ ପରିବାର ପେଟକୁ ଦାନା ପାଇବୁ ନାହିଁ । ପାଠ ପଢିବା ତ ଦୂରର କଥା ଦାନା ହୀନ ହେଇଯିବୁ । ଚନ୍ଦୁ ମନରେ ଏକ ଅଜଣା ଭୟ ଖେଳି ଯାଇଥିଲା ଓ ସେ ସଙ୍ଗେ ସଙ୍ଗେ ନିଜ ମାଆଙ୍କୁ କହି ଦେଇଥଲେ ମାଆ ମୁଁ ଆଜି ସକାଳେ ଅଂଶୁ ଘରକୁ ଯାଇଥିଲି ଓ ସେ ଭଲ ରୋଜଗାର କରୁଛି ଦେଖି ମୋର ବହୁତ ଇର୍ଷା ହେଉଥିଲା । ସେ ମୋଟ ଅଙ୍କରେ ପଇସା ଗଣୁଥିବାର ଦେଖି ମୋ ଦେହ ଜଳିଯାଏ ତେଣୁ ଅଂଶୁ ଘାସ ବିଷ ଦେଉଥିବାର ଦେଖି ସେଇ ବିଷରୁ କିଛି ଲୁଚେଇ ତା କ୍ଷୀର ହାଣ୍ଡିରେ ଢାଳି ଦେଇଥିଲି । ତାକୁ ବଦନାମ କରି ତା ବେପାର ବନ୍ଦ କରିବି ଭାବିଥିଲି । ତାକୁ ବରବାଦ କରିଦେବି ଭାବିଥିଲି । ତାକୁ ଜେଲରେ ରଖିଦେବି ଭାବିଥିଲି ହେଲେ ମାଆ ମୋ ଭୁଲ କଣ ମୋ ଉପରେ ପଡିଗଲା । ମାଆ ମୁଁ

 Magazine Downloaded from www.aahwaan.com

ବହୁତ ବଡ଼ ଭୁଲ କରିଛି । ସେଇ ଦୁଗ୍ଧପାନ କରି ହଜାର ହଜାର ଲୋକ ମରିଯିବେ ! ଏବେ କଣ କରିବି ମାଆ ।

ଠିକ ସେଇ ସମୟରେ ଅଂଶୁ ଶୁଣିପାରି ସେଇ ଡାକ୍ତରଖାନାରେ ପହଞ୍ଚି ଯାଇଥିଲେ । ଆଉ କହିଥିଲେ, "ଚନ୍ଦୁ ଜାଣିଛୁ ତୋ ବାପା ବିଷାକ୍ତ ଦୁଗ୍ଧ ପିଇଛନ୍ତି । ମୋର କୌଣସି ଭୁଲ ପାଇଁ ଆଜିର ଦୁଗ୍ଧ ବିଷାକ୍ତ ହେଇ ଯାଇଛି ମୁଁ ଜାଣି ପାରି ଏଠାକୁ ଆସିଛି ଆଉ ଯାହା ଖର୍ଚ୍ଚ ହେବ ମୁଁ ଦେବି ଓ ତୁମ ବାପାଙ୍କୁ ଭଲ କରିବି । ତୁମେ କୌଣସି ଆଇନର ଶରଣ ନିଅ ନାହିଁ କି ଥାନାକୁ ଯାଅ ନାହିଁ । ମୁଁ ନଥିଲି ଓ ସେଇଥି ପାଇଁ ମୋ ଲୋକମାନେ ତୁମ ବାପାଙ୍କୁ ଦୁଗ୍ଧ ଦେଇ ଦେଇଛନ୍ତି । କାରଣ ତୁମ ବାପା ଆଜି ବାଧ୍ୟ କରି ଦୁଗ୍ଧ ନେଇଛନ୍ତି ତେଣୁ ମୁଁ ଦୁଃଖିତ । ଜାଣିଛୁ ଚନ୍ଦୁ ମୁଁ ଆଜି ଘାସ ବିଲକୁ ଯିବାର କାରଣ ଘାସ ବିଲରେ ପୋକ ଲାଗି ଯାଇଥିଲେ । ପୋକଲଗା ଘାସ ଖାଇ ଗାଇମାନେ ବେମାର ପଡିବେ । ତେଣୁ ମୁଁ ଆଜି ସକାଳେ କୌଣସି ବେପାରୀଙ୍କୁ ଦୁଗ୍ଧ ନ ଦେବାକୁ କହି ବିଲକୁ ଚାଲି ଯାଇଥିଲି । ଲୋକ ମାନେ ମୁଁ ଦୁଗ୍ଧ ପରୀକ୍ଷା ନ କରିବା ଯାଏ କାହାରିକୁ ଦୁଗ୍ଧ ଦିଅନ୍ତି ନାହିଁ । ହେଲେ ତୋ ବାପା ମୋ ସାଙ୍ଗର ବାପା ଭାବି ମୋ ଲୋକ ମାନେ ଦୁଗ୍ଧ ଦେଇ ଦେଇଛନ୍ତି । ତେଣୁ ମୁଁ ଦୁଃଖିତ ।

- ଆଚ୍ଛା କହିଲୁ ତୁ ସେଇଟା ବିଷାକ୍ତ କି ଭଲ ଦୁଗ୍ଧ ବୋଲି କେମିତି ଜାଣିଥାନ୍ତୁ ?

- ମୋର ଚାରୋଟି ବିଲେଇ ଅଛନ୍ତି । ସେମାନଙ୍କୁ ମୁଁ ପେଟପୁରା ଦୁଗ୍ଧ ପ୍ରଥମେ ପିଆଏ । ତାପରେ ବେପାରୀଙ୍କୁ ଦିଏ । ଆଜି ଯେତେବେଳେ ମୁଁ ଗୋଟେ ବିଲେଇକୁ ଦୁଗ୍ଧ ପିଆଇଲି ସେ ହଠାତ ପିଇ ଦେଇ ଅଜବ ପ୍ରକାର ହେଲା ତା ପରେ ବେହୋସ ହୋଇଗଲା । ପୁଣି ଆଉ ଗୋଟେ ବିଲେଇକୁ ଦେଲି ସେ ମଧ୍ୟ ସେମିତି ହେଇ ବେହୋସ ହୋଇଗଲା ଆଉ ଜାଣି ପାରିଲି ଆଜିର ଦୁଗ୍ଧରେ କିଛି ଗଡ଼ବଡ଼ ହୋଇଛି ଓ ତା ପରେ ପଚାରିଲି ଯେ ତୁମେ ଦୁଗ୍ଧ କାହାକୁ ଦେଇଛ କି ଆଉ ସେମାନେ କହିଲେ ହଁ ଚାନ୍ଦୁବାବୁଙ୍କ ବାପାଙ୍କୁ ଦୁଇ ଲିଟର

 Magazine Downloaded from www.aahwaan.com

ଯାଚଯାଚି ଦେଇଛୁ ଓ ସେ ପଇସା ଯାଚିବାରୁ ନେଲୁ ନାହିଁ କାଳେ ଆପଣ ରାଗିବେ । ସେଇଠୁ ମୁଁ ତୁମ ଘରକୁ ଆସିଲି ଓ ତୁମ ଘରେ ମୋତେ ଲୋକମାନେ ଏଇ ଅଘଟଣ ବୋଲି କହିଲେ । ମୁଁ ଡାକ୍ତରଖାନାକୁ ଧାଇଁ ଆସିଲି ଚନ୍ଦୁ । ତୁ ଯାହା ମାଗିବୁ ନେଇଯା ହେଲେ ମୋ ନାଁରେ ଥାନାରେ କି ପୋଲିସକୁ କିଛି କହିବୁ ନାହିଁ ଚନ୍ଦୁ ।

ଏମିତି କହି ଅଂଶୁ ଚନ୍ଦୁ ଓ ତା ମାଆଙ୍କର ଗୋଡ଼ ଧରି କାନ୍ଦି ପକେଇଲା ଅଂଶୁ । ତୁମେ ଯାହା ଚାହିଁବ ଦେବି । ମଉସାଙ୍କ ଭଲ ହେବା ପର୍ଯ୍ୟନ୍ତ ମୁଁ ଚେଷ୍ଟା କରିବି । ବଡ଼ ଡାକ୍ତରଖାନାରେ ଚିକିତ୍ସା ଦେବି ମୋତେ କ୍ଷମା କରିଦିଅ କହି କାନ୍ଦିବାକୁ ଲାଗିଲା ଅଂଶୁ । ଡାକ୍ତରଖାନାର ବେଡ଼ ଉପରେ ଶୋଇଥାନ୍ତି ଚନ୍ଦୁଙ୍କର ବାପା । ପାଇପ ଲଗାଯାଇ ପେଟ ସଫା କରାଯାଉଛି । ଏଇ ସମୟରେ ଏମିତି ଏମାନଙ୍କ ଭିତରେ କଥାବାର୍ତ୍ତା ଚାଲିଛି । ଚନ୍ଦୁଙ୍କ ମାଆ ହଠାତ ଚନ୍ଦୁ ଆଡକୁ ଅନେଇ ବିଶ୍ୱାସଘାତକ କହି ଗାଲ ମୁଳିକୁ ଦୁଇ ଜବଡା ଦେଇ କହିଲେ, "ନାଇଁରେ ଅଂଶୁ ପ୍ରକୃତ ଦୋଷୀ ମୋ ପୁଅ ଚନ୍ଦୁ । ତୋ ଭଳି ଚାଲାକ ପୁଅ ଭାଗ୍ୟରେ ଥିଲେ ମିଳେ । ଏଇ କୁଳାଙ୍ଗାର ତୋ ଉପରେ ଈର୍ଷାଳୁ ହୋଇ ତୋ ପାଖକୁ ଯାଇ ତୋ ଦୁଗ୍ଧ ହାଣ୍ଡିରେ ବିଷ ଢାଳିଛି । ସାଙ୍ଗ ନାଆଁରେ ୟେ ହିଁ କଳଙ୍କ । ହେଲେ ତୁ ବହୁତ ଚାଲାକ ବୋଲି ଲୋକ ମାନଙ୍କୁ ବଞ୍ଚେଇ ପାରିଲୁ । ତୁ ହିଁ ଜୀବନର ଚଲାପଥରେ ଜଣେ ସୁସ୍ଥ ଓ ଶକ୍ତ ବେପାରୀ ପୁଅ ହୋଇ ଦୁନିଆକୁ ଓ ନିଜ ବାପା ମାଆଙ୍କର କୁଳ ମଣ୍ଡନ କରିପାରିବୁ ।

ଚନ୍ଦୁ କାନ୍ଦି ପକେଇଥିଲେ ଓ ଅଂଶୁର ପାଦ ତଳେ ପଡି ଯାଇଥିଲେ ଆଉ କହିଥିଲେ ମୋତେ ଗୋଟିଏ ଉଚିତ ଶିକ୍ଷା ମିଳିଲାରେ ଅଂଶୁ । ମୁଁ ସିନା ପାଠ ପଢ଼ିଛି ହେଲେ ମୋ ଭିତରେ ମାନବିକତା ନ ଥିଲା । ମୋ ଅନ୍ତରାତ୍ମା ଅନ୍ଧ ହେଇଯାଇଥିଲା ଈର୍ଷା ଓ ଅହମିକାରେ । ସାମ୍ବାଦିକ ସହିତ ପୋଲିସ ଘଟଣାସ୍ଥଳକୁ ଆସିଯାଇଥିଲେ ଓ ସେମାନଙ୍କ ସମ୍ନାରେ ସମ୍ପୂର୍ଣ୍ଣ ସତ କହି ଚନ୍ଦୁ ନିଜକୁ ଦୋଷୀ ପ୍ରମାଣ କରିଥିଲେ । ପ୍ରତ୍ୟେକ ଖବର

 Magazine Downloaded from www.aahwaan.com

କାଗଜର ପୃଷ୍ଠାରେ ଛାପିଯାଇଥିଲା ଅବିଶ୍ୱାସୀ ଓ ଈର୍ଷାଳୁ ସାଥି ।

ଅଂଶୁ ଚନ୍ଦୁକୁ କୁଣ୍ଢେଇ ପକେଇ କହିଥିଲେ ମୋ ପୋଷା ବିଲେଇ ବେହୋସ ହୋଇ ଯାଇଥିଲା ସେତେବେଳେ ମୁଁ ଜାଣିଥିଲି ମୋ ଦୁଗ୍ଧ ହାଣ୍ଡିରେ ଚନ୍ଦୁ ଛଡା ବିଷ ମିଶେଇବାର ଆଉ କାହାରି ହିଁ ସାହସ ହେବନି । ଆଉ ମୁଁ ମଧ୍ୟ ମୋ ନିଜକୁ ସବୁବେଳେ ନ୍ୟୁନ ମନେ କରେ ମୁଁ ପାଠ ଭଲ ପଢେ ନାହିଁ । ହେଲେ ତୋ ସମ୍ନାରେ ମୁଠା ମୁଠା ଟଙ୍କା ଗଣୁଛି ଓ ତୋତେ ବହୁତ ବଢୁଥିବ । କାରଣ ଆମେ ଦୁହେଁ ସାଥିରେ ପଢ଼ନ୍ତି ଖେଳନ୍ତି ଓ ନିଜର ଦୁଃଖ ସୁଖ ବାଣ୍ଟନ୍ତି । ତେଣୁ ତୁ ଏଇ କାମ କରିବା ଦ୍ୱାରା ତୋ ହୃଦୟରେ ଏକ ନୂତନ ଆଲୋକ ସୃଷ୍ଟି ହୋଇ ପାରିଛି । ଏବେ ମୋର ବିଶ୍ୱାସ ମୋ ସାଙ୍ଗ ନିଶ୍ଚୟ ଜଣେ ଭଲ ମଣିଷ ହେବ । ତେଣୁ କଥାରେ ଅଛି ଭାତ ଛାଡି ହୁଏ ହେଲେ ସାଙ୍ଗ ଛାଡି ହୁଏନି । ତୁ ମୋର ଯେତେ ବି ଅନିଷ୍ଟ କର ହେଲେ ମୁଁ ତୋ ସହିତ ସଦା ସର୍ବଦା ରହିଛି ଓ ରହିଥିବି । ଚାଲ ଏବେ ସବୁ ଭୁଲିଯାଇ ମଉସାଙ୍କ ଜୀବନ ପାଇଁ ପ୍ରାର୍ଥନା କରିବା...

ବାପା: ରଞ୍ଜନ ପାଢ଼ୀ
ଶ୍ରେଣୀ:-ସପ୍ତମ
ଜେନିଥ ଇଂରାଜୀ ବିଦ୍ୟାଳୟ
ଗଗନ ବାବୁ ଛକ,ଏଡ଼ତାଳ, ଭଦ୍ରକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋରାଣୀ ମୋତେ ଠକିଦେଲା



ନାରାୟଣ ଚନ୍ଦ୍ର ସେନାପତି

ଆଉ ସବୁଦିନ ପରି ରାଜାର କଲ୍ ରେ ଫୋନ୍ ଟା ବାଜୁ ନ ଥିଲା କି ତା ହ୍ୱାଟ୍ସଆପ୍ ଚାଟ୍ ବି ନ ଥିଲା । ଏମିତି କେଉଁ ଦିନ ନଥିଲା ରାଣୀ ଶରଧାର ଫୁଲଟିଏ ତା ରାଜା ପାଖକୁ ପଠାଇବାକୁ ଭୁଲିଯାଉଥିଲା କି ମୋବାଇଲରେ ତା ହୃଦୟର କଥା କହିବାକୁ ଭୁଲି ଯାଉଥିଲା । ହେଲେ ଆଜିକାଲି ଏସବୁ କଣ ହେଉଛି ସେ ଜାଣିପାରୁନାହିଁ । ତା ରାଣୀ କଣ ତାକୁ ଭୁଲିଗଲା, ନା ତା ଘରଲୋକ ତାକୁ ମନା କରିଛନ୍ତି ଏସବୁ କରିବାକୁ । ରାଜା ଆଉ ରାଣୀ ମୁହୂର୍ତ୍ତେ ବି ମନ ପବନରୁ ଦୁରଉ ନ ଥିଲେ । ଆଜି ଆଶଂକାର ପାହାଡ଼ଟା ସତେ ଯେମିତି ରାଜା ଉପରେ ଛିଡି ପଡୁଛି । ମନଟା ତା'ର ସନ୍ଦେହର ଅଡୁଆ ସୂତାରେ ଛନ୍ଦି ହେଉଥାଏ । ଯେତେ ଚେଷ୍ଟା କରୁଛି ସେ ବନ୍ଧନରୁ ଫିଟିବାକୁ ସେ କଣ ବାହାରି ପାରୁଛି ସେ ପଙ୍କରୁ । ଭାବିଲା ଟିକେ ଦଶହରା ମେଢ଼ ଦେଖିଯିବ, ମନଟା ଠିକ ହୋଇଯିବ ।

ବକ୍ସି ବଜାରର ଦୁର୍ଗା ମେଢ଼, ଚାହିଁଲେ ଆଖି ଝଲସି ଯିବ । ରାଜା ଶୁଖିଲା ମନକୁ ଟିକେ ଓଦା କରିବାକୁ ବୁଲୁଥାଏ । ହେଲେ ମନଟା ଆଦୌ ରହୁ ନଥାଏ ସେଇଠି । ଅବ୍ୟର୍ଥ ଭାବନା ପରି ଇଆଡୁ ସିଆଡୁ ଭାବୁଥାଏ କେତେ କଅଣ । ତା'ର ଗୋଟେ ସ୍ୱପ୍ନ ଥିଲା, ଏଇମିତି ଦଶହରାରେ ସେ ତା ରାଣୀ ସାଙ୍ଗେ ବୁଲୁଥିବ । କାହାରିକୁ ଚାହାଁଇ ଦେବ ନାହିଁ । ଯଦି କିଏ ଚାହେଁ ସେ ରାଗି କରି କହିବ, ସାବଧାନ... ମୋ ରାଣୀ ଉପରେ ଆଖି ପକାଇଲେ ତୋ ଆଖି ତାଡ଼ିଦେବି ।" ହେଲେ ଆଜି ତା ରାଣୀଟା.... କେମିତି ଛାଡି ତାକୁ ଚାଲିଗଲା ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଇମିତି ଏଣୁତେଣୁ ଭାବୁ ଭାବୁ ହଠାତ ପହଁଚିଗଲା ମେଢ଼ ନିକଟରେ । ଶହ ଶହ ଲୋକଙ୍କ ଭିଡ଼ । ସେ ଭିଡ଼ ଭିତରେ କଣ ଦେଖିଲା କେଜାଣି ତା ଆଖିକୁ ସେ ବିଶ୍ୱାସ କରି ପାରିଲା ନାହିଁ । ସେଇ ଆଖି, ସେଇ ଓଠ, ସେଇ ନରମ ନରମ ଗାଲ.. କିନ୍ତୁ ବେଶଭୁଷା ଚାଲି, ଆଉ କିଛି କିଛି ସ୍ୱତନ୍ତ୍ର ଲାଗୁଛି । ପୁଣି ସାଥିରେ ଜଣେ ଭଦ୍ରବ୍ୟକ୍ତି ଏବଂ ତା ମଥାରେ ଓଡ଼ିଆ ବୋହୂର ପ୍ରତୀକ । ଏ କଣ ତା ମନ ଗହନବନର ସୁକୁମାରୀ ରାଣୀ । ନାଁ ତା ଆଖି ଠିକ ଦେଖୁନି କି ମନ ଭଲ ଭାବୁନି ? ପାଖେଇ ଆସିଲା ସେ, ପୁରା ଶହେରୁ ୧୦୦ ଲାଗୁଥାଏ ତା ସ୍ୱପ୍ନ ରାଇଜର ମହାରାଣୀ ବିନ୍ଦୁ । ହେଲେ ରାଜା ଭାବୁଥାଏ ନାଁ ନାଁ ତା ରାଣୀ କେବଳ ତାର, ସେ ତାକୁ ଛାଡି ଟିକିଏ ବି ରହି ପାରେନା ? ସେ ପୁଣି ବିବାହ କରିବ, ଆଉ ରାଜା ଜାଣିବ ନାହିଁ । ସନ୍ଦେହର ଖଣ୍ଡିଆଭୂତଟା ତା ଚାରିପଟେ ଘୁରୁଥାଏ । ପାଖରେ ପହଁଚି ଗଲା ସେ ।

ଭାବିଲା ତାକୁ ପଚାରିବ କି କିଏ ସେ ? ପୁଣି ଭାବୁଥାଏ, ରାଜା ପୁଣି ପଚାରିବ ରାଣୀକୁ । ଯଦି ସେ ରାଣୀ ହୋଇଥାଏ, ସେ କଣ ଭାବିବ । ଫିଁ କିଣି ହସିଦେଇ କହିବ ବୁଦ୍ଧୁ, ମୋତେ ତ ଚିହ୍ନି ପାରୁନାହଁ, ସାରାଜୀବନ କେମିତି ରଖିବ ବୋଲି ସ୍ୱପ୍ନ ଦେଖିଛ ? ଜୀଇଁ ଜୀଇଁ ମରିଗଲା ପରି ଲାଗିବ ତାକୁ । ଯଦି ହୋଇଥିବ ତେବେ ଅବଶୋଷ ରହିଯିବ ।

ସେ ମନକୁ ଦୃଢ଼ କଲା । ଲିଫ୍ଟରେ ଥାର୍ଡ ଫ୍ଲୋରକୁ ଯାଇ ପହଁଚି ସାମନା ସାମନି ହେଲା ପରେ କହିଲା, କ୍ଷମା କରିବେ, ଆପଣ ବିନ୍ଦୁ ତ ?

ପଛକୁ ଚାହିଁଲା ବିନ୍ଦୁ । ସେ ପୁଣି ପଚାରିଲା ଆପଣଙ୍କୁ କହୁଛି । ବିନ୍ଦୁ ପାଟି ଖନ୍ନୀ ମାରିନେଉଥାଏ । କହିଲା... କା..ଇଁ... ନାଇଁ...ତ, ମୁଁ... ସିନ୍ଧୁ... ବିନ୍ଦୁ ନୁହଁ । ତୁମେ ମା ଦୁର୍ଗାଙ୍କୁ ଚାହିଁ କହିଲ, ତୁମେ ବିନ୍ଦୁ ନୁହଁ । କିଂକାର୍ତ୍ତବ୍ୟ ବିମୁଢ ହୋଇ ସେ କହିଲା, ପ୍ଲିଜ୍ ରାଜା

 Magazine Downloaded from www.aahwaan.com

ମୋତେ କ୍ଷମା କର, ମୁଁ ବିବାହିତା, ମୋ ସ୍ୱାମୀ ମୋ ପାଖରେ... ଏ ମହାରାଣୀ ତୁମକୁ ହାତ ଯୋଡୁଛି, ମୋତେ ଚିହ୍ନିଛ ବୋଲି କେବେ କୁହନା । ଜାଣେ ଆମ ଭିତରେ କୌଣସି ଖରାପ ସମ୍ପର୍କ ନାହିଁ, ଆମ ନିବିଡ଼ତା ନିର୍ମଳ, ହେଲେ ସେ ଜାଣିଲେ ମୋ ସଂସାର ଭାଙ୍ଗିଯିବ । ରାଜାର ଆଶାର ଆକାଶରେ ଦୁଃଖର ଧୂମକେତୁଟା ଦେଖାଦେଲା । ତା ହାତ ପାଆନ୍ତାର ତାଜମହଲଟା ଆଖିଆଗରେ ଭାଙ୍ଗି ତୁଟି ଚୁରମାର ହୋଇଗଲା । ଫାଟିଗଲା ତା ହୃଦୟ ଫଗୁଆ । ତା ଆତ୍ମାଟା ବୁକୁଫଟା ଚିତ୍କାର କଲା । ଆଖିକୁ ବୁଜି ଲୁହରେ ଭିଜି କୋହରେ ସିଝି ସିଝି ହଜିଗଲା ଯନ୍ତ୍ରଣାର ଦୁନିଆଁରେ । ବିନ୍ଦୁକୁ ଏସବୁ ବହୁତ ବାଧୁଥାଏ... ହେଲେ କଣ କରିବ ସେ । ସେ ତ ଭିନ୍ନ ପଥର ଯାତ୍ରୀ । ହଠାତ୍ ବିନ୍ଦୁର ସ୍ୱାମୀ ଚନ୍ଦନ ପହଁଚିଗଲା ସେଠାରେ । ବାରମ୍ବାର ପୂର୍ବରୁ ଭେଟି ସନ୍ଦେହ କରୁଥିବା ଏ ଲୋକଟିକୁ ତିରସ୍କାର କଲା । ରାଜାର କଲର ଧରି ଦୁଇ ଚାରି ମୁଥା ମାରିଲା । କହୁଥାଏ ବିନ୍ଦୁ, ଏ ନନସେନ୍ସ ଲୋକଟା ଆଦୌ ଭଲ ନୁହଁ, ତୁମ ପରି ସୁନ୍ଦରୀ ସ୍ତ୍ରୀକୁ ଦେଖି ସେ ତୁମ ପିଛା କରୁଛି ନା ? ଏଇନା ଯିଏ ଆମକୁ ବାରମ୍ବାର ଫଲୋ କରୁଥିଲା । ବିନ୍ଦୁ ହୁଁ କହି ଖାଲି ମୁଣ୍ଡ ଟୁଙ୍ଗାରୁଥାଏ । ଏପଟେ ତା ହୃଦୟ ବି କ୍ଷତ ବିକ୍ଷତ ହୋଇଯାଉଥାଏ । ଚନ୍ଦନ କହିଲା, ବିନ୍ଦୁ ଏ ନିଅ ଜୋତା, ଏଥିରେ ଏ ଲୋକକୁ ଦୁଇ ଚାରି ପାହାର ଦିଅ । ବିନ୍ଦୁ କେମିତି ଏସବୁ କରିବ ଯେ ? ଚନ୍ଦନ ବହୁତ ଜୋର୍ ରେ ଧମକ ଦେଇ କହିଲା, ବିନ୍ଦୁ ଏଭଳି ଅଭଦ୍ର, ଅସାମାଜିକାକୁ ଆଦୌ ଛାଡ଼ ନାହିଁ, ମୁଁ କହିଲି ପରା । ଡର ଭୟରେ ବିନ୍ଦୁ ଜୋତା ଧରିଲା ସିନା ହେଲେ ତା ହାତ ଥରୁଥାଏ, ହୃଦ କାନ୍ଦୁଥାଏ, ସ୍ମୃତି ଜଳୁଥାଏ, ପ୍ରୀତି ଧକେଇ ହେଉଥାଏ । ଶେଷରେ ଚନ୍ଦନର ଧମକରେ ବିନ୍ଦୁ ଜୋତାରେ ଦୁଇ ଚାରି ପାହାର ପକାଇଲା ରାଜାକୁ । ରାଣୀର ଏ ପ୍ରତୀକ୍ଷିତ ବହୁଦିନର ସାଇତା ଉପହାର ତାକୁ ବହୁତ ଆମୋଦ ଦେଲା । ତା ବହୁ ଦିନର କଳ୍ପନାର ପରୀଟା ତାକୁ

 Magazine Downloaded from www.aahwaan.com

କି ମଧୁ ଚୁମ୍ବନ ଦେଲା । ଯାହା ପାଇଁ ତା ହୃଦୟ କାନ୍ଦୁଥିଲା, ଟିକିଏ କାନ୍ଦିଲେ ସେ କହୁଥିଲା, ଏ... ତୁମେ ଛୋଟ ପିଲା ପରି କାନ୍ଦନା, ତୁମ କାନ୍ଦ ଦେଖିଲେ ମୋ ଶରୀରରୁ ପ୍ରାଣ ଚାଲିଯିବ । ରାଜା ଚାହିଁଲା ସେଇ ରାଣୀ ହାତରେ ଥିବା ସେଇ ଜୋତାକୁ । ଦିନେ କହୁଥିଲା, ବିନ୍ଦୁ... ଏ ବିନ୍ଦୁ, ତୁମ ହିଲ୍‌ଟା ମସ୍ତ ହୋଇଛି । ପୁରା ହିରୋଇନ୍ ମାର୍କା ମ ? ଦିନେ ରାସ୍ତାରେ ଯାଉ ଯାଉ ଅଜାଣତରେ ତା ଏଇ ହିଲ୍‌ଟା କାଦୁଅରେ ପଶିଗଲା, ସେ କହୁଥିଲା, ୟେ ମାଁ, ମୋ ହିଲ୍ କି ଅସନା ହୋଇଗଲା, ମୁଁ କଣ ପିନ୍ଧିବି ? ରାଜା ହଠାତ୍ ତା ପାଦରୁ ଟାଣିଆଣି ତା ଗାଡିରୁ କପଡା ଆଣି ପୋଛିଦେଲା । ସଙ୍କୋଚରେ ସେ କହୁଥିଲା, ଏ କଣ କରୁଛ ? ତୁମର ଆସନ ପରା ମୋ ମୁଣ୍ଡ ଉପରେ, ମୋ ଜୋତାକୁ ହାତରେ ଧରିବାରେ ନୁହଁ ? ତୁମ ପାଦରେ ମୋ ମଥା ଲାଗିବା କଥା, ହେଲେ ତୁମେ ମୋ ଜୋତାକୁ ସମ୍ମାନ ଦେଇ ମୋତେ ଛୋଟ କରିଦେଲ ନା ? ରାଜା କହିଥିଲା, ରାଣୀ ପରା ସଦା ରାଜାର, ତେବେ ଏ ଛୋଟ ବଡ଼ ଭାବନା କେଉଁଠୁ ଆସିଲା । ଯାହେଉ ସେଇ ସଫା କରିଦେଇଥିବା ଜୋତାଟା ଶେଷରେ ତା ଗାଲରେ ବି ବାଜିଲା । ଚନ୍ଦନ କହିଲା, ଏ ବିନ୍ଦୁ, ଏ ଲୋକଟା ଜୋତା ମାଡ଼ ଖାଇଲା ପରେ ବି କିଛି ରିଆକ୍ଟ କରୁନାହିଁ, ଏ ତୁମକୁ ଚିହ୍ନି ନାହିଁ ତ ? ପାଟି ଆଫା ଆଫା କରି ବିନ୍ଦୁ କହୁଥାଏ, ନାଁ.... ନାଁ ...ଆଦୌ ନୁହଁ...ୟାଙ୍କୁ ମୁଁ କାହିଁକି ଜାଣିବି । ଗାଲରୁ ମୁହଁରୁ ନାକରୁ ପାଟିରୁ ରକ୍ତ ବାହାରି ଯାଉଥାଏ । ଦିନେ ରାଣୀ ସହ ଯାଉ ଯାଉ ଅସାବଧାନତାରେ ଏକ କଣ୍ଟା ପଶି ଯାଇଥିଲା ବିନ୍ଦୁ ପାଦରେ, ଆଉ ତା ପାଦରୁ ବିନ୍ଦୁଏ ରକ୍ତ ଦେଖି ରାଜା ଚିତ୍କାର କରି ତା ରୁମାଲରେ ରକ୍ତକୁ ପୋଛି ଦେଇ ବିଚଳିତ ହୋଇ କହିଲା, ରାଣୀ... ବହୁତ କଷ୍ଟ ହେଉଥିବ ନା ରାଣୀ ।

ଆସ ବିନ୍ଦୁ, ଆସ କହି ଚନ୍ଦନ ଟାଣି ନେଲା ବିନ୍ଦୁକୁ । ଏକ ଲୟରେ ରାଜା ଚାହିଁଥାଏ

 Magazine Downloaded from www.aahwaan.com

ତାର ବଦଳା ରାଣୀକୁ ।

କାଲିପରି ଲାଗୁଛି, ଯେଉଁଦିନ ଏକ ଉତ୍ସବରେ ତା ଆଖିପଡ଼ିଲା ତା ରାଣୀ ଉପରେ । ସୁନ୍ଦର ସୁକୁମାରୀ କୋମଳାଙ୍ଗି ଥିଲା ସେ । ସାକ୍ଷାତ ପୋଖରୀର ପଦ୍ମ ଫୁଲଟିଏ କି ? ବିଧାତା କେମିତି ଏହାକୁ ଦେବୀ କରି ଗଢିଛନ୍ତି, ସେ କଥା ଚିନ୍ତା କରି ଧନ୍ୟବାଦ ଜଣାଇଲା ଭଗବାନଙ୍କୁ । ସତରେ ଦେବୀଟିଏ । ଏ ଦେବୀକୁ ପୂଜା କରନ୍ତି କି ମୋ ପ୍ରେମର ମନ୍ଦିରରେ ଭାବିନେଲା ସେ । କେମିତି ବା ଭାବି ନ ଥାନ୍ତା ? ଏତେ ସୁନ୍ଦରୀକୁ ଦେଖିଲେ କାହା ଆଖି ଖୋସି ନହେବ ଯେ ? ଲମ୍ବା କେଶ, ଗୋଲାପି ଓଠ, ମୁରୁକି ହସ,.... ସବୁକିଛି ମନଲୋଭା । ହେଲେ ରାଜା ମନରେ ଦୁଃଖ ସେ ରାଣୀଟା ଆଉ ଜଣଙ୍କ ସହ ଘଣ୍ଟା ଘଣ୍ଟା ଗପୁଥିଲା । ଅବଶ୍ୟ ସେ ତା ସମ୍ପର୍କୀୟ ଥିଲା, ହେଲେ ଏସବୁ ଦେଖି ରାଜା ହିଂସାରେ ଜଳିଯାଉଥାଏ । ଭାବୁଥାଏ ଏ ଉତ୍ସବରେ ଦୁହେଁ ସାଥିହୋଇ ଟିକେ ବୁଲନ୍ତେ କି ? ହେଲେ ମଣିଷ ଯାହା ଭାବେ ତାହା କଣ ତାକୁ ମିଳେ ? ଯାହେଉ ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ଦୁହିଙ୍କ ସହ ଦୁଇପଦ କଥାବାର୍ତ୍ତା ସମ୍ଭବ ହେଲା । ଦୁହେଁ ଦୁହିଁଙ୍କ ନମ୍ବର ନେଇ ବିଦାୟ ନେଲେ ସିନା ହେଲେ ସେଇ କେଇପଦ କଥାର ସମ୍ପର୍କ ତାଙ୍କୁ ଅପୂର୍ବ ବନ୍ଧନରେ ବାନ୍ଧିଦେଲା ।

ଏଇମିତି କଥାହେଉ ହେଉ ଦୁହିଙ୍କର ଭାବବିନିମୟ ଅପୂର୍ବ ସମ୍ଭାର ଆଣିଲା । ଦିନେ ଦେଖିବା ପାଇଁ ଫଟୋଟିଏ ମାଗିବାରୁ ବିନ୍ଦୁ ସଂଗେ ସଂଗେ ପଠାଇଦେଲା । ଆଃ ସାକ୍ଷାତ ମହାରାଣୀ । ସେଇଦିନୁ ସେ ନାଁ ରଖିଲା ମହାରାଣୀ ଓ ଆଦରରେ ଡାକିଲା ରାଣୀ । ରାଣୀ ବି ସମାନ ଆଗ୍ରହରେ କହିଲା ତୁମେ ବି ମହାରାଜା ଆଉ ଡାକିଲା ସରାଗରେ ରାଜା । ସେଇଦିନୁ ରାଜା ଚାହିଁଥାଏ ରାଣୀର ସ୍ୱରକୁ ଅନାଇ । ଆଶ୍ଚର୍ଯ୍ୟ ଭଗବାନ ଏକ ସୁମଧୁର, କୋମଳ ସ୍ୱର ହିଁ ରାଣୀକୁ ଦେଇଥିଲେ, ଯେଉଁ ସ୍ୱର ଶୁଣିବାକୁ ରାଜା ବ୍ୟଗ୍ର ଓ ପାଗଳ ପରି

 Magazine Downloaded from www.aahwaan.com

ହେଉଥାଏ । ହେଲେ ରାଣୀ କଣ ଭାବିବ, କହିବ ଏ କି ପାଗଳାମି, ସବୁବେଳେ ଫୋନ୍ କରୁଛ ଯେ ? ହେଲେ ରାଣୀ ସେମିତି ନ ଥିଲା, ସେ ବହୁତ ଭଲ ଥିଲା । କେବେ ବି ରାଜା ମନରେ ଆଘାତ ଦେଇ ନ ଥିଲା । ରାଜା ବହୁତ ସେଣ୍ଟିମେଣ୍ଟାଲ୍, ଦିନେ ଦିନେ କହେ, ରାଣୀ... ତୁମେ ଏତେ ସୁନ୍ଦର, ଏତେ ଭଲ, ମୋ ସହ ଛଳନା କରୁ ନ ତ ? ମୋତେ ଯଦି କେବେ ଆଘାତ ଦିଅ ମୁଁ ବଞ୍ଚି ପାରିବି ତ ? କଥା ଛଡେଇ ରାଣୀ କହେ, ଛି ଏମିତି କଥା ସବୁ କୁହନ୍ତି ? ତୁମେ ଏମିତି କେମିତି ଭାବିପାରୁଛ ଯେ ? ଏମିତି କହିଲେ ମୁଁ କେବେ କଥା ହେବି ନି ?

ରାଜାର ମନର ବ୍ୟାକୁଳତା ବହୁତ ବଢିଗଲା । ଦିନ ରାତି ଚିନ୍ତା, ଥରେ କେବେ ଦେଖା ହୁଅନ୍ତାକି, ତା ରାଣୀ ସହ ସାଥି ହୋଇ ବୁଲନ୍ତେ । ରାଣୀ ଏକଥା ଶୁଣି ବହୁତ ଖୁସି ହେଲା, ସମ୍ମତି ଜଣାଇଲା । ଆସିଲା ଦୁର୍ଗା ପୂଜା । ନିର୍ଦ୍ଧାରିତ କଥା ଅନୁସାରେ ଆସି ଘଣ୍ଟା ଘଣ୍ଟା ଅପେକ୍ଷା କଲା ରାଜା, ତା ରାଣୀକୁ । ବହୁତ ସମୟ ପରେ ବିରାଜମାନ କଲେ ମହାରାଣୀ । ରାଜାର ଦେହ ଅସୁସ୍ଥ ଥାଏ, ସେ କିନ୍ତୁ ପ୍ରକାଶ କରିନି ତା ରାଣୀ ପାଖରେ । ରାଜା ରାଣୀଙ୍କର ଅପୂର୍ବ ମିଳନରେ ପୁରି ଉଠିଲା ଦୁର୍ଗା ବଜାର । ସାଥିହୋଇ ବୁଲିଲେ ବଜାର, ଦେଖିଲେ କେତେ ମେଢ଼ । ରାଜା କିନ୍ତୁ ତା ଅସଲ ମେଢ଼ ସାଥିରେ ରହି ଆନନ୍ଦ ପାଉଥାଏ । ଆସିଲା ବିଦାୟ ବେଳା । ରାଣୀର ବିଦାୟ ଦେଖି ସହି ପାରିଲାନି ରାଜା । କିଛି ଦୂର ତା ପଛେ ଗଲା ସିନା, ହେଲେ ରାଣୀର ତା ଠାରୁ ବିଦାୟ ତାକୁ ବହୁତ ଦୁଃଖ ଲାଗିଲା । ବେଶି ଦୁଃଖିତ ହେଲା ଯେତେବେଳେ ରାଣୀ ତାକୁ କିଛି ନ କହି ଏକମୁହାଁ ଘରକୁ ଚାଲିଗଲା ତାଙ୍କ ମେନ ଗେଟକୁ ବନ୍ଦ କରି ।

ଦିନ ପରେ ଦିନ ଗଡି ଚାଲିଲା । ସେ କଣ ଭାବିଥିଲା ସମୟ ସାଥିରେ ଆମ୍ଭମାନେ ବି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏମିତି ବଦଳି ଯାଆନ୍ତି । ସମ୍ପୂର୍ଣ୍ଣ ବାସ୍ତବ ଲାଗୁଥିବା ସମ୍ପର୍କ କଥାଗୁଡ଼ାକ ମରୀଚିକା ଏମିତି ବି ପାଲଟିଯାଏ ।

ଭାବିଲା ରାଣୀ ଓ ତାର ସମ୍ପର୍କର ଇତିହାସ ବର୍ଣ୍ଣିତ ପୃଷ୍ଠା । ତା ମନରେ ରାଣୀ ପ୍ରତି ଖରାପ ଭାବନା କେବେ ବି ଆସି ନ ଥିଲା । କିନ୍ତୁ ରାଣୀର ମନ ଦୁଃଖ ଦେଖିଲେ କି ଜାଣିଲେ ତା ହୃଦୟ କାହିଁକି ଫାଟିଯାଉଥିଲା । ଭାବେ ଏଇ ସାଥେ ସାଥେ ଚାଲିଯାଆନ୍ତି କି ତା ପାଖକୁ । ତା କଥା ବୁଝି ଆସନ୍ତି । ରାଣୀ ଟିକିଏ କଥା ନ ହେଲେ ତା ଆଖିରୁ ଆପେ ଆପେ କେଇ ବୁନ୍ଦା ଅଶ୍ରୁ ବିଗଳିତ ହେଉଥିଲା । ରାଣୀ ପାଇଁ ତା ମନ ଏମିତି ଆନ୍ଦୋଳିତ ହେଉଥିଲା କାହିଁକି କେଜାଣି ସେ ଜାଣି ପାରୁ ନ ଥିଲା ।

ରାଜା ଅନେକ ମଞ୍ଚରେ ଅଭିନବ ସମ୍ବର୍ଦ୍ଧନା ପାଇ ସାମାନ୍ୟ ଖୁସି ରହୁଥିଲା । ହେଲେ ଆଜି ସେ ଜୋତା ମାଡ଼, ତିରସ୍କାରର ଶ୍ରେଷ୍ଠ ପ୍ରେମ ଉପହାର ଏତେ ବଡ଼ ସମ୍ବର୍ଦ୍ଧନା ପୁଣି ଏମିତି ଢଙ୍ଗରେ ପାଇବ ଆଦୌ କଳ୍ପନା କରି ନ ଥିଲା । ଏଭଳି ସମ୍ବର୍ଦ୍ଧନା ପାଇଁ ସେ ନିଜକୁ ଗୌରବାନ୍ୱିତ ମନେ କଲା, କାରଣ ଏଭଳି ସମ୍ବର୍ଦ୍ଧନା ତା ଜୀବନରେ କେବେ ବି ଆସିବ ନାହିଁ ।

ଭାବିଲା ଏ ଦୁସ୍ଥ ଶୁଷ୍କ ଜୀବନ ବଞ୍ଚି ଲାଭ କଣ? ଏ ଅଦରକାରୀ ଅବହେଳିତ ଜୀବନକୁ ଉତ୍ସର୍ଗ କରିଦେବା ଭଲ । ଚାଲିଲା ଆଗକୁ ଆଗକୁ । ମନ ଖୋଲା ହସୁଥାଏ, ମଝିରେ ମଝିରେ ବି କାନ୍ଦୁଥାଏ । କାରଣ ହସ କାନ୍ଦର ସମ୍ମିଶ୍ରଣ ପରା ଜୀବନ । ଆଜି ତ ଏ ଜୀବନର ଶେଷ ଦିନ । ନିକଟସ୍ଥ ପାହାଡ଼ ଉପରକୁ ଉଠିଗଲା । ତଳକୁ ଚାହିଁଲା । କାହିଁକି କେଜାଣି ରାଣୀର ସେହି ସଜଫୁଟା ହସ, ଦରୋଟି କଥା, କରୁଣ ଚାହାଣୀ ତା ଆଖିରେ ନାଚିଗଲା । ସତେ ଯେମିତି କାନ୍ଦି କାନ୍ଦି ସେ କହୁଥାଏ, ଏ... ଜାଣିଛ.. ପରିସ୍ଥିତିରେ ପଡି ମୁଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମକୁ ଆଘାତ ଦେଇଛି ପରା । କେବେ ଭାବି ପାରୁଛ ? ଏ ରାଣୀ ଯାହା ହୃଦୟରେ ବନ୍ଧା, ତୁମକୁ ତା ହୃଦୟରୁ ଆଘାତ କେମିତି.... ଦେଇପାରିବ । ତୁମେ ପରା ମୋ ଆଖିର ଲୁହ ଦେଖି ସହି ପାରନା, ଭାବିଛ ସେଇଦିନୁ କେମିତି ଏଯାବତ ଆଖିର ଲୁହକୁ ସାକ୍ଷୀ ରଖି ବଂଚିଛି । କାହିଁକି ତୁମେ ଏତେ ଭଲ ହେଲ, ମୋତେ ଦେବୀ ଆଉ ପୂଜା ଫୁଲ କରିଦେଲ ? ମୋତେ କଣ ପାରି ନ ଥାନ୍ତ ଆପଣେଇ ? ମୁଁ କଣ ହୋଇପାରି ନଥାନ୍ତି ତୁମ ଜୀବନ ସାଥୀ ? ଜୀବନ ସାଥୀ ନ କରି ସଖୀ କରିଦେଲ ? ସମାଜ, ସଂସ୍କାର ଓ ସଭ୍ୟତା ତୁମ ଆଗରେ ମୋ ଠାରୁ ବହୁତ ବଡ଼ ନା ? ଆତ୍ମସମ୍ମାନ ତୁମ ଅଳଙ୍କାର ହୋଇଗଲା ନା ? ଜାଣିଛ କେମିତି ତୁମକୁ ଛାଡି ବଂଚିଛି ? ଛି.. ଏଭଳି ଆତ୍ମହତ୍ୟା ପରି ହୀନ କାମ... ପୁଣି ତୁମେ କରୁଛ ? ତୁମ ପାଖରୁ ପରା ଶିକ୍ଷ୍ୟା ପରି ସବୁ ଶୋଷୁଥିଲି । ହେଲେ ଶେଷରେ କଣ ଶୋଷିବି... ଏଇ ଆତ୍ମହତ୍ୟା ଆତ୍ମଜ୍ଞାନ । ଜାଣିଛ... ? ? ? ଆଜି ତୁମେ ଗଲା ପରେ ଏ ରାଣୀ କଣ ରହିବ ଯେ ? ତୁମେ ପରା କହିଥିଲ, "ରାଜାରାଣୀର ସମ୍ପର୍କ କେଇ ଦିନର... କେଇ ବର୍ଷର... ନୁହଁ, ଯୁଗ ଯୁଗର, ଥିଲା, ଅଛି ଆଉ ରହିଥିବ । ହେଲେ ମୋତେ ଏକାକରି ଏମିତି ସ୍ୱାର୍ଥପର ହୋଇ ଚାଲିଯାଉଛ । ହଉ ଯାଅ, ମୋ ପରି ଅସ୍ୱଚ୍ଛ ଲୋକର ମୁହଁ କାହିଁକି ବା ତୁମ ସ୍ୱଚ୍ଛ ମନରେ ଦେଖିବ ?"

ମନକୁ ବଦଳାଇ ଦେଲା ରାଜା, ଆତ୍ମହତ୍ୟା ନ କରିବାକୁ ନିଷ୍ପତ୍ତି ନେଲା । କିନ୍ତୁ ରାଣୀର କଥାରେ ଆଉ ପହଁରିଲା ନାହିଁ । ମନେ ମନେ କହୁଥାଏ, ଗଙ୍ଗା ଗଲି ଯେତିକି, ଫଳ ପାଇଲି ସେତିକି ।

ଏସବୁ ଭାବୁ ଭାବୁ ଦୀର୍ଘଶ୍ୱାସଟିଏ ଛାଡିଲା ରାଜା । ରାଣୀ ଦେଇଥିବା ନାଆଁଟିକୁ ସବୁଦିନ କାଟିଦେଇ ତା ପୂର୍ବ ନାଆଁ ଯାହା ତା ପିତା ମାତା ଦେଇଥିଲେ ତାକୁହିଁ ସ୍ମରଣ

 Magazine Downloaded from www.aahwaan.com

କଲା । ରାଣୀ ନାଆଁଟିକୁ ଭୁଲିବାକୁ ଚାହିଁଲେ ବି ତ ସେ ଭୁଲିପାରିବନି, ତା ରାଣୀକୁ କେବେ ମମତାଜ ସ୍ମୃତି କରିବାକୁ ଚାହିଁବିନି, ମାତ୍ର ତାର ଦେବୀ ପ୍ରତିମା ଆକୃତି କରି ଭଲ ଶାଢ଼ୀଟିଏ ପିନ୍ଧାଇଲା । ପ୍ରଥମ ଦେଖାଦିନର ରୂପକୁ ମନରେ ଆଣି ସମ୍ପୂର୍ଣ୍ଣ କଲା । ତା ରିଡିଙ୍ଗ ରୁମରେ ଟେବୁଲ ଉପରେ ରଖି ପ୍ରତ୍ୟହ ପ୍ରୀତିପୁଷ୍ପଟିଏ ଦେଇ ଆଖିରୁ ଗଙ୍ଗାଜଳରେ ଛିଞ୍ଚି ହୃଦୟର କୋହର ଧୂପ ଦେଇ ସବୁଦିନ ପାଇଁ ପୂଜା କଲା ।

ସେହିଦିନଠାରୁ ରାଜା ସର୍ବଦା ସବୁ ସଭା ସମିତି, ଉତ୍ସବରେ ଆଗଭର ନ ହୋଇ ମଞ୍ଚକୁ ନ ଯାଇ ନୀରବ ଦ୍ରଷ୍ଟା ଭାବେ ସବୁକିଛି ଉପଭୋଗ କରୁଥିଲା । କେହି କେହି ତା ଧିରତା ଦେଖି ମନଦୁଃଖ କରି ଯଦି କହୁଥିଲେ, ବିଚରା ରାଜାଟାକୁ ରାଣୀ ଠକିଦେଲା, ତା କାନରେ ବାଜିଲେ ସେ କହୁଥିଲା, ପ୍ଲିଜ୍ ଏମିତି କୁହନ୍ତୁ ନାହିଁ, ମୋ ରାଣୀ ସହ ମୋର ପରା ଯୁଗ ଯୁଗର ସମ୍ପର୍କ ଥିଲା, ଅଛି, ଆଉ ରହିବ । ରାଜା-ରାଣୀର ସମ୍ପର୍କ ପରା ଅକାଟ୍ୟ, ଅଛିଣ୍ଡା, ଅଭୁଲା, ରାଣୀ ପରା ସବୁବେଳେ ରାଜାର । କିଏ କହିଲା, "ମୋ ରାଣୀ ମୋତେ ଠକିଦେଲା" ।

ଜମ୍ବିରା, କେନ୍ଦୁଝର

 Magazine Downloaded from www.aahwaan.com

# ସୁଲଗ୍ନା



ଜାଗୃତିରଞ୍ଜନ ମିଶ୍ର

ସଞ୍ଜବେଳ ଗଡ଼ିଗଲେ ଝିଅଟି ହାର୍ମୋନିୟମ୍ ଧରି ଗୀତ ଗାଏ । ହାର୍ମୋନିୟମ ସ୍ୱର ସହିତ ତା’ କଣ୍ଠ ମିଶାଇ ସେ ଏଭଳି ଗୀତ ଗାଉଥିଲା, ଯହିଁରେ ଭରି ରହିଥିଲା ମଧୁର ମୂର୍ଚ୍ଛନା । ତା’ ବୀଣା ଭିଣା କଣ୍ଠର ମଧୁ ଝଙ୍କାର ଲହଡ଼ି ଭାଙ୍ଗି ଚାଲି ଯାଉଥିଲା ଦୂର ଅଦୂରରେ ଥିବା ପାଖପଡ଼ିଶାଙ୍କ ପାଖକୁ । କି, ଲଳିତ କୋମଳ ସେ ଝିଅଟିର କଣ୍ଠ ସ୍ୱର । ସେ ପ୍ରାୟ ପ୍ରତିଦିନ ପ୍ରାର୍ଥନା କିମ୍ବା ଭକ୍ତି ସଂଗୀତ ଗାଉଥିଲା । ତାହା କିଛି ସମୟପାଇଁ ଅନିର୍ବଚନୀୟ ଶିହରଣ ସୃଷ୍ଟି କରୁଥିଲା ସେହି ଅଞ୍ଚଳରେ । ସତେ ଯେମିତି ବହୁ ଦିନର ବ୍ୟଥା ଓ ବେଦନା ପୁରି ରହିଛି ସେଇ ଝିଅଟିର ନମନୀୟ ଗଳାରେ ।

ଆଜକୁ ଚାରିବର୍ଷ ହେବା ଆକାଶବାବୁ ଏଠାରେ ସ୍ତ୍ରୀପିଲା ନେଇ ବସବାସ କରି ଆସୁଥିଲେ ସୁଦ୍ଧା ଏଭଳି ସଂଗୀତ ଗାଇବା ପୂର୍ବରୁ କେବେ ଶୁଣି ନଥିଲେ । ଏଇ କେଇ ଦିନ ହେବ ସେ ତାହା ଶୁଣିବାକୁ ପାଉଛନ୍ତି ନିତି ଦିନ ସନ୍ଧ୍ୟାବେଳେ । ବୋଧହୁଏ ଅଳ୍ପଦିନ ହେବ ସପରିବାର ଏଠିକାର ଭଡ଼ାଘରେ ବାସ କରୁଛନ୍ତି କୌଣସି ଭଦ୍ରବ୍ୟକ୍ତି । ସେଇ ମହନୀୟା ଗାୟିକା ତାଙ୍କର ଝିଅ ହୋଇଥିବ ନିଶ୍ଚୟ । ଏହିପରି କେତେ କଥା ଭାବନ୍ତି ଆକାଶବାବୁ ।

ଦିନେ ଝିଅଟି ଗୀତ ଗାଉଛି । କିଛି ସମୟପାଇଁ ଏକ ଅବ୍ୟକ୍ତ ମଧୁର ଗୁଞ୍ଜନରେ ଆଖ ପାଖ ଅଞ୍ଚଳ ପରିପୂର୍ଣ୍ଣ ହୋଇଛି । ଜଣାପଡୁଛି ସତେ ଯେପରି ବାୟୁମଣ୍ଡଳରେ ସୃଷ୍ଟି ହୋଇଛି ହିଲ୍ଲୋଳିତ ମଧୁର ଗୁଞ୍ଜରଣ । ସେ ବେଳରେ ଆକାଶବାବୁ ସବୁ କାମ ଛାଡ଼ି ଚାହିଁ ରହିଛନ୍ତି

 Magazine Downloaded from www.aahwaan.com

ଅପଲକ ନେତ୍ରରେ ସେଇ ଖୋଲା ଝରକା ଆଡ଼େ । ଯେଉଁଠାରୁ କି ତରଙ୍ଗାୟିତ ହୋଇ ଭାସି ଆସୁଛି ସୁମଧୁର କଣ୍ଠସ୍ୱର । ସେତେବେଳେ ଆକାଶ ବାବୁ ପାଶୋରି ପକାନ୍ତି ଜୀବନର ସମସ୍ତ ଦୁଃଖ ଓ ଶୋକ। ତାଙ୍କ ଅମାନିଆ ମନଟା ଚାଲିଯାଏ ଅନ୍ୟ ଏକ ରାଜ୍ୟକୁ । ସେ ଆପେଆପେ କହି ଉଠନ୍ତି- ଓହୋଃ ! ଏ ସ୍ୱରରେ ପୁଣି ଏତେ ବ୍ୟଥା, ଏତେ ବେଦନା । ଆଉ କିଛି ଭାବି ପାରନ୍ତି ନାହିଁ ।

କିଛିଦିନ ପରେ ସେ ଜାଣିବାକୁ ପାଇଲେ ସେହି ଝିଅଟିର ନାମ ସୁଲଗ୍ନା । ତା'ବାପା ଏଇ କଟକ ସହରର କୌଣସି ଗୋଟିଏ ବ୍ୟାଙ୍କରେ ଚାକିରୀ କରନ୍ତି । ଘରେ ବାପାବୋଉଙ୍କୁ ଛାଡ଼ି ତା'ର ସାନଭାଇ ଓ ସେ । ସୁଲଗ୍ନା ବିବାହ କରିଥିଲା । ବିବାହର କିଛିଦିନ ପରେ ତା'ର ସ୍ୱାମୀ ମାରାତ୍ମକ ରୋଗରେ ପଡ଼ିଲେ । ଅବଶ୍ୟ ସେ ପରବର୍ତ୍ତୀ କାଳରେ ସୁସ୍ଥ ହୋଇଗଲେ । କିନ୍ତୁ ସେହିଦିନ ଠାରୁ କାହିଁକି କେଜାଣେ ଶାଶୁଘରର ଲୋକେ ତାକୁ ଅଲକ୍ଷଣୀ କହି ନାନା ନିର୍ଯାତନା ଦେଲେ । ଶେଷରେ ଘରୁ ତଡ଼ି ହେଲେ । ସେ ବର୍ତ୍ତମାନ ବାଧ୍ୟହୋଇ ବାପାମାଆଙ୍କ ପାଖରେ ରହୁଛି । ନିକଟରେ ଗୋଟିଏ କମ୍ପ୍ୟୁଟର ସଂସ୍ଥାରେ କାମ କରୁଛି । ଶାଶୁ ଶ୍ୱଶୁର ଓ ସ୍ୱାମୀଙ୍କ ନାମରେ ଯୌତୁକ ଜନିତ ଅପରାଧ ଆଇନ୍ ବଳରେ ବାପା କେସ୍ କରିବେ ବୋଲି ଜିଦ୍ ଧରିଥିଲେ । କେବଳ ସୁଲଗ୍ନାର ବିନୀତ ଅନୁରୋଧ ରକ୍ଷାକରି ତହିଁରୁ ସେ ନିବୃତ ହୋଇଛନ୍ତି । ସେହିଦିନଠାରୁ ବାପା ମଧ୍ୟ ସୁଲଗ୍ନାକୁ ଭଲ ଦୃଷ୍ଟିରେ ଦେଖନ୍ତି ନାହିଁ । ହେଲେ, ତା' ବୋଉ ଯୋଗୁଁ ସେ ସେଠାରେ ରହି ପାରିଛି । ଅଶାନ୍ତି ଓ ନିରାନନ୍ଦ ସତେ ଯେପରି ତା' କପାଳ ଲିଖନ ।

ସୁଲଗ୍ନାର କଣ୍ଠସ୍ୱର ସହିତ ବହୁଦିନ ଧରି ଆକାଶବାବୁ ସୁପରିଚିତ ଥିଲେ ସୁଦ୍ଧା ତାକୁ ସେ କେବେ ଦେଖିବାର ସୁଯୋଗ ପାଇ ନାହାଁନ୍ତି । ମନେମନେ ଭାବନ୍ତି ଯାହାର ଗଳାରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରହିଛି ଏତେ ମଧୁରତା ସେ ଯେ ନିଶ୍ଚିତ ଭାବରେ ଜଣେ ରୂପଶୀ ଝିଅ ହୋଇଥିବ, ଏଥିରେ ସନ୍ଦେହ କରିବାର କ'ଣ ଅଛି ! ପୁଣି ଚିନ୍ତା କରନ୍ତି ଗୁଣ ସହିତ ଯେ ରୂପର ମେଳ ରହିବ, ଏହା ତ ସବୁକ୍ଷେତ୍ରରେ ଦେଖାଯାଏ ନାହିଁ । କ୍ୱଚିତ୍ ଦେଖା ଦେଇଥାଏ କେଉଁଠି କେମିତି ! କୋଇଲିର କୁହୁସ୍ୱର ସଙ୍ଗେ ତା' ରୂପରଙ୍ଗ କ'ଣ ତୁଳନୀୟ ହେବ ?ଆକାଶବାବୁଙ୍କ ମନ ଧାଇଁଲା ସେ ଝିଅଟିକୁ ପ୍ରତ୍ୟକ୍ଷରେ ଦେଖିବା ପାଇଁ ।

ଗୋଟିଏ ଶୀତଦିନର ଘଟଣା । ସେଦିନ କୌଣସି ଛୁଟିଦିନ ପଡ଼ିଥାଏ, ଆକାଶବାବୁ ଯାଉଛନ୍ତି ବଜାର ଆଡ଼େ । ସୁଲଗ୍ନା ରହୁଥିବା ଘରକୁ ଲାଗି ରାସ୍ତାରେ ଦୈବାତ୍ ସେ ଯାଉଛନ୍ତି । କଅଁଳିଆ ଶୀତୁଆ ଖରା ପଡ଼ିଥିବା ଘରର ବାରଣ୍ଡାରେ ଗୋଟିଏ ପାହାଚ ଉପରେ ବସି ତଳ ପାହାଚରେ ପାଦ ରଖିଛି ସୁଲଗ୍ନା । ହଠାତ ଦୃଷ୍ଟି ପଡ଼ିଗଲା ଆକାଶ ବାବୁଙ୍କର । ସେ ଛଳନା କରି ଟିକେ ଅଟକି ଗଲେ ସେଠାରେ । ସେତେବେଳେ ତାଙ୍କ ଆଖିଆଗରେ ଆଙ୍କି ହୋଇଗଲା ପୃଥିବୀର ରହସ୍ୟମୟୀ ନାରୀ ମୋନାଲିସାର ଛବି । ଲିଓନାଡ଼-ଦା-ଭିଞ୍ଚିଙ୍କ ବିଶ୍ୱର ଅଦ୍ୱିତୀୟ ତୈଳ ଚିତ୍ର, ଯାହାକି ରହସ୍ୟମୟୀ ନାରୀ ଜାତିର ପ୍ରତୀକ । ଏଥିରେ ତାଙ୍କର ମୃଦୁ୍ୟ ହାସ୍ୟ, ସୁଢ଼ଳ କେଶ ପାଶ, ଅଙ୍ଗୁଳିର କମନୀୟତା, କଳା ପୋଷାକରେ ଆବୃତ ଅଙ୍ଗ ପରିପାଟୀ ଓ ଉନ୍ନତ ଗ୍ରୀବର ଠାଣିଥିବା ପରି ସୁଲଗ୍ନାର ଚେହେରାରେ ଥିଲା ଅବିକଳ ସାଦୃଶ୍ୟ । ବିଶ୍ୱ ବିଦିତ ଇଟାଲୀୟ ଚିତ୍ରଶିଳ୍ପୀ ଦା- ଭିଞ୍ଚିଙ୍କ ତୈଳଚିତ୍ର ମୋନାଲିସା, ସାରା ପୃଥିବୀରେ ଚହଳ ପକାଇଥିଲା । ସେହି କଳାକୃତିକୁ ନେଇ କିଏ କେତେ କଥା କହନ୍ତି, ତା'ର ଇୟତ୍ତା ନାହିଁ । ଆକାଶ ବାବୁଙ୍କ ମନ ଓ ହୃଦୟ ବେଳକୁ ବେଳ ଭାବାକୁଳ ହୋଇ ଉଠିଲା । ସେ ଆଗକୁ ଆଉ ପାଦ ନପକାଇ ସେହିଠାରୁ ହିଁ ଫେରି ଆସିଲେ ନିଜ ଘରକୁ ।

ଆକାଶ ବାବୁ ରେଭେନ୍‌ସା କଲେଜିଏଟ୍ ଆର୍ଟ୍ ଟିଚର୍ । ସହରରେ ଜଣେ ଜଣାଶୁଣା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚିତ୍ରଶିଳ୍ପୀ ହିସାବରେ ତାଙ୍କର ସୁନାମ ରହିଛି । ସେ ମନସ୍ଥ କଲେ ତାଙ୍କ ହୃଦୟ-ମନ-ଆହ୍ଲାଦଦାୟିନୀ ସେଇ ସୁଲଗ୍ନାର ଗୋଟିଏ ତୈଳଚିତ୍ର ପ୍ରସ୍ତୁତ କରିବେ । ଯାହାକି ହେବ ବିଶ୍ୱର ଦ୍ୱିତୀୟ ମୋନାଲିସା । ସେହିଦିନ ଠାରୁ କାମ ଆରମ୍ଭ କରିଦେଲେ । କିଛିଦିନ କାମ ଚାଲିଲା । ସବୁ ଠିକ୍‌ଠାକ୍ ହୋଇଗଲା । କେବଳ ବାକି ରହିଲା ସୁଲଗ୍ନା ଅଧରର ସ୍ମିତହାସ୍ୟ । ଚିତ୍ରରେ ଅତି ନିପୁଣତାର ସହିତ ତାହା ଫୁଟାଇବା ପାଇଁ ଆକାଶବାବୁ ଅତି ସତର୍କ ହୋଇ ଯେତେଥର ହସ୍ତରେ ତୁଳିକା ଧାରଣ ପୂର୍ବକ ଉଦ୍ୟମ କରିଛନ୍ତି, ପ୍ରତିଥର କାହିଁକି କେଜାଣେ ତାଙ୍କ ହାତଥରି ଉଠେ । ସେ ବାଧ୍ୟହୋଇ ପୁନର୍ବାର ନୀଳିମାକୁ ସ୍ୱଚକ୍ଷୁରେ ଦେଖିବା ପାଇଁ ମନେ ମନେ ସ୍ଥିର କଲେ ।

ଠିକ୍ ଏହି ସମୟରେ ଘରୁ ଫୋନ୍ ଆସିଲା । ଆକାଶ ବାବୁ ତରବର ହୋଇ ଗାଁକୁ ପଳାଇଗଲେ । ସେଠାରେ ପ୍ରାୟ ଗୋଟିଏ ସପ୍ତାହ ତାଙ୍କୁ ରହିବାକୁ ପଡ଼ିଲା । ତା'ପରେ ସେ କଟକ ଫେରି ଆସିଲେ । ସେଦିନ ସନ୍ଧ୍ୟାବେଳେ ସେ ଘରେ ବସି ଅନୁଭବ କଲେ ସବୁ ଯେପରି ନିରବ ଓ ନିସ୍ପନ୍ଦ । ପଡ଼ିଶା ଘରର ସେଇ ଝରକା ଆଡ଼କୁ ଚାହିଁଲେ ବାଷ୍ପାକୁଳ ନେତ୍ରରେ । କାହିଁ, ସୁଲଗ୍ନାର ସୁମଧୁର କଣ୍ଠସ୍ୱର ମୃଦୁଳ ପବନରେ ଆଉ ତ ଭାସି ଆସୁନାହିଁ । ଅଥବା ସେହି ଅଞ୍ଚଳରେ ଗୋଟିଏ ସକରୁଣ ଆଲୋଡ଼ନ ସୃଷ୍ଟି କରୁନାହିଁ । କ'ଣ ହେଲା ସୁଲଗ୍ନାର ? ସେ କ'ଣ ଏଠାରେ ଆଉ ନାହିଁ ?ନାନା ପ୍ରଶ୍ନବାଚୀ ଉଦ୍ରେକ ହେଲା ଆକାଶବାବୁଙ୍କ ମାନସ ପଟ୍ଟରେ, ସେ ଅସ୍ଥିର ହୋଇ ଉଠିଲେ ।

ତହିଁ ଆରଦିନ ସକାଳୁ ସେ ଶୀଘ୍ର ବାହାରି ପଡ଼ିଲେ ବାହାରକୁ । ସୁଲଗ୍ନା ରହୁଥିବା ଘରପାଖରେ ପହଞ୍ଚି ସେଠାରେ କେତେକ ଅପରିଚିତ ଲୋକଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇ ପଚାରିଲେ- ଏଠାରେ ଯେଉଁ ଭଦ୍ରଲୋକ ରହୁଥିଲେ ସେ ଗଲେ କୁଆଡ଼େ । ଉତ୍ତର ପାଇଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମାନେ ଗତ ତିନିଦିନ ହେବ ଏ ଘର ବଦଳାଇ ଅନ୍ୟ ସ୍ଥାନକୁ ଚାଲି ଯାଇଛନ୍ତି । ଆକାଶ ବାବୁଙ୍କ ମୁଣ୍ଡରେ ଚଡ଼କ ପଡ଼ିଗଲା ପରି ଲାଗିଲା । ତାଙ୍କୁ ଚାରିଆଡ଼ ଅନ୍ଧକାର ଦେଖାଗଲା । ସେ ବିଷାଦଭରା ମନ ନେଇ ଫେରିଲେ ଘରକୁ । କୌଣସି କଥା ତାଙ୍କୁ ଭଲ ଲାଗିଲା ନାହିଁ । ଭାବିଲେ, ଏତେ ବଡ଼ ସହରଟାରେ ସେ ସେମାନଙ୍କୁ ଖୋଜିବେ କେତେ, ପାଇବେ ଅବା କେଉଁଠି ? ହତାଶାରେ ମନ ତାଙ୍କର ଭରିଗଲା ।

ଏତିକି ବେଳେ ଆକାଶବାବୁଙ୍କ ସ୍ତ୍ରୀ ଆଶ୍ଚର୍ଯ୍ୟ ହୋଇ କହି ପକାଇଲେ- କ'ଣ ହୋଇଛି ତୁମର ? କାହିଁକି ସେମିତି ପାଗଳଙ୍କ ଭଳି ହେଉଛ ?ଆକାଶବାବୁ ବ୍ୟଥାତୁର ଭଙ୍ଗା ଗଳାରେ କହିଲେ- ନା କିଛି ନାହିଁ ।

ଜାଗୃତି ରଞ୍ଜନ ମିଶ୍ର
ରାୟଗଡ଼ା, ଓଡିଶା
ଇମେଲ:Jagrutimishra111@gmail.com

 Magazine Downloaded from www.aahwaan.com

# ସିମିରନ



ସୁଧାଂଶୁଶେଖର ସାହୁ

ଦୁନିଆଟା ଭାରି ବିଚିତ୍ର ଏଠି ସ୍ୱାର୍ଥପର ବି ଅଛନ୍ତି ଭଲ ମଣିଷ ବି ଅଛନ୍ତି । କିନ୍ତୁ ସିମିରନ ତାଙ୍କ ଠାରୁ ବହୁତ ଭିନ୍ନ ।

ସେ ରାଗି ଟିକେ କିନ୍ତୁ ହୃଦୟରୁ ବହୁତ ଭଲ ତା ମିଠା ମିଠା କଥାରେ ଦିନ ତମାମ ବୁଡି ରହିବାକୁ ଇଛାହୁଏ । ଆଉ ମା, ବାପାଙ୍କର ଅଲିଅଳି ଭାରି ସ୍ୱାଭିମାନୀ ଝିଅଟେ । ଅନ୍ୟର ଦୁଃଖରେ ଦୁଖୀ ହୋଇପଡେ ଏବଂ ଚେଷ୍ଟା କରେ ସମାଧାନ କରିବାକୁ ।

କିଏ ଜାଣିଥିଲା ତା'ର ବି ଅନ୍ଧକାର ମାଡିଆସିବ ତା ଜୀବନରେ ଯିଏ ଅନ୍ୟକୁ ଆଲୋକ ଦେଖାଉଥିଲା ସେ ଆଜି ବନ୍ଦୀର ଜୀବନଯାପନ କରୁଛି । ସେ ଆଜି ଚାବିଦିଆ କଣ୍ଢେଇ ପାଲଟି ଯାଇଛି । ଭୁଲିଯାଇଛି ନିଜର ଅସ୍ତିତ୍ୱକୁ ବିଶ୍ୱାସ ରଖୁଥିବା ଠାକୁରଙ୍କ ଉପରେ ଛାଡିଦେଇଛି ତାର ଭବିଷ୍ୟତକୁ !

ଅନ୍ୟମାନଙ୍କ ଆଗରେ ନିଜକୁ ଛୋଟ କରି ଚାଲିଯାଇଛି ସେ ନୂଆ ଦୁନିଆକୁ । କିନ୍ତୁ ତାକୁ ଭୁଲିନି ତା ପିଲାଦିନର ସାଙ୍ଗ ରାହୁଲ । ତା ସାଥିରେ ବହୁତ ରାଗ, ରୁଷା, ମଜା, ଖେଳ ଭଲ ଭିତରେ ଭଲ ପାଇଯାଇଥିଲା ସିମିରନକୁ ମନେ ମନେ କହି ପାରିନଥିଲା ମନର କଥାକୁ ଆଜି ବି ସେ ଗାଁର ଶେଷ ମୁଣ୍ଡରେ ଆମ୍ବ ତୋଟାରେ ଜଗି ବସିଛି ସିମିରନର ଫେରିବା ବାଟକୁ ।

ସିମିରନ ଗଲା ବେଳେ କହିଯାଇଥିଲା ତାଙ୍କ ପଡିଶାଘର ସାଙ୍ଗ ରୀନାକୁ ରାହୁଲକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିଦବୁ ପିଲାଳିଆମୀ ଛାଡ଼ିଦେଇ ଠିକରେ ପାଠପଢି ବଡ଼ବାବୁ ହୋଇ ଗାଁର ନାଁ ରଖିବ ବୋଲି । ସେଦିନ ଠାରୁ ଗାଁକୁ ସିମିରନ ଫେରିନି ।

କିନ୍ତୁ ଏ କେତେ ଦିନ ଭିତରେ ରାହୁଲ ସିମିରନର ସବୁ କଥା ରଖିବା ପାଇଁ ନିଜର ପ୍ରାଣ ପଣେ ଚେଷ୍ଟା କରିଚାଲିଛି । ଆଉ ସେଥିରେ ମଧ୍ୟ ଯଥେଷ୍ଟ ଉନ୍ନତି କରିଛି । ତଥାପି ରାହୁଲ ସିମିରନକୁ ଭୁଲି ପାରୁନି ଆଉ ସମୟ ପାଇଲେ ସେ ଛୋଟ ବେଳର ସେ କଣ୍ଢେଇକୁ ଧରି ଗୁଣୁ ଗୁଣୁ କେତେ କଥା କହିପକାଏ ଆଉ ତା ଭିତରେ ରାହୁଲ ମନ ଟିକେ ହାଲକା ହୋଇପଡେ । ପୁଣି ବାହାରିପଡେ ତା କର୍ମରେ ।

ରାହୁଲର ସାଙ୍ଗ ବିଦେଶରୁ ଫୋନ କରେ । ସିମିରନକୁ ଗୋଟେ ଡାକ୍ତରଖାନାରେ ଦେଖି । ଆଗ ଅପେକ୍ଷା ଝଡ଼ିଯାଇଛି ଏବଂ ସେ ଖୁସିରେ ଅଛି ସେ ଏବେ ବଡ଼ ଡାକ୍ତରଟିଏ ହୋଇ ।

ସେ ତ ତତେ ବି ଭୁଲିଯିବଣି । ତୁ କାହିଁକି ତା ବାଟକୁ ଅପେକ୍ଷା କରିଛୁ ତୁ ଭୁଲି ଯା । ଏ କଥା ଶୁଣି ରାହୁଲ କହେ ତା ସାଙ୍ଗକୁ କହେ ସେ ନ ହେଲା ନାଇଁ ତା ସ୍ମୃତିରେ ବଞ୍ଚିଯିବି । କିଏ ଜାଣିଥିଲା ସବୁ ସିମିରନ ଆଉ ରାହୁଲର ସାଙ୍ଗ ମିଶି ରାହୁଲକୁ ବୁଝାଇବାକୁ ଚେଷ୍ଟା କରୁଥିଲେ । କିନ୍ତୁ ରାହୁଲ ବୁଝିବାକୁ ନାରାଜ ।

ଆଜି ବି  ସିମିରନ ବଦଳିନି ନିଜର ଦୁଃଖକୁ ଗଣ୍ଠିଲି କରି ଘରର ଗୋଟେ କୋଣରେ ଛାଡି ଦେଇ ଆସିଛି । ଏ କଥା ରାହୁଲ ଭଲରେ ଜଣାଥିଲା । ସେ ଜାଣିଛି ପରିସ୍ଥିତି ଆଗରେ ସିମିରନ ଧରାଶାୟୀ । ତଥାବି ସେ ପିଲା ଦିନର ପ୍ରେମକୁ ଜୀବନ ସାଥି ରୂପେ ପାଇବା ପାଇଁ ଅପେକ୍ଷାରତ ସାତଜନ୍ମ ପାଇଁ...

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚଞ୍ଚଳୀ



ଡା ପ୍ରଶାନ୍ତ କୁମାର ନାୟକ

"ରୂପରେ ଚଞ୍ଚଳ ଗୁଣରେ ଚଞ୍ଚଳ ଚପଳାମତୀ ସେ ଅତି
କ୍ଷଣ କ୍ଷଣକେ ମନ ବଦଳାଏ ନଥାଏ କେବେ ସ୍ଥିରମତୀ"

ଏହି ଦୁଇପଦ ସମ୍ପୂର୍ଣ୍ଣରୂପରେ ବର୍ଣ୍ଣନା କରୁଥିଲା ସେହି ବିଦ୍ୟୁତକନ୍ୟାଙ୍କୁ ଯାହାର ନାଁ ବହୁତ ଖୁସିରେ ପିତାମାତା ରଖିଥିଲେ "ମାନସୀ" । ବିଦ୍ୟାଳୟ ଛାଡି ମହାବିଦ୍ୟାଳୟ ଯିବାର ସମୟ ଆସିଗଲାଣି, ହେଲେ ମାନସୀଙ୍କର ମାନସିକତାରେ ସ୍ଥିରତା ନାହିଁ । ସେ ଭବିଷ୍ୟତରେ କଣ କରିବାକୁ ଚାହାନ୍ତି, ନିଜ ଜୀବନକୁ କିପରି ଗଠନ କରିବା ଉଚିତ, ଏସମସ୍ତ ବିଷୟରେ ସେ ପୂର୍ଣ୍ଣରୂପରେ ଚିନ୍ତାଶୂନ୍ୟ ଥିଲେ । ସେ କେବଳ ଜୀବନର ବର୍ତ୍ତମାନର ବିଭିନ୍ନ ପରିଭାଷାକୁ ଉପଭୋଗ କରିଚାଲିଥିଲେ । ମାତା, ପିତା ଓ ବଡ଼ ଭଉଣୀ ଯେତେ ବୁଝାଇଲେ ମଧ୍ୟ କିଛି ଲାଭ ହେଉନଥିଲା ।

ଏପରି ଚପଳାମତୀ ହୋଇ ଥରେ ସେ ଶୀତଦିନରେ ନିଜର କିଛି ସାଙ୍ଗସାଥିମାନଙ୍କ ସହିତ ଉତ୍ତର ଭାରତର ଲେହ ସହରକୁ ପରିଭ୍ରମଣ କରିବାକୁ ଚାଲିଗଲେ । ଶୀତ ଋତୁରେ ବରଫ ବର୍ଷା ହେତୁ ଉତ୍ତର ଭାରତ ଶୁଭ୍ର ରଙ୍ଗ ଧାରଣ କରିଥିଲା । ଲେହ ସହରର ସୁନ୍ଦରତା ସେହି ବରଫ ମଧ୍ୟରେ ଲୁଚିଯାଇଥିଲା । କିଛି ବିଚାର ନକରି ମନରେ ସେହି ସରଳ ଚପଳତା ଧରି ଆଗେଇଚାଲିଗଲେ ମାନସୀ । ବରଫ ବର୍ଷା ଲାଗିରହିଥିଲା, ରାସ୍ତାଘାଟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା । ଦିଲ୍ଲୀରୁ ଲେହ ଯାଉଥିବା ସବୁ ବସଗୁଡିକ ରାସ୍ତାରେ ଅଟକି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରହିଥିଲେ । ଖାଦ୍ୟ ଓ ଜରୁରୀ ସାମଗ୍ରୀର ଯାତାୟତରେ ବାଧା ଉତ୍ପନ୍ନ ହେଉଥିଲା । ଟିଭିରେ ଏହିପ୍ରକାର ପରିସ୍ଥିତିର ଖବର ଦେଖିବାରୁ ମାନସୀଙ୍କୁ ତାଙ୍କର ପିତା ଫୋନ କରିଥିଲେ ଏବଂ ଏହି ସମୟରେ ଲେହ ଅଞ୍ଚଳକୁ ପରିଭ୍ରମଣ କରିବା କଣ ବୁଦ୍ଧିମତୀ କାମ ବୋଲି ପ୍ରଶ୍ନ କରିଥିଲେ । ମାନସୀଙ୍କର ଉତ୍ତର ଖୁବ ଚପଳ ଥିଲା । ଘରର ସୁରକ୍ଷିତ ବାତାବରଣରୁ ବାହାରି ପ୍ରକୃତୀର କୋଳରେ କଷ୍ଟ ସହିସହି ଜୀବନକୁ ଉପଭୋଗ କରିବାର ମଜାହିଁ କିଛି ଅଲଗା । ମେରେ ପ୍ୟାରେ ପିତାଶ୍ରୀ, ମାନନୀୟ ପ୍ରଧାନଶିକ୍ଷକଜୀ, ତୁମେ ଜବାଦିଲର ଧଡକନକୁ ବୁଝିପାରିବନାହିଁ । ବୟସ ଥାଉ ଥାଉ ଜୀବନର ପଟ୍ଟଚିତ୍ର ଉପରେ ରଙ୍ଗବେରଙ୍ଗ ଚିତ୍ର ଆଙ୍କିଦେବା ଉଚିତ; ନଚେତ ବୟସ ନଥିବ କିମ୍ବା ଚିତ୍ର ଆଙ୍କିବାକୁ ଇଚ୍ଛା ନଥିବ । ଭବିଷ୍ୟତକୁ କିଏ ଜାଣେ ପିତାଶ୍ରୀ । ଏଭଳି ପିଲାସହିତ ଯୁକ୍ତିକରି ଜିତିବା କଷ୍ଟକର; ଯାହା ତୁମର ଇଚ୍ଛା ତାହା କର । ଏତିକି କହି ପ୍ରଧାନଶିକ୍ଷକ ଫୋନ କାଟିଥିଲେ ।

ରାସ୍ତାରେ ଅଟକି ରହିବାର ସମୟ ପ୍ରାୟ ଗୋଟିଏ ଦିନରୁ ଅଧିକ ହୋଇଗଲାଣି । ବିନା ଖାଦ୍ୟରେ ଏବଂ ଆବଶ୍ୟକୀୟ ନିତ୍ୟକର୍ମରେ ବାଧା ଉତ୍ପନ୍ନ ହେତୁ ଯାତ୍ରୀମାନେ ଖୁବ ବ୍ୟସ୍ତ ହୋଇଗଲେଣି । ଭାରତୀୟ ସେନାର ବୀର ସୈନିକମାନେ ଯନ୍ତ୍ର ସହାୟତାରେ ବରଫ କାଟି ରାସ୍ତା ସଫାକରି ଗାଡ଼ିଗୁଡ଼ିକୁ ଆଗକୁ ପଠାଇବାକୁ ଖୁବ ଚେଷ୍ଟା କରୁଥିଲେ । ଲେହ ଅଞ୍ଚଳରେ ଯାତାୟାତ ସାଧାରଣ କରିବାର ଦାଇତ୍ୱ ନେଇଥିଲେ ଭାରତୀୟ ସେନାର ମେଜର "ବସନ୍ତ କୁମାର ରଥ"; ଜଣେ ଯୁବ ପ୍ରତିଭାବାନ ବ୍ୟକ୍ତିତ୍ୱ । ସେନାର ନିୟମାନୁସାରେ ମେଜର ପୂର୍ଣ୍ଣରୂପରେ ନିୟମକାନୁନରେ ବାନ୍ଧିହୋଇ ନିଜକୁ ଏବଂ ସୈନିକମାନଙ୍କୁ ପରିଚାଳିତ କରୁଥିଲେ । କଠିନ ପରିଶ୍ରମ କରି ତାଙ୍କ ଅଧୀନରେ କାର୍ଯ୍ୟରତ ସୈନିକମାନେ ଯାତାୟାତ ଓ ପରିବହନ ସାଧାରଣ କରିବାର ଦାଇତ୍ୱ ବହନ କରିଚାଲିଥିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏପରି ଲାଗେ ଯେ ମାନସୀ ସତରେ ଗୋଟେ ପାଗଳୀ, ବସରୁ ବାହାରି ବରଫଭରା ରାସ୍ତା ଉପରେ କେତେବେଳେ ଦୌଡିଚାଲନ୍ତି ତ କେତେବେଳେ ବରଫଗୋଲାକୁ ଫୋପାଡ଼ି ଖେଳିଚାଲନ୍ତି । ଚପଳତାର ପ୍ରତୀକ ଥିଲେ ମାନସୀ । କୌଣସି ବନ୍ଧନରେ ବାନ୍ଧି ନହୋଇ ଏକ ରଙ୍ଗଭରା ପ୍ରଜାପତିର ରୂପରେ ଉଡିଚାଲିବାକୁ ସେ ଖୁବ ଭଲ ପାଉଥିଲେ । କହିବାକୁଗଲେ ଏହା ତାଙ୍କର ଜୀବନର ନିୟମ ଥିଲା ।

ଯାତ୍ରୀମାନଙ୍କୁ କିଛି ପରିମାଣରେ ତାଜା ଖାଦ୍ୟ ବାଣ୍ଟିଚାଲିଥିଲେ ସେନାର ସୈନିକମାନେ । ଏହିସବୁ ସମୟ ମଧ୍ୟରେ ମେଜରଙ୍କର ନଜର ପଡିଥିଲା ଏପରି ଏକ ମୁକ୍ତ ବିହଙ୍ଗ ଉପରେ । ସେ ନିଜେ ତାଙ୍କ ପାଖକୁ ଯାଇ ପ୍ରଶ୍ନକରିଥିଲେ କି "ଆପଣ ଏପରି ପ୍ରତିକୂଳ ପରିସ୍ଥିତିରେ ବାହାରେ ନରହି ବରଂ ବସମଧ୍ୟରେ ବସିରହିବା ଉଚିତ" । ରାସ୍ତା ସଫା ହୋଇଚାଲିଛି, ତେଣୁ ଶୀଘ୍ରହି ବସ ଯାତାୟାତ ଆରମ୍ଭ ହୋଇଯିବ । ମାନସୀ ମେଜରଙ୍କୁ ଦେଖି ତାଙ୍କପାଖକୁ ଆଗେଇ ଆସିଲେ ଏବଂ ତାଙ୍କର ଛାତିରେ ଲାଗିଥିବା ନାଁଟି ପଢି କହିଲେ "ମେଜର ବସନ୍ତ କୁମାର ରଥ", ଆପଣଙ୍କୁ ଭେଟକରି ଖୁବ ଭଲ ଲାଗିଲା । କିନ୍ତୁ ସେ ଯଦି ବସ ମଧ୍ୟରେ ବସିରହିବେ, ତେବେ ଏହି ସୁନ୍ଦର ବରଫଭରା ଦୃଶ୍ୟକୁ ଉପଭୋଗ କରିପାରିବେନାହିଁ, ତାହା ବୋଧେ ତାଙ୍କପାଇଁ ଖୁବ କଷ୍ଟଦାୟକ ହେବ, ସାଥେ ସାଥେ ପ୍ରକୃତୀମାତା ପାଇଁ ମଧ୍ୟ । ମେଜର ପଚାରିଲେ କି କିପରିଭାବରେ ପ୍ରକୃତୀ ମାତାପାଇଁ କଷ୍ଟଦାୟକ ହେବ ? ଉତ୍ତରରେ ଚପଳାମତୀ ମାନସୀଙ୍କୁ କିଏବା ବଳେଇବ । ସରଳ ହୃଦୟଧାରୀ ମାନସୀ ମେଜରଙ୍କ ହାତରେ ବରଫର ଗୋଲାଦେଇ କହିଥିଲେ ଯେ ପ୍ରକୃତୀମାତା ଏତେ ପରିଶ୍ରମ କରି ବରଫ ତିଆରି କରିଛନ୍ତି; ଆମେମାନେ ତାକୁ ଉପଭୋଗ ନକରି ଯଦି ବସ ମଧ୍ୟରେ ସୁରକ୍ଷିତ ହୋଇ ବସିରହିବା, ତାହେଲେ ଲାଭ କଣ ? ତାଛଡା

 Magazine Downloaded from www.aahwaan.com

ଆପଣ ତ ସୈନିକ, ତେଣୁ ଆପଣଙ୍କୁ ବର୍ଫିଲା ଅଞ୍ଚଳରେ ରହିବାର ସୁଯୋଗ ମିଳୁଛି, କିନ୍ତୁ ତାଙ୍କୁ ନୁହେଁ । ମେଜର ଏହିସବୁ କଥାକୁ ଶୁଣୁଥିଲେ ଏବଂ ଧ୍ୟାନ ଦେଇଥିଲେ । ସେ ଅନୁଭବ କରୁଥିଲେ ଯେ ଏ ଝିଅଟି ଜୀବନର ପ୍ରତି କ୍ଷଣକୁ ହସଖୁସିରେ ବିତାଇବାପାଇଁ ସବୁପ୍ରକାର ବନ୍ଧନକୁ ଭାଙ୍ଗିପାରିଛନ୍ତି । ଅପରପକ୍ଷରେ ସେ ନିଜେ ସେନାର ନିୟମରେ ସମ୍ପୂର୍ଣ୍ଣ ବନ୍ଦୀ । ମାନସୀ ଅନର୍ଗଳ ବକବକ କରିଚାଲିଥିଲେ । କହୁକହୁ ମାନସୀ କହିଲେ ଯେ ମେଜର, ଜୀବନ ଆପଣଙ୍କ ପାଇଁ ଖୁବ କଠିନ । ଏପରି ଦୁର୍ଗମ ସ୍ଥାନରେ ପରିବାରଠୁ ଦୂରରେ ରହି ସଦା କଷ୍ଟ ସହ୍ୟକରି ଦେଶର ରକ୍ଷା କରିବା ଯେ ସାହସୀ ବ୍ୟକ୍ତିମାନଙ୍କର କାମ । କିନ୍ତୁ ସେ ନିଜେ ଯେ ସେପରି ସାହସୀ ନୁହନ୍ତି । ତାଙ୍କର ଛୋଟ ସାହାସଟି ହେଲାକି କିଛିବି ବନ୍ଧନରେ ବାନ୍ଧିନହୋଇ ପ୍ରତ୍ୟେକ ପରିସ୍ଥିତିରେ ଫୁଲପରି ଖିଲଖିଲ ହୋଇ ହସିଉଠିବା । ଏପ୍ରକାର ବିଚାରଧାରା ମେଜର କେବେ ଶୁଣିବିନଥିଲେ । ଏହା ତାଙ୍କର ହୃଦୟକୁ ଛୁଇଁଯାଇଥିଲା । ସେହି ସ୍ଥାନରେ ଦୁଇଦିନ କ୍ୟାମ୍ପିଙ୍ଗ କରିବା ସମୟମଧ୍ୟରେ ମେଜର ମାନସୀର ମାନସିକତା ଦ୍ୱାରା ଖୁବ ପ୍ରଭାବିତ ହୋଇଥିଲେ । ଚଞ୍ଚଳ ମାନସୀ କିଛି ନଭାବି ନିଜର ମୋବାଇଲ ଫୋନନମ୍ବର ମେଜରଙ୍କୁ ଦେଇ ସେହିସ୍ଥାନରୁ ଚାଲିଯାଇଥିଲେ । ଗଲାପୂର୍ବରୁ ଏତିକି କହିଥିଲେ ଯେ ମେଜରଙ୍କୁ ଯଦି ସେ କୌଣସି ପ୍ରକାର ସାହାଯ୍ୟ କରିପାରିବେ, ତାହା ତାଙ୍କୁ ବହୁତ ଆନନ୍ଦ ପ୍ରଦାନ କରିବ । ତେଣୁ ମେଜର ସାହେବ, ଛୋଟ ବଡ଼ କିଛିବି ସାହାଯ୍ୟ ପାଇଁ ବିନା ସଙ୍କୋଚରେ ଆପଣ ମାନସୀକୁ ଫୋନ କରିପାରିବେ । ହୁଏତ ଯଦି ବରଫରେ ଖେଳିବାକୁ ଇଛାହୁଏ, ତେବେବି ମାନସୀକୁ ଡାକିପରିବେ । ହସିହସି ଭସା ବାଦଲପରି ସେହିସ୍ଥାନରୁ ଭାସିଯାଇଥିଲେ ମାନସୀ ।

ମାନସୀ ବର୍ତ୍ତମାନ ସମୟରେ ମହାବିଦ୍ୟାଳୟରେ ପାଠ ପଢୁଥିଲେ । ମେଜର ନିଜର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାର୍ଷିକ ଛୁଟିରେ ନିଜ ଘରକୁ ଫେରିଥିଲେ । ନିଜର ମା ସହିତ ସନ୍ଧ୍ୟାସମୟରେ ଗଳ୍ପ କରୁଥିବା ସମୟରେ ସେ ନିଜର ସୈନିକ ଚାକିରୀ ଜୀବନର ଅଭିଜ୍ଞତା ବିଷୟରେ କଥା ହେଉଥିଲେ । ହଠାତ ସେ ମାଙ୍କୁ ମାନସୀ ନାମିକ ଜଣେ ଝିଅ ସହିତ ଭେଟହେବାର ଘଟଣାଟି କହିଥିଲେ । ମା ଦେଖିପାରିଥିଲେଯେ ମାନସୀ ପରି କନ୍ୟାର ବ୍ୟକ୍ତିତ୍ୱରେ ପ୍ରଫୁଲ୍ଲିତ ଓ ଖୁବ ପ୍ରଭାବିତ ହୋଇଥିଲେ ତାଙ୍କର ପୁତ୍ର । ସେ ମାନସୀ ବିଷୟରେ କିଛିବି ଜାଣିନଥିଲେ । କିନ୍ତୁ ପୁତ୍ରର ବର୍ଣ୍ଣନା ମାଙ୍କର ମନରେ ମାନସୀର ଚିତ୍ର ଗଢିଦେଇଥିଲା । ପରଦିନ ସକାଳୁ ମା କହିଥିଲେ ମାନସୀଙ୍କୁ ଭେଟକରିବାକୁ ତାଙ୍କର ଖୁବ ଇଚ୍ଛା ହେଉଛି । ତେଣୁ ମାତା, ପିତା ଓ ମେଜର ନିଜ ଗାଡ଼ିରେ ୩୦୦କିଲୋମିଟର ଯାତ୍ରାକରି ପହଞ୍ଚିଥିଲେ ଜୟପୁର ସହରର ସେହି ମହାବିଦ୍ୟାଳୟରେ । ପହଞ୍ଚିବା ପରେ ମାନସୀଙ୍କୁ ଫୋନ କରିଥିଲେ ମେଜର, କିନ୍ତୁ କିଛିବି ନକହି ସେ ଫୋନକୁ ତାଙ୍କର ମାଙ୍କୁ ଦେଇଥିଲେ । ଜଣେ ଅଜଣା ବୟସ୍କ ନାରୀର ଶବ୍ଦ ଶୁଣି ମାନସୀ କିଛି କ୍ଷଣ ପାଇଁ ଗମ୍ଭୀର ହୋଇଯାଇଥିଲେ, କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ପୁଣି ସେହି ପୂର୍ବ ରୁପକୁ ଫେରିଆସିଥିଲେ । ଏପଟୁ ମା କହିଥିଲେ ଯେ ମାନସୀଙ୍କୁ ଭେଟକରିବା ପାଇଁ ସେ ବହୁତ ଦୂରରୁ ଆସିଛନ୍ତି; ଏହାଶୁଣି ମାନସୀ କିଛି ବୁଝିପାରିନଥିଲେ, କିନ୍ତୁ ଉତ୍ତର ଦେଇଥିଲେକି ଅଳ୍ପ ସମୟମଧ୍ୟରେ ସେହି ଅପେକ୍ଷାସ୍ଥଳୀରେ ପହଞ୍ଚିଯିବେ । ମନରେ କିଛି ଭଲ ଖରାପର ବିଚାର ନକରି ନିଜର ଜଣେ ବାନ୍ଧବୀଙ୍କୁ ସଙ୍ଗରେ ନେଇ ଖୁବ ଜୋରରେ ସ୍କୁଟି ଚଳାଇ ମାନସୀ ଆସି ପହଞ୍ଚିଥିଲେ ଏବଂ ନିଜ ମୁଣ୍ଡରୁ ହେଲ୍ମେଟଟି ବାହାରକରି ଲମ୍ବାଲମ୍ବା ବାଳଗୁଡିକୁ ଝାଡିଦେଇଥିଲେ । ସେହି କ୍ଷଣରେ ମେଜର ଯେ ପୁନର୍ବାର ମାନସୀଙ୍କ ଆଡକୁ ଆକର୍ଷିତ ହୋଇଯାଇଥିଲେ । ମା କ୍ଷଣକମଧ୍ୟରେ ସେହି ଚପଳାମତୀ ବିଦ୍ୟୁତକନ୍ୟାଙ୍କୁ ଚିନ୍ହିପାରିଥିଲେ । ସ୍କୁଟିକୁ ପାର୍କିଙ୍ଗକରି ମେଜରଙ୍କ ପାଖକୁ

 Magazine Downloaded from www.aahwaan.com

ଦୌଡ଼ି ଆସିଥିଲେ ମାନସୀ; କିନ୍ତୁ ସେ ବୟସ୍କ ମହିଳା ଯେ ମେଜରଙ୍କର ମା, ଏହା ଖୁବ ସହଜରେ ଜାଣିପାରିଥିଲେ । ପାଦ ଛୁଇଁ ପ୍ରଣାମକରିବା ପରେ, ଆପଣ ଏଠି ପ୍ରଶ୍ନକଲାରୁ, ମେଜରଙ୍କର ପିତା ଯେକି ନିଜେ ଭାରତୀୟ ସେନାରୁ ଅବସର ଗ୍ରହଣ କରିଥିଲେ, ଉତ୍ତରଦେଲେ କି ସୈନିକମାନଙ୍କ ସହିତ ସମୟର ବହୁତ କଳହ । ତେଣୁ ସମୟ ନଷ୍ଟନକରି ସରଳ ଭାଷାରେ କହିବାକୁଗଲେ "Young lady, would you like to romance my young son or this old man ?" । ସମସ୍ତେ ହସିବାକୁ ଲାଗିଲେ, ମାନସୀ ଏସବୁ ବିଷୟରେ କିଛିବି ଭାବିନଥିଲେ । ସେ ମେଜରଙ୍କୁ ଚିଡ଼ାଇବାକୁଯାଇ କହିଥିଲେ "I would like this old man" । ଯାହାବି ହେଉ, ସେହି ସ୍ଥାନରୁ ମେଜରଙ୍କର ପରିବାରକୁ ସାଥିରେ ଆଣି ମାନସୀ ପହଞ୍ଚିଥିଲେ ନିଜ ଘରେ । ମାତା, ପିତା ଓ ବଡ଼ ଭଉଣୀଙ୍କ ସହିତ ମେଜର ବସନ୍ତ ଓ ତାଙ୍କ ପରିବାରର ପରିଚୟ କରାଇଥିଲେ ମାନସୀ । ମାନସୀ ମେଜରଙ୍କୁ ଜୟପୁର ସହର ଭ୍ରମଣ କରାଇପାରିଥିଲେ । ଏହି ୨ଟି ଦିନ ମେଜରଙ୍କର ଜୀବନରେ ଅତ୍ୟନ୍ତ ମୂଲ୍ୟବାନ ସମୟ ଥିଲା । ଜୟପୁରରୁ ଫେରିବାର ସମୟରେ ମେଜରଙ୍କର ମାତା ମାନସୀର ପରିବାରକୁ ନିଜର ଆସିବାର ଅଭିପ୍ରାୟ ଜଣାଇଥିଲେ । ପରିବାରବାସୀ ସମସ୍ତେ ଖୁସି ଥିଲେ, କିନ୍ତୁ ସବୁକିଛି ମାନସୀ ଉପରେ ନିର୍ଭର, ତାଛଡା ବଡ଼ ଭଉଣୀର ବିବାହ ପରେହିଁ ମାନସୀଙ୍କୁ ସୁଯୋଗ ମିଳିବ। ମେଜର ସେହି ସମୟକୁ ଅପେକ୍ଷା କରିବେ, ଏହା ତାଙ୍କର ଉତ୍ତର ଥିଲା । ମାନସୀ ଖୋଲା ମନରେ କହିଥିଲେ ମେଜର, ଯଦି ତାଙ୍କୁ ବିବାହ କରିବାର ଇଚ୍ଛା, ତେବେ ଲମ୍ବା ସମୟ ଅପେକ୍ଷା କରିବାକୁ ପଡିବ ଏବଂ ଏହି ସମୟ ବ୍ୟବଧାନରେ ଜୀବନର ସବୁ ଛୋଟବଡ଼ ଖୁସି ଓ ଦୁଃଖକୁ ତାଙ୍କସହିତ ଉପଭୋଗ କରିବାକୁ ପଡିବ । Yes my lady, ଉତ୍ତର ଦେଇଥିଲେ ମେଜର ବସନ୍ତ । ବାସ କ୍ଷଣକ ମଧ୍ୟରେ ଆଖି ସାମ୍ନାରୁ

 Magazine Downloaded from www.aahwaan.com

ଦୁରେଇ ଯାଇଥିଲେ ମେଜର ଓ ତାଙ୍କର ପରିବାର ।

ସେନାର ଜୀବନ ଖୁବ କଠିନ; ଏହି ୨ବର୍ଷ ମଧ୍ୟରେ ମେଜର ୨ଟି ସ୍ଥାନରେ ପୋଷ୍ଟିଙ୍ଗ ପାଇସାରିଥିଲେ । ନିଜ ତରଫରୁ ତତ୍ପର ରହି ସେ ମାନସୀ ସହିତ ସମ୍ପର୍କ ରଖିପାରିଥିଲେ । କିଛି କିଛି ସମୟ ଏପରି ଥିଲା ଯେ ଦୁର୍ଗମ ସ୍ଥାନରୁ ଫୋନରେ ମଧ୍ୟ ସମ୍ପର୍କ ହୋଇପାରୁନଥିଲା । ମାନସୀ କିନ୍ତୁ ଏସବୁ ବୁଝିବାର ଶକ୍ତି ରଖିଥିଲେ । ଧୀରେଧୀରେ ମେଜର ବସନ୍ତ ମାନସୀଙ୍କର ହୃଦୟରେ ନିଜର ପରମାନେଣ୍ଟ ପୋଷ୍ଟିଙ୍ଗ କରିବାରେ ସକ୍ଷମ ହୋଇପାରିଥିଲେ । ମାନସୀ ମଧ୍ୟ ମେଜରଙ୍କର ଜୀବନର ଆକାଶରେ ବାଦଲ ପରି ଭାସିଚାଲିଥିଲେ । ଦୁଇଟି ମନ ମଧ୍ୟରେ ସମ୍ପର୍କର ଡୋରୀ ବାନ୍ଧି ହୋଇଗଲା ଏବଂ ଏହି ସମ୍ପର୍କ ଯେ ପରସ୍ପରର ମାନସିକତାରେ ବହୁତ ପରିବର୍ତ୍ତନ ଆଣିପାରିଥିଲା । ତେଣୁ ସ୍ନେହ, ପ୍ରେମ ଓ ସମ୍ପର୍କ, ଏହାଯେ ଜୀବନରେ ବହୁତ ଆବଶ୍ୟକ । ସୁଦୂର ଦେଶର ସୀମା ରକ୍ଷାକରିବା ସମୟରେ ସୈନିକମାନେ, ମେଜର ବସନ୍ତ ପରି, ନିଜର ପରିବାର, ମାତା, ପିତା, ସ୍ତ୍ରୀ, ପିଲା କି ପ୍ରେମିକାଙ୍କୁ ମନର ଗଭୀରତା ମଧ୍ୟରେ ଲୁଚାଇ ରଖି, ସେମାନଙ୍କ ପ୍ରତି ଶୁଭକାମନା ଜଣାଇ ନିଜର କର୍ତ୍ତବ୍ୟ ନିର୍ବାହ କରିଚାଲନ୍ତି ।

ମାନସୀଙ୍କର ବଡ଼ ଭଉଣୀ ବିବାହ କରିବାକୁ ତାଙ୍କର ପସନ୍ଦିତା ଯୁବକ ବାଛି ସାରିଥିଲେ । ବିବାହର ସବୁ ଆୟୋଜନ ଆଗେଇଚାଲିଥିଲା । ମାନସୀ ନିଜ ଭଉଣୀର ବିଭାଘରରେ ଖୁବ ମଜାକରିବା ପାଇଁ ନିଜର ବହୁତ ସାଙ୍ଗସାଥିମାନଙ୍କୁ ନିମନ୍ତ୍ରଣ କରିଥିଲେ । ସେମାନଙ୍କ ମଧ୍ୟରେ "ମେଜର ବସନ୍ତ" ନାମଟି ସର୍ବପ୍ରଥମ ଥିଲା । ସେନାର ଜୀବନରେ ଛୁଟି ମିଳିବା ପ୍ରାୟ ଅସମ୍ଭବ, ତାହା ବୁଝିଥିଲେ ମାନସୀ । ମେଜର ସେହି ବିବାହରେ ଯୋଗ ଦେଇପାରି ନଥିଲେ, ନିଜର ଶୁଭେଚ୍ଛା ସହିତ ଏକ ଭିଡ଼ିଓ ରେକର୍ଡକରି ମାନସୀଙ୍କୁ

 Magazine Downloaded from www.aahwaan.com

ପଠାଇଥିଲେ । ଏହା ମାନସୀଙ୍କର ମନକୁ ଛୁଇଁଯାଇଥିଲା; ସେ ଭାବୁଥିଲେ ଯେ ତାଙ୍କସହିତ ସମ୍ପର୍କରେ ବାନ୍ଧିହୋଇ ମେଜର ଜୀବନର ଛୋଟଛୋଟ ଖୁସି ପ୍ରତି ଧ୍ୟାନ ଦେବାକୁ ଆରମ୍ଭ କଲେଣି । ବଡ଼ି ଧୂମଧାମରେ ବିବାହ ଉତ୍ସବ ସମାପ୍ତ ହୋଇଥିଲା । ଭଉଣୀ ଘରୁ ବିଦାୟ ନେବାପରେ ଘରେ ମାନସୀ ଏକା ହୋଇଗଲେ । କିନ୍ତୁ ତାଙ୍କର ଚପଳାମତୀ ପ୍ରକୃତି ଘରେ ସବୁସମୟରେ ହାଲ୍ଲା ମଚେଇ ରଖିଥିଲା ।

ଦିନେ ସନ୍ଧ୍ୟାରେ କଲେଜରୁ ଫେରିବା ପରେ, ମାନସୀ ଦେଖିଲେ ଯେ ତାଙ୍କ ରୁମରେ ଟେବୁଲ ଉପରେ ଗୋଟିଏ ଲିଫାଫା ରଖାହୋଇଥିଲା; ତାହାପୁଣି ମେଜର ବସନ୍ତ ପଠାଇଥିଲେ । ଆଦରତାର ସହିତ ଚଞ୍ଚଳୀ ମାନସୀ ଲିଫାଫାଟି ଖୋଲିବାରେ ଲାଗିଗଲେ । ପ୍ରାୟ ସବୁଦିନ ସେ ମେଜରଙ୍କ ସହିତ ମୋବାଇଲ ଫୋନରେ କଥା ହେଉଥିଲେ ମଧ୍ୟ ମେଜର ନିଜର ବ୍ୟସ୍ତ ଜୀବନ ମଧ୍ୟରୁ ସମୟ ବାହାରକରି ମାନସୀଙ୍କ ପାଇଁ ଏକ କବିତା ଲେଖି ପଠାଇଥିଲେ । ମାନସୀ ପୁଣି ଭାବିଲେକି ଏହା ମଧ୍ୟ "ମାନସୀ ଇଫେକ୍ଟ" । ମେଜର ଲେଖିଥିଲେ;

ମନ ସାଥେ ମନ ମିଶିଗଲା, ଅଦେଖା ରାଇଜେ ହଜିଗଲା
ଦୁଇମନ ଆଜି ଏକହେଲା, ଗୋରୀସାଥେ ମୋର ପ୍ରେମ ହେଲା

ଏକା ଏକା ଥିଲା ଏ ଜୀବନ, ବିନାରଙ୍ଗେ ବିତେ ଯଉବନ
ମରିଚିକା ପରି ଥିଲା ସମାନ, ହେଲେ ଖୋଜୁଥିଲା ସାଥି ମନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୂର ରାଇଜର ପରୀଟିଏ ପରି, ଅଦେଖା ଅଶୁଣା ସୀମା ବାହାରି
ମନର କଳ୍ପନା ଟପି ନପାରି, ରହିଥିଲ ତୁମେ ତାମଧ୍ୟେ ଗୋରୀ

ସାଥିପରି ସଦା ମୋ ହାତ ଧରି, ହସି ଉଠୁଥିବ ପ୍ରେମ ଆମରି
ଉଲ୍ଲାସ ବେଶ ଚନ୍ଦ୍ରମା ପରି, ବହୁଦୂରେ କେହି ନପାରେ ଧରି

ରଙ୍ଗ ଭରୁଥିବି ତୋ ମଥାରେ, ସାଧବ ବୋହୂ ମୋ ସ୍ୱପ୍ନ ଦେଶରେ
ସୁନ୍ଦର ତୁମରୂପ ମୋନୟନରେ, ସୁନାଝରା ହସ ନାଚେ ପବନରେ

ସତେତ ଜୀବନେ ଜଲ୍ଦି ଆସ ପରୀ, ସଦା ଖୋଜୁଅଛି ମନ
କଠୋର ଦୁନିଆ ଚିତ୍କାର କରି, ଭାଙ୍ଗିଦେଲା ମୋ ସପନ
"ମେଜର ବସନ୍ତ କୁମାର ରଥ"

ଏହି କେତୋଟି ପଦ ପଢି, ଆଜି ମାନସୀ ବୋଧହୁଏ ଜୀବନରେ ପ୍ରଥମଥର ପାଇଁ କାନ୍ଦିଥିଲେ । ସେ ସର୍ବଦା ଖୋଲା ଆକାଶର ବକ୍ଷକୁ ଚିରି ପ୍ରଜାପତି ପରି ଉଡି ଉଡି ଜୀବନକୁ ଉପଭୋଗ କରୁଥିବା ସମୟରେ ଦିନେ ଏପରି ଜଣେ ଅଜଣା ମାଳୀର ସମ୍ପର୍କରେ ଆସିଥିଲେ, ଯେକି ତାଙ୍କୁ ସମୁଦ୍ରର ଗଭୀରତାଠୁ ବି ଅଧିକ ଭଲ ପାଇଗଲେ; ଏ କି ପ୍ରକାର ପରିବର୍ତ୍ତନ । କିଏ କଣ ଅନ୍ୟ ଜଣକୁ ଏତେ ଭଲ ପାଇପାରେ, ନିଜ ମାଙ୍କର କୋଳରେ ଶୋଇଶୋଇ ପ୍ରଶ୍ନ ପରେ ପ୍ରଶ୍ନ କରୁଥିଲେ ମାନସୀ । ମାଙ୍କର ଉତ୍ତର ଏହାଥିଲା ଯେ ମାନସୀର ସରଳ ଓ ଶାଶ୍ୱତ ମନ ଯୋଗୁ ଈଶ୍ୱର ଜଣେ ପ୍ରେମିକ ବ୍ୟକ୍ତିଙ୍କୁ ତାଙ୍କ ଜୀବନରେ

 Magazine Downloaded from www.aahwaan.com

ସ୍ଥାନ ଦେଲେ । ମାନସୀ ମଧ୍ୟ ସେହି ପ୍ରେମରେ ନିଜକୁ ସଦା ରଙ୍ଗେଇ ନେଇ ଚାଲିବା ଉଚିତ । ମାନସୀ ମନରେ ଝଲସି ଉଠୁଥିଲା ଯେ ମେଜର ବସନ୍ତ ଭାରତୀୟ ସେନାର ଜଣେ ସକ୍ଷମ ଯୁବା ଅଫିସର, ଯେକି ଦେଶର ସେବାରେ ନିଜକୁ ଉତ୍ସର୍ଗ କରିଥିଲେ, କିନ୍ତୁ ତାଙ୍କର ସେହି କଠୋର ରୂପ ମଧ୍ୟରେ ଏକ କୋମଳ ସ୍ନେହୀ, ପ୍ରେମୀ ହୃଦୟ ବାସକରେ ଯେଉଁଥିରେ ସେ ତାଙ୍କର ମାତାପିତା ଓ ଏହିସମୟରେ ମାନସୀଙ୍କୁ ସ୍ଥାନ ଦେଇଥିଲେ । କଲେଜର କ୍ୟାଣ୍ଟିନରେ ବସି ସେ ନିଜ ମୋବାଇଲରେ ମେଜରଙ୍କର ଫଟୋଗୁଡିକୁ ଦେଖିଚାଲିଥିଲେ । ଆଜି କିନ୍ତୁ ସେହି ଚଞ୍ଚଳୀ ମାନସୀ, ମେଜରଙ୍କର ନିକଟରେ ସବୁଦିନ ପାଇଁ ଅଟକିଯିବାକୁ ଚାହୁଁଥିଲେ । ସେ ଭସାବାଦଲ ରୂପରେ ଆଉ ଭାସିବାକୁ ଚାହୁଁନଥିଲେ । ସେ ନିଜର ହସିବା, କାନ୍ଦିବା, ନାଚିବା ସବୁ କିଛି ସେହି ମେଜରଙ୍କ ପାଇଁ ସାଇତି ରଖୁଥିଲେ । ସେ ବୁଝିପାରିଥିଲେ ଯେ ଦୁଇଟି ମଣିଷ ମଧ୍ୟରେ ଏ ସମ୍ପର୍କ ଯେ ଦୁନିଆରେ ସବୁଠୁ ସୁନ୍ଦର ଏବଂ ଏହାକୁ ଅନୁଭବ କରିବାକୁହେଲେ କେବଳ ଏକ ସୁନ୍ଦର ହୃଦୟ ହିଁ ଆବଶ୍ୟକ; ଏଥିପାଇଁ ଯେ ବରଫରେ ଖେଳିବା ଦରକାର ନଥାଏ ନା ବଲିଉଡ ଚଳଚିତ୍ର ପରି ଗଛ ଚାରିପଟେ ଗୀତ ଗାଇବାକୁ ପଡେ । ଏହି କେତୋଟି ବର୍ଷ ମଧ୍ୟରେ ମେଜର ମାନସୀଙ୍କୁ ଜୀବନର ଅସଲି ଅର୍ଥ ବୁଝାଇପାରିଥିଲେ । ମାନସୀ ଈଶ୍ୱରଙ୍କୁ ଖୁବ ବିଶ୍ୱାସ କରୁଥିଲେ ମଧ୍ୟ ସେ ଆଜିଯାଏ ମନ୍ଦିରରେ ମଥାଟେକି ନିଜ ପାଇଁ କିଛି ମାଗିନଥିଲେ । କିନ୍ତୁ ଏବେକା ସମୟରେ ମେଜର ବସନ୍ତ ଭାରତୀୟ ସେନାର "ଗ୍ରେହାଉଣ୍ଡ ଫୋର୍ସ"ରେ ଯୋଗଦେଇ ଓଡିଶା ଓ ଆନ୍ଧ୍ରପ୍ରଦେଶ ସୀମାରେ ନକ୍ସଲବାଦି ସହିତ ଲଢ଼ିଚାଲିଥିଲେ; ଏପଟେ ଏହି ଚଞ୍ଚଳୀ ମାନସୀ ନିଜ ମନକୁ ସ୍ଥିରକରି ମନ୍ଦିରର ସିଢିଉପରେ ବସି ଏକଲୟରେ ପ୍ରାର୍ଥନା କରିଚାଲିଥିଲେ କେବଳ ମେଜରଙ୍କର ଜୀବନର ସୁରକ୍ଷା ପାଇଁ । ପ୍ରତ୍ୟେକଦିନ ବରଂ ଥରୁଟିଏ ହେଉ, ସେ ମେଜରଙ୍କ

 Magazine Downloaded from www.aahwaan.com

ଠାରୁ ମୋବାଇଲ ଫୋନରେ ମେସେଜ ପାଇପାରୁଥିଲେ ଆଉ ମେଜର ସୁରକ୍ଷିତ ଅଛନ୍ତି ବୋଲି ନିଜକୁ ଆଶ୍ୱସ୍ତ କରିପାରୁଥିଲେ । ସମୟେ ସମୟେ ଯଦି କିଛି କାରଣରୁ ମେସେଜ ପାଇପାରୁନଥିଲେ, ତେବେ ସେହି ଚଞ୍ଚଳୀ ଏକ ଛୋଟ ପିଲାପରି ଅବୁଝା ହୋଇ ନିଜ ମାଙ୍କର କୋଳରେ ଶୋଇ ରହୁଥିଲେ । ସେ ବୁଝିପାରିଥିଲେ ଯେ ମେଜର ଏବେ ମାନସୀ ରୂପୀ କନ୍ୟାର ଆତ୍ମା ତୁଲ୍ୟ ଏବଂ ଆତ୍ମା ବିନା ମାନସୀଙ୍କର ଏହି ଶରୀରଟି ଗତିବିହିନ ।

ମାନସୀ ଆଉ ମେଜରଙ୍କ ଠାରୁ ଦୁରେଇ ରହି ପାରିବେ ନାହିଁ; ଏକଥା ମାତାପିତା ଖୁବ ଭଲ ଭାବରେ ଅନୁଭବ କରିପାରିଥିଲେ । ତେଣୁ ସେମାନେ ମେଜରଙ୍କର ପିତାଙ୍କୁ ଫୋନକରି ସବୁକଥା ଆଲୋଚନା କରିଥିଲେ । ଉଭୟ ପକ୍ଷରୁ ରାଜିଥିବାରୁ ମେଜରଙ୍କର ବାର୍ଷିକ ଛୁଟି ସମୟରେ ବିଭାଘରର ଆୟୋଜନ କରାଯିବ ବୋଲି ନିର୍ଣ୍ଣୟ ନିଆଯାଇଥିଲା । ଏକଥା ମଧ୍ୟ ମେଜରଙ୍କୁ ଜଣାଇଦିଆଯାଇଥିଲା । ଅକ୍ଟୋବର ୨୦ ତାରିଖ, ମେଜର ବସନ୍ତଙ୍କର ଜନ୍ମଦିନ, ସେ ୩୦ବର୍ଷ ବୟସରେ ପାଦ ଦେଇଥିଲେ । ଏହି ଦିନରେ ସେ ଘୋର ଜଙ୍ଗଲମଧ୍ୟରେ ନକ୍ସଲବାଦି ସହିତ ଏକ ମହାଯୁଦ୍ଧରେ ଭାଗିଥିଲେ । ସେ ମଧ୍ୟ ନିଜେବି ଜାଣି ନଥିଲେ କି ସେଦିନ ତାଙ୍କର ଜନ୍ମଦିନ । କିନ୍ତୁ ମାନସୀ ଖୁବ ସ୍ନେହ ଓ ଆଦରର ସହିତ ମନ୍ଦିରରେ ପୂଜାକରି ଆସିଥିଲେ । ନିଜ ଗୃହରେ ଦେବୀଦେବତାଙ୍କ ସମ୍ମୁଖରେ ଅଖଣ୍ଡଜ୍ୟୋତି ଜଳାଇ, ତାହାରି ନିକଟରେ ବସିରହିଥିଲେ । ସେ ସେହି ଅଖଣ୍ଡଜ୍ୟୋତିକୁ ସଦା ପ୍ରଜ୍ୱଳିତ ରଖିବାକୁ ଚାହୁଁଥିଲେ । ମାତାପିତା ଏପରି ଦୃଶ୍ୟ ଦେଖି ଭାବବିହ୍ୱଳ ହୋଇଉଠିଲେ । ପ୍ରଶ୍ନ କରିବାରୁ ପିତାଙ୍କୁ ଉତ୍ତରରେ ମାନସୀ କହିଥିଲେ ଯେ ତୁମେ ହୁଏତ ଏହି ପ୍ରଶ୍ନର ଉତ୍ତରକୁ ଆପେଆପେ ବୁଝିପାର ପ୍ରଧାନଶିକ୍ଷକ ମହୋଦୟ । ମେଜରଙ୍କର ଏହି ମହାଯୁଦ୍ଧରେ ବହୁତ ନକ୍ସଲବାଦି ମୃତ୍ୟୁବରଣ କରିଥିଲେ । ମେଜରଙ୍କର ସୈନିକମଣ୍ଡଳିରୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଇଜଣ ବୀର ସୈନିକ ବୀରଗତିକୁ ପ୍ରାପ୍ତ ହୋଇଥିଲେ । ମେଜର ସମ୍ପୂର୍ଣ୍ଣ ସୁରକ୍ଷିତ ଥିଲେ କିନ୍ତୁ ନିଜର ଦୁଇଜଣ ସାଥୀଙ୍କୁ ହରାଇ ସେ ବହୁତ ଦୁଃଖିତ ଥିଲେ । ଏହି ସମୟରେ ସାହାରା ଦେବାକୁ ଥିଲେ ମାନସୀ । ସେହି ଚପଳାମତୀ ଯେ ସ୍ୱାର୍ଥବିହୀନ, ସେ ମାନବିକତାକୁ ଅଧିକ ଭଲ ପାଉଥିଲେ । ମେଜରଙ୍କ ସମ୍ପର୍କରେ ଆସିବା ଦିନରୁ, ମାନସୀ ଜୀବନରେ ଭୋଗବିଳାସ ଠାରୁ ଖୁବ ଦୁରେଇ ଯାଇଥିଲେ । ମେଜର କିନ୍ତୁ ମାନସୀଙ୍କୁ ପରିବର୍ତ୍ତନ ନହେବାକୁ କହିଆସୁଥିଲେ । ଆସନ୍ତାବର୍ଷ ମାର୍ଚ୍ଚମାସରେ ବାର୍ଷିକ ଛୁଟିରେ ମେଜର ଘରକୁ ଫେରିବେ ଏବଂ ତାଙ୍କର ବିବାହ ମାନସୀଙ୍କ ସହିତ ସମ୍ପନ୍ନ ହେବ । ମାନସୀଙ୍କର ଆଖିରୁ ଆଜି ଲୁହ ଝରିପଡୁଥିଲା । ତାଙ୍କର ସେହି ଲେହ ବସଯାତ୍ରା ଓ ମେଜରଙ୍କ ସହିତ ପ୍ରଥମ ଭେଟର ଘଟଣାବଳୀ ଆଖିସାମ୍ନାରେ ନାଚି ଯାଉଥିଲା ।

ଜୀବନ ଯେ କ୍ଷଣ କ୍ଷଣର ମିଶ୍ରଣ । କେଉଁ କ୍ଷଣ କିପ୍ରକାର ସମାଚାର, ବିପଦ, ଆପଦ ଇତ୍ୟାଦି ଧରି ଆସିବ, ତାହା ସମ୍ପୂର୍ଣ୍ଣ ଅଜଣା । ଏପରି ପରିସ୍ଥିତି ଆସିପହଞ୍ଚିଥିଲା ମାନସୀଙ୍କର ଜୀବନରେ । ଚାରିମାସ ସମୟ ବ୍ୟବଧାନରେ ସେ ତାଙ୍କର ପ୍ରେମକୁ ପାଇବାରେ ସକ୍ଷମ ହେବେ । ଘରେ ଆନନ୍ଦର ମହଲ ଥିଲା । କିନ୍ତୁ ଏହି ସମୟମଧ୍ୟରେ ମାନସୀଙ୍କର ପିତାଙ୍କ ଶରୀର ଅସ୍ୱାସ୍ଥ୍ୟକର ହେବାକୁ ଲାଗିଲା । ଖୁସିର ମହଲରେ ଦୁଃଖର ବାଦଲ ଘେରିବାକୁ ଲାଗିଲା । ବିବାହ ସମ୍ପର୍କୀୟ ଯୋଗାଡ଼ ସ୍ଥାନରେ ମା ଓ ମାନସୀ ତାଙ୍କୁ ଚିକିତ୍ସାଳୟ ନେବାରେ ବ୍ୟସ୍ତରହିଲେ । ଜଣାପଡିଥିଲା ଯେ ହାର୍ଟଆଟାକ ଯୋଗୁ ସେ ପକ୍ଷଘାତର ଶୀକାର । ୨ମାସ ଚିକିତ୍ସାଳୟରେ ରହିବାପରେ ମଧ୍ୟ ସେ ଚଲାବୁଲା କରିପାରୁନଥିଲେ । ସେହିପରି ଅବସ୍ଥାରେ ଘରକୁ ଫେରିଥିଲେ ପ୍ରଧାନଶିକ୍ଷକ । ଚାକିରୀକୁ ଯାଇପାରୁନଥିବାରୁ ସେ ଇସ୍ତଫା ଦେବାକୁ ବାଧ୍ୟହୋଇଥିଲେ । ତାଙ୍କରି ସେବାରେ ମା ଓ


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାନସୀଙ୍କର ସବୁ ସମୟ ବିତିଯାଉଥିଲା । ଏସବୁର ସମାଚାର ପାଇଥିଲେ ମେଜର । ମାନସୀ କିପରିଭାବରେ ପରିବାରକୁ ଛାଡି ବିବାହକରି ସେ ଘରୁ ଦୂରେଇଯିବେ । ତେଣୁ ସେ ବିବାହ ନକରିବା ପାଇଁ ନିଜକୁ ମନେଇବାକୁ ଚେଷ୍ଟାକରୁଥିଲେ । ପରିବାରର ଖର୍ଚ୍ଚ ବହନକରିବାକୁ ଯାଇ, ସେ କଲେଜ ଶିକ୍ଷା ଛାଡି ଜୟପୁର ସହରରେ ଏକ ବେସରକାରୀ ସଂସ୍ଥାରେ ଚାକିରୀ ଆରମ୍ଭ କଲେ । ସମୟ ବଦଳିଥିଲା, ଚଞ୍ଚଳତା ମାନସୀଙ୍କ ଠାରୁ ଦୂରେଇଯାଇଥିଲା । ସେ ଆଜି ସେହି ସମ୍ପର୍କର ବନ୍ଧନରେ ବାନ୍ଧି ହୋଇଯାଇଥିଲେ । ସେ ଆଉ ଆକାଶର ବକ୍ଷ ଚିରି ପ୍ରଜାପତି ପରି ଉଡିପାରୁନଥିଲେ । ସେ ନିଜର କର୍ତ୍ତବ୍ୟ ବିଷୟରେ ଭାବୁଥିଲେ । ଜୀବନଚକ୍ର ଯେ ଖୁବ ଜଟିଳ । ତାକୁ ବୁଝିବା କାଠିକର ପାଠ । ଏପ୍ରକାର ଖବର ମେଜରଙ୍କର ପିତାମାତା ଶୁଣିବାପରେ ସେଦୁହେଁ ପୁନର୍ବାର ୩୦୦କିଲୋମିଟର ଦୂରତା ଅତିକ୍ରମକରି ଆସି ପହଞ୍ଚିଥିଲେ ଜୟପୁର ସହରରେ । ମେଜରଙ୍କର ପିତା ମାନସୀଙ୍କୁ ଦେଖି କହିଥିଲେ "young lady, this old man is here" । ମାନସୀ ନିଜକୁ ସମ୍ଭାଳି ନପାରି ତାଙ୍କ ବକ୍ଷରେ ମଥା ରଖି ଖୁବ ଜୋରରେ କାନ୍ଦିବାକୁ ଲାଗିଲେ । ସିନିଅର ମେଜର, ଭାରତୀୟ ସେନାରେ ଜୀବନ ବିତାଇଥିଲେ । ତେଣୁ ସେ ତତକ୍ଷଣାତ ମାନସୀଙ୍କୁ କହିଥିଲେ ମାନସୀ, ତୁମେ ମେଜର ବସନ୍ତଙ୍କୁ ବିବାହ କରିବାକୁ ଯାଉଛ । ଜୀବନର ପ୍ରତ୍ୟେକ କଷ୍ଟକୁ ତୁମେ ହସି ହସି ସହିବାର ଶକ୍ତି ରଖିବା ଉଚିତ । ସେନାର ଜୀବନ ଅତ୍ୟଧିକ ରୂପରେ ଅନିଶ୍ଚିତ ଏବଂ କ୍ରୁର । କେଉଁ ସମୟରେ ଜୀବନ ଦୀପଟି ଶତ୍ରୁର ଗୁଳି ଆଘାତରେ ଲିଭିଯିବ, ତାହା ଜାଣିବା କଷ୍ଟ । ତେଣୁ ଜୀବନ ତୁମକୁ ଯାହା ଦେଇଚାଲିଛି, ତାକୁ ହସିହସି ଗ୍ରହଣ କର । ତୁମେ ଏହାବି ମନେ ରଖିବା ଉଚିତ ଯେ ତୁମର ଚଞ୍ଚଳତା ହିଁ ତୁମର ଶକ୍ତି ଏବଂ ଏହି ଶକ୍ତି ତୁମକୁ ମେଜର ବସନ୍ତଙ୍କ ସହିତ ସଂଯୋଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଥିଲା । ସବୁ ଅସୁବିଧାର କିଛି ନାଁ କିଛି ସମାଧାନ ଥାଏ। ତୁମେ ଏସବୁ ମେଜରଙ୍କ ଉପରେ ଛାଡିଦିଅ । ମେଜର ଜଣେ ସୈନିକ, ତେଣୁ ତାଙ୍କର ପ୍ରତ୍ୟେକ ବିଚାର ଯେ ସ୍ୱାର୍ଥହୀନ ଏବଂ ପରିବାର ହେଉ ବା ଦେଶ ହେଉ, ତାର ଅନୁକୂଳ ହିଁ ରୂପ ନେଇଥାଏ ।

ମାର୍ଚ୍ଚମାସର ଆଗମନ ହେଲା ଏବଂ ମେଜର ନିଜର ବାର୍ଷିକ ଛୁଟିନେଇ ଘରକୁ ଫେରିଲେ । ଘରେ ପହଞ୍ଚି ସେ ନିଜ ମାତାପିତାଙ୍କ ଠାରୁ ସମସ୍ତ ଘଟଣାବଳୀ ବୁଝିଥିଲେ । ଏପରି ସମୟରେ ସେ କଣ ସ୍ୱାର୍ଥପର ହୋଇ ମାନସୀଙ୍କୁ ବିବାହ ବନ୍ଧନରେ ବାନ୍ଧିବା ଉଚିତ ଏବଂ ତାଙ୍କୁ ମାତାପିତାଙ୍କ ଠାରୁ ଦୁରେଇ ନେବା ଠିକ ହେବ ? ଏସବୁ ବିଚାର ମୁଣ୍ଡ ମଧ୍ୟରେ ଖେଳିଚାଲିଥିଲା; କିନ୍ତୁ ପ୍ରଥମେ ଯେ ନିଜ ମାତାଙ୍କର ହାତରନ୍ଧା ଖାଦ୍ୟ ଖାଇନେବା ଠିକ ବିଚାର । ମା ବର୍ଷଟି ସାରା ଅପେକ୍ଷା କରିରହିଥିଲେ କି ତାଙ୍କର ପୁତ୍ର ସୁରକ୍ଷିତ ରୂପରେ ଘରକୁ ଫେରିଆସୁ ।

ମାନସୀଙ୍କ ପରିବାର ତରଫରୁ ବିବାହର କିଛି ଯୋଗାଡ଼ ହୋଇନଥିଲା । ତାଛଡା ମାନସୀର ଭଉଣୀ ଓ ଭିଣୋଇ ମାନସୀଙ୍କୁ ଏପରି ସମୟରେ ବିବାହ ନକରିବା ପାଇଁ ବୁଝାଉଥିଲେ । ଏଥିରେ ସେଦୁହିଁକର ସ୍ୱାର୍ଥ ନିହିତ ଥିଲା । ଏସବୁ ବୁଝୁଥିଲେ ମାନସୀ, କିନ୍ତୁ ତାଙ୍କ ସମ୍ମୁଖରେ ରାସ୍ତା କିଛି ନଥିଲା । ରାତ୍ରୀର ସମୟରେ ମେଜର ବସନ୍ତ ସବୁ ଘଟଣାଚକ୍ରର ଆଲୋଚନା କରିବାକୁ ମାନସୀଙ୍କୁ ଫୋନକଲେ । ମାନସୀଙ୍କୁ ଏପରି ଭାଙ୍ଗିପଡିବାର ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ତାଙ୍କୁ ସେହି ଚଞ୍ଚଳ ଚୁଲବୁଲି ବେଫିକର ମାନସୀଙ୍କୁ ଫେରିପାଇବାର ଇଚ୍ଛା ପ୍ରକାଶକଲେ । ସେ ଖୁବଶୀଘ୍ର ୩୦୦କିଲୋମିଟର ଦୂରତା ଅତିକ୍ରମ କରି ଆସୁଛନ୍ତି ବୋଲି ପ୍ରସ୍ତାବ ଦେଇଥିଲେ ।

ମେଜରଙ୍କୁ ନିଜ ଘରେ ଦେଖି ମାନସୀ ଭାବବିହ୍ୱୋଳ ଏବଂ ଖୁବ ଦୁଃଖୀ । ଜଣେ

 Magazine Downloaded from www.aahwaan.com

ସୈନିକ କେବେ ନିଜକୁ କମଜୋର କରିପାରେନାହିଁ; ତେଣୁ ସେ ମାନସୀଙ୍କୁ ସବୁ ଚିନ୍ତାରୁ ମୁକ୍ତକରିବା ପାଇଁ କିଛି ରାସ୍ତା ବାହାର କରିପାରିବେ । ମାନସୀର ମାତାପିତା ଯେ ମାନସୀଙ୍କୁ ବିବାହ କରିବାକୁ ଅନୁରୋଧ କରୁଥିଲେ । ପିତାଙ୍କ ଦୁଃଖ ଥିଲାଯେ ତାଙ୍କ ଯୋଗୁ ମାନସୀର ଜୀବନ ନଷ୍ଟ ନହେଉ । ତେଣୁ ସେ ମେଜରଙ୍କୁ ମାନସୀର ହାତ ଧରିନେବାକୁ ନେହୁରା ହେଉଥିଲେ ।

ସିନିଅର ମେଜର, ଆଜି ଜୀବନର ଘଡିସନ୍ଧି ମୁହୂର୍ତ୍ତରେ ଜୁନିଅର ମେଜର କେଉଁପ୍ରକାର ବିଚାର କରିପାରନ୍ତି, ତାହା ଦେଖିବାକୁ ଖୁବ ଇଚ୍ଛୁକ ଥିଲେ । ମା ଓ ପିତା ଦୁହେଁ ମେଜରଙ୍କର ବିଚାରରେ ସହମତି ଜଣାଇଥିଲେ ।

ମେଜର ବସନ୍ତ କୁମାର ରଥ, ଭାରତୀୟ ସେନାର ସୈନିକ, ସ୍ୱାର୍ଥକୁ ଆହୁତି ଦେବାକୁ ସର୍ବଦା ଆଗଭର । ତାଙ୍କ ସମ୍ମୁଖରେ ଦୁଇଟି ରାସ୍ତା ଥିଲା ।

ପ୍ରଥମଟି ଥିଲା ସେ ମାନସୀ ସହିତ ବିବାହ ନକରି ମାନସୀଙ୍କୁ ନିଜ ପିତାଙ୍କର ଯତ୍ନ ନେବାପାଇଁ ଜୀବନଭରି ଏକା ଛାଡ଼ିଦେବା ଉଚିତ ହେବ । କିନ୍ତୁ ଏହି ରାସ୍ତାରେ ଗତିକଲେ, ମାନସୀଙ୍କର ପିତା ଯେ ବଞ୍ଚିଥିବାଯାଏ ପ୍ରତିମୁହୂର୍ତ୍ତରେ ଜଳିବେ ଏବଂ ମାନସୀ ଜୀବନଭରି ନିଜକୁ ଏହି ଦୁଃଖରେ ଜାଳିବେ ।

ଦ୍ୱିତୀୟଟି ଥିଲା ସେ ମାନସୀର କଷ୍ଟ ଓ ମଜବୂରିକୁ ନିଜର କରିନେବା ଉଚିତ; ଯାହାଦ୍ୱାରା ସେ ମାନସୀର ଜୀବନସାଥୀ ରୂପରେ ତାଙ୍କର କଷ୍ଟ ହାରିବାରେ ସକ୍ଷମ ହୋଇପାରିବେ ।

ବାସ, ଏହି ୨ଟି ରାସ୍ତାମଧ୍ୟରୁ ମେଜର କେବେବି ପଳାୟନର ରାସ୍ତାକୁ ଗ୍ରହଣ କରିପାରିବେନାହିଁ; ଏହାତ ସେନାର ସୈନିକମାନଙ୍କର ରକ୍ତରେ ବହିନଥାଏ । ତେଣୁ ସେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେହି ସ୍ଥାନରେ ନିଜ ମାଙ୍କ ଠାରୁ ସିନ୍ଦୁର ଓ ମଙ୍ଗଳସୂତ୍ର ଆଣି ମାନସୀର ମଥାରେ ଲାଲରଙ୍ଗଟି ଭରିଦେଇଥିଲେ ଏବଂ ସବୁଦିନପାଇଁ ସେ ଚଞ୍ଚଳୀ ତାଙ୍କର ପତ୍ନୀ ହୋଇଯାଇଥିଲେ ।

ମେଜର, ମାନସୀଙ୍କର ସବୁ କଷ୍ଟକୁ ନିଜ କାନ୍ଧକୁ ନେଇପାରିଥିଲେ । ତେଣୁ ପ୍ରଧାନଶିକ୍ଷକ ସମସ୍ତ ପରିବାର ସହିତ ମେଜରଙ୍କର ଘରେ ରହୁଥିଲେ । ସିନିଅର ମେଜରଙ୍କର ସେନା ନିୟମାନୁସାରେ ପ୍ରଧାନଶିକ୍ଷକଙ୍କର ଶାରୀରିକ ଅବସ୍ଥାରେ ବହୁତ ସୁଧାର ଆସିବାକୁ ଲାଗିଥିଲା ।

ଶୀତଦିନର ଛୁଟିରେ ଯଦି ମେଜର କେବେ ଘରକୁ ଆସିବାର ସୁଯୋଗ ପାଉଥିଲେ, ମାନସୀ ସହିତ ଲେହ ଯାଇ ବରଫ ଉପରେ କ୍ୟାମ୍ପିଙ୍ଗ କରିବାକୁ ଯିବାକୁ ପସନ୍ଦ କରିଥିଲେ । ସେ ମାନସୀର ସେହି ବେଫିକର ଜୀବନକୁ ଉପଭୋଗ କରିବାର ପ୍ରକୃତିକୁ ନିଜ ଜୀବନରେ ମଧ୍ୟ ଲାଗୁ କରିବାକୁ ଉଦ୍ୟମରତ ଥିଲେ ।

ସେନାର କାର୍ଯ୍ୟ ଖୁବ କଠିନ, କିନ୍ତୁ ମାନସୀ ପରି ସାଥି ଥକିଯାଇଥିବା ମେଜରଙ୍କୁ ଫୋନକରି ଚଞ୍ଚଳମତୀ ହୋଇ ଦୁଇପଦ କଥା କହିଦେଲେ ମେଜର ଯେ ନିଜକୁ ଫେରିପାଉଥିଲେ । ମାନସୀ ସଦା ଅପେକ୍ଷା କରିରହୁଥିଲେ ଯେ ମେଜର କେବେ ଛୁଟି ନେଇ ଘରକୁ ଆସିବେ ଏବଂ ତାଙ୍କର ସେହି ଖିଲଖିଲ ହସର ଚେହେରାଟିକୁ ଦେଖି ସବୁକ୍ଷଣପାଇଁ ତାଙ୍କର ନିଜର ହୋଇଯିବେ ।

ମେଜରଙ୍କ ପାଇଁ ମାନସୀ କେବଳ ପତ୍ନୀ ନଥିଲେ; ସେ ତାଙ୍କର ଜୀବନର ଉତ୍ସାହ ଓ ପ୍ରୋତ୍ସାହ ଥିଲେ । ଖୁବ କମ ସମୟପାଇଁ ମଣିଷ ଏହି ଧରାପୃଷ୍ଠକୁ ଆସିଥାଏ ଏବଂ ଜୀବନ ଗଢିବାରେ ସବୁ ସମୟ ଖର୍ଚ୍ଚ କରିଥାଏ । ତେବେ ସେ ଜୀବନକୁ ବଞ୍ଚିବେ କେବେ ?

 Magazine Downloaded from www.aahwaan.com

ବାଲ୍ୟକାଳରୁ ଶିକ୍ଷା,ଶିକ୍ଷାପରେ ଚାକିରୀ, ତାପରେ ବିବାହ, ପିଲାଛୁଆ, ବୃଦ୍ଧ ମାତାପିତା ଓ ସମ୍ପର୍କୀୟମାନଙ୍କ ମଧ୍ୟରେ ଜୀବନର ପ୍ରତ୍ୟେକକ୍ଷଣ କେତେବେଳେ ହାତମୁଠାରୁ ଧୀରେଧୀରେ ନଦୀବାଲିପରି ଖସିଯାଇଥାଏ, ତାହା ସେ ଜାଣିପାରିନଥାଏ । ତାଛଡା ଶରୀର ଯେ କେତେଦିନ ସାଥ ଦେବ, ତାହାର କିଛି ଲେଖାପଢ଼ା ନଥାଏ । ପୁଣି ମେଜର ଯେ ସୈନିକ, ପ୍ରତି ମୁହୂର୍ତ୍ତରେ ଶତ୍ରୁର ଗୁଳିର ଭୟ । ଏସବୁ ମଧ୍ୟରେ ହିଁ ଜୀବନ, ଏମିତି ଏକ ସମୟ ଆସିବନାହିଁ ଯେଉଁଠି ମେଜର ବସନ୍ତ କେବଳ ଜୀବନକୁ ଉପଭୋଗ କରିବାର ସୁଯୋଗ ପାଇବେ । ଏହି ଜଟିଳ କଷ୍ଟଦାୟକ ଜୀବନମଧ୍ୟରେ ଗତିକରିବା ସମୟରେ ପ୍ରତ୍ୟେକ ମୁହୂର୍ତ୍ତରେ ଆସୁଥିବା ଛୋଟବଡ଼ ଖୁସିକୁ ଉପଭୋଗ କରିବା ହିଁ ଜୀବନ ବଞ୍ଚିବାର ଉପାୟ । ସେହି ପ୍ରଥମ ଭେଟରେ ମେଜର ମାନସୀର ରୂପକୁ କେବଳ ଭଲପାଇନଥିଲେ, ସେ ତାଙ୍କର ଏହିପ୍ରକାର ଚିନ୍ତାଧାରା ଦ୍ୱାରା ଖୁବ ପ୍ରଭାବିତ ହୋଇଥିଲେ । ତେଣୁ ମେଜରଙ୍କ ପାଇଁ ମାନସୀ ତାଙ୍କର ନିଜର ମାନସିକତା ହ୍ୱନିଯାଇଥିଲେ ।

ଡ. ପ୍ରଶାନ୍ତ କୁମାର ନାୟକ, ବ୍ରୁନେଇ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହେ ମୃତ୍ୟୁ ତୁମେ ଚିରନମସ୍ୟ



ମନୋଜ ପଣ୍ଡା

ହେ ମୃତ୍ୟୁ ତୁମେ ଚିର ନମସ୍ୟ।
ତୁମେ ହିଁ ସାଧନା ତୁମେ ତପସ୍ୟା ।।
ମୃତ୍ୟୁ ତୁମେ ଅବିନାଶୀ
ତୁମେ ପୁଣି ବିନାଶର ସୂତ୍ରଧର ।
ମୃତ୍ୟୁ ତୁମେ ଲାଗ ମୋତେ
ନିଜଠୁ ନିଜର ।
ତୁମେ ଗୋପନରେ ଆସ କିନ୍ତୁ
ଧରା ପଡି ଯାଅ
ଦେହ ଛାଡି ଦେହକୁ
ସାଥେ ନେଇ ଯାଅ ।
ତୁମର ହୁଏନି ସ୍ୱାଗତ
ପୂଜାଥାଳି ଧରି
ତୁମେ କିନ୍ତୁ ଆସ ନିଃସ୍ୱାର୍ଥପର
ବନ୍ଧୁଟିଏ ପରି ।

ଲାଗେ ତୁମେ ସବୁ
ସାଥେ ନେଇଗଲ
କିନ୍ତୁ ଅଜାଣତରେ ତୁମେ ଯେ
ମୁକ୍ତି ଦେଇଗଲ ।
ଆଜି ମୁଁ ସ୍ୱାଗତ କରୁଛି ତୁମକୁ
ମୋତେ ମୁକ୍ତି ଦିଅ ଆସି
ମାଟିର ଏ ଶରୀର
ମାଟିରେ ଯାଉ ମିଶି ।
ପ୍ରଭୁ ନାମ ତୁଣ୍ଡେ ଧରି
ଏ ଆତ୍ମା ହେଉ ପରମାତ୍ମା ଙ୍କର ପୂଜାରି ।
ହେ ମୃତ୍ୟୁ, ଦିଅ ମୋତେ ମୁକ୍ତି
ଏ ମାୟା ବନ୍ଧନରୁ
କର ମୋତେ ଏ ଭବ ସାଗରରୁ ପାରି ।

ଅଡା, ବାଲେଶ୍ୱର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତମ ଶେଷ ଚିଠି



ଜ୍ୟୋତିର୍ମୟୀ
ବେହେରା

ତମକୁ  ଭୁଲିଯିବା  ପାଇଁ
ତମେ ଲେଖିଛ ଚିଠିରେ ॥

ତମେ କୁହ ହୃଦୟର କୋଣାର୍କରେ
ପ୍ରେମର ନିହାଣରେ ॥

ଅଂକା ଯାଇଥିବା ଦିନର ଚିତ୍ରଗୁଡିକୁ
କଣ ନିଭେଇ ହେବ ?

ନାଁ ମୁଁ ଭୁଲିପାରିବି ତୁମକୁ
ତୁମେ ପରା କହୁଥିଲ ତମେ ଆକାଶର ଜହ୍ନ ॥

ଆଉ ମୁଁ ପୋଖରୀର ନୀଳକଇଁ
କଇଁ କଣ ଜହ୍ନକୁ ଭୁଲିପାରେ ?

ଅମାବାସ୍ୟାରେ ରାତିରାତି ଜଳୁଥାଏ
ବିରହ ଜ୍ୱାଳାରେ ଜହ୍ନର ବିରହିଣୀ ହୋଇ ॥

ତମେ କେବେ ନଆସ ପଛେ ହେଲେ ମତେ
ଫେରିବାର ପ୍ରତିଶୃତି ଦିଅ ॥

ମୁଁ ତମକୁ ସବୁ ଫଗୁଣରେ ସବୁ ବସନ୍ତରେ
ଅନାଇ ବସିବି କୃଷ୍ଣଚୂଡ଼ା ଗଛ ହୋଇ ॥

ଆମ ଗାଁ ମୁଣ୍ଡେ ଆଉ ନାଲି ନାଲି ପାଖୁଡାରେ
ଲେଖୁଥିବି ମୁଠା ମୁଠା ପ୍ରେମଚିଠି
ତମ ଠିକଣାରେ

ବାଲେଶ୍ୱର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ମୃତି



ତୃପ୍ତିମିତ୍ରା ରଥ

ସ୍ମୃତି  ସାଜିଅଛି ମୋ ମନର ମୁକ୍ତା
ସ୍ମୃତି ତୁମେ ନର୍ତ୍ତକୀ ଘେରା ମନ୍ଦିର ମୁଖଶାଳା,
ସ୍ମୃତି ତୁମେ ଅଜଣା ଗଳିର
ଭଙ୍ଗୁର ପାନ୍ଥଶାଳା,
ସ୍ମୃତି ତୁମେ ଅଲିଭା ଦୀପର
ଅସରନ୍ତି ସଳିତା,
ସ୍ମୃତି ତୁମେ ଆଗାମୀ ସନ୍ଧ୍ୟାର
ଘୃତ ମଗ୍ନ ବଳିତା....

ହଜିଯାଇଥିବା କେହି
ମନ ମଧ୍ୟେ ରହେ ନାହିଁ,
ଯଦି ରହିଯାଏ କେବେ
ଶୁଆଇ ସେ ଦିଏ ନାହିଁ,
ଖୋଳି ଖୋଳି ମାନେ ପଡେ,
ଜିଇଁ ଥାଉ ଥାଉ ମାରେ,
ଜୀବନର ପ୍ରତି ଖୁସି ତା ପାଖରେ ଯାଇ ସାରେ............

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ମୃତି ତୁମେ ଯେବେ ଆସ,

ମରୀଚିକା ପରି ଦିଶ,

ଧରିବାକୁ ଯାଏ ଯେବେ,

ଶୂନ୍ୟତା ରେ ଯାଇ ମିଶ......

ସାଗର ର କୂଳେ ଥାଇ,

ସାଗର ବୁକୁକୁ ଦେଖେ,

ଅଜଣା ନଇ ଟେ ପରି ଅଚିନ୍‌ହା ଚାହାଣି ରଖେ,

କହିବାକୁ ଥାଏ କଥା,

ମନ ମଧ୍ୟେ ଅସରନ୍ତି,

ଜଣିକି ଅଜଣା ବୋଲି,

ମନ ରେ ସାଇତି ରଖେ............

ସ୍ମୃତି ଦିନେ ତୁମେ ପାଖେ ଥିଲ ମୋର

ସାମ୍ନା ରେ ପୁଣି ଆଖିରେ କଲ ଘର,

ପ୍ରତ୍ୟୁଷ କାକର କୁ ମୁକୁତା ଭାବିଥିଲି

ଖୁସି ସାଗର ରେ ବୁଡ଼ିଯାଇ ଥିଲି

ଦେଖି ତୁମ କୁହୁଡି ର ଘର............

ସ୍ମୃତି ତୁମେ ଝରିଆସ ଓଠ ର ହସ ଟେ ପରି,

ପୁଣି କେବେ ବହିଯାଅ,

 Magazine Downloaded from www.aahwaan.com

ଆଖିର ଲୁହ ଟେ ପରି,

ଆଉ କେବେ ଛୁଟି ଆସ ମନ ର ଭାବନା ହୋଇ,

କିନ୍ତୁ ମୋ ପାଖୁ ଦୁରେଇ ଯାଅ,

କଲମ ର ସିରା ହୋଇ..........

ହେ ସ୍ମୃତି ଆଜି କର ଯୋଡୁଛି,

ଫେରି ଯାଅ ମୋ ମାନସପଟ୍ଟ ରୁ,

ଆଉ ମୋ ବାସ୍ତବତା କୁ ଦିଅ ଫେରାଇ,

ଚାହିଁ ରହିଛି ମୁଁ ଯାହାରୀ ପାଇଁ........

ଦେଖିବି ଥରେ ମୋମନ ର ମୁକ୍ତା କୁ,

କଥା ନହେଲେ ବି କଣ ହେଲା,

ସ୍ୱର୍ଶ କରିବି ତା ପଦମୁର୍ତ୍ତିକା କୁ,

ଅଚିନ୍‌ହା ପରି ଦେଖନ୍ତି ସେ ମତେ,

ତଥାପି ଚିହ୍ନନ୍ତି ହୃଦୟ ର ଅନ୍ତେ..........

ଏ ଦୁନିଆରେ,,,,

ପ୍ରଭୁ ପ୍ରଭୁ ବୋଲି ଖୋଜନ୍ତି ସମସ୍ତେ

ମିଳନ୍ତି ସେ ଖାଲି କଳ୍ପନା ର ଅସ୍ତ୍ରେ,

ଠିକ ସେହି ପରି ସେ ମୁକ୍ତା ମନ ର,

ଅନ୍ତରେ ଯେ ଆଜି କରିଛି ମୋ ଘର............

ପ୍ରତିକ୍ଷଣେ ତାକୁ ଝୁରୁଛି ମୋ ମନ,

 Magazine Downloaded from www.aahwaan.com

ଗିରି କନ୍ଦର ଠୁ ବନ ଓ କାନନ,

ତା ସହ ଥରୁଟେ ଦେଖା ହେଲେ ସତେ,,

କରନ୍ତି ଅଶ୍ରୁ ରେ ତା ପଦ ପ୍ରକ୍ଷାଳନ...

ଅନ୍ତର ର ସବୁ ଭକ୍ତି କୁ ଅରପି,

ହୃଦୁ  ସ୍ନେହ ଆଉ ସମ୍ମାନ ସମର୍ପି,

ମଥା ପତିଞ୍ଚି ତା ଚରଣ ଯୁଗଳେ,

ଆଉ କହିବି.................

ହେ ଗୁରୁ ରୁପି ଈଶ୍ୱର........

ମନେ ପଡୁଥିଲ ତୁମେ ସବୁବେଳେ..........

ତୃପ୍ତିମିତ୍ରା ରଥ

କବିରାଜ ପୁର, ଗଞ୍ଜାମ



ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ଶ୍ରେଷ୍ଠ ବଇଭବ



ସଂଯୁକ୍ତା ରାଉତ

ତୁମେ ମୋର ଇଷ୍ଟ ଆହେ ଜଗଦୀଶ
ତୁମେ ହିଁ ତ ଗତି ମୁକ୍ତି
ତୁମ ବିନା ଏହି ଜୀବନରେ ମୋର
ମିଳେ ନାହିଁ କାହିଁ ଶାନ୍ତି ॥

ତୁମରି ନାଆଁରେ ସକାଳ ଆରମ୍ଭ
ତୁମ ନାମେ ଦିନ ସରେ
ତଥାପି କାହିଁକି କାଳିଆ ସାଆନ୍ତ
ତୁମକୁ ମୋ ଆତ୍ମା ଝୁରେ ॥

ମାଗିନାହିଁ କେବେ କିଛି ହେଲେ ଦିନେ
ଲୋଡ଼ା ନାହିଁ ଧନ ମାନ
ତୁମରି କରୁଣା ସାଗରୁ ରେଣୁଟେ
ଲୋଡେ ଏହି କ୍ଷୁଦ୍ର ମନ ॥

ତୁମେ ଲୀଳାମୟ ଲୀଳା ଯେ ଅପାର
ସବୁ ଦେଇଛ ଜୀବନେ
ଅନ୍ତର୍ଯ୍ୟାମୀ ପ୍ରଭୁ ମୋ' ଅନ୍ତର କଥା
ବୁଝିପାରି ଅନୁକ୍ଷଣେ ॥

ଅନିତ୍ୟ ସଂସାରେ ତୁମେ ଏକା ସତ୍ୟ
ଏହି ମୋର ଅନୁଭବ
ତେଣୁ ମୁଁ ବିଚାରେ ନିଃସ୍ୱ ଏ ଜୀବନ
ତୁମେ ଶ୍ରେଷ୍ଠ ବଇଭବ ॥

ମୁଁ ନୁହେଁ ମୋହର ସର୍ବାଙ୍ଗେ ତୁମର
ସମର୍ପିତ ଆତ୍ମାଟିଏ
ସମଗ୍ର ଚେତନା ତୁମ ଅନୁକମ୍ପା
ଜନ୍ମେ ଜନ୍ମେ ପାଉଥାଏ ॥

ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହେ ମହାବାହୁ



ନନ୍ଦିନୀ ରାଉତ

ଆହେ ଭାବଗ୍ରାହୀ ରୁକ୍ଷ୍ୟ କାହଁ ପାଇଁ
କେଉଁ ଦୋଷ ମୋର ଦେଖିଲ
ଜନମ କାଳରୁ ଅନ୍ତୁଡ଼ି ଶାଳରୁ
ଭାଲ ରେ ମୋ ଦୁଃଖ ଲେଖିଲ ।
ଆହେ ମହା ବାହୁ...(୧)

ପତିତପାବନ ବାନା ଉଡେଇନ
ବୋଲୁଛ ଜଗତ ଠାକୁର
ମୋ କପଳେ ସବୁ ଦୁଃଖ ଦେଇକିବା
ପାଉଅଛ ସୁଖ ଅପର ।
ଆହେ ମହାବାହୁ...(୨)

ସ୍ନେହ ପ୍ରେମ ପର ମୁକ୍ତିର ମନ୍ଦିର
ପରିଜନ କଲେ ନିଜର
ସଭିଙ୍କୁ ବାଣ୍ଟିଲ ଅମୃତ ଭଣ୍ଡାର
ମୋ ଭାଗ୍ୟରେ କିମ୍ପା ଜହର ।
ଆହେ ମହାବାହୁ...(୩)

ଦେଇ କେତେ ଦଶା କଲ ଲୋକହସା
କପାଳ ଲିଖନ କହିଲ
ଭାଗ୍ୟର ଲିଖନ ଯଦି ମୁଁ ସହିବି
ତୁମ୍ଭେ କାହେଁ ପାଇଁ ରହିଲ
ଆହେ ମହାବାହୁ...(୪)

କେତେ ଦୀନ ହୀନକେତେ ଅକାଞ୍ଚନ
ପାଇଥିଲେ ତୁମ କରୁଣା
ଶୁଣିଅଛୁ ଯାହା ଭୁଲି ନାହିଁ ତାହା
ମୋ ପାଇଁ କରୁଣା ତ ଊଣା
ଆହେ ମହାବାହୁ...(୫)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଟିପିଣ୍ଡ ମୋର ମାଟିରେ ମିଶିବ
ସେ ପାଇଁ ମୋ ଚିନ୍ତା କାହିଁ
ଦେଉଥଅ ମୋତେଯେତେ ବା ଯାତନା
ସବୁ ମୁଁଯେ ଯିବି ସହି
ଆହେ ମହାବାହୁ...(୬)

ଏତିକି ମତର ମାଗୁଣି ମୋହର
ଘେନ କରିବ ହେ ଠାକୁର
ମୋ ଶେଷ ବେଳରେ ତୁମରି ପଦରେ
ଲୀନ ହେଉ ଆତ୍ମା ମୋହର ।
ହେ ମହାବାହୁ...(୭)

ବାଲିପଟା, ଅନୁଗୋଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମିଳନର ମଧୁଗୀତି



ପ୍ରୀତିପଦ୍ମା ଦାସ

ସ୍ୱଚ୍ଛ ସୁନୀଳ ଆକାଶର
ପ୍ରେମସିକ୍ତ ଦେହ ଆଉ ମନ
ପ୍ରତିଟି ପ୍ରତ୍ୟୁଷେ ପ୍ରଦୋଷେ
ଗାଇଚାଲିଛି ପ୍ରୀତିର ମଧୁଗୀତି
ସୌନ୍ଦର୍ଯ୍ୟ ପରିପୂର୍ଣ୍ଣା ମାଟିକୁ ଚାହିଁ
ସେ ଗୀତର ଛନ୍ଦେ ଛନ୍ଦେ
ସା.....ରୁ ପୁଣି... ନି.....ଯାଏଁ
ଶୁଭେ ଖାଲି ଅହରହ
ମିଳନର ପୁଣ୍ୟ ଆବାହନୀ
ଆଃ ! କି ମଧୁର ସେ ରାଗିଣୀ
ସତେ ଅବା ଦିବ୍ୟ ପ୍ରେମର ନିର୍ଝରିଣୀ
ବହିଆସୁଛି ବର୍ଷାଧାରାର ରୂପ ନେଇ......

ପ୍ରେୟସୀ ଭୂଇଁର ଅଳସୀ ଦେହଟା
ଉନ୍ମୁକ୍ତା ହୋଇ ଭିଜିଯାଉଛି ଦେଖ
ସାରା ଦେହ ତା'ର ଓଦା ଜୁତୁବୁତୁ
ତଥାପି ଅବୁଝା ତା' ତନୁମନ
ଆକୁଳେ କହୁଛି....... ହେ ମୋର ପ୍ରିୟ
ଭିଜାଅ ମୋତେ ଆହୁରି ଭିଜାଅ
ବର୍ଷା ଧାରେ ଦିଅ ତୁମ ପରୋକ୍ଷ ସ୍ପର୍ଶ
ତୁମ ପ୍ରୀତିଧାର ଉପହାରକୁ
ସାଇତି ରଖିବି ମୋର ବକ୍ଷସ୍ଥଳେ
ତୁମେ ତୁମ ଚକ୍ ଚକ୍ ମୁଖମଣ୍ଡଳକୁ
ମୋ ଦେହେ ସାଇତା ଜଳେ ଦେଖିବ ବସି
ଆଃ ! କି ଚମତ୍କାର ଏ ଅନୁଭବର
ଅନୁଭୂତି.....
ସତେକି ଶାଶ୍ୱତ ପ୍ରେମର ଅନ୍ତହୀନ କାହାଣୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାହିଁ କେତେ ଦୂରରୁ...

ଯୁଗ ଯୁଗ ଧରି

ଭାସିଆସୁଛି ଏ ମିଳନର ମଧୁଗୀତି

ଜଣେ ଆଉ ଜଣକୁ

ଚାହିଁ ବସିଛି ଅପଲକ ନୟନରେ

ନା ଅଛି ସ୍ୱାର୍ଥର କାଣିଚାଏ ଛିଟା

ନା ଅଛି ପ୍ରତ୍ୟକ୍ଷ ପ୍ରାପ୍ତିର ଲାଳସା

କାମନାରୁ ବହୁଦୂରେ

ଦୁଇ ଦେହ ଦୁଇ ପ୍ରାଣ

ଏକ ଆରକକୁ ଦେଖି ଦେଖି ବଞ୍ଚିବାର

ଦୃଢ ସଂକଳ୍ପ ନେଇଛନ୍ତି ସତେ

ମିଳନର ମଧୁଗୀତି ଶୁଭୁଛି କାହିଁ କେଉଁ କାଳରୁ

ଆଃ ! କି ରୋମାଞ୍ଚକର ଏ ପ୍ରୀତି ପୂରବୀ.....

ଓଃ ! ଖୁବ୍ ମର୍ମଭେଦୀ ଏ ମିଳନର ମଧୁଗୀତି...

ପ୍ରୀତିପଦ୍ମା ଦାସ

ସହକାରୀ ଶିକ୍ଷୟିତ୍ରୀ, ବିଷ୍ଣୁପୁର ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ

ବିଷ୍ଣୁପୁର, ଭଦ୍ରକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଭିନୟ



ଚିନ୍ମୟୀ ସାହୁ

ସଂସାରେ ବିରାଜି ପହଣ୍ଡି କରିବା ।
ଦେଖଣାହାରିକ ମନ ମୋହିନେବା ।
ପରଶଂସା ପାଇଁ ଅଭିନୟ କରି
ଦେଖାଇ ନିଜର ଯେତେ ବାହାଦୁରୀ ।
ବାହୁଡା ବେଳରେ ମନଯାଏ ମରି
କେଇ ଦିନ ଖେଳ ଯାଏ ସରି ସରି ।
ଦି ଦିନକୁ ଆସି ମନ ଆନମନା
ଫେରିବା ବେଳରେ ଲୋତକ ନୟନା ।
କି ମାୟା ମୋହରେ ମନ ହୁଏ ବନ୍ଦି ।
ସେନେହ ପରଶେ ମନଯାଏ ଛନ୍ଦି ।
ସବୁ ଏଠି ପର ନୁହେଁ କେ ନିଜର
ମିଛ ସମ୍ପର୍କ ରେ ମନ ହରବର ।
ଏ ଜନମେ କିଏ ମିତ୍ର  ହେଇ ଅଛି
ପୂର୍ବ ଜନ୍ମେ କାଳେ ଶତୃବୋଲାଇଛି ।
କିଏ ମିତ୍ର ଥିଲା ଶତୃପାଲଟିଛି
ଜନ୍ମ ପରେ ଜନ୍ମ ନାଟକ ଚାଲିଛି ।
ନାନା ଜନ୍ମେ ନାନା ରଙ୍ଗ ମଞ୍ଚେ ପୁଣି
ଅବତୀର୍ଣ୍ଣ ହୋଇ ଦେଖାଇ ଯେ ଠାଣି ।
କର୍ମ ଏକା ସାର ଜିଇଁବା ମାଧ୍ୟମ
ସବୁ ହେବେ ଦୂର ନ କରିଲେ କର୍ମ ।
ମାଦଳ ବା କର୍ମହୀନ ଯେଉଁ ଜନ
କିଏ ନ ଭରନ୍ତି ତା'ଉଦର ଜାଣ ।
ପେଟପାଇଁ ନାଟ କରନ୍ତି ସଭିଏଁ
ତୋଷାମଦୀ କେହୁ ଗୋଲାମ ବୋଲାଏ ।
ଏଇ ତ ଜୀବନ ହସ ଲୁହ ଭରା
ମିଛ ମାୟା ଖେଳ ସଂସାରଟା ସାରା ।

ମୂଳିସିଂ, ସହର, ଜଗତସିଂହପୁର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଦିନ ମେଘ



ରିପୁତୋଷ ବୈଦ୍ୟ

ତୁ ଅବେଳରେ ଝଡ଼ ପରି ଚାଲିଆସୁ,
ଆଉ ଭାଙ୍ଗିଦେଉ ମୋ ଧୈର୍ଯ୍ୟର ସବୁ ବନ୍ଧବାଡ଼କୁ.....

"ତୁ ଯଦି... ମୌସୁମୀର ବର୍ଷା ହେଇଥାନ୍ତୁ,
ମୁଁ ପ୍ରତିବର୍ଷ ଖୁସିରେ ଅପେକ୍ଷା କରନ୍ତି ଆଷାଢ଼କୁ..."

ତୁ ଅଦିନ ମେଘ ପରି ବର୍ଷି ଦେଇ ଚାଲିଯାଉ,
ପୁଣି ଥରେ ଭାଙ୍ଗିଦେଉ ମୋ ଅଧା ଗଢା ଉଜୁଡ଼ା ନୀଡ଼କୁ...

ପୁଣି ଥରେ କାଦୁଅ କରି ଦେଇଯାଉ,
କେବେଠାରୁ ଶୁଖି ଯାଇଥିବା ସ୍ମୃତିର ନଇ-କଡ଼କୁ...

କାଦୁଅରେ ପୁଣି ଅଟକେଇ ଦେଉ,
କେଁ କାଁ କରି ଗଡୁଥିବା ମୋ ଜୀବନ ଶଗଡକୁ...

ବିରହର ଲାଉ ଡଙ୍କକୁ ତୁ ପାଣି ସିଞ୍ଚିଦେଉ,
ଆଉ ସେ ପୁଣି ଚଢେ ମୋ ଦରଭଙ୍ଗା ମନର କାନ୍ଥବାଡ଼କୁ...

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏ ବର୍ଷାରେ ତୁ ବଢେଇ ଦେଉ,
ରକ୍ତ ପିପାସୁ ମାଂସାଶୀ ପୋକ ଜୋକର ଭିଡକୁ..

ଏଠି ତୋ ସ୍ୱାର୍ଥଭରା ପ୍ରୀତିର ଗନ୍ଧ ନ ରହୁ,
ତେଣୁ ଏମାନେ ସଫା କରିଦିଅନ୍ତି ମୋ ଅଧା ସଢ଼ା ମଢ଼କୁ..

"ତୁ ଯଦି.... ମୌସୁମୀର ବର୍ଷା ହେଇଥାନ୍ତୁ,
ମୁଁ ପ୍ରତିବର୍ଷ ଖୁସିରେ ଅପେକ୍ଷା କରନ୍ତି ଆଷାଢ଼କୁ..."

ତୁ ଅଦିନ ମେଘ ପରି ବର୍ଷିଦେଇ ଚାଲିଯାଉ,
ଆଉ ଭାଙ୍ଗିଦେଉ ମୋ ଧୌର୍ଯ୍ୟର ସବୁ ବନ୍ଧବାଡ଼କୁ.....

ତୁ ଅବେଳରେ ଝଡ଼ ପରି ଚାଲିଆସୁ,
ଆଉ ଭାଙ୍ଗିଦେଉ ମୋ ଧୌର୍ଯ୍ୟର ସବୁ ବନ୍ଧବାଡ଼କୁ.....

"ତୁ ଯଦି... ମୌସୁମୀର ବର୍ଷା ହେଇଥାନ୍ତୁ,
ମୁଁ ପ୍ରତିବର୍ଷ ଖୁସିରେ ଅପେକ୍ଷା କରନ୍ତି ଆଷାଢ଼କୁ..."

ତୁ ଅଦିନ ମେଘ ପରି ବର୍ଷି ଦେଇ ଚାଲିଯାଉ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁଣି ଥରେ ଭାଙ୍ଗିଦେଉ ମୋ ଅଧା ଗଢା ଉଜୁଡ଼ା ନୀଡ଼କୁ...

ପୁଣି ଥରେ କାଦୁଅ କରି ଦେଇଯାଉ,
କେବେଠାରୁ ଶୁଖି ଯାଇଥିବା ସ୍ମୃତିର ନଈ-କଡ଼କୁ...
କାଦୁଅରେ ପୁଣି ଅଟକେଇ ଦେଉ,
କେଁ କାଁ କରି ଗଡୁଥିବା ମୋ ଜୀବନ ଶଗଡକୁ...
ବିରହର ଲାଉ ଡଙ୍କକୁ ତୁ ପାଣି ସିଞ୍ଚିଦେଉ,
ଆଉ ସେ ପୁଣି ଚଢେ ମୋ ଦରଭଙ୍ଗା ମନର କାନ୍ଥବାଡ଼କୁ...

ଏ ବର୍ଷାରେ ତୁ ବଢେଇ ଦେଉ,
ରକ୍ତ ପିପାସୁ ମାଂସାଶୀ ପୋକ ଜୋକର ଭିଡକୁ..
ଏଠି ତୋ ସ୍ୱାର୍ଥଭରା ପ୍ରୀତିର ଗନ୍ଧ ନ ରହୁ,
ତେଣୁ ଏମାନେ ସଫା କରିଦିଅନ୍ତି ମୋ ଅଧା ସଢ଼ା ମଢକୁ..

"ତୁ ଯଦି.... ମୌସୁମୀର ବର୍ଷା ହେଇଥାନ୍ତୁ,
ମୁଁ ପ୍ରତି ବର୍ଷ ଖୁସିରେ ଅପେକ୍ଷା କରନ୍ତି ଆଷାଢ଼କୁ..."
ତୁ ଅଦିନ ମେଘ ପରି ବର୍ଷି ଦେଇ ଚାଲିଯାଉ,
ଆଉ ଭାଙ୍ଗିଦେଉ ମୋ ଧୈର୍ଯ୍ୟର ସବୁ ବନ୍ଧବାଡ଼କୁ.....

baidyariputosh@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଣିଷ ବିହନ



ମିନତୀ ରଥ

ଏତେ ବଡ଼ ଜମି ଅଛି
କି ଚାଷ କରିବ ଭାଇ ?
ଧାନ ଚାଷ, ଛେଳି ଚାଷ
ନା କୁକୁଡ଼ା ଚାଷ
ଗଡିଆ ଖୋଳି
କରିବ କି ମାଛ ଚାଷ ?

ନା ଭାଇ, ଭାବୁଛି କରିବି ଏଠି
ମଣିଷ ଚାଷ ।

ଭାରି ଭଲ
ଅମଣିଷ ଦୁନିଆରେ
ମଣିଷ ଚାଷ କରିଲେ
ହେବ ତୁମେ ଭାରି ଲାଭବାନ !
ସେ ଲାଭ ହେବ ପୁଣ୍ୟର
ଆଶୀର୍ବାଦ ଦେବେ ଭଗବାନ !

କିନ୍ତୁ କ'ଣ କରିବି ଭାଇ
ଖୋଜି ଖୋଜି ହେଲିଣି ନୟାନ୍ତ
ମିଳୁନି ଭଲ ବିହନ
ଯାହାକୁ ମୁଁ ଭାବୁଛି ମଣିଷ
ତା' ଠାରୁ ତୁଟି ଯାଉଛି କ୍ଷଣିକେ ବିଶ୍ୱାସ
ପରମପିତା, ପରମାତ୍ମାଙ୍କ ଅସ୍ତିତ୍ୱରେ
ବିଶ୍ୱ ନିୟନ୍ତାଙ୍କ ନିୟତିଚକ୍ରରେ
ସୃଷ୍ଟିର ସ୍ଥିତିରେ ଲଗାଏ ଯେ ପ୍ରଶ୍ନ ଚିହ୍ନ
ସେ କି ହେବ ମଣିଷ ଚାଷ ପାଇଁ
ଉତ୍ତମ ବିହନ ?

ବି - ୦୦୮, ରୟାଲ ଏନକ୍ଲେଭ୍
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନ ଓ ବିବେକ



ସିଦ୍ଧେଶ୍ୱର ତ୍ରିପାଠୀ

କେତେଜାତି କେତେ ଧରମର ଲୋକ
ଅଛନ୍ତି ଆମରି ଦେଶେ
ବିଭିନ୍ନତା ମଦ୍ଧେ ଏକତା ମନ୍ତ୍ରରେ
ଆମ ଏ ଭାରତ ହସେ ।

ପ୍ରଥା ପରମ୍ପରା ଚଳଣି ସଂସ୍କୃତି
ଭାଷା କେତେ ପରକାର
ସାରା ବିଶ୍ୱ ପାଇଁ ଶିକ୍ଷାର ଭଣ୍ଡାର
ଭାରତ ବର୍ଷ ଆମର ।

ରାମଚନ୍ଦ୍ରଜୈନ କବିର ନାନକ
କୃଷ୍ଣ ବୁଦ୍ଧ ମହାବୀର
ଏ ଦେଶେ ଜନମି ଧର୍ମ ଶିକ୍ଷା ଦେଲେ
ଜଗତକୁ ଉପହାର ।

କଳାଠୁ ବିଜ୍ଞାନ ଶିକ୍ଷା ପ୍ରଗତିରେ
ଆଗୁଆ ଆମରି ଦେଶ
ଜଗତ ବାସିଏ ସଭିଏଁ କୁହନ୍ତି
ଶ୍ରେଷ୍ଠ ଭାରତ ବର୍ଷ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମା ମହାକାଳୀ



ପୁଷ୍ପାଞ୍ଜଳୀ ପଣ୍ଡା

ମା ମହାକାଳୀ ନରମୁଣ୍ଡ ମାଳି
ଜଗଦ୍ଧାତ୍ରୀ ମାତ ତୁହି
କରୁ ଆରାଧନା ଅର୍ଚ୍ଚନା ବନ୍ଦନା
କୃପାକର କୃପାମୟୀ । ।
ଜଗତ୍ ମାତା ଜଗନ୍ମୟୀ ଜଗଦମ୍ବା
ଜଗଦାନନ୍ଦକରଣୀ
ଚତୁର୍ବର୍ଗପ୍ରଦା ସର୍ବଦେବପୂଜ୍ୟା
ସର୍ବ କ୍ଲେଶ ନିବାରିଣୀ । ।
ମୁକ୍ତକେଶୀ ଜଟାଜୁଟବିଳାଶିନୀ
ଭୂର୍ଭୁବଃସ୍ୱରୁପିଣୀ
ଗର୍ଭା, ଗାୟତ୍ରୀ, ସାବିତ୍ରୀ ମାତ ତୁହି
ରକ୍ତବୀର୍ଯ୍ୟ ସଂହାରିଣୀ । ।
ସାଧ୍ୱୀ, କାମାଦାତ୍ରୀ ତ୍ରିନୟନୀ ମାଗୋ
ସର୍ବାଳଙ୍କାର ଭୂଷିତା
ଗୌରୀ, ଶିବାତ୍ମିକା ସଦାଶିବପୂଜ୍ୟା
ଖଡ୍ଗ ହସ୍ତା ଶିବପ୍ରିତା । ।
ସ୍ୱାହା, ସ୍ୱାଧା, ବଷଟ୍କରା ମା ଭବାନୀ
କାଳରାତ୍ରୀ ସ୍ୱରୁପିଣୀ
ପବିତ୍ରା, ପରମା, କାଳୀ, ମନୋରମା
ଦେବୀ ମା ସିଦ୍ଧି ଦାୟିନୀ । ।
ଆସୁଛ ଥରୁଟେ ଏ ବିଶ୍ୱ ମରତେ
ଦୁଷ୍ଟ ବିନାଶିନୀ ସାଜି
ଅକାଳ ମରଣ ହେଉମା ହରଣ
ତୁମରି ଆଶିଷ ବାଜି । ।
ଆଦି ପରାଶକ୍ତି, ଜୟନ୍ତୀ, ମଙ୍ଗଳା
ଭଦ୍ରାକାଳୀ ଜୟ ଜୟ
ମହାଦେବୀ ବାରେ କଲ୍ୟାଣ କର ମା
ବିଶ୍ୱହେଉ ମଧୁମୟ । ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଶା



ସଂଯୁକ୍ତା ମହାପାତ୍ର

ବେଳେ ବେଳେ ଜୀବନରେ
କେଉଁ ଏକ ଦୋଛକିରେ
ବଞ୍ଚିବାର ଇଚ୍ଛା ସବୁ ଯାଏ ସରି ସରି ।
କାହିଁକି ଆସନ୍ତି ଜୀବନରେ ଦୁଃଖ ଦିନ
ଅଦିନିଆ ଅମାନିଆ ଝଡ ପରି ?

ସୁଖ ସବୁ ରାସ୍ତା ଭୁଲି,
ହୋଇ ଯାନ୍ତି ବାଟ ବଣା
ଦୁଃଖର ଅନନ୍ତ ଦହନେ ।
ଦୁନିଆ ତ ବଦଳୁଛି,
ବଦଳିବ ପ୍ରତି ମୁହୂର୍ତ୍ତରେ,
ଦୁଃଖ ମଧ୍ୟ ଚାଲିଯିବେ ଦିନେ ।

ଆଶାବାଦୀ ଦୁନିଆଁରେ
ଆଶା ହିଁ ସମ୍ବଳ,
ଦୁଃଖର ଦିନକୁ ହୃଦୟେ ଜାବୁଡି ଧରି,
କାନ୍ଦିବାକୁ ଆଉ ନାହିଁ ବେଳ ।
ଲୁହ ଆଉ ବଳିନି ଜୀବନେ
ଅନାୟାସେ ଖର୍ଚ୍ଚ କରିବାକୁ
ଆସୁ ଥିବା ସୁଖର ଦିନର ଆଶାରେ,
ସ୍ୱାଗତର ପ୍ରସ୍ତୁତିରେ
ଅତି ବ୍ୟସ୍ତ ମୁଁ
ଅପେକ୍ଷା ମୋ ସୁଖର ଦିନକୁ ।

ବିନୟ ମହାପାତ୍ର
ପଟିଆ, ଭୁବନେଶ୍ୱର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଳିଯୁଗ ବୋହୂ



ଜଗବନ୍ଧୁ ସାହୁ

କଳିଯୁଗ ବୋହୂ  ମୁଣ୍ଡରେ ଓଢଣା
  ଦିଅନ୍ତିନି କେହି ଆଉ
ଶାଢ଼ୀ ବଦଳଲେ  ନାଇଟ୍‌କୁ ପିନ୍ଧି
  ଦେଖାନ୍ତି ଯେ କେତେ ଭାଉ
ସିନ୍ଦୂର ବଦଳେ  ଟିକିଲି ପିନ୍ଧନ୍ତି
  ଓଠ କରି ନାଲି ନାଲି
ଶଙ୍ଖା ବଦଳରେ  ଘଡି ଭେସିଲେଟ୍
  ପିନ୍ଧି ଯାଉଛନ୍ତି ଚାଲି
ପାଦରେ ଅଳତା  ଦିଶୁନାହିଁ ତାଙ୍କ
  ମୁହଁରେ ନାହିଁ ଯେ ଲାଜ
ସଂସ୍କାର ସଂସ୍କୃତି  ସବୁ ଭୁଲିଯାଇ
  ହେଉଥାନ୍ତି କେତେ ସଜ

ପରମନ୍ଦ କଥା  ହୁଅନ୍ତି ଯେ ଖାଲି
  ବସି ସାହି ପଡିସାରେ
କଳିଯୁଗର ଏ  ମଡର୍ନ ବୋହୂଙ୍କୁ
  ଦେଖିବ ବେଶୀ ବଜାରେ
ସ୍ୱାମୀ ସେବା ଛାଡି ବିୟୁଟି ପାଲରେ
  ସଦା ଯେ ତାଙ୍କରି ମନ
ଯେତେ ଲେଖିଲେ ବି ତାଙ୍କରି ଯେ କୀର୍ତ୍ତି
  ହେବ ନାହିଁ କେବେ ପୂର୍ଣ୍ଣ
ଆହେ ନାରୀଗଣ  କହୁଅଛି ଶୁଣ
  ନଧରିବେ ମୋର ଦୋଷ
ନିଜ ସାନଭାଇ ଭାବି ସର୍ବେ ମୋତେ
  ଦିଅନ୍ତୁ ମୋତେ ଆଶିଷ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଷ୍ଠୁର



ସୌମ୍ୟା ସୁଚରିତା ସେଣ

ସକାଳୁ ସକାଳୁ ଛକ ମୁଣ୍ଡରେ
ଭିଡ ବଢ଼ିବାରେ ଲାଗିଛି,
ଲୋକ ମାନଙ୍କର ହାହା କରେ
ମେଦିନୀ ଯେପରି କମ୍ପୁଛି ।

ମାଲିକ ଗର୍ଜନ କରୁଛି ଯିମିତି
ଗୋଲଡ ମେଡ଼ାଲ ପାଇଛି,
ବାର ବରଷର ଛୁଆଟିକୁ ଧରି
ଗଛରେ ବାନ୍ଧି ପିଟୁଛି ।

କଥା ବୁଝିବାକୁ ପଚାରିଲି ଯାଇ
ଘଟଣା କଣ ଘଟିଛି,
ଜହାତ ଶୁଣିଲି କାନରେ ମୋର
ଚଡ଼କ ସଦୃରସ ଲାଗୁଛି ।

ବିଗତ ରାତ୍ରରେ ଦଶ ଟଙ୍କା ଟିଏ
ଉଠେଇ ସେ ନେଇ ଥିଲା,
ଧରା ପଡ଼ିଛିସେ ମାଲିକ ହାତରେ
ସତେକି ତା ଜୀବନ ଗଲା ।

ଅନେକ ମାଡ ଦେଲାପରେ ଯାଇ
ମାଲିକ ଶାନ୍ତ ପଡିଲା,
ଚୋରି ହୋଇଥିବା ଦଶଟଙ୍କା ଟିକୁ
ସତେଅବା ଫେରି ପାଇଲା ।

ଯେଝା ଚାଲିଗଲେ ଯେଝା ବାଟରେ
ପିଲାଟି ସେମିତି ରହିଛି,
ସବୁଠୁ ବଡ ପାପ ସେ କରିଛି
ଅଛୁଆଁ ସ୍ୱାଦୁରଶ ପଡିଛି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିଜକୁ ସମ୍ଭାଳି ନପାରିଲି ଆଉ
ତାହାତରୁ ଖୋଲିଲି ରଶି,
ନିରୀହ ଚାହାଣି ଦେଖିକି ତାର
ହୃଦୟ ହେଲା ମୋ ପେଷି ।

ମୁଣ୍ଡଟି ତାର ଆଉଁଶି ଆଣିକି
ପଚାରିଲି ଆରେ କହ,
କଣମିଳିଲା ଚୋରି କରି ତତେ
କାମ ଜମା ଭଲନୁହଁ ।

ନିରୀହ ଆଖିର କୋମଳ ଚାହାଣି
କଥାତ ବେଦନା ପରା
ବଖାଣି ବସିଲା ଦୁଃଖର ପେଟରା
ଜୀବନ ଯାତନା ଭରା ।

ବାପା ମା ଛାଡି ଚାଲିଯାଇଛନ୍ତି
ଆରପାରି ତାଙ୍କ ଘର,
ଛାଡି ଯାଇଛନ୍ତି କୁନି ଭଉଣୀଟି
କାଲିଠାରୁ ତାକୁ ଜୋର ।

ଅଖିଆ ଅପିଆ ପଡି ରହିଛିସେ
ଦାନମୁଠେ ନାହିଁ ଘରେ,
ତା ବିକଳ ଚାହାଣୀ ସହି ନପାରିଲି
ଚୋରି ସେପାଇଁ କରେ ।

ଭାବୁଥିଲି ବସି ଦୋଷ ବା କାହାର
ଏ ନିଷ୍ଠୁର ଭାବ କିପରି !
ମଣିଷ ପଣିଆ ମରିତ ଗଲାଣି
ସର୍ବେ ଧ୍ୱଂସ ହେବେ ଯେପରି ।

ସୌମ୍ୟା ସୁଚରିତା ସେଣ.
ହାଇଦ୍ରାବାଦ.

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମନ ଖୋଜୁଥିବା ସାଥିଟିଏ



ଜ୍ୟୋତିରଞ୍ଜନ ମହାରଣା

ଏମିତି କେହି ମିଳି ଯାଆନ୍ତା କି

ଯାହା ସହ ମୁଁ ସବୁକିଛି ମନଖୋଲି କହିପାରନ୍ତି

ଏମିତି କିଏ ମିଳନ୍ତେ କି

ଯାହା ଉପରେ ମୁଁ ରାଗି ପାରନ୍ତି....

ଏମିତି  କେହି ମିଳିଯାଆନ୍ତା କି

ଯାହାକୁ ମନ ଭିତରର କଥା ବି କୁହନ୍ତି

ଭୁଲ ମୁଁ କରନ୍ତି

ପୁଣି ମୁଁ ରାଗନ୍ତି...

ସେ ନୀରବତାରେ ସବୁ ଶୁଣନ୍ତା କି

ମୋର ରାଗ ଶାନ୍ତ ହେଲେ ମୁଁ ସରି କହିଦିଅନ୍ତି

ସେ ସେତେବେଳେ ମୋ ଉପରେ ରାଗୁଥାନ୍ତା କି

ଆଉ ତାପରେ ମୁଁ ହସିଦେଲେ ସେ ମୋତେ ପୁଣି ବୁଝାଉଥାନ୍ତା କି...

ସବୁ ରାଗ ରୁଷା ପାରେ ସେ ପଚାରନ୍ତା କି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେହର ଯତ୍ନ ନେବାକୁ କହୁଥାନ୍ତା କି
ମୁଁ ତାଙ୍କୁ ଚାହିଁ ସ୍ମିତହାସ୍ୟ ଦେଲେ ସେ ହସିଦିଅନ୍ତା କି
ସବୁବେଳେ ମୋର ଦୁଷ୍ଟାମୀକୁ ସହନ୍ତା କି..

ମୋର ପିଲାଳିଆମୀରେ ସେ ମଜା ନିଅନ୍ତା କି
ଛୋଟପିଲା ଭାବି କ୍ଷମା କରିଦିଅନ୍ତା କି
ଯେତେ ଝଗଡା ହେଲେ ବି ସେ ମୋ ପାଖରେ ରୁହନ୍ତା କି
ସବୁ ବେଳେ ମୋ ଆଖି ସାମ୍ନାରେ ସେ ହସୁଥାନ୍ତା କି...

ମୋ ପରି କବିତାକୁ ଭଲ ପାଉଥାନ୍ତା କି
ମୋ ପରି ବଗିଚାକୁ ଭଲ ପାଉଥାନ୍ତା କି
ମୋ ପରି ସବୁବେଳେ ହସୁଥାଆନ୍ତା କି
ମୋର ସବୁ ଅଝଟକୁ ସହିପାରନ୍ତା କି...

ଏମିତି ସାଥିଟିଏ ମିଳନ୍ତା କି
ଯିଏ ଟଙ୍କା ପଛରେ ନ ଦୌଡ଼ି ମାନବିକତାର ପରିଚୟ ଦିଅନ୍ତା କି
ସମସ୍ତଙ୍କୁ ସ୍ନେହ ମମତାରେ ବାନ୍ଧି ରଖନ୍ତା କି
ଏମିତି ସାଥିଟିଏ ଲୋଡ଼ା, କିଏ ବା ଜାଣିଛ ଠିକଣା ଦେଇ ପାରିବ କି...

କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ମୃତି



ସସ୍ମିତା ରାଉତ ଜେନା

ସ୍ମୃତି.......

ସ୍ମୃତି ନୁହେଁ ସେତ

ଅଧାଲେଖା ଗୀତି

ଗୀତି ନୁହେଁ ସେତ

ଜୀବନର ଅନୁଭୂତି

ଅସ୍ପଷ୍ଟ ଛବି ହୋଇ

ଭାସିଆସେ ମନ ଆଇନାରେ

ନୀଳ ନୟନର ପଲକ ଜ୍ୟୋତି.....

ସ୍ମୃତି......

ସ୍ମୃତି କେବେ

ଅଭୁଲା ଚିତ୍ତରେ

ଭରି ଦେଇଥାଏ

କୋଟି ଲାବଣ୍ୟର ପ୍ରୀତି

ମନ ଆକାଶରେ

ଆଂକି ଦେଇଥାଏ

ପ୍ରୀତିର ଅଭୁଲା ସ୍ମୃତି.....

ସ୍ମୃତି....

ସେତ ଶାଗର ତଟର

ବାଲୁକା ଶେଯର

ଶାମୁକା ଭିତର ମୋତି.....

ଅସରନ୍ତି ଆଶାର

ନୀଳ ଉର୍ମିମାଳାରେ

ବାଲୁକା ତନୁରେ ହୁଏ ପୋତି

ହୁଏ ଉନ୍ମାଦନା ଭରା ସ୍ଥିତି.....

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ମୃତି...

ସେତ କେବେ ପୁଣି

କଳଂକିତ ଭରା

ଦୁଃଖର ଅଲିଭା କୀର୍ତ୍ତି....

ଆଣିଥାଏ କେବେ ସେତ

ନୂଆ ଜୀବନ ଧାରାରେ

ନୂଆ ନୂଆ ଅନୁଭୂତି

ଦିଏ ପ୍ରତିକୂଳ ପରିସ୍ଥିତି....

ଶିଖିବାର ଏକ

ଉଜ୍ୱଳ ମୂହୁର୍ତ୍ତ

କେବେ ପ୍ରତାରଣା କେବେ ପ୍ରୀତି

ବଦଳାଇ ଦିଏ

ବଞ୍ଚିବାର ଭିତି.....

ସ୍ମୃତି..........,

କେନ୍ଦ୍ରାପଡା, ଓଡ଼ିଶା

ଭ୍ରାମ୍ୟଭାଷ : ୮୮୨୭୦୮୭୭୨୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମକୁ ଦେଖିଲା ପରେ



ପ୍ରକାଶ କୁମାର ଚାନ୍ଦ

ମତେ ଯଦି କେହି ମୋ ନାଆଁ ପଚାରେ
କହିଦିଏ ତୋର ନାଆଁ
ବାଟ ବଦଳେଇ ପାଦ କାହିଁ ଆଜି
ନେଇଯାଏ ତୋର ଗାଆଁ ।।

ତୋଗାଆଁ ଶେଷରେ ପାହାଡ ସେପାଖୁ
ସଂଜ ନଇଁ ଆସେ ଯେବେ
ତତେ ଦେଖିବାକୁ ତୋଠାରୁ ବେଶୀ
ବାହାନା ଖୋଜେ ମୁଁ ଆଗେ
ସାକ୍ଷୀ ସେଇ ତୁମ ଗାଆଁ ବରଗଛ
ଆମ ଚିଠି ଦିଆନିଆ
ମତେ ଯଦି କେହି ମୋନାଆଁ ପଚାରେ
କହିଦିଏ ତୋର ନାଆଁ ।।

ତୁମରି ଘାଟରେ ଘାଟ ଜଗିବସେ
ତୁମକୁ ଦେଖିବା ପାଇଁ
ସାଙ୍ଗମେଳେ ପରା ତୁମେ ତ ଆସିବ
ସଂଜ ଗଲେ ଟିକେ ନଇଁ
ଯେତେଥର ଦେଖେ ସେତେଥର ତୁମେ
ଲାଗ କାହିଁ ନୂଆ ନୂଆ
ମତେ ଯଦି କେହି ମୋନାଆଁ ପଚାରେ
କହିଦିଏ ତୁମ ନାଆଁ ।।

ଜୟପୁର ଶାସନ ପିପିଲି ପୁରୀ
ମୋ : ୯୭୫୩୩୫୪୯୩୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶରତ ଗୀତ



ମିନତୀ ଦାସ

ଶରତ କାଳେ,

ଛଳ ଛଳ ପଣ ସରସୀ ଜଳେ

ବଉଦ ଚୋରାଏ ବିସ୍ମୃତି ଜେଣୁ

ଖଗୋଳ ଭୋଳେ

ଅସ୍ତିତ୍ୱ ଖୋଜଇ ଭୂଗୋଳ କୋଳେ.

ଲାଜେଇ କ୍ଷିତି..

କାଶତଣ୍ଡୀ ହସ ହସେ ମୃଦୁକି,

ଗଢ଼େ  ଗହଣା ,ହେବ ଭରଣା

ଚଷାପୁଅର ସେ ଘର କରଣା.

କଦମ୍ବ ଝୁରେ,

ଉତୁରା ଦେହ ତା ଝରିକି ସରେ

ଲୁହରେ ସତେତା ସରସୀ ଭରେ.

ମାଳତୀ ହସେ,ଚହଟି ବାସେ

କମଳ ସଜାଏ କୋମଳ ଦେହ,

ରଙ୍ଗ ବି ମାଖେ.

ସାରସ ଖେଳେ,ହଂସୀବି ରୋଳେ

ସୀକର କାନି ର ନୀଳ ତର୍ପଣ

ଉଲ୍ଲାସ ଭୋଳେ.

ବେଙ୍ଗୁଲି ନାନୀ

ସାରୁଗଛ ତଳେ ପାତିଛି କାନି

ପ୍ରତୀକ୍ଷା ତାର --

ପୁଳା ପୁଳା ଫେଣ ଭିତରୁ

 ସଂସାର ହସିବ ପୁଣି .

ଆସିବ ମା

ହୋଇବ   ସାହା

ହରିବ ପାତକ ଦେଶ ଦଶରୁ ସେ

ଦେବ ବି  ରାହା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଗାଁ ବଦଳିଗଲାଣି



ଅକ୍ଷୟ କୁମାର ବେହେରା

ଶୁଭୁନାହିଁ କାହିଁ ପ୍ରଭାତ ପ୍ରାର୍ଥନା
ଚଉରାରେ ଶଙ୍ଖ ଧ୍ୱନି,
ଗୁରୁଜନ କଥା ନ ଶୁଣିବା ଯୋଗୁଁ
ରହିଗଲେ ହୋଇ ତୁନି ।

ମାନୁଛି ଆଉକେ ନିତୀବାଣୀ କଥା
ନିଜମନେ ସବୁ ଜ୍ଞାନି,
କୁଳ ଭୁଆଷୁଣୀ ଆଧୁନିକା ହେଲେ
ପରମ୍ପରା ଭୁଲିଲେଣି ।

ଅଗଣାରେ ଆଉ ଲାଗୁନି ଗୋବର
ଚୁଲି ଧୀରେ ହଜିଲାଣି,
ମାଟି ହାଣ୍ଡି ରନ୍ଧା ସପନ ଲାଗୁଛି
ଲୋକେ ତ ଭୁଲି ଗଲେଣି ।

ସଂସ୍କାର କୁ ପୁଅ ଏବେ ମାନୁନାହିଁ
ସୌକିନ ତାର ଚଳଣି,
ପିତା ଓ ମାତାଙ୍କୁ ହୀନ ମନେ କରି
ବୃଦ୍ଧାଶ୍ରମେ ଛାଡିଲାଣି ।

ସ୍ତ୍ରୀ ପିଲା ସଙ୍ଗତେ ହେଉ ଏ ସଂସାର
ନ ରହନ୍ତୁ କେହି ପୁଣି,
ସୁଖି ପରିବାର ଏଇଟି ଆମର
ଖୁସି ହୁଅନ୍ତି ବଖାଣି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପୁଅ ଝିଅ କଥା ନକହିବା ଭଲ
ପ୍ରେମେ ପାଗଳ ହେଲେଣି,
ଯେତେ ବୁଝାଇଲେ ସବୁ ଭଲ କଥା
ଚୂଲି ମୁହଁକୁ ଗଲାଣି ।

ଟୋକାଏ ମାତନ୍ତି ତାସ୍ ଖେଳରେ
ଗଞ୍ଜେଇ ଚିଲମ ଟାଣି,
ଚାଖଣା ସାଙ୍ଗକୁ ମଦ ଦୋକାନ
ଛକରେ ଖୋଲା ହେଲାଣି ।

ନିଶା ଦ୍ରବ୍ୟ ଖାଇ ବୋବାଲ କରନ୍ତି
ନିଜକୁ ନପାରି ଜାଣି,
ଘରେ ଘରେ ଲାଗେ ଅଶାନ୍ତିର ଖେଳ
ଶାନ୍ତି ଖୋଜିଲେ ମିଳେନି ।

ଭାଗବତ କଥା ଶୁଣିବାକୁ ଲୋକ
ଏବେ ବିରଳ ହେଲେଣି,
ପର ଘର କଥା ଶୁଣିବାକୁ ଦେଖ
କେତେ ଯେ ଭିଡ କଲେଣି ।

ଗାଆଁ ଆଉ କାହିଁ ଆଗପରି ନାହିଁ
କେହି କାହାକୁ ମାନେନି,
ପଛଦିନ କଥା ଭୁଲିଯାଇ ଆଜି
"ମୋ ଗାଁ ବଦଳି ଗଲାଣି" ।

କେନ୍ଦୁଡିହା ବଡସାହି ମୟୂରଭଞ୍ଜ
ଭ୍ରାମ୍ୟଭାଷ:-୯୩୪୮୮୧୯୯୧୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଧୁନିକା ନାରୀ



ଧୀରେଶ କୁମାର ମେହେର

ତୁମେ କି ସେଇ ସରଗର ତାର
ସୌନ୍ଦର୍ଯ୍ୟର ପ୍ରତିମା
ମୁଁ ଦେଖି ଦେଖି ସରିଗଲା ରାତି
କରିପାରିଲିଣି କଳ୍ପନା ।
ସ୍ୱର୍ଗର ଅପସାର ରୂପରେ ଚାତୁର
ଅଙ୍ଗ ଗଠନେ ଲୋଭ
ତୁମର ସୁନ୍ଦର ମୁଖଟି କେବଳ
ତାଙ୍କ ସହ ଖାଏ ମେଳ ।
ସୁନ୍ଦରତା ପାଇଁ ତୁମ ଏତେ ଗର୍ବ
ଇନ୍ଦ୍ର ଚନ୍ଦ୍ର ମାନ ନାହିଁ
ମୁଁ ବି ଦିନେ ତୁମ ପଛ ପଟେ
ବୁଲୁଥିଲି ଧାଇଁ ଧାଇଁ ।
ଜାଣିନ ଥିଲି ସେଦିନ ଦେଖିଲି
ଆମ୍ର ବୃକ୍ଷ ତଳ ଖେଳ
ତୁମ ଭାବିପତି ସହ ତୁମେ ଏକା
କରିଥିଲ ସେ ମେଳ ।
ଭାବିଥିଲି ତୁମେ ହେଇଥିବ ଜଣେ
ଅପସରାର ପ୍ରତୀକ
କିଏ ଜାଣିଥିଲା ତୁମେ ହେଉଛ
ସେଇ ପ୍ରତିମା ନାୟକ ।
ବିଚ ବଜାର ଘର ଯେ ତୁମର
ପ୍ରେମିକ ତୁମର ନାମ
ମୋର ବି ଥିଲା ଦିନେ ଏଠି ମନ
ଯୌବନ ଦେଖିବି ତମ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଚ୍ଚ ଶିକ୍ଷିତା ତୁମେ ଉଚ୍ଚ ଆଶଧାରୀ
ରୂପ ଯେ ତୁମର କାଳ
ପ୍ରତିମା ପରିକା ପିଜି ପଢି ମଧ୍ୟ
ଦୁର୍ଗନ୍ଧର ସେଇ ନାଳ ।
ପ୍ରେମରେ କର ପ୍ରତାରଣା ତୁମେ
ଦେହରେ କର ଜୀବିକା
ସଚ୍ଚିବାବୁ ପରି ଦେଖିଲି ମୁଁ ପରେ
କରିପାରିବି କିବା ।
ସୌନ୍ଦର୍ଯ୍ୟର ତୁମ ପଟାନ୍ତର ନାହିଁ
ପୂର୍ଣ୍ଣିମା ଚନ୍ଦ୍ରମା ପରି
ହେଲେ ସେ ଚନ୍ଦ୍ରମା ଜନମ ନେଇଛି
କଳଙ୍କର ଦାଗ ଧରି ।
ତୁମେ ନୁହଁ ସେଇ ପୌରାଣିକ ସତୀ
ରାଧା, ସୀତା ବା ଶକୁନ୍ତଳା
ତୁମେ ଅଟ ଏହି କଳିଯୁଗର
କାଳଙ୍କା ଅଳକା ସାନ୍ୟାଲ ।

ତୁମେ ଯେ ଏକ ପ୍ରତୀକ ଅଟ
ସାମ୍ପ୍ରତିକ ନାରୀ ସମାଜର
କେବଳ ଜାଣିଛ ଟଙ୍କା ଆଉ ଧନ
ନୂତନ ରୂପ ପୋଷକର ।
ଚନ୍ଦ୍ରମା କଳଙ୍କ କେବେ ବି ଛାଡେନା
କାଳେ ପଛେ ମରିଯାଏ
ତୁମର କଳଙ୍କ ପୋଛିଦିଅ ତୁମେ
ଯେବେ ଯେବେ ବଢି ଯାଏ ।
ପାଠ ପଢା ତମେ । ଶିକ୍ଷିତା ନାରୀ
ଇଜ୍ଜତ ର ନାହିଁ ଲୋଭ
ତୁମର ପୋଷାକ ଆଉ ଗୁଣ ଦେଖି
ଆଖି ବୁଜିଦିଏ ନଭ ।
ଭାବ ନାହିଁ ତୁମେ ଶିକ୍ଷିତା ନାରୀ
ପାପ ଯେ ପୁଣ୍ୟ ସମାନ
ପାପର ପାପରେ ପାପୀ ଯେ ହେଇଛି
ଏଠି ସେ ପାଷାଣ ସମାନ ।।

ଗ୍ରାମ-ରକ୍ସ ।, ଜିଲ୍ଲା-ବୌଦ୍ଧ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଝରକା ସେପାଖ ଜହ୍ନ



ଚିନ୍ମୟ ଶୁଭ୍ରାଂଶୁ

ବିଦ୍ୟୁତ ପ୍ରବାହ କାଟି ଯାଇ ଥିବା ବେଳେ
କୋଠରୀ ମୋ ଅନ୍ଧକାର କବଳରେ ,
ବାଜୁ ଥାଏ କାହା ମୋବାଇଲ ର ଗୀତ
ଏଇ ମୋ କର୍ଣ୍ଣ ପଟହ ରେ ।

ମଶା ମାନଙ୍କର କର୍ଣ୍ଣ ବିଦ୍ରୁପ ଶବ୍ଦ
ଶୁଭୁ ଥାଏ ଏଇ ମୋ କର୍ଣ୍ଣ ସମ୍ମୁଖ ରେ ,
ଲାଗୁଛି ବୁଡି ଯାଇଛି ମୁ କୋଉ
ନିଶବ୍ଦ ମିଥ୍ୟା ଭାବନା ରେ ।

ଝରକା ର ସେଇ ପରଦା ଫାଙ୍କ ଦେଇ
ରୂପେଲି ଆଲୋକ ପଡଇ ,
ଝରକା ସେପାଖ ଜହ୍ନ ସିଏ
ଖିଲି ଖିଲି ହସୁ ଥାଇ ।

ଗୋଲ ମୁହିଁ ଜହ୍ନ ସେଜେ
ଭାରି ଯେ ଲାଜେଇ ,
ମୁଁ ତାକୁ ଚାହିଁ ଦେଲେ
ଭସା ବାଦଲେ ଲୁଚାଇ ।

ଲୁଚକାଳୀ ଖେଳୁ ଥାଏ
ଜହ୍ନ ଭସା ବାଦଲ ସାଙ୍ଗରେ ,
ସାରା ସହର ଟା କବଳିତ
ଅନ୍ଧାର ର କୋଳରେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଛୋଟ ଛୋଟ ତାର ସବୁ
ମିଞ୍ଜି ମିଞ୍ଜି ହୋଇ ଜଳନ୍ତି ,
ବେଳ ଗଡ଼ିବା ସାଙ୍ଗକୁ
ଜହ୍ନ ଠୁ ଦୁରେଇ ଯାଉ ଛନ୍ତି ।

ଫେରିଲା ବିଦ୍ୟୁତ ପ୍ରବାହ
କୋଠରୀ ହୋଇଲା ଆଲୋକ ,
ଚାହିଁ ଥେ ଜହ୍ନ କୁ ମୁଁ ଆନନ୍ଦେ
ନ ପକାଇ ଆଖି ର ପଲକ ।

ଜହ୍ନ ଥେ ଆକାଶ ରେ ସବୁଦିନେ
ହେଲେ ପଡେ ନି ମୋ ନଜର ,
ହେଲେ ଲାଗେ କାହିଁ ଆଜି
ଜହ୍ନ ଆପଣ ଠୁ ନିଜର ।

ଲୁଚି ଗଲା ଜହ୍ନ କୋଉ
ଚିହ୍ନା ବାଦଲ ଭିତରେ ,
ପକାଇ ମୁଁ ଦେଲି ପରଦା
ଚୁପ ହୋଇ କୋଠରୀ ଭିତରେ ।

ଗ୍ରାମ/ପୋ: - କୁଆମରା, ଥାନା - ଖୁଣ୍ଟା
ଜିଲ୍ଲା - ମୟୂରଭଞ୍ଜ, ପିନ - ୭୫୭୦୭୭
ଦୂରଭାଷ - ୯୭୭୬୦୫୦୬୭୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୋଉ



ବିନୟ ମିଶ୍ର

ଆହାଃ...ମହୁଠାରୁ ମିଠା ଶବ୍ଦଟିଏ
ଯହିଁ ଖଜ୍ଜା ଖଣ୍ଡ ସାକର,
ଜଗତର ମଧୁମୟ ଯେତେସବୁ ବାସ୍ନା
ବୋଉ ର ପଣତକାନିରେ
ବନ୍ଧା ସବୁ ଯୁଗାନ୍ତର ଧରି,
ବୋଉ ହସ ଜହ୍ନଠାରୁ ଶୀତଳ
କୋମଳ,ସ୍ୱଚ୍ଛ,ସ୍ନିଗ୍ଧ, ଫଲ୍ଗୁ,
ବୋଉ ଏକ ସୁଦକ୍ଷା ବୈଦ୍ୟ,
କୋଳ ତାର ତକିଆ,ସ୍ୱର୍ଗ ତ ନିଉନ,
ବୋଉ ଗୋଡ଼ରେ ବସି ଜହ୍ନ ଦେଖା
ତା କାଖର ଉଷ୍ଣତାରେ
କାନ୍ଦଣାର ଉପଶମ,
ମିଛ ମାମୁଁଘର ,
ବୋଉ ଆଖିର ବାଳରେ ଗୋଡ଼ରେ
ପଶିଥିବା ଚୋର କଣ୍ଟା ଧରା,
ବୋଉ ପିଠିରେ ଲାଉ,
ବୋଉର ମାପ ଚୁପ ସରୁ ଚଟକଣି,
ବାପାଙ୍କ ମାଡ଼ ପରେ
ପଣତରେ ଲୁଚା ଉଷୁମ ଓଦା ଦେହ ଝଡା,
ଦି ହାତରେ କୋଳେଇ ନେବାର ମୁହୂର୍ତ୍ତ,
ଓଙ୍କିରେ ପାଳ ଗଦାରୁ ଆଣିଥିବା ଛତୁ ଭଜା,
ମାଟିହାଣ୍ଡିରୁ ପଖାଳ ଦି ଗୁଣ୍ଡା,
ବୋଉ ଏକ ପାଠଶାଳା ଅବଧାନଙ୍କର,
ଉଖୁଡା ଚଟୁର ଧମକ,ସବୁ ଅପାଶୋରା,
ଖଣ୍ଡିଏ ଶାଢୀରେ ରାଣୀ ପରି ଦିଶୁଥିବା,
ସଂଭ୍ରମତା ସଂସ୍କୃତି, ବିଚାରଣା
ସ୍ମୃତି ଆଜି
ଅସ୍ତମୀତ ବୟସରେ,
ଆଖିକୋଣ ବୋଲ ମାନେ ନାହିଁ,
ଦୁଇଟୋପା ପୋଛିବାକୁ ବୋଉ ଆଜି ନାହିଁ ।

ସୁନାବେଡା, କୋରାପୁଟ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶରତ



ରଙ୍କନିଧି ସେଠୀ

ଶରତ ଆଣିଛି ଶୀତର ସମ୍ଭାର
ସାଙ୍ଗରେ ପୂନେଇଁ ଚାନ୍ଦ
ଦଶଭୁଜା ମାତା ବିଦାୟ ବେଳରେ
ଭରିଲେ ମନେ ଆନନ୍ଦ ॥

ନୀଳ ଗଗନରେ ଶୁଭ୍ର ମେଘ ମାଳେ
ଉଆଁଇ ପୂର୍ଣ୍ଣମୀ ଇନ୍ଦୁ
ହେମନ୍ତ ସକାଳୁ ବିଞ୍ଛି ହୋଇଯାଏ
କାକର ମୁକୁତା ବିନ୍ଦୁ ॥

ମାତା ମହାଲକ୍ଷ୍ମୀ କାର୍ତ୍ତିକେ ଧରାକୁ
କରିବେ ଅବତରଣ
ଧନର ଦେବୀ ମା ହୋଇଗଲେ ସାହା
ଜିତିବା ଜୀବନ ରଣ ॥

ତାରକା ଅସୁର କରେ ଥରହର
ସ୍ୱର୍ଗ, ମର୍ତ୍ତ୍ୟ, ପାତାଳରେ
ଦେବ ସେନାପତି କୁମାର କାର୍ତ୍ତିକ
ଜନମିବେ ଉମା କୋଳେ ॥

କୁମାରୀଙ୍କ ମନେ ଅନେକ ସପନ
କରିବେ କୁମାର ପୂଜା
କନ୍ଦର୍ପ ପୁରୁଷ ମନେ ଅଭିଳାଷ
ପାଇବେ ହୃଦୟ ରାଜା ॥

ସେକ୍ଟର-୧୪,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମପାଇଁ ସଖୀ



ପ୍ରଶାନ୍ତ କୁମାର
ମିଶ୍ର (କୁନୁ)

ଆକାଶର ସୀମା ମାପି ହୁଏନାହିଁ
ହୃଦୟର କୋହ ହୁଏନା ଢାଙ୍କି
ଅନ୍ତର କାଳିମା ଦେଖି ହୁଏନାହିଁ
ବାହାରୁ ଚିହ୍ନିବା ରୁହେ ଯେ ବାକି ।।

ଆଖି ଦେଖା ଚିଜ କାନ ଶୁଣା କଥା
କେବେକେବେ ଜମା ସତ ହୁଏନା
ମନର ଭାବନା ହୃଦ ସିନା ପଢେ
ଆଖିର ଭାଷାଟା ଆଖିକୁ ଜଣା ।।

ଆଶ୍ଚର୍ଯ୍ୟ ଲାଗିଲେ କଥାଟା ସତ
ତୁମ ବିନା ଶୂନ୍ୟ ଲାଗେ ଜଗତ
କେମିତି କହିବି କିପରି କଟିଛି
ତୁମ ବିନା ମୋର ପ୍ରତି ମୁହୂର୍ତ୍ତ ।।

ବହୁବାର ପଢି କରେ ମୁଁ ଚେଷ୍ଟା ,
ଜାଣିବି ତୋ ହୃଦ ଅଲେଖା ପୃଷ୍ଠା ।।
ହାରିଯାଏ ସିନା ବୁଝି ପାରେନା ମୁଁ
ତୁମ ଅନ୍ତରର ଅକୁହା କଥା ।।

ତୁମ ନୀରବତା ମୃତ୍ୟୁ ଠୁଁ ଅଧିକା
ତୁମେ କି ପାରିବ ତାହାକୁ ଜାଣି ,
ତୁମ ଅଜାଣତେ କେତେ ଯେ ଚୋଟ
ଦେଇଛି ମୋହରି ହୃଦୟ ହାଣି ।।

ତୁମେ ନୁହେଁ ସେଇ ରାଧା ଅବା ମୀରା
ନୁହଁଇ ମୁଁ ସେଇ କାଳିଆ କାହ୍ନୁ ,
ସରଳ ସ୍ୱଭାବ ମଣିଷଟିଏ ମୁଁ
ସରଳ ହୃଦୟ ମୋ କ୍ଷୀଣ ତନୁ ।।

କଟକ, ବାଙ୍କୀ ,ତାଳବସ୍ତ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଶିଷ ଦିଅ ଚାଚାଜୀ



ସନ୍ତୋଷ ପଟ୍ଟନାୟକ

ଶିଶୁଦେହେ ଭରା ଦିବ୍ୟ ସମ୍ଭାବନା
ଭାଷଣବାଜିରେ ସରିଲା ଦିନ
ଆଜିର ଶାସକ ବୁଝିକି ଅବୁଝା
ବୁଦ୍ଧିଜୀବିଙ୍କର ହଜିଛି ଜ୍ଞାନ....

ଶିକ୍ଷା ବ୍ୟବସ୍ଥାରେ ପାଶ୍ଚାତ୍ୟ ସଂସ୍କୃତି
ସମାଜେ ଭରୁଛି ବିଷ
ବିକାଶ ଧାରାରେ ଆୟୁଷ ସରୁଚି
ପରିବେଶ ହୁଏ ଧ୍ୱଂସ....

ନିଶାର ପ୍ରସାର କରୁଚି ଶାସକ
ପଛରେ ରହିଚି ଶିକ୍ଷା !
ବିଦେଶ ଭାଷାକୁ ଆଦରେ ଶିକ୍ଷିତ
ମାତୃଭାଷା ଲୋକହସା ....


ଶାସକ ବିବେକ ବିକଶିତ ପାଇଁ
ଆଶିଷ ଦିଅ ଚାଚାଜି
ଅନ୍ୱେଷିତ ହେଉ ପ୍ରତିଭାର ଆଭା
ନବୀନ ସୁରୁଯ ସାଜି.....

ବେଗୁନିଆପଡା, ଗଞ୍ଜାମ
ଭ୍ରାମ୍ୟଭାଷ : ୮୮୭୩୪୯୨୧୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନର ଆହ୍ୱାନ



ଗୋପୀକିଶନ୍
ପରିଡ଼ା

ମୋ ଜୀବନ ଯୁଦ୍ଧକ୍ଷେତ୍ରରେ
ଜୀର୍ଣ୍ଣ ଗାଣ୍ଡିବ ଆଜି ଶଯ୍ୟାଶାୟୀ ।
କପାଳ ଆଜି ବିଦ୍ରୋହମୁଖୀ
ବିପ୍ଳବୀ ହୋଇଉଠିଛି ଏ ମନ ।
ପରାଜୟର ବିଜୟ ଆଜି ପାଳୁଛି ମୋ ଭାଗ୍ୟ ।
ଭୀମର ରକ୍ତମୁଖୀ ଗଦା,
ଆହ୍ୱାନ କରୁଛି ଆଜି ମୋତେ ।
ଜୀବନ ଆକାଶରେ ସୂର୍ଯ୍ୟର କଳାକିରଣ
ଉପଶମ ଦେଉଛି ଏ ବିଦ୍ରୋହୀ ବିବେକକୁ
ମନର ତପ୍ତ ବେଦନା, କାଳର କରାଳରେ,
ଖାଲି ଧୂମକେତୁ ଆଉ ପ୍ରଳୟର ରଣଟଂକାର ।
ବାସ୍ତବତାର ସମାଜ ଆଜି ତାଣ୍ଡବ କରୁଛି,
ଏହି ଅସ୍ୱୀକାର୍ଯ୍ୟ ମୋ ଗହ୍ୱର ଛାତିରେ ।
ତୀକ୍ଷ୍ଣ ଖଡ୍ଗରେ ବାରମ୍ବାର ପ୍ରତିହତ ହୁଏ
ପୁଣି ଉଠିଚାଲେ , ଆଉ ପ୍ରତି କ୍ଷଣ ମରେ ।
ଜଳେଇ ସାରିଛି ଶତ-ମୃତ୍ୟୁର ଜୁଇ
ମୃଣ୍ମୟୀ ଏ ଚେହେରା ଖାଲି ଦୁନିଆ ପାଇଁ ।
ବୁକୁର ବେଦନାକୁ ଜଳାଞ୍ଜଳି ଦେଇ,
ପୁଣି ବଞ୍ଚିଉଠେ ଘନ ଅନ୍ଧାରର ବାଟ ଖୋଜିବା ପାଇଁ ।

ବାସୁଦେବପୁର, ଭଦ୍ରକ, ମୋ -୭୯୭୮୭୯୭୩୭୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରନି ସାହିତ୍ୟ ଚୋରି



ନରେନ୍ଦ୍ର ପ୍ରସାଦ
ବେହେରା

ଭାଷା ସାହିତ୍ୟର   ଉନ୍ନତି ପାଇଁ କି
ହେଲୁ ଆଜି ଆଗଭର
ସ୍ଥାନେ ସ୍ଥାନେ ଆଜି   ଗଢି ଉଠିଲାଣି
ଅନୁଷ୍ଠାନ ସାହିତ୍ୟର ।

ଦେବା ସୁସମ୍ମାନ   ଭାଷା ସାହିତ୍ୟକୁ
କରିବାନି କେବେ ଚୋରି
ଚୋରି କରି ଯେବେ   ଧରାପଡି ଯିବା
ନେବେନି କେହି ଆଦରି ।

ଅପମାନ ହେବ   ଭାଷା ସାହିତ୍ୟକୁ
ପାରିବାକି ଆମ୍ଭେ ସହି
ରସାତଳ ହେବ   ସାହିତ୍ୟ ସମାଜ
ପୂର୍ବେ ଯାଇଛନ୍ତି କହି ।

ସାହିତ୍ୟକୁ କେହି   ଚୋରିକରି କେବେ
ପାରିନାହିଁ ହୋଇ ବଡ଼
କରିବାନି ଚୋରି   ଆଗେଇ ଚାଲିବା
ଆସୁପଛେ ଯେତେ ଝଡ଼ ।

ଶିଖି ନାହଁ ଯଦି   କବିତା ଲେଖିବା
କରନି କବିତା ଚୋରି
ଇଚ୍ଛା ଅଛି ଯଦି   ପରାମର୍ଶ ନିଅ
ଲେଖିବ କଲମ ଧରି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶିଖିବାରେ ଯଦି    ମନ ବଳାଇଛ
    ବୟସ ନୁହେଁ ବାଧକ
ଚୋରିକରି କେବେ    ନହୁଅ ଲଜ୍ଜିତ
    ହୋଇବ ଯେବେ ସାଧକ ।

ସ୍ୱଚ୍ଛ ବିଭାଗରେ    କରିଲ ଚାକିରୀ
    ସମାଜ ଗଢ଼ିବା ପାଇଁ
ନିଜେ କରୁଅଛ    ସାହିତ୍ୟକୁ ଚୋରି
    ଲଜ୍ଜା ଟିକେ ଲାଗୁନାହିଁ ।

ପଡିଗଲେ ଧରା    ଅନ୍ୟମୁଣ୍ଡେ ଦୋଷ
    ଲଦିବାକୁ ଆଗଭର
କ୍ଷମାମାଗି ପୁଣି    କରୁଛ ସ୍ୱୀକାର
    ମୁଁ ଅଟେ କବିତା ଚୋର ।

ଯେଉଁ ବିଭାଗରେ    ଚାକିରୀ ତୁମର
    ଚୋରିକୁ କୁହନ୍ତି ପାପ
ଏ ସମୟେ ତୁମେ    କଳଙ୍କ ଅର୍ଜିଣ
    ତାକୁ ସଜାଇଲ ବାପ ।

ଏହିପରି କେତେ    ଚୋର/ଚୋରଣୀ ପାଇଁକି
    ସାହିତ୍ୟ ଯାଏ ତଳକୁ
ଲୋକ ଲଜ୍ଜା ପୁଣି    ନିନ୍ଦା ଅପବାଦ
    ଆଣିଦିଏ ସମାଜକୁ ।

ସମ୍ମାନ ତ ଦେବା    ଭାଷା ସାହିତ୍ୟକୁ
    ଏକଥା ଯାଉଛି କହି
ନିଜକୁ ଆଜି ମୁଁ    ଭାବୁ ନାହିଁ କେବେ
    ବଡ଼ ସାହିତ୍ୟକ କହି ।

ଲେଖକ ହୋଇକି    ଲେଖିବାକୁ ଆମ୍ଭେ
    କରିବାନି କେବେ ଚେଷ୍ଟା
ଲେଖୁ ଲେଖୁ ଆମ୍ଭେ    ହୋଇବା ଲେଖକ
    ଯାହା କହିଛନ୍ତି ସ୍ରଷ୍ଟା ।।

ଆଳଦା, ଖଇରା, ବାଲେଶ୍ୱର,
ମୋ–୯୮୫୩୧୯୪୨୫୧୦*

 Magazine Downloaded from www.aahwaan.com

# ଶ୍ରାବଣର ଲୁହ



ଶୁଭସ୍ମିତା ତ୍ରିପାଠୀ

ତୁମେ କାନ୍ଦ ସଦ୍ୟ ଭିଜା

ସବୁଜିମା ର ପଲ୍ଲବିତ-

ଆହ୍ଲାଦିତ ,ସିକ୍ତ ପଲ୍ଲବ ର

ଥରଥର ଉତ୍ତରୀୟ ଭିତରୁ

କଦମ୍ବିନୀର ସେ ପାଖରେ

ମୁଖାବୃତ କରୁଥିବା

ବିରସ ହୃଦୟୀ ବିଷର୍ଣ୍ଣ

ଜହ୍ନ ଟିଏ ପରି

ତୁମେ ଆବୃତ ହୁଅ

ଅସଂଖ୍ୟ ଫୁଲରେ -

ମହୁରେ....ମୟୂରୀ ଚନ୍ଦ୍ରିକାର

ଅସ୍ତବ୍ୟସ୍ତ,ଅର୍ଦ୍ଧ ଆଦ୍ର

ରୋମାଞ୍ଚ ର ଏକାନ୍ତ

ନିରବ ମୁହୂର୍ତ୍ତ ମାନଙ୍କରେ

ଅଥଚ ତୁମ ଅନୁରଣିତ

ଶେଷ ଶିଖା ର ସ୍ଫୁଲିଙ୍ଗ ପରି

ଉତ୍ତାଳ ହାସ୍ୟ ତରଙ୍ଗର

ଅପୂର୍ବ ଲାସ୍ୟରେ

ପ୍ରକୃତି ଯେ ସମ୍ମୋହିତ

ତୁମ ନିରବ,ନିଷ୍ଟୁପ୍ ଯନ୍ତ୍ରଣାର

କିଏ କରେ ଅର୍ଥ.... ?

କିଏ ପଢେ ତୁମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆୟତ ନୀଳ ନୟନ ରେ

ଯୁଗ ଯୁଗାନ୍ତ ର

ଅଲିଖିତ, ଅଦୃଶ୍ୟ ପତ୍ର.... ?

ତୁମ ପ୍ରତୀକ୍ଷା ର

ନିରବ ଛନ୍ଦାୟିତ -

ଅବୋଧ୍ୟ କବିତାରେ ଭାରାକ୍ରାନ୍ତ

ମୃତ ଚକୋର ପାଇଁ ଏ ଲୁହ.... ?

ନିସ୍ପନ୍ଦ,ନିଃଶେଷ ବକ୍ଷରେ

ତୁମ ସ୍ୱର୍ଶର ଶେଷ ବିନ୍ଦୁ ର

ଅନୁଭବ ଅପେକ୍ଷାରେ

ତପସ୍ୱିନୀ ସାଜିଥିବା

ତୁମ ତୃଷ୍ଣା ର ପ୍ରହାର ରେ

ବାରମ୍ବାର ଉତ୍ପୀଡ଼ିତ ହେଉଥିବା

କରୁଣ ହୃଦୟରେ

ସରିଯାଇଥିବା ସ୍ପନ୍ଦନ ପାଇଁ

ତୁମର ଏ ଲୁହ.... ?

ତୁମ ଅବଗହନର ଆଦ୍ରତ୍ୱ ରେ

ଘନ ଅମ୍ବୁଜ

ବିସ୍ତୀର୍ଣ୍ଣ କାଳିମା ର

ଲାଲିମା ର ସ୍ୱର୍ଶ ପାଇଁ

ସ୍ୱପ୍ନ ଦେଖୁ ଦେଖୁ

ନିଶ୍ଚିହ୍ନ ହୋଇସାରିଥିବା

ମୃତ ସେ ବିହଙ୍ଗିନୀ ର

ବକ୍ଷର ଜ୍ୱଳନ ପାଇଁ

ଏ ଲୁହ.... ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଯାଚିତ, ଅକୁଣ୍ଠ

ଅବିଶ୍ରାନ୍ତ

ତୁମ ପ୍ରତି ପଦପାତେ

ଚରମ ଅନ୍ତର୍ଦ୍ଧାହ,

କ୍ଷଣପ୍ରଭାର କଠୋର ଜ୍ୱଳନ

ସୃଜିଦେବା ବେଳେ

ମର୍ମସ୍ଥଳ ରେ ଅସହ୍ୟ କଷଣ

ରହି ରହି ବାରଂବାର

ଆର୍ତ୍ତନାଦ ସୃଷ୍ଟି କଲାବେଳେ

ଗଗନେ-ପବନେ

ସଚରାଚର ଉଲ୍ଲସିତ

ଏ କ୍ଷୁଦ୍ର ସୃଷ୍ଟି ର

ଉପହାସ ଲାଗି ଏ ଲୁହ.... ?

ଯନ୍ତ୍ରଣା ର ଲୁହ ତ ଉଷ୍ମ.....

ତୁମ ଅଶ୍ରୁରେ ଶୀତଳତା

ଅଥଚ ଅନ୍ତରରେ

ଚରମ ଦାହ....... ! !

ମାର୍ଫତ : ରାଜେନ୍ଦ୍ର କୁମାର ତ୍ରିପାଠୀ

ଲକ୍ଷ୍ମୀନୃସିଂହ ସାହି, ୧୨ ଲେନ୍, ବ୍ରହ୍ମପୁର

ଭ୍ରାମ୍ୟଭାଷ: ୯୫୮୩୫୦୯୭୫୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଜିର ଯୁବପୀଢ଼ିପାଇଁ



ସୌମ୍ୟରଞ୍ଜନ
ସାମଲ

## ଆଜିର ଯୁବ ପଢ଼ି ପାଇଁ ହୃଦୟରୁ କିଛି ବାର୍ତ୍ତା

ଆଖିରେ ଆଖିଏ ସପନ ନେଇ,
ଚାଲିଛି ମୁଁ ଏଇ ଦୁନିଆ ଦେଇ ।
ଚିନ୍ହି ମୁଁ ସାରିଛି ଏଇ ଦୁନିଆକୁ,
ବାକି ଆଉ କିଛି ନାହିଁ । ।

ମିଛ ମୋହ ମାୟା ନେଇ ଚାଲିଛି ଭାଇ,
ଜାଣି ବି ଏ ଦୁନିଆ ନୁହେଁ କାହାରି ।
ଭରଷା କରିବୁ କାହାକୁ ଭାଇ,
ସଭିଏଁ ହସନ୍ତି ନିଜର ହୋଇ । ।

ଭିତରେ ଭିତରେ ମୋଉକା ଖୋଜନ୍ତି,
ଚୋଟ ମାରିବାକୁ ହେଳା ନକରନ୍ତି ।
ସଭିଏଁ ଏଠି ସ୍ୱାର୍ଥ ପାଇଁ ନିଜର,
କାମ ସରିଗଲେ କିଏ ବା କାହାର । ।

ସ୍ୱାର୍ଥ ପର ଏ ଦୁନିଆ ଭିତରେ,
ଅଣନିଶ୍ୱାସୀ ମୁଁ ଆଜି ।
ତଥାପି ଚାଲିଛି ସତ୍ୟକୁ ନେଇ ମୁଁ,
ମୁଣ୍ଡ ନୁଆଇଁ ବି ନାଇଁ । ।

ବିରୋଧ କରିବା ରକ୍ତରେ ମୋର,
ଜାତିରେ ଖଣ୍ଡାୟତ ।
ଶତ୍ରୁ ଙ୍କ ସାମ୍ନାରେ ଶତ୍ରୁ ଙ୍କୁ ମାରେ ମୁଁ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପଛରେ ନାହିଁ ଅଭ୍ୟାସ ।।

ନୂତନ ସୂର୍ଯ୍ୟ ର ଅପେକ୍ଷାରେ ମୁଁ,
ନହିଁ ମୋର କିଛି ଲକ୍ଷ୍ୟ ।
ବର୍ତମାନ କୁ ଭବିଷ୍ୟତ ଭାବି,
ଚାଲିଛି ମୁଁ ଏ ଜୀବନ ବାଟ ।।

ଖୁସି ବେଳେ ଏଠି ସଭିଏଁ ହସନ୍ତି,
ଦୁଃଖରେ କେହି ନାହିଁ ।
କଥା ରେ କୁହନ୍ତି ଆମେ ଅଛୁ,
ଆଗକୁ ବଢ ତୁମେ ଭାଇ ।।

ସମୟ ଆସିଲେ ସିଏ ମିଶିଯିବେ,
ତୁମ ଶତ୍ରୁ ପାଖେ ଯାଇ ।
ରାଜନୀତି ର ଏ ଗୋଳିଆ ପାଣିରେ,
ଜମା ପଶ ନାହିଁ ଭାଇ ।।

କିଏ କେତେବେଳେ ଦବ ହେ ବୁଡେଇ,
ଜାଣିବା ବହୁତ କଷ୍ଟ ।
ଆଜି ଯିଏ ମିତ୍ର କାଲି ସିଏ ଶତ୍ରୁ,
ବୁଝିବା ବୋହୁତ କଷ୍ଟ ।।

ଆଜି ଯାହା ପାଇଁ ଲଢେଇ କରୁଛ,
କାଲି ନୁହେଁ ସେ ନିଜର ତୁମର ।
ଶତ୍ରୁ ସହ ମିଶି କହିବ ସେ ଦିନେ,
ଜାଣି ନାହିଁ ତାକୁ ନୁହେଁ ସିଏ ମୋର ।।

ଅଳପ ବୟସୁ ରାଜନୀତି କୁ ଏଠି,
ଦେଖି ମୁଁ ସାରିଛି ଆଜି ।
ସଭିଏଁ ଅନ୍ୟର କାନ୍ଧରେ ବନ୍ଧୁକ ରଖି,
ଗୁଳି ଫୁଟାଇବାକୁ ତତ୍ପର ବେଶୀ ।।

ବେଳ ଥାଉ ଥାଉ ସୁଧୁରି ଯାଅ ହେ,
ସବୁ ଯୁବ ବନ୍ଧୁ ଭାଇ ।
ଭାଇ ଭାଇ କହି ଡେଉଁଛୁ ଯାହା ପାଇଁ,
ନାମ ଦବ ଦିନେ ସେଇ ।।

ଆଜି ଯାହା ପାଇଁ ଜୀବନ ଦେବାକୁ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଛ ଘୁଞ୍ଚା ଦେଉନାହୁଁ ତୁହି ।
କାଲି ତୋ ପରି ଏମିତି ଭାବି ସେ,
ଦାଦନ ଖଟୁଛି ଯାଇ ।।

ଆଉ କିଏ ତାଙ୍କୁ ମିଳିଗଲେ ଭାଇ,
ଭୁଲିଯିବେ ଦିନେ ତୋତେ ।
ଅସୁବିଧା ବେଳେ ଡାକିଦେଇ ପୁଣି,
ଭୁଲିଯିବେ ମାସେ ମାସେ ।।

ସୁଧୁରି ଯାଅ ହେ ଭାଇ ପ୍ରେମ ଛାଡ଼ି,
ସଂଗ୍ରାମୀ ଭାଇ ମୋର ।
ପାରୁଛୁ ଯଦି ହେ ସତ୍ୟ ସହ ରହି,
ସଂଗ୍ରାମ କରି ଚାଲ.. ସଂଗ୍ରାମ କର ଚାଲ.. ।।

ନାମ : ସୌମ୍ୟ ରଞ୍ଜନ ସାମଲ ( ଛାତ୍ର ନେତା )
୪୭୮ଡି/୧୮୨୯
ଶାସ୍ତ୍ରୀ ନଗର, ଭୁବନେଶ୍ୱର
ଭ୍ରାମ୍ୟଭାଷ : ୯୫୫୬୮୯୦୬୮୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗାଁ ଅନୁଭବ



ଶିଶିର କୁମାର ପଣ୍ଡା

ଆଜି ବି ଗାଆଁକୁ ଭୁଲି ମୁଁ ପାରୁନି
ଥାଇକି ସେଠାରୁ ଦୂରରେ
ମୋ ଗାଆଁ ବସନ୍ତ ଏଠି ବି ଦେଖୁଛି
ଅଚିହ୍ନା କୋଇଲି ସୁରରେ ।
ମୋ ଗାଆଁର ସେଇ ଦୂର ଧାନକ୍ଷେତ
କି କିମିଆଁ ମତେ କରିଛି
ଜାଣେନା କେମିତି ଆକାଶଟା ଆମ
ବିଲ ସେପାଖ ରେ ସରିଛି ।
ବରଷା , ବସନ୍ତ , ଶୀତ ବି କେମିତି
ପସରା ଦିଅନ୍ତି ଅଜାଡ଼ି
ଜାତି ଅଜାତିକା ଫୁଲ କେତେ ଆମ
ପରିବେଶ ଦିଏ ସଜାଡ଼ି ।
ଆମ ଗାଆଁ ଚାଷୀ ହଳ କରୁଥାଏ
ଠେକା ବାନ୍ଧିଦେଇ ମଥାରେ
ଗାଆଁ ଗାଆଁ ଭାବ ମତୁଆଲା କରେ
ଅଜା ଆଈଙ୍କ ର କଥାରେ ।
ଗାଆଁ ମନ୍ଦିରରେ ଆଳତୀ ଦେଖିଲେ
ମନରେ ଭକତି ଜାଗଇ
ଖାଇଲେ ଗାଆଁର ଶାଗ ପଖାଳକୁ
ଜାଣିବ କେମିତି ଲାଗଇ ।
ଅପରୂପ ସେଇ ଗାଆଁ ଅନୁଭବ
ଅନୁଭବି ସିନା ଜାଣିବ
ସହରୀ ଲୋକଟା କାହିଁକି ଭଲା ଏ
କଥାକୁ ମନକୁ ଆଣିବ !

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ-୮୯୮୧୭୩୭୭୭୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏଇମୋର ଶେଷଇଚ୍ଛା



କୁମାର ଲୋକେଶ୍

ଶେଷ ଇଚ୍ଛା ମୋର ତମକୁ କହୁଛି
ଶୁଣ ପ୍ରଭୁ ଚକ୍ରଧର
ସଂସାର ବାସୀଙ୍କୁ ଭଲରେ ରଖିବ
କରିବ ପାପରୁ ପାର,
ଆୟୁଷ ପଛେ ମୋ ଛଡେଇ  ନେଇଯା
ଅନାଥକୁ  ସାହା ହୁଅ
ଜନ କଲ୍ୟାଣରେ ଆତ୍ମା ଶାନ୍ତି ହେବ
ସବୁ ବେଳେ ତମେ ଥାଉ,
ରକ୍ତ ମାଂସ ମୋର ମାଟିରେ ମିଶିଲେ
ପାଇବି  ପୂଣ୍ୟର ଫଳ
ସମସ୍ତଙ୍କୁ ନିଜ ଖୁସି ଫେରେଇକି
ଯିବି ପ୍ରଭୁ ତମ କୋଳ ,

ଚାହୁ ନାହିଁ ଏଇ ପାପୀର ଶରୀର
ମାରିଦିଅ ମୋତେ ପ୍ରଭୁ
ତମ ପାଦ  ତଳେ ଗାଇ ଗାଇ ନାମ
ଜୀବନ ଦୀପ ମୋ ଲିଭୁ,
ଭାଗ୍ୟରେ ଯାହା ମୋ ଲେଖିଛ ଠାକୁରେ
ଦିଅ ସଂସାରକୁ
ଲୋଡା ନାହିଁ କିଛି ଧନ ମାନ ଜନ
ଚାଲିଯିବି ମଶାଣିକୁ,
ଏଇ ମୋର ଶେଷ ଇଚ୍ଛା ହେ ବିଧାତା
ରଖିବ ଅନାଥ ଧ୍ୟାନ
ଜାଣି ନାହିଁ ବୋଲି ଲେଖି ପାରୁନାହିଁ
ତମରି ଅମୃତ ଜ୍ଞାନ  ।

ଗୋରଡାପାଳ, ଢେଙ୍କାନାଳ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାଥୀ : ଦୁଇଟି ସ୍କେଚ୍



ଆଶୁତୋଷ ମେହେର

## *ସାଥୀ*

ଚାଲ ଉଡି ଯିବା ସାଥୀ ହାତ ଧରି
ଅଜଣା ସେ ପ୍ରେମ ଦେଶେ
ଯେଉଁ ରାଇଜରେ ଜୀବନ ଝଲସେ
ଅନୁରାଗ ଫୁଲ ବେଶେ ।।
ସେଇଠି ଲେଖିବା କାହାଣୀ ଯୋଡିକି
ଜୀବନ ର ଅନୁଭୂତି,
ନିତି ଦିନିକିଆ ନିଆରା ମନର
ସୁନାର ଝଟକ ସ୍ମୃତି ।।
ପୃଷ୍ଠା ଓଲଟାଇ ଜାଣିବ ଜଗତ
ପ୍ରେମର ସ୍ୱର୍ଗୀୟ କଥା
ଯୁଗ ଯୁଗ ଧରି ଆଗେ ବଢୁଥିବ
ଅମର ପ୍ରାଣ ର ଗାଥା ।।

## *ସାଥୀ ବିନା*

ନିରବତା ଏଠି
ଲହଡି ମାରେ
କଡ ଲେଉଟାଏ
ଏକାକୀ ଏକାକୀ ।।

ନିରବତା ଏବେ
ଗୁମ୍ ସୁମ୍
ଚୁପ୍ ଚାପ
ସାଥୀ ବିନା ।

୫୪ ଆର୍ଯ୍ୟପଲ୍ଲୀ
କିଟ ଛକ, ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ : ୯୪୩୭୦୮୫୩୯୬

Magazine Downloaded from www.aahwaan.com

# ନିଆଁ



ଶଶାଙ୍କ ଶେଖର ପଣ୍ଡା

ଅତୀତ ଜ୍ୱଳନ ଏତେ ତାତି ଆଜି
ସତେ କି ଲାଗିଛି ନିଆଁ
ଦେଖି ହୁଏ ନାହିଁ ଛୁଇଁ ହୁଏ ନାହିଁ
ଯାତନାର ଉଠେ ଧୁଆଁ....୦

ପଚାରେ ନିଜକୁ ଅନେକ ଥର ମୁଁ
ହାରେ କାହିଁ ବାରମ୍ବାର
ପାଖକୁ ନ ଯାଇ ଆଘାତ ଲାଗୁଛି
ଶୁଭେ ପ୍ରତାରଣା ସ୍ୱର,
ମନର ବଗିଚା ଉଜୁଡ଼ି ଯାଇଛି
ଥଥାପି ସପନ କୁଆଁ
ଅତୀତ ଜ୍ୱଳନ ଏତେ ତାତି ଆଜି
ସତେ କି ଲାଗିଛି ନିଆଁ....୧

ଦୂରେ ବହୁ ଦୂରେ ସେଦିନ ପୀରତି
ଯନ୍ତ୍ରଣାର ଯଉଘରେ
ପ୍ରତିଘାତ ପାଇଁ ବିରହ କାହାଣୀ
ଲେଖୁଛି ମୁଁ ବୁକୁ ତୀରେ,
ଅବଶୋଷ ରହେ ଅନ୍ତିମ ସୋପାନ
ଇତି ହୋଇଯାଏ ନାଁ
ଅତୀତ ଜ୍ୱଳନ ଏତେ ତାତି ଆଜି
ସତେ କି ଲାଗିଛି ନିଆଁ....୨

ଉତ୍ତରବାଡ଼,ଭଣ୍ଡାରୀପୋଖରି,ଭଦ୍ରକ
ମୋ : ୯୯୩୭୧୨୬୮୦୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଶ୍ରୟ



ସତ୍ୟପ୍ରକାଶ
ସେଠୀ

ସ୍ୱୀରି ଛୁଆ ପିଲା ହେଲେଣି ଖପ୍ପା
ଘରେ କେତେ କେତେ ନିତି
ସମୟଟା ଯାଏ କେଉଁ ବାଟେ ଚାଲି
ହିସାବ ପରେନି ରଖି । ।

ଲେଖିଲେ କି ଅବା ମିଳବ ଉପାଧି
କେଉଁଟା ହୁଏନି ସିଧା
ତେଣୁ ପରା ମୋର ସବୁ କାମ ବେଙ୍ଗା
କବିତା ପସରା ମେଲା । ।

ଲେଖିଲେ ବା କେହି ପଢ଼ନ୍ତେ କି ଭଲା
ପଢିବେ ନାହିଁ ସେ କେହି
ମତାମତ ପାଇଁ ଫେସ୍ ବୁକ୍ ପାଲା
ମତ କାହିଁ ମିଳେ ନାହିଁ । ।

ପ୍ରେସ୍ ବାଲା ତାହା ପ୍ରେସ୍ କରେ ନାହିଁ
ପତ୍ରକାର ଛାପେ ନାହିଁ
ମୁଁ କାହିଁ ଲେଖିବି ସମୟ ସାରିବି
ଚିଡ଼ା ଲାଗିଲାଣି ଭାରି । ।

ଆଶୟ ଯେ ଆଉ ନାହିଁ ମୋର ମନେ
ଗର୍ବ ହେଲାଣି ମୋ ଖର୍ବ
ଆଶୁଗ ପ୍ରାୟତଃ କବିତ୍ୱ ମୋ ଆଜି
ପାଳେ ଲେଉଟାଣି ପର୍ବ । ।

ସା - ରାଣୀପଡା, ପୋ - ତରାଗୋ
ଜିଲ୍ଲା - ଭଦ୍ରକ, ଓଡିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୁଝିବୁ ମୋହରି ମନ



ଧିରେନ୍ଦ୍ର ମଲ୍ଲିକ

ଯାଜପୁରରୁ ମୁଁ ଆସିଛି କାଳିଆ

ଚାଲି ଚାଲି ଏତେ ବାଟ,

ଜପିଜପି ତୋର ସହସ୍ର ନାମକୁ

କରିବାକୁ ତୋତେ ଭେଟ,,

କହିବି ମୋହରି ଅନ୍ତରର କଥା

ବୁଝିବୁ ମୋହରି ମନ,

ସବୁଥାଇ ଏଠି ମୁହିଁତ ଅନାଥ

ଦୁନିଆରେ ଦୁଃଖି ଦୀନ,,

ଗୁହାରୀ କରୁଛି ତୋପାଖେ ଏତିକି

ଜଗତ କଲ୍ୟାଣ ପାଇଁ,

ହରିନେ ସଂସାରୁ ସଭିଙ୍କର ଦୁଃଖ

ପ୍ରଭୁ ନୀଳଗିରି ସାଇଁ,,

ଧର୍ଷଣ ଦୁର୍ନୀତି ପାପ କୂଟନୀତି

ନ'କରୁ ସଂସାରେ କେହି,

ଜାତି ଧର୍ମ ବର୍ଣ୍ଣ ଏସବୁ ନ ଦେଖି

ଥା'ନ୍ତୁ ହେଇ ଭାଇ ଭାଇ,,

ନିଳକଣ୍ଠପୁର ମଙ୍ଗଳପୁର ଯାଜପୁର

ଫୋନ-୭୯୦୪୩୯୨୭୮୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନେପଡ଼େ ସେ ଅତୀତ



କୃଷ୍ଣଚନ୍ଦ୍ର ଡାକୁଆ

ହଁ ତୁମେ ତ ହଜି ଜାଇଛ
ତୁମ ସ୍ୱପ୍ନ ରାଇଜ ମଧ୍ୟରେ
ହେଲେ ମୁଁ କେମିତି ଖୋଜି ପାଇବି ?
ଅସମ୍ଭବ ସେ ସବୁ
ସେ ଅତୀତକୁ କଳ୍ପନା କରିବା ହିଁ ତ
ବାସ୍ତବରେ ଗୋଟଏ ବଡ଼ ଭୁଲ !

ଗାଁର ଗଳି କନ୍ଦି ଠାରୁ ଆରମ୍ଭ କରି
କାହିଁ କେତେଜେ ଖୋଯିଚି
ସେ ହଜିଲା ଅତୀତକୁ
ତାହାର ସୀମା ନାହିଁ
କିନ୍ତୁ ଖୋଜି ପାଇବା
ବେସ୍ କାଠିକର ପାଠ ହୋଇପଡ଼ିଛି !

କେହିବା କଣ କରିବ
ସମୟ ଆୟୁରେ ବନ୍ଧା ତ ସେ ସବୁ
ସ୍ୱଳ୍ପ ସମୟ ଏବଂ ହାତଗଣତି କେତେ ଦିନର
ସେ ପରିବ୍ୟାପ୍ତ ପରିଧି ମଧ୍ୟରେ ରହି
ଯେମିତି ପାଇ ଯାଇଥିଲି ସବୁ ଖୁସି !

ହେଲେ ବୋଧ ହୁଏ
ସେ ହସ ଖୁସିକୁ
ସହ୍ୟ କରି ପାରିନଥିଲା
ସେ ପରିବ୍ୟାପ୍ତ ପରିଧି
ଏମିତିରେ ତ ଜୀବନ ସହ
ଖେଳ ଖେଳିବା ଆରମ୍ଭ କରିଦେଇଥିଲା,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେବେଳ ମୋ ଜୀବନ ସହ

ଖେଳ ଖେଳି ନଥିଲା ବରଂ

ଓଡ଼ିଆ ଭାଷା ସାହିତ୍ୟକୁ

ଆପଣାଇ ନେଇଥିବା କେତେକ

ନିରୀହ ନିସ୍ ପାପଙ୍କ ଜୀବନ ସହ

ଖେଳ ଖେଳିବାକୁ ପଛଘୁଞ୍ଚା ଦେଇ ନଥିଲା ,

ଯାହା ହେଉ ନା କାହିଁକି

ତୁମେ ତ ମୋର ପ୍ରିୟ ସଖା ପ୍ରିୟମ୍ବଦା

ଆହ୍ଲାଦିନୀ ମନର ମାନସୀ ଏବଂ

ଏ ଚାତକ ମନର ଅପୁରନ୍ତି ଶକ୍ତି,

ଯେବେ ଏମିତି ବୁଲେଇ ବଙ୍କେଇ ଜାଳି ଦିଅ

ଆପେ ଆପେ ମନରେ

ଅନେକ କୋହ ଉଦ୍‌ଜୀବିତ ହୋଇଯାଏ

ମୁଁ ଯେମିତି ଏକ ବିରାଟ ବଡ଼ ଭୁଲ କରିଦେଲି

ମୋ ଚଲା ପଥରେ ତୁମକୁ ନେଇ,

ତୁମକୁ ଏମିତି ଖୋଜି ଖୋଜି

ମେଣ୍ଟେନା ଏ ପିପାସୁ ମନର ତୃଷ୍ଣା

ହେଲେ ତୁମେ କଣ ସତରେ

ମାୟାବିନୀ ମୋହିନୀ କାମୁକ କନ୍ୟା

କାଦମ୍ବିନୀ

ଯାହା ପାଖରେ ବନ୍ଧା ପଡ଼ିଛି ମୋ ଜୀବନ

ଆୟୁଷ !!

କରଚୁଲି(ବୁଗୁଡ଼ା), ଗଞ୍ଜାମ, ୭୬୧୧୦୫, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନିରନ୍ତର ପ୍ରଚେଷ୍ଟା



ସୁମିତ୍ରା ପୃଷ୍ଟି

ଜୀବନର ଦିଗନ୍ତରେ ଇନ୍ଦ୍ରଧନୁ ରୂପୀ
ରଙ୍ଗୀନ୍ ସ୍ୱପ୍ନରେ ବିଭୋର ମନୁଷ୍ୟ
ଧୂମ୍ର ସମ ଆକାଶକୁ ଛୁଇଁବାକୁ
ଚିର ଧାବିତ ତାର ମନ
ଧୂମ୍ର ଯେମିତି ଧକ୍କାଖାଇ ଶକ୍ତ ପାହାଡରେ
ପୁଣି ଧାଏଁ ଲକ୍ଷ୍ୟ ଅଭିମୁଖେ
ଆକାଶକୁ ଛୁଇଁବାକୁ
ମାପିବାକୁ ତାର ବିସ୍ତାରତା
କିନ୍ତୁ ସେ କଣ କଳିପାରେ
ସ୍ୱପ୍ନ ଭାଙ୍ଗିଯାଏ ତାର
ବାଦଲରେ ପରିଣତ ହୋଇ
ବର୍ଷାସାଜି ପୁଣି ତଳକୁ ଖସିପଡେ
ତଥାପି ଉପରକୁ ଉଠିବାର ପ୍ରଚେଷ୍ଟା
ଆକାଶକୁ ଛୁଇଁବାର ଇଚ୍ଛାତାର
ମରେନାହିଁ ଜମା
ଧାଉଁଥାଏ ସେ ଅବିରତ
ମନୁଷ୍ୟବି ନିଜ ଚେଷ୍ଟାରୁ ବିରତ
ହେବ କିପରି
ସେ ପଡିଉଠି ଧାଉଁଥାଏ
ଇନ୍ଦ୍ରଧନୁକୁ ଛୁଇଁବାକୁ
ପାଗଳ ପ୍ରାୟ ହୋଇ
ସ୍ୱପ୍ନତାର ଭାଙ୍ଗିଗଲା ପରେ ମଧ୍ୟ
ଧାଉଁଥାଏ ଅବିରତ
ଥିବାଯାଏଁ ତାର ନିଶ୍ୱାସ ।

ଗବେଷିକା,ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧନ୍ୟ ତୁମ କୀର୍ତ୍ତି ସାଧବଜାତି



ସ୍ୱର୍ଣ୍ଣପ୍ରଭା ଖଟୁଆ

ଓଠରେ ହସକୁ ମାଖି
ଅହଂଭାବ ସବୁ ଭସାଇ ଆସିଲି
ପବିତ୍ର ଜଳର ରାଶି
ଭାଇଚାରା କିଛି ସାଉଁଟା ଦେଖିଲି
ଜଳାଶୟ ନିକଟରେ
ଓଡିଆ ବୋଲିସେ ବୁଝା ପଡୁଥିଲେ
ସ୍ନେହ ଶ୍ରଦ୍ଧା ପରସ୍ପରେ
ବୋଇତା ବନ୍ଦାଣ ସାଧବପୁଅର
ସ୍ୱାଭିମାନ ଆଜି ବଞ୍ଚିଛି ପ୍ରତି ହୃଦୟେ
ସାଧବାଣୀଙ୍କର ମୁଣ୍ଡର ଓଢଣୀ
ପତ୍ନୀଧର୍ମ ପାଳୁଥାଏ

ଆହାକି ସୁନ୍ଦର ସତେ ମନୋହର
ପୂର୍ବଜମାନଙ୍କ ସ୍ମୃତି
ଆଜିବି ଓଡିଶା ଭୁଲିପାରୁନାହିଁ
ବାଣିଜ୍ୟର ଚିତ୍ରଲିପି
ନୌକାର ମାନ ଅବୁଝା ହେଲେବି
ବୁଝାପଡିଗଲା ଆଜି
ପ୍ରତିଛବି ଦେଖି ଗରବ କରୁଛି
ଧନ୍ୟସେ ସାଧବ କୁଳ
ରଖିଗଲେ ଯଶ
ଯୁଗଯୁଗ ପାଇଁ
ଖୁସିରେ ହସୁଛି ରାଜ୍ୟ

ଚଣ୍ଡିଖୋଲ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଥମ ଦେଖା



ପ୍ରଶାନ୍ତ କୁମାର ପଧାନ

ପ୍ରଥମ ଦେଖାର ମିଠା ଅନୁଭୂତି
ହୋଇଗଲା ଇତିହାସ
ଛଅଗୁଣ ହେଲା ପ୍ରେମର ଫଗୁଣ
ମେଣ୍ଟିଗଲା ସବୁ ଶୋଷ ।।

ତମସା ଭିତରେ ଇନ୍ଦୁଟିଏ ସାଜି
କରିଦେଲ ଆଲୋକିତ
ଜୀବନ ମରୁରେ ବର୍ଷାଟୋପା ତୁମେ
ହସ ଲକ୍ଷେ ପାରିଜାତ ।।

ବଦଳିଗଲା ଏ ଜୀବନର ମୋଡ଼
ବଦଳିଲା ଭାଗ୍ୟରେଖା
ସ୍ମୃତି ସାଜିଲା କଲେଜ କାନ୍ଥପାଖେ
ଆମ ସେ ପହିଲି ଦେଖା ।।

ଅଶ୍ୱତ୍ଥର ମୂଳେ ଲାଗୁଥିଲ ତୁମେ
ଶିଳ୍ପୀଅଙ୍କା ପ୍ରତିମୂର୍ତ୍ତି
ଇଚ୍ଛା ହେଉଥିଲା ନଜରବନ୍ଦୀରେ
କାଟିବାକୁ ସବୁରାତି ।।

ପଡୁ ନଥିଲା ମୋ ନୟନେ ପଲକ
ଲାଗୁଥିଲା ବୋଧେ ଭ୍ରମ
ପାଦ ଥାପିଥିଲି ସ୍ୱର୍ଗରେ ସତେକି
ମାଦକଭରା ଏ ପ୍ରେମ ।।

ସରି ଯାଉଥିଲା ଦିନର ଆୟୁଷ
ପାରୁ ନଥିଲି ମୁଁ ଜାଣି
ଫେରିଗଲ ତୁମେ ଗନ୍ତବ୍ୟ ପଥରେ
ହଜାରେ ସପନ ବୁଣି ।।

ବୁରୋମୁଣ୍ଡା, ବରଗଡ଼, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏକତାର ବାର୍ତ୍ତା



ରାଜେନ୍ଦ୍ର ସାମଲ

ନୂଆ ଇତିହାସ   ରଚିନି ଭାରତ
ଆଜିର ଏହି ସକାଳେ,
ଧୂଳି ଲାଗିଥିବା   ଶାଶ୍ୱତ ମନ୍ତ୍ରକୁ
ଧୋଇଲା ସତ୍ୟର ଜଳେ ॥

ଋଷି 'ସମ୍ବନନ'   'ସଂଜ୍ଞାନ'ସୂକ୍ତରେ
ଯେଉଁ କାଳଜୟୀ ବାର୍ତ୍ତା
ଦେଇଥିଲେ ତାର   ପୁନଃ ସଂସ୍କରଣ
କଲେ ଆଜି ନ୍ୟାୟକର୍ତ୍ତା ॥

ଏହି ସଂସ୍କରଣ   ବିଶ୍ୱକୁ ଦେଇଛି
ସଦମ୍ଭ ଆମ୍ଭ ବାରତା-
ଅନେକ ଫୁଲର   ମାଳା ଏ ଭାରତ
ଭିନ୍ନତା ମଧ୍ୟେ ଏକତା ॥

ସବୁ ସମ୍ପ୍ରଦାୟ   ସକଳ ଧରମ
ଯେତେ ବର୍ଣ୍ଣ, ଭାଷା ଏଠି
ଭିନ୍ନ ଭିନ୍ନ ବୋଲି   ଦୃଶ୍ୟ ହୋଇଲେ ବି
ମୂଳତଃ ସବୁ ଏକାଠି ॥

ଏକା ଜଳ ଯଥା   ତୁଷାର,ଶିଶିର,
କୁହୁଡି ତଥା ବୁଦ୍ ବୁଦ
ତଥା ଭିନ୍ନ ଦୃଶ୍ୟ   ସବୁ ଜନ ଏଠି
ଅଭିନ୍ନ ଗୋଟିଏ ହୃଦ ॥

କେଉଁ ଅବେଳାରେ   ଉଠିଥିଲା ସିନା
ମିଛ ତମଃ ବିବାଦର
ଶୁଭ ସକାଳରେ   ଶମିତ ସେ ତମଃ
ଅକ୍ଷୁର୍ଣ୍ଣ ବାର୍ତ୍ତା ଐକ୍ୟର ॥

ତିନିଶ'ସତୁରୀ   ପରେ ଏ ବିଜୟ
ବଜ୍ର କରିଛି ଏ ମାଟି
ସଭିଙ୍କ ହୃଦୟେ   ଆନନ୍ଦ ଜୁଆର
ଶତ୍ରୁ ଛାତି ଯାଏ ଫାଟି ॥

ଗୋଟିଏ ମାଆର   ସନ୍ତାନ ସଭିଏଁ
ନାହିଁ ଆମ ଭେଦଭାବ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଇଦ୍- ହୋଲି' ପାଳୁ ଏକାଠି ଆମେ ଏ
ସାମ୍ପ୍ରଦାୟିକ ସଦ୍ଭାବ ॥
ଯିଏ ଏଠି ରାମ ସେଇ ତ ରହିମ
ସେହି ଯୀଶୁ-ଜୈନ-ବୁଦ୍ଧ,
ଏକ ହିଁ ଇଶ୍ୱର ଅନେକେ ବିମ୍ବିତ
ଆମ ଏକେଶ୍ୱରବାଦ ॥
ଏକ ଭ୍ରାତୃଭାବେ ବନ୍ଧା ହୋଇ ଶାନ୍ତି,
ମୈତ୍ରୀ, ପ୍ରୀତି ଲକ୍ଷ୍ୟ ଆମ,
ଏହି ମନ୍ତ୍ରେ ଦିନେ ଭାରତ ବାନ୍ଧିବ
ସମଗ୍ର ଏ ବିଶ୍ୱଧାମ ॥

(ଋଷି ସମ୍ବନନ ଅଙ୍ଗିରସ ଋକ୍ ବେଦର ସଂଜ୍ଞାନ ସୂକ୍ତରେ ମାନବ ଜାତିର ସମତା ଓ ଏକତାର ବାର୍ତ୍ତା ପ୍ରଦାନ କରିଛନ୍ତି)

॥ଅଯୋଧ୍ୟା ରାୟ ଶୁଣାଣି ଖୁସିରେ-
ଅଧ୍ୟକ୍ଷ, ଆଞ୍ଚଳିକ ମହାବିଦ୍ୟାଳୟ,
ଗଡିଆ, ମୟୂରଭଞ୍ଜ, ଓଡିଶା ॥

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତିମିର



ବିକାଶ ଚନ୍ଦ୍ର ଧୁଙ୍ଗିଆ

ପାପୀ କଳେବର ତମସାର କୋଳ
ଆବରି ନେଇଛି ଆଜି,
ଦୁନିଆ ଦାଣ୍ଡରେ ଚଳୁ ନାହିଁ ପାଦ
ଧସେଇ ପଶୁଚି ଆଜି ।।
ସଞ୍ଜବେଳଟାରେ କୂଆଁ କୂଆଁ କୋଳେ
ଅଝଟ ହୋଇଲେ ଶିଶୁ,
ଡାକି ମାଆ ତା'ର ଆସି କାନେ କହେ
ଅନ୍ଧାର ଆସୁଛି ଜାଣୁ ।।
ଭୟରେ ଶରୀର ହୁଅଇ ନିସ୍ତବ୍ଧ
ଶୁଣିଲେ ଅନ୍ଧାର ଭୟ,
ବାମନାର ଭୟ କାହାକୁ ଅଜଣା
ତୁନି ହୁଏ ଶିଶୁ ତା'ର ।।
ସଂସାର ତାମସ ନାଶନ ପାଇଁ ହେ
ନେଇ ଥାଅ ଅବତାର,
ସୁନ୍ଦର ସଂସାର କଳୁଷ ସାଜିଛି
ତାକୁ ଇ ଉଦ୍ଧାର କର ।।
ଶିକ୍ଷା ହେଉ ଅବା ସ୍ୱାସ୍ଥ୍ୟ ହେଉ ଆଜି
କଳୁଷ ଅନ୍ଧାର ମାଡି,
ଚିଟଫଣ୍ଡ ପରି ଦୁର୍ନୀତି ବେପାର
ଲୋକଙ୍କ ହାଡ ଭାଙ୍ଗୁଛି ।।
ଜନତାର ନେତା ସାଜିଛି ଆଜି ହେ
ଅନ୍ଧାରେ ବାମନ ଭୂତ,
କମଳ ଶିଶୁଏ ଜନତାର ପ୍ରାୟେ
ଡରି ରୂପ ଦେଖି ତା'ର ।।
ଜନନୀ ଭଗିନୀ ହେଉ ଯେ ଘରଣୀ
ସଂସାର ତାହାରି ଦାନ,
ତାହାରି ସୁରକ୍ଷା ବଜାୟ ରଖ ହେ
ଦେଇ ଯେ ଆଲୁଅ ଜ୍ଞାନ ।।
ଯେଉଁ ଦେଶରେ ଦେବୀର ଆସନେ
ନାରୀକୁ କରଇ ପୂଜା,
ଅନ୍ଧାର କଳୁଷ କାଳିମାରେ ବଳା
ହେଉଛି ତାହାରି ମଥା ।।
ଅନ୍ଧକାରମୟ ଏ ସାର ସଂସାର
ଜମା କର ନାହିଁ ଭୟ,
ଆଲୁଅ ଦୀପକୁ ପ୍ରଜ୍ୱଳିତ କରି
ତିମିରକୁ ନାଶ କର ।।

ଶୁଳିଆପଦା, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ସରକାର



ହିରାବତୀ ପାତ୍ର

ଆମେ ତୋ ଗଢୁ ଆମେ ତୋ ଲଢୁ
ଆମ ପାଇଁ ଚାଲେ ଏ ରାଜ୍ୟ ସହର,
ଡରିବା ନାହିଁ କିବା ଘୁଞ୍ଚିବା ନାହିଁ
ଆସିଛି ଯୋଜନା "ମୋ ସରକାର" ।

ସ୍ୱଚ୍ଛ ଭାରତର ସ୍ୱଚ୍ଛା ଭାରତୀୟ
ନୁଆଁଇବୁ ନାହିଁ କା ଆଗେ ମଥା,
ବଳି ପଡିବୁ ପଛେ ଦେବୁ ନାହିଁ
କେବେ କାହା ହାତେ ଲାଞ୍ଚ ଟଙ୍କା ।।

ଆମରି ପାଇଁ ଆସିଛି ନୂଆ ରୂପର
"ମୋ ସରକାର" ନୂଆ ଯୋଜନା,
ଉତ୍ତମ ସ୍ୱାସ୍ଥ୍ୟ, ଉତ୍ତମ ସେବା ପାଇଁ
୧୪୫୪୫ ରେ ଆମେ ପାଇବା ।।

"ମୋ ସରକାର" ଆଣେ ୫ଟି ନିୟମ
ତା ସାଥେ ହେବୁରେ ଗତିଶୀଳ,
ପ୍ରଯୁକ୍ତି ବିଦ୍ୟା ସହ ସମ୍ମିଳିତ ଉଦ୍ୟମ
ପୁଣି ହେବୁ ସ୍ୱଚ୍ଛତାର ଅନୁଶୀଳ ।।

ସମୟର ସଦୁପଯୋଗ କରି
ହେବାରେ ସମୟାନୁବର୍ତ୍ତିତା,
ଏଇ ଅନ୍ଧବିଶ୍ୱାସ ଦୁନିଆରେ
ପରିବର୍ତ୍ତନ ଆମେ ଆଣିବା ।।

ଦୁର୍ନୀତି ଯେତେ ହଟାଇ ଆମ ରାଇଜୁ
ଆସରେ ଗଢ଼ିବା ସୁନାର ଉତ୍କଳ,
ଯନ୍ତ୍ରଣା କ୍ଲେଶ ରହିବ ନାହିଁ ଆମରି
ସରକାର ବୁଝିବେ ଦୁଃଖ ସକଳ ।।

ଆସରେ ଆସ ଭାଇ ଭଉଣୀ ସଭିଏଁ
ହେବାରେ ଆଜି ସଂକଳ୍ପବଦ୍ଧ
"ମୋ ସରକାର"ବଜାଇ ରଖି
ହେବ ଦୁର୍ନିତୀ ନିବାରଣ ।।

ନଳଗଜା, ମୟୂରଭଞ୍ଜ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନାରୀ



ଜାନକୀ ନାୟକ୍

ନାରୀ ମୁଁ ନାରୀ
ଧୀରେ ଧୀରେ ଯାଏ ମୁଁ ସରି ।
ଉତ୍ପୀଡନର ଡାକ ଶୁଣି ଶୁଣି
ଧୀରେ ଧୀରେ ହୁଏ ମୁଁ ଘାରି ।।
ମନର କେଉଁ ଅଜଣା ସହରରେ
ଯାଏ ମୁଁ ହାରି ।
ଧୀରେ ଧୀରେ ଯାଏ ମୁଁ ସରି ।।
ଜାଣେ ନାହିଁ କାହାଁ ଯିବି ମୁଁ ହାରି ।
ଧୀରେ ଧୀରେ ମନର ଝରକା ଯାଏ ଖଲି ।
ଜାଣେନାହିଁ ମନ କାହିଁଯିବ ହଲି ।।

କାହାର ହାହାକାର କରେ ମତେ ତିରଷ୍କାର ।
ଲାଗେ ସେ ଧୀରେ ଧୀରେ ହେବ
ଆବିଷ୍କାର ।।
ସୁରର ଝଙ୍କାର ନେଇଆସେ ବାହାରି
ମନତଳ ହୁଏ ଘାରୀ ।
ବ୍ୟର୍ଥବେଦନା ଦିଏ ଏତେ ଉତ୍ପୀଡନା ।
ନାହିଁ ନାହିଁ ମୁଁ ଚାହିଁ ନାହିଁ
କାହାର ତାଡନା ।


ନାରୀ ମୁଁ ନାରୀ
ଧୀରେ ଧୀରେ ଯାଏ ମୁଁ ସରି ।
କେଉଁ ଅଜଣା ଅତୀତରେ
କାହାର ବାହୁବନ୍ଧନରେ ।

ବାରିପଦା, ମୟୂରଭଞ୍ଜ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭୁଲା ଅତୀତ



ସରିତା ମହାନ୍ତି

ମନେ ପଡିଗଲେ ଅତୀତର ସ୍ମୃତି
ଆନମନା ହୁଏ ମନ
କାହିଁ ଉଭେଇଲା ସେ ବେଳର ସବୁ
ଫେରନ୍ତା କି ପିଲା ଦିନ ।

ପାଠ ପଢା ସହ କେତେ ରକମର
ଖେଳ ଆମେ ଖେଳୁ ଥାଉ
ପ୍ରଗତି ନାମରେ ସବୁ ବଦଳୁଛି
ଖୋଜିଲେ ପାଇବୁ କାହୁଁ ?

ଧନୀ କି ଗରିବ ନାହିଁ ଭେଦଭାବ
ଖେଳ ଖେଳୁ ଆମେ ମିଶି
ମିଛି ମିଛିକା ଯେ କେତେ ବାହାଘର
କଙ୍କି ଲାଞ୍ଜେ ବାନ୍ଧୁ ରସି ।

ପରବ ପଡ଼ିଲେ ହୁଅଇ ଯୋଜନା
ବଣ ବୁଦା ସଫା ହୁଏ
ଆଳୁ ସାରୁ ଡାଲି ସଭିଙ୍କ ହାତରେ
କେତେ ଯେ ବ୍ୟଞ୍ଜନ ହୁଏ ।

ହେଉ ବଡ଼ଦିନ ବା ନୂଆ ବରଷ
ସଭିଏଁ ଏକତ୍ର ହେଉ
ଭୋଜି ଭାତ କରି ମନ ଆନନ୍ଦରେ
ମିଳିମିଶି ଖାଇ ଥାଉ ।

ଆନନ୍ଦ ମନରେ ଭଅଁରକୁ ନେଇ
ଖୋଲ ମଧ୍ୟେ ରଖି ଦେଉ ।
ରେଡ଼ିଓ ବାଜୁଛି କହି ପୁଣି ଆମେ
ଆନନ୍ଦରେ ନାଚି ଥାଉ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଞ୍ଚଟି ଗେଟିକୁ ନେଇ ଖେଳୁଥାଉ
ମାତିଛୁ କଟ ଖେଳରେ
ମାଆ ଖୁଡିଙ୍କର ଡାକରା ଆସିଲେ
ବସୁ ପଖାଳ କଂସାରେ ।

ଅାତ କି ବଇଁଚ କୋଳି ନାହିଁ ଆଉ
ସବୁ ଲାଗେ ସ୍ୱପ୍ନ ଆଜି
ଖୁଦ ଭଜା ଆଉ ଖୁଦ ଜାଉ ଶାଗ
ସବୁ ତ ଯାଇଛି ହଜି ।

ମାଆ ଖୁଡିଙ୍କର ଢ଼ିଙ୍କି କୁଟା କଥା
ମନେ ଯେବେ ପଡ଼ିଯାଏ
କୁନି ପାଦଟିଏ ନେଇ ଥାପୁ ଥାଏ
କେବେ ବି ଭୁଲି ନ ହୁଏ ।

ହେଉ ସୀତାଚୋରି ହେଉ ବା କବାଡି
ଖେଳୁ ପୁଣି କିତିକିତା
ପୁଅ ଝିଅ ମଧ୍ୟେ ନ ଥିଲା ପ୍ରଭେଦ
ଥିଲୁ ତ ଜଗତଜିତା ।

ନଡ଼ିଆ ସଢେଇ କେତେ ରକମର
ଭୋଜିଭାତ କରିଥାଉ
ସାଙ୍ଗ ସାଥି ମେଳେ ଗଡିଆ ପାଣିରେ
ଡୁବ ପୁଣି ମାରୁଥାଉ ।

ଗିଲିଦଣ୍ଡା ଖେଳ ଆଉ ଦହି ବାଡ଼ି
ଖେଳ ଆଜି ଉଭେଇଛି
ଶୈଶବ ହଜୁଛି ଆଜିର ଶିଶୁର
ପ୍ରଗତି ପଛେ ଧାଉଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାରଟି ମାସକୁ ନିଜେ ଆମେ ପୁଣି
ଅନୁଭବ କରିଥାଉ
ଶିକ୍ଷା କ୍ଷେତ୍ରେ ଯେବେ ପଢିବାକୁ ଯାଉ
ଅନର୍ଗଳ କହିଥାଉ ।

ଖାଦ୍ୟ ପେୟ ଠାରୁ ପୋଷାକ ପର୍ଯ୍ୟନ୍ତ
ସବୁ ଆଜି ବଦଳିଛି
ଶୈଶବ ଅବସ୍ଥା ଆସୁନି ପିଲାର
ଓଳିରୁ ଗଜା ହେଉଛି ।

ନାହିଁ ଆମ୍ବ ତୋଟା ନାହିଁ ସେ ସମ୍ପର୍କ
ନାହିଁ ତ ଖଜୁର କୋଳି
ଜାମୁ ଗଛ ଡାଳେ ବନ୍ଧା ହେଉ ନାହିଁ
ସେ ଦିନର ରଜ ଦୋଳି ।

ଜେଜେ ଜେଜିମାର କକା ଖୁଡି ଙ୍କର
ସମ୍ପର୍କ ଯାଇଛି ହଜି
ପରିବାରେ ଆଜି ଖାଲି ବାପା ମାଆ
କେହି ବି ପାରୁନି ହେଜି ।

ସୃଜନ ଶକ୍ତି ର ହେଉନି ବିକାଶ
ପଇସାରେ ଚାଲେ ଖେଳ
ବାପା ମାଆ ଯେବେ ଉଚ୍ଛାରୁଛି ପିଲା
ଆସୁଛି ପରୀକ୍ଷା ବେଳ ।

ଗଡ଼ିଆ ପୋଖରୀ ଘାଟ ନାହିଁ ଆଜି
ପିଲା ନ ଜାଣେ ପହଁରା
ନଦୀ ଓ ସମୁଦ୍ର ଗର୍ଭରେ ବୁଡନ୍ତି
ବାପା ମାଆ ବେସାହାରା ।

ମୁଁ ଯାହା ପାଇଛି ମୋ ପିଲା ପାଇନି
ତା ପିଲା ବି ନ ପାଇବ
ମୋ ପିଲାଦିନର ଅଭୁଲା ସ୍ମୃତି ତ
କାଳଜୟୀ ହୋଇଥିବ ।

ବାଲିଆପାଳ, ବାଲେଶ୍ୱର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଭକ୍ତି ତୁମେ ମୋ ପୂଜ୍ୟ



କୁମୁଦିନୀ ବେହେରା

ନିଶୀଥ ରଜନୀ ନିଶିଗନ୍ଧା ତୁମେ
ମୁଁ ରାତ୍ରି ତୁମେ ମୋ' ନିଦ୍ରା !
ନିଶାର୍ଦ୍ଧ ପ୍ରହର ଅବାସ୍ତବ ସତ୍ୟେ
ତୁମେ ମୋ' ସ୍ୱପ୍ନ ମୁଁ ତନ୍ଦ୍ରା ।୧।
ସମ୍ପର୍କ ସୌଧର ନୈବେଦ୍ୟ ଅର୍ପଣେ
ତୁମେ ମୋ' ଦୀପ ମୁଁ ଶିଖା !
ଆତ୍ମୀୟତା ଆଉ ନିବିଡତା ପଣେ
ତୁମେ ମୋ' ଭାଗ୍ୟ, ମୁଁ ରେଖା ।୨।
ନିଶି ଶଶୀ ସ୍ନେହ ସରାଗ ବେଳାରେ
ତୁମେ ମୋ' ଜହ୍ନ ମୁଁ ଜୋସ୍ନା !
ବସନ୍ତର ମୃଦୁ ଫଗୁଣ ଫଳକେ
ତୁମେ ମୋ' ଫୁଲ ମୁଁ ବାସ୍ନା ।୩।
ଋତୁ ଚଇତାଳି ମିଳନ ପର୍ବରେ
ତୁମେ ଶ୍ରାବଣ ମୁଁ ବର୍ଷା !
ସ୍ନିଗ୍ଧ ସାବଲୀଳ ହୃଦୟ ଭିତରେ
ତୁମେ ଭାବନା ମୁଁ ଆଶା ।୪।
ନଭ ପ୍ରକୃତିର ଅଲିଭା ସମ୍ପର୍କେ
ତୁମେ ଶୀତ ମୁଁ କାକର !
ବଉଳ ବାସର ମିଠା ମହକରେ
ତୁମେ ବସନ୍ତ ମୁଁ ମହୁର ।୫।
କୋଇଲି କୁହୁର ରାଗ ରାଗିଣିରେ
ତୁମେ କବି ମୁଁ କବିତା !
ମୋ' ପ୍ରତିପୃଷ୍ଠାର କାବ୍ୟିକ ଭାବର
ତୁମେ ବିଷୟ ମୁଁ ବ୍ୟାଖ୍ୟା ।୬।
ଦେବାଳୟ ଦେବାଦେବୀ ଅର୍ଚ୍ଚନାରେ
ତୁମେ ସ୍ତୋତ୍ର ମୁଁ ପାହାଚ !
ମୋ ହୃଦୟ ଅର୍ଘ୍ୟ ଅର୍ପଣ କରେ ମୁଁ
ମୁଁ ଭକ୍ତି ତୁମେ ମୋ' ପୂଜ୍ୟ ।୭।

ଅନୁଗୋଳ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତ୍ୱିଷାମ୍ପତିଙ୍କ ତ୍ୱିଷାରେ



ପ୍ରୀତିପଦ୍ମା ଦାସ

ନିବୁଜ କୋଠରୀ ଭିତରେ
କିଞ୍ଚିତ ଅନଳ ସହ
ପୁଳା ପୁଳା ବାରୁଦର ଗନ୍ଧ
ଛଳନାର ଜ୍ୱାଳାରେ
ଅର୍ଦ୍ଧ ଦଗ୍ଧ, ଧୂମିତ ମଣିଷଟିଏ ମୁଁ
ତଥାପି ଦୁଃଖ ନାହିଁ
କାହିଁକି ନା... ନିଆଁ ପରା ଲଗାଇଛି
ମୋର ଏକାନ୍ତ ଆପଣାର କେହି ଜଣେ.....

ଅବ୍ୟକ୍ତ ଯନ୍ତ୍ରଣାରେ ଜୀବନତମାମ ଜଳିବାକୁ
ଏଇମିତି ଅର୍ଦ୍ଧଦଗ୍ଧ ହୋଇ
ଏଇ ଧୂମାୟିତ କୋଠରୀରେ
ଛାଡିଯାଇଛି ସେ
ନୀରବ ନିଶ୍ଚଳ ଭାବେ ଦଣ୍ଡାୟମାନ ମୁଁ
ସେଇଠି.... ସେମିତି..... ସ୍ଥାଣୁ ପାଲଟି
ତଥାପି ଦୁଃଖ ନାହିଁ
ଜାଳିବାର ଆନନ୍ଦେ ପରା ବିଭୋର
ମୋର ଏକାନ୍ତ ଆପଣାର କେହି ଜଣେ.......

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନା ଆଉ ପାରିବିନି............

ଆକ୍ତାମାକ୍ତା ଦେହ ନେଇ ଠିଆ ହୋଇ ପାରିବିନି

ଭାଙ୍ଗିଦେବି କବାଟ

ଛିନ୍ନ କରିଦେବି ଲୋକଦେଖା ସମ୍ପର୍କର ବନ୍ଧନ

ମୁଁ ବି ହସିବି.... ମୁଁ ବି ବଞ୍ଚିବି

ନିଜେ ମୁଁ ନିଜକୁ ଥରକୁ ଥର

ଦେଇପାରିବିନି ଆହୁତି

ଏଇଥର ଦେଇଦେବି ସମାପ୍ତିର ପୂର୍ଣ୍ଣାହୁତି

ଏଇ ବିଶ୍ୱାସଘାତକତାର ଯଜ୍ଞ ବେଦୀରେ........

ଆହୃତ ଆସଙ୍ଗ ଆଶାସବୁକୁ

ଦେଇଦେବି କବର

ଚାଲିବି ଏକଲା ପଥିକଟେ ସାଜି

ତଥାପି ଦୁଃଖ ନାହିଁ........

କାହିଁକି ନା......

ଛଳନାର କାଳରାତ୍ରୀଟା ହଜିଯିବ

ନବ ସ୍ୱାକ୍ଷରିତ ତ୍ୱିଷାମ୍ପତିଙ୍କ ତ୍ୱିଷାରେ..........


ଶିକ୍ଷୟିତ୍ରୀ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ବିଷ୍ଣୁପୁର, ଭଦ୍ରକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଝିଅଟିଏ ଆଉ ତୁମେ ?



ଅମିତା ମହାନ୍ତି

ମୁଁ ବି ଭଗବାନଙ୍କର ସୃଷ୍ଟି ଟିଏ
ମୋର ବି ଭାବନା ଅଛି
ମୁଁ ଝିଅ ଟିଏ ହେଲେ କଣ ହେଲା
ସମୟ ଆସେ ସବୁବେଳେ ନୂଆ ହୋଇ
ହେଲେ ଚାଲିଯାଏ ତା ବାଟରେ
ସମୟ ର କଣ ଅନ୍ତ ଥାଏ ?
କିଛି ସ୍ମୃତି ରଖି ଚାଲିଯାଏ
ତାର କେବେ ହିସାବ ମିଳେନି
ମନ ରେ ଥିବା ଅସଂଖ୍ୟ ପ୍ରଶ୍ନମାଳା
ପୁଣି କିଛି ଦରଭଙ୍ଗା ଉତ୍ତର
ସବୁ କିଛି ମନ ତଳେ ଚାପି ହୋଇଯାଏ
ଅଝଟ ପାଣିଆରେ ଜୀବନକୁ
ପରଖି ବାରେ ବ୍ୟତିକ୍ରମ ଘଟିନି

ସମୟର ବନ୍ଧନର ଅନ୍ତରାଳେ
କେତେ ଉଥାନ ପତନ ତାର
ବି ହିସାବ ମିଳେନି...

ମୋ ବିନା ତୁମେ ଯେ ଅଧା
ପ୍ରେମ ପ୍ରୀତି ଦୁଃଖ ସୁଖ
ସବୁ ଘଣ୍ଟା କଣ୍ଟା ମିନିଟ ଭଳି
ଏତେ ଶୀଘ୍ର ହଜିଯିବାକୁ ଇଚ୍ଛା ନାହିଁ
ଅକ୍ଷତ ଅଜୟ ରହୁ ମୋ ଅସ୍ତିତ୍ୱ
ଦୃଢ଼ତା ଆଉ ସ୍ୱତନ୍ତ୍ରତା ଭିତରେ
ମୁଁ ଝିଅଟିଏ ହେଲେ କଣ ହେଲା
ତୁମର ପୂର୍ଣ୍ଣତା ବୋଧହୁଏ ମୋ ଭିତରେ....

କଟକ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମ ଉପସ୍ଥିତିରେ



କୌଶଲ୍ୟା ପାଲିଆ

କାହିଁକିରେ... ଏତେ ସଜବାଜ ?
ଯାହାର ଉପସ୍ଥିତିରେ....
ଆକାଶରୁ ଖସିପଡେ ମେଘ
ଜାଣ ଯମୁନାର ଜଳ ରାଶି
ହୁଏ ଦି'ଭାଗ !

କାହାର ଉଭାନ୍ ହୁଏ କୁଜ
କାଳନ୍ଦିରେ ଫୁଟିଯାଏ ଲକ୍ଷେ ଭାର ପଦ୍ମ
କିଏ ଦେଖି ମଞ୍ଚାରୁ ଖସିପଡେ
ତା ନିଶ୍ୱାସରେ ମୃତ୍ୟୁର ସ୍ୱାଦ,

ଶୁଣି ତୁମ ବଂଶୀନାଦ
କିଏ ଏଠି ହୁଏ ଦହଗଞ୍ଜ
ଆଉ କିଏ ସ୍ୱର୍ଶପାଇ ଫେରିପାଏ
ପୂର୍ବ ସୌନ୍ଦର୍ଯ୍ୟ.... ।

ସାଂପୋଚ, ବୌଦ୍ଧ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଘର



ରାଜସ୍ମିତା ବିଶ୍ୱାଳ


ଘର ସମସ୍ତଙ୍କର ଏକାନ୍ତ ନିଜର
ଝାଟି ମାଟି କାନ୍ଥ ସିନା
ଭରସା ସେ କିନ୍ତୁ ଫେରନ୍ତା ସଂଜର
ନ ହେଉ ସେ ନଭଶ୍ଚୁମ୍ବୀ ପ୍ରାସାଦ
ପାଦତଳେ ମାର୍ବଲ ଅବା ଗ୍ରାନାଇଟର
ଚିକଣ ଚଟାଣ
ତଥାପି ମିଳେ ବିଶ୍ୱାସ ଆତ୍ମପ୍ରତ୍ୟୟର
ମନ ଯଦି ମିଶିଥାଏ ମିଶିଥାଏ
ବୁଝାମଣା ଠିକ ରହେ
ପ୍ରେମ ପ୍ରଣୟର ଗଢ଼ା
କାଦୁଅ ମାଟିରେ
ମଜଭୁତ ହୁଏ ମୂଳଦୁଆ
ଭାଙ୍ଗେନି ସେ ଘର କେବେ
ଆସୁ ଯେତେ ବତାସ ବା
ଆଖି ସେଠି ଆଇନା ପାଲଟେ
ଓଠ ତଳେ ଅହରହ ହସର ଫଗୁଣ
ଆତ୍ମାର ମିଳନେ ଘର ଲାଗେ
ସତେ ଅବା ଇନ୍ଦ୍ରଭବନ
ଧନ୍ୟ ହୁଏ ଜୀବନ
ମିଳେ ଭରସା ପ୍ରତିଶୃତି
ପୂର୍ଣ୍ଣ ହୁଏ ଆଶା
ସମର୍ପି ଦେଇ
ବିଶ୍ୱାସର ଚାବିକାଠି !

ଦଶପଲ୍ଲା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୋହୂଟିଏ ଲୋଡ଼ା



ଇନ୍ଦୁପ୍ରଭା ବିଶ୍ୱାଳ

ବୋହୂଟିଏ ଲୋଡ଼ା ---
ଯିଏ ଝିଅ ପରି ମୋ ପାଖରେ
ବାସୁଥିବ, ଉଠୁଥିବ
ହସି ହସି ଲୋଟୁ ଥିବ
ସଜଫୁଟା ଫୁଲଟିଏ ପରି
କାନିଧରି ଅଳି କରୁଥିବ
ଗେଲ୍ଲୀ ଝିଅ ପରି
ତା, ମୋ ଭିତରେ ନ ଥିବ
ଶାଶୁ ଆଉ ବୋହୂର ଦୂରତା
ମୁଁ ଖାଇଲେ  ଖାଉଥିବ
ମୁଁ ହସିଲେ ହସୁଥିବ
ମୁଁ ବସିଲେ ବସୁଥିବ
ମୋ ଦୁଃଖରେ ଦୁଖୀ ହେବ
ପୋଛି ଦେବ ମୋ ଆଖିରୁ ଲୁହ
ଗାଧୋଇ ଆସିଲେ
ଶରଧାରେ ଭାତ ସହ
ଶାଗ ଦେଉ ଥିବ
ଗୁରୁଜନ ପାଦତଳେ
ମୁଣ୍ଡିଆଟି ମାରି
ଆଶୀର୍ବାଦ ଭିକ ମାଗୁଥିବ
ନୁପୁର ଛନ୍ଦରେ ଘର ମୋର
ମୁଖରିତ ହେବ
ମଗୁଶୀର ଗୁରୁବାରେ ମୋ
ଘରର ଅଗଣାରେ
ଲକ୍ଷ୍ମୀପାଦ ଝୋଟି ଆଙ୍କୁଥିବ
ତୁଳସୀ ଚଉରା ମୂଳେ
ଦୀପଜାଳି ଶୁଭ ମନାସିବ
ଜୀବ ଗଲାବେଳେ
ଭାଗବତ ପଦେ ପଢୁଥିବ
ଏମିତି ବୋହୁଟିଏ ପାଇଲେ
ମୋର, ଯୌଉତୁକ
କଣହେବ  ....... ? ? ?

ସହ ସମ୍ପାଦିକା, ମାଟିଘର,
ଏସ୍.ଏସ୍.ଭି.ଏମ୍, ରାହାମା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅବ୍ୟକ୍ତ ଅତୀତ



ରମଣ କୁମାର ନାଗ

ପବନ ଭାସି ଆସେ
ମୋ ଅତୀତର ସ୍ମୃତି ସବୁ
କିଛି କହିବା ବାହାନାରେ
ମୋ ବେଡ଼ ରୁମର ଝରକା ପାଖକୁ ॥
ଲୋଚାକୋଚା ସ୍ୱପ୍ନର ଡାଏରୀର
ଅସଂଯତ
ଅଧା ଲେଖା କେ'ଧାଡି ପଦ
ଶରତର କାକର ବିନ୍ଦୁରେ
ଧୋଇ ଯାଏ ମୋ ଆଶା, ଆକାଂକ୍ଷା କାଗଜ ଫର୍ଦ୍ଦ ॥
ବେଳେବେଳେ ନିରୀହ ପକ୍ଷୀଟି
ଥକି ପଡେ କେଉଁ ଏକ ଗଛର ଛାଇ ତଳେ
ଦିନର କ୍ଳାନ୍ତରେ
ମୁଁ ଦେଖେ ମୋ ଅତୀତକୁ
ଆଲମାରୀର ପୁରୁଣା ବହି ଥାକରେ
ସମ୍ପର୍କମାନେ ଝଡି ପଡ଼ନ୍ତି
ଆତ୍ମୀୟତା ହୀନ ନିର୍ଜନ ଗଳିରେ ॥

ସନ୍ଧିକୁଲୁଆରୀ,କଳାହାଣ୍ଡି
ଧର୍ମଗଡ ସାହିତ୍ୟ ସଂସଦ,ଧର୍ମଗଡ଼

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱପ୍ନ



ଡିଙ୍ଗର ନାଏକ

ଖୋଜିବୁଲୁଥିବା ସ୍ୱପ୍ନ ସବୁ ଭିଡ଼ ଜମେ
ଆଖି ଆଗରେ
ନା ଆୟତ୍ତ କରି ପାରୁଛି
ନା ତାକୁ ଧରି ପାରୁଛି ?
ଆକାଂକ୍ଷାମାନ ମରି ଆସୁଥିବାବେଳେ
ସଳିତାଟିଏ ହୋଇ ଜଳି ଆସୁଛି ସୃଜନ ବନରେ
କେବେ ଛାଇ ହୋଇ
ପୁଣି କେବେ ଛବିଳ ହୋଇ ।

ଆକାଶର ଜହ୍ନ ପରି ଦିଶୁଛି ସେ ସ୍ୱପ୍ନ
ଭାବିଲେ ଅତି କୋମଳ
କେତେବେଳେ ତେଜସ୍କ୍ରିୟ ରଶ୍ମି କିରଣ
ଯାହାକି ଭାଙ୍ଗିଦିଏ ବଳ ।

ତଥାପି ଅବସନ୍ନ ଅବସାଦ ଏହି ଜୀବନ
କେବେ ହାର ମାନିନାହିଁ,
ନା କେବେ ମାନିବ ?
ହତାଶବୋଧ ଆଖିବୁଜି ହେଉଥିଲେ ବି
ଚେଇଁ ଉଠୁଛି ନିଜର ସ୍ୱପ୍ନ ପାଇଁ ।

ଦିନ ଆସିବ ସ୍ୱପ୍ନକୁ ଧରିବି,
ସ୍ୱପ୍ନକୁ କୋଳ କରିବି
ସ୍ୱପ୍ନକୁ ଗେହ୍ଲା କରିବି
ସ୍ୱପ୍ନକୁ ଆଉଁସି ଦେବି
ସ୍ୱପ୍ନର ଭିକ୍ଷା ଥାଳ ଭରିବି
ଜନ୍ମ ଜନ୍ମାନ୍ତରୁ ସ୍ୱପ୍ନଠୁ ଆଶୀର୍ବାଦ ମାଗିବି ।

କନାଗାଁ, ଧର୍ମଗଡ଼(କଳାହାଣ୍ଡି)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୋଢୁଆଁ ଅଷ୍ଟମୀ



ବୈଜୟନ୍ତୀ ସାହୁ

ହିମ ଶୀତଳର କାକର ବିନ୍ଦୁରେ
ଟୋପାଟୋପା ମୁକ୍ତାଝରେ
ପ୍ରକୃତି ଅଙ୍ଗନେ ଗ୍ରାମ୍ୟ ଉନ୍ମାଦିତ
ରସବନ୍ତ ଘରେଘରେ ।୧

ଉଭାହୁଏ ଆସି ପରମ୍ପରା ସାଥେ
ସମୃଦ୍ଧି କାମନା କରି
ମଗୁଶୀର ମାସ ଅଷ୍ଟମୀ ତିଥିଟି
ଅର୍ଘ୍ୟଥାଳି ହାତେ ଧରି ।୨

ବାପା ମାଆଙ୍କର ପ୍ରଥମ ସନ୍ତାନ
ଓଡିଆଙ୍କ ପରିବାରେ
ମାମୁଁଘର ନୂଆବସ୍ତ୍ର ପରିଧାନ
ମାନ୍ୟତା ପୋଢୁଆଁ କରେ ।୩

ହଳଦୀ ପତର ଏଣ୍ଡୁରି ପିଠାକୁ
ସାଥେ ପଞ୍ଚଶସ୍ୟ ନେଇ
ଜ୍ୟେଷ୍ଠ ପୁଅଝିଅ ପୂଜା ପାଇଥାନ୍ତି
ପଞ୍ଚ ପଲବରେ ତହିଁ ।୪

ବୃଦ୍ଧ ବୟସରେ ପରିବାର ବୋଝ
ଉତ୍ତର ଦାୟିତ୍ୱ ଲାଗି
ଭରସା ବିଶ୍ୱାସ ରଖି ପରମ୍ପରା
ହୋଇଥାଏ ସହଭାଗି ।୫

ପିଣ୍ଡଦାନ ଅଧିକାରୀ ସେ ବୋଲାଏ
ପରିବାର ରକ୍ଷାକରି
ପିତୃଗଣଙ୍କୁ ସେ ନରକୁ ଉଦ୍ଧାରେ
ଋଣ ପରିଶୋଧ କରି ।୬

"ଧର୍ମଜ"ର ଆଖ୍ୟା ପାଇଥାଏ ଯେଣୁ
ସର୍ବଦା ସେ ବନ୍ଦନୀୟ
ପୂଜାଯୋଗ୍ୟ ହୁଏ ଜ୍ୟେଷ୍ଠାଦେବୀପାଖେ
ପୋଢୁଆଁରେ ପୂଜନୀୟ ।୭

ପିପିଲି, ପୁରୀ, ଫୋ-୯୪୩୮୭୨୧୫୯୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆତ୍ମ ସମୀକ୍ଷା



ସଂଯୁକ୍ତା ସାହୁ

ତୁମ ହୃଦୟକୁ କେବେ ପଚାରିଛ
ସତ କହୁଛ
ମିଛ କହୁଛ
ତୁମ ବିବେକକୁ କେବେ ପଚାରିଛ
ଭୁଲ କରୁଛ
ଠିକ କରୁଛ
ତୁମ ପାଟିକୁ ଥରେ ପଚାରିଛ
ନ୍ୟାୟ କହୁଛ
ଅନ୍ୟାୟ କହୁଛ
ତୁମ ଆଖିକୁ କେବେ ପଚାରିଛ
ଭଲ ଦେଖିଛ
ମନ୍ଦ ଦେଖିଛ
ତୁମ ମନକୁ ଥରେ ପଚାରିଛ
ଭଲ ପାଇଛ
ଘୃଣା କରିଛ
ନିଜକୁ ବିଶ୍ଳେଷଣ କେବେ କରିଛ
ଠିକ ବାଟ
ଭୁଲ ବାଟ
ଦର୍ପଣ ସାମ୍ନାରେ ଥରେ ଛିଡ଼ାହୁଅ
ପ୍ରଶ୍ନ ପଚାର
ଉତ୍ତର ପାଅ
ନିଶ୍ଚୟ ଉତ୍ତର ମିଳିଯିବ ସବୁ ପ୍ରଶ୍ନର
ଆତ୍ମାର
ବିବେକର
ମନର
ପାଟିର
ଆଖିର
ହୃଦୟର

ମାଟିଘର (ଉପସଭାପତି)
ରାହାମା, ଜଗତସିଂହପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଶ୍ରୁ



ଅଜିତ କୁମାର
ତ୍ରିପାଠୀ

ଅଶ୍ରୁ ବୋଲି ତୁମେ ଯାହାବି କହୁଛ
ନୁହେଁ ସେ ଆଖିର ଧାର
ନିରବ ନିର୍ଝର ଅମାନିଆ ହୋଇ
ବହେ ହୃଦୟ କନ୍ଦର
କେବେ ଲଙ୍ଘି ଯାଏ କୂଳ ଓ କିନାରା
ବନ୍ଧ ବାଡ ଭାଙ୍ଗି ଦେଇ
ଭସାଇ ଲୋତକେ ଘର ପରିବାର
ବନ୍ୟାପରି ମାଡି ଯାଇ
ଧୋଇ ଦିଏ ପୁଣି ସୁଖର ସଂସାର
ସବୁ ସାଇତା ସ୍ମୃତିର
ନିଦ ହଜିଯାଏ , ଆଖିରୁ ସପନ
ମନ ହୁଅଇ ଗମ୍ଭୀର

ପ୍ରେମ ପ୍ରଣୟର ବିରହ,ମିଳନ
ଆନନ୍ଦର ଅଶ୍ରୁ ହୋଇ
କେବେ ଦୁଃଖ,ଦୈନ୍ୟ ଅଥବା ସନ୍ତାପେ
ସାଗର ସମ ଗର୍ଜଇ
ଲୁହ ; ଲହୁ ହୋଇ ମଧ୍ୟ ବହିଯାଏ
କାର ଛାତି ଫାଟି ଯାଇ
କୋହ ଉଠି ଶ୍ୱାସ ରୁଦ୍ଧ କରି ଦିଏ
ଆଖି ଛଳଛଳ ହୋଇ
କହଇ ଅନେକ ଅକୁହା କାହାଣୀ
ଦୁଃଖ ଭରା ଯନ୍ତ୍ରଣାରେ
କେବେ ପୁଣି ହୁଏ ପବିତ୍ର ଜାହ୍ନବୀ
ଶ୍ରଦ୍ଧା,ସ୍ନେହ ବନ୍ଧନରେ

କୁଲାଡ,ଭଞ୍ଜଭୂମି,ଭଞ୍ଜନଗର,ଗଞ୍ଜାମ
ଭ୍ରାମ୍ୟଭାଷ - ୯୪୩୮୧୮୯୯୪୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହେ ମୋର ଅତୀତ !



ବୈଷ୍ଣବ ମେହେର

ହେ ମୋର ଅତୀତ !
ଥରେ କହିଯାଅ କୋଉଠି ହଜିଗଲା,
ମୋର ଅଲିଅଳ ବାଳୁତ କାଳ,
ପ୍ରତିଦିନ କୁନି କୁନି ସାଥୀମେଲେ,
ଖେଳୁଥିଲୁ ଆମେ କେତେ ଖେଳ ।

ହେ ମୋର ଅତୀତ !
ସାକ୍ଷୀ ନଈକୂଳ ଆମ୍ବ ଗଛ,
ଗାଁ ମୂଳ ପାଠ ଶାଳା,
ପୁଣି....
ଜେଜେ ମାଆର ରାତି ସାରା
ବୁଢ଼ୀ ଅସୁରୁଣୀ ଗପ କଥା ।

ହେ ମୋର ଅତୀତ !
ମନେପଡେ କେତେ ଆଜି ମତେ
ବରଷା ଦିନର କାଗଜ ଡ଼ଙ୍ଗା,
ସାଙ୍ଗ ସାଥି ମେଲେ ଲୁଚକାଳି
ଆଉ....
କାଚ ବାଟି ସଙ୍ଗେ ଗିଲିଡଣ୍ଡା ।

ହେ ମୋର ଅତୀତ !
କୁଆଡେ ଗଲା ମୋ ବାଲ୍ୟସଖା,
ସାଥେ ଖାଉଥିଲୁ ଆମ୍ବ ଅଁଳା,
ବ୍ୟସ୍ତ ଜୀବନର କି ମାଦକତା,
ଆଜି....
ନାହିଁ ସମୟ ହେବାପାଇଁ କଥା ।

ଗଣ୍ଡାବାହାଲି, ନୂଆପଡ଼ା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସପନର ନାୟିକା



ପ୍ରଭାଷ ଚନ୍ଦ୍ର
ଟୋଲଟିଆ

ସପନରେ ତୁମେ ଆସିଥିଲ ମୋର
ବାସ୍ କିଛି ମୁହୂର୍ତ୍ତ ପାଇଁ
ଲାଗୁଥିଲ ତୁମେ ସେଇ ସପନରେ
ପରୀ ରାଇଜର ପରୀ ।

ସତରେ ନହେଲ ସପନରେ ମୋର
ହେଇଥିଲ ମୋର ସାଥି
ସେଇ ସ୍ୱପ୍ନ ପାଇଁ ଚାହିଁରହେ
କେତେ ଯେ ଜହ୍ନ ରାତି ।

ଜାଣି ପାରିଲି ନି ନାଁ ତୁମରେ
ଘର ତୁମର କେଉଁଠି
ଲାଗୁଚି ଆଗରୁ ତୁମକୁ
ଦେଖିଥିଲି  ମୁଁ କେଉଁଠି ।

ସପନରେ ତୁମେ ନାୟିକାଟିଏ
ନାୟକ ଯେ ମୁଁ ତୁମର
କିଛି ରହିଗଲା ବର୍ତ୍ତାଳାପ ଆମ
ଥିଲା କିଛି କଥା ପ୍ରେମର ।

ଚଞ୍ଚରମୁଣ୍ଡା, ଗୋଲାମୁଣ୍ଡା, କଳାହାଣ୍ଡି
+୩ ଶେଷ ବର୍ଷ କଳା (ଓଡ଼ିଆ ବିଭାଗ)
ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ,
ରାୟଗଡ଼ା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହ୍ନୁ ରାଧାର...



ବର୍ଷା ଦାସମହାପାତ୍ର

ମଥାରେ ଝଲସେ ମୟୂର ଚୂଳ
ନୟନେ ସୁନ୍ଦର କଜଳ ଗାର ।

ସୁମଧୁର ସେହି ବଇଁଶୀ ସ୍ୱର
ହୃଦୟ କରେ ଅଥୟ ଅଧିର ।

ରାଧାର ପ୍ରେମ ସବୁଠୁ ସୁନ୍ଦର
କାହ୍ନୁ ପୀରତି ରେ ଥାଏ ତା'ମନ ।

କୁଞ୍ଜବନର ସେ ଗହନ ବନ
ଚାନ୍ଦିନୀ ରାତିରେ ଭରେ ଜୀବନ ।

ଶାସ୍ୱତ ପ୍ରେମ ଥାଏ ନିରନ୍ତର
ରାଧା ର କାହ୍ନୁ ବେସୀ ଅଧିକାର ।

ଗୋପ ଗୌଡୁଣୀଙ୍କ ସାଙ୍ଗରେ ମେଳ
ରାସ ରଚାଏ  ନୀତି ସଞ୍ଜବେଳ ।

ନାଟ ଖଟିଆ କାହ୍ନୁ ଭାରି ଦୁଷ୍ଟ
ରାଧା ମନେ ଦିଏ ବିରହ କଷ୍ଟ ।

ପାଗଳିନୀ ସାଜେ ପ୍ରେମ ରେ ତାର
ସେକଥାକି ବୁଝେ କାହ୍ନୁ ସତର ।

ବସ୍ତା,ବାଲେଶ୍ୱର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀତ ଆସିଲାଣି



ପ୍ରୀତିରେଖା ପରିଡ଼ା

ଶରତ ଗଲାଣି ଶୀତ ଆସିଲାଣି
ଫୁଲ ଫଳେ ଧରା ହସିଲାଣି ।
ସୁନା ପରି ଦିଶେ ସୋରିଷ କ୍ଷେତଟି
ଚାଷୀ ମନ ଖୁସି ହୋଇଲାଣି ।
ପରିଶ୍ରମ ତାର ସାର୍ଥକ ହୋଇଛି
ଅମଳ କୁ ସିଏ ଚାହିଁଲାଣି ।
ବଡ଼ଦିନ ଛୁଟି ଆସିଲାଣି
ଭୋଜି ଭାତ ଆଉ ପିକନିକ ପାଇଁ
ପିଲାଏ ଆନନ୍ଦ ହୋଇଲେଣି ।
ସାଲ ସୋଏଟର କମଳ ଚାଦର
ମନେ ମନେ ଖୁସି ବାଣ୍ଟିଲେଣି
ଆମ ଆବଶ୍ୟକ ପଡ଼ିଲା ଏଥର
ଶୀତ ମା ପରା କହିଲେଣି ।

ଜରଡା, ଅନୁଗୁଳ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜ୍ୟୋତିର ଆହ୍ୱାନ



ଆଶ୍ରିତ ମହାପାତ୍ର

ହେ କ୍ରୁର ମନୁଷ୍ୟ କିଁପା ଉପହାସ୍ୟ
ରିକ୍ତ ହେଲା ତୁମ୍ଭ ଯୌବନ୍ୟ ଆଳସ୍ୟ ।
ଉଷସୀର ଏଇ ଜ୍ୱଳନ୍ତ ଅର୍ଘ୍ୟରେ
ତୁମ୍ଭର ଆୟୁଷ କ୍ଷଣେ କ୍ଷଣେ ସରେ ॥

ତେଜିଥିଲ ତୁମ୍ଭେ ଯେ ସଞ୍ଜ ସଳିତା
ଦୁଷ୍କୃତ ବହ୍ନିରେ ନ ରହିଲା ସତ୍ତା ।
ଶିଖା ଦୃଶ୍ୟ ପଟେ ଦୁରୁଶ ହୁଅଇ
ତୁମ୍ଭ ଖଣ୍ଡ ବିତ୍ତ ଧୌତ ରେ ଯାଅଇ ॥

କଳୁଷ ଗର୍ଭରେ ଜୀବନ ଲଭିଛ
ସରୋଜ ନ ସାଜି ଗଣିକା ସାଜିଛ ।
ତ୍ୱକସାର ଆଜି ତୁମ୍ଭ ଏ ଜୀବନ
ଏଡେ ଧର୍ମରାଜି ସବୁ ଜ୍ଞାନଶୂନ୍ୟ ॥

ଏ ଦୀପାବଳୀରେ ପ୍ରଦୀପ ଜଳାଇ
ନୃତ୍ୟ କର ବନ୍ଧୁ ଉଲ୍ଲାସ ଜନ୍ମାଇ ।
କର ଶବ୍ଦରାଜି ଅଗ୍ନିର ସଂଯୋଗେ
ହୃତ୍ ସ୍ପନ୍ଦନ ତୁମ୍ଭ ବର୍ତ୍ତି ଥିବା ଯାଗେ ॥

ଲୁକ୍କାୟିତ ସ୍ତବ ନକର ଶ୍ରୀମୁଖ
ଜ୍ଞାତ ଅଛି ତୁମ୍ଭ ମର୍ଯ୍ୟଦା ବିମୁଖ ।
ଏ ଚନ୍ଦ୍ରମା ସାକ୍ଷୀ, ଅମ୍ବର ବି ସାକ୍ଷୀ
ଗାନ୍ଧୀ ଛତ୍ର ବାଦ ମର୍କଟର ଆଖି ॥

ଭସ୍ମିଭୂତ ହୁଏ ଘୃତ୍ୟର ଆଭାରେ
କ୍ଷୁଦ୍ରକୀଟ ଯୁକ୍ତ ପତଙ୍ଗ ଜ୍ୱାଳା ରେ ।
ତୁମ୍ଭ ପ୍ରେମ ସ୍ୱପ୍ନେ ନାହିଁ ଯେ ନିସ୍ତାର
ଜ୍ୟୋତିର ଆହ୍ୱାନ ଏ କରେ ପ୍ରଚାର ॥

ଗ୍ରାମ - ଟାଙ୍ଗି, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସବୁ ଖୁସି ଆଣିଦେବି



ବୈଦ୍ୟନାଥ ପଣ୍ଡା

ଆଉ କେଉଁ ଦୁଃଖ ତୋର
କହ ଅଛି ମୋ ଆଗର
ଆଣିଦେବି ସବୁ ମୁହିଁ
ଖୁସି ରଖିବାକୁ ତୋର
ତୁ ଭଲ ରେ ରହିଥିବୁ
ସୁଖରେ ଦିନ କାଟିବୁ
ତତେ ଦେଖି ହସୁଥିବ
ଏଇ ଭଙ୍ଗା ମନ ମୋର
ସେଦିନ ଜାଣିବୁ ତୁହି
ମୁଁ ଥିଲି କେତେ ନିଜର
ଆଉ କେଉଁ ଦୁଃଖ.. ......
ଜାଣି ମୁଁ ନଥିଲି ତତେ
ବିଶ୍ୱାସ ମୁଁ କରିଗଲି
ତୋ ଛଳନାର ବିଷ ପିଇ
ଆଜି ଲୋକ ହସା ହେଲି
ତଥାପି ମୋ ଦୁଃଖ ନାହିଁ
ପାଗଳ ହେଲି ତୋ ପାଇଁ
ତୁ ତ ଭୁଲିଗଲୁ ମତେ
ଆଉ କାହା ପ୍ରେମ ପାଇ
ଭାଙ୍ଗି ଦେଲୁ ଏ ମନକୁ
ଭାବି ତୁହି କାଚଘର
ଆଉ କେଉଁ ଦୁଃଖ .......
ଦୋଷ କହ ମୁଁ କଲି
(ତୋ)ସୁଖକି ଛଡାଇ ନେଲି
କି ଅବା ତୋ ସାଥେ ସତେ
ବିଶ୍ୱାସଘାତ ମୁଁ କଲି
ଆଶା ଭାଙ୍ଗିଦେଇ ମୋର
କରିଦେଲୁ ସାତପର
ଭୁଲି ମୁଁ ତ ପାରୁନାହିଁ
ପୁରୁଣା ଦିନକୁ ମୋର
ଆଉ କେଉଁ ଦୁଃଖ.....

ଅବଦଲ ପୁର. ଯାଜପୁର.
ଦୂରଭାଷ : ୯୪୩୯୮୫୪୧୯୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୋ ବିନୁ ଜୀବନ



ଅନନ୍ୟା ଅନୁଷ୍କା

ତୋ ବିନୁ ଜୀବନ ଫିକା ଫିକା ଲାଗେ
ଫିକା ଲାଗେ ମିଠା ସ୍ମୃତି,
ଫିକା ଫିକା ଲାଗେ ଜହ୍ନର ଜୋଛନା
ଫିକା ଲାଗେ ଗାଢ ରାତି । (୦)

ଲାଜକୁଳୀ ଲତା ଲାଜେଇ ଯାଉନି
ବାରମାସ ଛୁଆଁ ପାଇ,
ସ୍ୱପ୍ନ ଜଳି ଜଳି ପାଉଁଶ ହେଲାଣି
କଣ୍ଟାର ଶେଯରେ ଶୋଇ । (୧)
ତୋରି ପ୍ରେମରେ ଦିନ ସରୁ ସରୁ
ପାହି ଯାଏ ଏଠି ରାତି ।
ତୋ ବିନୁ ଜୀବନ....

ସୁନ୍ଦର ଦିଶଇ କାଳିମାରେ ଜହ୍ନ
ଗୋରା ଦେହେ କଳାଦାଗ,
ଡାକି ମୁଁ ଆଣିଲି ଆକାଶୁ ବାଦଲ
ସେ ଯେ କଳଙ୍କ ପୋଛିବ । (୨)

କଳଙ୍କ ସାଥିରେ ଜହ୍ନ ଲୁଚିଗଲା
ହଜିଲା ଜୋଛନା ରାତି ।
ତୋ ବିନୁ ଜୀବନ....

କଳାରାହାଙ୍ଗ, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସତ ଗୋ ପ୍ରିୟତମା



ଦିଲିପ୍ କୁମାର ତ୍ରିପାଠୀ

ସତେଗୋ ପ୍ରିୟତମା, ସତେଗୋ !
ତୁମେ ଥାଅ ହୃଦୟରେ,
ଝୁଲୁଥାଅ ଆଖିର ଡୋଳାରେ
କଳି କର ଜହ୍ନ ସାଥିରେ
ଭିଜିବାକୁ ଭଲ ପାଅ ଝିପିଝିପି ବର୍ଷାରେ ।

ମନେପଡି କର ହୃଦୟକୁ ସିକ୍ତ
ଅସହାୟ ମନକୁ ପ୍ରତିକ୍ଷଣ ମୁକ୍ତ
ଛାଡି ତମେ ଚାଲି ଗଲନି ଯେ...
ଦେଲ ତୁମେ ଦୁଃଖ ମୋତେଗୋ
ସତେଗୋ ପ୍ରିୟତମା, ସତେଗୋ !!

ତୁମେ ଥାଅ ଛାୟା ପ୍ରତି ଛାୟାରେ
ମନେପଡ ଦୁଃଖ ବେଳରେ
ଦୁଇ ଟୋପା ଲୁହ ଦେଇ ଚାଲିଗଲ ସିନା
ଗଲାବେଳେ ଫୁଟାଇଲ କଣ୍ଟା ତୁମେ
ଛାତିରେ !

ଅଦେଖା ଲୁହ ନୁହେଁ, ଛାତି ମୋର ଭିଜାଏ
ଅଦେଖା ଏ ରକ୍ତ
ଧାର ଏଇ ବନ୍ଦ ହେବ, ଯେବେ ହେବ ତୁମେ
ବୋଧେ ପ୍ରାପ୍ତ
ଛାଡି ତମେ ଚାଲି ଗଲନି ଯେ...
ଦେଲ ଅସହ୍ୟ ଯନ୍ତ୍ରଣା ମୋତେଗୋ
ସତେଗୋ ପ୍ରିୟତମା ସତେଗୋ !

ଢେଙ୍କାନାଳ, ପର୍ଜଙ୍ଗ,କୁନ୍ଦନଦେଇପୁର ଶାସନ
ଇ-ମେଲ୍ ଠିକଣା:dkt.writer@gmail.com
ଦୂରଭାଷ:୯୭୭୮୦୬୧୦୫

Magazine Downloaded from www.aahwaan.com

# ଓଷା ବାର ବ୍ରତ



ନୂତନ କୁମାର ବେହେରା

ଓଷା ବାର ବ୍ରତ ଉପାସନା
ସମାଜେ ବ୍ୟକ୍ତି ବିଶେଷର ନିଷ୍ଠା,
ନିରବଚ୍ଛିନ୍ନ ଭାବେ ପାଳି
ଜୀବନ ଗଠନେ କରେ ନିଜର ପ୍ରତିଷ୍ଠା ।
ଏକ ଭରସା ବିଶ୍ୱାସର ଶୁଭଭାବନା
ଅନ୍ତଃଶୁଦ୍ଧି କରି ଆଣିଦିଏ ଆତ୍ମସଂସ୍କାର,
ଜୀବନ ଜଞ୍ଜାଳର ଏ ଏକ ତପସ୍ୟା
ମନକୁ କରି ନିର୍ମଳ ସୁସ୍ଥ ରଖେ ଶରୀର ।
ଉପବାସ ସାତ୍ତ୍ୱିକ ଆହାର ଭୋଜନ
ବୈରାଗ୍ୟତାର ଆଦର୍ଶ ପରାକାଷ୍ଠା,
ଆଜୀବନ ରହି ସାଧନାରତ
ଏକାଗ୍ରତାର ସହିତ କରୁଥାଏ ପ୍ରଚେଷ୍ଟା ।
ସତ୍ୟ ଅହିଂସାକୁ କରି ସ୍ୱଧର୍ମ
କରେ ଜୀବନେ ପୂଣ୍ୟତା ଅର୍ଜନ,
ସ୍ନେହ ଶ୍ରଦ୍ଧା ମମତା ଡୋରେ ବାନ୍ଧି
ମାନବ ଜାତିର କରୁଥାଏ କଲ୍ୟାଣ ।

ସାରା ଜଗତକୁ ଭଲପାଏ ଅନ୍ତର ଭରି
ମହତ ଗୁଣେ ଶତ୍ରୁକୁ ମିତ୍ର ରୂପେ ବିଚାରି,
ପାର୍ଥିବ ଭୋଗ ବିଳାସର ବନ୍ଧନ
ପାରେ ନାହିଁ ତାକୁ କେବେ ପରାସ୍ତ କରି ।
ଲକ୍ଷ୍ୟ ପଥରେ ଥାଏ  ସିଏ
ପ୍ରବାହିତ ଜଳ ସ୍ରୋତ ପରି,
ଜୀବନର ସାର୍ଥକତା ପାଏ ଯେହ୍ନେ
ନଦୀ ପାଏ ସାଗର ସଙ୍ଗମ କରି ।
ଏ ସବୁ ବ୍ୟତିରେକ କରେ ଯିଏ ଓଷା ବ୍ରତ
ହୋଇ ମୋହ ମାୟାରେ ଆଶକ୍ତ,
ସେ ଏକ ପ୍ରବଳ ପ୍ରବଞ୍ଚନା ମାତ୍ର
ନିଜକୁ ନିଜେ ଠକିବାକୁ କରେ ପ୍ରୟାସ
ଜୀବନ ଯୁଦ୍ଧେ ହୋଇ କ୍ଷତବିକ୍ଷତ
ହେଉଥାଏ ସେ ବାରମ୍ବାର ପରାଜିତ ।

କୋହି, ଗଡ଼ିଆ, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଧାଇଁ ଆସିଛ ହେ ସଖା



ବି. ନିରୁପମା

ତୁମ ବଂଶୀ ସିନା ଗାଏ ରାଧା ନାମ
ଯମୁନା କୂଳରେ ନିତି ,
ମୋ ବୀଣା ଝଙ୍କାରେ କୃଷ୍ଣ ନାମ ତୋଳି
ଗଲାଣି ତ ଦିନ ବିତି ।

ଗଗନେ ପବନେ କୃଷ୍ଣ କୃଷ୍ଣ ନାମ
ହେଉଅଛି ପ୍ରକମ୍ପିତ ,
ତରୁ ଲତା ସହ ଜୀବ ଗଣ ଯେତେ
ଶ୍ରବଣରେ ବିମୋହିତ ।

କାହିଁ ଗଲା ତୁମ୍ଭ ଦମ୍ଭ ହେ ମୋହନ
ସେ ନଟ ନାଗର ଠାଣି ,
ଗୋରୁପଲ ଘେନି ଯାଇଥିଲ ବନେ
କେହ୍ନେ କେ ଆଣିଲା ଟାଣି !!

ମୋତେ ସବୁବେଳେ ଅଧୈର୍ଯ୍ୟ କରାଅ
ଆଜି ତୁମର କି ଦଶା ,
ସବୁ କାର୍ଯ୍ୟ ଛାଡ଼ି ଏଠି ବସିଅଛ
ମୁଖୁଁ ସ୍ଫୁରୁନାହିଁ ଭାଷା ।

ମୋ ବୀଣା ଝଙ୍କାରେ ନିଜକୁ ପାସୋରି
ଧାଇଁ ଆସିଛ ହେ ସଖା ,
ତୁମ ବଂଶୀ ଧ୍ୱନି ଶୁଣି କେହ୍ନେ କୁହ
ଘରେ ମୁଁ ରହନ୍ତି ଏକା !!

ମାମୁରିଆ, ଛେଣ୍ଡିପଦା, ଅନୁଗୋଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯାଯାବର



ଆର୍ଯ୍ୟରଶ୍ମୀ ଦଳାଇ

ଛିଣ୍ଡା ବସ୍ତ୍ରଟିଏ ପରିଧାନ କରି

ସମାଜର ଦାଣ୍ଡେ ବୁଲୁଛି ଆଜି ସେ

ଠିକଣା ହଜାଇ ନିଜର

ନିତି ବୁଲୁଥାଏ ପାଗଳଙ୍କ ପରି

ଗଣ୍ଠିଲିକୁ ଯେ ତାର ହାତରେ ସେ ଧରି

ହୋଇ ପାରେ ନାହିଁ ସାଥୀ କାହାର

ଦିନରେ ବିଶ୍ରାମ ନିଏ ଗଛମୂଳେ

ରାତି କାଟିଯାଏ କେବିନ୍ ର ତଳେ

ବର୍ଷା ପବନକୁ ନ ଥାଏ ଡର

ନର୍ଦ୍ଦମାର ପାଣିରେ ଭରେ ତା ଉଦର

ଡଷ୍ଟବିନ୍ ର ଖାଦ୍ୟକୁ କରେ ସେ ଆହାର

ଦୁଃଖ ବୁଝିବାକୁ ନାହି କେହି ଅତି ଆପଣାର

ଏ ସବୁ ଘଟଣା ତାର ନିତିଦିନର କାହିଣୀ

ହୃଦୟର କଥା ତାର କିଏ ପାରିବ କି ଜାଣି

ମିଥ୍ୟା ନୁହେଁ ଏହା ସତ୍ୟ ଘଟଣା

ଏକ ନିସଙ୍ଗ ଯାଯାବରର...

ଗବେଷକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାଗଳର ହୃଦୟ ଖୋଜା



ରୋହିତ ସେଠୀ

ହେ ମୋର ହୃଦୟ କେଉଁଠାରେ ଅଛ,
ତୋ ପାଗଳ ପ୍ରଶ୍ନ ପଚାରେ....
କେମିତି ଅଛ, କଣ କରୁଛ
କହିଦିଅ ମୋତେ ଥରେ ।୧ ।

ହୃଦୟ କୁହଇ, ହେ ପ୍ରିୟ ପାଗଳ
ସତରେ ପାଗଳ ତୁମେ,,,
ମୁହିଁ ତ ରହିଛି ତୋହରି ଭିତରେ
ଅନୁଭବ ତୋ ମରମେ ।୨ ।

ହୃଦୟର କଥା ଶୁଣିକି ପାଗଳ
ନିରବ ରହିଲା କ୍ଷଣେ,
ଅନୁଭବ କରି ପାଇଯିବ ବୋଲି
ଚାଲିଲା ତା' ଅନ୍ୱେଷଣେ ।୩ ।

ପାଗଳ ମନରେ ଉଙ୍କି ମାରୁଥିଲା
ଠକି ଦେଇନି ତ ହୃଦ,
ମନ୍ଥର ଗତିରେ ବଢ଼ିଲା ଆଗକୁ
କାନେଇ ପାଦ ଶବଦ ।୪ ।

ଧକ୍ ଧକ୍ କରୁଥିଲା ତା' ଅନ୍ତରେ
ପାଗଳ ଶୁଣି ପାରିଲା,
ଖୁସିରେ ତହାରି ଆଖି ଆକାଶରୁ
ବରଷା ଝରି ପଡ଼ିଲା ।୫ ।


ଅପଲକେ ଚାହିଁ ଆତ୍ମହରା ହୋଇ
ଲାଜକୁଳୀ ଲତା ପରି,
ଝାଉଁଳି ପଡ଼ିଲା ପାଗଳ ବୁକୁରେ
କାଳ ବିଳମ୍ବ ନ କରି ।୬ ।

ଦୁତିମେଣ୍ଡି(ମଲିକ ସାହି), ଖଜୁରୀପଡା, କନ୍ଧମାଳ
ଦୂରଭାଷ-୯୪୩୮୦୭୩୯୩୦


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀତ ଆସିଛି



ଗୌରୀ ପଣ୍ଡା

ଶୀତ ଆସିଛି, ଦେଖ ଶୀତ ଆସିଛି
ନୂଆ ସମ୍ଭାର କେତେ ସାଥେ ଆଣିଛି ।
କୁହୁଡି, କାକର ସାଥି ସହୋଦର
ଧୂଆଁଳିଆ ମୁହଁ ଦିଶେନି କାହାର ।
କାକର ବିନ୍ଦୁରେ ଏ ଧରା ସୁନ୍ଦର
ସତେ କି ବୁଣିଛି ଗାଲିଚା ମୁକ୍ତାର ।
ଶୀତ ସାଥେ ଥିଲେ ହସୁଥାଏ ଧରା
ଶୀତ ବେଶି ଲାଗେ କମ୍ ଥାଏ ଖରା ।
ଗ୍ରୀଷମ ଉତ୍ତାପେ ଧରଣୀ ବ୍ୟଥିତ
ତା'ପ୍ରତାପେ ପ୍ରାଣୀ ହେବେ କିଜୀବିତ
ଶୀତ ଆଣିଥାଏ ଶୋଭାର ପସରା
ଶୀତ ହିଁ ତ ଏଠି ପ୍ରାଣୀଙ୍କ ଆସରା ।

ଫୁଲ, ଫଳ ଭରା କରେ ଏ ଧରାକୁ
ଆଣିଥାଏ ଖୁସି ଅଜଣା କାହାକୁ ।
ଶୀତ ଯେ ଆମର ମାଉସୀ ଭଳିଆ
ଶୀତ ଲାଗି ଜୀବ ହୁଏ ଅଳସୁଆ ।
ଚର୍ମ ଓଠ ସବୁ ଫାଟୁଥାଏ ବୋଲି
ଲୋକେ କହୁଥାନ୍ତି ଶୀତ ଯାଉ ବୋଲି
ନ ଡରି ଶୀତ କୁ କାକର ସକାଳୁ
କାରତିକ ବୁଡ ପକାନ୍ତି ଶ୍ରଦ୍ଧାଳୁ ।
ମାର୍ଗଶିର ମାସ ଗୁରୁବାର ପୂଜା
ଶୀତ ହେଲେ ହେଉ ଘର ହୁଏ ସଜା ।
ଥିଲେ ପଛେ ଥାଉ ଦୁର୍ଗୁଣ ତାହାର
ଶୀତ ସାଥି ହେଉ ଆମ ଅଗଣାର ।

ଜୟପୁର, କୋରାପୁଟ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୁରୁ ଭକ୍ତି



ମହେଶ୍ୱର ସାହୁ

ଗୁରୁ ଯେ ଶିକ୍ଷକ, ଅବା ଶିକ୍ଷୟିତ୍ରୀ,
ଗୁରୁ ଯେ ଅଧ୍ୟାପକ ।
ଗୁରୁ ପୁଜି ଶିଷ୍ୟ, ହୁଏ ମହା ଜ୍ଞାନୀ,
ଗୁରୁ ହିଁ ଜ୍ଞାନ ରକ୍ଷକ ।।
ଶିଷ୍ଟାଚାର କ୍ଷମା, କର୍ତ୍ତବ୍ୟ ଗହଣା,
ନେଇଣ ଗୁରୁ ଶିକ୍ଷକ ।
ଅଜ୍ଞାନ ଅନ୍ଧାରୁ, ଧରି ହସ୍ତ ଗୁରୁ,
ଦିଅନ୍ତି ନବ ଆଲୋକ ।।
ଚାହେଁ ନାହିଁପୂଜା,ଚାହେଁ ନାହିଁ ଦାନା,
ଚାହେଁ ନା ଗୁରୁ ଯେ କନା ।
ଗୁରୁ ଚାହିଁ ଥାଏ, ଛାତ୍ର ଭବିଷ୍ୟତ,
ନ ଥାଏ ଅନ୍ୟ ବାହାନା ।।
ଛାତ୍ର ଅବା ଛାତ୍ରୀ, ଗୁରୁ କୃପା ବଳେ,
ପାଆନ୍ତି ଦିବ୍ୟ ଆଲୋକ ।
ଗୁରୁ ମହିୟାନ, ଏହି ଧରା ଧାମେ,
ଦେଇଣ ଦକ୍ଷତା ଭେକ ।।
ଗୁରୁ ଭକ୍ତି ସାଥେ,ଗୁରୁ ସେବା ଅଟେ,
ଶିଷ୍ୟ ପାଇଁ ମହା ଧର୍ମ ।
ସମ୍ମାନ ବଢିବ, ମର୍ଯ୍ୟାଦା ବଢିବ,
କୃପା ପାଇଁ କଲେ କର୍ମ ।।
ଗୁରୁ ଆଶୀର୍ବାଦ, ପାଇବାର ଯୋଗ୍ୟ,
କରିଣ ଗଢି ତୋଳିବା ।
କୁକର୍ମକୁ ତ୍ୟାଗୀ, ସୁକର୍ମ କରିବା,
ମଣିଷ ହୋଇ ବଞ୍ଚିବା ।।
ଆଧୁନିକ ଯୁଗ, ଶିଖାଉଛି ଆଜି,
ଅଧର୍ମ ମାର୍ଗ ଦର୍ଶନ ।
ଜ୍ଞାନକୁ ହଜାଇ, ଅଜ୍ଞାନ ପଥରେ,
ବିତୁ ଅଛି ଆମ ଦିନ ।।
ଭୁଲି ଯାଉଛନ୍ତି, ଶାସ୍ତ୍ର ଧର୍ମ ଜ୍ଞାନ,
ହଜି ଯାଏ ରୀତି ନୀତି ।
ଜ୍ଞାନର ଆଶାରେ, ଅଜ୍ଞାନ ଆବୋରି,
ଯାଉଅଛି ଦିନ ବିତି ।।

ଗୋପୀବିନ୍ଧା, ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶିଖି ଶିଖାଇବା



ଅଙ୍କିତା ପାଢ଼ୀ

ପୂଜା ଠାରୁ ବଡ଼ ବିଶ୍ୱାସ ହୃଦୟେ,
ବିଶ୍ୱାସ ହିଁ ଶ୍ରେଷ୍ଠ ପୂଜା ।
କହିବା ପୂର୍ବରୁ ଶୁଣିବା ଶିଖିଲେ,
ଅବୁଝା ରୁହେନା ଭେଜା ।।
ଲେଖିବା ପୂର୍ବରୁ ବୁଝିବା ଜରୁରୀ,
ଲାଭ କିସ ଲେଖି ଲେଖି ।
ଉପାର୍ଜନ ନାହିଁ, ଖର୍ଚ୍ଚ ବଢ଼ାଇଲେ,
ଋଣ ଭାର ହୁଏ ସାକ୍ଷୀ ।।
ହାରିବା ପୂର୍ବରୁ, ଚେଷ୍ଟା ଜାରି ରଖ,
ଭୟରୁ ହୁଅଇ ହାର ।
ସମ୍ପର୍କ ଗଢ଼ିଣ, ଲାଭ କିବା ଥାଏ,
ଲିଭାଇ ଯଦି ନ ପାର ।।
ମରିବା ପୂର୍ବରୁ, ମନ ଖୋଲି ଜିଅ,
ଦୁଃଖ ସୁଖ ସାଥେ ନେଇ ।
କାହାରି ଦୁଃଖରେ, ଖୁସି ନ ହୋଇଣ,
ବଞ୍ଚିବାକୁ ଦିଅ ଭାଇ ।।
ହସ ଦେଇ ଥାଏ, ଦଇବ ବିଧାତା,
କାନ୍ଦ ବି ତାର ଭିଆଣ ।
ଗୋଟିଏ ମୁଦ୍ରାର, ଦୁଇ ପାର୍ଶ୍ୱ ଭଳି,
ହସ କାନ୍ଦର ଜୀବନ ।।
ଗୁରୁ ଗୁରୁଜନ, ଦେବତା ସମାନ,
ମନରୁ ନ ତେଜ କେହି ।
ଦିନ ଚାଲିଯିବ, ବୟସ ଟଳିବ,
ଚିହ୍ନ ଥିବ ସାଥେ ରହି ।।
ଲୋଭରୁ ଯେପାପ, ପାପରୁ ଯେମୃତୁ,
ଏହି ଯେ ସତ୍ୟ ବଚନ ।
ପେଟ ଦାନା ପାଇଁ, କର୍ମ ପଥେ ରହି,
ରଖିବା ନିଜ ସମ୍ମାନ ।।
କୃଷକ ଶ୍ରମିକ, ଶିକ୍ଷକ ଠୁଁ ଯନ୍ତ୍ରୀ,
ସଭିଏଁ କରନ୍ତି କର୍ମ ।
ନିଜ କର୍ମ ପଥ, ନିଜ ପାଇଁ ବଡ଼,
ଭେଦ ଭାବ ହିଁ ଅଧର୍ମ ।।

ବାପା: ରଞ୍ଜନ ପାଢ଼ୀ, ଜେନିଥ ଇଂରାଜୀ ବିଦ୍ୟାଳୟ,
ଗଗନ ବାବୁ ଛକ, ଏଡ଼ତାଳ, ଭଦ୍ରକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଉପଚାର



ତୁଷାରକାନ୍ତ ପ୍ରସାଦ

ଶବ୍ଦ ଉପଚାର ହୋଇଛି ଅନେକ,
ହେଉ ଅସ୍ତ୍ର ଉପଚାର ।
ତେବେ ଏ ସମାଜେ ନିଶ୍ଚିତ କମିବ,
ଅତ୍ୟାଚାର, ବଳାତ୍କାର ।।

ଦେବୀ ହସ୍ତେ ଖଡ୍ଗ ଦେଖନ୍ତି ସମସ୍ତେ,
ଚାଳନା ତାହାର ହେଉ ।
ଖଡ୍ଗ କି ତ୍ରିଶୁଳ ନହେଲେ ନ ହେଉ,
ପାଖେ ତୀକ୍ଷ୍ଣ ବ୍ଲେଡ୍ ରହୁ ।।

ରକ୍ତବୀଜ ପରି ସଂହାର ହୋଇଲେ,
କାହୁଁ ବା ଜନମ ହେବେ ।
ମହିଷା ପରି ସେ ଉଗ୍ର ରୂପ ଦେଖି,
ଥର ଥର ଥରୁଥିବେ ।।

ସୀତା ପରି ଦେଖି ସରଳ ନୀରିହ,
ରାବଣ ହରଣ କରେ ।
ଦ୍ରୌପଦୀ ସମ ହେ ଦୃଢ଼ ଚିନ୍ତା ହୁଅ,
ଦୁର୍ଯ୍ୟୋଧନ ଦେଖୁ ବାରେ ।।

ଫୁଲ ପରି ନୁହେଁ ଝୁଲ ପରି ଗଢ,
ନାରୀକୁ ଏ ସମାଜରେ ।
କଣ୍ଟା ରହିଥିଲେ ଶରୀର ମଧ୍ୟରେ,
କଣ୍ଟା ଉପଚାର କରେ ।।

ବରୀ, ଯାଜପୁର
ମୋ - ୯୮୫୩୦୯୭୬୩୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମକୁ କିଏ କହିଥିଲା ମୋତେ ଭଲପାଇବାକୁ



ଆଲୋକ କୁମାର ରାୟ

ତୁମକୁ କିଏ କହିଥିଲା ମୋତେ ଭଲ ପାଇବାକୁ

ସବୁକଥାରେ ଭଲପାଇବାର ଅସ୍ତିତ୍ୱକୁ ବଳିର ଘୋଡା କରିବାକୁ

ମୋତେ ନିଜର କରିବାକୁ

କାହିଁ ମୁଁ ତ କେବେ କହିନି

ଅନୁରୋଧ ବି କରିନି, କେବେ ବି କରିନି

ତୁମ ସହ ନସରପସର ବି ହେଇନି

ରଖିଛ ପ୍ରମାଣ, ରେକଡିଂ ବାର୍ତ୍ତାଳାପ, ଭିଡିଓ କ୍ଲିପିଙ୍ଗ

ତୁମେ କଣ ମୋ ଯୋଗୁଁ ଏବେ ଅନ୍ତଃସତ୍ତ୍ୱା

କାହିଁ ପାର୍କରେ ବସି ତୁମସହ ଭଜା ବାଦାମ

ତ ଖାଇନି, ଛୋଟ ଏକ ଚୁମା ତୁମ ଗାଲରେ ତ ଆଙ୍କିନି

ଏତେ ଅଳିକ ସ୍ୱପ୍ନ କାହିଁ ଦେଖୁଛ

କାହିଁ ରାତିସାରା ତୁମ ସହ ଫୋନରେ ତ ଗପିନି,

ବୋଉକୁ ଅଧା ସତ ଅଧା ମିଛ ବି କହିନି

କାହିଁ ଦୁହେଁ ନଈକୂଳେ ବସି ପାଣିକୁ ଟେକା ବି ମାରିନେ,

ପାଣିଛିଟାରେ କେବେ ବି ଭିଜିନେ

କାହିଁ ସମୁଦ୍ର କୂଳେ ପାଖାପାଖି ବସି ବାଲିଘର ତ ଗଢ଼ିନେ, ଢେଉ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦାଉ ସାଜିଲେ କାନ୍ଦିକାନ୍ଦି ତ ଗଡ଼ିନେ

କାହିଁ ମିଛିମିଛିକା କାମବାହାନାରେ ତୁମ ଘରକୁ ତ ଯାଇନି,

ଚା ଗୋଟେ କପ ବି ପିଇନି

କାହିଁ କଲେଜ ଯିବା ଆଳରେ ମ୍ୟାଟିନ ସୋ ସିନେମା ତ ଦେଖିନେ,

ନାୟକ ନାୟିକାଙ୍କ ବର୍ଷାଭିଜା ନାଚଦେଖି ଆକ୍ରାମାକ୍ତ ବି ହୋଇନେ

କାହିଁ ପାଠ ବୁଝିବା କଥା କହି ତୁମ ଘରେ କୁଣିଆ ତ ହୋଇନି,

ତୁମ ବେଡ଼ ଯାଏ ତ ଯାଇନି

କାହିଁ ତୁମ ସାଇକେଲ ଚେନ ସଜାଡି ତୁମ ସହ କଥା ପଦେ ବି ହୋଇନି,

ରିପାରିଂ ଖର୍ଚ୍ଚ ତ ଦେଇନି

କାହିଁ ତୁମ ସାଙ୍ଗ ହେବାକୁ ଫେସବୁକରେ ଅନୁରୋଧ ବି ପଠେଇନି,

ରିମାଇଣ୍ଡ ତ କରିନି

ତୁମକୁ କିଏ କହିଥିଲା ମୋତେ ଭଲ ପାଇବାକୁ

ଯଦି ଏତେ ଜିଦ କରୁଛ, ରାଣ ନିୟମ ଖାଉଛ

ତେବେ ଭଲପାଇବକି ମୋର ଏଇ କଲମକୁ

ଯିଏ ତମପରି ଅନେକ ଝିଅଙ୍କୁ ଲେଖନୀରେ ଜୀବନ୍ୟାସ ଦିଏ

ତେବେ ଭଲପାଇବକି ମୋର ଏଇ କବିତ୍ୱକୁ

ଯିଏ ପାଣିରେ ବି ସର ପକେଇବା କଥା କହି ତରିଯାଏ

ତେବେ ଭଲ ପାଇବକି ମୋର ଏଇ ସ୍ୱପ୍ନ ମହଲକୁ

ଯେଉଁଠି ପ୍ରତ୍ୟହ ସ୍ୱପ୍ନମାନେ ଜନ୍ମ ହୁଅନ୍ତି ଓ ମରନ୍ତି

 Magazine Downloaded from www.aahwaan.com

ଯେଉଁଠି କେବେ ଅମାବାସ୍ୟାରେ ବି ତୋଫା ଜହ୍ନ ଉଇଁ ରହେ

ଯେଉଁଠି ପୂର୍ଣ୍ଣିମୀରେ ବି ଜୋଛନା ଜୀବନ ବିକଳରେ ପଳାୟନ କରେ

ଯେଉଁଠି ଦୁଃଖମାନେ ହାତ ଧରାଧରି ହୋଇ ସୁଖର ସ୍ତୁତିଗାନ କରନ୍ତି

ଯେଉଁଠି ସକାଳ ପୂର୍ବରୁ ଗୋଧୂଳି ତା ଗୀତ ଗାଏ

ପାରିବ ମୋତେ ନିଜର କରି

ଘର ମୋର ରଂଗଶାଳା, ମଶାଣିରେ ମୁଁ ଶୁଏ

ଝଡ ସହ ମୋର ପ୍ରେମ ଅପ୍ରାକୃତିକ, ମୁଁ ତା ଇଗଲ

ମନ ଆଲୁଅରେ ଲେଖେ ମୁଁ ପ୍ରେମର ଅକ୍ଷର

ମୁଁ ନିଆଁରେ ପହଁରେ

ମୁଁ ପାଣିରେ ହିଁ ଜଳେ

ମୁଁ ଲୁହ ପିଇ ହସର ଷଠୀଘର ତୋଳେ !

ଡ଼ ଆଲୋକ କୁମାର ରାୟ

କେନ୍ଦ୍ରାପଡା, ଓଡ଼ିଶା

ମୋ: ୯୪୩୭୦୬୮୦୦୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଭିଳାଷ



ନାରାୟଣ ଚନ୍ଦ୍ର ସେନାପତି

ଚାହୁଁ ଚାହୁଁ ଚିହ୍ନା ରାସ୍ତାଗୁଡ଼ାକ ଧୀରେ ଧୀରେ ଅଚିହ୍ନା ହୋଇଯାଏ
ଗୁନ୍ଥାଗୁନ୍ଥି ହୋଇ ରହିଥିବା ଅତୀତର ଚିହ୍ନଗୁଡ଼ାକ
ସ୍ମୃତିର କବାଟ ଖୋଲି ଛଳନାର ରବରରେ ଲିଭିଯାଏ
ବିଶ୍ୱସ୍ତ ସାଜିଥିବା କେତୋଟି ମୁହୂର୍ତ୍ତମାନ
ଭଣ୍ଡେଇଦେଇ ଛାଡି ଚାଲିଯାନ୍ତି ଅଧା ମରୁରାସ୍ତାରେ
ସମୟଟା ଆଖିରୁ ଲୁହ ଗଡାଇ
ବହୁତ ଅନୁତାପ କରେ
କାହିଁକି ନା
ସେ ପରା ଥିଲା
ତା ପ୍ରେମ ପ୍ରଣୟର ପ୍ରକୃତ ନିଛକ ମୂକସାକ୍ଷୀ ।

ପୂର୍ବର ପ୍ରେମବୋଳା ପ୍ରତିଶ୍ରୁତି ଗୁଡାକ
ବାଟ ଭାଙ୍ଗି କୁଆଡେ ଚାଲିଯାଏ
ଆଦରର ସରାଗୀ ମଧୁର କଥାଗୁଡ଼ାକ
ସମୟ କ୍ରମେ ରୁକ୍ଷ ହୋଇ କ୍ଷତାକ୍ତ କରେ
ଭାବି ସିନା ପାରେନା ହୃଦୟର ଆବେଗକୁ
ମାପି ସିନା ପାରେନା ତା ଭଲପାଇବାର ଲମ୍ବା ରାସ୍ତାକୁ
ହେଲେ ସେ ରାସ୍ତାଟା ଲୁହ ଝରାଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧିକ୍କାର କରେ ସେଇ ପ୍ରବଞ୍ଚନାକୁ
ନିଜ ଆଖିର ଲୁହକୁ ପିଇଯାଇ ପାଲଟିଯାଏ
ବାରମ୍ବାର ଦଗ୍ଧ ହେଉଥିବା ସହନଶୀଳ ଆର୍ଯ୍ୟ ସନ୍ନ୍ୟାସୀ ।

ଅତୀତର ଗଠନମୂଳକ କଥା ସବୁ ଲୁଚିଯାନ୍ତି ନାସ୍ତିକତାର ଅଭିଧାନରେ
ସେଦିନର ଉତ୍ସୁକ ହୃଦୟଟା ହେୟଜ୍ଞାନ କରେ
ତା ପୂରୁବ ଅନ୍ତରଙ୍ଗ ମଣିଷଟାକୁ
ନିଃସଙ୍ଗ ଲାଗେ ସେହି ପ୍ରେମୀଟାକୁ
ସ୍ମରଣ କରି ସେଇ କେଇକ୍ଷଣ ଅନ୍ତରଙ୍ଗ ମୁହୂର୍ତ୍ତକୁ
ଆଶ୍ଚର୍ଯ୍ୟ ଲାଗେ ଦେଖି ସେ ଅଦ୍ଭୁତ ପରିବର୍ତ୍ତନ
ଆଖିବୁଜି ଗୁମୁରି କାନ୍ଦେ ତା ଦେହ ଓ ମନ
ବିବେକଟା ଦୁଃଖରେ ମ୍ରିୟମାଣ ହୋଇ
ଅନାଥ ସମ ଥକି ବସିପଡ଼େ
ପ୍ରଶ୍ନ ପରେ ପ୍ରଶ୍ନ ବିଞ୍ଚି କହେ...
ଛି.. ଛି.. ରେ ମିଥ୍ୟାବାଦିନୀ
ଏଇ କଣ ଥିଲା
ତୁମର ଛଳନାର ଅବାସ୍ତବ ଅଭିଳାଷ ।

ଜମ୍ଭରା, କେନ୍ଦୁଝର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୃତ୍ୟୁତୁମେ ଧ୍ରୁବସତ୍ୟ



ହାସ୍ୟମୟୀ ରାଜ

ଅଚାନକ
ଅଜଣା ଅତିଥି ଭଳି
ପଶିଆସ ତମେ
ଚକ୍ଷୁକୁ ଚକିତ କରି
ପାଦ ତଳୁ
ଧସିଯାଏ ମାଟି
ଲାଗେ
ଆକାଶଟା ପଡୁଚି କି ଖସି ।
ତମେ ଏତେ
ନିର୍ଦ୍ଦୟ ସତରେ କେମିତି ??

ବୁଝ ନାହିଁ
ସ୍ନେହ, ପ୍ରେମ, ମମତାର ଡୋର
ଭାଇ ବନ୍ଧୁ ସଂପର୍କ ରକ୍ତର,
ଖୁବ୍ ସଚେତନ ତମେ
ରଖିବାକୁ ହିସାବ
ବର୍ଷ ମାସ ଦିନ ଦଣ୍ଡର ।
ଖୁବ୍ ନିଖୁଣ, ତୀକ୍ଷ୍ଣ
ତମର ନଜର
କାଳେ ଏପଟ ସେପଟ ହେଇଯିବ ତୁମ
ଚିତ୍ରଗୁପ୍ତ ପାଞ୍ଜିର
ସେଇ ନିଷ୍ଠୁର ଗାର ।
ହେଲେ ତମେ ବି
ହାର୍ ମାନିଥିଲ ଦିନେ
ପୂରଣ କରିବାକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହାସତୀ ସାବିତ୍ରୀଙ୍କ

ଅକାଟ୍ୟ ବର,

ତମକୁ ବିବଶ କରିଥିଲା

ବାଳକ ନଚିକେତାଙ୍କର

ଜିଦ୍ ର ସ୍ୱର ।

ଆଉ କେବେ କେବେ

ତମେ ବି ହାର୍ ମାନ

ଚମକି ବି ପଡ

ଦେଖିଦେଲେ ନିବିଡ଼ ସଂପର୍କ

ଭକ୍ତ ଓ ଭଗବାନଙ୍କର

ନିର୍ଦ୍ଦୟ ପ୍ରାଣ ତୁମର ପାଲଟିଯାଏ

ଦୟାର ସାଗର ।

ହେ ମୃତ୍ୟୁ !

ହେଇପାର ତୁମେ ନିଷ୍ଠୁର

ତଥାପି ଜନ୍ମ ପାଇଁ

ତୁମେ ଧ୍ରୁବ ସତ୍ୟ

ଅନିତ୍ୟ ଏ ସଂସାର ।

ଆସିବତ ନିଶ୍ଚେ

ହେଲେ....

ଟିକେ ଦେଖି ଚାହିଁ ଆସ

କାହାର ଆଶା ଭରସା

ଆଶ୍ୱାସନାକୁ

ହଜେଇ ଦିଅନି,

କାହାକୁ ଅସରନ୍ତି

ଲୁହ ଭିତରେ

ବଞ୍ଚିବାକୁ ଛାଡି ଦିଅନି ,

ପାପ ଓ ପୂଣ୍ୟର

ଦୋଛକି ଭିତରେ

ଟିକେ ବିଚାର ତ କର ।।

ହାସ୍ୟମୟୀ ରାଜ୍ (ଶିକ୍ଷୟିତ୍ରୀ)

ଓରାଳି, ହାଟଡିହି, କେନ୍ଦୁଝର

 Magazine Downloaded from www.aahwaan.com

# ବଳାତ୍କାର



ପଙ୍କଜ କୁମାର ମାହାନା

ସମାଜଟା ଯଦି ଅଟେ ପରିବାର
ସେହି ପରିବାରରୁ ଶୁଭୁଛି ଚିତ୍କାର ।
ନା' ତା'ର ବଳାତ୍କାର ।
ମଣିଷର ବାସ୍ନାଯେ ଏତେ ଚମତ୍କାର
ବୁଝେ ନାହିଁ ଜନନୀ-ଭଗିନୀ-ଯାୟା ର
ସ୍ନେହ ପ୍ରେମ ବନ୍ଧନ ।
କ୍ଷଣିକ ଆନନ୍ଦ ପାଇଁ ନେଇ ଯାଏ
ଅନ୍ୟର ଜୀବନ ।।
ଏ ଆଖି ଦେଖେ ହେଲେ
ନ ଦେଖାର ବାହାନା କରେ,
କାଲେ ତାକୁ ହେବାକୁ ପଡେ
ଅନ୍ୟର ଶିକାର ।।
ମନେ ପଡେ ନାହିଁ ଦିନେ
ଏହି ଗର୍ଭରୁ ତୁ ହୋଇଥିଲୁ ଜାତ ।
କେତେ ଯେ କଷଣ ସହିଥିଲା ଏ ଜଗତ ।।
ଆଜି ଖିନ୍ ଭିନ୍ କରି ଝୁଣି ଖାଆନ୍ତି
ମୋ ଶରୀର ।
କ୍ଷଣିକ ମଧ୍ୟରେ ପ୍ରସାରିତ ହୁଏ
ଅତ୍ୟାଚାରିତାର ବୁକୁଫଟା ଆର୍ତ୍ତଚିତ୍କାର ।।

ମନେ ପଡେ ସେଦିନର
"ନିର୍ଭୟାର" ର ବ୍ୟାକୁଳ ନିବେଦନ ।
ଛାଡି ଦିଅ ! ଛାଡି ଦିଅ ! ମୋତେ
ମୁଁ ବି ସଂସାରେ ଜୀଇଁବି
ଆଉ କିଛି ଦିନ ।।
ହେଲେ ବର୍ବରତାର ସମାଜ
ମାନୁ ନାହିଁ କାହା ଆକୁଳ ନିବେଦନ ।
ଜଣକ ପରେ ଜଣେ ବଳୀ ପଡିବେ
କେତେ ଯେ ନିର୍ଭୟା ଗଣ ।।
ଜାଗ୍ରତ ହୁଅରେ ମଣିଷ ସମାଜ
ଜାଗ୍ରତ ହୁଅରେ ଆଜି ।
ଆସିବ ସମୟ ନାରୀ ସାଜିବ ଦୁର୍ଗାଙ୍କ ପରି
ସଂହାର କରିବେ ନରମାଂସ
ଭକ୍ଷକକୁ ରକ୍ଷକ ସାଜି ।।
( ବନ୍ଦେ ଜଗତ୍ ଜନନୀ)

ସଂସ୍କୃତ ଅଧ୍ୟାପକ, ଆଞ୍ଚଳିକ ମହାବିଦ୍ୟାଳୟ,
ଗଡିଆ,ମୟୂରଭଞ୍ଜ, ଭ୍ରାମ୍ୟଭାଷ : ୯୫୮୩୨୫୪୯୨୮

Magazine Downloaded from www.aahwaan.com

# ଆରାଧ୍ୟ ଠାକୁର



ଭାଗିରଥୀ ଯାନୀ

ପରମ ଆରାଧ୍ୟ ଜଗତ ଠାକୁର
ଭକ୍ତଙ୍କ ଭାବରେ ବନ୍ଧା,
ଅନ୍ତର ମଧ୍ୟରେ ଭକତମାନଙ୍କ
ପ୍ରେମ ଦଉଡିରେ ଛନ୍ଦା ।
ଦ୍ୱାରିକାରେ କୃଷ୍ଣ ଅଯୋଧ୍ୟାରେ ରାମ
ଶ୍ରୀକ୍ଷେତ୍ରରେ ଜଗନ୍ନାଥ,
ସଭିଙ୍କ ହୃଦୟେ ତମେ ବିରାଜିତ
ଅନାଥର ତମେ ନାଥ ।

ମୋର ଏହି ମନ ମୋର ଏହି ଆଖି
ତୁମକୁ ନିତି ଖୋଜୁଛି,
ଶୟନେ ସପନେ ଅବା ଜାଗରଣେ
ତବ ନାମ ଧରୁଅଛି ।
ଦୂରେଥାଇ ପ୍ରଭୁ ନିତ୍ୟେ ମୁଁ ଡାକୁଛି
ଥରେ ମୋ ଗୁହାରି ଶୁଣ,
ଭଜୁଛି ତୋ'ନାମ କରୁଛି ଜଣାଣ
ଘେନ ମୋ' କୋଟି ପ୍ରଣାମ ।
ଆହେ ଜଗନ୍ନାଥ ତୁମେ ଆଦିଅନ୍ତ
ଆହେ ଜଗତର ପତି,
ଏହି ଜନମରୁ କର ହେ ଉଦ୍ଧାର
ପାପରୁ ଦିଅ ମୁକତି ।

ଦଳପଡା,ଫୁଲବାଣୀ,କନ୍ଧମାଳ ।
ଦୂରଭାଷ:୯୪୩୮୦୨୬୮୪୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହେ ଈଶ୍ୱର



ପ୍ରେମଶିଳା ରାଉତ

ହେ ଈଶ୍ୱର
ପାଖରୁ ତ କେବେ ଦେଖିନି ତୁମକୁ
ଦେଖିନି ତୁମ ରୂପ ଆକାରକୁ
ଛୁଇଁ ନାହିଁ କେବେ ତୁମରି ଦେହକୁ
କି ଜାଣି ନାହିଁ ତୁମ ପୂଜା ବିଧିକୁ ।

ହେ ଈଶ୍ୱର
କିନ୍ତୁ ଏତିକି ଜାଣିଛି ଯେ
ତୁମେ ସମସ୍ତଙ୍କ ବନ୍ଧୁ
ତୁମେ ସବୁଠାରେ ବିଦ୍ୟମାନ
ତୁମେ ପ୍ରତିଟି ପ୍ରାଣର ଠାକୁର ।

ହେ ଈଶ୍ୱର
ତୁମକୁ ସମସ୍ତେ ଅନୁଭବ କରନ୍ତି
ତୁମକୁ ଗଭୀର ବିଶ୍ୱାସ କରନ୍ତି
ସବୁଠୁ ଅଧିକା ତୁମକୁ ଭଲପାଆନ୍ତି
ତୁମରି ପ୍ରତ୍ୟେକ ବାର୍ତ୍ତାକୁ ସମ୍ମାନ ଜଣାନ୍ତି ।

ହେ ଈଶ୍ୱର
ତୁମରି ଇସାରାରେ ସୂର୍ଯ୍ୟ ଚନ୍ଦ୍ର ଯାତାୟତ
ତୁମ ଇଚ୍ଛା ବଳେ ଫୁଲ ଫୁଟେ ଫଳ ଫଳେ
ତୁମ ଆଦେଶ ରେ ମଳୟ ବହେ
ତୁମରି ଇଙ୍ଗିତରେ ମାଟି ଓଦା ହୁଏ ।

ହେ ଈଶ୍ୱର
ତୁମରି ମହିମା ସତରେ ଅପାର
ତୁମରି ନାମ ଜପ ଏ ଜଗତେ ସାର
ତୁମରି ବାଣୀ ଅମୃତଠୁ ମଧୁର
ତୁମରି ଆଶୀର୍ବାଦ ଅଟେ ସରଗପୁର
ସେଥିପାଇଁ ତ ମନ କହେ ନିରନ୍ତର
ହେ ଈଶ୍ୱର,, ତୁମକୁ କୋଟି ନମସ୍କାର ।

ବୃନ୍ଦାବାହାଲ, ବ୍ଲକ-ଗୋଲାମୁଣ୍ଡା
ଜିଲ୍ଲା- କଳାହାଣ୍ଡି, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧର୍ଷିତା



ପ୍ରବୀଣ କୁମାର ଖାଡ଼ଙ୍ଗା

ଦେଖିନେ ଦେଖିନେ
ମୋ ରୂପ ସୌନ୍ଦର୍ଯ୍ୟ
ଅଧମ ଲାଳସା ପିପାସୁ ମଣିଷ ।
ଖୋଲିଦେ ଖୋଲିଦେ
ମୋ ଦେହରୁ ବସ୍ତ୍ର
ଦେଖି ଶୋଷ ମେଣ୍ଟାଇ ଦେ ମୋ ନଗ୍ନ ଚିତ୍ର ।
ଚାଖିନେ ଚାଖିନେ
ମୋ କଅଁଳିଆ ମାଂସ
ରୂପ ନେ ତୁ ନରଭକ୍ଷୀ ରାକ୍ଷସ ।
ଶୋଷିନେ ଶୋଷିନେ
ମୋ ଧମନୀରୁ ରକ୍ତ
ସମାଜ ଦେଖୁ କେତେ ତୁ ବିଷାକ୍ତ ।
କହିଦେ କହିଦେ
ସଭିଙ୍କୁ ବୁଲି ବୁଲି ଆଜି
ଧର୍ଷିତା ପତିତା ଯାଇଛି ମୁଁ ସାଜି ।
ବାଣ୍ଟିଦେ ବାଣ୍ଟିଦେ
ମୋ ପୁଳା ପୁଳା ମାଂସ
ଧର୍ଷଣ ନଗରେ ଉଲଗ୍ନ ଶୋଷ ।
ନେଇଯା ନେଇଯା
ଯାହା ଇଚ୍ଛା ମନଭରି ମୋ ଠାରୁ
ମୋ ପରେ ଧର୍ଷିତା କେ ନହେଉ ଏଠାରୁ ।
ମାରିଦେ ମାରିଦେ
ତୋର ଶୋଷ ମେଣ୍ଟିଗଲେ
ଗଳା ମୋ କାଟିଦେ କାନ୍ଦଣା ଶୁଭିଲେ ।
ଜାଳିଦେ ଜାଳିଦେ
ମୋ ଶେଷ ଅପବିତ୍ର ଶବ
ନିରାଶ୍ରୟ ନିଃବସ୍ତ୍ର କଳଙ୍କିତ ରୂପ ।
ପୋଛିଦେ ପୋଛିଦେ
ମନରୁ ତୋହର କଳଙ୍କ ଚିହ୍ନ
ତୁ ନିଜକୁ ଚିହ୍ନି ନେ ହିଂସ୍ର ପଶୁଠାରୁ ହୀନ ।
ଭାବିନେ ଭାବିନେ
ଶେଷ ଧର୍ଷିତା ମୁଁ ସଂସାରେ
ମୋ ପରେ ନହେଉ କେହି ଧର୍ଷିତା କଳୁଷ
ସମାଜ ଭିତରେ ।

ଜନତା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ବେଗୁନିଆପଡ଼ା, ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନଟା ଏକ ଜଟିଳ ଗଣିତ



ନୃସିଂହାନନ୍ଦ ମହାପାତ୍ର

ଜୀବନଟା ଏକ ଜଟିଳ ଗଣିତ
ପାରିଲିନି ଜମା ବୁଝି
ବୁଝିବାରେ ସାରା ଜୀବନ ହଜିଲା
ପାଉ ନାହିଁ ଆଉ ଖୋଜି ।

ବୃଥା ଭାଳିବାରେ ଲାଭ କିବା ଆଉ
ଯାହା ଥରେ ଗଲା ଚାଲି
ଫେରିବନି ଆଉ ଅପେକ୍ଷା କରିବା
ଆଶାରେ ଆସନ୍ତା କାଲି ।

ଗତର ଶୋଚନା ଆଗାମୀ ଭାବନା
ବୃଥା ସତ୍ୟ ବର୍ତ୍ତମାନ
ଯେତେ କହିଲେ ବି କିଛି ତ ବୁଝେନା
ବଡ଼ ଅବୁଝା ଏ ମନ ।

ମନ ଭିଆଉଛି ଜୀବନ ଜଗତ
ଯୁଦ୍ଧ, ଶାନ୍ତି ଆଉ କ୍ରାନ୍ତି
ମନ କରିପାରେ ସଭିଙ୍କୁ ଆୟତ
ମନରେ ସବୁରି ସ୍ଥିତି ।

ଶ୍ରୀକ୍ଷେତ୍ରେ ସାଗର ପାଖେ ସ୍ୱର୍ଗ ଦ୍ୱାର
କିବା ଦିନ କିବା ରାତି
ମରଣ ଉତ୍ସବ ଲାଗିଥାଏ ଏଠି
ସୃଷ୍ଟିର ଏ ମହା ରୀତି ।

ଜୀବନେ ଜୀବନ ମିଶିଲେ ଜୀବନ
ହୁଏ ସଦା ମଧୁମୟ
ମଧୁରେ ମଧୁରେ ଭରା ଏ ସଂସାର
ସୃଷ୍ଟି ତ ମଙ୍ଗଳ ମୟ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିଳନରେ ଭେଦ ଭେଦରେ ବିଭେଦ
ଜୀବନର ପଶା ପାଲି
ଭେଦା ଭେଦ ଭୁଲି ଭାବରେ ଭେଟିଲେ
ମଧୁ ଶାଳା ଯାଏ ଖୋଲି ।

ବିଶ୍ୱାସରେ ଗଢା ନିଖିଳ ଏ ବିଶ୍ୱ
କି ସୁନ୍ଦର ଏ ମଧୁମୟ
ଇର୍ଷା ସନ୍ଦେହର ବିଷ ବୀଜ ବୁଣି
କରନାହିଁ ସୃଷ୍ଟି କ୍ଷୟ ।

କାହାରି ହୃଦୟ ଦେଖନ୍ତିନି କେହି
ସବୁ ବିଶ୍ୱାସର କଥା
ବିଶ୍ୱାସ ତୁଟିଲେ ହୃଦୟ ବି ହଜେ
ଜୀବନରେ ବଢେ ବ୍ୟଥା ।

ମଥା ବିକି ଦେଲେ କଥା ସରିଗଲା
ଜୀବନ ମହତ ଶେଷ
ଆପଣା ବୁଦ୍ଧିରେ ବାଟ ଚାଲୁ ଥିବି
ମିଳୁ ବା ନ ମିଳୁ ଯଶ ।।

ଅଧ୍ୟାପକ, ସରକାରୀ ଆଇଟି ଆଇ,
ଫୁଲବାଣୀ, ମୋ–୯୪୩୭୧୦୨୩୫୪

Magazine Downloaded from www.aahwaan.com

# ମୁକ୍ତ ଆକାଶ



ଅଜୟ କୁମାର ବେହେରା

ପକ୍ଷୀଟେ ମୁହିଁ
ଆକାଶେ ଉଡ଼େ ଯାଇ
ଗହନ ବନ
ଅଟଇ ମୋର ଘର
ଜୀବଜନ୍ତୁଙ୍କୁ
ନ ଥାଏ ମୋର ଡ଼ର ।୧ ।

ଖୁସି ମନରେ
ଗାଏ ମୁଁ କେତେ ଗୀତ
ପାହାଡ଼,ନଈ
ଅଟଇ ମୋର ମିତ
ଡାଳରୁ ଡାଳ
ଉଡ଼ଇ ମୁହିଁ ସେତ ।୨ ।

ଖରା ବରଷା
ଖାତିର ନାହିଁ ମୋର
ମୁକ୍ତ ଆକାଶ
ଅଟଇ ମୋର ଘର
ଉଡ଼ି ଉଡ଼ି କା
ଯାଏ ମୁଁ ବହୁ ଦୂର ।୩ ।

ପିଲାଏ ମୋର
ଜଗିଥାଆନ୍ତି ମୋତେ
ଆସିବ ମାଆ
ଆହାର ନେଇ ସାଥେ
ଖୁସି ହୁଅନ୍ତି
ଦେଖିଲେ ପିଲେ ମୋତେ ।୪ ।

ତାଙ୍କ ଖୁସିରେ
ଖୁସି ହୁଅଇ ମୁହିଁ
ମାତୃ ହୃଦୟ
ଖୁସି ତାଙ୍କରି ପାଇଁ
ଜୀଇଁବି ମୁହିଁ
ତାଙ୍କ ମୁହଁ କୁ ଚାହିଁ ।୫ ।

ମୋରଡ଼ା,ମୟୂରଭଞ୍ଜ ।
୯୭୭୬୦୨୫୪୫୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାହୋଲର ପ୍ରତିବିମ୍ବ



ପୀତବାସ ଦଳବେହେରା

ଏମିତି ଗଲାଣି   କେତେ ଯେ ବସନ୍ତ
ଧରିତ୍ରୀ ମାଆକୁ ଛୁଇଁ
ଆସି ଫେରୁଥିବ   ବରଷକେ ଥରେ
କେତେ ଯେ ସମ୍ଭାର ନେଇ   ।

ଆଜି ଉପସ୍ଥିତ   ବସୁମତୀ କୋଳେ
ସେ ଋତୁ-ରାଜ ବସନ୍ତ
ସେ ବାରଣ ନେଇ   ବୃକ୍ଷ ଡାଳେ ବସି
କୋଇଲି ଗାଉଛି ଗୀତ   ।

ମହୁଲ ଡାଳରେ   ହଳଦୀ ବସନ୍ତ
ସୁଗମ ସଙ୍ଗୀତ ଗାଏ
ବାର ମାସୀ ପିକ   କାନନରେ ଭ୍ରମି
ତା ରାଗିଣୀ ଶୁଣାଉ ଥାଏ   ।

ବନ ଉପବନେ   ତରୁଲତା ପିନ୍ଧି
ନବ ପଲ୍ଲବ-ବସନ
ଧରଣୀ ରାଣୀଙ୍କ   ଅଙ୍ଗ ସଜାଡନ୍ତି
କୁସୁମେ କରି ମଣ୍ଡନ   ।

ଋତୁ-ରାଜ ସାଥେ   ନେଇ ଆସି ଥାନ୍ତି
ପାବନର ଦୋଳ ଯାତ
ସହଚର ହୋଲି   ରଙ୍ଗର ପରବେ
ସର୍ବେ ହୋନ୍ତି ରଙ୍ଗାୟିତ   ।

ଖୁସିର ମାହୋଲେ   ବାଳ ଯୁବ ବୃଦ୍ଧ
ହୋଇଥାନ୍ତି ଆତ୍ମହରା
କେହି ନ ଭାବନ୍ତି   ଦୁଃଖର ବୋଝରେ
ଭାରାକ୍ରାନ୍ତ ବସୁନ୍ଧରା   ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଲି ପର୍ବଭଳି   ଖୁସି ଆମ ପାଇଁ
ଅନେକ ତ ଧରା ଧାମରେ
(କିନ୍ତୁ)କିଛି ଦୁଃଖ ପାଇଁ  ଲୁହ ଝରେ ସଦା
ଧରଣୀ ମା'ର ନେତ୍ରରେ   ।

ସମାଜେ ଚାଲିଛି   କେତେ ଅପ କର୍ମ
ତେଣେ ରଖ ଟିକେ ଧ୍ୟାନ
ଚୋରି ଡକାୟତି   ନାରୀ ନିର୍ଯ୍ୟାତନା
ନା ବାଳିକା ଦୁଷ୍କର୍ମ   ।

ଯଉତୁକ ପାଇଁ  ବଧୂହତ୍ୟା କେତେ
ସମାଜରେ ଘଟି ଯାଏ
ନିରୀହା ଝିଅଟି  ନରହନ୍ତା ଘରେ
ବୋହୂ ହୋଇ ପ୍ରାଣ ଦିଏ   ।

ଯେତେ ଥାଉ ପଛେ  ଖୁସିର ମାହୋଲ
ଅଧିକ ଏ ସବୁ  ଦୁଃଖ
ଏହି ଦୁଃଖେ ପରା   ସଦା ଲୁହ ଭିଜା
ଧରଣୀ ମାଆର ମୁଖ   ।

ଆବାହନ ଆଜି   କରେ ମୁଁ ତାହାଙ୍କୁ
ଯିଏ ଭବିଷ୍ୟତ ରଥୀ
ସେହିମାନେ ଆଉ   କେହିତ ନୁହନ୍ତି
ସେତ ସମାଜର ଯୁବ ପନ୍ତି   ।

ଏମିତିକା ଯେତେ   ଜଘନ୍ୟ କର୍ମକୁ
ତୁମ୍ଭେ ନ କରିବ କେବେ
ନିବାରଣ କର    ସମାଜୁ ସେସବୁ
ଶପଥ ନେଇଣ ସର୍ବେ   ।

ଯୁବ ଗୋଷ୍ଠୀ ସର୍ବେ   ଜାଗ୍ରତ ହୋଇଲେ
ସମାଜୁ କଳଙ୍କ ଯିବ
ମାତୃଜାତି ଆମ   ଝିଅ ଭଉଣୀଙ୍କ
ସମସ୍ତ ସୁରକ୍ଷା ହୋଇବ   ।

ଅନ୍ୟାୟ ଅନୀତି  ବିରୁଦ୍ଧେ ଲଢିବ
ପଛ ଘୁଞ୍ଚାଟି ନ ଦେବ
ଘୃଣ୍ୟ କର୍ମ ଯେତେ   ହଟିଲେ ଦେଶରୁ
ସମାଜଟା ସୁସ୍ଥ ରହିବ   ।।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
ଗ୍ରାମ/ପୋଷ୍ଟ-କାଟିଙ୍ଗିଆ,
ଥାନା-ବ୍ରାହ୍ମଣିଗାଁ, ବ୍ଲକ-ଦାରିଙ୍ଗବାଡି,
ଜିଲ୍ଲା-କନ୍ଧମାଳ, ଓଡିଶା, ପିନ୍-୭୬୨୦୦୧,
ମୋ–୯୪୩୭୦୩୪୫୩୦

Magazine Downloaded from www.aahwaan.com

# ଗଙ୍ଗଶିଉଳି



ମଧୁସ୍ମିତା ମିଶ୍ର

ମୁଁ ଭି ଜଣେନି
ତୁମ  ଅପେକ୍ଷା ରେ କେତେବେଳେ ଗଙ୍ଗଶିଉଳି ସାଜିଛି  ।

ଦେହ ସର୍ବସ୍ୱ ନହେଇ ଆତ୍ମଜା ହେଇଚି
ମହ ମହ ବାସିଛି ତୁମ ପ୍ରେମ ରେ ଭିଜି ଭିଜି  ।

ରାତି ର ଘନ ନୀରବତା ରେ ଭି
ଗୁଣୁ ଗୁଣୁ ହେଇ ଗାଇଛି ପ୍ରୀତି ସଙ୍ଗୀତ  ।

ସକାଳୁ ଝରିଯିବା ଆଗରୁ
ପଣତ ରେ ସାଉଁଟି ଚାଲିଛି
କେତେ ଅଭୁଲା ଅନୁଭୂତି  ।

ଇମେଲ୍ : madhusmitaa@gmail.com
ଭ୍ରାମ୍ୟଭାଷ : ୯୫୯୦୯୪୭୮୪୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଆ



ପ୍ରିୟଙ୍କା ନାୟକ

ଦଶମାସ ଦଶଦିନ ଗର୍ଭସ୍ଥ ବାହାରେ
ନୂତନ ଆଲୋକ ଦେଖିଅଛୁ ଯାହାପାଇଁ
ମନର ଆବେଗ ନ କହିବା ପୂର୍ବରୁ
ଆଖିର ଭାବକୁ ବୁଝିଯାଏ ବେଗେ ଯାଇଁ ।
ସନ୍ତାନର ପ୍ରଥମ କାନ୍ଦଣା ଧ୍ୱନିରେ
ଗର୍ଭଯନ୍ତ୍ରଣା ସତ୍ତ୍ୱେ ସ୍ମିତହାସ୍ୟ ଲୋତକଧାରେ
ତା'ର ଚେହେରା ଯାଉଥାଏ ଝଲସି,
ଟିକେ ଝୁଣ୍ଟିପଡ଼ି ଆଘାତ ଲାଗିଲେ
ତା ହୃଦରୁ ରୁଧିର ପଡୁଥିଲା କି ଯେପରି ଖସି ।
ନିଜର ଦାରୁଣ କଷ୍ଟକୁ ଲୁପ୍ତ ରଖି
ସିଏ ଦେଉଥିଲା ସର୍ବଦା ହସି
ଫେରିବା ବାଟକୁ ଜଗି ବସୁଥିଲା
ଦାଣ୍ଡ ଅଗଣାରେ ବସି ।
ଅଳିଅଝଟ ରାଗରୁଷାକୁ କରୁଥାଏ ସଦା ଆକଟ
ଶୁଭମନାସୀ ଠାକୁରଙ୍କ ପାଶେ କରୁଥାଏ କେତେ ମାନସିକ ।
ନିଜ କ୍ଷୁଧାତୁର ଆହାରକୁ ଦେଇଥାଏ ସଦା ପାଶେ ପରସି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାପାଙ୍କ ରାଗ ଗାଳି ସବୁ ମଥାପାତି ସହିଯାଏ

ନକରି ମନ ଉଦାସୀ ।

ତା'ର ସ୍ପର୍ଶ ପଞ୍ଚଭୂତ ପରି ଅଦୃଶ୍ୟ ଶକ୍ତି ସହ ସମାନ

ଯୁଗେ ଯୁଗେ ତା'ର ଋଣ ଯେ ଅମୂଲ୍ୟ

ଏକଥା ରଖିଥିବ ସର୍ବଦା ମନ ।

କେତେ ସୁନ୍ଦର କେଡ଼େ ମଧୁର

ନଥାଏ ତା'ର ଯେ କଳନା,

ସେ ଅତି ନିଜର

ଦୁଇଟି ଅକ୍ଷରେ ନାମ ତାହାର

ସେ ଅଟେ ଆମ ମାଆ.... ।

ଆବଲପୁର, ତେଇଡିପୁର, ପିପିଲି, ପୁରୀ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାରୀପ୍ରତି ଆହ୍ୱାନ



ସେବକାନ୍ତ ନନ୍ଦ

ଜାଗ ଜାଗ ଜାଗହେ ନାରୀ ସମାଜ

ମହାବିପଦ ଆସିଲା

ଜୀବ ଥାଉଁ ଥାଉଁ ମରଣ ସଦୃଶ

ଏ କି ମାନବ କଲା ।

ତାହାକୁ ସୁଯୋଗ ଦେବାପାଇଁ ଏଠି

ସମ୍ବିଧାନ ଲେଖାଗଲା

ସମ୍ବିଧାନ ନୀତି ଗୁପତେ ସାଇତି

ନାରୀପ୍ରତି ହିଂସା ହେଲା ।

ସମଅଧିକାର ନାରୀ ପୁରୁଷର

କୁଆଡ଼େ ଯେ ତାହା ଗଲା ।

ଜାଗିଉଠ ଏଠି ସତ୍ୟଧର୍ମ ପାଇଁ

ଅନ୍ୟାୟର କରି ଶେଷ

ଫେରି ଆସୁପୁଣି ସେ ପୂଣ୍ୟ ଭାରତ

ସଦା ରହୁ ନାରୀ ଯଶ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଚିତ୍ର



ଜ୍ଞାନେଶ୍ୱର ମିଶ୍ର

ଝରଣା ଜଳ ମଧୁର
ମଧୁର ତା କଳକଳ ଗାନ
ସମୁଦ୍ର ସଙ୍ଗମେ ପାଲଟେ ଲୁଣିଆ
ଅହରହ କରେ ସେ ଗର୍ଜନ ।
ଗଛର କାଠରୁ ଜନ୍ମ ଦିଆସିଲି
ଆକାରରେ କ୍ଷୁଦ୍ର ସେହି କାଠି
ବିରାଟ ଜଙ୍ଗଲ ଜାଳିପୋଡ଼ି
ନିମିଷକେ କରେ ସେ ଏକାଠି ।
ଡାକ୍ତର ହାତରେ ଛୁରୀ
ବଞ୍ଚାଏ ସେ ମଣିଷ ଜୀବନ
ଉଗ୍ରପନ୍ଥୀ ହାତରେ ଛୁରୀ
ନେଇଯାଏ ନିରୀହ ମଣିଷର ପ୍ରାଣ ।
ଜଣେ ଅନ୍ୟଜଣକୁ ହତ୍ୟାକଲେ
ଫାଶୀର ଦଉଡ଼ି ଝୁଲେ ତା ଗଳାରେ
ଯୁଦ୍ଧକ୍ଷେତ୍ରରେ ଶତ୍ରୁକୁ ମାରିଲେ
ପଦକ ପରେ ପଦକ ଝୁଲଇ ଛାତିରେ ।

ଅର୍ଥ ଲାଳସା ପାଇଁ ଜୁଆ ଖେଳିଲେ
ଜୁଆଡ଼ି ତା ପରିଚୟ ହୁଏ
ଗରିବର ତଣ୍ଟିଚିପି ଧନୀ ପାଲଟିଲେ
ସମ୍ମାନ ଓ ପ୍ରଶଂସାର ପାତ୍ର ବନିଯାଏ ।
ଶବ୍ଦର କୁହୁକରେ କେତେବେଳେ ବ୍ୟଥାରେ
ଆଖିରୁ ଲୁହ ପଡ଼େ ଝରି
ବେଳେ ବେଳେ ସେହି ଶବ୍ଦ
ମୁଖେ ଫୁଟାଏ ହସର ଲହରୀ ।
ଭଲମନ୍ଦ, ଦୁଃଖସୁଖ, ଭୋଗରୋଗ
ପାପପୂଣ୍ୟ, ଆଲୁଅ ଅନ୍ଧାର
ସୃଷ୍ଟି ଧ୍ୱଂସ, ଅମୃତ ପୀୟୁଷ ବିଚିତ୍ର ନିୟମ
ଆମର ଏ ବିସ୍ମୟ ବିଶ୍ୱର ।

୪୯/୫/ଏଚ୍, କାର୍ଲ୍ ମାକ୍ସ ସରଣୀ,
କେଦାରପୁର, କୋଲକାତା : ୬୩
ଭ୍ରାମ୍ୟଭାଷ : ୮୪୨୦୭୪୨୭୫୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବନ୍ଧନ



ବିଦ୍ୟାଧର ମିଶ୍ର

ଦୁନିଆଟା ଯାହା କହୁ
ଯେତେ ଝିଙ୍ଗାରୁ
ଦୁଃଖ କରିବୁନି ଜମା
ଦେହ ବାଧିକାକୁ
ରଖିବୁ ନଜର
ହେଳା କରିବୁନି ଜମା
ଦାନାପାଣି ପାଇଁ ଦୂରେଇ
ରହିଲେ ମମତା କମେନା
କମିଯାଏ ଦେଖା ଚାହାଁ
ଦୂର ପରବତ ଦୂରରୁ ସୁନ୍ଦର
ଅନୁଭବ ହୁଏ ପକ୍କା
ସହରୀ ସଭ୍ୟତା

ହାଏ ହାଲୋ ଚାଲେ
ସ୍ନେହ ମମତା ବା କାହିଁ
ନିଜ ସ୍ୱାର୍ଥପାଇଁ
ସଭିଏଁ ଧାଆନ୍ତି
ଅନ୍ୟପାଇଁ ବେଳ କାହିଁ
କାହିଁ ମାଆ ମନ
ବାପର ହୃଦୟ
କିଏ ସେ ପାରିଛି ବୁଝି
ଯେତେ ବୁଝିଲେ ବି
ଦରବୁଝା ରହେ
ସମୟ ଯାଏ ବାହୁଡ଼ି ।

ଯାଜପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀତ ଆରାଧନା



ରିଭୁ ଆଭୂଷଣ ପଣ୍ଡା

ପିଠଉର ଝୋଟିପରି ଗଠଣ ତା'ର
ଅଙ୍ଗଭଙ୍ଗୀ ସୂକ୍ଷ୍ମ ତାରକସି କାମ
ଓଠର ଦୁଆର ଖୋଲିଦେଲେ
ମୁକୁତାର ବରଫକୁ ଫୋପାଡ଼ିବାରେ
ଉଦ୍ୟତ ଶୀତର କାମ ନିତିଦିନ ।

ମିଛି ମିଛି ରାଗ ବୋଲି ଜାଣିପାରେ
ଦୁଷ୍ଟା ଝିଅପରି ଆସେ ଯେବେ
ଜାବୁଡ଼ି ଧରିବାକୁ ଗେଲେଇ ଗେଲେଇ
ଘୋଡ଼ି ହୋଇଥିବା ଚୂଳରୁ ମୂଳ ଦେଖି
ଚୁପ୍ କରି ପଶିଯାଏ ଫାଙ୍କା ଦେଖି
କୁତୁକୁତୁ କରେ ମତେ ଅନୁକ୍ଷଣ ।

ଥାଟ୍ ତା'ର ହ୍ୟାଲୋହାୟ୍ ଶୁଣୁଶୁଣୁ
ହସୁଥିବା ସୁନ୍ଦରୀଟି ପରି
ପତ୍ରରେ ମାଖନ ମାଖି ଗଛ ରହିଥାଏ ଜଗି
ଫୁଲ ଦରଫୁଟା ହସି, ଜମେଇବା ପାଇଁ
ଭାବ ସୂରୁଜ ବି ଆସେ ଥଣ୍ଡା ଚଷମା ପିନ୍ଧି ।

ଅସହ୍ୟ ଲାଗେ ତାରି ଏ ଖାତିର୍
କେବଳ ଇର୍ଷାରେ
ପ୍ରବାହିତ ପାଣିପରି ସ୍ଥିର ହୋଇଯାଏ
ମୋ ଆଗରେ ବରଫ ପ୍ରକାରେ
ଜାଣି ମୋର ମନ ।

ପାରଳାଖେମୁଣ୍ଡି, ଗଜପତି, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମୟ



ଦେବକାନ୍ତ ବାରିକ

ସମୟ - ଏକ ଅଙ୍କାବଙ୍କା ନଈ ।
କେବେ ବହିଯାଏ ଜଣାପଡେ ନାହିଁ ।
କେବେ ଆସେ ଝଡ଼ କେବେ ପୁଣି ଝଞ୍ଜା
ସମୟର ଅନ୍ତରାଳେ
କେବେ ବୋହିଯାଏ ବତାସ ପବନ
ଜୀବନର ଭଙ୍ଗାଘରେ ।
ସମୟ ଏକା ତା ମୁକସାକ୍ଷୀ ହୋଇ
ଦଣ୍ଡାୟମାନ ହୋଇଥାଏ ।
ସଦୁପଯୋଗ କରିନପାରିଲେ
ସ୍ୱପ୍ନ ସବୁ ଭାଙ୍ଗିଯାଏ ।
ସମୟ ଏଠି ଇତିହାସ ହୁଏ
ବିତିଗଲେ କିଛି ଦିନ ।
ବର୍ତ୍ତମାନକୁ ନେଇ ବଞ୍ଚିବା ଶିଖିଲେ
ଭାଙ୍ଗିଯାଏ ସବୁ ମୌନ ।
ଗୋଟିଏ ବୁଢ଼ାବାପାକୁ
ଟିକେ ପଚାର ତ
ସେ ହିଁ ଜାଣିଛି ବିତେଇଥିବା
ସମୟର ମହତ ।
କେତେ କଷଣ ପୀଡ଼ା
ସେ ସହିଛି ।
ମୂଲ୍ୟବାନ ସମୟକୁ
ଜୟ ସେ କରିଛି ।
ଆଉ କିଛି କଠିନ ସମୟ ରହିଯାଇଛି
ସେ କଣ ସତରେ ଜୟ କରିଛି ?
ନା ହାରିଯାଇ ଜିତିବାର ଅଭିନୟ କରୁଛି ।

ଭୀମଦାସପୁର, ସାଲେପୁର, କଟକ
ଭ୍ରାମ୍ୟଭାଷ : ୮୦୧୮୮୬୫୬୪୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଡ଼ିବସେ



ଜୟନ୍ତ କୁମାର ସାହୁ

ସତମିଛର ପ୍ରତିଧ୍ୱନିରେ
ଲାଳସା ମନରେ
ଆଜି କିଛି କରିବାର
ଇଚ୍ଛା ଅଡ଼ିବସେ । ୧

ମୁକ୍ତ ଆକାଶର
ପକ୍ଷୀକୁ ପିଞ୍ଜରାରୁ
ବାହାର କରି ତା'ର
ଡେଣା ଫର୍ ଫର୍ କରାଇବାକୁ
ଅଡ଼ିବସେ । ୨

ଅସହ୍ୟ ସେ ଯନ୍ତ୍ରଣା
ଦେଖି ଉପହାସ ନ କରି
ମନରେ ସାହାସ ଦେଖାଇ
ଯନ୍ତ୍ରଣାର ପ୍ରତିହାର
କରିବାକୁ ଅଡ଼ିବସେ । ୩

ରାସ୍ତାର ବାଟୋଇର ତୃଷ୍ଣା
ଆଉ ପାଣି ପାଇଁ ତା'ର
ଚିତ୍କାର ଶୁଣି
ତୃଷ୍ଣା ମେଣ୍ଟେଇବାକୁ
ଅଡ଼ିବସେ । ୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୁନି ପାଖୁଡ଼ା

ଆଉ ସେ ପାଖୁଡ଼ାକୁ

କଳଙ୍କିନି କହୁଥିବା

ସେ ନିର୍ଲ୍ଲଜ ମୁହଁକୁ

ପ୍ରତିବାଦ କରିବାକୁ ଅଡ଼ିବସେ । ୫

ଖାଦ୍ୟର ହାହାକାର

ଆଉ ପଇସାର

ଅସ୍ତ୍ର ଉପରେ ଜଖମ

କରୁଥିବା ସେ

ରାବଣକୁ ଜାଳିବାକୁ

ଅଡ଼ିବସେ । ୬

ଅଡ଼ିବସେ

ସେ ନିଷ୍ପାପକୁ

ଦଣ୍ଡ ଦେବାକୁ

ଆଉ ହାତରେ କଲମ

ଧରି ବୟସର ରାଜପଥରେ

ଦେଶ ଗଢୁଥିବା ସେ

ଶିଶୁଙ୍କୁ ବାଲ୍ୟ ମଜୁରୀରୁ

ରୋକିବାରେ । ୭

ଏତେ ପରେ ବି

ସରିନି ଅଡ଼ିବସେ ମୋ

କଲମ ଉପରେ କିଛି

ଭାବନା କିଛି ସତ

କିଛି ମିଛ ଉପରେ


ଆଧାରିତ ସେ ଶବ୍ଦକୁ

ଗଢ଼ିବାକୁ । ୮


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହାଇଦ୍ରାବାଦରେ ଶୀତ



ମଞ୍ଜୁରାଣୀ ମିଶ୍ର

ହାଇଦ୍ରାବାଦର ଶୀତ ସକାଳ

ମସ୍‌ଜିଦ୍ ସେ ପାଖରୁ କରମର୍ଦ୍ଦନ କରେ

ପଞ୍ଚତାରକା ହୋଟେଲ୍ ଛାତରେ ଅଳସେଇ ଖରା ପୁଏଁ

ଏଠି ଶୀତ ଦୌଡ଼ିପାରେ ନାହିଁ ଗାଁ ଶୀତପରି

ଗୋହିରୀ ରାସ୍ତାରେ

ପାହାନ୍ତା ପହରୁ ସ୍ନାନ ସାରେ ନାହିଁ

ଗାଁ ପୋଖରୀରେ ପଦୁଅଁ ସାଥୀରେ

ହାଇଦ୍ରାବାଦ ଶୀତ କଂକ୍ରିଟ୍ ଜଙ୍ଗଲରେ ଅଣନିଶ୍ୱାସୀ ହୁଏ

ଘାଇଲା ବାଘପରି କରାଘାତ କରେ କାଚ ଝରକାରେ

ଆଉ ପୁଣି ପାହାଚ ଡେଇଁ ଡେଇଁ କେଉଁଠି ଲୁଚିଯାଏ

ଠିକଣା ନଥାଏ;

ସକାଳର ମୁଠା ମୁଠା ସୁନେଲି ଶୀତ ଖରା

ବିଦେଶୀ ଫୁଲକୁ ଛୁଏଁ

ଖଣ୍ଡିଉଡ଼ା ଦୁଃଖମାନଙ୍କୁ ଜଉମୁଦ କରି

କେଉଁ ଏକ ଶୂନ୍ୟ ଲଫାପାରେ

ଝୁଣ୍ଣୁଥାଏ, ଶୀତ ଆକ୍ତାମାକ୍ତା ହୁଏ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବୁଲା ବିକାଳି ମାନଙ୍କ ଗହଳି ଭିତରେ

ଧୂଳି ଧୁସରିତ ଝୁମ୍ପୁଡ଼ି ବସ୍ତିରେ

ଶୀତପୁଣି କୁତୁକୁତୁ କରେ

ରେଶମୀ ପୋଷାକପିନ୍ଧା ପିଲାଙ୍କ ସାଥୀରେ

ଜରି ଗୋଟାଳି ଝିଅର ଚିବୁକ ଓଠ ଅଧାଖୋଲା ପିଠି

ଶୀତଖରା ଚୁମିଯାଏ ବାରମ୍ବାର

ଛୋଟ ଛୋଟ ହାତପାପୁଲିରେ ସ୍ୱପ୍ନ ସବୁ ଲୋଚାକୋଚା

ମୁଣ୍ଡ ଉପରେ ବୋଝ

ମାଆର ତାଗିଦା ଆହୁରି କିଛି ରୋଜଗାର

ଜୀବନପାଇଁ ତେଲ ଲୁଣର ସଂସାର

ମନେପଡ଼େ ଗାଁ ଶୀତ ମାର୍ଗଶୀର ପାର୍ବଣର ଋତୁ

ଗେଣ୍ଡୁଫୁଲ ହାର ପୂର୍ଣ୍ଣକୁମ୍ଭ ଗୁଆଘିଅ ଦୀପ

ଲକ୍ଷ୍ମୀପାଦ ଦାଣ୍ଡରୁ ଅଗଣା

ମାଣବସା ଗୁରୁବାର ଭରପୁର ଖନ୍ଦାବାଡ଼ି ଖୁସିର ଝରଣା

ଶୀତ ଆସେ ବାଲକୋନିରେ

ଏକୁଟିଆ ପାରାଟିଏ ଘୁମୁରିଲାପରି

ଶୀତ ଆସେ ନିଛାଟିଆ ସ୍ମୃତି ମାନଙ୍କୁ ଏକାଠି ସାଉଁଟି ଥାକ ଥାକ କରି

ହାଇଦ୍ରାବାଦର ଶୀତ ଭାରି ଏକା ଏକା

କେବେ କେବେ ଗପକରେ ପାର୍କରେ କି ରାସ୍ତାରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଉଗନ୍‌ଭିଲିଆ ଫୁଲଙ୍କ ମେଳରେ

ଆଉ କେବେ ନିୟନ୍ ଆଲୁଅ ତଳେ

କଫି ହାଉସର ନିଭୃତ କକ୍ଷରେ

ମଦହୋସ ବର୍ଣ୍ଣିଳ ବାସ୍ନାରେ ବିମୋହିତ ହୋଇ

ସବୁଥାଏ କିଛି ଖୋଜୁଥାଏ

ମେଘ ଆଉ କୁହୁଡ଼ିର ବଳୟ ଭିତରେ ।

ହାଇଦ୍ରାବାଦ

ଭ୍ରାମ୍ୟଭାଷ : ୭୩୮୧୨୬୫୭୬୯



ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିବେଦିତାର ନୈବେଦ୍ୟ



ସନ୍ଧ୍ୟାରାଣୀ ପରିଜା

ଧାରେ ସ୍ନେହର ବନ୍ଧନ
ପାପୁଲିଏ ସିକ୍ତ ଚୁମ୍ବନ
ପ୍ରଗଲ୍‌ଭା ମାଟି ମୁଠାଏ
ବିଶ୍ୱାସର ମୁନ୍ଦାଏ ପାଣି
ସେ ଅଂକୁରି ଉଠିଥିଲା
ଭିଜା ମାଟିର ମହକରେ
ଖେଳିଥିଲା ଅପୂର୍ବ ସ୍ପନ୍ଦନ ।
କଣ ହେଲା ଯେ ଏବେ ସବୁ ଶୂନଶାନ
କୋମଳ କିଶଳୟ ଅଂକୁରିତ ପତ୍ର
କେଉଁ ଅବୁଝା ଦୋହନରେ ମାଟି ଫାଟି ଆଁ
ନ'ଅଙ୍କ ଭାଷା ଲେଖୁଛି
ନହସା ସ୍ୱରରେ
ବିକଳ ଆର୍ତ୍ତନାଦ,
ବିଳିବିଳଉଥିବା ବିସ୍ମୟ
ବିଞ୍ଚି ହୋଇ ପଡ଼ିଥିବା ବିମ୍ବିତ ମୁହୂର୍ତ୍ତ
ଅପହଞ୍ଚର ଝାପସା ଛାଇ
ସତରେ, କେମିତି ମାପି ପାରେନା ଜୀବନ ।
ସ୍ୱୟଂଭୂ ସ୍ୱପ୍ନମାନଙ୍କୁ କଣ କବର ଦେଇହେବ
ସଭା ମଧ୍ୟରେ ସେ ଦିନେ
ଉଚ୍ଚାସନରେ ଅତିଥି
ସଭା ଭାଙ୍ଗିଗଲା ବୋଲି କଣ
ପୋଛି ଦେଇହେବ ମନରୁ... ।
ଅଳଂକୃତ ଆସନ
ଅସଂଭବ ଇଚ୍ଛାମାନଙ୍କର ଫୁଲ
କେଇ ଘଣ୍ଟାର ଉପହାର
ତାକୁ ତ ଟାଙ୍ଗି ଦେଇଛି କାନ୍ଥରେ
ଚିତ୍ରରୁ ଚିତ୍ରପଟ... କଥା ନ କହୁ
ଶୁଣୁଥାଉ ବାହାସ୍ଫୋଟ ମାରି
ଇଶାରା କରୁ ଆଖିରେ
ନିବେଦିତାର ନୈବେଦ୍ୟ
ନିବେଦୁ ଥାଉ,
ସ୍ମୃତି ଟିକେ ଅଛି ତ ପାଖରେ ।

ଶୈଳଶ୍ରୀ ବିହାର, ଭୁବନେଶ୍ୱର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନର ମାନେ



ଶୁଭକାନ୍ତ ଗୌଡ଼

କିଏ କହେ ଜୀବନଟା ଅଙ୍କାବଙ୍କା ନଇ
ଆଉ କିଏ କହେ,
ଜୀବନଟା ମରୁଭୂମିର ମରୀଚିକା ସଦୃଶ,
ଚତୁର୍ଦ୍ଦିଗ ବାଲୁକାମୟ
ଅସୀମିତ ଦୁଃଖ, ଅସୀମିତ ସମୟ
ତୃଷାର୍ତ୍ତପରି ଧାବମାନରତ
ପ୍ରପୀଡ଼ିତ, ଅବହେଳିତ ନିରାଶ୍ରୟ
ଖୋଜିବୁଲେ ସ୍ଥାୟୀ ଠିକଣା ଆଶ୍ରୟ
ସନ୍ଧାନେ କିନ୍ତୁ ମିଳେ କଣ !
ଅସରନ୍ତି ପଥ ଅତିକ୍ରମ ପରେ
ମିଳଇ ସାଗରର ଅମାପ ଜଳ ସଦୃଶ
ବୋଝ ବୋଝ ମିଥ୍ୟା ପ୍ରତିଶୃତି
ଆଉ ଛଳନାପୂର୍ଣ୍ଣ ଅଭିବ୍ୟକ୍ତି
ଦେଖାଇ ତୁଚ୍ଛା ପ୍ରହସନ
ବୋଧେ ଏଇ ତ ଜୀବନ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନୀରବ ପ୍ରେମ



ଦୀପାଞ୍ଜଳୀ ଭଞ୍ଜ

ସାଥି ତୁମେ ଆସୁଥିଲ
ବୈଶାଖର ଝାଞ୍ଜି ପବନରେ,
ଶୀତଳ ଛାୟା ହୋଇ
ପ୍ରୀତିର ସେ ପ୍ରଥମ ଅନୁଭୂତି
ସ୍ମୃତି ପରି ସିଏ,
ମୋ ପ୍ରତିକ୍ଷା ଓ ଭାବନାରେ ।।

ସାଥି ତୁମେ ଆସୁଥିଲ
ଜ୍ୟେଷ୍ଠର ମହକ ସନ୍ଧ୍ୟାରେ,
ଗୋଧୂଳିର ବାସ୍ନା ହୋଇ
ସଜାଇ ମୋ କୁଟୀରକୁ,
ଅତି ନିରୋଳା ନିଶବ୍ଦରେ ।।

ସାଥି ତୁମେ ଆସୁଥିଲ
ଆଷାଢ଼ର ରିମଝିମ୍ ବର୍ଷାରେ,
ପଥଧାରା ଶ୍ରାବଣ ହୋଇ
ଭିଜି ଭିଜି ଭାସୁଥିବା ସେହି,
କାଗଜ ତିଆରି ନୌକାରେ ।।

ସାଥି ତୁମେ ଆସୁଥିଲ
ପୌଷର ଧୁଆଁଳିଆ କୁହୁଡିରେ,
ମାଘର ଶୀତ ସଞ୍ଜ ହୋଇ
ପୁଣି କେବେ ପାହାନ୍ତିଆ,
ସକାଳର ଶିଶିର ବିନ୍ଦୁରେ ।।

ସାଥି ତୁମେ ଆସୁଥିଲ
ଫଗୁଣର  ଝରା ବଉଳରେ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୂର୍ଣ୍ଣିମୀ ରାତିରେ ସ୍ୱପ୍ନ ହୋଇ

ଆଉ ଚଇତି ପବନରେ,

ଜ୍ୟୋସ୍ନାର ସ୍ୱପ୍ନିଳ ରୂପରେ ।।

ଆଜି ବି ତୁମେ ଆସୁଛ

ମୋ ଅନ୍ତର ମନରେ,

ନୀରବ ନୀରବତାରେ

ମୋ ମାନସ ଚକ୍ଷୁରେ

ମୋ ହୃଦୟ ଭିତରେ,

କିନ୍ତୁ ନୀରବ ପ୍ରେମ ହୋଇ ସ୍ମୃତି ରୂପରେ ।।

ଦୀପାଞ୍ଜଳି ଭଞ୍ଜ

ଅଧ୍ୟାପିକା ସଂସ୍କୃତ ବିଭାଗ

ପଞ୍ଚାୟତ ସମିତି ମହାବିଦ୍ୟାଳୟ

ଶୁଳିଆପଦା, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଦ୍ରୋହୀ



ସୁବାସିନୀ ତ୍ରିପାଠୀ

ବିଦ୍ରୋହୀ ତୁମେ......
ବିଦ୍ରୋହର ମଶାଲ ଧରି
ଜ୍ୱଳନକୁ ସାଥିକରି ଆଗେଇ ଚାଲିଛ
ସେ ମଶାଲର ଉତ୍ତପ୍ତ ଶିଖାରେ
ଅସତ୍ୟ ଅଧର୍ମ ସବୁ ଜାଳିପୋଡି ଦେଉଛ । ।୧ ।

ବିଦ୍ରୋହୀ ତୁମେ.....
ବିଦ୍ରୋହର ଯାନରେ ବସି
କେବେ କାନ୍ଦି କେବେ ହସି ସବୁତ ସହୁଛ
ତୁମରି ସମୀରେ
ଏ ଧରାଧାମରେ ପାପର ବିନାଶ କରୁଛ । ।୨ ।

ବିଦ୍ରୋହୀ ତୁମେ......
ବିଦ୍ରୋହର ତରଙ୍ଗିନୀ ସାଜି
ସଭିଙ୍କ ମଙ୍ଗଳ ପାଇଁ ରାମନାମ ଭଜି
ଅଧା ବୁଡା ନଉକାକୁ
ଥିରିଥିରି ସାଥେ ଆଣି କୂଳେ ଲଗାଉଛ । ।୩ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଦ୍ରୋହୀ ତୁମେ.....

ବିଦ୍ରୋହର ପୁଷ୍ପ ହୋଇ

ସର୍ବଜନ ସୁଖପାଇଁ ପ୍ରସ୍ଫୁଟିତ ହୋଇ

ତୁମ ସୁଗନ୍ଧରେ ସତେକି ମହକ ଅଛି କୁହ

ସବୁ ଦୁଃଖ ବିନାଶି ଦେଉଛ । ।୪ ।

ବିଦ୍ରୋହୀ ତୁମେ.......

ବିଦ୍ରୋହର କଲମ ସାଜି

ଲେଖନୀ ମୁନରେ ଆଜି କବିତା ପାଇଁ ଦେଉଛ ଜୀବନ

ବିଦ୍ରୋହର ବହ୍ନିଜାଳି ଦୁଃଖ ବି ନାଶୁଛ । ।୫ ।

ସୁବାସିନୀତ୍ରିପାଠୀ

ନନ୍ଦକିଶୋରପୁରଶାସନ,ଯାଜପୁରରୋଡ଼

ଦୂରଭାଷ-୯୩୩୭୪୪୯୯୦୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କଣ ଲେଖିବି ତୁମପାଖକୁ



ଡା ନୀଳମାଧବ କର

କଣ ଲେଖିବି ତୁମ ପାଖକୁ
ପାହାଡ଼ ପର୍ବତ
ସାତ ନଇ, ସତର ଦେଶ ଡେଇଁ
ତମେ ପରା ଏତେ ଦୂରରେ ଅଛ ଯେ
ମୋ ଚିଠି ଆରମ୍ଭ ହେଇ ପାରୁନି
ଅକ୍ଷର ସବୁ ଧୋଇ ହେଇ ଯାଉଛି
ଲୁହରେ
ଅସ୍ପଷ୍ଟ ହେଇଯାଉଛି ତମ ମୁହଁ ।

ତମ ମୋ ଭିତରର
ଦୂରତା କଣ
ମପା ହେବ ଏବେ ଯୋଜନରେ ?

ତମ ମୋ ସମ୍ପର୍କର
ପଥର ସବୁ ନିଶ୍ଚିହ୍ନ ହେଇଯାଉଛି
ମୋ ନିରବ ଦୁଃଖର
ସମୁଦ୍ରରେ
ଆଉ ତମେ ଦ୍ୱୀପଟିଏ ହେଇ
ଚକ୍ରବାଳ ସେ ପାଖେ
ମୋତେ ହାତ ଠାରି ଡାକୁଛ
ଆଲିଙ୍ଗିବାକୁ ।

ଆଲିଙ୍ଗନରେ ହିଁ
କଣ ପରଖି ହେବ
ଆମ ଆତ୍ମୀୟତା ?

ଓଲଭରହାମ୍ପଟନ, ୟୁକେ
nmadhab@yahoo.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ପରୀକ୍ଷା



ଶ୍ରୀରାଜଶେଖର ସି
'ଚିମା'

କରୁଛି ତୁମ ପ୍ରେମ ପ୍ରାପ୍ତିର ଆକାଂକ୍ଷା,
ମନରୁ କର ମୋ ଭାବନାର ସମୀକ୍ଷା,
କରିବି ତୁମ ସମ୍ମତିର ପ୍ରଗାଢ଼ ପ୍ରତୀକ୍ଷା,
ଆଉ ନିଅ ନାହିଁ ମୋ ପ୍ରେମର ପରୀକ୍ଷା ।୧ ।
ପ୍ରେମପତ୍ରକୁ ତୁମେ କରିଲ ସ୍ୱୀକାର,
ସୁନ୍ଦର ସପନ ମୋର କର ସାକାର,
ତୁମେ ସ୍ୱୟମ୍ ମୋ ପାଇଁ ପୁରସ୍କାର,
ଆଉ ସହି ପାରବିନି ତୁମ ତିରସ୍କାର ।୨ ।
କରିଲ ମୋତେ ପ୍ରଣୟ କଳାକାର,
ତୁମ ରୂପରଙ୍ଗରୁ ହେଲି ଚିତ୍ରକାର,
ମୋ ଯୌବନାରମ୍ଭକୁ ଦିଅ ଆକାର,
ତୁମ ବିନା ପ୍ରେମ ହେଲା ନିରାକାର ।୩।
ପ୍ରେମ ପରୀକ୍ଷାରେ କର ମୋତେ ଉତ୍ତୀର୍ଣ୍ଣ,
ତୁମ ଅନୁଚିନ୍ତନରେ ନିମଗ୍ନ ହେଲି ସମ୍ପୂର୍ଣ୍ଣ,
ତୁମ ସାହା ବିନା ସଂସାର ଲାଗେ ବିସ୍ତୀର୍ଣ୍ଣ,
ଅତି ଶୀଘ୍ର କର ମୋର ଜୀବନକୁ ପରିପୂର୍ଣ୍ଣ ।୪ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ଛବି



ଦୁଷ୍ମନ୍ତ ଖଟୁଆ

ରାତିକୁ କରିଛି ସାଥିଟିଏ ସଖି ସପନ କିଣିବା ପାଇଁ,
ଚାନ୍ଦର ଚାନ୍ଦିନି ଓଢଣି ଆଡେଇ ଲୁଚି ଲୁଚି ଦିଏ ଚାହିଁ ।
ଫିକା ଅନ୍ଧାରରେ ସପନକୁ ଖୋଜେ ପ୍ରେମର ପ୍ରଦୀପ ଧରି,
ହେଲେ ମୋ ହାତରେ ଦିଏ ନାହିଁ ଧରା ଯାଉଅଛି ରାତି ସରି ।
ସପନ ବଣିକ ସଉଦା କରୁଚି ସପନ ପସରା ମେଲି,
ବିନିମୟ ତାର ମେଞ୍ଚା ମେଞ୍ଚା ସ୍ମୃତି କେମିତି ମୁଁ ଦେବି ଖୋଲି ।
ମନର ସିନ୍ଧୁକ ଭରିଛି ମୁଁ ସଖି ସ୍ମୃତିର ମୁକୁତା ଖୋଜି,
ଦେଇ ନପାରେ ମୁଁ ଚେନାଏ ସ୍ମୃତି କୁ ଜୀବନର ଏ ମୋ ପୁଞ୍ଜି ।
ଫଗୁଣ ର ରଙ୍ଗ ଭରିଚି ହୃଦୟେ ସପନ ରଙ୍ଗିବି ବୋଲି,
ବୋଲିଦେବି ରଙ୍ଗସପନରେ ଆମ ଆସୁଥିବ ଯେବେ ଚାଲି ।
ମନ ମାନସରେ ହୃଦୟ କାନ୍ଥରେ ଆଙ୍କୁଚି ମୁଁ ତୁମ ଛବି,
ଆଙ୍କି ଚାଲିଥିବି ନିରତେ ମୁଁ ଛବି ପ୍ରେମ ଚିତ୍ରକାର ସାଜି ।

ଆଠଗଡ, କଟକ ଭ୍ରାମ୍ୟଭାଷ : ୭୭୫୨୦୦୫୫୨୨

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଂକଳ୍ପ



ଶ୍ରୀକାନ୍ତ କୁମାର ମିଶ୍ର

ହୃଦୟର ବଳ ମନର ସଂକଳ୍ପ
ଯଦି ଏକ ଦିଗେ ଲାଗେ
ପ୍ରତି କାର୍ଯ୍ୟ ତାର ଉତ୍ତମ ହୁଅଇ
ସଂଶୟନ ଥାଏ ତିଳେ........ ।

ଚଞ୍ଚଳ ମନକୁ ବଶ କରିବାକୁ
ସଂକଳ୍ପର ଆବଶ୍ୟକ
ଦୃଢ ସଂକଳ୍ପ ଯେ ନକରି ପାରଇ
କରେ ବିନାଶ ନିଜର......... ।

ପଥୁରିଆ ଭୂମି ଫୁଟାଇ ବୀଜଟି
ଅଙ୍କୁରିତ ହୋଇଯାଏ
ସଂକଳ୍ପ ଶକ୍ତିରେ ସବୁ ବାଧାବିଘ୍ନ
ପତ୍ର ଭଳି ଫିଙ୍ଗିଦିଏ......... ।

ସଂକଳ୍ପ ଶକ୍ତିରେ ଶରୀର ଭିତରେ
ଦେଖାଯାଏ ନୂଆ ଦିଶା
ସଂକଳ୍ପୀ ମଣିଷ ହାରିଯାଏ ନାହିଁ
ହରାଏନି ତାର ଆଶା........ ।

ସଂକଳ୍ପରୁ ସୃଷ୍ଟି, ସଂକଳ୍ପରୁ ଶକ୍ତି
ସଂକଳ୍ପରୁ ହୁଏ କାର୍ଯ୍ୟ
ସଂକଳ୍ପରେ ମିଳେ ଅନେକ ପୂର୍ଣ୍ଣତା
ସଂକଳ୍ପୀ ହାରେ ନିଧର୍ଯ୍ୟ.... । ।

ଏନଟିପିସି,କଣିହାଁ,ଅନୁଗୋଳ,ଓଡିଶା
ଇମେଲ: srikantmishra31@gmail.com,
ଭ୍ରାମ୍ୟଭାଷ : ୯୮୬୧୪୭୩୪୦୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆର୍ତ୍ତଚିତ୍କାର



ପୂର୍ଣ୍ଣିମା ଲେଙ୍କା

ପ୍ରେମର ଭାବ ଆଦାନ ପ୍ରଦାନର
ଆନନ୍ଦ ଉଦ୍ଦୀପନା ମଧ୍ୟରେ
ଲାଲ ଟିକ ଟିକ ଗୋଲାପର
ସୁମଧୁର ବାସ୍ନା, କମଳ ସ୍ପର୍ଶ ଉହାଡରେ

ଓଃ କେତେ ଆକର୍ଷଣୀୟ ସତେ
ନାଲି ରଙ୍ଗଟି ଗୋଲାପର
କିଏ ସମ୍ବୋଧନ ଦେଇଥିଲା ତାକୁ
ପ୍ରତୀକ ପ୍ରେମର.......

କିଏ ବା ଜାଣିଥିଲା
ନାଲି ରଙ୍ଗର ଅନ୍ୟପାର୍ଶ୍ୱ
କେତେ ଭୟଙ୍କର, କଠୋର
ଯେଉଁଠି ଭାସି ଉଠୁଛି
ମା, ଭଗିନୀ, ସ୍ତ୍ରୀର ଆର୍ତ୍ତଚିତ୍କାର

କିଏ ସେ ନିଷ୍ଠୁର ସୁଅର
ଲଂଘିଗଲା ଯିଏ ମାନବିକତାର ଦ୍ୱାର
ଥରେ ହେଲେ ଥରି ଉଠିଲାନି ହୃଦୟ ତା'ର
ଉଜାଡିବା ପୂର୍ବରୁ ଅନ୍ୟ ସଂସାର

ପେଷିବା ଆଗରୁ ଭୟଙ୍କର ତୀର
ଥରେ ଭାବିଲାନି କେତେ ଭୟଙ୍କର
ନାଲି ରଙ୍ଗ ରୁଧିରର ଅବତାର
ଚତୁର୍ଦ୍ଦିଗେ ଭରିଦେଲା ଆର୍ତ୍ତଚିତ୍କାର .......

କେନ୍ଦୁଝର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଟିଦୀପ ସୂର୍ଯ୍ୟ ହୋଇଥା'ନ୍ତା



ଜିତେନ୍ଦ୍ର କୁମାର ସ୍ୱାଇଁ

ସେତେବେଳେ ଛୁଇଁଥିଲେ
ମୋ ଦେହୁ ରଶ୍ମି ନେଇ
ମାଟିଦୀପ ସୂର୍ଯ୍ୟ ହୋଇଥା'ନ୍ତା ,
ସେତେବେଳେ ଛୁଇଁଥିଲେ
ମୋ ହାତ ଚନ୍ଦନରେ
ଚର୍ଚ୍ଚିତ ଚିବୁକ ତୋର
ଚନ୍ଦ୍ର ହୋଇଥା'ନ୍ତା ।
ସେତେବେଳେ ଛୁଇଁଥିଲେ
ପବିତ୍ର ପାବକ ଭଳି
ପ୍ରତିଜ୍ଞାରେ..........ପ୍ରତୀକ୍ଷାରେ
କାଳେ ତୋର ପ୍ରୀତି ଜଳିଥା'ନ୍ତା □
ସେତେବେଳେ ଚାହିଁଥିଲେ
ଏଇ ତକ ଚେତନାରେ
ଏଇ ତକ ସାନ୍ତ୍ୱନାରେ
ସ୍ନିଗ୍ଧ ତୋର ମନ ଭିଜିଥା'ନ୍ତା ।

ସେତେବେଳେ ଦେଖିଥିଲେ
ମୃଣ୍ମୟୀ ମନୀଷା ଭଳି
ବିମୁଗ୍ଧା ମାନଶୀ ଭଳି
ଲାଜରେ ତୋ ଆଖି ଭିଜିଥା'ନ୍ତା ।
ସେତେବେଳେ କହିଥିଲେ
ରୂପସୀ ରଜନୀ ଭଳି
ରୂପବତୀ ଏ ରାତ୍ରୀରେ
କାଳେ ତୋର ମନ ହଜିଥା'ନ୍ତା ।
ମୁଁ ତୋତେ ଲେଖିଥିଲେ
ଲଳିତ ଲଗ୍ନରେ ଚିଠି
ଏଇତକ ଲାଳିତ୍ୟରେ
ଏଇତକ ଲାବଣ୍ୟରେ
ଲାକ୍ଷାରେ ରଂଜିତ ପାଦ
କାଳେ ତୋର ଲାଲ ହୋଇଥା'ନ୍ତା ।

ମୌଦା, ଆନନ୍ଦପୁର, କେନ୍ଦୁଝର
ଭ୍ରାମ୍ୟଭାଷ: ୯୭୬୮୫୪୧୯୦୨/୯୩୩୭୭୮୯୮୨୨

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କଣ୍ଢେଇ



ମନୋରଞ୍ଜନ ମୁଦୁଲି

ଖୋଜୁଚି କେତେଆଡେ ଆଉ ମିଳୁନାହିଁ,
ଆଈ ମାଆ ହାତଗଢା ସେହି ମାଟି କଣ୍ଢେଇ ।
ମାଟି କଣ୍ଢେଇ ଦେହରେ ଆଈର ଚିରା ଶାଢୀ
ଲାଗୁଥିଲା ଜୀବନ୍ତ, ଆଈ ଗଢ଼ିଲା କିପରି... ?

ଯତନରେ କଣ୍ଢେଇକୁ ଦିଏ ମୁଁ ଗାଧୋଇ
ଖାଇବାକୁ ଦେଉଥିଲି ପାଖରେ ବସେଇ ।
ଶୋଇଯାଏ ନିରବରେ ମୋ ପାଖେ ବିଛଣାରେ,
ନାନାବାୟା ଗୀତ ସବୁ ଦେଉଥିଲି ଗାଇ ।

ଏତେ ମମତା ଆସୁଥିଲା ମାଟି କଣ୍ଢେଇଟା ପାଇଁ,
କୋମଳ ଆଈର ହାତ ପରସ ଯାଇଥିଲା ଛୁଇଁ ।
ଛିଡ଼ା କାନି ଟୁକଡା ସେ କନାଟିକକ ପାଇଁ,
ସେ ପ୍ରେମର ପରିଭାଷା ଭିନ୍ନଥିଲା କି ଆମ ପାଇଁ !!

ଚାବିଦିଆ କଣ୍ଢେଇଟା କଥା କହି ଡାକୁଛି ଅନେଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାଚୁଚି ହାତଠାରି ପାରୁନାହିଁ ମୋ ମନକୁ ଭୁଲେଇ ।
ଖାଇବାକୁ ଶୋଇବାକୁ ମୋ ପାଖରେ ବସିଛି ଅନେଇ
ତଥାପି ମୋ ମନଟା ତା ଆଡ଼କୁ ଟିକିଏ ଯାଉ ନାହିଁ... !

ସମୟ ଦେଇଛି  କି ଶୁଷ୍କ କରି ମୋ ମମତା ଧାରାକୁ,
ବୟସ ଝଡ଼ କି ନେଇଛି ଉଡେଇ ମୋ ପ୍ରେମ ପିପାସାକୁ,
ଅଣନିଃଶ୍ୱାସୀ ଲାଗେ ଦେଖିଦେଲେ ଚାବିଦିଆ କଣ୍ଢେଇକୁ
ବୃଥାରେ କି ଚିନ୍ତାକରେ ଆଇ ମାଆମାଟି କଣ୍ଢେଇକୁ.. ?

ମାଟିରେ ମମତା ଦିଆ ସେଦିନ କଣ୍ଢେଇ
ମୋ ଜୀବନେ ଦେଇଥିଲା ମମତା ଶିଖେଇ ।
ଚାବିଦିଆ କଣ୍ଢେଇଟା ପଇସାରେ ମୂଲ
କାହିଁକି ବୁଝିବ ସିଏ ପ୍ରେମବନ୍ଧନ କୌଶଳ... ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମ ପ୍ରତାରଣା



ଲଳିତମୋହନ ମିଶ୍ର

ପ୍ରେମ ହିଁ ଶାଶ୍ୱତ ପ୍ରେମ ହିଁ ସୁନ୍ଦର
ପ୍ରେମ ହିଁ ଅମୃତ ମୟ,
ସୃଷ୍ଟିର ନିୟମ ପ୍ରେମରେ ହିଁ ବନ୍ଧା
ପ୍ରେମମୟ ହିଁ ତ ବ୍ରହ୍ମ ।
ପ୍ରେମ ପ୍ରତାରଣା ଜୀବନ ଯାତନା
ସହିବାଟା ବଡ କଷ୍ଟ,
ଆଗକୁ ଆଗକୁ ମାଡିବା ଆଗରୁ
କରିନିଅ ସବୁ ସ୍ପଷ୍ଟ ।
ପୁଅ ହେଉ ଅବା ହେଇଥାଉ ଝିଅ
ପ୍ରତାରଣା ଯେ' ନକର,
ବିଶ୍ୱାସରେ ବିଷ ଦିଅ ନାହିଁ ଜମା
ପ୍ରେମଟିକୁ ପୂଜା କର ।

ରାଧା କୃଷ୍ଣଙ୍କର ପ୍ରେମ କାହାଣୀଟି
ମନେ କାହିଁ ରଖ ନାହିଁ,
ଏମିତିକା ପ୍ରେମ କରନାହିଁ କେହି
ପାଗଳ ଯେ' ସାଜ ନାହିଁ ।
ବିଷ ପାନ କରି ଜୀବନ ଦେଉଛ
ପ୍ରେମକୁ ଦଉଛ ବଳି,
କାନ୍ଦେ ଯେ' ଜନନୀ ଆଉ ପରିବାର
ଦିନ କଟେ ଭାଳି ଭାଳି ।
ଦୁଇଟି ମନର ମିଳନ ହୋଇଲେ
ପ୍ରେମ ଯେ' ଅକ୍ଷୂର୍ଣ୍ଣ ହେବ,
ପ୍ରତାରଣା ଆଉ କେହି କାହାରିକୁ
ଦେବା ପାଇଁ ନ ଭାବିବେ ।

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଚନ୍ଦ୍ରଗିରି, ଗଜପତି ୯୪୩୭୯୮୫୮୭୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାନବିକତା



ରାଜକିଶୋର ସାହୁ

ଆଜିବି ଜଳୁଛି ଭସ୍ମସ୍ତୂପପରେ
ନୀରିହ ପ୍ରାଣର ଅନ୍ତିମ ଜୁଇ,
ବିଶ୍ୱାସ ହଜିଛି ବିଶ୍ୱଦରବାରେ
ଦିଗହରା ଆଜି ସପନ ଭାଇ ||
ମର୍ମେମର୍ମେ ଆଜି ଧର୍ମ କାନ୍ଦୁଅଛି
ମାନବ ବାଦର କବର ଦେଇ
ନୀରବ ସାଜିଛି ଆତ୍ମ ବିଶ୍ଳେଷଣ
ସମାଜୁ ସଂସ୍କାର ଦୁରେଇ ଦେଇ ||
ପଥପ୍ରାନ୍ତ ଆଜି ଅଶାନ୍ତ ଅଗମ୍ୟ
ହା- ହା- କାର ନର ପିଚାଶ ପାଇଁ,
କେବେ ବା ଫେରିବ ଗାନ୍ଧୀଙ୍କ ସପନ
ଅହିଂସା ସତ୍ୟର ବାରତା ନେଇ ||
ଜୀବନ ଜୁଇରେ ଜଳୁଛି ଯୌବନ
ଆଜିର ସପନ କାଲିକି ନାହିଁ
ସଭ୍ୟ ସମାଜର ଅସଭ୍ୟ ଚଳଣି
ସରଳେ ବଞ୍ଚିବା ଜଟିଳ ଭାଇ ||
ମନଶ୍ରାଦ୍ଧ ମେଣ୍ଟେ କ୍ରୁର ବ୍ୟଭିଚାରେ
ଧରା ପାଲଟୁଛି ନରକ ପେଣ୍ଠ
ନରାଧମେ ଏଠି ରାଜୁତି କରନ୍ତି
ନରର ଶୋଣିତେ ରଞ୍ଜିତ ବାଟ ||
କୋଉଁଠି ହଜୁଛି କୁଆଁରିର ସ୍ୱପ୍ନ
ଭ୍ରୁଣ ଶୋଇଯାଏ ଅଚିନ୍ତାନିଦ୍ରେ
ପରିଚୟ ଖୋଜେ କଅଁଳ ଶୈଶବ
ଗୁମୁରି କିଶୋରି ପରାଣ କାନ୍ଦେ ||
ଶିଷ୍ଟତା ବଞ୍ଚିଛି ଷଠ ପରିଚୟେ
ସାଧୂତା କୁମ୍ଭୀର କାନ୍ଦଣା ଯେତେ
ନ୍ୟାୟ ଖୋଜିଖୋଜି ନିରିହ ବିଚରା
ଦିଗହରା ହୋଇ ମୁଣ୍ଡଟା ପିଟେ ||
ଉଠରେ ଉଠୁତୁ ଅମୃତ ସନ୍ତାନ
ଜାଗିଉଠ ଆରେ ଆସିଛି ବେଳ
ମାତା ହସ୍ତୁ ନେଇ ତିକ୍ଷ୍ଣ କରବାଳ
ସିଂହଠାଣି ନେଇ ମହିଷା ଦଳ ।

ସରକାରୀ ଉଚ୍ଚ ବିଦ୍ୟାଳୟ,
ଜୋଡାଆମ୍ବ,ଚନ୍ଦ୍ରଗିରି, ଗଜପତି ୯୩୩୭୩୩୬୪୨୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସହସ୍ରବାହୁ



ସୁମନ୍ତ କୁମାର ଶତପଥୀ

ବହୁପଥ କରି ଅତିକ୍ରାନ୍ତ
ତୁମ ଦ୍ୱାରେ ଉଭା ମୁଁ ସାଆନ୍ତେ
ଶୁଣିଲିଣି ତୁମେ କୁଆଡେ ମହାବାହୁ
କୃପା ଥିଲେ ଅଜାଡି ପକାଅ ଅଦୃଶ୍ୟରେ
ସୁବର୍ଣ୍ଣ ଅଁଳା ନିର୍ଦ୍ଧନର ରିକ୍ତ ଟାଙ୍ଗୁଡ଼ିରେ ।
ତୁମ ଧବଳ ଶ୍ୱେତଗଜ ବେଶ
ଦେଖିଛି ଯେ ଦୁଃଖ ଗଲା ଜାଣ
ତୁମ ଆଶୀର୍ବଚନରେ କୁଆଡେ
ଉଭୟ ପରିତ୍ରାଣ ଓ ଦୁଖଃହରଣ
ତୁମକୁ ଯେ ଭଜି ନପାରିଲା
ଜୀଇଁବାଟା ବୃଥା-ଅକାରଣ ।
ତୁମ ପଞ୍ଚବର୍ଷୀୟ ନବକଳେବରେ
କେତେ ବେଶ କେତେ ଲୀଳା
ସମର୍ଥନ ସଂଗ୍ରହେ ତୁମକୁ ଓହ୍ଲାଇବାକୁ ପଡେ
ତ୍ୟେଜି ସୁବର୍ଣ ସିଂହାସନ
ତୁମେ କୁଆଡେ ଭକତର ପ୍ରାଣ
ଦୀନବନ୍ଧୁ-କୃପାସିନ୍ଧୁ କେତେ ବିଶେଷଣ ।
ହେ ସହସ୍ରବାହୁ ଏ କି ଆଶ୍ଚର୍ଯ୍ୟ
ବିଜେ କଲା ପରେ ତୁମେ ବିସ୍ମୃତ
ସକଳ ପ୍ରତିଶ୍ରୁତି, ଆକୁଳ ପ୍ରାର୍ଥନା
କାହାକୁ କେଞ୍ଚେ ତ କାହାକୁ ମେଞ୍ଚେ
ଧନିକର ଥାଳ ଉବୁଟୁବୁ
ନିର୍ଦ୍ଧନ ରସାତଳେ ଡୁବୁ ।
ଏବେ ମୁଁ ହୁସିଆର ହେଇଗଲାଣି
ଏବେ ମୁଁ ତୁମକୁ ଦଗାଦିଆ ପ୍ରଭୁ ବୋଲି
ଡାକିଲାଣି
ତଥାପି ମୁଁ ଆଶା ବାନ୍ଧି ତୁମ ଦ୍ୱାରେ
ହୋଇଅଛି ଉଭା
ଜାଣେନା ମୁଁ ତିକ୍ତ କହି ଧିକ୍କାରିବ ନା
ପୁଣି ସେହି ପୁରୁଣା ମିଠା ଲୋଭ ପ୍ରବଞ୍ଚନା
ଦେଇ
ଦ୍ୱାର ଦେଖୁ ଦେବ ହେ ମେଲାଣି !

ଆଦର୍ଶ ବିଦ୍ୟାଳୟ , ରାୟଗଡ , ଗଜପତି
୯୦୭୮୫୫୭୭୨୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶ୍ରୀପୁରୁଷ



ରୋଜା ପଣ୍ଡା

ଅରି ପେଷି ଅସୁରଙ୍କୁ କରିଥିଲ ବଦ୍ଧ,
ଅଙ୍କେ ଚିରି ହୀରଣ୍ୟକୁ ନାଶକଲ ଅଦ୍ଧ ।।

ଅଘ୍ରି ତିନି ମାଗି ବାଳି ମସ୍ତକେ ଥାପିଲ,
ଅହଂମ୍ମତି ଭାଙ୍ଗି ତାର ପାତାଳେ ଚାପିଲ ।।

ଅହିଭୁଜଚନ୍ଦ୍ରଙ୍କ ସଜାଇ ମସ୍ତକରେ,
ଅମ୍ବୁଦଶ୍ୟାମ ହେ ରାସ କର ଗୋପ ପୂରେ ।।

ଅଙ୍ଗନାବର ରାଧାଙ୍କ ଅଞ୍ଚଳବାସରରେ,
ଅନିଶେ ଆଭୀର ଝୁଲ କେଳି କଦମ୍ବରେ ।।

ଆବାସ ଛାଡି ନିଜର ପୀରତି ଆଶାରେ,
ଆଳୟନାଭ ହେ ଭ୍ରମ ରାଧିକା ପଛରେ ।।

ଆରତ ଭଞ୍ଜନ ପ୍ରଭୁ ଆଶ୍ରବ ମୋ କର ଦୂର,
ଆଶ୍ରେ ତୁମ୍ଭର ମୁହିଁଯେ ଅଂହସହୀନାର ।।

ଆଭୀର ନଗର ଛାଡି କାହିଁ ଗଲ ନାଥ,
ଆଲୋକନ ପାଇଁ ସବୁ ଆଶା ହେଲା ବ୍ୟର୍ଥ ।।

ଆକିଂଚନ ସବୁ ମୋର ଅକାରଣ ସତେ,
ଆଶିଷ ବିହୀନ ତବ କି କରିବି ମର୍ତ୍ତ୍ୟେ ।।

ପୂର୍ଣ୍ଣାନନ୍ଦ ଭବନ,ନେତାଜୀ ନଗର,ମଧୁପାଟଣା,
କଟକ-୭୫୩୦୧୦.

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂଘର୍ଷ ସମୟ



ସିଲୁ ପଧାନ

ସଂଘର୍ଷ କରିବାକୁ ଆଜି ଆସିଛି ସମୟ,
ସେହି ସମୟକୁ ଆମେ କରିବା ପ୍ରଣୟ ।

ପିତୃମାତୃ ସନ୍ତାନ ଭାବେ ନେବା ଶପଥ
ସଫଳତା ସ୍ୱପ୍ନ ନେଇ ଚାଲିବା ସେ ପଥ ।

ଏ ସମୟକୁ ଆମେ ନ କରିବା ନଷ୍ଟ
ସେଥିପ୍ରତି ଦୃଷ୍ଟି ରଖି କରୁଅଛୁ କଷ୍ଟ ।

ଗୃହଛାଡ଼ି ଆସିଅଛୁ ସହରକୁ ଘେନି
ପାଠ୍ୟବନ୍ଧନରେ ରହି କରୁଛୁ ସନ୍ଧାନୀ ।

ମୁଁ ଯେ ପାଠ୍ୟକ୍ରମେ ବନ୍ଦୀ, ବନ୍ଦୀର ତର୍ପଣ
କରନ୍ତି ଯେ ଗୃହଲୋକ ଶ୍ରଦ୍ଧାରେ ଗ୍ରହଣ ।

ଏ ସମୟେ ଲାଗୁଛି ଜୀବନ ଗୋଟେ ବ୍ୟଥା
ନାନାବ୍ୟଥା ବେଦନା; କେତେ ତିକ୍ତ କଥା ।

ଜୀବନ ସଂଗ୍ରାମରେ ଅଛି ଜୟ-ପରାଜୟ
ମନେପଡ଼େ ସେଇ ଇତିହାସ ସ୍ମୃତିମୟ ।

ପରିବାରବର୍ଗ ମନେ କରନ୍ତି ହେବ ଯେ ବିଜୟ
ସବୁ ସ୍ମୃତି ଘେନି ଚାଲୁଛି ଏ ସଂଘର୍ଷ ସମୟ ।

ମୋ ମନରେ ଉଙ୍କିମାରେ ଭବିଷ୍ୟର କଥା
କାହିଁକି କେଜାଣି ମୋ ମନେ ଏତେ ବ୍ୟଥା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିପାରୁନି ପ୍ରାଣର ସେଇ ଅକୁହା କୋହ
ଶୋଇପାରୁନି ଆଖି ମୋ ଦେଖୁଛି ମୋହ ।

ପ୍ରତିଦିନ, ପ୍ରତି ମୁହୂର୍ତ୍ତରେ ଆସୁଛି ସମୟ
ଏଇ ମନରେ କେତେ ସ୍ୱପ୍ନ ଦେଖିଛି ହୃଦୟ ।

ଯେବେ ଆସିବ ସେଇ ଖୁସିର ସମୟ
ଜାଣିବି ସଂଘର୍ଷରେ ମୁଁ ହୋଇଛି ବିଜୟ ।

ସ୍ନାତକୋତ୍ତର ପ୍ରଥମ ବର୍ଷ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀର, ଓଡ଼ିଶା
ଭ୍ରାମ୍ୟଭାଷ : ୭୦୭୭୦୫୭୭୩୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷାର ସ୍ମୃତି



ରେଣୁକା ସାହୁ

ମେଘ ଆଗମନେ ମୟୁର ନାଚଇ
ମୟୁରୀ ସାଥିରେ ବିଭୋର ହୋଇ ।

ଲୁଚକାଳି ଖେଳେ ସୂରୁଜ ଦେବତା ବାଦଲ ସାଥେ
ଦୂର ପାହାଡ଼ରେ ଇନ୍ଦ୍ରଧନୁ ହସେ,
ମୁହିଁ ହସିଥାଏ ତାହାରି ସାଥେ ।

ମେଘ ଘୋଟିଯାଏ ଆକାଶ ବକ୍ଷରେ
କଳା ବଉଦଟି ହୋଇ
ସତେ ଯେପରିକି କଳା ଶାଢ଼ୀ ପିନ୍ଧି
ପଣତ କାନି ଉଡ଼ାଇ ।

ଆକାଶ ବକ୍ଷରେ ବଗପକ୍ଷୀଗଣ
ଉଡ଼ନ୍ତି ଗଜରା ମାଳ ସଦୃଶ,
କାଗଜ ଡଙ୍ଗାଟି ଭାସି ଭାସି ଯାଏ
କାହିଁ କେତେଦୂର ନେଇ ସନ୍ଦେଶ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଲ ଲାଜକୁଳୀ ସାଧବ ବୋହୁଟି
ପାଦ ଥାପୁଥାଏ ଲାଜେଇ ଲାଜେଇ ।

ପାଣି ଭରିଯାଏ ଦୁଇକୂଳ ଖାଏ ନଦୀ ନାଳରେ
ଚାଷୀ ଖୁସି, ଭଲ ଅମଳ ଆଶାରେ ।

ଚମ୍ପା, ଜୁଇ, ଜାଇ, କଦମ୍ବ, ମଲ୍ଲୀ
ବରଷା ଋତୁରେ କରନ୍ତି ଗେଲି ।

ମେଘୁଆ ପାଗକୁ ମୁଢ଼ି ବାରମଜା
ଖାଇବାକୁ ଲାଗେ ବଢ଼ିଆ ମଜା ।

ମେଘ ବରଷିଲା ଟୁପୁରୁ ଟୁପୁରୁ
କେଶର ମାଇଲା ଗଜା
ସାରୁ ଗଛମୂଳେ ବେଙ୍ଗଟିଏ ବସି
ଆପେ ବୋଲାଉଛି ମୁଁ ଏକା ରଜା ।

ବନମାଳୀ ସାହୁ କଲୋନୀ
ମାଲଗୋଦାମ ରୋଡ଼
କଲେଜ ଛକ, କଟକ, ୭୫୩୦୦୩, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଆଉ ତୁମେ



ସୁଶାନ୍ତ କୁମାର ସାହୁ

ମୁଁ ଜାଣେ ନା ତୁମେ କିଏ ?
କଣ ? ତୁମର ପରିଚୟ
କେଉଁଠୁ ଆସିଛ ତୁମେ
ସରଗରୁ ନା ପରୀରାଇଜରୁ
କେବଳ ଏତିକି ଜାଣେ ମୁଁ
ତୁମେ ପରୀଟିଏ; ଜହ୍ନଠୁ
ସୁନ୍ଦର ତୁମେ, ମେଘଠୁ
ଶୀତଳ ତୁମେ, ତୁମ ମିଠାଛୁଆଁରେ
ଗରମ ପାଣି ପଲଟିଯାଏ
ଝରଣା ପାଣି ଠୁ ବି ଶୀତଳ ।
ହେଲେ ମୁଁ
ଅସହାୟ, ଅହଂକାରୀଠୁ ବଳି
ଅହଂକାରୀ ମଣିଷଟିଏ ।

ବୁଝେନା ସ୍ନେହ, ପ୍ରେମ, ଭଲପାଇବା
ନିଜକୁ ଅଜଣା ନିଜର ପରିଚୟ,
ବୁଝେନା ସମ୍ପର୍କର ଅସ୍ତିତ୍ୱ,
ମୁଁ କଣ ? ହୋଇପାରେ
ତୁମପାଇଁ ଅତି ନିଜର,
କିନ୍ତୁ, ତୁମେ ଯଦି କୁହ
ତଥାପି ତୁମ ପାଇଁ ନିଶ୍ଚୟ
ଚେଷ୍ଟା କରିବି ହେବାକୁ
ତୁମ ପୁଜା କଳସୀର,
ତୁଳସୀର ଜଳ. . . . . ।

ଧୋବାବାହାଲି
ସୁବର୍ଣ୍ଣପୁର-୭୬୭୦୧୭
ମୋ-୯୯୩୭୯୮୭୪୬୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଜି ମନ୍ତ୍ରୀ ଆସିବେ



ଗଗନକୁମାର ଦାଶ

ଆଜି ମନ୍ତ୍ରୀ ଆସିବେ,
ସାରା ସହର ଚଳଚଞ୍ଚଳ,
ହୋଟେଲ ବାଲା-
ଅଧିକ ଚାଉଳ ରାନ୍ଧି ବସିଛି,
ପୋଲିସର ପଇଁତରା-
ଦଳ ଦଳ ମିଲିଟାରୀ,ଏସ୍.ଓ.ଜି,
ପାରା ମିଲିଟାରୀ ଫୋର୍ସ ।
ବାର୍ଦ୍ଧକ୍ୟ ଭତ୍ତା, ଅନ୍ନପୂର୍ଣ୍ଣା ଯୋଜନା,
ଅନ୍ତ୍ୟୋଦୋୟ ଯୋଜନା, ବି.ପି.ଏଲ ପାଇଁ-
ଦଳ ଦଳ ବୃଦ୍ଧ, ବୃଦ୍ଧା, ବିକଳାଙ୍ଗ ଭିଡ଼ ।
ଦୁଇ ଟଙ୍କା ଚାଉଳ ନିଶାରେ,
ପେଟ ସାନ କର ମାତ୍ର ପାଂଚ କିଲୋ ।
ବେକାରଙ୍କ ଭିଡ ଭତ୍ତା ପାଇବା ନିଶାରେ,
ମନ୍ତ୍ରୀ ପାଣ୍ଠିରୁ ଟଙ୍କା ନେଇ –
ବାଇଶି ପଙ୍କ ବାଲିରେ-
ଏକ ସିମେଂଟ ମିଶାଇ କାମ କରିବାରେ ।
ଚାଟୁକାର ଖୁଂଟି ପୋତିବାରେ ବ୍ୟସ୍ତ,
ଦାବୀପତ୍ରର ସାମୁହିକ ଉଲ୍ଲୋଳ ।
କଂଟ୍ରାକ୍ଟର ତରତର ଏଠି ,
ପୂର୍ତ୍ତ ବିଭାଗର-
ପଙ୍କ ମାଟି ଓ କୁଣ୍ଡା ପଥରର ରାସ୍ତା,
ଲାଂଚୁଆ ଅଫିସରଙ୍କ-
ଟେବୁଲ ଚୌକି ଫୁଲଦାନୀ-
ସମସ୍ତେ ବ୍ୟସ୍ତ, କାମ ବନ୍ଦ,
ଆଜି ମନ୍ତ୍ରୀ ଆସିବେ ।

ପ୍ରଧାନ ଶିକ୍ଷକ, ମୋହନା, ଗଜପତି
୮୨୪୯୫୦୩୬୫୮
gagankumard99@gmail.com

Magazine Downloaded from www.aahwaan.com

# ମୁଁ ଓ ସମୟ



ରାଧେଶ୍ୟାମ ମିଶ୍ର

ମୁଁ ହସେ
ମୋ ନିଜ ବିସର୍ଜନରେ
ଧାର୍ ମାଗେ
ସମୟକୁ
ବୁନ୍ଦାଏ ପରମାୟୁ
ପରଖିବାକୁ ଆକାଶର୍
ନୀଳ ରଙ୍ଗ
ବୁଝିବାକୁ
ମୋ ଆପଣାର
ନିରବତା ....   ।

ମୁଁ ହସେ
ବେଫିକର୍
କାହିଁକି ନା
ଏବେବି ବଞ୍ଚିଛି
ମୋ ଛାତି ଭିତରେ
ନ'ଅଙ୍କର ବେଣୁଧର ,
ନା ଅଛି
ନା ଥିଲା
ଅଭିସନ୍ଧି ନା ଅଭିପ୍ସା
ଏବେ ଖାଲି
ଜାଦୁଗରର ବନ୍ଧନୀ ଭିତରୁ
ମୁକୁଳିବାର୍
ଶେଷ ସଙ୍ଘର୍ଷ ....   ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁଁ ହସେ

ଚକ୍ରବ୍ୟୁହ ଭିତରୁ

ବୁକୁଫଟା ଚିତ୍କାର

କରୁଥିବା ଅଭିମନ୍ୟୁର

ଭୀରୁତାର ସ୍ୱର ଶୁଣି ,

ସେ ଆବର୍ତ୍ତନ ହେଉ

ବା ବିବର୍ତ୍ତନ ।

କିଛି ଫରକ୍ ପଡେନି

ମୋ ମୃତ ମସ୍ତିଷ୍କର

ନ୍ୟୁରୋନ୍ସ୍ ମାନଙ୍କ ଉପରେ

କାହିଁକି ନା

ଅନେକ ଆଗରୁ

ଶୋଇ ଗଲାଣି ସେ

କବର ଭିତରେ

ଚୁପ୍‌ଚାପ୍

ସ୍ଥିତପ୍ରଜ୍ଞଟେ ପରି .... ।

ମୁଁ ହସେ

ନିର୍ଯ୍ୟାତିତ ଦୌପଦୀର

ସମର୍ପଣରେ

ମୋ ନାକରେ

ବାଜେ କାମୁକତାର ବାସ୍ନା

ଆଖିରେ ନାଚେ

ଏଲୋରାର ନଗ୍ନତା

ଛାତିରେ ଜଳେ ବାସନାର ନିଆଁ

ବଦଳିଯାଏ ମୁଁ

ବଦଳିଯାଏ ମୋ

ନିଜସ୍ୱ ପରିଚୟ

ପାଲଟିଯାଏ

ନିର୍ଦ୍ଦୟ

ସମୟର ଭୃତ୍ୟ .... ।


ଅଭିପ୍ସା ନିବାସ୍ ,ଖଣ୍ଡହତା

(ସୁବର୍ଣ୍ଣପୁର)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଆ



ମହେନ୍ଦ୍ର କୁମାର ସ୍ୱାଇଁ

ମାଆ ବୋଲି ଯେଉଁ ଦୁଇଟି ଅକ୍ଷର
କିଏସେ ଗଢିଲା ଆହା
କେତେ କଥା ଭାବି କେତେ କଥା ଚିନ୍ତି
ଦେଇଥିଲା ନାମ ମାଆ
"ମା"ରେ ସେ ମାରେ "ଆ"ରେ ଆଉଁସେ
ସ୍ନେହଁ ତ ଅମୁଲ ମୂଲ
ତା କୋଳ ଅଟଇ ସରଗଠୁ ବଡ
ଫୁଲଠାରୁ ବି କୋମଳ
ଧୂଳିବାଲି ହୋଇ ଆସିଲେ ଘରକୁ
ପଣତରେ ଝାଡି ଦିଏ
ହାତରେ ଖୁଆଇ ଗୀତ ଯେ ଶୁଣାଇ
କୋଳରେ ତା ଶୋଇଦିଏ
ଯେତେ ଋଣ ତୁମେ କରିଛ ଜୀବନେ
ଶୁଝି ଦେଇ ଚାଲିଯିବ
ମାଆର ସେନେହ ମାଆର ପ୍ରେମକୁ
କେବେ ଶୁଝି ନପାରିବ

ସ୍ୱର୍ଗରେ ସିନା ଅମୃତ ରହିଛି
କରନ୍ତି ଦେବତା ପାନ
ମାଆର ବକ୍ଷର ଅମୃତ ପିଇଣ
ବଢ଼ଇ ଶିଶୁର ମାନ
ମାଆକୁ ସେନେହଁ ମାଆକୁ ଯେ ସେବା
ନିତିଦିନ ଦେଉଥିବ
ମାଆ ପରା ଅଟେ ପ୍ରଥମ ଦେବତା
ହତାଦର ନକରିବ

ଗ୍ରାମ-ପଥରଚକଡା
ପୋ- ମାଧପୁର, ଜିଲା- ନୟାଗଡ,
ଓଡିଶା ୭୫୨୦୭୮
ଭ୍ରାମ୍ୟଭାଷ : ୮୨୪୯୭୨୭୫୦୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମିକାର ମନ



ପବିତ୍ର ଦାସ

ମୋ ପ୍ରେମିକାର ମନ ଠିକ୍ ଆକାଶ ପରି
କେତେବେଳେ ବାଦଲର କଳା ଛାଇ ତ
ଆଉ କେତେବେଳେ ସୂର୍ଯ୍ୟକିରଣର ସଫେଦ । ୧
ତା ଛୁଆଁରେ ଥାଏ ଅନେକ ଉଚ୍ଚାଟନ
ଅନେକ ବେପଥୁ ପରି ଦେହର ଶିରାପ୍ରଶିରାକୁ
ଚଳଚଞ୍ଚଳ କରିଦେବା ଭଳି ସ୍ପର୍ଶ ।
ଆନନ୍ଦ ଦିଏ, ଶିହରଣ କରେ
ଚେତନାକୁ ନୂଆ ରାସ୍ତରେ ନେଇଯାଏ । ୨
କେବେକେବେ ଗୁମ୍‌ସୁମ୍ ତ ପୁଣି କେବେ
ଫଗୁଣର ସାତରଙ୍ଗ ପରି ହସ ହସ
କେବେ ପୁଣି ବର୍ଷୁକୀର ବର୍ଷାପରି
ଭିଜାଏ ସେ ଲୋତକରେ ମୋ ମନପ୍ରାଣ । ୩
ତା ଚିରୁଟାଏ ହସରେ ମନରେ ଭରିଯାଏ ରଙ୍ଗ
ପ୍ରାଣରେ ପୂରିଉଠେ ଜୀବନ
ଭାବନାରେ ବୁଡ଼ିଯାଏ ଦେହ, ହୋଇଯାଏ କବି
ପ୍ରଗଲ୍‌ଭଙ୍କ ପରି ଲେଖିଚାଲେ ମୁଁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତା'ପାଇଁ ଆବସର୍ଡ୍ କବିତା, ଆଉ ପ୍ରେମ ଗଳ୍ପ । ୪

ସିଏ ମୋ ସ୍ୱପ୍ନର ନାୟିକା

ଆଉ ମୁଁ ତା ମନର ପୁରୁଷ

ଏକାଠି ଥିଲେ ବହୁତ ଗପେ, ବହୁତ ହସେ

ଦୁନିଆର ସବୁ ପ୍ରେମ ଓଜାଡ଼ିଦିଏ

ସେ ମୋ ଉପରେ ଆଉ ମୁଁ ପ୍ରାଣଭରି

ତୋଳିଚାଲେ ତା'ର ସବୁତକ ପ୍ରେମ । ୫

ଗବେଷକ

ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ଭ୍ରାମ୍ୟଭାଷ : ୭୦୦୮୪୮୯୭୫୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସରଳ ହୃଦୟର ଅଲିଭାସ୍ୱପ୍ନ



ଶିଲ୍ପି ଶ୍ରୀଲିପ୍ତା ପଣ୍ଡା

ତୁ ହେଲେ କବିଟିଏ
ମୁଁ ତୋର କବିତା
ତୁ ହେଲେ ଦୀପଟିଏ
ମୁଁ ସେହି ଦୀପର ସଳିତା ।
ତୁ ହେଲେ ଗଛଟିଏ
ମୁଁ ତୋର ଫୁଲ
ଫୁଟିଛି ଏଥିପାଇଁ
ପାଉଛି ବୋଲି ତତେ ଭଲ ।
ତୁ ହେଲେ ମନଟିଏ
ମୁଁ ତୋର ମାନିନୀ
କହୁଥିଲି କହୁଥିବି ମୁଁ
ତୋ ଛଡା ଏ ମନରେ
ଆଉ କାହା ସ୍ୱପ୍ନବି ଦେଖିନି ।

ସତ ଜୀବନରେ
ନୁହେଁ ମୁଁ ସେ କବିର କବିତା
ନା ମୁଁ ହୋଇପାରିବି ସେ ଦୀପର ସଳିତା
ନା ମୁଁ ହୋଇପାରିବି କି ସେ
ସୁନ୍ଦରୀ ଫୁଲ...
ନା ଦେଇପାରିବି ତୋର ପ୍ରେମର ମୂଲ ।
ନୁହେଁ ମୁଁ ସେ ମନର ମାନିନୀ
ମୁଁ ହେଉଛି ସେହି ହତଭାଗିନୀ ଆଉ
ଅଭାଗିନୀ
ଜଣେ ସାମାନ୍ୟ ତରୁଣୀ... !

ଭୁବନେଶ୍ୱର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ୟାକୁଳ ମନ



ଶୈଳବାଳା ଷଡ଼ଙ୍ଗୀ

ମନତଳେ ଅସୁମାରୀ ଆଶା

କେବେଠାରୁ ବାନ୍ଧିଛି ସେ ବସା ।

କାହିଁ କେତେଦିନୁ ଝୁରୁଛି ଏ ମନ

ପାଇବାକୁ ସ୍ନେହ ଅପାରର ଧନ ।

କେବେ ଆସିବ ସେ ସମୟ,

ମନରୁ ଦୂରୀଭୂତ ହେବ ସବୁଭୟ ।

ବ୍ୟାକୁଳ କୋହରେ ଅଛି ହୃଦୟ ମୋ ଭରା

ସ୍ନେହ ପରସରେ ତା'ର ହୋଇବ ସେ ଧରା ।

ବାଧିବନି ସବୁ ଦୁଃଖ, କଷ୍ଟ, ଯନ୍ତ୍ରଣାର ଆଘାତ,

ନିମିଷକେ ଭୁଲି ସବୁ ଆଗେଇବି ଜୀବନର ବାଟ ।

ସମାଜସେବୀ, ଲେଖିକା

ଓଡ଼ିଶା

ଇମେଲ୍ : sailabalasarangi9040@gmail.com

ଭ୍ରାମ୍ୟଭାଷ : ୯୦୪୦୧୯୮୫୫୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ



ପ୍ରଶାନ୍ତ କୁମାର ନାଥ

ଦୁଇଦିନର ଏ ମଣିଷ ଜୀବନ
କାହିଁକି ହେଉଛ ବାଇ
କେବେ ସାଜୁଥାଏ ଶୁଷ୍କ ମରୁଭୂମି
କେବେ ପୁଣି ଭରାନଈ ।

ମରୀଚିକା ପଛେ ଧାଉଁଥିଲେ ତୁମେ
ହେବ ନିଶ୍ଚେ ବାଟବଣା ।
ସାମ୍ପର୍କଟା ଗଢା ଏମିତି ଭାବରେ
କେବେ ପ୍ରେମ କେବେ ଘୃଣା ।

ଜୀବନଟା ଥିଲେ ଯନ୍ତ୍ରଣା ବି ଥିବ
ଥିବ ପୁଣି ମାୟା ମୋହ
ଜୀବନ ଜାତକେ ଲେଖା ହୋଇଥାଏ
କେବେ ହସ କେବେ ଲୁହ

ଶରୀରଟି ଆମ ଖୋଜୁଥାଏ ଖାଦ୍ୟ
ପେଟକୁ ଲାଗିଲେ ଭୋକ
ସେହି ପେଟପାଇଁ ଚାଲୁଥାଏ ନାଟ
କେବେ ସୁଖ କେବେ ଦୁଃଖ ।

ସୁଖ ଦୁଃଖର ଏ ଦୁର୍ଗମ ଦୁନିଆ
ରହିଥାଏ ସାଥି ହୋଇ
ହସଲୁହ ଭରା ଏଇତ ଜୀବନ
କେବେ ଖରା କେବେ ଛାଇ ।

ବାଙ୍ଗାଲୋର
ମୋ-୦୮୮୯୭୩୦୧୧୪୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ମୃତି ତୁମେ



ପ୍ରସନ୍ନଜିତ ମହାପାତ୍ର

ସ୍ମୃତି ତୁମେ, ଅଦୃଶ୍ୟ ସତ୍ୟର ଗପ
ପୁଣି ଆନନ୍ଦ ଲୁହର ରୂପ ।
ସ୍ମୃତି ତୁମେ, ମରୁଭୂମିର ମରୀଚିକା
ଶୁଭ୍ର ସକାଳର ସଦ୍ୟ କଳିକା ।
ସ୍ମୃତି ତୁମେ ଓଠତଳ ଚିପା ହସ
ଆଖି ତଳେ କେବେ ବିରହର ରସ ।
ସ୍ମୃତି ତୁମେ ନାଉରୀବିହୀନ ନାଆ
ନଇକୂଳିଆ ଶୀତଳ ବାଆ ।
ସ୍ମୃତି ତୁମେ ଓଢ଼ଣା ତଳର ଲାଜ
ପୁଣି ଶୀତୁଆ ରାତିର ନିଦ ।
ସ୍ମୃତୁ ତୁମେ ମୋ ମନ ରାଇଜର ଗୀତ
କେବେ ପୁଣି ଚେତାଶୂନ୍ୟ ଅତୀତ ।
ସ୍ମୃତି ତୁମେ ଦରିଆ ସେପଟ ଗ୍ରାମ
କଳ୍ପନାରାଇଜ ପଞ୍ଚମ ଧାମ ।
ସ୍ମୃତି ତୁମେ ନିଶାର୍ଦ୍ଧ ରାତିର ଝଡ଼
ସଦ୍ୟ ଗୋଲାପର ମାଡ଼ ।

ସ୍ମୃତି ତୁମେ ଲୁହରେ ଭିଜା ଆଖି
ଭଗିନୀ ହାତର ରାକ୍ଷୀ ।
ସ୍ମୃତି ତୁମେ ନୂଆ ବୋହୂର ଲାଜ
ତରୁଣୀ ମୁହଁର ସଜ ।
ସ୍ମୃତି ତୁମେ ବାପାଙ୍କର ଗାଳି
ମା ପାଖରେ ମୋ ଅଳି ।
ସ୍ମୃତି ତୁମେ ସାଂଯ୍ଯକାଳର ସଳିତା
ନବବଧୂ ପାଦେ ନାଲି ଅଳତା ।
ସ୍ମୃତି ତୁମେ ପରୀରାଇଜର ରାଜକନ୍ୟା
ଦରବୁଢ଼ୀ ମନେ କଞ୍ଚା ଯୌବନର ବନ୍ୟା ।
ସ୍ମୃତି ତୁମେ ସୀମାହୀନ ଆକାଶ
ସ୍ମୃତି ବିନା ଏ ଜୀବନ ନିରସ ।
ସ୍ମୃତି ତୁମେ... ସ୍ମୃତି ତୁମେ... ସ୍ମୃତି ତୁମେ...

ବାମଦେଇପୁର, ବାରବାଟୀ, ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଳଙ୍କିତ ହେଲି



କାହ୍ନୁ ସାହୁ

ନିରୀହ ଝିଅଟି ମୁଁ
କେଉଁ ଦୋଷ କଲି ?
ସମାଜ ସମ୍ମୁଖରେ
କଳଙ୍କିତ ହେଲି... ୧

ପ୍ରେମ ମୋହେ ମଜ୍ଜିଣ
ଜାଣି ନ ପାରିଲି,
କେମିତି କହିବି ମୁଁ
କଳଙ୍କିତ ହେଲି... ୨

ସ୍ୱାର୍ଥାନ୍ଧ ପ୍ରେମିକ ତୁ
ମାୟାବୀ ଅସୁର
କାହିଁ ପାଇଁ କଲୁ ତୁ
ମୋତେ ନାରଖାର.... ୩

ଅଜ୍ଞାନ ହୋଇଣ ଯେ
ହେଲୁ କାମାତୁର,
ଛଦ୍ମବେଶେଣ ଯୌନ
ପିପାସୁ ଅସୁର... ୪

ତୋ ପାଇଁ ସମାଜରେ
ବଞ୍ଚି ନ ପାରିଲି
କେମିତି କହିବି ମୁଁ
କଳଙ୍କିତ ହେଲି... ୫

ପ୍ରେମେ ଛଳନା କରି
ମୋତେ ଦେଲୁ ଜାଳି,
କେମିତି କହିବି ମୁଁ
କଳଙ୍କିତ ହେଲି... ୬

ଭଟାପଲା, କଳାହାଣ୍ଡି, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେତେଦିନ



ପ୍ରକାଶ ଚନ୍ଦ୍ର ପଣ୍ଡା

କେତେଦିନ ଆଉ ଏ ଦେଶର ନାରୀ
ହେଉଥିବ ନିର୍ଯ୍ୟାତିତ
କେତେ ଦିନ ଆଉ ଏହି ନାରୀଜାତି
ହେବ ଲାଞ୍ଛିତ, ବାଞ୍ଛିତ ?
କେତେଦିନ ଆଉ କାମାତୁର ମାନେ
କାମାନ୍ଧେ ହୋଇବେ ଅନ୍ଧ,
ନିଜର କାମନା ଜ୍ୱାଳାକୁ ମେଣ୍ଟାଇ
ଭୁଲିଯିବେ ଭଲମନ୍ଦ ।
ସଭ୍ୟର ସମାଜେ ଅସଭ୍ୟମାନଙ୍କ
ନିର୍ଲଜିତା କେତେ ଦିନ
କେବେ ଆଉ ସିଏ ବୁଝିବ ନାରୀର
ମାନ ଆଉ ଅପମାନ ।
ଉନ୍ନତି ନାଆଁରେ ଯେତେକ ଅନୀତି
ଏବେ ବି ରହିଛି ଭରି
ଶିକ୍ଷିତ ସମାଜେ ଅଶିକ୍ଷିତ ଆଜି
ଖେଳୁଛି ରକ୍ତର ହୁରି ।

କେଉଁଠି ନିର୍ଭୟା ଆଖି ବୁଜିଦିଏ
ଅଣନିଶ୍ୱାସୀ ହୋଇ
ନ୍ୟାୟ ପାଏ ନାହିଁ ନ୍ୟାୟାଳୟଠାରୁ
ଏପଟ ସେପଟ ଧାଇଁ ।
ପଲ୍ଲିଠାରୁ ଦିଲ୍ଲୀ କେଉଁଠିବା ଆଉ
ନାରୀ ନୁହେଁ ସୁରକ୍ଷିତ
ସବୁଠାରେ ଏଠି ସକାଳରୁ ସନ୍ଧ୍ୟା
ହୁଏ ନାରୀ ନିର୍ଯ୍ୟାତିତ ।
କାମନାର ନାଶ କେଉଁଦିନ ଶେଷ
ପାଇବ ନାରୀ ସମ୍ମାନ
ସେଇ ଦିନ ହେବ ରାମରାଜ୍ୟ ଏହି
ଭାରତ ମା'ର ମାନ ।

କଲ୍ୟାଣପୁର, ପାଣିକୋଇଲି,
ଯାଜପୁର, ଭ୍ରାମ୍ୟଭାଷ : ୮୨୪୯୪୯୯୦୭୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାଇଜୀ କୋଠି



ସନାତନ ସରକାର

ଏଠି ଭିଡ଼ କାହିଁକି ଲାଗିବ
ପ୍ରେମ ପାଗଳ ମାନଙ୍କର,
ଯଦି ଲାଗିବ କେବଳ
ସେହି ମାନଙ୍କର,ଯେଉଁ
ମାନେ ଦର ଦାମ୍ ଛିଣ୍ଡେଇ
କାମନାକୁ ଚରିତାର୍ଥ କରି
ଫେରି ଯାଆନ୍ତି ନିଜ ନିଜ
ଫେରନ୍ତା ପଥର
ଏଠି ସମ୍ପର୍କ ଆଉ
ପୁରୁଣା ପରିଚୟର ହିସାବ
ରଖାଯାଏନି,ରଖାଯାଏ
କେବଳ ଦେହର ବେପାରୀ
ଗରାଖ ଇଶ୍ୱର ମାନଙ୍କର,
ଯେଉଁମାନେ ପ୍ରତ୍ୟେକ ଦିନ
ଓଠରେ ମାପିଦେଇ ଚାଲି
ଯାଆନ୍ତି ଲଙ୍ଗଳା ଦେହର
କ୍ଷେତ୍ରଫଳ ଆଉ ଦୀର୍ଘ
ପରିସୀମାର
ଏଠି ରାତି ବଢ଼ିଲେ ତାତି
ବଢେ ବାଇଜୀ କୋଠୀର
ଆବଦ୍ଧ ଥିବା ଚାରି କାନ୍ଥର,
ଚାହିଦା ବଢେ ନୂଆ କରି
ନାମ କରଣ କରିଥିବା
ବାଇଜୀ କୋଠୀର ନବ
ବେଶ୍ୟାର,ସେ ଗୋଟେ
ରାତି ହେଉ କି ପାଞ୍ଚ ରାତି
ହେଉ ହିସାବ ନିକାସ
କେବଳ ଗୋଟିଏ ଥର
ଏଥର ଯାଅ,ଯାଇ
କହିଦିଅ ତୁମର ସେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେହ ଦରିଦ୍ର ପୁରୁଷ

ସମାଜକୁ,ଯଦି ତାଙ୍କ

ଯୌବନର ଗର୍ଜନକୁ ଶୀତଳ

କରିବାର ଅଛି କିମ୍ବା କଳା

କସ୍ତୁରୀକୁ ଶୁଙ୍ଘିବାର ଅଛି

ତେବେ ଏଠାକୁ ମୁଣ୍ଡ ପିଛା

ଶୁଳ୍କ ନେଇ ଆସିବାକୁ

ଏଠି ବୈରାଗ୍ୟ ଅଛି ନା

ବିତୃଷ୍ଣା ଅଛି,ପ୍ରହସନ

ଅଛି ନା ପ୍ରଳାପ ଅଛି,ଏଠି

ଯାହା ଖାଲି ତତଲା

ନିଶ୍ୱାସର କାମନା ଆଉ

ବାସନାକୁ ଫୁଟେଇ

ଦେହର ଭୋକକୁ ମାରି

ପାରୁଥିବା ବ୍ୟବସାୟ

ଅଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଈର୍ଷା



ଶୁଭ ପଧାନ

ସ୍ୱପ୍ନ, ତମାମ ସୃଷ୍ଟିର ପ୍ରିୟ

ଅତି ଆପଣାର

ମଣିଷ ତ ମଣିଷ

ଏଠି ଗଛ ବି ସ୍ୱପ୍ନ ଦେଖେ

ନୀଳ ଆକାଶରେ ଉଡ଼ି ବୁଲିବାକୁ

କିନ୍ତୁ ଉଡ଼ିପାରେନି ବୋଲି ଈର୍ଷାକରେ

ତା' ଡାଳରେ ବସା ବାନ୍ଧିବାକୁ ପକ୍ଷୀକୁ

ପତ୍ରଝଡ଼ା ଦିଏ

ଡେଣା ଝାଡ଼ି ଝାଡ଼ି ଉଡ଼ିଯାଏ ପକ୍ଷୀ

ଗଛ କିନ୍ତୁ ପଡ଼ିରହିଥାଏ ଠିକ୍ ସେଇମିତି

ଝଡ଼ର ଅପେକ୍ଷାରେ

ମାଟି ସାଥେ ଝଗଡ଼ା କରୁ କରୁ

ଇଂରାଜୀ ଶିକ୍ଷକ

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗାଇସିଲେଟ

୭୭୫୨୦୯୦୮୪୦

Magazine Downloaded from www.aahwaan.com

# ଶୀତ ଆଗମନେ



ସହଦେବ ପ୍ରଧାନ

ଶୀତ ଆଗମନେ ପଡ଼ିଯାଏ ମନେ
　　ସଭିଙ୍କୁ ବାଳୁତ କଥା,
କମ୍ବଳ ଭିତରେ ମାତାଙ୍କ କୋଳରେ
　　ଲୁଚି ରହିଥାଏ ମଥା ।୧ ।
ଶୀତବସ୍ତ୍ର ପିନ୍ଧି ହାତଗୋଡ଼ ଛନ୍ଦି
　　କମ୍ବଳ ଭିତରେ ରହି,
ବାହାର ଦୁନିଆଁ କିପରି ଚାଲିଛି
　　ତା'ର ଯାଏ ଆସେ ନାହିଁ ।୨ ।
ବଡ଼ ହୋ'ନ୍ତି ଯେବେ ଜାଣନ୍ତି ସେ ସେବେ
　　ଶୀତ ଏକ ଋତୁ ବୋଲି,
ମାସ ବର୍ଷ ଭଳି ଶୀତଋତୁ ଆସେ
　　ମେଞ୍ଚା ମେଞ୍ଚା ଶୀତ ଢ଼ାଳି ।୩ ।
ଫଗୁଣ ଚଇତ୍ର ବଇଶାଖ ଜ୍ୟେଷ୍ଠ
　　ଆଷାଢ଼ ଯେ ଶିରାବଣ,
ଭାଦ୍ରବ ଆଶ୍ୱିନ କାର୍ତ୍ତିକ ମାର୍ଗଶୀର
　　ପଉଷ ଯେ ମାଘ ଜାଣ ।୪ ।
ଏପରି ବର୍ଷକେ ବାରମାସ ଆଉ
　　ଷଡ଼ଋତୁର ବିଧାନ,
ଗ୍ରୀଷ୍ମ ଯେ ବରଷା ଶରତ ହେମନ୍ତ
　　ଶୀତ ବସନ୍ତ ଏସନ ।୫ ।
ଷଡ଼ଋତୁ ମଧ୍ୟେ ଶୀତଋତୁ ଭାବେ
　　ଅଟେ ନିଆରା ବହୁତ,
ପୌଷ ମାଘ ମାସ ଶୀତଋତୁ ଭାବେ
　　ଭାରତରେ ପ୍ରଚଳିତ ।୬ ।
ଦିନ ଛୋଟ ଆଉ ରାତି ବଡ଼ ହୁଏ
　　ଆକାଶ ନିର୍ମଳ ରହେ,
ଶୀତଳ ପବନ ବହେ ପ୍ରତିକ୍ଷଣ
　　ଖରା ଜମା ଟାଣ ନୋହେଁ ।୭ ।
ମନ୍ଦ ମନ୍ଦ ପାଣି ନଦୀ ଝରଣାରେ
　　ଚତୁଃପାଶ୍ୱେର୍ ସବୁଜିମା,
ଫଳ ପୁଷ୍ପେ ଭରା ହୁଏ ବୃକ୍ଷଲତା
　　ହସି ଉଠେ ଜମିଜମା ।୮ ।
ଶିମ୍ବ ବାଇଗଣ ଟମାଟ କଖାରୁ
　　ମୂଳା କନ୍ଦମୂଳ ଆଳୁ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶାଗ, ଲାଉ, କୋବି ଗାଜର କାକଡ଼ି

ଝୁଡୁଙ୍ଗ ଯେ ବୋଇତାଳୁ ।୯ ।

ପନିପରିବାରେ ହାଟ ଓ ବଜାର

ଭରପୁର ହୋଇ ଦିଶେ,

ଛଅଟି ତିଅଣ ରାନ୍ଧି ବାଢ଼ିଦିଏ

ଗୃହିଣୀ ମନ ହରଷେ ।୧୦ ।

ଲେମ୍ବୁ ନାସପାତି ଅଙ୍ଗୁର ପିଜୁଳି

କମଳା ଡ଼ାଳିମ୍ବ ସେଓ,

କଦଳୀ ଡିମ୍ବିରି ଭଣ୍ଡା ବରକୋଳି

କି ବର୍ଣ୍ଣିବା ଫଳ ଆଉ ।୧୧ ।

ଯାଇ ଯୁଇ ହେନା ଟଗର ଗୋଲାପ

କଦମ୍ବ ରାଧାତମାଳ,

ଗେଣ୍ଡୁ କନିଅର ସେବତି ମନ୍ଦାର

ମଲ୍ଲିଫୁଲ ନିଳୋତ୍ପଳ ।୧୨ ।

ବଗିଚାରେ ଫୁଲ ଫଳ ଭରିଯାଏ

ଉଚ୍ଛନ୍ନ ମାଳୀ ମନଟି,

ଖୁସି ମନେ ପାଣି ଦେଉଥାଏ ବୃକ୍ଷେ

ଶୀତ କାକର ସାଉଁଟି ।୧୩ ।

ଧାନ କାଟି ଆଣି ବେଙ୍ଗୁଳା ପକାଇ

ଚାଷି ଭାଇ ତରବରେ,

ଶୀତ କାକରକୁ ଭ୍ରୂକ୍ଷେପ ନ କରି

ଫସଲ ଅମଳ କରେ ।୧୪ ।

ଗାଇଗୋରୁ ଛେଳି ମେଣ୍ଢା ପଲପଲ

ବୁଲନ୍ତି ବିଲ ପ୍ରାନ୍ତରେ,

ଶସ୍ୟ କଟାଥିବା କ୍ଷେତରୁ କ୍ଷେତକୁ

ଘାସ ଚରିବା ଆଶାରେ ।୧୫ ।

କାହିଁ କେତେଦୂରୁ ମାଳମାଳ ପକ୍ଷୀ

ଦେଶ ବିଦେଶରୁ ଆସି,

କେଳିରବ ଦ୍ୟ'ନ୍ତି ଆନନ୍ଦ ଉଲ୍ଲାସେ

ଚିଲିକା କୂଳରେ ବସି ।୧୬ ।

ରଙ୍ଗ ବେରଙ୍ଗର ବିହଙ୍ଗ ଦେଖିଣ

ଭରେ ପର୍ଯ୍ୟଟକ ମନ,

ବଣଭୋଜି ସାରି ନଉକା ବିହାର

କରନ୍ତି ହୋଇ ପ୍ରସନ୍ନ ।୧୭ ।

ଶୀତ ଆଗମନେ ପର୍ବ ମାର୍ଗଶୀରେ

ମାଣବସା ଗୁରୁବାର,

ଝିଅ ବୋହୂ ମିଶି ଝୋଟି ପକାଅନ୍ତି

ଦାଣ୍ଡବାଡ଼ି ପିଣ୍ଡା ଘର ।୧୮ ।

ମାଘମାସ ପର୍ବ ବସନ୍ତ ପମୀ

ଦେବୀ ସରସ୍ୱତୀ ପୂଜା.

ଶିକ୍ଷାନୁଷ୍ଠାନରେ ଜାକ ଜମକରେ

ହୋଇଥାଏ ସାଜସଜ୍ଜା ।୧୯ ।

 Magazine Downloaded from www.aahwaan.com

ବିଧିର ବିଧାନ କେ କରିବ ଆନ
ସୁଖ ପାଶେ ପାଶେ ଦୁଃଖ,
ଗରିବ ବିଚରା ଶୀତେ କଷ୍ଟ ଭୋଗେ
ନ ପାଇ ଶୀତ ପୋଷାକ ।୨୦ ।
ଶୀତ କାକରଟି ହେଲେ ହେଁ ଦାରୁଣ
ଅଟେ ଜଗତର ମିତ,
ଶୀତ ପରେ ଆସେ ମଳୟ ବସନ୍ତ
ଦିଅଇ ଅପାର ସୁଖ ।୨୧ ।
ଶୀତ ନୋହିଲେ କି ହୋଇବ ଗ୍ରୀଷମ
ଗ୍ରୀଷ୍ମ ନୋହିଲେ କି ବର୍ଷା,
ବର୍ଷା ନୋହିଲେ କି ଜଗତ ରହିବ
ଜଳ ବିନା ଯାହା ଦଶା ।୨୨ ।

କବି (ମୁଁ) ବାରିପଦାର ଏସ୍. ଭି. ଏସ୍. ସ୍କୁଲରେ ଉପାଧ୍ୟକ୍ଷ ଥିବାବେଳେ ଛାତ୍ରଛାତ୍ରୀଙ୍କୁ ଶୀତଋତୁ ଉପରେ ସବିସ୍ତୃତ ବର୍ଣ୍ଣନା ଦେବା ସକାଶେ କବିତାଟିକୁ ରଚନା କରିଥିଲେ ।

ସୁବର୍ଣ୍ଣପୁର, ଜରଡ଼ାଗଡ,ଗଞ୍ଜାମ
ଦୂରଭାଷ: ୬୩୭୨୧୩୩୭୩୫

 Magazine Downloaded from www.aahwaan.com

# ଅପେକ୍ଷା



ଶୁକଦେବ ଦୀପ

ସପନ ରାଇଜର ରାଜରାଣୀ ମୋ
କେବେ ଆସିବୁ ତୁ ଫେରି
ତୋ କଥା ଭାବି ଦିନ ସରିଯାଏ
ରହିଛି ଅପେକ୍ଷା କରି ।
ମୋ ମନ ଆକାଶେ ଉଡ଼ାପକ୍ଷୀ ତୁ
ମନରେ କରିଛୁ ବସା
ସେ ବସାକୁ ମୁଁ ସୁରକ୍ଷା ଦେବାକୁ
କରିଦେଇଅଛି ପେଷା ।

ମନରେ ମୋର କେତେ ପ୍ରଶ୍ନ ଅଛି
ତତେ ପଚାରିବି ବୋଲି
ପଚାରିବା ଆଗୁ ସ୍ୱପ୍ନରାଣୀ ମୋ
ସ୍ୱପ୍ନଭାଙ୍ଗି ଦେଇଯାଉ ଚାଲି ।
ମରୁଭୂମି ମରୀଚିକା ପରି
ତତେ ଆଖିଖୋଲି ଝୁରେ
ତତେ ଛୁଇଁବାକୁ ନିକଟକୁ ଗଲେ
ଯାଉଛୁ ତୁ ଦୂରେ ଦୂରେ ।
ଭାବନାରେ ଅଛୁ ସଂସ୍ପର୍ଶରେ ନାହିଁ
ସପନେ ଆସୁଛୁ ଖାଲି
କେବେ ମୋ ସପନ ସତ କରିବୁ
ପ୍ରୀତିର ଦୀପଟେ ଜାଳି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମୟ

ମୂଳ ରଚନା (ବଙ୍ଗଳା) : ଶ୍ରୀ ବିକାଶ ଘୋଷ
ଓଡ଼ିଆ ଭାଷାନ୍ତର : ସନାତନ ମହାକୁଡ଼



ସନାତନ ମହାକୁଡ଼

କିଛି କଥା, କିଛି ସମୟ
ଅନେକ ହିସାବ
ସନ୍ଧିକ୍ଷଣର ଆଲୋକପଥେ
ହଜିଯାଏ ।

ନୂତନ ସ୍ୱପ୍ନ ନୂତନ ଆକାଶ
ଭରିଦିଏ ମନ ଅଗଣାରେ
ଯେଉଁଠି ନାହିଁ ଭୟ, ନାହିଁ ଭୀତ ।
ସମୟ ଆଗେଇ ଚାଲେ
ସାହସିକତାର ସରଳ ରେଖାରେ ।

ପଛରୁ ଟାଣିଧରିବାର
ଚିରକାଳୀନ ପ୍ରୟାସ
ସେ ତ ନୂତନ ନୁହଁ ।
ଦିନ ବଦଳିବାର ଆହ୍ୱାନେ
ସକ୍ରିୟତା କମେ ନା
କୂପମଣ୍ଡୁକ ସେଇ ମାନସିକତାର ।

ପଦଦଳିତ ନିନ୍ଦୁକ !
ସମୟ ସମୟର ତାଳେ
ଆଧୁନିକତାର ପରଶ ନେଇ
ଚାଲିବ ଆପଣା ବେଗେ
ଇତିହାସକୁ ମାନ୍ୟତା ଦେଇ ।

ଗ୍ରା/ପୋ : ବେରୁଆଁବାରୀ, ନୟାଗଡ଼, ୭୫୨୦୮୨
ଭ୍ରାମ୍ୟଭାଷ : ୯୩୩୯୭୧୦୧୭୮
ଇମେଲ୍ : sanmahakud@gmail.com
ୱେବ୍‌ସାଇଟ୍ : www.sanatanmahakud.in

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୁରୁ



ଭୈରବ ପଧାନ

ମାଁ ଗୁରୁ, ବୁଆ ଗୁରୁ, ଗୁରୁ ଆନ୍ ପ୍ରଭୁ,
ମାଁ ବୁଆ କରିଛନ୍ ଯନମ୍ ସାର୍,ତଭୁ ଦେସନ୍ ସବୁ ।
ଗଛ୍ ଗୁରୁ ମାଏଟ୍ ଗୁରୁ, ଗୁରୁ ଅଟେ ପବନ୍,
ପାଏନ୍ ଗୁରୁ ଜୁଏ ଗୁରୁ ଆମର୍ ରଖସନ୍ ଜୀବନ୍ ।
ଜନ୍ ଗୁରୁ ବେଲ୍ ଗୁରୁ ଆମକୁ ହେସନ୍ ସାହା,
ସମକୁ ସମାନ୍ ଦେଖୁଥିସନ୍ ସମକୁ ହେସନ୍ ଆହା ।
ଦଶ୍ ଗୁରୁକେ ଭାବିଦେଖ ତୁମର୍ ଟିକେ ମନେ
ବାକି ଗୁରୁ ଯଦି କରବ୍,ଖଏରଚା ହେବା ଧନେ ।
ସତ୍ ଗୁରୁକେ ଚିହ୍ନିକରି ଯଦି ନେବ ଦୀକ୍ଷା
ନି ଛାଡନ୍ କେଭେଁ ମାଗି ଖାଏଲେ ବି ଭିକ୍ଷା ।

କୁଚିପାଲି, ବରଗଡ଼

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପିନ୍ଧାଇଦେଲ ରାଖି



ଆର୍ତ୍ତତ୍ରାଣ ଖୁର୍ଡ଼ିଆ

ଏନତା ଶରାବନେ ଭିଜିଥିଲି ଦିନେ
କଲେଜୁ ଫିରଲା ବେଲେ,
ଦିହିଁ ଥରୁଥିଲା ପାଏନ ବୁହୁଥିଲା
ଥପ୍ ଥପ୍ ଗୁଡ୍ ତଲେ.

ଥର୍ ଥରା ଦିହେଁ ଶିହରି ଯାଉଁଥେ
ନାଇଁ ପାରେ କହି କଥା,
ଅଖାଡୁଆ ବେଲେ ତୁମକୁ ଦେଖଲି
ତୁମେ ବି ନି ଧରି ଛତା.

ପହେଲା ଦେଖାନ ପ୍ୟାର୍ ଗଲା ହେଇ
ମନ୍ ନେଇଗଲ ଘିନି,
ନି ପାରଲି ଜାନି ହେଇଗଲି ଧନ
ମୁଇଁ ତମର୍ ଦିବାନି.

ଝୁମରା ହଜଲା ଭୁଖ୍ ବି ମରଲା
ଦିଶେ ମୁହୁଁ ଆରୁ ଗାଲ୍ ,
ଶରାବନ୍ ସର୍ ସରା ତୁମର୍ ସେ ଦିହିଁ
କରି ଦେଲା ମତେ କାଲ୍ .

ଏଟଁରାଇ କରି ଦେଖୁଥିଲ ମତେ
ହେଉଥିଲ କେତେ ଲାଜେ,
ଆଜି ଦେଖିନେଲେ ଭିରକି ଯାଏସ
ମୁହୁଁ ମୁଡି ନେସ କାଁଜେ.

କେତେ ଆଶ୍ ମୁଇଁ କରିଥିଲି ଧନ
ସବୁକେ ରଖଲ ବାକି,
ଶରାବନ୍ ମାସେ ଶରାବନି ହେଇ
ପିନ୍ଧାଇ ଦେଲ ରାଖି.

ବୀରମହାରାଜପୁର, ସୁବର୍ଣ୍ଣପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସେ କାଣା କହେଲା



କବି ପ୍ରସାଦ

ସେ କହେଲା
ମୁଇଁ ଶୁନନି
ହେଲେ ସେ କାଣା କହେଲା ?
ଆଏଜ୍ ତକ୍
ମୁଇଁ ବୁଝି ନି ପାରନି ।

ପାଏନର୍ ଧାରେ
ଯେନ୍ତା ଝୁରି ଚଢସି
ହେନ୍ତା,
ମୋର୍ ଭାବନାର୍ ଧାରେ
ହର୍ ହମେଶା
ହେ ଗୁଟେ କଥା
ଯେ, ସେ କାଣା କହେଲା ?

ଆଶା ତ ଥିଲା
ଜୀବନ୍ ଜିହିବାର୍ କାଯେ
ତାର୍ ସଁଗେ
ହେଲେ ମୁଇଁ କାଏଁ ଜାନେ
ଅଧା ରହିଯିବା
ବାଟ୍ ବହଁଣି, ଯିବା ଅରଦା ବାଟେ ।

କଥାନି ହେଇ ରହିଯେଇଛେ
ସୁରୁତା ହେଇ ଆସୁଥିସି
ହୁରୁଦର୍ ଝରକା ଦେଇ
ସେ ତ ଆଏସି
ହେଲେ ନି ଆସେ ସେ
ଆଏସି ଖାଲି ଭାବନାର୍
ଅଛରେ ହେଇ
କେଭେ ଦେଖି ନି ହୁଏ
ହେସି ଖାଲି ଅନୁଭବ୍ କରି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଲମର୍ ସିଆହି ଥି
ଧୋପ୍ କାଗଜର୍ ଉପୁରେ
କେଭେ କବିତା
କେଭେ କଥାନି
କେଭେ ଚିଠି ଆକାରେ
ବୁଝବାର୍ କେ
ଯୋଗ ବିଯୋଗ ହରନ ଗୁନନର୍
ଅନୁଶୀଲନି କଲେ ଘଲେ
ନି ହେଉଛେ ବୁଝି
ମନ୍ ଆଏଜ୍ ଭି ନୁରୁଛେ
ସେ ଅଜବ୍ ଉତ୍ତର୍ କେ
ଯେ,
ସେ କାଣା କହେଲା
ହଁ ସେ କାଣା କହେଲା ।

ସର୍ଗିଗୁଡା , ମଣ୍ଡଲ୍ , ବେଲପଡା , ବଲାଙ୍ଗିର
ମୋବାଇଲ - ୭୬୦୬୦୫୧୩୯୫

Magazine Downloaded from www.aahwaan.com

# ଗାର



ରାଜେଶ ପୂଜାରୀ

ମୁଇଁ ଯେତେବେଲେ
ଭରନ ଭରନ ଦୁଖେ
ଶିଝୁଥିସିଁ ଜେଠର୍ ମଏଧାନ୍ ଲେଖେ
ତମେ ପୁଷର୍ ସକାଲ୍ ବାଗିର ଶୀତଲ
ଛିଂଦୋଲ ବିଂଦୋଲ ସୁଖେ,

ଅଶୁନା କରସ ଶୁନି କରି
ମୋର କିର୍ଲା ଗୁଗା ହୁଆହୁଟା
ଦରଦନୁ  ଅସହନ ଯହ ଇଟା ।

ଇଗୁଡି ଥରେ
ଆଏତ ବେଲେ ସିନେ,
ବଢ଼େ ହୁସିଏର୍ ତ
ଖାଲି ସୁଲସୁଲି ଧୁକାଥି ଥିବ
ଗରେଲ୍ ହେଲାକି ବଦକିଦେବ..
ଆର୍ ମୁଇଁ ଚାପ୍ ଚାପ୍
ଶିତଲି ଚଢ଼ା କାଁଥିର ମାଏଟ୍ ହେଇ ଖପା ଖପା
ଖସରତ୍ ଯିମି
ଟପା ଦାଏକାର ମାରୁଥି ଘେଁସରତ୍ ଯିମି ।

ତୋକ୍ ନି ଚଢ଼ାତ,ହାତ ନି ବଢ଼ାତ
ଅବଗା ସାଂଗେ ଥିତ
ହେଟାନ ହେତା ବଡ଼ଭାରି ଶକତି ମୋର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନି ଭିଲ୍ ଆଏଲ,ଉଆଁଲି ହେଲ

ଗାରଟେ ଘିଚି ଦୁହିକର ମଝେ

ଖେଁଟାସ ବଲି ଘୋର

ବୁଡିଯାଏସି ଶୋର ।

ତମକୁ ଜାନଲିନ, ଚିହ୍ନଲିନ

ଭଲ୍ ଭାବେ ବୁଝଲିନ

ମରୁଥିମି ପଛେ,ସରୁଥିମି ପଛେ

ଫେର୍ ଭିଲ୍ କେନ୍ତା ଯେ

ମୁଇଁ କେଭେ ତୁମର ବାଗିର

ରହି ନାଇଁ ଜାନେ

ତୁମର ବେଲକେ ହେ ଗାରର୍ ବାହାରେ !

ଗାଁ-କୁଶମେଲ, ଜିଲ୍ଲା-ଝାରସୁଗୁଡ଼ା

ମୋ-୯୭୭୭୨୮୦୫୯୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆର୍ ନେଇଆସୁ ଫିରି



ହରିଶ୍ ତାଣ୍ଡି

ରାମ୍‌ନାମ୍ ସତ୍ କହି ବୁହିନେବେ
ମଶାନ୍ ପଦାର୍ ଠାନେ
କେତେ କାନ୍‌ଦି ବୁବି ଡାଖୁଥିବେ ତତେ
ନାଇଁ ସୁଭେ ତୋର୍ କାନେ ।
ନିଜର୍ ଲୋକ୍ ଯେ ମାଷେ ଦୁଇ ମାଷ୍
ତାପରେ ଦେବେଜେ ପାସ୍‌ରି
ଯାହାର୍ ବତ୍‌ରେ ଯିଏ ଯେନ୍‌ତା
ତୋର୍ ଧନେ ହେବେ ଆବ୍‌ରି ।
ବେଲ୍ ଥାଉ ଥାଉ ତର୍‌କୁ ରେ ମନ୍
କାଏଁଟା ପାର୍‌ବୁ ନେଇ
ଧନ୍ ସମ୍ପଦ୍ ଟଁକା ସୁନା ଯେତେ
ଘରେ ରଖିଥିଲେ ଥୁଇ ।
ଜାଣା ସାଗେଁନେବୁ ଜୁଗାଡ୍ କର୍‌ନ
ସମିଆ ଯଉଛେ ସରି
କାଏଁଯେ ବଏଲେ ସର୍‌ଲେ ସମିଆ
ଆର୍ ନେଇଆସୁ ଫିରି ।

ସାଲେପାଲି , ଗଜବନ୍ଧ , ସୁବର୍ଣ୍ଣପୁର
ମୋ - ୮୦୧୮୪୦୫୨୮୭

 Magazine Downloaded from www.aahwaan.com

# ଖଁଣିଆ



ଚିତ୍ତରଞ୍ଜନ ପଧାନ

ଆମର୍ କେନ୍ ଗଢ୍‌ଲା ଟା
ପୁରା ହେଇଛେ ଯେ
ବାଲି ଗଢ୍‌ଲା ଘର୍
ସପନର୍ ମହଲ୍
ସବୁତ ଖଁଣିଆ ରହିଛେ.....
ଆମର୍ କେନ୍ ଚାଲ୍‌ଲା ବାଟ୍
ପୁରା ହେଇଛେ ଯେ
ତୋର୍ ପ୍ରେମ୍‌ଥିଁ ଚଲାବାଟ୍
ତୋର୍ ସୁର୍‌ତା ଥିଁ
ଦେଖୁଥିବାର୍ ବାଟ୍
ସବୁ ତ ଖଁଣିଆ ରହିଛେ....

ଆମର୍ କେନ୍ ଦେଖ୍‌ଲା ସପନ୍
ପୁରା ହେଇଛେ ଯେ
ତୋର୍ ସାଙ୍ଗେ ସାତ୍ ଜନମ୍
ବିତାବାର୍ ଖାବ୍
ଛୁଆପିଲାର୍ ମାଁ,ଆର୍ ବା'...
ହେବାର୍ ଟିକେ ଆସ୍
ସବୁ ତ ଖଁଣିଆ ରହିଛେ......
ଆର୍ ମୋର୍ ସପନ୍
ମୋର୍ ଜୀବନର୍ ବାଟ୍
ଗଢ୍‌ଲା- ଭାବ୍‌ଲା ଘର୍
ପୁରା କର୍‌ମି ଏତ୍‌କର୍
ମୂଲ୍ କର୍‌ମି
ଯେନୁ ଖଁଣିଆ ରଖିଛେ....

ଡୁଙ୍ଗୁରିପାଲି, ଜମଲା, ପଦମ୍ପୁର, ବରଗଡ଼

Magazine Downloaded from www.aahwaan.com

# ସବେ ସମାନ



ନବୀନ ପଧାନ

ଗୁଟେ ନିୟମ୍ ଗୁଟେ ସମ୍ବିଧାନ୍
କାଶ୍ମୀର୍ ନୁ କୁମାରୀକା
କେନ୍ଦ୍ରଶାସିତ୍ ଅଞ୍ଚଲ୍ ହେଇ
ଲାଦାଖ ହେବାଅଲ୍ ଗା ।।
ତିନ୍ ଶ ସତୁର୍ ଧାରା ଉଠି
କାଶ୍ମୀର ହେଲା ସ୍ୱାଧିନ୍
ସାରା ଦେଶେଁ ସବେ ସମାନ୍
ନୁହେଁ କେ ଆନ୍ ଭିନ୍ ।।
ଗୁଟେ ପତାକା ଉଡ଼ିବା ଆମର୍
ଜନ ଗଣ ଗାଏମା
ସାନ୍ ବଡ୍ କିହେ ନୁହେସେ
ମିଳିମିଶି ରହେମା ।।
ଭାରତ୍ ଦେଶର୍ ସନ୍ତାନ ଆମେ
ସବେ ସବୁଥିଁ ସମାନ୍
ସାରା ଜଗତେ ସମ୍ମାନ ପାଏସି
ଆମର୍ ସମ୍ବିଧାନ ॥

ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ବାବୁପାଲି
ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀତ ମାସର କଳି



ବେଦବ୍ୟାସ ମାଝୀ

ରାତିର୍ ବାରବଜେ ଏତେ ଭିତରୁ
ସୁଭୁଥିଲା ପରେ ଗାଳି
ଅଥୋଥାଳି ହୋଇ ଉଠିପଡ଼ଲି
କାଣା ହେଇଗଲା ବଳି । ୧

ଜ୍ୟାକେଟ୍, କମଲ୍, ବର୍‌ଷେ ହେଲାନ
ଯାହା ଥିଲା ସବୁ ପଡ଼ି
ଇ ଅଧାରାତିଆ ଉଠି ପଡ଼ିକି
ହେଉଥନ୍ ରଡ଼ାରୁଡ଼ି । ୨

ଜ୍ୟାକେଟ୍ କହୁଛେ ଶୁଣ ଭାଇମାନେ
କିଏ ବାହାର୍‌ବା ଇ ପାଗେ
ଜଣା ପଡୁଛେ ଇ ବରଷ୍ ଥି
ମୁଇଁ ବାହାର୍‌ମି ଆଗେ । ୩

କମଲ୍ କହେଲା ଲାଜ୍ ନାଇ ତତେ
କହୁଛୁ ବଡ୍ ବଡ୍ କଥା,
ଆରେ ଋତୁଚକ୍ର ପରେ ବଦଲି ଯାଇଛେ
ମୁନୁଷର୍ ମୁଡ୍ ହେଉଛେ ବଥା । ୪

ଛଅ ଋତୁ ଆଉ ନାଇ ଦିସ୍‌ବାର୍
ଦିସେ, ବର୍ଷା ଆଉ ଖରା
ଗଛ ଲତା ସବୁ କମିଗଲା ବଲି
ଗରମ ବଢୁଛେ ପରା । ୫

ପତ୍‌ଲା ଚଡ଼କ୍ ଜ୍ୟାକେଟ୍ ମୁଡ଼େ
ଚୁପ୍ ହେଇଗଲା ମୁହୁଁ
କମଲ୍ ଆଡ଼େ ଦେଖିକରି ତା'ର
ଆଖିନୁ ଝରୁଥେ ଲୁହୁ । ୬

ଗ୍ଲୋବ୍, ଚାଦର୍, ମଫଲର୍ ଆଉ
ସ୍ୱେଟର୍ ଥିଲେ ଯେତେ
ଭେଁ ଭେଁ କରି କାନ୍ଦ୍‌ଲେ ସଭେଁ
ଦେଖିକରି ପରେ ମତେ । ୭

କୁଚିପାଲି, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏଖିଁର ପିତଲା



ଚନ୍ଦ୍ରଶେଖର ଗୋ

ଆକାଶକେ ଠଁକାଲି ଯେ,

ଘୁଟଘୁଟ ଅଁଧାର ଦିଶଲା

ଭାବଲି ଉଆଁସ ରାଏତ

ମାତର ଲୋକମାନେ କଥା ହଉଥାନ

ସୁନଲି..... ଆଏଜ ପୁନି ଆଏ ବଲି ।

ଜଂଗଲକେ ଠଁକାଲି ଯେ,

ଘୁଟଘୁଟ ଅଁଧାର ଦିଶଲା

ମାତର ଲୋକମାନେ କଥା ହଉଥାନ

ସୁନଲି..... ଜଂଗଲେ ଦଁ ଧରିଛେ ବଲି ।

ଏଁଖି ଯାହା ଦେଖଲି ହେଟା ସତ କରତିଁ

କି କାନେ ଯାହା ସୁନଲି ହେଟା ସତ କରତିଁ

ମୁଁଇ ଗୁଂଦଲେଇ ହେଇଗଲି

ଗୁମଖେଇ ବସଲି

ହୁରୁଦେହୁରୁଦ ଉଣାଁଲି ହେଲି... ଭାବ ପିରତି କେ

ସଜନି ପଲାଲା ଦିନୁ ଏଖିଁ ଝୁମରା ନେଇନ

ତାକେ ତ ଭାବିନେଇଥିଲି

ଏଁଖିର ପିତଲା ଏଁଖିର ଝୁମରା

କହତ ଝୁମରା ବିନା କାହୁଁ ପାଏବା ଉକିଆଁ

ଯେ ଆଏଁଖ ସଭ ଠିକଠାକ ଦେକଭା...।

କର୍ଲାଖମାର, ସିନାପାଲି, ନୂଆପଡ଼ା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପଲ୍ଲିଶ୍ରୀ ମେଳା



ଶେଷଦେବ ପଧାନ

ଭାଇମାନେ ଚାଲ ଦେଖିଯିମା ପଲ୍ଲିଶ୍ରୀ ମେଳା
ସେନ ଲାଗିଥିବା କେତେ ଠେଲା
କେତେ ଠେଲାର କେତେ ସାମାନ
ଲୋକ ଦେଖି ହେଉଥିସନ ଅନାବନା

ଲାଗି ରହେସି ଦଶଦିନ ଧରି ପଲ୍ଲିଶ୍ରୀ ମେଳା
କେତେ କାଣେ ଆନମି କହେସି ମୋର ପିଲା ।

ଲୋକ ଦେଖୁଥିସନ୍ ତାହାକେ ତାହାକେ
ଫାଲତୁ ପିଲା ଦେଖସନ ଟୁକେଲ୍ ମାନକେ
ଯେଭେ ସରଲା ପଲ୍ଲିଶ୍ରୀ ମେଳା
ସେଦିନୁ ଚାଲ୍‌ଲା ଚାଷୀର ଖେତଖଲା ।

ବି.ଏଡ୍., ଦ୍ୱିତୀୟ ବର୍ଷ
କଣ୍ଢେଇକେଲା, ଝାରସୁଗୁଡ଼ା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗାଁ



ସୁଶାନ୍ତ କୁମାର ସାହୁ

ଭାଲ୍ଲେ ସୋର୍ ପଡସି
ମୋର୍ ଗାଁର୍ ବାସି ପଖାଲ୍
ଆର,ଗାଁ ର ହାଟ୍ ,
ସବୁ ଦିନେ ବେଲ୍ ବୁଡଲେ
ସଭେଁ ସମକର ନ ଭେଟ୍ ଘାଟ ।
ମୋର୍ ଗାଁର ଚକେଲ୍ ଆର୍
ଅରସା ପିଠା ,
ବେଲ୍ ବୁଡିଆ କିରତନ୍ ଠାନେ
ଖୋଲ୍ ଆର୍ ଖଜ୍ଣି ପିଟା ।
ଗାଁ ର୍ ଶୀତ୍ ମାସ
ଝରୀ ବର୍ଷା ଆର୍ ଭୁଦୋ ଖରା,
ଗାଁର ନୂଆଁଖାଇ ଦଶରା
ଆର୍ କଲାସୀ ଯାତ୍ରା ।
ଭାଗବତ୍ ସୁନା, ସପ୍ତା ବସା
ଗାଁ ର୍ ଦଣ୍ଡ ଯାତ୍ରା ,
କେଭେଁ ନାଇଁ ହୁଏ ମନୁ ପସରା ।

ଗାଁ ର ଭାଏ ବୁହେନ୍
ମେଲି ଥି ହସି ଖୁସି ,
ସବୁବେଲେ କାଏଁଯେ-
ସୋର୍ ପଡ୍ସି ।
ମୋର୍ ଗାଁ ର ମାଏଟ୍
ମୋର୍ ମାଁ ର ସମାନ ,
କେଭେଁ ଭୁଲି ନି ପାରେ
ତାର୍ ଅବଦାନ ।
ମୋର୍ ଗାଁ କେ ମୁଇଁ
ତରସି ହେସି ,ଝୁରୀ ମର୍ସି ,
ଯେନ ଥିଲେ ତାର୍ ପାଦ ମାଏଟ୍ ଛି
ମୁଡିଆ ମାର୍ସି ମୁଇଁ ମୁଡିଆ ମାର୍ସି ।

ସୁବର୍ଣ୍ଣପୁର -୭୬୭୦୧୭
ମୋ-୯୯୩୭୯୮୭୪୭୭

Magazine Downloaded from www.aahwaan.com

# ଚାଷୀ ତୁଇ ଆଉ କେଡେ ମହାନ



ଧର୍ମେନ୍ଦ୍ର ବାରିକ

ନାଇ ଜାନେ ଖରା, ନାଇ ଜାନେ କାଁକର
ଖେତ୍ ଟା ଆଏ ତାର ବସାନ୍......
ନିଜେ ଭୁଖେ ରହି ସଁସାର୍ କେ ଖୁଆସି,
ତୁଇ ଚାଷି ଆଉ କେଡେ ମହାନ୍.........

ପାହାଁତିଆ ରାତୁ ପଲେଇ ଆଏସି ହୋ
ବଲଦ୍ ହଳେ କୁଁ ଧରି........
ଲୁକର୍ ଦିହେ ଥିସି ସାଲ୍, ସୁଇଟର୍ ଆର୍
ଟୁଆଲ୍ ଲୁହୁନ୍‌ଗି ଥୁ ତାର୍ ଦିନ୍ ଟାକ ଦେସି ସାରି........

ବାଖ୍ ନେ ନାଇ କେଭେଁ ନୁନ୍, ମିର୍ଚା, ବାସିଭାତ୍ ହୋ
ଗୁଲା ଦିନ୍ ଟାକୁ ଦେସି ଚଲେଇ.......
ଇ ଦୋସା, ଚାଉମିନ୍ ପାର୍ବା କାଏଁ ହୋ
ବାସିଭାତ୍ ର୍ ସୁଆଦ୍ କେ ହଲେଇ.......

ଯାହାର୍ ଧରମେ ଖାଏସି ଦୁନିଁଆ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାର କପାଲେ ଦେଇଛେ ଗରିବ୍ ଲେଖି.......

ସମିହା ସୂତ୍ରେ ସଁସାର୍ ବଦ୍ ଲୁଛେ ହେଲେ

ଚାଷୀ ବୁପ୍ ରା ଯେନ୍ ଥାକେ ଅଛେ ସେ ଥାକେ ଯେଇଛେ ରହି.......

ଜାନି, ଶୁନି, ଦେଖି ଇ ମୁନୁଷ୍ ର୍ ଚଳନ୍

ନାଇ ହୁର୍ ଗୁନି କିଛି ଆର୍ ନାଇଁ ଭାଲେ........

ମୁଇଁ ନୁହେଁ ଆଏ ସାନ୍, ମୋର୍ ଭି ଅଛେ ହୋ

ମାନ୍ ଏନ୍ତା କହି ମନ୍ କେ ବୁଝାସି କଲେ କଲେ.........

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭାରତୀୟ କାଳଗଣନା



ବୈକୁଣ୍ଠନାଥ ଖଟୁଆ

ଭାରତୀୟ କାଳ ଗଣନା ଅତି ପ୍ରାଚୀନ । ବେଦାଙ୍ଗ ଜ୍ୟୋତିଷ ଶାସ୍ତ୍ର ଗ୍ରହ ଓ ନକ୍ଷତ୍ରମାନଙ୍କର ଗତି ମାପି କାଳ ନିର୍ଣ୍ଣୟ କରୁଥିଲେ । ଲଗଧ ବେଦାଙ୍ଗ ଜ୍ୟୋତିଷର ରଚୟିତା । ଲଗଧଙ୍କଠାରୁ ଆର୍ଯ୍ୟଭଟ୍ଟଙ୍କ ସମୟ ପର୍ଯ୍ୟନ୍ତ ସଂହିତା ଯୁଗ ଥିଲା । ଏହାପରେ ସିଦ୍ଧାନ୍ତ ଯୁଗ ବରାହମିହିର ପର୍ଯ୍ୟନ୍ତ ପ୍ରଚଳିତ ହେଲା । ପୌଲିଶ, ରୋମକ, ବାଶିଷ୍ଟ, ସୌର ଓ ପୈତାମହ - ପ୍ରସିଦ୍ଧ ପଂଚ ସିଦ୍ଧାନ୍ତ ପ୍ରଚଳିତ ଅଟେ । ସୂର୍ଯ୍ୟ ସିଦ୍ଧାନ୍ତକୁ ବରାହ ମିହିର ଗୁରୁତ୍ୱ ଦେଇଛନ୍ତି ।

ଅତି ପ୍ରାଚୀନ କାଳରୁ ଲୋକେ ଦିନରାତି ବର୍ଷା-ଖରା-ଶୀତ ଅନୁଭବ କରୁଥିଲେ । ଠିକ୍ କେତେ ଦିନ ବ୍ୟବଧାନରେ ପୁଣି ଶୀତ ବା ବର୍ଷା ଆସିଯାଉଥିଲା । ସେମାନେ ଅନୁଭବ କଲେ ଅନ୍ଧାର ଓ ଆଲୋକ, ଏଥିରୁ ଜାଣିଲେ ଦିନ ଓ ରାତି, ଶୀତ ପରେ ପୁଣି ଶୀତ ଆସୁଛି, ଏଥିରୁ ଅନୁମାନ କଲେ ବର୍ଷ । ଚନ୍ଦ୍ରର ଅନ୍ଧାର ଆଲୋକରୁ ମାସର ଗଣନା କଲେ । ଏଇ ହେଲା ଦିନ ମାସ ଓ ବର୍ଷ ଗଣନା କରିବାର ଭିତ୍ତିଭୂମି ।

କେଉଁ ଜାଗାରେ ସମୟ କେତେ ଜାଣିବା ପାଇଁ ପୁରାଣମାନଙ୍କରେ ବର୍ଣ୍ଣନା ଅଛି । ରୈବତକ ରାଜାଙ୍କର ଝିଅଟିଏ ଥିଲା । ତା ନାଁ ରେବତୀ । ରେବତୀ ବହୁତ ଡେଙ୍ଗୀ ଥିଲା । ଉପଯୁକ୍ତ ବୟସ ହେବାରୁ ରାଜା ଝିଅକୁ ବିଭା କରିବାକୁ ଠିକ୍ କଲେ । ଝିଅ ଡେଙ୍ଗୀ ଥିବାରୁ କୌଣସି ରାଜକୁମାର ବିବାହ କରିବାକୁ ରାଜି ହେଲେ ନାହିଁ । ରାଜା ବଡ଼ ଚିନ୍ତାରେ ରହିଲେ । ଭାବିଲେ ବ୍ରହ୍ମା ଯଦି ସୃଷ୍ଟି କରିଛନ୍ତି, ବରପାତ୍ର ନିଶ୍ଚୟ ସୃଷ୍ଟି କରିଥିବେ । ଏ କଥା ବ୍ରହ୍ମାଙ୍କୁ ପଚାରିବାକୁ ଚିନ୍ତା କରି, ଏହାର ସମାଧାନ ପାଇଁ ରାଜା ଝିଅକୁ ଧରି ବ୍ରହ୍ମଲୋକକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଲେ । ସେ ଯେତେବେଳେ ସେଠାରେ ପହଁଚିଲେ ବ୍ରହ୍ମଲୋକରେ ବ୍ରହ୍ମାଙ୍କ ଦରବାରରେ ଗାନ୍ଧର୍ବମାନେ ଗୀତ ଗାନକରି ଚାଲିଥାନ୍ତି । ରାଜା କିଛି ସମୟ ଅପେକ୍ଷା କଲେ । ଗାନ୍ଧର୍ବମାନଙ୍କର ଗାଉଣାବାଜଣା ସରିବାପରେ ରାଜା ବ୍ରହ୍ମାଙ୍କ ପାଖକୁ ଗଲେ । ବ୍ରହ୍ମା ପଚାରିଲେ – ହେ ରାଜା ! କ'ଣ ପାଇଁ ଆସିଲ ? ରାଜା କହିଲେ - ଆପଣ ସଚରାଚର ଜୀବ ପାଇଁ ବର କନ୍ୟା ଠିକ୍ କରିଛନ୍ତି । ମୋ ଝିଅ ପାଇଁ କେଉଁ ବର ଠିକ୍ କରି ରଖିଛନ୍ତି ? ମୋ ଝିଅ ଡେଙ୍ଗୀ ହୋଇଥିବାରୁ ତାକୁ କେହି ବିବାହ କରୁନାହାନ୍ତି । ବ୍ରହ୍ମା କହିଲେ – ତୁମେ ଏଠାରେ ଯେତେ ସମୟ ଅପେକ୍ଷା କଲ ଏହି ବ୍ରହ୍ମ ଲୋକର ଅଳ୍ପ ସମୟ ଭିତରେ ମର୍ତ୍ତ୍ୟଲୋକରେ କେତେ ଯୁଗ ବହିଗଲାଣି । ବର୍ତ୍ତମାନ ମର୍ତ୍ତ୍ୟରେ ୨୭ ଚତୁର୍ଯୁଗ ବହିଗଲାଣି ୨୮ ଚତୁର୍ଯୁଗର ଦ୍ୱାପର ଶେଷହେବାକୁ ବସିଲାଣି । ତୁମେ ମର୍ତ୍ତ୍ୟଲୋକକୁ ଯାଅ । ମୁଁ ମର୍ତ୍ତ୍ୟଲୋକରେ ତୁମ ଝିଅ ପାଇଁ କୃଷ୍ଣଙ୍କର ବଡ଼ଭାଇ ବଳରାମଙ୍କୁ ଠିକ୍ କରି ରଖିଛି । ସେ ତାକୁ ହିଁ ବିଭାହେବେ । ତୁମେ ଫେରି ଯାଅ ଓ ତୁମ ଝିଅର ବିବାହ ବଳରାମଙ୍କ ସହିତ କରାଅ । ରାଜା ଫେରିଆସି ବଳରାମଙ୍କ ସହିତ ରେବତୀକୁ ବିବାହ କଲେ । ଏଥିରୁ ଜଣା ଯାଉଛି ବ୍ରହ୍ମଲୋକର ସମୟ ଓ ମର୍ତ୍ତ୍ୟଲୋକର ସମୟ ଭିତରେ ଫରକ୍ ଅଛି ।

ବୈଦିକ ମୁନିଋଷିମାନେ ସମଗ୍ର ବ୍ରହ୍ମାଣ୍ଡକୁ ୫ଟି ମଣ୍ଡଳରେ ବିଭକ୍ତ କରିଥିଲେ । (୧) ଚନ୍ଦ୍ରମଣ୍ଡଳ (୨) ପୃଥ୍ୱୀ ମଣ୍ଡଳ (୩) ସୂର୍ଯ୍ୟ ମଣ୍ଡଳ (୪) ପରମେଷ୍ଠି ମଣ୍ଡଳ ଓ (୫) ସ୍ୱୟଂମ୍ଭୁ ମଣ୍ଡଳ । ସୂର୍ଯ୍ୟ ମଣ୍ଡଳ ପରମେଷ୍ଠି ମଣ୍ଡଳ ଭିତରେ ଅବସ୍ଥାନ କରେ । ଏହି ପରମେଷ୍ଠି ମଣ୍ଡଳକୁ ଅକାଶ ଗଙ୍ଗା କହୁଛୁ । ସୂର୍ଯ୍ୟ ମଣ୍ଡଳର କେନ୍ଦ୍ରରୁ ପରମେଷ୍ଠି ମଣ୍ଡଳର କେନ୍ଦ୍ରକୁ ଅତିକ୍ରମ କରିବାକୁ ଯେତିକି ସମୟ ଲାଗିବ ତାକୁ ମନ୍ୱନ୍ତର କହନ୍ତି । ଏହାର ପରିମାଣ ହେଲା ୩୦,୬୭,୨୦,୦୦୦ ବର୍ଷ (୩୦ କୋଟି ଶତଷଠୀ ଲକ୍ଷ କୋଡ଼ିଏ ହଜାର ବର୍ଷ) ଏହାର ହିସାବ ଦିଆଯାଇଛି ।



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

(୫) ସ୍ୱୟମ୍ଭୁ ମଣ୍ଡଳ - ପରମେଷ୍ଠି ମଣ୍ଡଳ ସ୍ୱୟମ୍ଭୁ ମଣ୍ଡଳ ଚାରିପାଖରେ ବୁଲୁଛି ବା ସ୍ୱୟଂମ୍ଭୁ ମଣ୍ଡଳ ଭିତରେ ଅବସ୍ଥାନ କରେ । ଅର୍ଥାତ୍ ସୂର୍ଯ୍ୟଙ୍କର ଆକାଶ ଗଙ୍ଗା ଆଉ ଗୋଟିଏ ବଡ଼-ଆକାଶ ଗଙ୍ଗା ଚାରିପାଖରେ ଘୂରୁଛି । ଏହି ବଡ଼-ଆକାଶ ଗଙ୍ଗାକୁ ସ୍ୱୟମ୍ଭୁ ମଣ୍ଡଳ କହନ୍ତି । ଏହି ସମୟ ବା କାଳକୁ ଅତିକ୍ରମ କରିବାକୁ କଳ୍ପ କୁହାଯାଏ । ଅର୍ଥତ୍ ଏହାର ପରିମାଣ ୪,୩୨,୦୦,୦୦,୦୦୦ (୪ ଅରବ ୩୨ କୋଟି ବର୍ଷ) ବା ଏହାକୁ କଳ୍ପ କହନ୍ତି । ଏହା ବ୍ରହ୍ମାଙ୍କର ଗୋଟିଏ ଦିନ । ଦିନର ଲମ୍ବ ଯେତିକ ରାତିର ଲମ୍ବ ସେତିକି । ଏହା ବ୍ରହ୍ମାଙ୍କର ଅହୋରାତ୍ର । ଏହି ଅହୋରାତ୍ର ହେଲା ୮୬୪ କୋଟି ବର୍ଷ । ବ୍ରହ୍ମାଙ୍କର ଗୋଟିଏ ବର୍ଷ ହେଲା ୩୧ ଖରବ ୧୦ ଅରବ ୪୦ କୋଟି ବର୍ଷ । ବ୍ରହ୍ମାଙ୍କର ୧୦୦ ବର୍ଷର ଆୟୁ ହେଲା ୩୧ନୀଳ ୧୦ ଖରବ ୪୦ ଅରବ ବର୍ଷ (୩୧,୧୦,୪୦,୦୦,୦୦,୦୦,୦୦୦ = ୩.୧୧ x ୧୦ ୧୪ )

ଭାରତୀୟ ମୁନିଋଷିମାନେ ଆହୁରି ଅଧିକ ଗବେଷଣା କରି ସୃଷ୍ଟିର ଆରମ୍ଭରୁ କାଳର ଗବେଷଣା କରିଥିଲେ । ଋଗବେଦର ନାସଦୀୟ ସୂକ୍ତରେ ସୃଷ୍ଟି ଉତ୍ପତ୍ତିର ପୂର୍ବ ସ୍ଥିତିକୁ ବର୍ଣ୍ଣନା କରାଯାଇଛି - ସେତେବେଳେ ନା ସତ୍ ଥିଲା, ନା ଅସତ୍ ଥିଲା, ନା ଅବକାଶ ଥିଲା, ତେବେ ସେତେବେଳେ କଣ ଥିଲା । ସେତେବେଳେ ନା ମୃତ୍ୟୁ ଥିଲା, ନା ଅମୃତ୍ୟୁ, ନା ଦିନ ଥିଲା ନା ରାତି ଥିଲା । ସେ ସମୟରେ କେବଳ ମାତ୍ର ଥିଲା ସ୍ୱନ୍ଦନ-ଶକ୍ତି-ଯୁକ୍ତ ତତ୍ୱ ଥିଲା । ଆମ ମୁନିଋଷିମାନେ କାଳର ପରିଭାଷା ଦେବାକୁ ଯାଇ କହନ୍ତି – କାଳୟତି ସର୍ବାଣୀ ଭୂତାନି । ଏହି ବ୍ରହ୍ମାଣ୍ଡ ଥରେ ମାତ୍ର ସୃଷ୍ଟି ହୋଇଛି ଓ ନଷ୍ଟ ହେଲେ ସରିଯିବ । ରାଜା ପରୀକ୍ଷିତ ମହାମୁନି ଶୁକଦେବଙ୍କୁ ପ୍ରଶ୍ନ କରିଥିଲେ - କାଳ କ'ଣ ? ଶୁକମୁନି କହିଲେ – ବିଷୟମାନଙ୍କର ରୂପାନ୍ତର ହିଁ କାଳର ଆକାର । ଏହି କାଳର ମାପ ମହାମୁନି ଶୁକଦେବ ପ୍ରଥମେ ନିର୍ଦ୍ଧାରଣ କରିଥିଲେ । ତାଙ୍କ ମତରେ

୨ ପରମାଣୁ = ୧ ଅଣୁ

 Magazine Downloaded from www.aahwaan.com

୩ ଅଣୁ – ୧ ତ୍ରସ ଅଣୁ

୩ ତ୍ରସ ଅଣୁ – ୧ ତ୍ରୁଟି

୧୦୦ ତ୍ରୁଟି =୧ ବେଧ

୩ ବେଧ = ୧ ଲବ

୩ ଲବ =୧ ନିମିଷ

୩ ନିମିଷ= ୧ କ୍ଷଣ

୫ କ୍ଷଣ = ୧ କାଷ୍ଠା

୧୫ କାଷ୍ଠା=୧ ଲଘୁ

୧୫ ଲଘୁ= ୧ ନାଡ଼ିକା

୨ ନାଡ଼ିକା =୧ ମୁହୂର୍ତ୍ତ

୩୦ ମୁହୁର୍ତ୍ତ =୧ ଦିନ ରାତି

୭ ଦିନ - ୧ ସପ୍ତାହ

୨ ସପ୍ତାହ = ୧ ପକ୍ଷ

୨ ପକ୍ଷ = ୧ ମାସ

୨ ମାସ = ୧ ଋତୁ

୩ ଋତୁ = ୧ ଅୟନ

୨ ଅୟନ = ୧ ବର୍ଷ

ଶୁକମୁନିଙ୍କ ଗଣନା ଅନୁସାରେ ୧ ଦିନରାତି ୩୨୮୦୫୦୦୦୦୦ ପରମାଣୁ କାଳ ସହ ସମାନ । ମାତ୍ର ବର୍ତ୍ତମାନ ଅନୁସାରେ ୧ ଦିନରାତି ୮୬୪୦୦ ସେକେଣ୍ଡ । ଅତଃ ୧ ପରମାଣୁ କାଳ = ୩୨୮୦୫୦୦୦୦୦/୮୬୪୦୦= ୧/୩୭୯୬୮ । ମହାଭାରତ ମୋକ୍ଷ ପର୍ବରେ କାଳ

 Magazine Downloaded from www.aahwaan.com

ବିଷୟରେ ବର୍ଣ୍ଣନା କରାଯାଇଛି ।

୧୫ ନିମିଷ =୧ କାଷ୍ଠା

୩୦ କାଷ୍ଠା = ୧ କଳା

୩୦ କଳା = ୧ ମୁହୂର୍ତ୍ତର୍

୩୦ ମୁହୂର୍ତ୍ତ = ୧ ଦିନରାତି

ଦୁଇଟିଯାକ ଗଣନା ଅନୁସାରେ ସାମାନ୍ୟ ଫରକ ରହୁଛି । ଶୁକମୁନିଙ୍କ ମତରେ ୧ ମୁହୂର୍ତ୍ତରେ ୪୫୦ କାଷ୍ଠା, ମହାଭାରତ ଗଣନା ଅନୁସାରେ ୧ ମୁହୂର୍ତ୍ତ ୯୦୦ କାଷ୍ଠା ସଙ୍ଗେ ସମାନ । ମାତ୍ର ବ୍ରହ୍ମାଣ୍ଡର ଆୟୁ ଗଣନା ପାଇଁ ଏକ ବଡ଼ ଏକକ ଆବଶ୍ୟକ । ତେଣୁ ଏହାକୁ ଯୁଗ, ମନ୍ୱାନ୍ତର ଓ କଳ୍ପରେ ଗଣନା କରାଯାଉଥିଲା । ଏହା ମନୁ ସଂହିତାରେ ଉଲ୍ଲେଖ ଅଛି । ତାହା ହେଲା;

୧ କଳିଯୁଗ =୪,୩୨,୦୦୦ ବର୍ଷ

୨ କଳିଯୁଗ - ଦ୍ୱାପର ଯୁଗ = ୪,୩୨,୦୦୦ X ୨ = ୮,୬୪,୦୦୦ ବର୍ଷ

୩ କଳିଯୁଗ – ତ୍ରେତା ଯୁଗ =୪,୩୨,୦୦୦ X ୩ = ୧୨,୯୬,୦୦୦ ବର୍ଷ

୪ କଳିଯୁଗ – ସତ୍ୟଯୁଗ = ୪,୩୨,୦୦୦ X ୪ = ୧୭,୨୮,୦୦୦ ବର୍ଷ

୪ ଯୁଗର ସମାହାର = ୪,୩୨,୦୦୦ + ୮,୬୪,୦୦୦ + ୧୨,୯୬,୦୦୦ + ୧୭,୨୮,୦୦୦ = ୪୩,୨୦,୦୦୦ ବର୍ଷ

୭୧ ଚତୁର୍ଯୁଗ = ୧ ମନ୍ୱାନ୍ତର = ୪୩,୨୦,୦୦୦ X ୭୧ = ୩୦,୬୭,୨୦,୦୦୦ ବର୍ଷ

୧୪ ମନ୍ୱାନ୍ତର ବା ସାଧ୍ୟାଂଶ ୧୫ ସତ୍ୟଯୁଗ = ୧ କଳ୍ପ = ୩୦,୬୭,୨୦,୦୦୦ X ୧୪ = ୪୩୨,୦୦,୦୦,୦୦୦ ବର୍ଷ = ୪.୩୨ X ୧୦୯ ବର୍ଷ

ଏକ କଳ୍ପ ବ୍ରହ୍ମାଙ୍କର ଗୋଟିଏ ଦିନ । ରାତିଟି ମଧ୍ୟ ସେତିକି ବଡ଼ । ଏହିପରି ୧୦୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବର୍ଷ ବଂଚନ୍ତି ବ୍ରହ୍ମା । ବ୍ରହ୍ମାଙ୍କର ଜୀବନକାଳକୁ ଦୁଇଭାଗରେ ବିଭକ୍ତ କରାଯାଏ । ପୂର୍ବାର୍ଦ୍ଧ ଓ ପରାର୍ଦ୍ଧ । ପୂର୍ବାର୍ଦ୍ଧ ୫୦ ବର୍ଷ ଓ ଅପାରାର୍ଦ୍ଧ ୫୦ ବର୍ଷ । ପୂର୍ବାର୍ଦ୍ଧକୁ ପଦ୍ମ କଳ୍ପ କହନ୍ତି ଅପରାର୍ଦ୍ଧକୁ ଶ୍ୱେତବାରାହ କଳ୍ପ କହନ୍ତି । ବର୍ତମାନକୁ ପଦ୍ମକଳ୍ପ ୫୦ ବ୍ରହ୍ମା ଭୋଗ କରିସାରିଲେଣି । ଅପରାର୍ଦ୍ଧରକୁ ଶ୍ୱେତବାରାହ କଳ୍ପର ୭ମ ବୈବସୁତ ମନୁ କାଳ ଓ ୨୭ ଚତୁର୍ଯୁଗ ଶେଷ ହୋଇ ୨୮ ଚତୁର୍ଯୁଗର କଳିଯୁଗ ଚାଲୁଅଛି ଏବଂ ସତ୍ୟ, ଦ୍ୱାପର, ତ୍ରେତା ସରିଗଲାଣି ଏବେ କଳିଯୁଗ ଚାଲିଛି । ଏମିତି ୭୧ ଯୁଗ ସରିଲେ ବୈବସୁତ ମନୁଙ୍କ କାଳ ସରିବ । ବୈବସୁତ ମନୁଙ୍କ କାଳ ଆଉ ୪୪ ଯୁଗ ଅଛି । ଜଣେ ବ୍ରହ୍ମା ମଲେ ବିଷ୍ଣୁଙ୍କର ଏକ ନିମିଷ (ଆଖିପତା ପଡିବା ସମୟକୁ ନିମିଷ କହନ୍ତି) ହୁଏ । ବିଷ୍ଣୁଙ୍କ ଅନ୍ତେ ଆରମ୍ଭ ହୁଏ ରୁଦ୍ରଙ୍କର କାଳ, ଯିଏ ସ୍ୱୟଂ କାଳରୂପୀ ଓ ଅନନ୍ତ । ଏଥିପାଇଁ କାଳକୁ ଅନନ୍ତ କୁହାଯାଏ । ଏମିତି ବ୍ରହ୍ମାଙ୍କର ଗୋଟିଏ ଦିନର ସମୟ ୪୩୨,୦୦,୦୦,୦୦୦ ପୃଥିବୀରେ । ବ୍ରହ୍ମାଙ୍କର ଆୟୁ ୧୦୦ ବର୍ଷ, ବର୍ଷକ ୩୬୫ ଦିନ x ୧୦୦ = ୩୬୫୦୦ ଦିନ x ୪.୩୨ x ୧୦୯ = ୧୫୭୬୮୦୦୦୦୦୦୦୦୦୦୦ ପରାର୍ଦ୍ଧ ଦିନ ।

ବ୍ରାହ୍ମଣମାନେ ପୂଜାପାଠ କଲାବେଳେ ପ୍ରଥମେ ସଂକଳ୍ପ କରନ୍ତି । ସଂକଳ୍ପ ମନ୍ତ୍ରରେ କୁହାଯାଏ । ଓଁ ଅସ୍ୟ ଶ୍ରୀ ବିଷ୍ଣୋରାଜ୍ଞାୟ ପ୍ରବର୍ତମାନସ୍ୟ ବ୍ରହ୍ମାଣାଂ ଦ୍ୱିତୀୟୋରାର୍ଦ୍ଧେ - ଅର୍ଥାତ୍ ମହାବିଷ୍ଣୁଙ୍କଦ୍ୱାରା ପ୍ରବର୍ତିତ ଅନନ୍ତ କାଳଚକ୍ରରେ ବର୍ତମାନ ବ୍ରହ୍ମାଙ୍କର ଆୟୁର ଦ୍ୱିତୀୟ ପରାର୍ଦ୍ଧ (ବର୍ତମାନ ବ୍ରହ୍ମାଙ୍କ ଆୟୁର ୫୦ ବର୍ଷ) ପୂର୍ଣ୍ଣ ହୋଇଛି ଶ୍ୱେତବରାହ କଳ୍ପେ – କଳ୍ପେ ଅର୍ଥାତ୍ ବ୍ରହ୍ମାଙ୍କର ୫୧ ବର୍ଷର ପ୍ରଥମ ଦିନ ବୈବସ୍ୱତ ମନ୍ୱାନ୍ତରେ – ୧୪ଟି ମନ୍ୱାନ୍ତର ହେଲେ ବ୍ରହ୍ମାଙ୍କର ଗୋଟିଏ ଦିନ ହୁଏ । ବର୍ତମାନ ବ୍ରହ୍ମାଙ୍କର ୭ମ ମନ୍ୱାନ୍ତର ଅର୍ଥାତ୍ ବୈବସ୍ୱତ ମନ୍ୱାନ୍ତର ଚାଲିଛି । ଅଷ୍ଟବିଂଶତି ତମେ କଳିଯୁଗେ – ଏକ ମନ୍ୱାନ୍ତରରେ ୭୧ ଚତୁର୍ଯୁଗ ହୁଏ, ତନ୍ମଧ୍ୟରୁ ୨୮ତମ ଚତୁର୍ଯୁଗର କଳିଯୁଗ ଚାଲିଛି । କଳିଯୁଗର ପ୍ରଥମ ଚରଣେ କଳିଯୁଗର

 Magazine Downloaded from www.aahwaan.com

ପ୍ରାରମ୍ଭିକ ସମୟ, କଳିସମ୍ବତେ ବା ଯୁଗାବ୍ଦେ -କଳି ସମ୍ବତ୍ ବା ଯୁଗାବ୍ଦ - ବର୍ତ୍ତମାନ ୫୧୦୪ ଚାଲିଛି । ଜମ୍ବୁଦ୍ୱୀପେ, ବ୍ରହ୍ମାବର୍ତ୍ତ ଦେଶେ, ଭାରତ ଖଣ୍ଡେ, ଅମୁକ ଦେଶେ... ଅମୁକ ସମ୍ବତ୍ସରେ... ଅମୁକ ଅୟନେ... ଅମୁକ ଋତେ... ଅମୁକ ପକ୍ଷେ... ଅମୁକ ତିଥୌ... ଅମୁକ ବାସରେ... ଅମୁକ ଦିନ...

ଏହାକୁ ଯୁଗ କହାଯାଏ । ଏମିତି କେତେ ଯୁଗ ବହିଯାଇଛି । ତାର ହିସାବ ନାହିଁ । ଆଜି ବୈଜ୍ଞାନିକମାନେ ଏହି ଯୁଗକୁ ବିଭିନ୍ନ ନାମକରଣ କରିଛନ୍ତି । ଆମ ଶାସ୍ତ୍ରରେ ବ୍ରହ୍ମା ବିଷ୍ଣୁ ଓ  ମହେଶ୍ୱର କଥା ଉଲ୍ଲେଖ ଅଛି ।  ବ୍ରହ୍ମା ସୃଷ୍ଟିକର୍ତ୍ତା ସେ ସୃଷ୍ଟି ସଂରଚନା କରିଛନ୍ତି । ବିଷ୍ଣୁ ପାଳନକର୍ତ୍ତା ସେ ସୃଷ୍ଟିକୁ ଚଳାଉଛନ୍ତି । ମହେଶ୍ୱର ସଂହାରକର୍ତ୍ତା । ସେ ସୃଷ୍ଟିକୁ ବିନାଶ କରନ୍ତି ବା ଧ୍ୱଂସ କରନ୍ତି । ଏହାକୁ ପ୍ରଳୟ କହନ୍ତି । ଆଉ ଏହାକୁ ସୃଷ୍ଟି-ସ୍ଥିତି-ପ୍ରଳୟ କହନ୍ତି ।

ସୃଷ୍ଟିର ଆରମ୍ଭରୁ ଦିନ, ମାସ, ବର୍ଷ ଆଦିର ହିସାବ ନଥାଇ କେବଳମାତ୍ର କଳ୍ପରେ ହିସାବ କରୁଥିଲେ । ଏହି କଳ୍ପ ହେଉଛି ବ୍ରହ୍ମାଙ୍କର ଗୋଟିଏ ଦିନ । ବ୍ରହ୍ମାଙ୍କର ବୟସ ହେଉଛି ୧୦୦ ବର୍ଷ । ଏହା ଦୁଇ ଭାଗରେ ବିଭକ୍ତ ପୂର୍ବାର୍ଦ୍ଧ ଓ ପରାର୍ଦ୍ଧ ପୂର୍ବାର୍ଦ୍ଧ ୫୦ବର୍ଷ ଓ ପରାର୍ଦ୍ଧ ୫୦ ବର୍ଷ । କେହି କେହି ଏହାକୁ ୧୨୦ ବର୍ଷ କହନ୍ତି । ଏମିତି ୧୦୦ ବର୍ଷ ଏବଂ ୩୬୦ କଳ୍ପରେ /ଦିନରେ ବ୍ରହ୍ମାଙ୍କର ଗୋଟିଏ ବର୍ଷ ହୁଏ । ଏହି କଳ୍ପର ହିସାବ ଆହୁରି କୌତୂହଳପୂର୍ଣ୍ଣ । ଏହାକୁ ବୁଝିବା ବଡ଼ କଷ୍ଟକର କଥା । ଆମର ଯେମିତି ଦିନକୁ ୨୪ ଘଣ୍ଟା, ଘଣ୍ଟାକ ୬୦ ମିନିଟ୍, ମିନିଟିକ ୬୦ ସେକେଣ୍ଡ । ସେମିତି ବ୍ରହ୍ମାଙ୍କର ଗୋଟିଏ କଳ୍ପରେ ୧୪ଟି ଭାଗରେ ଗଣନା କରାଯାଏ । ଏହି ଭାଗକୁ ମନ୍ୱନ୍ତର କହନ୍ତି । ଏହା ଏଇଥିପାଇଁ ଯେ ଗୋଟିଏ ମନ୍ୱନ୍ତରରେ ଗୋଟିଏ ମନୁ ରାଜତ୍ୱ କରନ୍ତି । ତାଙ୍କ ପରେ ଆଉ ଜଣେ ମନୁ ରାଜତ୍ୱ କରନ୍ତି ଏହି ପରିବର୍ତ୍ତନକୁ ମନ୍ୱନ୍ତର କହନ୍ତି । ଏହି ୧୪ ଜଣ ମନୁ ହେଲେ (୧) ସ୍ୱାୟମ୍ଭୁବ ମନୁ (୨) ସ୍ୱାରୋଚିଷ ମନୁ (୩) ଉତ୍ତମି ମନୁ (୪)ତାମସ ମନୁ (୫) ରୈଇଛ ମନୁ (୬) ଚାକ୍ଷୁଷ ମନୁ (୭)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୈବସ୍ୱତ ମନୁ (୮) ସାବର୍ଣ୍ଣି ମନୁ (୯) ଦକ୍ଷସାବର୍ଣ୍ଣି ମନୁ (୧୦) ବ୍ରହ୍ମସାବର୍ଣ୍ଣି ମନୁ (୧୧) ଧନ-ସାବର୍ଣ୍ଣି ମନୁ (୧୨) ରୁଦ୍ରସାବର୍ଣ୍ଣି ମନୁ (୧୩) ଦେବ-ସାବର୍ଣ୍ଣି ମନୁ ଓ (୧୪) ଇନ୍ଦ୍ର-ସାବର୍ଣ୍ଣି ମନୁ । ଏହି ୧୪ ମନୁଙ୍କର ଗୋଟିଏ ଗୋଟିଏ ରାଜତ୍ୱ କାଳକୁ ୭୧ଭାଗରେ ବିଭକ୍ତ କରାଯାଇଛି । ଏହି ୭୧ ଭାଗ ଭିତରେ ପ୍ରତି ଭାଗରେ ୪ଟି ଯୁଗ ଆସିଥାଏ । ଏହାକୁ ଚତର୍ଯୁଗ କହନ୍ତି । ପୂର୍ବାର୍ଦ୍ଧକୁ ପଦ୍ମ କଳ୍ପ କହନ୍ତି ଓ ପରାର୍ଦ୍ଧକୁ ଶ୍ୱେତ ବାରାହ କଳ୍ପ କହନ୍ତି । ବର୍ତମାନ ପୂର୍ବାର୍ଦ୍ଧର ପଦ୍ମକଳ୍ପର ୫୦ ବର୍ଷ ଶେଷ/ ଭୋଗ ହୋଇ ପରାର୍ଦ୍ଧର ୭ମ ମନୁ ବୈବସ୍ୱତ ମନୁଙ୍କର ୭ମ କଳ୍ପ ୨୮ ତମ କଳ୍ପ ଶ୍ୱେତବାରାହ କଳ୍ପ ଚାଲିଛି । ଏହାକୁ କଳ୍ପାନ୍ତର କହନ୍ତି । ପ୍ରତି କଳ୍ପରେ ୪ଟି ଯୁଗ । ଏହି ଯୁଗର ନାଁ ହେଉଛି ସତ୍ୟ, ତ୍ରେତା, ଦ୍ୱାପର ଓ କଳି । ବର୍ତମାନ ୭୧ଟି ଚତୁର୍ଯୁଗର ୨୭ଟି ଚତୁର୍ଯୁଗ ସରି ୨୮ ଚତୁର୍ଯୁଗ ଚାଲିଛି । ଏହାକୁ ଶ୍ୱେତବାରାହ କଳ୍ପ କହନ୍ତି ।

ଆଜିକାଲି ବୈଜ୍ଞାନିକମାନେ ପୃଥିବୀ ସୃଷ୍ଟିର ସମୟକୁ ବିଭିନ୍ନ ଯୁଗରେ ହିସାବ କରୁଛନ୍ତି । ତାକୁ ଦିନରେ ହିସାବ କରି ନାହାନ୍ତି । ସେଗୁଡ଼ିକ ହେଲା – ପେଲୋଜୁଇକ, ମେସୋଜୁଇକ ଓ ଆଧୁନିକ ମେସୋଜୁଇକ ଯୁଗ । ପୁଣି ଏହି ଯୁଗ ଗୁଡ଼ିକୁ ବିଭିନ୍ନ ସମୟରେ ବିଭକ୍ତ କରିଛନ୍ତି । ସେଗୁଡ଼ିକ ହେଲା –

୧. ପେଲୋଜୁଇକ ଯୁଗ (କ) ପ୍ରିକାମ୍ବ୍ରିଆନ ସମୟ ୫୭୦-୪୬୦୦ ନିୟୁତ ବର୍ଷପୂର୍ବେ (ଖ) କାମ୍ବ୍ରିଆନ ସମୟ -୫୦୦ ରୁ ୫୭୦ ନିୟୁତ ବର୍ଷପୂର୍ବେ (ଗ) ଆରଡ଼ୋଭିସିୟନ ସମୟ -୪୩୮ ରୁ ୫୦୦ ନିୟୁତ ବର୍ଷପୂର୍ବେ (ଘ) ସିଲୁରିଆନ ସମୟ -୪୦୮ ରୁ ୪୩୮ ନିୟୁତ ବର୍ଷପୂର୍ବେ (ଙ) ଡ଼େଭୋନିଅନ ସମୟ -୩୬୦ରୁ ୪୦୮ ନିୟୁତ ବର୍ଷପୂର୍ବେ (ଚ) କର୍ବୋନିଫେରସ ସମୟ – ୨୮୬ ରୁ ୩୬୦ନିୟୁତ ବର୍ଷପୂର୍ବେ (ଛ) ପର୍ମିୟାନ ସମୟ – ୨୪୮ ରୁ ୨୮୬ ନିୟୁତ ବର୍ଷପୂର୍ବେ ।

 Magazine Downloaded from www.aahwaan.com

୨. ମେସୋଜୁଇକ ଯୁଗ (କ) ଟ୍ରାୟାସିକ ସମୟ – ୨୧୩-୨୪୮ ନିୟୁତ ବର୍ଷପୂର୍ବେ (ଖ) ଜୁରାସିକ୍ ସମୟ – ୧୪୪ ରୁ ୨୧୩ ନିୟୁତ ବର୍ଷପୂର୍ବେ (ଗ)କ୍ରେଟେସିଅସ୍ ସମୟ – ୬୫-୧୪୪ ନିୟୁତ ବର୍ଷପୂର୍ବେ ।

୩. ଆଧୁନିକ ମେସୋଜୁଇକ ଯୁଗ – (କ) ପାଲିଓସିନ୍ ସମୟ – ୫୫ ରୁ ୬୫ ନିୟୁତ ବର୍ଷପୂର୍ବେ (ଖ) ଇଓସିନ୍ ସମୟ – ୩୮ ରୁ ୫୫ ନିୟୁତ ବର୍ଷପୂର୍ବେ (ଗ)ମାଓସିନ୍ ସମୟ – ୫ ରୁ ୨୫ ନିୟୁତ ବର୍ଷପୂର୍ବେ (ଘ) ପ୍ଲିଓସିନ ସମୟ – ୨ ରୁ ୫ ନିୟୁତ ବର୍ଷପୂର୍ବେ (ଙ) ପ୍ଲେଷ୍ଟୋସିନ୍ ସମୟ - ୦.୦୧ ରୁ ୨ ନିୟୁତ ବର୍ଷପୂର୍ବେ (ଚ) ହେଲୋସିନ୍ ସମୟ - ଆଜିଠାରୁ ୨ ନିୟୁତ ବର୍ଷପୂର୍ବେ ।

ଯାହାକୁ ଆମର ପୁରାଣକାର ମତ୍ସ କଚ୍ଛପ ବରାହ ଅବତାର ଭାବରେ ଗ୍ରହଣ କରିଛନ୍ତି । ଜ୍ୟୋତିଷ ଶାସ୍ତ୍ର ତାକୁ କଳ୍ପ ହିସାବରେ ଗ୍ରହଣ କରିଛି । ଇତିହାସକାରମାନେ ଏହାକୁ ପ୍ରାଚୀନ ପ୍ରସ୍ତର ଯୁଗ ନୂତନ ପ୍ରସ୍ତର ଯୁଗ ବୋଲି କହୁଛନ୍ତି । ବୈଜ୍ଞାନିକମାନେ ଏହାକୁ ଜୁଇକ୍ ବୋଲି ଗ୍ରହଣ କରିଛନ୍ତି । ଯୁଗକୁ ଏହିପରି ବର୍ଗକରଣ କରାଯାଇଛି । ଯିଏ ଯାହା କହୁଥାଉ ନା କାହିଁକି ଯୁଗ ବହି ଚାଲିଛି, ଏମିତି ବହି ଚାଲିଥିବ ।

ଏଲ୍-୨୪୨/ଫେଜ-୧,ଡୁମୁଡୁମା ହା.ବୋ. ଭୁବନେଶ୍ୱର-୧୯

(ମୋ-୯୭୭୭୧ ୪୩୪୮୫)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତପଃପ୍ରଭା



ଦୀପକ ଷଡ଼ଙ୍ଗୀ

**ମୂଳ ଅନୁବାଦ : ✓ପଣ୍ଡିତ ଶ୍ରୀ ଶତ୍ରୁଘ୍ନ ମିଶ୍ର ,ସାହିତ୍ୟାଚାର୍ଯ୍ୟ**

**ପୁନଃ ଉପସ୍ଥାପନ : ଦୀପକ ଷଡ଼ଙ୍ଗୀ**

ସ୍ୱର୍ଗୀୟ ପଣ୍ଡିତ ଶ୍ରୀ ଶତ୍ରୁଘ୍ନ ମିଶ୍ର ମୋର ପିତାମହ ଓଡିଶାର ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ କୁଜଙ୍ଗସ୍ଥ ସମଗୋଳ ଶାସନରେ ୧୯୨୪ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ପ୍ରାୟ ୩୩ ବର୍ଷ କାଳ ସେ ତାଙ୍କ ଇହକାଳରେ ପ୍ରଧାନ ସଂସ୍କୃତଶିକ୍ଷକ ରୂପେ ଓଡିଶାର ବିଭିନ୍ନ ସ୍ୱନାମଧନ୍ୟ ସରକାରୀ ଉଚ୍ଚବିଦ୍ୟାଳୟ ମାନଙ୍କରେ କାର୍ଯ୍ୟ କରିଥିଲେ । ଓଡିଆ ସାହିତ୍ୟ, ଭାଗବତ, ପୁରାଣ, ପୋଥି, ହିନ୍ଦୀ ଓ ସଂସ୍କୃତ ଭାଷାରେ ଥିଲା ଶ୍ରୀ ମିଶ୍ରଙ୍କର ଅଗାଧ ପାଣ୍ଡିତ୍ୟ । ବୈଦିକ କ୍ରିୟାକର୍ମରେ ସିଦ୍ଧହସ୍ତ ଓ ଅକୃପଣ ପରାମର୍ଶ ଲୋକଙ୍କୁ ଦେବାରେ ନିଜର ସାରା ଜୀବନ ବିତାଇଥିଲେ ବି ସାରସ୍ୱତ ସାଧନରେ ସେ ଥିଲେ ଅଦିତୀୟ । ତାଙ୍କର ସ୍ୱରଚିତ ଗୀତି କବିତା, ଗଳ୍ପ, ସଂସ୍କୃତରେ ରଚିତ ଅନୁବାଦ ଗୁଡିକ ଖୁବ ପାଠକୀୟ ଆଦୃତି ଲାଭ କରିଛି । ଶଂସିତ ପଦ୍ୟାଂଶଟି ବ୍ୟାସଦେବଙ୍କର ରଚିତ ସଂସ୍କୃତ ମହାଭାରତରୁ ଉଦ୍ଧୃତ କରାଯାଇଥିବା "ତପଃପ୍ରଭା" ବିଷୟର ପଦ୍ୟାନୁବାଦ ।

ପାଣ୍ଡବ ବଂଶର ପୂର୍ଣ୍ଣ ସୁଧାକର ପରୀକ୍ଷିତ ମହାରାଜା
ଭାରତ ଭୂମିର ଚତୁର୍ଦ୍ଦିଗେ ତାଙ୍କ ଉଡୁଥିଲା କୀର୍ତ୍ତି ଧ୍ୱଜା ।
ବେଦ ବିଧି ଧର୍ମେ ଦେବପ୍ରୀତି କର୍ମେ ସଦାଥିଲା ତାଙ୍କ ମତି
ଶତ୍ରୁ ବିନାଶନେ ସଜାଗ ପ୍ରହରୀ ଦୁଷ୍ଟେ ଲଭୁଥିଲେ ଭୀତି ।
ଚାରି ଅଶ୍ୱମେଧୀ ଯାଗ ନିର୍ବିଘ୍ନରେ ସଂପୂର୍ଣ୍ଣ କରି ଭୂପାଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯଥାକାଳେ ବୃଷ୍ଟି ଯୋଗୁଁ ଶସ୍ୟପୂର୍ଣ୍ଣ ଧରାଥିଲା ସୁଶ୍ୟାମଳ ।
ଦେବଦ୍ୱିଜ ଗୁରୁ ମିତ୍ର ସମର୍ଚ୍ଚନେ ସର୍ବଦା ପ୍ରସନ୍ନ ମତି
ପ୍ରଜାହିତ କର୍ମେ ପ୍ରଜାହିତ ଧର୍ମେ ମହରାଜା ଥିଲେ ବ୍ରତୀ ।
ଦୁଷ୍ଟ ସଂହାରଣେ ଶିଷ୍ଟ ସୁପାଳନେ ବିପକ୍ଷ ବିହୀନ ଧରା
ବିପକ୍ଷ ଗଣଙ୍କ ବିପକ୍ଷ କଳ୍ପନା ରବି ପ୍ରଭାସ୍ପର୍ଶେ ତାରା ।
ଧେନୁ ରୂପଧରା ବୃକ୍ଷରୂପୀ ଧର୍ମ ବାନ୍ଧିତାଙ୍କୁ ବାହୁବଳେ
ଦୁର୍ଦ୍ଦାନ୍ତ ବିଧର୍ମୀ କଳିଯୁଗ ତାଙ୍କୁ ଦଣ୍ଡୁଥିଲା ମଦ ଭୋଳେ ।
ମହାରାଜା ତାର ଦୁର୍ଦ୍ଦାନ୍ତ ପ୍ରକୃତି ଦେଖି ରତ ଦୁଷ୍ଟ କର୍ମେ
ନିଗୁଡ ବନ୍ଧନେ ନିସ୍ତେଜ ଶରୀରେ ରଖିଥିଲେ ସତ୍ୟଧର୍ମେ ।
ସେ କଳିର ପ୍ରାଣ ବିନାଶ ନିମନ୍ତେ ଅସ୍ତ୍ର ଉତ୍ତୋଳନ କଲେ
ତାହାର ବିନୀତ ଦୈନ୍ୟ ନିବେଦନ ରାଜନ ଚିତ୍ତେ ଚିନ୍ତିଲେ ।
ଦୟାଳୁ ନୃପତି ପ୍ରାର୍ଥୀ ଦୈନ୍ୟ ମତି ଦେଖି ଯାଚିଦେଲେ ସ୍ଥାନ
ଦୂତ-କ୍ରୀଡା, ହିଂସା ନାରୀ, ମଦ୍ୟପାନ ଏହି ଚାରି ସ୍ଥାନ ଘେନ ।
କଳିର ଦ୍ୱିତୀୟ ଅନୁରୋଧେ ନୃପ ଦେଲେ ସୁବର୍ଣ୍ଣରେ ସ୍ଥାନ
ଆଉ କେବେ ଥରେ ଦେଖିଲେ ଏ ସ୍ଥାନେ ପ୍ରାଣଦଣ୍ଡ ଦେବି ଜାଣ ।
ରେ କଳି ଅଧମ ଦୁର୍ଦ୍ଦାନ୍ତ ବିଧର୍ମୀ ନ ଆସିବୁ ଏହି ଦେଶେ
ସୁପବିତ୍ର ଯାଗ ପୂଜା ବେଦ ଧର୍ମ ଚିର ବ୍ରହ୍ମାବର୍ତ୍ତ ଦେଶେ ।
ପଞ୍ଚସ୍ଥାନେ ରହ ଏ ଦେଶ ବ୍ୟତୀତ ନ ଦେଖିବି ପୁନର୍ବାର
ଦେଖିଲେ ନିଶ୍ଚୟ ତୋ ପ୍ରାଣ ନାଶିବି ଚିନ୍ତିରଖ ହୃଦେ ତୋର ।

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ, ବ୍ରହ୍ମପୁର, ଓଡ଼ିଶା

Magazine Downloaded from www.aahwaan.com

# ହିନ୍ଦୁ ଧର୍ମାଚରଣ ବିଜ୍ଞାନସମ୍ମତ



ସୁମିତା ଦେବୀ

**"ହିନ୍ଦୁ ଧର୍ମାଚରଣ..... ସମ୍ପୂର୍ଣ୍ଣ ବିଜ୍ଞାନ ସମ୍ମତ"**

ମାନବ ପୃଥିବୀରେ ବାସ କରେ । ପୃଥିବୀ ଏକ ଗ୍ରହ । ତେଣୁ ପୃଥିବୀ ଗ୍ରହର ପ୍ରଭାବ ମାନବ ଉପରେ ନିଶ୍ଚିତ ଭାବରେ ପଡ଼େ । ମୁଣ୍ଡ ଉପରେ ଆକାଶ; ଆକାଶରେ ଅଗଣିତ ତାରା, ନକ୍ଷତ୍ର, ଗ୍ରହ, ଉପଗ୍ରହ ଇତ୍ୟାଦି ଇତ୍ୟାଦି । ମଣିଷର ଦୈନନ୍ଦିନ ଜୀବନ ଯାତ୍ରାରେ ଏହି ସବୁର ଅତିଶୟ ପ୍ରଭାବ ପଡ଼େ । ସେଥିରୁ କିଛି ମଣିଷ ବୁଝିପାରେ, ଆଉ କିଛି ତା'ର ବୁଝିବା କ୍ଷମତାର ସୀମା ବାହାରେ । କିନ୍ତୁ ପ୍ରତ୍ୟେକଟି କାର୍ଯ୍ୟକଳାପ ମଣିଷ ଉପରେ, କିଛି ନା କିଛି, ଅଳ୍ପ ବହୁତ ପ୍ରଭାବ ପକାଇଥାଏ । ସାମାଜିକ ଚଳଣିର ସୁଧାର ନିମନ୍ତେ ଧର୍ମକର୍ମ, ରୀତିନୀତି ଅବଲମ୍ବନ ତଥା ପୁରାଣ ଶାସ୍ତ୍ରର ପଠନ, ଅବଲମ୍ବନ ଓ ପାଳନ ନିଶ୍ଚିତ ରୂପେ ମଣିଷର ଜୀବନ ପଥକୁ ନିୟନ୍ତ୍ରିତ କରିଥାଏ ଯାହା କି ସମ୍ପୂର୍ଣ୍ଣ ବିଜ୍ଞାନସମ୍ମତ ।

ବହୁ ଯୁଗରୁ ମଣିଷକୁ ଧର୍ମଭୟ କବଳିତ କରି ରଖିଛି । ତେଣୁ ସେ ବିଜ୍ଞାନକୁ ଯେତେ ଦୂର ଭୟ କରେ ନାହିଁ ବା ମାନେ ନାହିଁ, ତା ଠାରୁ ଖୁବ୍ ଅଧିକ ଧର୍ମ ନାମରେ ଭୟଭୀତ ହୁଏ ବା ଧର୍ମକୁ ମାନେ । ଯେପରି କି ବସନ୍ତ ରୋଗ ହେଲେ, ଡାକ୍ତରୀ ଚିକିତ୍ସା ବିଜ୍ଞାନସମ୍ମତ ହେଲେ ବି ଆଜିର ଆଧୁନିକ ଯୁଗର ମାନବ ମଧ୍ୟ ହସ୍ପିଟାଲକୁ ଯିବା ବଦଳରେ ଘରେ ଠାକୁରାଣୀକୁ ପୂଜା କରି ହଳଦୀ, ଝୁଣା ଇତ୍ୟାଦି ପ୍ରୟୋଗ କରେ ଏବଂ ନିମ ପତ୍ର ଡ଼ାଳରେ ରୋଗୀର ଶରୀରକୁ ଝାଡ଼େ । କିନ୍ତୁ ଅସଲ କଥା ହେଲା, ଏହା ମୂଳରେ ଏକ ଗଭୀର ବିଜ୍ଞାନସମ୍ମତ କାରଣ ରହିଛି ଯାହାକି ହଳଦୀ, ଝୁଣା ଓ ନିମ ପତ୍ରରେ ବସନ୍ତ ରୋଗର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବାଣୁକୁ ଦମନ ଓ ଧ୍ୱଂସ କରିବାର ଔଷଧୀୟ ଗୁଣ ଅଛି । ସେହିପରି ରନ୍ଧା ଖାଦ୍ୟରେ ଦୁଇ ଚାରୋଟି ତୁଳସୀ ପତ୍ର ଢ଼ାଳିଦେଲେ, ତାହା ଖାଦ୍ୟକୁ ସତେଜ ଓ କୀଟାଣୁମୁକ୍ତ ରଖେ, ତା ବିଜ୍ଞାନସମ୍ମତ । କିନ୍ତୁ ତୁଳସୀ ପଡ଼ିଲେ ମଣୋହି ହୁଏ ବୋଲି ଧର୍ମଭାବନା ରହିଛି । ହିନ୍ଦୁ ଧର୍ମରେ ସମସ୍ତେ ବାଡ଼ିଅଗଣାରେ ତୁଳସୀ ଚଉଁରା କରି ତୁଳସୀ ଗଛକୁ ଦେବତା ରୂପେ ପୂଜା କରନ୍ତି । ଏଥିରେ ବି ବିଜ୍ଞାନ ଲୁଚି ରହିଛି । ସାଧାରଣତଃ ତୁଳସୀ ଗଛ ଯେତେ ପରିମାଣରେ ଅମ୍ଳଜାନ ଦିଏ, ଅନ୍ୟ କୌଣସି ବୃକ୍ଷରୁ ସେତେ ପରିମାଣରେ ତାହା ମିଳେ ନାହିଁ । ଦୈନନ୍ଦିନ ତୁଳସୀ ପତ୍ର ସେବନ କଲେ ଥଣ୍ଡା, ଜ୍ୱର, କାଶ ଇତ୍ୟାଦି ଭଲ ହେବା ସହ କର୍କଟ ରୋଗ ଭଳି ମାରାତ୍ମକ ରୋଗରୁ ଉପଶମ ମିଳିଥାଏ ତଥା ରକ୍ତଚାପ ନିୟନ୍ତ୍ରଣ ରହିଥାଏ । ଚନ୍ଦନ, ତିଳକ, କପାଳଟୀକା ମସ୍ତିଷ୍କକୁ ଶାନ୍ତି ଦେଇଥାଏ, ଅନ୍ୟକୁ ଆକୃଷ୍ଟ କରିଥାଏ; କିନ୍ତୁ ମଣିଷ ଏହାକୁ ପୂଜା ଧର୍ମ ଭାବି ପ୍ରୟୋଗ କରିଥାଏ ।

ହିନ୍ଦୁ ଧର୍ମର ତଥା ଓଡ଼ିଶା ପ୍ରଦେଶ ଏପରି କି ସମଗ୍ର ଭାରତ ବର୍ଷର ପର୍ବପର୍ବାଣୀ ଧର୍ମ ଅର୍ଥରେ ପାଳନ କରାଯାଏ । କିନ୍ତୁ ତା ଭିତରେ ବିଜ୍ଞାନ ଲୁଚି ରହିଛି – ଯେପରି କି କାର୍ତ୍ତିକ ମାସରେ ହବିଷାନ୍ନ ଭୋଜନ; ଏହା ଋତୁ ପରିବର୍ତ୍ତନ ଜନିତ ତାପମାତ୍ରାର ଆକସ୍ମିକ ପତନ ଯୋଗୁଁ  ଖାଦ୍ୟ ହଜମ ମନ୍ଦ ପ୍ରକ୍ରିୟାକୁ ସନ୍ତୁଳନ କରିବା ନିମନ୍ତେ ଉଚିତ୍ ଫଳ ଓ ପନିପରିବା ସେବନ ପାଇଁ ଇଙ୍ଗିତ ମାତ୍ର ଯାହା କି ସମ୍ପୁର୍ଣ୍ଣ ବିଜ୍ଞାନସମ୍ମତ । କାରଣ, ଏହି ସମୟରେ ସୂର୍ଯ୍ୟର ତାପମାତ୍ରା ହଠାତ୍ କମିଯିବାରୁ ଖାଦ୍ୟ ହଜମ ସମସ୍ୟାକୁ ଦୂରେଇବା ପାଇଁ ଏହି ରୀତି ଅବଲମ୍ବନ କରାଯାଏ । କିନ୍ତୁ ଏହାକୁ ଧର୍ମ ନାମରେ ହିଁ ମାନ୍ୟ କରାଯାଏ । ଏହି ସମୟରେ ମାଛ ରୋଗାକ୍ରାନ୍ତ ହୋଇଯାଏ । ତେଣୁ ଆମିଷ ସେବନ ନିଷେଧ କରାଯାଇଥାଏ । ସେହିପରି ସବୁ ମାସରେ ସଂକ୍ରାନ୍ତି ପାଳନ ତଥା ମାର୍ଗଶୀର ମାସରେ ମାଣବସା ଗୁରୁବାର

 Magazine Downloaded from www.aahwaan.com

ଗୁଡ଼ିକରେ ସମଗ୍ର ଗୃହ-ବାଡ଼ିରେ ଗୋବର ଲେପନ ଓ ଝୋଟି ଅଙ୍କନ ପରମ୍ପରାର ମହତ୍ତ୍ୱ ବି କମ୍ ବିଜ୍ଞାନସମ୍ମତ ନୁହେଁ । କାରଣ, ଗୋବର ଓ ଝୋଟିର ପିଠଉରେ ଜୀବାଣୁ ଓ କୀଟାଣୁ ନାଶ କଲା ଭଳି ଗୁଣ ଅଛି । ଏବଂ ଏହା କରିବା ଦ୍ୱାରା ଘର, ଦାଣ୍ଡ, ବାଡ଼ିର ଶୋଭା ବି ବଢ଼ିଥାଏ, ଯାହାକି ମନକୁ ସ୍ୱଚ୍ଛତା ଓ ଶାନ୍ତି ଦେଇଥାଏ । ରଜ ସଂକ୍ରାନ୍ତିରେ ଦାଣ୍ଡ ବାଡ଼ିରେ ଗୋବର ଲିପିବା ପ୍ରଥାର ଅସଲ କାରଣ ଏହି ଯେ ବର୍ଷାର ଆରମ୍ଭ ସମୟ – ସର୍ପ, ବିଛା ଇତ୍ୟାଦି ସରୀସୃପ ମାନଙ୍କର ରହିବା ସ୍ଥାନରେ ବର୍ଷାପାଣି ଭରିଯାଏ, ତେଣୁ ସେଗୁଡ଼ିକ ଘର ଭିତରକୁ ଆସିଯାଆନ୍ତି । ଗୋବର ଲେପିବା ଦ୍ୱରା ସେମାନେ ଘରେ ପଶନ୍ତି ନାହିଁ । ଦୀପାବଳି ପର୍ବରେ ଯେଉଁ ଧୁଆଁ ସୃଷ୍ଟି ହୁଏ, ତାହା ମଶା ମାଛି ଗୁଡ଼ିକୁ ନଷ୍ଟ କରିଥାଏ । ଏହାର ଗନ୍ଧରେ ଅସରପା ଏବଂ କେତେକ ସରୀସୃପ ଜାତୀୟ ଅନିଷ୍ଟକାରୀ ପ୍ରାଣୀ ଅତିଷ୍ଠ ହୋଇଯା'ନ୍ତି । ଘିଅ ଦୀପରୁ ନିର୍ଗତ ଧୂଆଁ ପରିବେଶକୁ ପ୍ରଦୂଷଣ-ମୁକ୍ତ କରିଥାଏ । ହିନ୍ଦୁ ଧର୍ମରେ ସମୟ ସମୟରେ ଜାଗଯଜ୍ଞାଦି କର୍ମ କରାଯାଏ । ସେଥିରୁ ନିର୍ଗତ ଧୂଆଁ ପରିବେଶକୁ ସ୍ୱଚ୍ଛ ଓ ସୁସ୍ଥ ରଖିବାରେ ସାହାଯ୍ୟ କରେ । ବିଭିନ୍ନ ପର୍ବାପର୍ବାଣୀରେ ପଞ୍ଚାମୃତ ବ୍ୟବହୃତ ହୁଏ । ପାଞ୍ଚଟି ପଦାର୍ଥର ସମ୍ମିଶ୍ରଣରେ ପ୍ରସ୍ତୁତ ପଞ୍ଚାମୃତ ଶରୀରକୁ ପୋଷକ ଦିଏ ଓ ସେଥିରେ ରୋଗ ପ୍ରତିଷେଧକ କ୍ଷମତା ଥାଏ । କିଛି ଦିନରେ ଥରେ ଉପବାସ କଲେ ପେଟ ସଫା ହୁଏ ଓ ହଜମ କ୍ରିୟା ସକ୍ରିୟ ହୁଏ । ଏହା ବିଜ୍ଞାନସମ୍ମତ କାରଣ, କିନ୍ତୁ ଏହାକୁ ଧର୍ମ ବା ପୂଜା ପଦ୍ଧତିର ଏକ ଅଂଶ ରୂପେ ହିଁ ପାଳନ କରାଯାଏ ।

ହିନ୍ଦୁ ଧର୍ମରେ ବର, ନିମ, ବେଲ, ତୁଳସୀ ଭଳି ବୃକ୍ଷ ଓ ସାପ, ଷଣ୍ଢ, ଗାଇ, ହାତୀ ଭଳି ପଶୁଗୁଡ଼ିକୁ ପୂଜା ଅର୍ଚ୍ଚନା କରାଯାଏ ଯାହାଦ୍ୱାରା କି ଉଦ୍ଭିଦ ଓ ପ୍ରାଣୀମାନଙ୍କର ସୁରକ୍ଷା ଓ ସଂରକ୍ଷଣ କରିବାକୁ ଭବିଷ୍ୟ ପୀଢ଼ିକୁ ପ୍ରେରଣା ଓ ଉତ୍ସାହ ଦିଆଯାଇଥାଏ । ବଟବୃକ୍ଷ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାତିରେ ବି ଅମ୍ଳଜାନ ଦେଇଥାଏ । ବିବାହ ଓ ଅନ୍ୟାନ୍ୟ ପର୍ବପର୍ବାଣୀ ସମୟରେ ମଞ୍ଜୁଆତି ପତ୍ର ବା ଚେରମୁଳି ଦ୍ୱାରା ପ୍ରସ୍ତୁତ ମେହେନ୍ଦୀ ଲେପନ ଶରୀରକୁ ଥଣ୍ଡା ଓ ଶାନ୍ତ କରାଇଥାଏ ଏବଂ ମନରେ ସକାରାତ୍ମକ ଭାବନା ସୃଷ୍ଟି କରାଇଥାଏ ।

ଆମ ସଂସ୍କୃତିରେ ସାଷ୍ଟାଙ୍ଗ ପ୍ରଣିପାତ, ନମସ୍କାର, ଯୋଗମୁଦ୍ରା, ଆସନ, ପ୍ରାଣାୟମ ଇତ୍ୟାଦି କରିବାର ଧାର୍ମିକ ଓ ସାଂସ୍କୃତିକ ଚଳଣି, ପ୍ରଥା ରହିଛି ଯାହା ସମ୍ପୂର୍ଣ୍ଣ ବିଜ୍ଞାନସମ୍ମତ । ନମସ୍କାର କରିବା ଦ୍ୱାରା ଦୁଇ ହସ୍ତର ଅଙ୍ଗୁଳିଗୁଡ଼ିକର ଶୀର୍ଷଭାଗ ପରସ୍ପରକୁ ସଂଯୋଗ ହୋଇଥାଏ ଯାହାଦ୍ୱାରା ଦୃଷ୍ଟି, ଶ୍ରବଣ ଓ ମନ ଇନ୍ଦ୍ରିୟଗୁଡ଼ିକ କ୍ରିୟାଶୀଳ ଓ ଶକ୍ତ ହୁଅନ୍ତି । ହସ୍ତଦ୍ୱାରା ପାଦସ୍ପର୍ଶ କରି ପ୍ରଣାମ କରିବା ପ୍ରଥା ଆମ ହିନ୍ଦୁ ଧର୍ମରେ ରହିଛି ଯାହାଦ୍ୱାରା କି ପ୍ରଣାମ କରୁଥିବା ବ୍ୟକ୍ତିକୁ ଗୁରୁଜନ ତଥା ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କଠାରୁ କିଛି ଜ୍ଞାନ, ଗୁଣ ଓ ସତ୍ତ୍ୱ ପ୍ରବାହିତ ହୋଇଥାଏ । ଯୋଗ ଓ ପ୍ରାଣାୟାମ କରିବା ଦ୍ୱାରା ମଧ୍ୟ ବହୁତ ଶାରୀରିକ ଉପାଦେୟ ମିଳିଥାଏ । କପାଳର ମଧ୍ୟଭାଗରେ ଅର୍ଥାତ୍ ଦୁଇ ଭୃଲତାର ମଧ୍ୟସ୍ଥଳରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ନାୟୁକେନ୍ଦ୍ର ଅଛି । ତିଳକ ବା ସିନ୍ଦୁର ଏହି ଜାଗାରେ ଲଗାଇଲେ ମନ ନିୟନ୍ତ୍ରିତ ହୋଇ ନକାରାତ୍ମକ ଚିନ୍ତାରୁ ମୁକ୍ତ ହୋଇଥାଏ ଏବଂ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି ହୋଇଥାଏ । ସିନ୍ଦୁର ବା ତିଳକ ଲଗାଇଲା ବେଳେ ଆଦ୍ୟଚକ୍ରରେ ଆଙ୍ଗୁଠି ଚାପ ପଡ଼େ ଯାହାଦ୍ୱାରା ମୁଖର ମାଂସପେଶୀ ଗୁଡ଼ିକର ରକ୍ତସଂଚାଳନ ପ୍ରକ୍ରିୟା ତ୍ୱରାନ୍ୱିତ ଓ ସୁଗମ ହୋଇଥାଏ ।

ମନ୍ଦିରର ଘଣ୍ଟା ଏପରି ଶୈଳୀରେ ତିଆରି କରାଯାଇଥାଏ, ଯାହାର ପ୍ରତିଧ୍ୱନି ଶୁଣିବା ଦ୍ୱାରା ସାତ ସେକେଣ୍ଡ ପର୍ଯ୍ୟନ୍ତ ଆମର ବାମ ମସ୍ତିଷ୍କ ଓ ଦକ୍ଷିଣ ମସ୍ତିଷ୍କର କୈନ୍ଦ୍ରିକ ଭାରସାମ୍ୟ ସୃଷ୍ଟି ହୋଇ ଶରୀରକୁ ନିରୋଗ ରଖିବା ଶକ୍ତି ମିଳିଥାଏ ଓ ଧୀ ଶକ୍ତି ବଢ଼ିଥାଏ ।

 Magazine Downloaded from www.aahwaan.com

ହିନ୍ଦୁ ଧର୍ମୀୟ ପର୍ବପର୍ବାଣୀ ତଥା ବିବାହ ଓ ମନ୍ଦିରରେ ଶଙ୍ଖ ବଜେଇବା ପରମ୍ପରା ବହୁ ପୁରାତନ କାଳରୁ ରହିଆସିଅଛି । ଶଙ୍ଖ ଫୁଙ୍କିବା ଦ୍ୱାରା ବା ଶଙ୍ଖଧ୍ୱନି ଶୁଣିବା ଦ୍ୱାରା ମଣିଷ ଉପରେ ବହୁତ ସୁପ୍ରଭାବ ପଡ଼ିଥାଏ । ଆମେରିକାର ମନସ୍ତାତ୍ତ୍ୱିକ ଓ ହୃଦରୋଗ ବିଶେଷଜ୍ଞମାନେ ଗବେଷଣା କରି ପ୍ରତିପାଦନ କରିଛନ୍ତି ଯେ ଲଗାତାର ଶଙ୍ଖ ଫୁଙ୍କିବା ବ୍ୟକ୍ତି ବା ଏହି ଧ୍ୱନିକୁ ଶୁଣିବା ବ୍ୟକ୍ତି ହୃଦ୍‌ରୋଗରେ ପୀଡ଼ିତ ହୁଅନ୍ତ ନାହିଁ କିମ୍ବା ହୃଦ୍‌ରୋଗୀ ଲଗାତାର ଏହା ଶୁଣିବା ଦ୍ୱାରା ଧୀରେ ଧୀରେ ରୋଗରୁ ଉପଶମ ପାଇଥାଏ ।

ଧର୍ମ ଶାସ୍ତ୍ର, ପୁରାଣ, ଭାଗବତ ଇତ୍ୟାଦି କେବଳ ଧର୍ମ ଅର୍ଜନ ପାଇଁ ପାଠ କରାଯାଏ ତାହା ନୁହେଁ, ସେଥିରୁ ଆମକୁ ଅଧିକ ନୈତିକ ଶିକ୍ଷା ଓ ସାମାଜିକ ଚଳଣୀ ଶିକ୍ଷା ମିଳିଥାଏ - ଯଥା ଭାଗବତର ଚବିଶ ଗୁରୁ ଉପଖ୍ୟାନରୁ ଆମକୁ ବହୁତ ଶିକ୍ଷା ମିଳିଥାଏ । ରାମାୟଣ ଶାନ୍ତି, ସଦ୍ଭାବ ଓ ଭକ୍ତି, ସତ୍ୟ ତଥା ଆତିଥେୟତା ପ୍ରଭୃତି ଭଲ ଗୁଣର ଶିକ୍ଷା ଦେଇଥାଏ । ଆଜିକାଲି ଘରକୁ ବୋହୁଟିଏ ଆସିଲେ ତାକୁ କିପରି ଆପଣା କରିବା ଶୈଳୀ ରାମାୟଣର ଦଶରଥ ଚରିତ୍ରରୁ ଆମେ ଶିକ୍ଷା କରିପାରୁ । ସୀତା ବୋହୁ ହୋଇ ଆସିବା ପରେ ଦଶରଥ ଘରର ସମସ୍ତ ସଭ୍ୟଙ୍କୁ ବୁଝାଇଥିଲେ ଯେ ସୀତାକୁ ଘରର ଦୁହିତା ରୂପେ ବ୍ୟବହାର ଦେଖାଇଲେ ସେ ବାପଘର ଭୁଲି ଅତି ଶୀଘ୍ର ଆମ ସମସ୍ତଙ୍କୁ ଆପଣାର କରିନେବ । ଆଜିର ସମାଜ ଏହି ଶିକ୍ଷା କରିବା ଉଚିତ । ସେହିପରି ଶିବ ପୁରାଣରୁ, ଆମେ ପରିବାର ମଧ୍ୟରେ ବିଭିନ୍ନ ଭେଦଭାବ ଥିବା ବ୍ୟକ୍ତିମାନଙ୍କ ମଧ୍ୟରେ କିପରି ତାଳମେଳ ଖାଇ ଉତ୍ତମ ବୁଝାମଣାର ସହ ଜୀବନଯାପନ କରିପାରିବା, ତାହା ଶିକ୍ଷା ମିଳେ । ଯେପରି କି ଶିବଙ୍କ ବାହନ ବୃଷଭ, ତାଙ୍କ ଗଳାର ହାର ସର୍ପ, ପାର୍ବତୀଙ୍କ ବାହନ ସିଂହ, କାର୍ତ୍ତିକେୟଙ୍କ ବାହନ ମୟୂର ଓ ଗଣେଶଙ୍କ ମୂଷିକ ବାହନ । କିନ୍ତୁ ଗୋଟିଏ ପରିବାର ମଧ୍ୟରେ ଶାନ୍ତିରେ ସମସ୍ତେ ରହି

 Magazine Downloaded from www.aahwaan.com

ପାରିଥିଲେ । ଏଥିରୁ ସହନଶୀଳତା, ପ୍ରେମ, ସ୍ନେହଭାବ, ଭକ୍ତି ଇତ୍ୟାଦି ସଦ୍ଗୁଣର ଶିକ୍ଷାମିଳେ ।

ପରିଶେଷରେ ଏହା ସ୍ପଷ୍ଟ ଯେ ଧର୍ମ ନାମରେ ଆମେ ଯାହା ସବୁ ପାଳନ ବା ଅବଲମ୍ବନ କରୁ ତାହା ସବୁ ସମ୍ପୂର୍ଣ୍ଣ ବିଜ୍ଞାନସମ୍ମତ । ତଥାପି ସମାଜରେ କିଛି କୁସଂସ୍କାର ଓ ଅନ୍ଧବିଶ୍ୱାସ ଆଜିର ଯୁଗରେ ମଧ୍ୟ ତିଷ୍ଠି ରହିଛି । ତାହା ସବୁ ଦୂର କରା ହୋଇପାରିଲେ ଏକ ସୁନ୍ଦର, ସୁସ୍ଥ ସମାଜ ଗଠିତ ହୋଇପାରିବ । ସମସ୍ତେ ଶାନ୍ତି, ସୌହାର୍ଦ୍ଦ୍ୟରେ ବଞ୍ଚିପାରିବେ । ଆଧୁନିକତାର ଚାକଚକ୍ୟରେ ନିମଜ୍ଜିତ ନ ହୋଇ ପୂରାତନ ସୁସଂସ୍କାର ଓ କୁସଂସ୍କାର-ରହିତ ପ୍ରଥା ଓ ଚଳଣିକୁ ସଠିକ୍ ଭାବେ ଅବଲମ୍ବନ କଲେ ପରିବେଶ ପ୍ରଦୂଷଣ-ମୁକ୍ତ ହୋଇପାରିବ ତଥା ସମଗ୍ର ଜଗତର ବିଭିନ୍ନ ସମାଜରେ ଶାନ୍ତି, ମୈତ୍ରୀ ଓ ସଦ୍ ଭାବ ସୃଷ୍ଟି ହୋଇପାରିବ ।

ସୁବର୍ଣ୍ଣପୁର, ଜରଡ଼ାଗଡ,ଗଞ୍ଜାମ

ମୋବାଇଲ୍ ନଂ - ୯୪୩୭୯୧୫୫୪୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗଣନାୟକ ନାମ କାହିଁକି ?



ନରେନ୍ଦ୍ର ପ୍ରସାଦ ବେହେରା

## ଗଣେଶଙ୍କୁ ଗଣନାୟକ ବୋଲି କୁହାଯାଇଥାଏ କାହିଁକି ?

ରାଜା ଅଭିଷେକ ଓ ତାଙ୍କ ରାଣୀ ଗୁଣବତୀଙ୍କର କେହି ସନ୍ତାନ ନଥିଲେ । ଏହି କାରଣରୁ ରାଜା ଓ ରାଣୀ ଦୁଃଖରେ ଥିଲେ । ଥରେ ସେମାନେ ଜଣେ ଋଷିଙ୍କୁ ଦେଖାକରି ନିଜର ସମସ୍ୟା ଜଣାଇଲେ । ଋଷିଙ୍କ ନିର୍ଦ୍ଦେଶ ମୁତାବକ ପୂଜା କରିବାରୁ ରାଜା ଓ ରାଣୀଙ୍କର ଏକ ସୁନ୍ଦର ପୁତ୍ର ଜାତ ହେଲା । ପୁତ୍ରର ନାଁ ରଖାଗଲା ଗଣ । ଗଣ ବଡ଼ ହୋଇ ଭଗବାନ ଶିବଙ୍କୁ ତପସ୍ୟା କଲା । ମହାଦେବ ତା'ର ତପସ୍ୟାରେ ସନ୍ତୁଷ୍ଟ ହୋଇ ତା'କୁ ବରଦାନ ଦେଲେ । ମହାଦେବଙ୍କ ଠାରୁ ଶକ୍ତିଶାଳୀ ହେବାର ବରଦାନ ପାଇ ଗଣ ଅତ୍ୟାଚାରୀ ହୋଇଉଠିଲା । ଦିନେ ଗଣ ନିଜ ସୈନ୍ୟଙ୍କ ସହ ଶିକାରରେ ବାହାରିଲେ । ବହୁ ସମୟ ଧରି ବୁଲିବା ପରେ ମଧ୍ୟ ତା' ଭାଗ୍ୟରେ ଶିକାରଟିଏ ଜୁଟିଲା ନାହିଁ । ଗଣ ଓ ତା'ର ସୈନ୍ୟମାନେ ଜଙ୍ଗଲରେ ବୁଲୁ ବୁଲୁ କପିଳ ମୁନିଙ୍କ ଆଶ୍ରମରେ ପହଞ୍ଚିଲେ । ମୁନି ସେମାନଙ୍କୁ ଖାଇବା ପାଇଁ ଆମନ୍ତ୍ରଣ କଲେ । ମୁନିଙ୍କ ନିକଟରେ ଇନ୍ଦ୍ରଙ୍କ ଦ୍ୱାରା ପ୍ରଦତ୍ତ ଚିନ୍ତାମଣି ଥିଲା । ସେହି ଚିନ୍ତାମଣିକୁ ମୁନି ଖାଦ୍ୟ ମାଗି ରାଜକୁମାର ଗଣ ଓ ତା'ର ସୈନ୍ୟମାନଙ୍କୁ ପରଷି ଦେଲେ । ସ୍ୱାର୍ଥପର ଗଣ ମୁନିଙ୍କୁ ସେହି ମଣି ମାଗିଲା । କପିଳ ମୁନି ତା'କୁ ଚିନ୍ତାମଣି ଦେବାକୁ ମନାକରି ଦେଲେ । ମାତ୍ର ଗଣ ବଳପୂର୍ବକ ମୁନିଙ୍କ ଠାରୁ ମଣିଟିକୁ ଛଡାଇ ନେଲା । ନିରାଶ ହୋଇ ମୁନି କପିଳ ଭଗବାନ ଗଣେଶଙ୍କୁ ଡାକିଲେ । ଗଣେଶ ପ୍ରକଟ ହୋଇ କପିଳ ମୁନିଙ୍କୁ ଚିନ୍ତାମଣି ଫେରାଇ ଆଣିବା ଲାଗି ପ୍ରତିଶ୍ରୁତି ଦେଲେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏହାପରେ ଗଣକୁ ସ୍ୱପ୍ନାଦେଶ ହେଲା । ଚିନ୍ତାମଣି ଫେରାଇ ଦେବାକୁ ଗଣେଶ ତା'କୁ ସ୍ୱପ୍ନରେ କହିଲେ । ମାତ୍ର ସ୍ୱପ୍ନାଦେଶକୁ ଖାତିରି କଲା ନାହିଁ ଗଣ । ସେ ଗଣେଶଙ୍କ ସହ ଯୁଦ୍ଧ କରିବାକୁ ବାହାରିଲା । ଘମାଘୋଟ ଯୁଦ୍ଧ ହେଲା । ଶେଷରେ ଗଣେଶଙ୍କ ହାତରେ ଗଣର ପ୍ରାଣ ଗଲା । ସେଥିପାଇଁ ଗଣେଶଙ୍କୁ ଗଣନାୟକ କୁହାଯାଇଥାଏ । ଗଣେଶ ଚିନ୍ତାମଣି ଆଣି କପିଳମୁନିଙ୍କୁ ଦେଲେ । ମାତ୍ର ମୁନି କହିଲେ, ଏହି ମଣି ସର୍ବଦା ମୋ ପାଇଁ ଚିନ୍ତାର କାରଣ ପାଲଟିଛି । ଏଣୁ ଆପଣ ଏହାକୁ ନିଜ ପାଖରେ ରଖନ୍ତୁ । ଗଣେଶ ଚିନ୍ତାମଣିକୁ ନିଜ ପାଖରେ ରଖିଲେ । ଏହି ଘଟଣା ପରେ କପିଳ ମୁନି ଗଣେଶଙ୍କ ଏକ ମନ୍ଦିର ପ୍ରତିଷ୍ଠା କଲେ । ସେହି ମନ୍ଦିର ଚିନ୍ତାମଣି ବିନାୟକ ମନ୍ଦିର ଭାବେ ପ୍ରସିଦ୍ଧ ହେଲା । ଯାହା ଏବେ ମହାରାଷ୍ଟ୍ରର ପୁନେ ସହର ନିକଟରେ ଥିବା ଅଷ୍ଟ ବିନାୟକ ମନ୍ଦିର ମଦଧ୍ୟରୁ ଅନ୍ୟତମ ।

ନରେନ୍ଦ୍ର ପ୍ରସାଦ ବେହେରା, ଆଳଦା, ଖଇରା, ବାଲେଶ୍ୱର, ମୋ–୯୮୫୩୧୪୨୫୧୦*

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାମାଜିକ ମୂଲ୍ୟବୋଧ



ମନୋଜ କୁମାର ପଣ୍ଡା

ସାମାଜିକ ମୂଲ୍ୟବୋଧ ଓ ଆମର କର୍ତ୍ତବ୍ୟ

ଛାଇ ଲେଉଟାଣି ବେଳେ । ସୂର୍ଯ୍ୟ ଢଳି ଢଳି ଯାଉଛନ୍ତି । ସେଦିନ ମୁଁ ଏବଂ ମୋର ସାଙ୍ଗ ରତ୍ନାକର ଟୁଡୁ ମା ବଡ଼ ମଙ୍ଗଳାଙ୍କ ମନ୍ଦିର ଦେଖିବାକୁ ଯାଉଥିଲୁ । ବାଟରେ ଐତିହାସିକ ତାଳଦଣ୍ଡା ନାଳ ପଡେ । ହଠାତ ଆମେ ଯାହା ଦେଖିଲୁ ନିଜର ଆଖିକୁ ବିଶ୍ୱାସ କରିପାରିଲୁ ନାହିଁ । କାରଣ ଏକ ଦୟନୀୟ ଦୃଶ୍ୟ ଉପରେ ଆମ ଦୁଇଜଣଙ୍କ ଆଖି ଲାଖି ଯାଇଥାଏ । ଦୃଶ୍ୟଟି ଥିଲା ଏକ ୧୦/୧୨ବର୍ଷର କିଶୋରୀ ବାଳିକାର କରୁଣ କ୍ରନ୍ଦନ । ସେଦିନର ସେହି ବ୍ୟସ୍ତତାକୁ ଖାତିର ନକରି ମୁଁ ଝିଅଟି ପାଖକୁ ଯାଇ ପଚାରିଲି, କିରେ ଏମିତି ଏକୁଟିଆ ରେଳ ଧାରଣା ଉପରେ ବସି କାନ୍ଦୁଛୁ କାହିଁକି ?

କିଛି ନୀରବତା ପରେ ରୁଦ୍ଧ କଣ୍ଠରେ କାନ୍ଦି କାନ୍ଦି ସେ ଯାହା ଉତ୍ତର ଦେଲା ଆମେ ସ୍ତମ୍ଭିଭୂତ ହୁଇଗଲୁ । ସେ ଆମକୁ କହିଲା - ଭାଇ ! ମୁଁ ପାଖ ଗାଁରେ ଜଣେ ବଡ ଲୋକଙ୍କର ଘରେ ନିତିଦିନିଆ ଚାକରାଣୀ । ସବୁଦିନ ବହୁ ଯତ୍ନର ସହକାରେ କାମ କରି ମଧ୍ୟ ବାବୁଆଣୀର ଅଭିଯୋଗର ଶିକାର ହୁଏ । କିନ୍ତୁ ସେସବୁ ସହିନିଏ । ଆଜି କିନ୍ତୁ ଆଉ ସହିପାରିଲି ନାହିଁ । କାରଣ ଆଜି ବାସନ ମାଜୁ ମାଜୁ ବାବୁଆଣୀ ମୋତେ ମନଇଚ୍ଛା ଗାଳିକରି ଖଡ଼ିକାରେ ଚେଙ୍କ ଦେଇ ଘରୁ ତଡିଦେଲେ ଓ କହିଲେ ତୁ ଆଉ କାମକୁ ଆସିବୁ ନାହିଁ । ତେଣୁ ମୁଁ ଏଠାରେ ଏମିତି ବସି ରେଲଗାଡିକୁ ଅପେକ୍ଷା କରିଛି, ଏହା କହୁଥାଏ ଆଉ ବହୁତ ଜୋରରେ କାନ୍ଦୁଥାଏ । ଟୁଡୁ ପଚାରିଲା ଟ୍ରେନକୁ କାହିଁକି ଅପେକ୍ଷା କରିଛୁ ଟ୍ରେନ କଣ

 Magazine Downloaded from www.aahwaan.com

ଏଠି ରହିବ କି? ସେ ବହୁତ ଜୋରରେ କାନ୍ଦିକରି କହିଲା ଶୁଣିଚି ଟ୍ରେନ ଧାରଣାରେ ଶୋଇଗଲେ ସହଜରେ ମରିହୁଏ ବୋଲି । ମୁଁ ନିଜକୁ ଆଉ ସମ୍ଭାଳି ପାରୁନି ଭାଇ ମୁଁ ମରିବାକୁ ଚାହେଁ । ଏହି ସମୟରେ ଏକ ଯାତ୍ରୀବାହୀ ଟ୍ରେନ ଆସିଲା ସେ ଦୌଡ଼ିଲା ଆମ ଠାରୁ ଟ୍ରେନ ଆଡକୁ ମୁଁ ଆଉ ଟୁଡୁ ବାକଶୂନ୍ୟ ହୋଇଗଲୁ । କିଛି ଘଟିବା ପୂର୍ବରୁ ଆମେ ତାକୁ ଧାରଣା ତଳକୁ ନେଇ ଆସିଲୁ । ମୁଁ କହିଲି ଚାଲ ତୋ ଘରକୁ ଯିବା ସବୁ କିଛି ବୁଝିବା ସେଇଠି, ନାଇଁ ଭାଇ ଘରକୁ ଗଲେ ମୋ ନୂଆ ମା' ମୋତେ ମାରିବ । ଝିଅଟି ଉତ୍ତର ଦେଲା । ମୁଁ କହିଲି କାହିଁକି ତୋତେ କଣ ଘରେ କେହି ଭଲ ପାଆନ୍ତି ନାହିଁ?

ପୁଣି ଏକ ଦୁଃଖଦ ବୟାନ ଦେଲା । କହିଲା ମୁଁ ଯେତେବେଳେ ଆଠ ବର୍ଷର ହୋଇଥିଲି ମା ମରିଗଲା ଆଉ ମା ମରିଯିବା ପରେ ବା ଆଉ ଗୋଟିଏ ମା'କୁ ଆଣିଲେ, ମୁଁ ବହୁତ ଖୁସି ଥିଲି ହେଲେ କିଛି ଦିନ ଯିବା ପରେ ମୋତେ ମାରିଲା ସବୁବେଳେ କାମ କରିବାକୁ କହିଲା କାମ ନକଲେ ଗାଳିଦେଲା ମାରିଲା ଏମିତି ବହୁତ କଷ୍ଟ ସେ ଦେଉଛି ମୋତେ । ଆଜି ଯଦି ମୋତେ ନେଇକରି ଯିବ ସେ କହିବ ତୋର ସବୁ ଭୁଲ, ତୁ କାମ ନକରି ବାହାନା କରୁଚୁ, ଯାଉଛୁ ନା ଏଇନେ ପିଟିକରି ଛକ ପକାଇ ଦେବି ।

ନିଷ୍ପାପ ଶିଶୁଟିର କରୁଣ କାହାଣୀ ଶୁଣି ବଡ଼ ଦୁଃଖ ଲାଗିଲା, ପୁଣି କିଛି ଅଘଟଣ ନ ଘଟୁ ବୋଲି ମନରେ ବିଚାର କରି ତାକୁ ସାଥିରେ ନେଇ ଆସିଲୁ, ରାତିରେ ମେସରେ ଥିବା ସବୁ ପିଲାଙ୍କୁ ଜଣାଇଲି ଏହି କଥା ସମସ୍ତେ ଏକଥା ଶୁଣି ମନଦୁଃଖ କଲେ ଏବଂ ଏହି କଥା ସମସ୍ତେ ଜାଣିଗଲେ ଧୀରେ ଧୀରେ । ରାତିରେ ସେ ଝିଅ ଆମ ମେସରେ ରୋଷେଇ କରୁଥିବା ମାଉସୀ ପାଖରେ ରହିଲା । ଏଣେ ରାତିରେ ଝିଅ ଘରକୁ ଫେରି ନଥିବାରୁ ତା ବାପା ଥାନାରେ କେସ୍ ଦେଇସାରିଲେଣି, ସକାଳ ହେବାରୁ ପୋଲିସ ଅନୁସନ୍ଧାନ କରି ଆସି ଆମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମେସରେ ହାଜର, ସମସ୍ତେ ସବୁକଥା ପୋଲିସକୁ କହିଲୁ ତଥାପି ପୋଲିସ ମୋତେ ଆଉ ଟୁଟୁକୁ ପୋଲିସ ଷ୍ଟେସନ ଯିବାକୁ କହିଲେ, ମୁଁ ପୁରା ଡରି ଯାଇଥିଲି କାରଣ ଏକଥା ଯଦି ମୋ ବାପା ଜାଣିବେ ତେବେ କଣ ହେବ ପରିସ୍ଥିତି ଭାବୁଥାଏ । ଆମେ ଦୁଇଜଣ ପୋଲିସ ସହିତ ପୋଲିସ ଷ୍ଟେସନ୍ ଗଲୁ । ପର ମୁହୂର୍ତ୍ତରେ ସବୁକିଛି ମିମାଂଶା ହେବା ପରେ ସମସ୍ତେ ଆମକୁ ପ୍ରଶଂସା କଲେ ଏମିତି ଝିଅର ବାପା ମଧ୍ୟ, ସେ ଝିଅ ପୋଲିସ ସହାୟତାରେ ଏବଂ ଆମ ସମସ୍ତଙ୍କ ସାହାଯ୍ୟରେ ଶ୍ରୀଯୁକ୍ତ ଅଚ୍ୟୁତ ସାମନ୍ତଙ୍କ ମୁକ୍ତ ଆବାସିକ ବିଦ୍ୟାଳୟ କିସ୍ ରେ ଆଡ଼ମିଶନ ନେଇ ପାଠ ପଢିବା ସହିତ ଏକ ନୂତନ ସ୍ୱପ୍ନ ତା ଭବିଷ୍ୟତ ପାଇଁ ଦେଖିଲା ।

ଭାବି ଦେଖନ୍ତୁ ତ ଥରେ ଯେଉଁ ବୟସରେ ଝିଅଟିଏ କାଗଜ କଲମ ଧରି ପାଠ ପଢିବା କଥା, ସାଙ୍ଗମାନଙ୍କ ସହିତ ବାଲିଘର ତୋଳି ଖେଳିବା କଥା ସେହି ବୟସରେ ଛୋଟ ପିଲା ମାନେ ସାମାନ୍ୟ କେତୋଟି ଟଙ୍କା ପାଇଁ ଅନ୍ୟଘରେ ଚାକରାଣୀ ସାଜି ଅକଥନୀୟ ଅତ୍ୟାଚାର ସହୁଛନ୍ତି । ଏହି କଣ ଆମର ମୂଲ୍ୟବୋଧ ! ସେଦିନ ଯଦି ଆମେ ଦୁଇଜଣ ତା ପାଖରେ ନ ପହଞ୍ଚିଥାନ୍ତୁ ତ ଚିନ୍ତା କରନ୍ତୁ ପରିସ୍ଥିତି କଣ ହୋଇଥାନ୍ତା ?

ତା ଠାରୁ ତାର ଅଧିକାର, ଚପଳାମି, ସରଳତା ଆଦି ଛଡାଇ ନିଆଯାଉଛି, କେତେ ଅସହାୟ ଅବସ୍ଥାରେ ବଞ୍ଚିଥିଲା ସେ ? ଏଥିପାଇଁ କଣ ଆମ ସମ୍ବିଧାନ ନିରବ ! ଗରିବ ମାନଙ୍କ ପାଇଁ, ନିରାଶ୍ରୟ ମାନଙ୍କ ପାଇଁ କଣ ନିୟମ କାନୁନ କିଛି ନାହିଁ ?

କେବଳ ସେଇ ଝିଅଟି ନୁହେଁ, ଦେଶର ଲକ୍ଷ ଲକ୍ଷ ଦଳିତ, ଶୋଷିତ, ଅବହେଳିତ ଜନତା ଅଛନ୍ତି ଯେଉଁମାନେ କି ବଞ୍ଚିବାର ସ୍ୱାଦ ଚାଖି ନାହାନ୍ତି । କେତେକ ପରିବାର ଅଛନ୍ତି ଯେଉଁମାନେ କି ଜନ୍ମ ହେବା ପୂର୍ବରୁ କମ୍ପ୍ୟୁଟର୍ ଦ୍ୱାରା ଗର୍ଭସ୍ଥ ସନ୍ତାନ ଝିଅ ବୋଲି ଜାଣି ଦୁନିଆର ଆଲୋକ ଦେଖିବା ପୂର୍ବରୁ ତାକୁ ହତ୍ୟା କରୁଛନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖାଲି ସେତିକି ନୁହେଁ, ସମାଜରେ ଆଉ ଗୋଟିଏ କୋଣକୁ ଲକ୍ଷ କଲେ ଆମେ ଦେଖିପାରିବା ଅନେକ ପିତାମାତା ଅଛନ୍ତି ଯେକି ମୁଣ୍ଡଝାଳ ତୁଣ୍ଡରେ ମାରି ଏକ ଓଳି ଖାଇ ଆଉ ଏକ ଓଳା ଉପବାସ ରହନ୍ତି । ନିଜର ପୁଅ ପାଇଁ ତ୍ୟାଗ କରନ୍ତି ନିଜର ସୁଖ ଶାନ୍ତି । ପୁଅକୁ ଏକ ଉଚ୍ଚ ଆସନରେ ଦେଖିବା ପାଇଁ ସେମାନେ କେତେ କଷ୍ଟ ନ ସହନ୍ତି ସତେ ? କିନ୍ତୁ ପୁଅଟି ବଡ଼ ହୋଇ ବାପାମା'ଙ୍କର ପରିଶ୍ରମ ଓ ତ୍ୟାଗର ମୂଲ୍ୟକୁ ତଉଲ କରେ ନିଜର ଇଂରାଜୀ ଭୁଷି ଓ ଭଦ୍ରାମି ଠାଣି ମାଧ୍ୟମରେ । ତେବେ ମନରେ ସ୍ୱତଃ ପ୍ରଶ୍ନ ଉଠେ ଏହି କଣ ଆମର ସାମାଜିକ ମୂଲ୍ୟବୋଧ ? ଏହି କଣ ଆମ ଉନ୍ନତିର ପରିଚୟ? ସାମ୍ପ୍ରତିକ ମୃତ୍ୟୁ ସମାଜରେ ମାନବର ଅଧିକାର ଅତି ଦୟନୀୟ ଭାବରେ କ୍ଷୁର୍ଣ୍ଣ ହେବାରେ ଲାଗିଛି । ଅଧିକାର ହରାଇ, ଜୀବନର ବୋଝ ବୋହି ବୋହି ଆମେ ସମସ୍ତେ ଅଣନିଶ୍ୱାସୀ ପ୍ରାୟ । ଆମେ ମାନେ ମଧ୍ୟ ସୁଖସୁବିଧା ଭୋଗ କରିବା ପାଇଁ ବ୍ୟଗ୍ରତା କରୁଥିଲା ବେଳେ ପରିବାର, ସମାଜ ଓ ଦେଶପାଇଁ ଥିବା ଉତ୍ତର ଦାୟିତ୍ୱ ତଥା କର୍ତ୍ତବ୍ୟ ପ୍ରତି ଉଦାସୀନ । ଚାରିଆଡ଼େ ଅସନ୍ତୋଷର ବହ୍ନି, କଣ ପାଇଁ ଏସବୁ ଅଶାନ୍ତି ? ଏଥିପାଇଁ ପ୍ରକୃତରେ ଦାୟୀ କିଏ ? ଆମ ସମାଜ ନା ପରିବର୍ତ୍ତିତ ସମୟ ନା ନିଜେ ଆମ୍ଭେମାନେ ? ଏ ପ୍ରଶ୍ନବାଚୀ ଆଜି ଆମ ସମ୍ମୁଖରେ ଉତ୍ତର ଅପେକ୍ଷାରେ ଦଣ୍ଡାୟମାନ ।

ଏସବୁର ସଠିକ ସମାଧାନ ଖୋଜିଲେ ଅଣନିଶ୍ୱାସୀ ହୋଇପଡିବାଟା ସ୍ୱାଭାବିକ । ତେବେ ମନକୁ ଏତିକି ଆସେ ଯେ ଏଥିପାଇଁ ଆମର କର୍ତ୍ତବ୍ୟ ବୋଧର ଘୋର ଅଭାବ ରହିଛି ।

ଆମର ଦାୟିତ୍ୱହୀନତା, ସ୍ୱାର୍ଥପରତା ଏଥିପାଇଁ ମୁଖ୍ୟତଃ ଦାୟୀ । ଏହାର କାରଣ ଭାବରେ ମୁଁ ଦାୟିକରେ ଉଗ୍ର ଆଧୁନିକତା, ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବ ଇତ୍ୟାଦିକୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଣିଷର ସର୍ବଶ୍ରେଷ୍ଠ ଗୁଣ ହେଉଛି ମାନବିକ ମୂଲ୍ୟବୋଧ । ମାନବିକ ମୂଲ୍ୟବୋଧର ପରିଧି ଯାହାର ଯେତେ ବ୍ୟାପକ ସେ ମନୁଷ୍ୟ ସେତେ ମାର୍ଜିତ ଓ ପ୍ରଶଂସିତ । ସମାଜ, ପରିବେଶ, ପରିସ୍ଥିତି ଓ ମୁଖ୍ୟତଃ ପରିବାର ଶିକ୍ଷା ଦୀକ୍ଷା ଓ ସଂସ୍କାର ଉପରେ ନିର୍ଭରଶୀଳ ଆମର ଏହି ସାମାଜିକ ମୂଲ୍ୟବୋଧ । ତେଣୁ ପରିବାର ସଂସ୍କାରିତ ଓ ରୁଚିସମ୍ପନ୍ନ ହେଲେ ପ୍ରତ୍ୟେକ ବ୍ୟକ୍ତିର ଜାତୀୟତା, ମାନସିକତା ଓ ସାମାଜିକ ମୂଲ୍ୟବୋଧ ଉଚ୍ଚ ହୋଇପାରିବ ଏଥିରେ ସନ୍ଦେହ ନାହିଁ । ।

ସମ୍ପାଦକ: ସୂର୍ଯ୍ୟୋଦୟ ସାରସ୍ୱତ ପ୍ରତିଭା ପରିବାର

ଅଡା, ବାଲେଶ୍ୱର

୯୩୪୦୦୪୫୩୩୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଜାନୁଆରୀ ୨୦୨୦

ଲେଖା ପଠାଇବାର ଶେଷ ତାରିଖ : ୩ ଜାନୁଆରୀ ୨୦୨୦

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : January 2020

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲେଖକ ମାନଙ୍କ ପାଇଁ ସୂଚନା

ଯେଉଁ ବନ୍ଧୁମାନେ ଏହି ପତ୍ରିକା ପାଇଁ ଲେଖା ପଠାଉଛନ୍ତି ସେମାନଙ୍କୁ ବିନୀତ ଅନୁରୋଧ, ସେମାନେ ଧୈର୍ଯ୍ୟର ସହ ପତ୍ରିକାର ପ୍ରକାଶନକୁ ଅପେକ୍ଷା କରନ୍ତୁ । ପତ୍ରିକା ପ୍ରକାଶିତ ହେବାପରେ ପରେ ଆହ୍ୱାନ ଇ-ପତ୍ରିକାର ୱେବ୍‌ସାଇଟ, ଫେସବୁକ୍, ଟ୍ୱିଟର୍ ଏବଂ ଆଣ୍ଡ୍ରଏଡ୍ ଆପ୍ ଦ୍ୱାରା ପତ୍ରିକାର ପ୍ରକାଶନ ସମ୍ବନ୍ଧୀୟ ସୂଚନା ପ୍ରେରଣ କରାଯିବ ।

ପ୍ରତ୍ୟେକ ମାସରେ ଜଣେ ଲେଖକଙ୍କ ସର୍ବାଧିକ ଦୁଇଟି ଲେଖା ହିଁ ପ୍ରକାଶିତ ହେବ । ସେଥିପାଇଁ ଲେଖକ ନିଜେ ସ୍ୱରଚିତ କେବଳ ଗୋଟିଏ କିମ୍ବା ଦୁଇଟି ଲେଖା ହିଁ ପଠାନ୍ତୁ । ଏକାଧିକ ଲେଖା ପଠାଇଲେ, ପ୍ରଥମେ ମିଳିଥିବା ଲେଖାକୁ ହିଁ ପ୍ରକାଶନ ହେତୁ ସ୍ୱୀକାର କରାଯିବ । ଗୁଗୁଲ୍ ଇମେଲ୍ ଏକାଧିକ ଇମେଲ୍ ପ୍ରେରଣ ଉପରେ ପ୍ରତିବନ୍ଧକ ଲଗାଇଥିବା ହେତୁ ଆମେ ସମସ୍ତ ଲେଖାକୁ ମିଳିଥିବା ସୂଚନା ଦେଇ ପାରୁନାହୁଁ । ଭବିଷ୍ୟତରେ ଏଥିପାଇଁ ବିହିତ ବ୍ୟବସ୍ଥା କରିବାକୁ ଚେଷ୍ଟା କରିବୁ ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଲେଖାଗୁଡ଼ିକୁ ଟାଇପ୍ କରି ପଠାଉ ନାହାନ୍ତି, ଆଉ ଯଦି ସେମାନଙ୍କୁ ଅଧିକ ବାଧ୍ୟ କରାଯାଏ, ଉଣାଅଧିକେ ଲେଖା ପଠାଉଥିବା ନବେ ପ୍ରତିଶତ ଲେଖକ ଲେଖା ପଠାଇବା ବନ୍ଦ କରିଦେବେ, କାରଣ ସେମାନଙ୍କୁ ଓଡ଼ିଆରେ ଟାଇପ୍ କରି ଆସେନି । ତେଣୁ ଯେମିତି ବି ହେଉ ଏହି ପତ୍ରିକାକୁ ପ୍ରତ୍ୟେକ ମାସରେ ପ୍ରକାଶନ କରିବା ମୋର ଲକ୍ଷ୍ୟ । ମୋର ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ସୀମିତ ସମୟର ସଦୁପଯୋଗ କରିବା ଉଦ୍ଦେଶ୍ୟରେ ଏହି ପତ୍ରିକାକୁ ପ୍ରକାଶିତ କରୁଛି ଏବଂ କରୁଥିବି ମଧ୍ୟ । ଆପଣ ମାନଙ୍କ ସହଯୋଗ ପାଇଁ ମୁଁ ଆପଣଙ୍କ ନିକଟରେ ଋଣୀ ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ**

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ସୂଚନାଯୋଗ୍ୟ ଯେ କିଛି ବନ୍ଧୁ ବିଗତ ମାସରେ ଅନ୍ୟୁନ ଦଶରୁ ଅଧିକ କବିତା ପଠାଇଛନ୍ତି । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

## aahwaan@gmail.com